# ଭାରତର ମହାଲେଖା ନିୟନ୍ତ୍ରକ ତଥା
# ମହାସମୀକ୍ଷକଙ୍କ ପ୍ରତିବେଦନ

## ସରକାରୀ ଉଦ୍ୟୋଗ

## ମାର୍ଚ୍ଚ 2019ରେ ସମାପ୍ତ ବର୍ଷ ପାଇଁ

लोकहितार्थ सत्यनिष्ठा
Dedicated to Truth in Public Interest

**ଓଡ଼ିଶା ସରକାର**

**ବର୍ଷ 2021ର ପ୍ରତିବେଦନ ସଂଖ୍ୟା 2**

# ଭାରତର ମହାଲେଖା ନିୟନ୍ତ୍ରକ ତଥା
# ମହାସମୀକ୍ଷକଙ୍କ ପ୍ରତିବେଦନ
## ସରକାରୀ ଉଦ୍ୟୋଗ
## ମାର୍ଚ୍ଚ 2019ରେ ସମାପ୍ତ ବର୍ଷ ପାଇଁ

ଓଡ଼ିଶା ସରକାର

**ବର୍ଷ 2021ର ପ୍ରତିବେଦନ ସଂଖ୍ୟା 2**

## ସୂଚୀପତ୍ର


| ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ମୁଖବନ୍ଧ | | v |
| ବିହଙ୍ଗାବଲୋକନ | | vii-xiv |
| **ଉପକ୍ରମ** | | |
| **ଅଧ୍ୟାୟ-I** | | |
| **ସରକାରୀ ଉଦ୍ୟୋଗଗୁଡ଼ିକର କାର୍ଯ୍ୟକ୍ରମ** | | |
| ସାଧାରଣ | 1.1 ଏବଂ 1.2 | 1-2 |
| ଦାୟୀତ୍ୱଧୀନତା ଢ଼ାଞ୍ଚା | 1.3 ଏବଂ 1.4 | 2-3 |
| ପିଏସ୍ୟୁଗୁଡ଼ିକ ଦ୍ୱାରା ହିସାବ ଦାଖଲ | 1.5 ଏବଂ 1.6 | 3 |
| ରାଜ୍ୟ ସରକାରୀ ଉଦ୍ୟୋଗଗୁଡ଼ିକରେ ଓଡ଼ିଶା ସରକାରଙ୍କ ଦ୍ୱାରା ବିନିଯୋଗ | 1.7 ଏବଂ 1.8 | 3-5 |
| **ଭାଗ-I** | | |
| **ଅଧ୍ୟାୟ-II** | | |
| **ଶକ୍ତିକ୍ଷେତ୍ର ପିଏସ୍ୟୁଗୁଡ଼ିକର କାର୍ଯ୍ୟକ୍ରମ** | | |
| ଉପକ୍ରମ | 2.1 ଏବଂ 2.2 | 7-8 |
| ଶକ୍ତିକ୍ଷେତ୍ର ପିଏସ୍ୟୁଗୁଡ଼ିକର ବିନିବେଶ, ପୁନଃନିର୍ମାଣ ଏବଂ ଘରୋଇକରଣ | 2.3 | 8 |
| ଶକ୍ତିକ୍ଷେତ୍ର ପିଏସ୍ୟୁରେ ନିବେଶ | 2.4 | 9 |
| ଶକ୍ତିକ୍ଷେତ୍ର ପିଏସ୍ୟୁଗୁଡ଼ିକୁ ବଜେଟ ସହାୟତା | 2.5 | 10 |
| ଓଡିଶା ସରକାରଙ୍କ ଆର୍ଥିକ ହିସାବ ସହିତ ସାମଞ୍ଜସ୍ୟତା | 2.6 | 11 |
| ଶକ୍ତିକ୍ଷେତ୍ରର ପିଏସ୍ୟୁ ଦ୍ୱାରା ହିସାବ ଦାଖଲ | 2.7 | 11-12 |
| ଶକ୍ତିକ୍ଷେତ୍ର ପିଏସ୍ୟୁଗୁଡ଼ିକର କାର୍ଯ୍ୟଦକ୍ଷତା | 2.8 ରୁ 2.19 | 12-19 |
| ଶକ୍ତିକ୍ଷେତ୍ର ପିଏସ୍ୟୁଗୁଡ଼ିକର ହିସାବ ଉପରେ ମନ୍ତବ୍ୟ | 2.20 | 19-20 |
| ଅନୁପାଳନ ସମୀକ୍ଷା ଅନୁଚ୍ଛେଦ | 2.21 | 20 |
| ସମୀକ୍ଷା ପ୍ରତିବେଦନ ଉପରେ ଅନୁଗାମୀ ପଦକ୍ଷେପ | 2.22 ରୁ 2.24 | 20-21 |
| **ଅଧ୍ୟାୟ-III** | | |
| **ଅନୁପାଳନ ସମୀକ୍ଷା ମନ୍ତବ୍ୟ (ଶକ୍ତିକ୍ଷେତ୍ର ପିଏସ୍ୟୁ)** | | |
| **ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍** | **-** | **-** |
| ଓପିଟିସିଏଲ୍ ଦ୍ୱାରା ଓଡ଼ିଶା ବିଦ୍ୟୁତ ବିତରଣ ବ୍ୟବସ୍ଥା ଦୃଢ଼ୀକରଣ ପ୍ରକଳ୍ପର କାର୍ଯ୍ୟାନ୍ୱୟନ | **3.1** | **23-33** |
| ଉପକ୍ରମ | 3.1.1 | 23-24 |
| ପ୍ରକଳ୍ପ ଯୋଜନା | 3.1.2 | 24-26 |
| ପ୍ରକଳ୍ପର କାର୍ଯ୍ୟକାରିତା | 3.1.3 | 26-28 |
| ବୈଷୟିକ ମାନଦଣ୍ଡର ସଠିକ୍ ଯାଞ୍ଚ ନହେବା | 3.1.4 | 28-29 |
| ପ୍ରକଳ୍ପର ଫଳାଫଳ | 3.1.5 | 29-30 |
| ଠିକାଦାରଙ୍କୁ ଅହେତୁକ ଅନୁକମ୍ପା | 3.1.6 | 30-31 |
| ଅନୁପଯୁକ୍ତ ଭାବରେ ଅଧିକ ଆର୍ଥିକ ଖର୍ଚ୍ଚ ହେତୁ ପରିହାର୍ଯ୍ୟ କ୍ଷତି | 3.1.7 | 32-33 |
| ଉପସଂହାର | - | 33 |
| ଅହେତୁକ ଅନୁକମ୍ପା | 3.2 | 34-35 |

| ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| **ଭାଗ -II** | | |
| **ଅଧ୍ୟାୟ -IV** | | |
| **ରାଜ୍ୟ ପିଏସ୍‌ୟୁଗୁଡିକର କାର୍ଯ୍ୟକ୍ରମ (ଅଣ-ଶକ୍ତିକ୍ଷେତ୍ର)** | | |
| ଉପକ୍ରମ | 4.1 ଏବଂ 4.2 | 37-38 |
| ରାଜ୍ୟ ପିଏସ୍ ୟୁଗୁଡିକରେ ପୁଞ୍ଜିନିବେଶ (ଅଣ-ଶକ୍ତିକ୍ଷେତ୍ର) | 4.3 ଏବଂ 4.4 | 38-39 |
| ରାଜ୍ୟ ପିଏସ୍‌ୟୁଗୁଡିକର ବିନବେଶ, ପୁନଃନିର୍ମାଣ ଏବଂ ଘରୋଇକରଣ | 4.5 | 39 |
| ରାଜ୍ୟ ପିଏସ୍‌ୟୁଗୁଡ଼ିକୁ ବଜେଟ ସହାୟତା | 4.6 | 39-40 |
| ଓଡିଶା ସରକାରଙ୍କ ଆର୍ଥିକ ହିସାବ ସହିତ ସାମଞ୍ଜସ୍ୟତା | 4.7 | 40-41 |
| ରାଜ୍ୟ ପିଏସ୍‌ୟୁଗୁଡିକ ଦ୍ୱାରା ହିସାବ ଦାଖଲ | 4.8 | 41-42 |
| ବୈଧାନିକ ନିଗମର ପୃଥକ ସମୀକ୍ଷା ପ୍ରତିବେଦନଗୁଡିକର ଉପସ୍ଥାପନା | 4.9 | 42-43 |
| ରାଜ୍ୟ ପିଏସ୍‌ୟୁ(ଅଣ-ଶକ୍ତିକ୍ଷେତ୍ର)ର ହିସାବଗୁଡିକର ଚୂଡାନ୍ତ ନହେବାର ପରିଣାମ | 4.10 | 43 |
| ରାଜ୍ୟ ପିଏସ୍‌ୟୁ (ଅଣ-ଶକ୍ତିକ୍ଷେତ୍ର)ର କାର୍ଯ୍ୟଦକ୍ଷତା | 4.11 ରୁ 4.23 | 43-53 |
| ନିଷ୍କ୍ରିୟ ରାଜ୍ୟ ପିଏସ୍‌ୟୁଗୁଡିକର ପରିସମାପନ | 4.24 | 53 |
| ରାଜ୍ୟ ପିଏସ୍‌ୟୁ (ଅଣ-ଶକ୍ତିକ୍ଷେତ୍ର)ର ହିସାବ ଉପରେ ମନ୍ତବ୍ୟ | 4.25 ଏବଂ 4.26 | 53-54 |
| କାର୍ଯ୍ୟସମ୍ପାଦନ ଅନୁପାଳନ ସମୀକ୍ଷା ଅନୁଚ୍ଛେଦ | 4.27 | 54 |
| ସମୀକ୍ଷା ପ୍ରତିବେଦନ ଉପରେ ଅନୁଗାମୀ ପଦକ୍ଷେପ | 4.28 ରୁ 4.30 | 54-56 |
| **ଅଧ୍ୟାୟ -V** | | |
| **ଅଣ-ଶକ୍ତିକ୍ଷେତ୍ର କମ୍ପାନୀ ସମ୍ପର୍କିତ କାର୍ଯ୍ୟ ସମ୍ପାଦନା ସମୀକ୍ଷା** | | |
| **'ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡକୋ)ର ଭିତ୍ତିଭୂମି ବିକାଶ ଏବଂ ପ୍ରକଳ୍ପ ପରିଚାଳନା କାର୍ଯ୍ୟକ୍ରମ' ଉପରେ କାର୍ଯ୍ୟ ସମ୍ପାଦନା ସମୀକ୍ଷା** | **5** | **57-82** |
| ଉପକ୍ରମ | 5.1 | 57 |
| ସାଙ୍ଗଠନିକ ବ୍ୟବସ୍ଥା | 5.2 | 57 |
| ସମୀକ୍ଷା ପରିସର | 5.3 | 57-58 |
| ସମୀକ୍ଷା ଉଦ୍ଦେଶ୍ୟ | 5.4 | 58 |
| ସମୀକ୍ଷା ମାନଦଣ୍ଡ | 5.5 | 58 |
| ଆର୍ଥିକ ସ୍ଥିତି ଏବଂ କାର୍ଯ୍ୟ ପରିଚାଳନା ପରିଣାମ | 5.6 | 58-59 |
| ଭୂମି ଅଧିଗ୍ରହଣ ଏବଂ ଶିଳ୍ପାନୁଷ୍ଠାନମାନଙ୍କୁ ବଣ୍ଟନ | 5.7 | 59-65 |
| ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ରର ବିକାଶ ଏବଂ ରକ୍ଷଣାବେକ୍ଷଣ | 5.8 | 65-75 |
| ଭାରତ ସରକାରଙ୍କ ଯୋଜନା ଅନ୍ତର୍ଗତ ଶିଳ୍ପ ପାର୍କର ବିକାଶ | 5.9 | 75-79 |
| ଉପଲବ୍ଧ କୋଠା ଭଡା ସୂତ୍ରରେ ଦେବା | 5.10 | 79-80 |
| ଆର୍ଥିକ ପରିଚାଳନା, ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଏବଂ ପର୍ଯ୍ୟାଲୋଚନା | 5.11 | 81-82 |
| ଉପସଂହାର | - | 82 |
| **ଅଧ୍ୟାୟ -VI** | | |
| **ଅନୁପାଳନ ସମୀକ୍ଷା ମନ୍ତବ୍ୟ (ଅଣ-ଶକ୍ତିକ୍ଷେତ୍ର)** | | |
| **ଓଡ଼ିଶା ଖଣି ନିଗମ ଲିମିଟେଡ୍** | - | - |
| ନିଷ୍ଫଳ ବ୍ୟୟ | 6.1 | 83-84 |
| ଅହେତୁକ ଅନୁକମ୍ପା | 6.2 | 84-86 |
| **ଇଡ୍ କଲ କଳିଙ୍ଗ ଆଇରନ୍ ୱାର୍କ୍ସ ଲିମିଟେଡ୍** | - | - |

| ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ରାଜସ୍ୱ ହାନି | 6.3 | 86-88 |
| **ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିନିବେଶ ନିଗମ ଲିମିଟେଡ୍** | - | - |
| ରାଜସ୍ୱ କ୍ଷତି | 6.4 | 88-89 |
| **ଇଡ୍ କଲ ଫେରୋକ୍ରୋମ୍ ଏବଂ ଆଲଏଜ୍ ଲିମିଟେଡ୍** | - | - |
| ଅହେତୁକ ଅନୁକମ୍ପା | 6.5 | 89-91 |


## ପରିଶିଷ୍ଟ


| ପରିଶିଷ୍ଟ ସଂଖ୍ୟା | ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ | ଅନୁଚ୍ଛେଦ |
| 1 | ସର୍ବଶେଷ ଚୂଡ଼ାନ୍ତ ହୋଇଥିବା ହିସାବ ଅନୁସାରେ ଶକ୍ତିକ୍ଷେତ୍ର ପିଏସ୍‌ୟୁଗୁଡ଼ିକର ଆର୍ଥିକ ଫଳାଫଳର ସଂକ୍ଷିପ୍ତ ବିବରଣୀ | 2.8 ଏବଂ 2.9 | 93 |
| 2 | 2000-01ରୁ 2018-19 ଅବଧି ମଧ୍ୟରେ ଶକ୍ତିକ୍ଷେତ୍ର ପିଏସ୍‌ୟୁଗୁଡ଼ିକୁ ପ୍ରଦତ୍ତ ରାଜ୍ୟ ସରକାରୀ ପାଣ୍ଠିର ବିବରଣୀ | 2.12 | 94 |
| 3 | 31 ମାର୍ଚ୍ଚ 2019 ସୁଦ୍ଧା ରାଜ୍ୟ ପିଏସ୍‌ୟୁ(ଅଣ-ଶକ୍ତିକ୍ଷେତ୍ର)ରେ ଥିବା ସାଧାରଣ ଅଂଶଧନ ଏବଂ ବକେୟା ଋଣର ସ୍ଥିତିର ବିବରଣୀ | 4.3 | 95-100 |
| 4 | 31 ମାର୍ଚ୍ଚ 2019 ସୁଦ୍ଧା ସାଧାରଣ ଅଂଶଧନ, ଋଣ ଏବଂ ପ୍ରତିଭୂତି ସମ୍ବନ୍ଧରେ ଓଡିଶା ସରକାରଙ୍କ ଆର୍ଥିକ ହିସାବ ଏବଂ ରାଜ୍ୟ ପିଏସ୍‌ୟୁ (ଅଣ-ଶକ୍ତିକ୍ଷେତ୍ର) ଗୁଡିକର ହିସାବ ମଧ୍ୟରେ ପାର୍ଥକ୍ୟ ଦର୍ଶାଉଥିବା ବିବରଣୀ | 4.7 | 101-103 |
| 5 | 30 ସେପ୍ଟେମ୍ବର 2019 ସୁଦ୍ଧା ହିସାବ ବକେୟା ଥିବା କାର୍ଯ୍ୟରତ ରାଜ୍ୟ ପିଏସ୍‌ୟୁ(ଅଣ-ଶକ୍ତିକ୍ଷେତ୍ର)ଗୁଡିକରେ ରାଜ୍ୟ ସରକାରଙ୍କ ପୁଞ୍ଜି ବିନିଯୋଗର ସ୍ଥିତିର ବିବରଣୀ | 4.8 | 104-105 |
| 6 | ହିସାବ ଚୂଡାନ୍ତ ହୋଇଥିବା ଶେଷତମ ବର୍ଷର ରାଜ୍ୟ ପିଏସ୍‌ୟୁ(ଅଣ-ଶକ୍ତିକ୍ଷେତ୍ର)ମାନଙ୍କର ସଂକ୍ଷିପ୍ତ ଆର୍ଥିକ ଫଳାଫଳ | 4.11, 4.12 ଏବଂ 4.17 | 106-111 |
| 7 | 2000-01ରୁ 2018-19 ମଧ୍ୟରେ ରାଜ୍ୟ ଅଣ-ଶକ୍ତିକ୍ଷେତ୍ର ପିଏସ୍‌ୟୁଗୁଡିକୁ ପ୍ରଦତ୍ତ ରାଜ୍ୟ ସରକାରୀ ପାଣ୍ଠିର ବିବରଣୀ | 4.15 | 112-120 |
| 8 | ଇଡ୍‌କୋର ଆର୍ଥିକ ସ୍ଥିତି ଏବଂ କାର୍ଯ୍ୟକାରୀ ଫଳାଫଳ ଦର୍ଶାଉଥିବା ବିବରଣ | 5.6 | 121 |
| 9 | ନକରାତ୍ମକ ସୂଚୀରେ ଆସୁଥିବା ୟୁନିଟ୍‌ଗୁଡିକୁ କମ୍ ହାରରେ ଆବଣ୍ଟିତ ଜମି ଦର୍ଶାଉଥିବା ବିବରଣ | 5.8.5 | 122 |
| | ସଂକ୍ଷେପଣ ଶବ୍ଦର ପରିଭାଷା | - | 123-124 |

# ମୁଖବନ୍ଧ

ଏହି ପ୍ରତିବେଦନରେ ମାର୍ଚ୍ଚ 2019 ରେ ସମାପ୍ତ ବର୍ଷ ପାଇଁ ସରକାରୀ ଉଦ୍ୟୋଗ ଯଥା ଉଭୟ ଶକ୍ତିକ୍ଷେତ୍ର ଏବଂ ଅଣ-ଶକ୍ତିକ୍ଷେତ୍ରକୁ ନେଇ ଗଠିତ ଓଡ଼ିଶା ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମଗୁଡିକର ସମୀକ୍ଷା ଫଳାଫଳ ରହିଛି।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତାବଳୀ) ଅଧିନିୟମ 1971 ର ଧାରା 19କ (ସଂଶୋଧନ ସହିତ) ଅନୁଯାୟୀ 31 ମାର୍ଚ୍ଚ 2019 ରେ ଶେଷ ହୋଇଥିବା ବର୍ଷ ପାଇଁ ସରକାରୀ ଉଦ୍ୟୋଗ ଉପରେ ପ୍ରତିବେଦନ ରାଜ୍ୟ ବିଧାନସଭାରେ ଉପସ୍ଥାପନ ପାଇଁ ଓଡ଼ିଶା ସରକାରଙ୍କୁ ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଅଛି।

କମ୍ପାନୀ ଅଧିନିୟମ, 2013 ର ଧାରା 139 ଏବଂ 143 ଅନୁଯାୟୀ ସରକାରୀ କମ୍ପାନୀଗୁଡିକର ହିସାବ ସମୀକ୍ଷା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା କରାଯାଇଥାଏ। ବୈଧାନିକ ନିଗମଗୁଡିକର ସମୀକ୍ଷା ବ୍ୟବସ୍ଥା ସମ୍ପୃକ୍ତ ଅଧିନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ହୋଇଛି ଯାହା ମାଧ୍ୟମରେ ନିଗମଗୁଡିକ ପ୍ରତିଷ୍ଠିତ।

ଏହି ପ୍ରତିବେଦନରେ ଉଲ୍ଲେଖ କରାଯାଇଥିବା ଘଟଣାଗୁଡିକ 2018-19 ବର୍ଷର ନମୁନା ସମୀକ୍ଷାରେ ଦୃଷ୍ଟିଗୋଚର ହୋଇଥିବା ଘଟଣା ସହିତ ପୂର୍ବ ବର୍ଷଗୁଡିକରେ ଦୃଷ୍ଟିଗୋଚର ହୋଇଥିବା, କିନ୍ତୁ ପୂର୍ବ ସମୀକ୍ଷା ପ୍ରତିବେଦନ ଗୁଡିକରେ ଉଲ୍ଲେଖ କରାଯାଇ ପାରିନଥିବା ଘଟଣା ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଅଛି। ଆବଶ୍ୟକ ସ୍ଥଳେ, 2018-19 ର ପରବର୍ତ୍ତୀ ବିଷୟଗୁଡିକୁ ମଧ୍ୟ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇଅଛି। ଏହି ପ୍ରତିବେଦନଟି ଓଡ଼ିଶା ରାଜ୍ୟରେ ଥିବା 82 ଟି ସରକାରୀ ଉଦ୍ୟୋଗ (ପିଏସ୍ ୟୁ) ଯାହାକି 79 ଟି ସରକାରୀ କମ୍ପାନୀ ଏବଂ ତିନୋଟି ବୈଧାନିକ ନିଗମକୁ ନେଇ ଗଠିତ ତାହାର କାର୍ଯ୍ୟଦକ୍ଷତା ସହିତ ସମ୍ପୃକ୍ତ, ଯାହାର ସମୀକ୍ଷା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କୁ ଦିଆଯାଇଥିଲା। ଏହି ପ୍ରତିବେଦନରେ ସମସ୍ତ 82 ଟି ପିଏସ୍‌ୟୁର କାର୍ଯ୍ୟକାରିତା ଉପରେ ଏକ ପ୍ରାରମ୍ଭିକ ଅଧ୍ୟାୟ ଅନ୍ତର୍ଭୁକ୍ତ। ଏହାପରେ ପ୍ରତିବେଦନକୁ ଦୁଇ ଭାଗରେ ବିଭକ୍ତ କରାଯାଇଅଛି:

**ଭାଗ-I** ନଅଟି ଶକ୍ତି କ୍ଷେତ୍ରରେ ଥିବା ପିଏସ୍‌ୟୁର କାର୍ଯ୍ୟଦକ୍ଷତାର ବିଶ୍ଳେଷଣ ସହିତ ସମ୍ପୃକ୍ତ। ଶକ୍ତିକ୍ଷେତ୍ର 2018-19 ବର୍ଷର ମୋଟ୍ ବଜେଟ୍ ଖର୍ଚ୍ଚ (1,539.65 କୋଟି ଟଙ୍କା)ର 21.30 ପ୍ରତିଶତ (327.90 କୋଟି ଟଙ୍କା) ପାଇଥିଲା। ଶକ୍ତିକ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଅଂଶଧନ ମୁଖ୍ୟତଃ ପୁଞ୍ଜି ନିବେଶ ଏବଂ ବିଭିନ୍ନ ପ୍ରକଳ୍ପର ନିର୍ମାଣ ପାଇଁ ଥିଲା। ଏହି ବର୍ଷ ଶକ୍ତିକ୍ଷେତ୍ର ପିଏସ୍‌ୟୁ ଗୁଡିକ ସମୁଦାୟ ସ୍ତରରେ 22.45 କୋଟି ଟଙ୍କା କ୍ଷତି ସହିଥିଲେ। ଏହି ଭାଗରେ ଦୁଇଟି ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଅନ୍ତର୍ଭୁକ୍ତ।

ପ୍ରତିବେଦନର **ଭାଗ-II** ଅଣ-ଶକ୍ତି କ୍ଷେତ୍ରରେ ଥିବା ତିନୋଟି ବୈଧାନିକ ନିଗମ ସହିତ 73 ଟି ସରକାରୀ ଉଦ୍ୟୋଗର କାର୍ଯ୍ୟ ସମ୍ପାଦନର ସବିଶେଷ ବିବରଣୀ ସହିତ ସଂଶ୍ଳିଷ୍ଟ। ଏହି ପିଏସ୍‌ୟୁଗୁଡିକ, ସମୁଦାୟ ସ୍ତରରେ 2018-19 ବର୍ଷରେ 849.86 କୋଟି ଟଙ୍କାର ଲାଭ କରିଥିଲେ। ଏହି ଭାଗରେ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ସହିତ ଜଡ଼ିତ ଏକ କାର୍ଯ୍ୟ ସମ୍ପାଦନ ସମୀକ୍ଷା ଏବଂ ଛଅଟି ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଅନ୍ତର୍ଭୁକ୍ତ।

ଭାରତର ମହାଲେଖା ନିୟନ୍ତ୍ରକ ଏବଂ ମହାସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନଦଣ୍ଡ ଅନୁସାରେ ସମୀକ୍ଷା କରାଯାଇଅଛି।

ଅନୁଦିତ ପ୍ରତିବେଦନରେ ସନ୍ଦେହ ଜାତ ହେଲେ, ଇଂରାଜୀ ପ୍ରତିବେଦନ ବିଶ୍ୱାସଯୋଗ୍ୟ ବିବେଚିତ ହେବ।

# ବିହଙ୍ଗାବଲୋକନ

# ବିହଙ୍ଗାବଲୋକନ

## 1. ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକର କାର୍ଯ୍ୟକ୍ରମ (ଶକ୍ତି କ୍ଷେତ୍ର ଏବଂ ଅଣ-ଶକ୍ତି କ୍ଷେତ୍ର)

ସରକାରୀ କମ୍ପାନୀଗୁଡିକର ସମୀକ୍ଷା କମ୍ପାନୀ ଅଧିନିୟମ, 2013ର ଧାରା 139 ଏବଂ 143 ଦ୍ୱାରା ପରିଚାଳିତ। ସରକାରୀ କମ୍ପାନୀଗୁଡିକର ଆର୍ଥିକ ବିବରଣୀଗୁଡିକ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି)ଙ୍କ ଦ୍ୱାରା ନିଯୁକ୍ତ ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ସମୀକ୍ଷା କରାଯାଇଥାଏ। ଏହି ଆର୍ଥିକ ବିବରଣୀଗୁଡିକ ମଧ୍ୟ ସିଏଜିଙ୍କ ଦ୍ୱାରା ଅନୁପୂରକ ସମୀକ୍ଷା ସାପେକ୍ଷ ଅଟେ। 31 ମାର୍ଚ୍ଚ 2019 ସୁଦ୍ଧା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ସମୀକ୍ଷା ଅଧିନରେ ତିନୋଟି ବୈଧାନିକ ନିଗମ ଏବଂ 79ଟି ସରକାରୀ କମ୍ପାନୀ (26ଟି ନିଷ୍କ୍ରିୟ ସରକାରୀ କମ୍ପାନୀ) ସହିତ 82ଟି ରାଜ୍ୟ ସରକାରୀ ଉଦ୍ୟୋଗ (ପିଏସ୍‌ୟୁ) ରହିଥିଲା। କାର୍ଯ୍ୟରତ ପିଏସ୍‌ୟୁଗୁଡିକ 30 ସେପ୍ଟେମ୍ବର 2019 ସୁଦ୍ଧା ସେମାନଙ୍କର ସର୍ବଶେଷ ଚୂଡାନ୍ତ ହିସାବ ଅନୁଯାୟୀ 27,103.37 କୋଟି ଟଙ୍କାର କାରବାର କରିଥିଲେ। ଏହି କାରବାର ଓଡିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର 5.58 ପ୍ରତିଶତ ଥିଲା। 31 ମାର୍ଚ୍ଚ 2019 ସୁଦ୍ଧା 82ଟି ପିଏସ୍‌ୟୁରେ ନିବେଶ (ସାଧାରଣ ଅଂଶଧନ ଏବଂ ଦୀର୍ଘକାଳୀନ ଋଣ) 18,350.29 କୋଟି ଟଙ୍କା ଥିଲା । 2014-15 ରୁ 2018-19 ମଧ୍ୟରେ ସମୁଦାୟ ପୁଞ୍ଜି ନିବେଶ(7,750.38 କୋଟି ଟଙ୍କା)ର 87.15 ପ୍ରତିଶତ (6,754.77 କୋଟି ଟଙ୍କା) ଶକ୍ତିକ୍ଷେତ୍ର ପାଇଥିଲା।

*(ଅନୁଚ୍ଛେଦ 1.1, 1.2, 1.3, 1.4 ଏବଂ 1.8)*

## 2. ଶକ୍ତିକ୍ଷେତ୍ର ପିଏସ୍‌ୟୁଗୁଡିକର କାର୍ଯ୍ୟକ୍ରମ

***ଶକ୍ତିକ୍ଷେତ୍ର ପିଏସ୍‌ୟୁଗୁଡିକର ଗଠନ***

ବିଦ୍ୟୁତ୍ କ୍ଷେତ୍ରରେ ସଂସ୍କାର ଆଣିବାରେ ଓଡିଶା ଭାରତର ପ୍ରଥମ ରାଜ୍ୟ ଥିଲା। ଓଡିଶା ବିଦ୍ୟୁତ୍ ଅଧିନିୟମ ସଂସ୍କାରର ମୌଳିକ ଢାଞ୍ଚା ନିର୍ଦ୍ଧାରଣ କରିଥିଲା ଯାହା 01 ଅପ୍ରେଲ 1996 ରୁ ବଳବତ୍ତର ହୋଇଥିଲା।

ଫଳସ୍ୱରୂପ, 01 ଅପ୍ରେଲ 1996 ସୁଦ୍ଧା ଓଡିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ (ଓଏସ୍‌ଇବି)ର ସମ୍ପତ୍ତି ଏବଂ ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ ହୋଇଥିଲା।

ଓଏସ୍‌ଇବିର ପୁନଃନିର୍ମାଣ କରାଯାଇ ଗ୍ରୀଡ୍ କର୍ପୋରେସନ୍ ଅଫ୍ ଓଡିଶା ଲିମିଟେଡ୍ (ଗ୍ରିଡ୍‌କୋ) ଏବଂ ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଏଚ୍‌ପିସି) ଗଠନ କରାଯାଇଥିଲା। ଗ୍ରୀଡ୍‌କୋ ସଞ୍ଚାରଣ ଏବଂ ବିତରଣ ବ୍ୟବସାୟର ଦାୟିତ୍ୱ ନେଇଥିବା ବେଳେ ଓଏଚ୍‌ପିସି ଜଳ ବିଦ୍ୟୁତ୍ ଉତ୍ପାଦନ ବ୍ୟବସାୟର ଦାୟିତ୍ୱ ଗ୍ରହଣ କରିଥିଲା।

ନଭେମ୍ବର 1984ରେ ପ୍ରତିଷ୍ଠିତ ଏକମାତ୍ର ତାପଜ ବିଦ୍ୟୁତ୍ କମ୍ପାନୀ ଯଥା ଓଡିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ ଯାହା ଓଏସ୍‌ଇବିର ପରିସର ବାହାରେ ଥିଲା ଏବଂ ସେଥିରେ ଓଡିଶା ସରକାରଙ୍କ 49 ପ୍ରତିଶତ ଅଂଶଧନ ଥିଲା, ତାହା ଜାନୁଆରୀ 1999ରେ ବିନିବେଶ ହୋଇଥିଲା।

ଗ୍ରୀଡ୍‌କୋର କର୍ମକର୍ତ୍ତାଙ୍କ ସହିତ ବଣ୍ଟନ ସମ୍ପତ୍ତି 26 ନଭେମ୍ବର 1998 ଠାରୁ ଚାରୋଟି ବିତରଣ କମ୍ପାନୀ ଯଥା ଓଡିଶା କେନ୍ଦ୍ରୀୟ ବିଦ୍ୟୁତ୍ ଯୋଗାଣ କମ୍ପାନୀ ଲିମିଟେଡ୍, ଓଡିଶା ଉତ୍ତର ପୂର୍ବାଞ୍ଚଳ ବିଦ୍ୟୁତ୍ ଯୋଗାଣ କମ୍ପାନୀ ଲିମିଟେଡ୍, ଓଡିଶା ପଶ୍ଚିମ ବିଦ୍ୟୁତ୍ ଯୋଗାଣ କମ୍ପାନୀ ଲିମିଟେଡ୍ ଏବଂ ଓଡିଶା ଦକ୍ଷିଣ ବିଦ୍ୟୁତ୍ ଯୋଗାଣ କମ୍ପାନୀ ଲିମିଟେଡ୍ ଯାହାକି ଗ୍ରୀଡ୍‌କୋର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ସହାୟକ କମ୍ପାନୀ ଭାବରେ ସ୍ଥାପିତ ହୋଇଥିଲେ, ସେମାନଙ୍କୁ ହସ୍ତାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ଅପ୍ରେଲ 1999/ସେପ୍ଟେମ୍ବର 1999ରେ ଗ୍ରୀଡ୍‌କୋର 51 ପ୍ରତିଶତ ଅଂଶଧନ ବିନିବେଶ ସହିତ ସେହି କମ୍ପାନୀଗୁଡିକର ଘରୋଇକରଣ କରାଯାଇଥିଲା। ସେମାନେ ବର୍ତ୍ତମାନ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି)ରୁ ପ୍ରାପ୍ତ ବଣ୍ଟନ ଏବଂ ଖୁଚୁରା ଯୋଗାଣ ଲାଇସେନ୍ସ ଅଧିନରେ କାର୍ଯ୍ୟ କରୁଛନ୍ତି। ସେମାନେ ସିଏଜିଙ୍କ ସମୀକ୍ଷା ଅଧିନରେ ନାହାନ୍ତି।

ରାଜ୍ୟର ବିତରଣ ବ୍ୟବସାୟ ଏକ ନୂତନ ପଞ୍ଜିକୃତ କମ୍ପାନୀ ଅର୍ଥାତ୍ ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍)କୁ 01 ଅପ୍ରେଲ 2005 ଠାରୁ ହସ୍ତାନ୍ତର କରାଯାଇଥିଲା।

ଗ୍ରୀଡ୍‌କୋ ଲିମିଟେଡ୍, ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍, ଓଡିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ ଏବଂ ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ ନାମକ ଚାରୋଟି ସରକାରୀ କ୍ଷେତ୍ର କମ୍ପାନୀ ବ୍ୟତୀତ ଅନ୍ୟ ପାଞ୍ଚଟି ଶକ୍ତିକ୍ଷେତ୍ର ପିଏସ୍‌ୟୁ ଯଥା ଓଡିଶା ତାପଜ ବିଦ୍ୟୁତ୍ ନିଗମ ଲିମିଟେଡ୍, କଳିଙ୍ଗ ବିଦ୍ୟୁତ୍ ପ୍ରସାରଣ ନିଗମ ପ୍ରାଇଭେଟ୍ ଲିମିଟେଡ୍, ଓଡିଶା ସବୁଜ ଶକ୍ତି ଉନ୍ନୟନ ନିଗମ ଲିମିଟେଡ୍ ଓଡିଶା କୋଇଲା ଓ ଶକ୍ତି ଲିମିଟେଡ୍ ଏବଂ ଜେଡ୍‌କଲ ସେଲ୍ ଶକ୍ତି ନିଗମ ଲିମିଟେଡ୍‌କୁ ସହାୟକ/ମିଳିତ ଉଦ୍ୟୋଗ କମ୍ପାନୀ ଭାବରେ ପଞ୍ଜିକୃତ (ଜାନୁଆରୀ 2007 ରୁ ସେପ୍ଟେମ୍ବର 2018) କରାଯାଇଥିଲା। ଏହିପରି 31 ମାର୍ଚ୍ଚ 2019 ସୁଦ୍ଧା ରାଜ୍ୟରେ ନଅଟି ଶକ୍ତି କ୍ଷେତ୍ର ପିଏସ୍‌ୟୁ ଥିଲା।

ଏହି ନଅଟି ପିଏସ୍‌ୟୁ ମଧ୍ୟରୁ ତିନୋଟି ପିଏସ୍‌ୟୁ (କଳିଙ୍ଗ ବିଦ୍ୟୁତ୍ ପ୍ରସାରଣ ନିଗମ ପ୍ରାଇଭେଟ୍ ଲିମିଟେଡ୍, ଓଡ଼ିଶା ତାପଜ ବିଦ୍ୟୁତ୍ ନିଗମ ଲିମିଟେଡ୍ ଏବଂ ଜେଡ୍‌କଲ ସେଲ୍ ଶକ୍ତି ନିଗମ ଲିମିଟେଡ୍) 2018-19 ପର୍ଯ୍ୟନ୍ତ କୌଣସି ବ୍ୟବସାୟିକ କାର୍ଯ୍ୟକଳାପ ଆରମ୍ଭ କରିନଥିଲେ।

ଶକ୍ତି କ୍ଷେତ୍ର ପିଏସ୍‌ୟୁ ଗୁଡିକ 30 ସେପ୍ଟେମ୍ବର 2019 ସୁଦ୍ଧା ସେମାନଙ୍କର ସର୍ବଶେଷ ଚୂଡାନ୍ତ ହିସାବ ଅନୁଯାୟୀ 9,641.40 କୋଟି ଟଙ୍କାର କାରବାର କରିଥିଲେ। ଓଡିଶାର ଜିଏସ୍‌ଡିପି ତୁଳନାରେ କାରବାର 1.98 ପ୍ରତିଶତ ଥିଲା ଯାହା ରାଜ୍ୟ ଅର୍ଥନୀତିରେ ଶକ୍ତି କ୍ଷେତ୍ର ପିଏସ୍‌ୟୁଗୁଡିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାର ଦର୍ଶାଉଥିଲା।

*(ଅନୁଚ୍ଛେଦ 2.1 ଏବଂ 2.2)*

*ଓଡିଶା ସରକାରଙ୍କ ଅଂଶ*

31 ମାର୍ଚ୍ଚ 2019 ସୁଦ୍ଧା ନଅଟି ଶକ୍ତି କ୍ଷେତ୍ର ଉଦ୍ୟୋଗରେ ମୋଟ ବିନିଯୋଗ (ସାଧାରଣ ଅଂଶଧନ, ଦୀର୍ଘକାଳୀନ ଋଣ ଏବଂ ଅନୁଦାନ, କାର୍ଯ୍ୟସମ୍ପାଦନ ଓ ପରିଚାଳନା ପାଇଁ ସବ୍‌ସିଡି) 16,845.13 କୋଟି ଟଙ୍କା ଥିଲା । ଏହା ମଧ୍ୟରେ ସାଧାରଣ ଅଂଶଧନ ବାବଦରେ 4,048.57 କୋଟି ଟଙ୍କା (24.03 ପ୍ରତିଶତ), ଦୀର୍ଘକାଳୀନ ଋଣ ବାବଦରେ 11,354.60 କୋଟି ଟଙ୍କା (67.41 ପ୍ରତିଶତ) ଏବଂ ଅନୁଦାନ, କାର୍ଯ୍ୟସମ୍ପାଦନ ଓ ପରିଚାଳନା ପାଇଁ ସବ୍‌ସିଡି ବାବଦରେ 1,441.86 କୋଟି ଟଙ୍କା (8.56 ପ୍ରତିଶତ) ଥିଲା। 11,354.60 କୋଟି ଟଙ୍କାର ମୋଟ ଦୀର୍ଘକାଳୀନ ଋଣ ମଧ୍ୟରୁ 1,186.54 କୋଟି ଟଙ୍କା (10.45 ପ୍ରତିଶତ) ରାଜ୍ୟ ସରକାରଙ୍କଠାରୁ ପ୍ରାପ୍ତ ହୋଇଥିଲା ଏବଂ ଅବଶିଷ୍ଟ 10,168.08 କୋଟି ଟଙ୍କା (89.55 ପ୍ରତିଶତ) ଆର୍ଥିକ ପ୍ରତିଷ୍ଠାନ ଗୁଡିକରୁ ପ୍ରାପ୍ତ ହୋଇଥିଲା।

*(ଅନୁଚ୍ଛେଦ 2.4 ଏବଂ 2.10)*

*ଶକ୍ତି କ୍ଷେତ୍ର ପିଏସ୍‌ୟୁଗୁଡିକର କାର୍ଯ୍ୟଦକ୍ଷତା*

ନଅଟି ଶକ୍ତିକ୍ଷେତ୍ର ପିଏସ୍‌ୟୁର 2014-15ରେ ହୋଇଥିବା ମୋଟ 1,271.99 କୋଟି ଟଙ୍କା କ୍ଷତି ତୁଳନାରେ 2018-19ରେ 22.45 କୋଟି ଟଙ୍କା କ୍ଷତି ହୋଇଥିଲା। 2018-19 ବର୍ଷ ପାଇଁ ଶକ୍ତି କ୍ଷେତ୍ର ପିଏସ୍‌ୟୁଗୁଡିକର ହିସାବ ଅନୁଯାୟୀ ପାଞ୍ଚଟି ପିଏସ୍‌ୟୁ ମିଳିତ ଭାବରେ 178.34 କୋଟି ଟଙ୍କା ଲାଭ କରିଥିବା ବେଳେ ତିନୋଟି ପିଏସ୍‌ୟୁରେ 200.79 କୋଟି ଟଙ୍କା କ୍ଷତି ହୋଇଥିଲା। ଶୀର୍ଷ ତିନୋଟି ଲାଭ କରିଥିବା ପିଏସ୍‌ୟୁଗୁଡିକ ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ (144.39 କୋଟି ଟଙ୍କା), ଓଡିଶା ବିଦ୍ୟୁତ୍ ସଞ୍ଚାରଣ ନିଗମ ଲିମିଟେଡ୍ (19.80 କୋଟି ଟଙ୍କା) ଏବଂ ଓଡିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ (4.79 କୋଟି ଟଙ୍କା) ହୋଇଥିବା ବେଳେ ଗ୍ରୀଡ୍‌କୋ ଲିମିଟେଡ୍ 197.50 କୋଟି ଟଙ୍କାର କ୍ଷତି କରିଥିଲା।

ସମୁଦାୟ ସ୍ତରରେ ନଅଟି ଶକ୍ତି କ୍ଷେତ୍ର ପିଏସ୍‌ୟୁରେ 31 ମାର୍ଚ୍ଚ 2019 ସୁଦ୍ଧା 4,048.67 କୋଟି ଟଙ୍କା ପୁଞ୍ଜି ବିନିଯୋଗ ତୁଳନାରେ ଏକତ୍ରୀକୃତ କ୍ଷତି 4,443.12 କୋଟି ଟଙ୍କା ଥିଲା। ନଅଟି ଶକ୍ତି କ୍ଷେତ୍ର ପିଏସ୍‌ୟୁ ମଧ୍ୟରୁ ଗ୍ରୀଡ୍‌କୋ ଲିମିଟେଡ୍‌ରେ ନିଟ୍ ମୂଲ୍ୟ ସମ୍ପୂର୍ଣ୍ଣ ଅବକ୍ଷୟ ((-)3,853.75 କୋଟି ଟଙ୍କା) ହୋଇଥିଲା ।

*(ଅନୁଚ୍ଛେଦ 2.9 ଏବଂ 2.13)*

### *ହିସାବର ଗୁଣବତ୍ତା*

ଶକ୍ତି କ୍ଷେତ୍ର ପିଏସ୍‌ୟୁଗୁଡିକର ହିସାବର ଗୁଣବତ୍ତାରେ ଉନ୍ନତି ଆବଶ୍ୟକ। 2017-18 ଏବଂ 2018-19 ବର୍ଷ ପାଇଁ ପିଏସ୍‌ୟୁ ସହିତ ଜଡିତ ପାଞ୍ଚଟି ହିସାବ 01 ଅକ୍ଟୋବର 2018 ରୁ 30 ସେପ୍ଟେମ୍ବର 2019 ମଧ୍ୟରେ ଚୂଡାନ୍ତ ହୋଇଥିଲା। ବୈଧାନିକ ସମୀକ୍ଷକ ସମସ୍ତ ହିସାବଗୁଡିକରେ ମନ୍ତବ୍ୟଯୁକ୍ତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଗୋଟିଏ ଶକ୍ତି କ୍ଷେତ୍ର ପିଏସ୍‌ୟୁ ଦ୍ୱାରା ଭାରତୀୟ ହିସାବ ମାନଦଣ୍ଡର ଅନୁପାଳନ ନକରିବାର ପାଞ୍ଚଟି ଦୃଷ୍ଟାନ୍ତ ଥିଲା।

*(ଅନୁଚ୍ଛେଦ 2.20)*

## 3. ଅନୁପାଳନ ସମୀକ୍ଷା ମନ୍ତବ୍ୟ (ଶକ୍ତିକ୍ଷେତ୍ର)

ଏହି ଅଧ୍ୟାୟରେ ଅନ୍ତର୍ଭୁକ୍ତ ଅନୁପାଳନ ସମୀକ୍ଷା ପର୍ଯ୍ୟବେକ୍ଷଣ ଗୁଡିକ ଆର୍ଥିକ ପ୍ରଭାବ ସହିତ ସରକାରୀ ଉଦ୍ୟୋଗର ପରିଚାଳନାର ଅଭାବକୁ ଦର୍ଶାଇଛି।

### ଓଡ଼ିଶା ବିଦ୍ୟୁତ୍ ସଞ୍ଚାରଣ ନିମଗ ଲିମିଟେଡ୍ (ଓପିଟିସିଏଲ୍) ଦ୍ୱାରା ଓଡ଼ିଶା ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ଉନ୍ନତିକରଣ ପ୍ରକଳ୍ପର କାର୍ଯ୍ୟାନ୍ୱୟନ

- ଓଡ଼ିଶା ସରକାର, ଓଡ଼ିଶା ବିରତଣ ବ୍ୟବସ୍ଥା ଉନ୍ନତିକରଣ ପ୍ରକଳ୍ପ ମାଧ୍ୟମରେ ସମୁଦାୟ ବୈଷୟିକ ଏବଂ ବାଣିଜ୍ୟିକ କ୍ଷତି ହ୍ରାସ ଏବଂ ବାତ୍ୟା/ ବନ୍ୟା ନିରୋଧି ସୁଦୃଢ଼ ବ୍ୟବସ୍ଥା କରିବାକୁ 473 ଟି 33/11 କେଭି ଉପକେନ୍ଦ୍ର ନିର୍ମାନର ଲକ୍ଷ୍ୟଧାର୍ଯ୍ୟ କରିଥିଲେ।

*(ଅନୁଚ୍ଛେଦ 3.1.1)*

- ପ୍ରକଳ୍ପ ଯୋଜନାରେ ଉଲ୍ଲେଖନୀୟ ବିଳମ୍ବ ଏବଂ ତ୍ରୁଟି ଯୋଗୁ ପ୍ରକଳ୍ପଟି ଆବଶ୍ୟକ ଫଳାପଳ ଦେଇନଥିଲା।

*(ଅନୁଚ୍ଛେଦ 3.1.2)*

- ସମୀକ୍ଷାରୁ ଦେଖାଗଲା ଯେ ଉପକେନ୍ଦ୍ର ସ୍ଥାନ ହସ୍ତାନ୍ତରରେ ବିଳମ୍ବ, ଆବଶ୍ୟକତା ପୂର୍ବରୁ ସାମଗ୍ରୀ କ୍ରୟ ଏବଂ ଚୁକ୍ତି ପରିଚାଳନାରେ ତ୍ରୁଟି ହେବା ଦ୍ୱାରା ପ୍ରକଳ୍ପର ଉଦ୍ଦେଶ୍ୟ ହାସଲରେ ବାଧାପ୍ରାପ୍ତ ହେଲା। ଡିସ୍‌କମ୍ ସହିତ ସମନ୍ୱୟର ଅଭାବ ହେତୁ ପ୍ରକଳ୍ପର କାର୍ଯ୍ୟକାରିତାରେ କ୍ଷତିଗ୍ରସ୍ତ ହେଲା। ଏପରିକି ସମ୍ପୂର୍ଣ୍ଣ ହୋଇସାରିଥିବା ଉପକେନ୍ଦ୍ର ଗୁଡିକ ଡିସ୍‌କମ୍‌କୁ ହସ୍ତାନ୍ତର ହୋଇପାରିଲା ନାହିଁ।

*(ଅନୁଚ୍ଛେଦ 3.1.3, 3.1.6 ଏବଂ 3.1.7)*

- ବୈଷୟିକ ଡିଜାଇନ୍‌ରେ ତ୍ରୁଟି ଯୋଗୁ ଉଚ୍ଚଶକ୍ତି ସମ୍ପନ୍ନ ଟ୍ରାନ୍ସଫର୍ମର ଏବଂ ପରିବାହକ କ୍ରୟ ହୋଇଥିଲା, ଏହା ମଧ୍ୟ ଏଟିଆଣ୍ଡସି କ୍ଷତିକୁ କମ୍ କରିବା ପରିବର୍ତ୍ତେ ଏହାକୁ ବୃଦ୍ଧି କରିବାରେ ସହାୟକ ହୋଇଥିଲା।

*(ଅନୁଚ୍ଛେଦ 3.1.4)*

- ଉଚ୍ଚ ସ୍ତରୀୟ ପରିଚାଳନା କମିଟି ଯାହା ଓଡ଼ିଶା ସରକାରଙ୍କ ସମେତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାରକୁ ନେଇ ଗଠିତ ହେବା ଆବଶ୍ୟକ ଥିଲା, ତାହା ନହେବାରୁ ପ୍ରକଳ୍ପ ପରିଚାଳନା ଏବଂ ଲକ୍ଷ୍ୟ ହାସଲରେ ପ୍ରଭାବ ପଡିଲା।

*(ଅନୁଚ୍ଛେଦ 3.1.3.1)*

- ଏହି ଯୋଜନା ଅଧିନରେ, ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ ଟ୍ରାନ୍ସଫର୍ମର କ୍ରୟକୁ ଇପିସି ଠିକାଦାରଙ୍କ ଚୁକ୍ତିରେ ଅନ୍ତର୍ଭୁକ୍ତ କରିଥିଲା, ଯାହା ଅନ୍ୟ ଚୁକ୍ତିରେ ଏହାର ଅଭ୍ୟାସ ସହିତ ସମାନ ନଥିଲା ଯେଉଁଠାରେ ଓପିଟିସିଏଲ୍ ନିଜେ କ୍ରୟ କରୁଥିଲା। ଏହାଦ୍ୱାରା 946 ଟି ଟ୍ରାନ୍ସଫର୍ମର କ୍ରୟ ପାଇଁ 173.91 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ହୋଇଥିଲା।

*(ଅନୁଚ୍ଛେଦ 3.1.2.3)*

- ବିସ୍ତୃତ ପ୍ରକଳ୍ପ ପ୍ରତିବେଦନରେ ଟ୍ରାନ୍ସଫର୍ମର କ୍ଷମତାର ଅନୁପଯୁକ୍ତ ଭାର ଆକଳନ ହେବା ଦ୍ୱାରା ଉଚ୍ଚ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ସ୍ଥାପନ ହେଲା ଯଦ୍ୱାରା 22.31 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହେଲା।

***(ଅନୁଚ୍ଛେଦ 3.1.5.1)***

- ଯଦିଓ ପ୍ରକଳ୍ପଟି ବାର୍ଷିକ 255 କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ସଂଗ୍ରହ ତଥା ବାର୍ଷିକ ତିନି ପ୍ରତିଶତ ବୈଷୟିକ କ୍ଷତି ହ୍ରାସର ଲକ୍ଷ୍ୟ ରଖିଥଲା, କିନ୍ତୁ ପ୍ରକୃତ ବୈଷୟିକ କ୍ଷତିର ହ୍ରାସ ପାଇବା ପାଇଁ କୌଣସି ବିଦ୍ୟୁତ୍ ମାପକ ଯନ୍ତ୍ର ତଥା ଶକ୍ତି ସମୀକ୍ଷାର ବ୍ୟବସ୍ଥା କରାଯାଇନଥିଲା।

***(ଅନୁଚ୍ଛେଦ 3.1.5.3)***

- ଡିସ୍‌କମ୍ ଗୁଡିକର ବିଭିନ୍ନ କ୍ଷେତ୍ରରେ 50 ପ୍ରତିଶତରୁ 74 ପ୍ରତିଶତ ମଧ୍ୟରେ ବୃହତ ଏଟିଆଣ୍ଡସି କ୍ଷତି ଉପରେ ଓଇଆରସି ଚିନ୍ତା ପ୍ରକଟ (ମାର୍ଚ୍ଚ 2019) କରିଥିଲେ। ପ୍ୟାକେଜ ଗୁଡିକରେ ମଧ ବିଦ୍ୟୁତ ଯୋଗାଣର ଗୁଣବତ୍ତା ଏବଂ ନିର୍ଭରଶୀଳତାର ଇପସିତ ଲକ୍ଷ୍ୟ ଫଳବତୀ ହୋଇପାରି ନଥିଲା ଯଦିଓ ପ୍ରକଳ୍ପ ଅଟକଳ 2,600 କୋଟି ଟଙ୍କାରୁ 3,843 କୋଟି ଟଙ୍କାକୁ ବୃଦ୍ଧି ହେବା ସହିତ ସମାପ୍ତି ସମୟରେ ବୃଦ୍ଧି ହୋଇଥିଲା।

***(ଅନୁଚ୍ଛେଦ 3.1.1 ଏବଂ 3.1.5.3)***

## 4. ରାଜ୍ୟ ସରକାରୀ ଉଦ୍ୟୋଗ (ଅଣ-ଶକ୍ତି କ୍ଷେତ୍ର) ଗୁଡିକର କାର୍ଯ୍ୟକ୍ରମ

31 ମାର୍ଚ୍ଚ 2019 ସୁଦ୍ଧା ଓଡିଶାରେ ଅଣ-ଶକ୍ତି କ୍ଷେତ୍ରରେ 73ଟି ରାଜ୍ୟ ସରକାରୀ ଉଦ୍ୟୋଗ ଥିଲା ଯେଉଁଥିରେ ତିନୋଟି ବୈଧାନିକ ନିଗମ ମଧ ରହିଥିଲା। ସେଥିମଧ୍ୟରୁ 47ଟି କାର୍ଯ୍ୟରତ କମ୍ପାନୀ ଏବଂ 26ଟି ନିଷ୍କ୍ରିୟ କମ୍ପାନୀ ଥିଲା। କାର୍ଯ୍ୟରତ ପିଏସ୍‌ୟୁଗୁଡିକ 30 ସେପ୍ଟେମ୍ବର 2019 ସୁଦ୍ଧା ସେମାନଙ୍କର ସର୍ବଶେଷ ଚୂଡାନ୍ତ ହିସାବ ଅନୁଯାୟୀ 17,461.97 କୋଟି ଟଙ୍କାର କାରବାର କରିଥିଲେ। ଓଡିଶାର ଜିଏସ୍‌ଡିପି ତୁଳନାରେ କାରବାର 3.59 ପ୍ରତିଶତ ଥିଲା।

***(ଅନୁଚ୍ଛେଦ 4.1 ଏବଂ 4.2)***

### *ଓଡିଶା ସରକାରଙ୍କ ଅଂଶ*

31 ମାର୍ଚ୍ଚ 2019 ସୁଦ୍ଧା ଏହି 73ଟି ପିଏସ୍‌ୟୁରେ ମୋଟ ବିନିଯୋଗ 46,027.34 କୋଟି ଟଙ୍କା ଥିଲା ଯେଉଁଥିରେ ସାଧାରଣ ଅଂଶଧନରେ ବିନିଯୋଗ 4.39 ପ୍ରତିଶତ (2,023.06 କୋଟି ଟଙ୍କା), 2.01 ପ୍ରତିଶତ (923.96 କୋଟି ଟଙ୍କା) ଦୀର୍ଘମିଆଦି ଋଣ ଏବଂ 93.60 ପ୍ରତିଶତ (43,080.32 କୋଟି ଟଙ୍କା) ଅନୁଦାନ, କାର୍ଯ୍ୟସମ୍ପାଦନ ଓ ପରିଚାଳନା ପାଇଁ ସବ୍‌ସିଡି ଥିଲା। ମୋଟ 923.96 କୋଟି ଟଙ୍କା ଦୀର୍ଘମିଆଦି ଋଣ ମଧ୍ୟରୁ (39.06 ପ୍ରତିଶତ) 360.89 କୋଟି ଟଙ୍କା ରାଜ୍ୟ ସରକାରଙ୍କଠାରୁ ପ୍ରାପ୍ତ ହୋଇଥିଲା ଏବଂ ଅବଶିଷ୍ଟ 60.94 ପ୍ରତିଶତ (563.07 କୋଟି ଟଙ୍କା) ଆର୍ଥିକ ସଂସ୍ଥାଗୁଡିକରୁ ପ୍ରାପ୍ତ ହୋଇଥିଲା।

***(ଅନୁଚ୍ଛେଦ 4.4 ଏବଂ 4.13)***

### *ରାଜ୍ୟ ପିଏସ୍‌ୟୁ (ଅଣ-ଶକ୍ତି କ୍ଷେତ୍ର)ଗୁଡିକର କାର୍ଯ୍ୟଦକ୍ଷତା*

2014-15ରେ କାର୍ଯ୍ୟରତ ପିଏସ୍‌ୟୁଗୁଡିକ ଦ୍ୱାରା ସମୁଦାୟ ସ୍ତରରେ ହୋଇଥିବା 1,001.58 କୋଟି ଟଙ୍କାର ଲାଭ 2018-19ରେ ଓଡ଼ିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍, ଓଡ଼ିଶା ଗ୍ରାମ୍ୟ ଗୃହନିର୍ମାଣ ଉନ୍ନୟନ ନିଗମ ଲିମିଟେଡ୍ ଏବଂ ଇଡ୍‌କଲ କଳିଙ୍ଗ ଆଇରନ୍ ୱାର୍କ୍ସ ଲିମିଟେଡ୍ କ୍ଷତି କରିବାରୁ 854.71 କୋଟି ଟଙ୍କାକୁ ହ୍ରାସ ପାଇଥିଲା। 47ଟି କାର୍ଯ୍ୟରତ ପିଏସ୍‌ୟୁଗୁଡିକର 2018-19 ବର୍ଷ ପାଇଁ ଚୂଡାନ୍ତ ହୋଇଥିବା ସର୍ବଶେଷ ହିସାବ ଅନୁଯାୟୀ, 30ଟି ପିଏସ୍‌ୟୁ ମିଳିତ ଭାବରେ 1,024.07 କୋଟି ଟଙ୍କା ଲାଭ କରିଥିଲେ ଏବଂ 11ଟି ପିଏସ୍‌ୟୁ 169.36 କୋଟି ଟଙ୍କା କ୍ଷତି ସହିଥିଲେ। ଗୋଟିଏ ପିଏସ୍‌ୟୁର ଲାଭ କି କ୍ଷତି କିଛି ହୋଇନଥିଲା। ଗୋଟିଏ ପିଏସ୍‌ୟୁ ଏପର୍ଯ୍ୟନ୍ତ ପ୍ରଥମ ହିସାବ ଦାଖଲ କରିନଥିଲା। ଚାରୋଟି ରାଜ୍ୟ ପିଏସ୍‌ୟୁ (ଅଣ-ଶକ୍ତିକ୍ଷେତ୍ର) କୌଣସି ଲାଭ ହାସଲ କରିନଥିଲେ।

ଶୀର୍ଷ ତିନୋଟି ଲାଭକାରୀ କମ୍ପାନୀ ଓଡ଼ିଶା ଖଣି ନିଗମ ଲିମିଟେଡ୍ (789.88 କୋଟି ଟଙ୍କା), ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ (67.16 କୋଟି ଟଙ୍କା) ଏବଂ ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ (29.99 କୋଟି ଟଙ୍କା) ହୋଇଥିବା ବେଳେ ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ (89.54 କୋଟି), ଓଡ଼ିଶା ଗ୍ରାମ୍ୟ ଗୃହନିର୍ମାଣ ଓ ଉନ୍ନୟନ ନିଗମ ଲିମିଟେଡ୍ (42.93 କୋଟି ଟଙ୍କା) ଏବଂ ଇଡ୍‌କଲ କଳିଙ୍ଗ ଆଇରନ୍ ୱାର୍କ୍ସ ଲିମିଟେଡ୍ 14.35 କୋଟି ଟଙ୍କା କ୍ଷତି ସହିଥିଲେ।

***(ଅନୁଚ୍ଛେଦ 4.12)***

### *ହିସାବର ଗୁଣବତ୍ତା*

ପିଏସ୍‌ୟୁଗୁଡିକର ହିସାବର ଗୁଣବତ୍ତାରେ ଉନ୍ନତି ଆବଶ୍ୟକ। 01 ଅକ୍ଟୋବର 2018 ରୁ 30 ସେପ୍ଟେମ୍ବର 2019 ମଧ୍ୟରେ ଚୂଡ଼ାନ୍ତ ହୋଇଥିବା 41ଟି ହିସାବ ମଧ୍ୟରୁ ବୈଧାନିକ ସମୀକ୍ଷକମାନେ 25ଟି ହିସାବ ପାଇଁ ମନ୍ତବ୍ୟଯୁକ୍ତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପିଏସ୍‌ୟୁଗୁଡିକ ଦ୍ୱାରା ହିସାବ ମାନଦଣ୍ଡ ପାଳନ ନକରିବାର 19ଟି ଦୃଷ୍ଟାନ୍ତ ରହିଥିଲା ଏବଂ ଭାରତୀୟ ହିସାବ ମାନଦଣ୍ଡ ପାଳନ ନକରିବାର ଚାରୋଟି ଦୃଷ୍ଟାନ୍ତ ରହିଥିଲା।

***(ଅନୁଚ୍ଛେଦ 4.25)***

## 5. କାର୍ଯ୍ୟ ସମ୍ପାଦନା ସମୀକ୍ଷା (ଅଣ-ଶକ୍ତିକ୍ଷେତ୍ର)

### ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ

"ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମର ଭିତ୍ତିଭୂମି ବିକାଶ ଏବଂ ପ୍ରକଳ୍ପ ପରିଚାଳନା କାର୍ଯ୍ୟକଳାପ" ସମ୍ବନ୍ଧୀୟ କାର୍ଯ୍ୟସମ୍ପାଦନା ସମୀକ୍ଷା ପରିସର 2014-15 ରୁ 2018-19 ପର୍ଯ୍ୟନ୍ତ ଥିଲା।

- ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ (ଇଡ୍‌କୋ) କୁ 5 ଜାନୁଆରୀ 1981 ରେ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ (ଓଆଇଆଇଡିସି) ଅଧିନିୟମ, 1980 ଅଧିନର ଧାରା 3ରେ ପଞ୍ଜିକରଣ କାରଯାଇଥିଲା। ନିଗମ ପ୍ରତିଷ୍ଠାର ଉଦ୍ଦେଶ୍ୟ ଥିଲା ଯେ ଓଡ଼ିଶା ରାଜ୍ୟର ଶିଳ୍ପାଞ୍ଚଳ (ଆଇଇ) ଏବଂ ଶିଳ୍ପକ୍ଷେତ୍ର (ଆଇଏ) ଗୁଡିକରେ ଶିଳ୍ପ, ବାଣିଜ୍ୟ ଏବଂ ବ୍ୟବସାୟର ଦ୍ରୁତ ତଥା ଶୃଙ୍ଖଳିତ ପ୍ରତିଷ୍ଠା।

***(ଅନୁଚ୍ଛେଦ 5.1)***

- ସମ୍ପୃକ୍ତ ଶିଳ୍ପନୀତି ନିର୍ଦ୍ଧାରଣ ଅନୁଯାୟୀ, ଇଡ୍‌କୋ ଆବଶ୍ୟକୀୟ ଭୂମି ବ୍ୟାଙ୍କ ଯାହା ଶିଳ୍ପ ଅଭିବୃଦ୍ଧି ପାଇଁ ଉଦ୍ଦିଷ୍ଟ ଥିଲା, ତାହା ସୃଷ୍ଟି କରିବାରେ ବିଳମ୍ବ କରିଥିଲା। ଯାହା ଦ୍ୱାରା ମନୋନୀତ ଶିଳ୍ପଗୁଡିକ ପାଇଁ ଜମିର ବ୍ୟବହାରରେ ବାଧା ଉପୁଜି ଥିଲା। ଛଅଟି ନମୁନା ଯାଞ୍ଚ କରାଯାଇଥିବା ଜିଲ୍ଲାରେ, ଭୂମି ବ୍ୟାଙ୍କ ଉଦ୍ଦେଶ୍ୟରେ ଅଧିଗ୍ରହଣ ହୋଇଥିବା 38 ପ୍ରତିଶତ ଜମିରେ ଜବରଦଖଲ ଏବଂ ବିବାଦ ଥିଲା ଏବଂ ସେଗୁଡିକ ଆବଣ୍ଟନ ପାଇଁ ଉପଲବ୍ଧ ନଥିଲା।

***(ଅନୁଚ୍ଛେଦ 5.7.1)***

- ଭୂମି ବ୍ୟାଙ୍କରୁ ଆବଣ୍ଟନ ପାଇଁ ଇଡ୍‌କୋ ଓଡ଼ିଶା ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ନିୟମାବଳୀ ପ୍ରସ୍ତୁତ କରିନଥିଲା, ଯାହା ନ୍ୟାୟପୂର୍ଣ୍ଣ ଏବଂ ସ୍ୱଚ୍ଛ ଜମି ଆବଣ୍ଟନର ଲକ୍ଷ୍ୟ ହାସଲ କରିବାରେ ପ୍ରଭାବ ପକାଇଥିଲା।

***(ଅନୁଚ୍ଛେଦ 5.7.1)***

- ଦୁଇଟି ଶିଳ୍ପ ପ୍ରତିଷ୍ଠାନ ଯଥା ଷ୍ଟେରଲାଇଟ୍ ଏନର୍ଜି ଲିମିଟେଡ୍ ଏବଂ ବେଦାନ୍ତ ଲିମିଟେଡ୍ ସେମାନଙ୍କର ତାପଜ ବିଦ୍ୟୁତ୍ କାରଖାନା ଗୁଡିକ ଆବଣ୍ଟିତ ଜମିରେ ଆରମ୍ଭ କରିସାରିଥିବା ସତ୍ତ୍ୱେ, ଇଡ୍‌କୋ ସରକାରୀ/ କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧୀକରଣର ସର୍ତ୍ତାବଳୀର ଉଲ୍ଲଙ୍ଘନରେ ପ୍ରକୃତ ଆବଶ୍ୟକତାକୁ ମୂଲ୍ୟାଙ୍କନ ନକରି ଅଧିକା 2,121.59 ଏକର ପରିମାଣର ଜମି ଅଧିଗ୍ରହଣ ଜାରି (ମାର୍ଚ୍ଚ 2020) ରଖିଥିଲା।

***(ଅନୁଚ୍ଛେଦ 5.7.2)***

- ଶିଳ୍ପନୀତି ନିର୍ଦ୍ଧାରଣ 2007 କୁ ଉଲ୍ଲଙ୍ଘନ କରି ଇଡ୍‌କୋ 117 ଏକର ସରକାରୀ ଜମିକୁ ଦୁଇଟି ଟିପିପି ଅର୍ଥାତ୍ ଲାନ୍‌କୋ ଏବଂ ଜିଏମ୍‌ଆରକୁ ଆବଣ୍ଟନ କରିଥିଲା, ଯେଉଁମାନେ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିବାରେ ବିଫଳ ହୋଇଥିଲେ ଏବଂ କୌଣସି ପ୍ରୋତ୍ସାହନ ପାଇବାକୁ ଯୋଗ୍ୟ ନଥିଲେ, ଯାହା ଫଳରେ 10.04 କୋଟି ଟଙ୍କା କମ୍ ଅସୁଲି ହୋଇଥିଲା।

***(ଅନୁଚ୍ଛେଦ 5.7.3)***

- ଟିସ୍‌କୋ ଅପ୍ରେଲ ଏବଂ ଡିସେମ୍ବର 1996 ମଧ୍ୟରେ ଏକ ଏକୀକୃତ ଇସ୍ପାତ କାରଖାନା ପାଇଁ ଅଗ୍ରୀମ ଆକାରରେ ଆବଣ୍ଟନ କରାଯାଇଥିବା ଜମିକୁ ଇପ୍‌ସିତ ଉଦ୍ଦେଶ୍ୟରେ ବ୍ୟବହାର କରିନଥିଲେ ମଧ୍ୟ ଇଡ୍‌କୋ 537.82 ଏକର ସରକାରୀ ଜମିକୁ ରାଜସ୍ୱ କର୍ତ୍ତୃପକ୍ଷଙ୍କ ନିକଟକୁ ଫେରାଇ ନଥିଲା। ଇଡ୍‌କୋ ଏହା ପରିବର୍ତ୍ତେ 2014-18 ମଧ୍ୟରେ ଏହି ଜମିକୁ ଟିସ୍‌କୋକୁ ପ୍ରଚଳିତ ଦରକୁ ଅଣଦେଖା କରି ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ପୁନଃ ଆବଣ୍ଟନ କରିଥିଲା। ଯାହାଫଳରେ ଜମି ପ୍ରିମିୟମ ବାବଦରେ 14.23 କୋଟି ଟଙ୍କା ଏବଂ ପ୍ରଶାସନିକ ଦେୟ ବାବଦରେ 1.42 କୋଟି ଟଙ୍କା ସ୍ୱଳ୍ପ ଆଦାୟ ହୋଇଥିଲା।

***(ଅନୁଚ୍ଛେଦ 5.7.4)***

- ଏକ ଅଦ୍ୟତନ ତଥ୍ୟାବଳୀର ପରିଚାଳନା ଏବଂ ପର୍ଯ୍ୟାଲୋଚନା କରିବାରେ ବିଫଳତା ହେତୁ, ଇଡ୍‌କୋ ଜମି ଆବଣ୍ଟିତ ହୋଇଥିବା ସମସ୍ତ ଶିଳ୍ପ ବିରୁଦ୍ଧରେ ବକେୟା ଥିବା 18.52 କୋଟି ଟଙ୍କାର ଜିଆର ଏବଂ ଶୁଳ୍କର ଆଦାୟ କରିନଥିଲା। ଏହା ବ୍ୟତୀତ, ଇଡ୍‌କୋ 44,932.29 ଏକର ଘରୋଇ ଜମିର ଜମି ସତ୍ତ୍ୱାଧିକାର ସଂଶୋଧନ କରିବାରେ ବିଫଳ ହୋଇଥିଲା ଯାହା ଦ୍ୱାରା ଜିଆର ଏବଂ ଶୁଳ୍କ ସଂଗ୍ରହ ହୋଇନଥିବାରୁ ଅପ୍ରେଲ 2019 ଠାରୁ ରାଜ୍ୟ ତହବିଲକୁ ବାର୍ଷିକ 33.16 କୋଟି ଟଙ୍କାର କ୍ଷତି ହୋଇଥିଲା।

***(ଅନୁଚ୍ଛେଦ 5.7.5)***

- 116 ଟି ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ଗୁଡିକରେ ପ୍ରତିଷ୍ଠା ଏବଂ ପରିଚାଳନା ଦାୟିତ୍ୱ ଇଡ୍‌କୋ ଠାରେ ନ୍ୟସ୍ତ କରାଯାଇଥିଲା। ଇଡ୍‌କୋର ପରିଚାଳନା ଏବଂ ନିୟନ୍ତ୍ରଣ ଅଧିନରେ ଥିବା ମୋଟ୍ 24,084.28 ଏକର ଜମି ମଧ୍ୟରୁ 14,649.09 ଏକର (61 ପ୍ରତିଶତ) ଆବଣ୍ଟିତ ହୋଇଥିବା ବେଳେ 9,435.19 ଏକର (39 ପ୍ରତିଶତ) ଅବ୍ୟବହୃତ ରହିଥିଲା। 14 ଟି ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ଗୁଡିକର କୌଣସି ଆବଣ୍ଟନ ହୋଇନଥିଲା। ଆହୁରି ମଧ୍ୟ, ପାଣିର ଉପଲବ୍ଧତା ଥିବା ସତ୍ତ୍ୱେ ଇଡ୍‌କୋ ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ଗୁଡିକରେ ଭିତ୍ତିଭୂମି ସୁବିଧା ଯୋଗାଇବା ପାଇଁ ଇଡ୍‌କୋ ମଧ୍ୟ ଏକ ସଠିକ୍ ବିକାଶ ଯୋଜନା ପ୍ରସ୍ତୁତ କରିନଥିଲା।

***(ଅନୁଚ୍ଛେଦ 5.8.1)***

- ଇଡ୍‌କୋ ଶିଳ୍ପ ବିଭାଗର ଆବଶ୍ୟକ ବିଜ୍ଞପ୍ତି ବିନା ଖୋଲାଦ୍ୱାର ଏବଂ ସାମୁଦ୍ରିକ ଫୁଡ୍ ପାର୍କ, ଡେରାସ୍ ଠାରେ 18 ଟି ପ୍ରତିଷ୍ଠାନକୁ 62.16 ଏକର ଜମି ଆଣ୍ଟନ କରିଥିଲା ଏବଂ ବୋର୍ଡର ସମ୍ପୃକ୍ତ ନିର୍ଦ୍ଦେଶ ପାଳନ କରିବାରେ ବିଫଳ ହେବାରୁ ଜମି ମୂଲ୍ୟ ସଂଗ୍ରହରେ 10.16 କୋଟି ଟଙ୍କାର ସ୍ୱଳ୍ପ ଆଦାୟ ହୋଇଥିଲା।

***(ଅନୁଚ୍ଛେଦ 5.8.3)***

- ଇଡ୍‌କୋ ସମ୍ପୃକ୍ତ ଉପ ନିବନ୍ଧକଙ୍କ ଠାରୁ ଜମିର ନିର୍ଦ୍ଧାରିତ ମୂଲ୍ୟ ନଆଣି ଆଇପିଆରର ନକରାତ୍ମକ ତାଲିକାରେ ଆସୁଥିବା 14 ଟି ଶିଳ୍ପସଂସ୍ଥାକୁ 26.87 ଏକର ଜମି ଆବଣ୍ଟନ କରିଥିଲା, ଫଳସ୍ୱରୂପ ଜମି ମୂଲ୍ୟରେ 13.34 କୋଟି ଟଙ୍କାର ସ୍ୱଳ୍ପ ଆଦାୟ ହୋଇଥିଲା।

***(ଅନୁଚ୍ଛେଦ 5.8.5)***

- 43.50 ଏକର ଜମି ସହିତ ଜଡିତ କାର୍ଯ୍ୟକଳାପରେ ପରିବର୍ତ୍ତନ ଏବଂ ଲିଜ୍‌ଯୁକ୍ତ ସମ୍ପତ୍ତିର ସ୍ଥାନାନ୍ତରରେ ଇଡ୍‌କୋ ପ୍ରଚଳିତ ଦର ବଦଳରେ ସାଧାରଣ ସ୍ଥାନାନ୍ତର ଦର ଆଦାୟ କରିବାରୁ 27.20 କୋଟି ଟଙ୍କାର ସ୍ୱଳ୍ପ ଆଦାୟ ହୋଇଥିଲା।

***(ଅନୁଚ୍ଛେଦ 5.8.6)***

➢ ବିନିୟମ 2016 ଓ ନିର୍ଦ୍ଦେଶକ ମଣ୍ଡଳୀଙ୍କ ନିଜ ନିଷ୍ପତ୍ତିରେ ନିର୍ଦ୍ଧାରିତ ଦରରେ ଜମି ମୂଲ୍ୟ ନିର୍ଣ୍ଣୟ ନକରି ଇଡ୍‌କୋ 10 ଟି ଶିକ୍ଷାନୁଷ୍ଠାନକୁ ଜମି ବିନିୟମ 2016ର ବିଜ୍ଞପ୍ତି ପୂର୍ବରୁ ଓ ପରେ ଯଥାକ୍ରମେ 106.13 ଏକର ଓ 65.21 ଏକର ଜମି ଆବଣ୍ଟନ କରିବା ଫଳରେ 18.29 କୋଟି ଟଙ୍କା ସ୍ୱଳ୍ପ ଆଦାୟ ହୋଇଥିଲା।

***(ଅନୁଚ୍ଛେଦ 5.8.8)***

➢ ବିଭାଗୀୟ କାର୍ଯ୍ୟାଳୟମାନଙ୍କ ଦ୍ୱାରା ସମୟାନୁଯାୟୀ କାର୍ଯ୍ୟର ଯାଞ୍ଚ କରିବାରେ ବିଫଳତା ଓ ନିର୍ଦ୍ଦେଶକମଣ୍ଡଳୀଙ୍କ ନିଜ ନିଷ୍ପତ୍ତିର ଦୃଢ଼ ଭାବରେ ପର୍ଯ୍ୟାଲୋଚନା କରିବାରେ ବିଫଳତା ଯୋଗୁ ଆବଣ୍ଟିତ ଜମିର ସଠିକ୍ ବ୍ୟବହାରର ସମୀକ୍ଷା (2014-19) କରିବାରେ ବାଧା ଉପୁଜିଥିଲା ଏବଂ ଇଡ୍‌କୋର ଉଭୟ ଆର୍ଥିକ ଓ ସାମଗ୍ରୀକ ଉଦ୍ଦେଶ୍ୟକୁ ପ୍ରଭାବିତ କରିଥିଲା। ଏହା ଲକ୍ଷ୍ୟ କରାଯାଇଥିଲା ଯେ ଯଦିଓ 1,267 ଟି ଶିଳ୍ପସଂସ୍ଥାକୁ ଆବଣ୍ଟିତ ହୋଇଥିବା 1,128.99 ଏକର ଜମି ବ୍ୟବହାର ହୋଇନଥିଲା, ଇଡ୍‌କୋ ଓଆଇଆଇଡିସି ଅଧିନିୟମ ଅନୁଯାୟୀ ଜମି ଫେରାଇ ଆଣିନଥିଲେ କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରିନଥିଲେ।

***(ଅନୁଚ୍ଛେଦ 5.8.9)***

➢ ଅପାରଗ ଯୋଜନା ଏବଂ ପ୍ରଭାବହୀନ ସମ୍ବଳର ସଂଗ୍ରହ ଯଥା ବାଧାମୁକ୍ତ ଜମିର ଆବଶ୍ୟକତା, ଶିଳ୍ପସଂସ୍ଥା ପ୍ରତିଷ୍ଠା ହେବାକୁ ଥିବା ସ୍ଥାନରେ ଆବଶ୍ୟକୀୟ ତଥା ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ସୁନିଶ୍ଚିତ କରିବା ଇତ୍ୟାଦି ହେବା ଦ୍ୱାରା ଇଡ୍‌କୋ ଭାରତ ସରକାରଙ୍କ ପ୍ରାୟୋଜିତ ପ୍ରକଳ୍ପଗୁଡିକୁ ସମ୍ପୂର୍ଣ୍ଣ କରିପାରି ନଥିଲା। ଏଗୁଡିକ ଶିଳ୍ପ ଉଦ୍ୟାନ/ କ୍ଷେତ୍ର ସ୍ଥାପନ ଏବଂ ଅନୁକୂଳ ନିଯୁକ୍ତି ସୃଷ୍ଟି କରିବା ଉଦ୍ଦେଶ୍ୟରେ ବାଧା ସୃଷ୍ଟି କରିଥିଲା।

- ନାଲକୋ ସହିତ 2010 ରେ ଏକ ଯୌଥ ଉଦ୍ୟୋଗ କମ୍ପାନୀ, ଅନୁଗୁଳ ଆଲୁମିନିୟମ ପାର୍କ ପ୍ରାଇଭେଟ୍ ଲିମିଟେଡ୍ ଗଠନ କରିବା ସତ୍ତ୍ୱେ ଇଡ୍‌କୋ ଭାରତ ସରକାରଙ୍କ ପ୍ରାୟୋଜିତ ଆଲୁମିନିୟମ୍ ପାର୍କ ଅନୁଗୁଳଠାରେ ବିକାଶ କରିବାରେ ବିଫଳ ହୋଇଥିଲା। ଇଡ୍‌କୋ ଆବଶ୍ୟକୀୟ ପରିମାଣର କଞ୍ଚାମାଲର ଉତ୍ସର ବ୍ୟବସ୍ଥା କରିପାରି ନଥିଲା ଏବଂ ଯୌଥ ଉଦ୍ୟୋଗ କମ୍ପାନୀ ବଣ୍ଟନକାରୀଙ୍କ ପାଇଁ ସେମାନଙ୍କର ଶିଳ୍ପସଂସ୍ଥା ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତ୍ତିଭୂମି ବିକାଶ କରିନଥିଲା।

- ଅଧିକୃତ ଜମିର ଉଚ୍ଚଦର, ବିକାଶର ମନ୍ଥର ଗତି ଏବଂ ଉକ୍ତ ସ୍ଥାନରେ ଭିତ୍ତିଭୂମିର ପର୍ଯ୍ୟାପ୍ତ ବିକାଶ ହୋଇନଥିବା ହେତୁ ଡେରାସ୍ ସି ଫୁଡ୍ ପାର୍କ ବିକାଶରେ ଇଡ୍‌କୋ ଦ୍ୱାରା ବିଳମ୍ବ ହୋଇଥିଲା।

- ବାଧାବିଘ୍ନ ଥିବା ଜମିକୁ ଇଡ୍‌କୋ ବାଧାହୀନ ଦର୍ଶାଇ ପାରାଦୀପ ଠାରେ ଭାରତ ସରକାରଙ୍କ ପ୍ରାୟୋଜିତ ଏକ ପ୍ଲାଷ୍ଟିକ ପାର୍କ ସ୍ଥାପନ କରିବା ପାଇଁ ଏକ ଏସ୍‌ପିଭି ଗଠନ କରି ଅନୁମୋଦନ ହାସଲ କରିବା ସହ ପାଣ୍ଠି ହାସଲ କରିଥିଲା। ଜମିର ପ୍ରତିବନ୍ଧକ ଏବଂ ଜମିର ଆବଶ୍ୟକ ଭିତ୍ତିଭୂମିର ବିକାଶ ନହେବାରୁ ସାତ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରିତାରେ ବିଳମ୍ବିତ ହୋଇ ଚାଲିଛି।

- ଜମି ବିବାଦର ସମାଧାନ ନହେବାରୁ ଖୋର୍ଦ୍ଧା ଠାରେ ଏକ ଇଲେକ୍ଟ୍ରୋନିକ୍ ଉତ୍ପାଦକ କ୍ଲଷ୍ଟର ହୋଇପାରିଲା ନାହିଁ।

- ଯେହେତୁ ଇଡ୍‌କୋ ଆବଶ୍ୟକ ଜମି ହାସଲ କରିପାରିଲା ନାହିଁ ତେଣୁ ଜମି ବ୍ୟବହାରର ମୁଖ୍ୟ ଯୋଜନା ଚୂଡାନ୍ତ ହୋଇପାରିଲା ନାହିଁ, ଯାହା ଦ୍ୱାରା ପିସିପିଆଇଆର ପ୍ରକଳ୍ପ ପ୍ରାରମ୍ଭ ହୋଇପାରିଲା ନାହିଁ।

***(ଅନୁଚ୍ଛେଦ 5.9.1 to 5.9.5)***

## 6. ଅନୁପାଳନ ସମୀକ୍ଷା ମନ୍ତବ୍ୟ (ଅଣ-ଶକ୍ତିକ୍ଷେତ୍ର)

ଏହି ଅଧ୍ୟାୟରେ ଅନ୍ତର୍ଭୁକ୍ତ ଅନୁପାଳନ ସମୀକ୍ଷା ମନ୍ତବ୍ୟ ଗୁଡିକ ଆର୍ଥିକ ପ୍ରଭାବ ସହିତ ପିଏସ୍‌ୟୁ ଗୁଡିକର ପରିଚାଳନା ଅଭାବକୁ ଦର୍ଶାଏ। ସୂଚିତ ହୋଇଥିବା ଅନିୟମିତତା ନିମ୍ନରେ ପ୍ରଦାନ କରାଗଲା:

ହଦଗଡ଼ ଅଭୟାରଣ୍ୟ ଏବଂ ଏହାର ଏକ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ଖଣିକାର୍ଯ୍ୟ ପାଇଁ ଅନୁପଯୋଗୀ ଜମିର ବିଳମ୍ବରେ ଫେରସ୍ତ ଯୋଗୁ ଓଡ଼ିଶା ଖଣି ନିଗମ ଲିମିଟେଡ୍ ଦ୍ୱାରା ଏନ୍‌ପିଭି ଏବଂ ଅଚଳ ଭଡ଼ା ବାବଦରେ 65.21 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା।

***(ଅନୁଚ୍ଛେଦ 6.1)***

ଓଡ଼ିଶା ଖନି ନିଗମ ଲିମିଟେଡ୍ ଦ୍ୱାରା ଖଣିଜ ପଦାର୍ଥ ପରିବହନ ବୃଦ୍ଧି ଜନିତ ମୂଲ୍ୟର ଭୁଲ ନିରୁପଣ ହେତୁ 0.73 କୋଟି ଟଙ୍କାର ଅପରିହାର୍ଯ୍ୟ ବ୍ୟୟ ହୋଇଥିଲା।

***(ଅନୁଚ୍ଛେଦ 6.2)***

ଆକାରୀକୃତ କାଲିବ୍ରେଟେଡ୍ ଖଣିଜ ଖଣ୍ଡ ଉତ୍ପାଦନରେ ବିଫଳତା ଏବଂ ଇଡ୍‌କଲ କଳିଙ୍ଗ ଆଇରନ୍ କାରଖାନା ଲିମିଟେଡ ଦ୍ୱାରା ପରବର୍ତ୍ତୀକାଳିନ ଖଣିଜ ଖଣ୍ଡ ବିକ୍ରୟ ଦ୍ୱାରା 7.56 କୋଟି ଟଙ୍କାର କ୍ଷତି ହୋଇଥିଲା।

***(ଅନୁଚ୍ଛେଦ 6.3)***

ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ନିବେଶ ନିଗମ ଲିମିଟେଡ୍ ଦ୍ୱାରା ଅନୁଚିତ ପାଣ୍ଠି ପରିଚାଳନା ହେତୁ ସୁଧ ବାବଦରେ 5.58 କୋଟି ଟଙ୍କାର କ୍ଷତି ହୋଇଥିଲା।

***(ଅନୁଚ୍ଛେଦ 6.4)***

ଇଡ୍‌କଲ ଫେରୋକ୍ରୋମ୍ ଏବଂ ଆଲୋଏଜ୍ ଲିମିଟେଡ୍ ଦ୍ୱାରା କମ୍ ମୂଲ୍ୟରେ କ୍ରୋମ୍ ଖଣିଜ ପଦାର୍ଥ ବିକ୍ରୟ ହେତୁ 0.99 କୋଟି ଟଙ୍କା କ୍ଷତି ହୋଇଥିଲା।

***(ଅନୁଚ୍ଛେଦ 6.5)***

# ଅଧ୍ୟାୟ-I

# ଉପକ୍ରମ

# ଅଧ୍ୟାୟ-I

## ଉପକ୍ରମ

## ରାଜ୍ୟ ସରକାରୀ ଉଦ୍ୟୋଗଗୁଡ଼ିକର କାର୍ଯ୍ୟକ୍ରମ

## ସାଧାରଣ

**1.1** ରାଜ୍ୟ ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମଗୁଡ଼ିକୁ ନେଇ ରାଜ୍ୟ ସରକାରୀ ଉଦ୍ୟୋଗ (ପିଏସ୍‌ୟୁ) ଗଠିତ। ଜନସାଧାରଣଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ବାଣିଜ୍ୟିକ କାର୍ଯ୍ୟକଳାପ କରିବା ପାଇଁ ରାଜ୍ୟ ସରକାରୀ ଉଦ୍ୟୋଗଗୁଡ଼ିକର ସ୍ଥାପନା କରାଯାଇଛି ଏବଂ ଓଡ଼ିଶାର ଅର୍ଥନୀତିରେ ରାଜ୍ୟ ପିଏସ୍‌ୟୁଗୁଡ଼ିକ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। 31 ମାର୍ଚ୍ଚ 2019 ସୁଦ୍ଧା, ଓଡ଼ିଶାରେ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି)ଙ୍କ ସମୀକ୍ଷା ପରିସରଭୁକ୍ତ ଥିବା 82ଟି ପିଏସ୍‌ୟୁ ଥିଲା ଯାହା ମଧ୍ୟରେ ତିନୋଟି[1] ବୈଧାନିକ ନିଗମ ଏବଂ 79ଟି ସରକାରୀ କମ୍ପାନୀ (26ଟି ନିଷ୍କ୍ରିୟ ସରକାରୀ କମ୍ପାନୀ[2] ଅନ୍ତର୍ଭୁକ୍ତ) । ଏଥିମଧ୍ୟରୁ କେବଳ ଗ୍ରୀଡ୍‌କୋ ଲିମିଟେଡ୍ ତାହାର ଋଣ ଅମାନତକୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ କରିଥିଲା। 2018-19 ବର୍ଷ ମଧ୍ୟରେ, ଗୋଟିଏ ନୂତନ ପିଏସ୍‌ୟୁ[3] ସିଏଜିଙ୍କର ସମୀକ୍ଷା ଅଧିନକୁ ଆସିଥିଲା।

**1.2** 30 ସେପ୍ଟେମ୍ବର 2019 ସୁଦ୍ଧା ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ପିଏସ୍‌ୟୁଗୁଡ଼ିକର ଆର୍ଥିକ ପ୍ରଦର୍ଶନ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ହୋଇଛି। ପିଏସ୍‌ୟୁଗୁଡ଼ିକର ପ୍ରକାର ଏବଂ ହିସାବର ସ୍ଥିତି ନିମ୍ନ ସାରଣୀରେ ସୂଚିତ କରାଯାଇଛି:

**ସାରଣୀ 1.1: ପ୍ରତିବେଦନରେ ଅନ୍ତର୍ଭୁକ୍ତ ପିଏସ୍‌ୟୁର ପ୍ରକାର**

| ପିଏସ୍‌ୟୁର ପ୍ରକାର | ମୋଟ ସଂଖ୍ୟା | ପ୍ରତିବେଦିତ ଅବଧିରେ ହିସାବ ପ୍ରାପ୍ତ ହୋଇଥିବା ପିଏସ୍‌ୟୁ ଗୁଡ଼ିକର ସଂଖ୍ୟା[4] | | | | 30 ସେପ୍ଟେମ୍ବର 2019 ସୁଦ୍ଧା ହିସାବ ବକେୟା ଥିବା ପିଏସ୍‌ୟୁଗୁଡ଼ିକର ସଂଖ୍ୟା (ବକେୟା ଥିବା ମୋଟ ହିସାବ) |
|---|---|---|---|---|---|---|
| | | 2018-19 ପର୍ଯ୍ୟନ୍ତ ହିସାବ | 2017-18 ପର୍ଯ୍ୟନ୍ତ ହିସାବ | 2016-17 ପର୍ଯ୍ୟନ୍ତ ହିସାବ | ମୋଟ୍ | |
| କାର୍ଯ୍ୟକ୍ଷମ ସରକାରୀ କମ୍ପାନୀ | 53 | 17 | 22 | 05 | 44 | 36 (65) |
| ବୈଧାନିକ ନିଗମ | 3 | 01 | 01 | 1 | 03 | 02 (03) |
| **ମୋଟ କାର୍ଯ୍ୟକ୍ଷମ ପିଏସ୍‌ୟୁ** | **56** | **18** | **23** | **06** | **47** | **38 (68)** |
| ନିଷ୍କ୍ରିୟ ସରକାରୀ କମ୍ପାନୀ | 26 | 0 | 0 | 0 | 0 | 26 (770) |
| **ମୋଟ୍** | **82** | **18** | **23** | **06** | **47** | **64 (838)** |

*(ଉତ୍ସ: ପିଏସ୍‌ୟୁଗୁଡ଼ିକରୁ ପ୍ରାପ୍ତ ହିସାବ ଓ ମହାଲେଖାକାର କାର୍ଯ୍ୟାଳୟରେ ନିଷ୍କ୍ରିୟ ପିଏସ୍‌ୟୁମାନଙ୍କର ଉପଲବ୍ଧ ତଥ୍ୟାବଳୀ ଆଧାରରେ ସଙ୍କଳିତ)*

କାର୍ଯ୍ୟରତ ପିଏସ୍‌ୟୁଗୁଡ଼ିକ 30 ସେପ୍ଟେମ୍ବର 2019 ସୁଦ୍ଧା ସେମାନଙ୍କର ସର୍ବଶେଷ ଚୂଡ଼ାନ୍ତ ହିସାବ ଅନୁଯାୟୀ ବାର୍ଷିକ 27,103.37 କୋଟି ଟଙ୍କାର କାରବାର କରିଥିଲେ। ଏହି କାରବାର 2018-19 ବର୍ଷ ପାଇଁ ହୋଇଥିବା ରାଜ୍ୟର ମୋଟ ଘରୋଇ ଉତ୍ପାଦ (ଜିଡିପି) 4,86,003.80 କୋଟି ଟଙ୍କାର 5.58 ପ୍ରତିଶତ ଥିଲା। କାର୍ଯ୍ୟରତ ପିଏସ୍‌ୟୁଗୁଡ଼ିକ ସେମାନଙ୍କର ସର୍ବଶେଷ ଚୂଡ଼ାନ୍ତ ହିସାବ ଅନୁଯାୟୀ 832.26 କୋଟି ଟଙ୍କାର ଲାଭ କରିଛନ୍ତି। ମାର୍ଚ୍ଚ 2019 ସୁଦ୍ଧା, ରାଜ୍ୟ ପିଏସ୍‌ୟୁଗୁଡ଼ିକରେ ପାଖାପାଖି 16,000 କର୍ମଚାରୀ ନିୟୋଜିତ ଥିଲେ। ପାଞ୍ଚ ବର୍ଷରୁ 53 ବର୍ଷ ପର୍ଯ୍ୟନ୍ତ ନିଷ୍କ୍ରିୟ ଥିବା 26ଟି ପିଏସ୍‌ୟୁରେ 95.96 କୋଟି ଟଙ୍କା (ମୂଳଧନ 65.30 କୋଟି ଟଙ୍କା) ନିବେଶ କରାଯାଇଥିଲା ଏବଂ ଦୀର୍ଘକାଳୀନ ଋଣ

---

1 ଓଡ଼ିଶା ରାଜ୍ୟ ଅର୍ଥ ନିଗମ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଏବଂ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ।

2 କାର୍ଯ୍ୟ କରିବା ବନ୍ଦ କରିଦେଇଥିବା କମ୍ପାନୀଗୁଡ଼ିକୁ ନିଷ୍କ୍ରିୟ ପିଏସ୍‌ୟୁ କୁହାଯାଏ।

3 ଜେଡ୍‌କୋଲ ସେଲ ବିଦ୍ୟୁତ ନିଗମ ଲିମିଟେଡ୍।

4 ଅକ୍ଟୋବର 2018ରୁ ସେପ୍ଟେମ୍ବର 2019।

(30.66 କୋଟି ଟଙ୍କା) । ନିଷ୍କ୍ରିୟ ପିଏସ୍‌ୟୁଗୁଡିକ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେଉ ନଥିବାରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ।

## ଦାୟିତ୍ୱାଧୀନତା ଢାଞ୍ଚା

**1.3** ସରକାରୀ କମ୍ପାନୀଗୁଡିକର ସମୀକ୍ଷା ପ୍ରକ୍ରିୟା କମ୍ପାନୀ ଅଧିନିୟମ, 2013ର ଧାରା 139 ଏବଂ 143ରେ ଧାର୍ଯ୍ୟ କରାଯାଇଛି । ଏହି ଅଧିନିୟମ ଧାରା 2(45) ଅନୁଯାୟୀ କୌଣସି କମ୍ପାନୀରେ ସମାଦତ୍ତ ପୁଞ୍ଜିର ଅନ୍ୟୁନ 51 ପ୍ରତିଶତ ଯଦି କେନ୍ଦ୍ର ସରକାରଙ୍କ ଦ୍ୱାରା ନତୁବା ରାଜ୍ୟ ସରକାର/ ସରକାରମାନଙ୍କ ଦ୍ୱାରା ବା କିଛି ଅଂଶ କେନ୍ଦ୍ର ସରକାରଙ୍କ ଦ୍ୱାରା ଏବଂ କିଛି ଅଂଶ ଗୋଟିଏ କମ୍ବା ଅଧିକ ରାଜ୍ୟ ସରକାରମାନଙ୍କ ଦ୍ୱାରା ନିବେଶିତ ହୋଇଥାଏ, ତେବେ ସେହି କମ୍ପାନୀକୁ ସରକାରୀ କମ୍ପାନୀ କୁହାଯାଏ ଏବଂ ଏହି କମ୍ପାନୀଗୁଡିକର ସହାୟକ କମ୍ପାନୀ ମଧ ସରକାରୀ କମ୍ପାନୀ ଅଟେ। ଏହା ବ୍ୟତୀତ ଅନ୍ୟ କୌଣସି କମ୍ପାନୀର ମାଲିକାନା କିମ୍ବା ନିୟନ୍ତ୍ରଣ ଯଦି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ, କେନ୍ଦ୍ର ସରକାର କିମ୍ବା କୌଣସି ରାଜ୍ୟ ସରକାର/ସରକାରମାନଙ୍କ କିମ୍ବା ଆଂଶିକ କେନ୍ଦ୍ର ସରକାର ଏବଂ ଆଂଶିକ ଗୋଟିଏ କିମ୍ବା ଅଧିକ ରାଜ୍ୟ ସରକାରମାନଙ୍କ ନିକଟରେ ଥାଏ, ଏହି ପ୍ରତିବେଦନରେ ସେଗୁଡିକୁ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଭାବରେ ଉଲ୍ଲେଖ କରାଯାଇଛି ।

କମ୍ପାନୀ ଅଧିନିୟମ, 2013ର ଧାରା 139(5) ଏବଂ (7) ଅନୁଯାୟୀ ଏକ ସରକାରୀ କମ୍ପାନୀ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀର ବୈଧାନିକ ସମୀକ୍ଷକଙ୍କୁ ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି) ନିଯୁକ୍ତି ଦିଅନ୍ତି । କମ୍ପାନୀ ଅଧିନିୟମ, 2013ର ଧାରା 139(5) ଅନୁଯାୟୀ ସରକାରୀ କମ୍ପାନୀ କିମ୍ବା ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ କ୍ଷେତ୍ରରେ ବୈଧାନିକ ସମୀକ୍ଷକଙ୍କୁ ଆର୍ଥିକ ବର୍ଷ ଆରମ୍ଭରୁ 180 ଦିନ ମଧରେ ସିଏଜିଙ୍କ ଦ୍ୱାରା ନିଯୁକ୍ତି ଦିଆଯିବ। କମ୍ପାନୀ ଅଧିନିୟମ, 2013ର ଧାରା 139(7) ଅନୁଯାୟୀ ଏକ ସରକାରୀ କମ୍ପାନୀ କିମ୍ବା ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ କ୍ଷେତ୍ରରେ, ପ୍ରଥମ ସମୀକ୍ଷକ କମ୍ପାନୀ ପଞ୍ଜିକରଣ ହେବାର 60 ଦିନ ମଧରେ ସିଏଜିଙ୍କ ଦ୍ୱାରା ନିଯୁକ୍ତ ହେବେ ଏବଂ ସିଏଜି ଯଦି ଉକ୍ତ ଅବଧି ମଧରେ ଏପରି ସମୀକ୍ଷକ ନିଯୁକ୍ତି ନକରନ୍ତି ତେବେ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ କିମ୍ବା କମ୍ପାନୀର ସଦସ୍ୟମାନଙ୍କୁ ଏହି ସମୀକ୍ଷକ ନିଯୁକ୍ତି କରିବାକୁ ପଡିବ।

ପୁନଶ୍ଚ, କମ୍ପାନୀ ଅଧିନିୟମ, 2013ର ଧାରା 143ର ଉପଧାରା 7 ଅନୁଯାୟୀ, ସିଏଜି ଯଦି ଉଚିତ୍ ଭାବନ୍ତି ତେବେ ଧାରା 139ର ଉପଧାରା 5 ବା ଉପଧାରା 7 ଅନ୍ତର୍ଭୁକ୍ତ କମ୍ପାନୀଗୁଡିକର ବାର୍ଷିକ ହିସାବର ନମୁନା ଯାଞ୍ଚ ପାଇଁ ଆଦେଶ ଦେଇପାରିବେ ଏବଂ ଏହି ନମୁନା ଯାଞ୍ଚରେ ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କର (କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତ) 1971ର ଧାରା 19କ ଲାଗୁ ହୋଇଥିଲା। ତେଣୁ, ଏକ ସରକାରୀ କମ୍ପାନୀ କିମ୍ବା ଅନ୍ୟ କୌଣସି କମ୍ପାନୀର ମାଲିକାନା କିମ୍ବା ନିୟନ୍ତ୍ରଣ ଯଦି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ, କେନ୍ଦ୍ର ସରକାର କିମ୍ବା କୌଣସି ରାଜ୍ୟ ସରକାର କିମ୍ବା ସରକାରଗୁଡିକ କିମ୍ବା ଆଂଶିକ କେନ୍ଦ୍ର ସରକାର ଏବଂ ଆଂଶିକ ଏକ ବା ଅକାଧିକ ରାଜ୍ୟ ସରକାରଙ୍କ ନିକଟରେ ଥାଏ, ତେବେ ତାହା ସିଏଜିଙ୍କ ସମୀକ୍ଷା ଅଧୀନରେ ରହିବ।

31 ମାର୍ଚ୍ଚ 2014 କିମ୍ବା ତା ପୂର୍ବରୁ ଆରମ୍ଭ ହୋଇଥିବା ଆର୍ଥିକ ବର୍ଷ ପାଇଁ କମ୍ପାନୀର ଆର୍ଥିକ ବିବରଣର ସମୀକ୍ଷା କମ୍ପାନୀ ଅଧିନିୟମ, 1956ର ପ୍ରାବଧାନ ଅନୁସାରେ ହୋଇଥାଏ।

### *ବୈଧାନିକ ସମୀକ୍ଷା*

**1.4** ସରକାରୀ କମ୍ପାନୀ (ଯାହା କମ୍ପାନୀ ଅଧିନିୟମ, 2013 ର ଧାରା 2(45) ରେ ବର୍ଣ୍ଣିତ ହୋଇଅଛି) ଗୁଡିକ ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ସମୀକ୍ଷା କରାଯାଇଥାଏ। ବୈଧାନିକ ସମୀକ୍ଷକମାନେ କମ୍ପାନୀ ଅଧିନିୟମ 2013 ର ଧାରା 139(5) କିମ୍ବା (7) ଅନୁସାରେ ସିଏଜିଙ୍କ ଦ୍ୱାରା ନିଯୁକ୍ତ ହୋଇଥାନ୍ତି । ବୈଧାନିକ ସମୀକ୍ଷକମାନେ ସେମାନଙ୍କର ସମୀକ୍ଷା ପ୍ରତିବେଦନରେ ଏକ ପ୍ରତିଲିପି ସିଏଜିଙ୍କୁ ଦିଅନ୍ତି । ଏହି ପ୍ରତିବେଦନରେ ଅନ୍ୟାନ୍ୟ ଲେଖା ସହିତ କମ୍ପାନୀ ଅଧିନିୟମ, 2013 ର 143(5) ଧାରା ଅନୁସାରେ ବାର୍ଷିକ ଲେଖା ବିବରଣୀ ରହିଥାଏ। ଏହି ବାର୍ଷିକ ଲେଖା ବିବରଣୀ ସିଏଜିଙ୍କ ଅନୁପୁରକ ସମୀକ୍ଷା ସାପେକ୍ଷ ଅଟେ, ଯାହା କମ୍ପାନୀ ଅଧିନିୟମ, 2013 ର ଧାରା 143(6) ଅନୁସାରେ ସିଏଜି ସମୀକ୍ଷା ପ୍ରତିବେଦନ ପାଇବାର 60 ଦିନ ମଧରେ କରିଥାନ୍ତି । ବୈଧାନିକ ନିଗମଗୁଡିକର ସମୀକ୍ଷା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ

ଦ୍ୱାରା ନିୟନ୍ତ୍ରିତ। ତିନୋଟି ବୈଧାନିକ ନିଗମ ମଧ୍ୟରୁ ଓଡିଶା ରାଜ୍ୟ ସଡକ ପରିବହନ ନିଗମ ପାଇଁ ସିଏଜି ଏକମାତ୍ର ସମୀକ୍ଷକ ଅଟନ୍ତି । ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ଏବଂ ଓଡିଶା ରାଜ୍ୟ ଆର୍ଥିକ ନିଗମ ସମ୍ବନ୍ଧରେ ସମୀକ୍ଷା ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଏବଂ ଅନୁପୂରକ ସମୀକ୍ଷା ସିଏଜିଙ୍କ ଦ୍ୱାରା କରାଯାଏ।

## ପିଏସ୍ୟୁଗୁଡିକ ଦ୍ୱାରା ହିସାବ ଦାଖଲ

### 1.5 *ସମୟାନୁବର୍ତ୍ତୀ ଚୂଡାନ୍ତକରଣ ଏବଂ ଦାଖଲର ଆବଶ୍ୟକତା*

କମ୍ପାନୀ ଅଧିନିୟମ, 2013ର ଧାରା 394 ଏବଂ 395 ଅନୁଯାୟୀ, ଏକ ସରକାରୀ କମ୍ପାନୀର କାର୍ଯ୍ୟ ଓ ଘଟଣାବଳୀର ବାର୍ଷିକ ପ୍ରତିବେଦନ, ଏହାର ବାର୍ଷିକ ସାଧାରଣ ବୈଠକ(ଏଜିଏମ୍)ର ତିନିମାସ ମଧ୍ୟରେ ପ୍ରସ୍ତୁତ ହେବ ଏବଂ ଏହା ପ୍ରସ୍ତୁତ ହେବା ପରେ ଯଥାଶୀଘ୍ର ସମୀକ୍ଷା ପ୍ରତିବେଦନର ଏକ ନକଲ ଏବଂ ସିଏଜିଙ୍କ ଦ୍ୱାରା ପ୍ରସ୍ତୁତ ସମୀକ୍ଷା ପ୍ରତିବେଦନ ଉପରେ କୌଣସି ମନ୍ତବ୍ୟ ସହିତ ରାଜ୍ୟ ବିଧାନସଭାର ଗୃହ କିମ୍ବା ଉଭୟ ଗୃହରେ ଏକତ୍ର ଉପସ୍ଥାପନ କରାଯିବ। ବୈଧାନିକ ନିଗମକୁ ନିୟନ୍ତ୍ରଣ କରୁଥିବା ସମ୍ପୃକ୍ତ ଆଇନଗୁଡିକରେ ପ୍ରାୟ ସମାନ ବ୍ୟବସ୍ଥା ବିଦ୍ୟମାନ। ଏହି ପ୍ରକ୍ରିୟା ରାଜ୍ୟର ଏକତ୍ରୀକୃତ ନିଧିରୁ କମ୍ପାନୀଗୁଡିକରେ ବିନିଯୋଗ ହୋଇଥିବା ସରକାରୀ ପାଣ୍ଠିର ଉପଯୋଗ ଉପରେ ଆବଶ୍ୟକୀୟ ଆଇନଗତ ନିୟନ୍ତ୍ରଣ ପ୍ରଦାନ କରିଥାଏ। କମ୍ପାନୀ ଅଧିନିୟମ, 2013ର ଧାରା 96 ଅନୁସାରେ ପ୍ରତ୍ୟେକ କମ୍ପାନୀକୁ ପ୍ରତ୍ୟେକ କ୍ୟାଲେଣ୍ଡର ବର୍ଷରେ ଥରେ ଅଂଶୀଦାରମାନଙ୍କ ଏଜିଏମ୍ କରିବାକୁ ହେବ। ଏହା ମଧ୍ୟ କୁହାଯାଇଛି ଯେ ଗୋଟିଏ ଏଜିଏମ୍ ତାରିଖ ଏବଂ ପରବର୍ତ୍ତୀ ଏଜିଏମ୍ ତାରିଖ ମଧ୍ୟରେ ବ୍ୟବଧାନ 15 ମାସରୁ ଅଧିକ ହେବ ନାହିଁ। ଅଧିକନ୍ତୁ, କମ୍ପାନୀ ଅଧିନିୟମ, 2013ର ଧାରା 129 ଧାର୍ଯ୍ୟ କରିଛି ଯେ ଆର୍ଥିକ ବର୍ଷ ପାଇଁ ସମୀକ୍ଷା ହୋଇଥିବା ଆର୍ଥିକ ବିବରଣୀକୁ ସେମାନଙ୍କ ବିଚାର ପାଇଁ ଉକ୍ତ ଏଜିଏମ୍‌ରେ ରଖିବାକୁ ହେବ। କମ୍ପାନୀ ଅଧିନିୟମ, 2013ର ଧାରା 129(7)ରେ କମ୍ପାନୀ ଅଧିନିୟମ, 2013ର ଧାରା 129ର ନିୟମାବଳୀକୁ ପାଳନ ନକରିବା ପାଇଁ ଦାୟୀ ଥିବା କମ୍ପାନୀର ନିର୍ଦ୍ଦେଶକଙ୍କ ସମେତ ଅନ୍ୟ ବ୍ୟକ୍ତି ବିଶେଷଙ୍କଠାରୁ ଜୋରିମାନା ଆଦାୟ ତଥା କାରାବାସ ପାଇଁ ବ୍ୟବସ୍ଥା କରାଯାଇଛି।

### *ସରକାର ଏବଂ ବିଧାନମଣ୍ଡଳର ଭୂମିକା*

**1.6** ରାଜ୍ୟ ସରକାର ପ୍ରଶାସନିକ ବିଭାଗ ମାଧ୍ୟମରେ ପିଏସ୍ୟୁଗୁଡିକୁ ନିୟନ୍ତ୍ରଣ କରନ୍ତି। ପିଏସ୍ୟୁଗୁଡିକର ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ନିର୍ଦ୍ଦେଶକ ମଣ୍ଡଳୀର ନିର୍ଦ୍ଦେଶକମାନଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତି କରାଯାଇଥାଏ। ରାଜ୍ୟ ବିଧାନସଭା ମଧ୍ୟ ପିଏସ୍ୟୁଗୁଡିକର ସରକାରୀ ନିବେଶର ହିସାବ ଓ ବିନିଯୋଗର ପର୍ଯ୍ୟାଲୋଚନା କରିଥାନ୍ତି। ଏଥିପାଇଁ କମ୍ପାନୀଗୁଡିକ କମ୍ପାନୀ ଅଧିନିୟମ, 2013ର ଧାରା 394 ଏବଂ ବୈଧାନିକ ନିଗମଗୁଡିକ ସେମାନଙ୍କର ସମ୍ପୃକ୍ତ ନିୟମ ଅନୁସାରେ, ରାଜ୍ୟ ବିଧାନସଭାରେ ସେମାନଙ୍କର ବାର୍ଷିକ ବବରଣୀ ସହିତ ବୈଧାନିକ ସମୀକ୍ଷା ପ୍ରତିବେଦନ, ସିଏଜିଙ୍କ ଟିପ୍ପଣୀ ଏବଂ ବୈଧାନିକ ନିଗମଗୁଡିକ ପାଇଁ ପୃଥକ ଲେଖା ପରୀକ୍ଷା ପ୍ରତିବେଦନ ଉପସ୍ଥାପନ କରନ୍ତି। ସିଏଜିଙ୍କର ସମୀକ୍ଷା ପ୍ରତିବେଦନଗୁଡିକ ସିଏଜିଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତ) ଅଧିନିୟମ, 1971ର ଧାରା 19କ ଅନୁସାରେ ସରକାରଙ୍କୁ ଦିଆଯାଇଥାଏ।

## ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକରେ ଓଡିଶା ସରକାରଙ୍କ ଦ୍ୱାରା ବିନିଯୋଗ

**1.7** ପିଏସ୍ୟୁଗୁଡିକରେ ଓଡିଶା ସରକାର(ଜିଓଓ)ଙ୍କ ଆର୍ଥିକ ଅଂଶ ମୁଖ୍ୟତଃ ତିନି ପ୍ରକାରର:

- **ଅଂଶଧନ ଏବଂ ଋଣ** – ଅଂଶଧନ ଦେବା ସହିତ ଓଡିଶା ସରକାର ସମୟ ସମୟରେ ପିଏସ୍ୟୁଗୁଡିକୁ ଋଣ ଆକାରରେ ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି।
- **ସ୍ୱତନ୍ତ୍ର ଆର୍ଥିକ ସହାୟତା** – ଓଡିଶା ସରକାର ଆୟ ବ୍ୟୟ ଅଟକଳ ମାଧ୍ୟମରେ ଅନୁଦାନ ଏବଂ ସବ୍‌ସିଡି ଆକାରରେ ରାଜ୍ୟ ପିଏସ୍ୟୁଗୁଡିକୁ ଦରକାର ସମୟରେ ଆର୍ଥିକ ସହାୟତା ଯୋଗାଇଥାନ୍ତି।
- **ପ୍ରତିଶ୍ରୁତିବଦ୍ଧତା** – ଆର୍ଥିକ ସଂସ୍ଥାମାନଙ୍କଠାରୁ ନିଆଯାଇଥିବା ଋଣ ଏବଂ ସେଗୁଡିକର ସୁଧ ପରିଶୋଧ ପାଇଁ ରାଜ୍ୟ ସରକାର ରାଜ୍ୟ ପିଏସ୍ୟୁଗୁଡିକୁ ପ୍ରତିଶ୍ରୁତି ଦେଇଥାନ୍ତି।

**1.8** 31 ମାର୍ଚ୍ଚ 2019 ସୁଦ୍ଧା ରାଜ୍ୟ ପିଏସ୍ୟୁଗୁଡିକରେ କ୍ଷେତ୍ର-ୱାରୀ ନିବେଶ କରାଯାଇଥିବା ପୁଞ୍ଜିର ସବିଶେଷ ବିବରଣୀ ସାରଣୀ 1.2 ରେ ଦର୍ଶାଗଲା:

**ସାରଣୀ 1.2: ପିଏସ୍ୟୁଗୁଡିକରେ କ୍ଷେତ୍ର-ୱାରୀ ନିବେଶ**

| କ୍ଷେତ୍ରର ନାମ | ସରକାରୀ କମ୍ପାନୀ | | ବୈଧାନିକ ନିଗମ | | ମୋଟ୍ | ନିବେଶ[5] (ଟଙ୍କା କୋଟିରେ) | | |
|---|---|---|---|---|---|---|---|---|
| | କାର୍ଯ୍ୟରତ | ନିଷ୍କ୍ରିୟ | କାର୍ଯ୍ୟରତ | ନିଷ୍କ୍ରିୟ | | ସାଧାରଣ ଅଂଶଧନ | ଦୀର୍ଘମିଆଦି ଋଣ | ମୋଟ୍ |
| ଶକ୍ତି | 09 | - | - | - | 09 | 4,048.67 | 11,354.60 | 15,403.27 |
| ଅର୍ଥ | 05 | - | 01 | - | 06 | 582.08 | 570.14 | 1152.22 |
| ସେବା | 07 | 04 | 01 | - | 12 | 259.82 | 15.63 | 275.45 |
| ଭିତ୍ତିଭୂମି | 12 | - | - | - | 12 | 678.31 | 240.05 | 918.36 |
| ଅନ୍ୟାନ୍ୟ | 20 | 22 | 01 | - | 43 | 502.85 | 98.14 | 600.99 |
| **ମୋଟ୍** | **53** | **26** | **03** | **-** | **82** | **6,071.73** | **12,278.56** | **18,350.29** |

*(ଉତ୍ସ: ପିଏସ୍ୟୁରୁ ପ୍ରାପ୍ତ ସୂଚନା ଆଧାରରେ ସଂକଳିତ)*

ଗତ ପାଞ୍ଚ ବର୍ଷ ମଧ୍ୟରେ ପିଏସ୍ୟୁ ବିନିଯୋଗର ଗୁରୁତ୍ୱ ମୁଖ୍ୟତଃ ଶକ୍ତି କ୍ଷେତ୍ରରେ ଥିଲା। 2014-15ରୁ 2018-19 ମଧ୍ୟରେ ହୋଇଥିବା 7,750.38 କୋଟି ଟଙ୍କାର ପୁଞ୍ଜି ନିବେଶରୁ ଶକ୍ତି କ୍ଷେତ୍ରରେ 6,754.77 କୋଟି ଟଙ୍କାର (87.15 ପ୍ରତିଶତ) ପୁଞ୍ଜି ନିବେଶ ହୋଇଥିଲା। 31 ମାର୍ଚ୍ଚ 2015 ଏବଂ 31 ମାର୍ଚ୍ଚ 2019 ଶେଷରେ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ହୋଇଥିବା ନିବେଶ ଚାର୍ଟ 1.1 ରେ ସୂଚିତ କରାଯାଇଛି:

5 ନିବେଶରେ ସାଧାରଣ ଅଂଶଧନ ଏବଂ ଦୀର୍ଘମିଆଦି ଋଣ ଅନ୍ତର୍ଭୁକ୍ତ।

ଚାର୍ଟ **1.1:** ପିଏସ୍‌ୟୁରେ କ୍ଷେତ୍ର-ୱାରୀ ପୁଞ୍ଜି ବିନିଯୋଗ

*(ସଂଖ୍ୟାଗୁଡିକ କୋଟି ଟଙ୍କାରେ)*




ଶକ୍ତି କ୍ଷେତ୍ରରେ ଅପେକ୍ଷାକୃତ ଉଚ୍ଚ ସ୍ତରର ନିବେଶକୁ ଦୃଷ୍ଟିରେ ରଖି ନଅଟି ଶକ୍ତି କ୍ଷେତ୍ରର ପିଏସ୍‌ୟୁର ସମୀକ୍ଷା ଫଳାଫଳ ଏହି ପ୍ରତିବେଦନର ପ୍ରଥମ ଭାଗରେ ଉପସ୍ଥାପିତ ହୋଇଛି ଏବଂ ଅବଶିଷ୍ଟ 73ଟି ରାଜ୍ୟ ପିଏସ୍‌ୟୁ(ଅଣ-ଶକ୍ତି କ୍ଷେତ୍ର)ର ସମୀକ୍ଷା ଫଳାଫଳ ଏହି ପ୍ରତିବେଦନର ଦ୍ୱିତୀୟ ଭାଗରେ ଉପସ୍ଥାପିତ ହୋଇଛି ।

# ଭାଗ-I

# ଅଧ୍ୟାୟ-II

## ଶକ୍ତିକ୍ଷେତ୍ର ପିଏସ୍‌ୟୁଗୁଡିକର କାର୍ଯ୍ୟକ୍ରମ

# ଅଧ୍ୟାୟ -II

## ଶକ୍ତିକ୍ଷେତ୍ର ପିଏସ୍ୟୁଗୁଡିକର କାର୍ଯ୍ୟକ୍ରମ

## 2. ଉପକ୍ରମ

**2.1** ରାଜ୍ୟ ଅର୍ଥନୀତିରେ ଶକ୍ତିକ୍ଷେତ୍ର କମ୍ପାନୀଗୁଡିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ରାଜ୍ୟର ଅର୍ଥନୀତିର ବିକାଶ ପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଇବା ବ୍ୟତୀତ ଏହି କ୍ଷେତ୍ର ରାଜ୍ୟର ମୋଟ ଘରୋଇ ଉତ୍ପାଦ(ଜିଡିପି)ରେ ମଧ୍ୟ ଯଥେଷ୍ଟ ଯୋଗଦାନ କରିଥାଏ। ନିମ୍ନ ସାରଣୀ 2.1ରେ ମାର୍ଚ୍ଚ 2019ରେ ଶେଷ ହେବାକୁ ଥିବା ପାଞ୍ଚ ବର୍ଷ ପାଇଁ ଶକ୍ତିକ୍ଷେତ୍ର ପିଏସ୍ୟୁଗୁଡିକର କାରବାର ଏବଂ ଓଡିଶାର ଜିଏସ୍ଡିପିର ବିବରଣୀ ପ୍ରଦାନ କରାଯାଇଛି:

**ସାରଣୀ 2.1: ଶକ୍ତିକ୍ଷେତ୍ର ଉଦ୍ୟୋଗଗୁଡିକର କାରବାର ଏବଂ ଓଡିଶାର ମୋଟ ଘରୋଇ ଉତ୍ପାଦର ତୁଳନାତ୍ମକ ବିବରଣୀ**

*(ଟଙ୍କା କୋଟିରେ)*

| ବିଶଦ ବିବରଣୀ | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|
| କାରବାର | 8003.66 | 8325.75 | 8530.83 | 9601.63 | 9641.40 |
| ପୂର୍ବ ବର୍ଷ ତୁଳନାରେ କାରବାରର ଶତକଡା ପରିବର୍ତ୍ତନ | -3.54 | 4.02 | 2.46 | 12.55 | 0.41 |
| ଓଡିଶାର ଜିଏସ୍ଡିପି | 3,10,810.24 | 3,32,329.13 | 3,14,363.78 | 4,15,981.68 | 4,86,003.80 |
| ପୂର୍ବ ବର୍ଷ ତୁଳନାରେ ଜିଏସ୍ଡିପିର ଶତକଡା ପରିବର୍ତ୍ତନ | 7.77 | 6.92 | -5.41 | 32.32 | 16.83 |
| ଓଡିଶାର ଜିଏସ୍ଡିପି ତୁଳନାରେ କାରବାରର ଶତକଡା | 2.58 | 2.51 | 2.71 | 2.31 | 1.98 |

***(ଉତ୍ସ: ଶକ୍ତି କ୍ଷେତ୍ର ପିଏସ୍ୟୁଗୁଡିକର କାରବାର ଏବଂ ଓଡିଶା ସରକାରଙ୍କ ଅର୍ଥ ବିଭାଗ ଦ୍ୱାରା ପ୍ରଦତ୍ତ ଜିଏସ୍ଡିପି ସଂଖ୍ୟା ଆଧାରରେ ସଂକଳିତ)***

2014-19 ବର୍ଷ ମଧ୍ୟରେ ଓଡ଼ିଶାର ଜିଏସ୍ଡିପିର ବାର୍ଷିକ ଅଭିବୃଦ୍ଧି[6] 10.99 ଶତକଡା ଥିବାବେଳେ ଶକ୍ତିକ୍ଷେତ୍ର ପିଏସ୍ୟୁ ଗୁଡିକର କାରବାର ସମାନ ଅବଧିରେ 3.05 ଶତକଡା କମ୍ ବାର୍ଷିକ ଅଭିବୃଦ୍ଧି ଅଭିଲିଖିତ କରିଛି। ଏହାଦ୍ୱାରା ଜିଏସ୍ଡିପି ତୁଳନାରେ ଶକ୍ତିକ୍ଷେତ୍ର ପିଏସ୍ୟୁଗୁଡିକର କାରବାର ଶତକଡା 2014-15ରେ 2.58 ଶତକଡାରୁ 2018-19 ରେ 1.98 ଶତକଡାକୁ ହ୍ରାସ ପାଇଛି।

### 2.2 *ଶକ୍ତି କ୍ଷେତ୍ର ପିଏସ୍ୟୁଗୁଡିକର ଗଠନ*

ବିଦ୍ୟୁତ କ୍ଷେତ୍ରରେ ସଂସ୍କାର ଆଣିବାରେ ଓଡିଶା ଭାରତର ପ୍ରଥମ ରାଜ୍ୟ ଥିଲା। ଓଡିଶା ବିଦ୍ୟୁତ୍ ଅଧିନିୟମ, 1995 ସଂସ୍କାରର ମୌଳିକ ଢ଼ାଞ୍ଚା ନିର୍ଦ୍ଧାରଣ କରିଥିଲା ଯାହା 01 ଅପ୍ରେଲ 1996ରୁ ବଳବତ୍ତର ହୋଇଥିଲା। ଏଥିରେ ବିଦ୍ୟୁତ୍ ଉତ୍ପାଦନ, ସଞ୍ଚାରଣ, ବିତରଣ ଏବଂ ଯୋଗାଣର ଯୁକ୍ତିଯୁକ୍ତକରଣ ପାଇଁ ବିଦ୍ୟୁତ୍ ଶିଳ୍ପର ପୁନଃ ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। ଫଳସ୍ୱରୂପ, 01 ଅପ୍ରେଲ 1996 ସୁଦ୍ଧା ଓଡିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ(ଓଏସ୍ଇବି)ର ସମ୍ପତ୍ତି ଏବଂ ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ ହୋଇଥିଲା ଏବଂ ଓଏସ୍ଇବିର ରାଜ୍ୟ ପ୍ରତି ଥିବା ସମସ୍ତ ଋଣ, ମିଳିଥିବା ଆର୍ଥିକ ସାହାଯ୍ୟ ଏବଂ ଦାୟିତ୍ୱ ସମାପ୍ତ ହୋଇଥିଲା।

6 ବାର୍ଷିକ ଚକ୍ରବୃଦ୍ଧିର ହାର [[{(2018-19ର ମୂଲ୍ୟ /2013-14ର ମୂଲ୍ୟ) ^ (1/5 ବର୍ଷ)}-1]*100] ଯେଉଁଠାରେ 2013-14 ବର୍ଷ ପାଇଁ କାରବାର ଏବଂ ଜିଏସ୍ଡିପି ଯଥାକ୍ରମେ 8,297.18 କୋଟି ଟଙ୍କା ଏବଂ 2,88,414.31 କୋଟି ଟଙ୍କା ଥିଲା ।

ଓଏସ୍‌ଇବିର ପୁନଃ ନିର୍ମାଣ କରାଯାଇ ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡିଶା ଲିମିଟେଡ୍ (ଗ୍ରୀଡ୍‌କୋ) ଏବଂ ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଏଚ୍‌ପିସି) ଗଠନ କରାଯାଇଥିଲା। ଗ୍ରୀଡ୍‌କୋ ସଂଚ୍ଚାରଣ ଏବଂ ବିତରଣ ବ୍ୟବସାୟ ଦାୟିତ୍ୱ ନେଇଥିବା ବେଳେ ଓଏଚ୍‌ପିସି ଜଳ ବିଦ୍ୟୁତ୍ ଉତ୍ପାଦନ ବ୍ୟବସାୟ ଦାୟିତ୍ୱ ଗ୍ରହଣ କଲା। ଓଏସ୍‌ଇବିର ମୋଟ ସମ୍ପତ୍ତି ଏବଂ ଦାୟିତ୍ୱ 3,600.10 କୋଟି ଟଙ୍କାରେ ନିର୍ଦ୍ଧାରଣ ହୋଇ ଗ୍ରୀଡ୍‌କୋ (2,395.90 କୋଟି) ଏବଂ ଓଏଚ୍‌ପିସି (1,204.20 କୋଟି) ମଧ୍ୟରେ ବଣ୍ଟନ କରାଯାଇଥିଲା। ମୋଟ ବଣ୍ଟିତ ମୂଲ୍ୟରେ ଗ୍ରୀଡ୍‌କୋର 326.20 କୋଟି ଟଙ୍କା ଏବଂ ଓଏଚ୍‌ପିସିରେ 300 କୋଟି ଟଙ୍କା ସାଧାରଣ ଅଂଶଧନ ଅନ୍ତର୍ଭୁକ୍ତ।

ଏକମାତ୍ର ତାପଜ ବିଦ୍ୟୁତ୍ କମ୍ପାନୀ ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି) ନଭେମ୍ବର 1984ରେ ଏକ ସମ୍ପୂର୍ଣ୍ଣ ମାଲିକାନା ଥିବା ସରକାରୀ କମ୍ପାନୀ ଭାବରେ ପ୍ରତିଷ୍ଠିତ ହୋଇଥିଲା। 1999ର ପ୍ରାରମ୍ଭରେ ଜିଓଓ ଓପିଜିସିରେ ଏହାର 49 ପ୍ରତିଶତ ଅଂଶଧନ ଏକ ଘରୋଇ ନିବେଶକଙ୍କ ସପକ୍ଷରେ ବିନିବେଶ କରିଥିଲା।

ଓଡିଶା ବିଦ୍ୟୁତ ସଂସ୍କାର (ଗ୍ରୀଡ୍‌କୋର ସମ୍ପତ୍ତି, ଦାୟିତ୍ୱ, ଆଇନଗତ ପ୍ରକ୍ରିୟା ଏବଂ କର୍ମଚାରୀବର୍ଗ ବିତରଣ କମ୍ପାନୀଙ୍କୁ ହସ୍ତାନ୍ତର) ନିୟମାବଳୀ, 1998 ପ୍ରଣୟନ ହେବାପରେ, 26 ନଭେମ୍ବର 1998ରୁ ଗ୍ରୀଡ୍‌କୋର ସମ୍ପୂର୍ଣ୍ଣ ମାଲିକାନାରେ ଚାରୋଟି ସହାୟକ କମ୍ପାନୀ ଯଥା- ଓଡିଶା କେନ୍ଦ୍ରୀୟ ବିଦ୍ୟୁତ ଯୋଗାଣ କମ୍ପାନୀ ଲିମିଟେଡ୍, ଓଡିଶା ଉତ୍ତରପୂର୍ବ ବିଦ୍ୟୁତ ଯୋଗାଣ କମ୍ପାନୀ ଲିମିଟେଡ୍, ଓଡିଶା ପଶ୍ଚିମ ବିଦ୍ୟୁତ ଯୋଗାଣ କମ୍ପାନୀ ଲିମିଟେଡ୍ ଏବଂ ଓଡିଶା ଦକ୍ଷିଣ ବିଦ୍ୟୁତ ଯୋଗାଣ କମ୍ପାନୀ ଲିମିଟେଡ୍ ସ୍ଥାପନ କରି ଓଡିଶା ସରକାର ଗ୍ରୀଡ୍‌କୋର କର୍ମଚାରୀବର୍ଗଙ୍କ ସମେତ ବିତରଣ ସମ୍ପତ୍ତିକୁ ହସ୍ତାନ୍ତର କରିଥିଲେ। ପରବର୍ତ୍ତୀ ସମୟରେ ଅପ୍ରେଲ 1999/ ସେପ୍ଟେମ୍ବର 1999ରେ ଗ୍ରୀଡ୍‌କୋର 51 ପ୍ରତିଶତ ଅଂଶଧନ ବିନିବେଶ ସହିତ ସେଗୁଡିକ ଘରୋଇକରଣ କରାଯାଇଥିଲା। ସେମାନେ ବର୍ତ୍ତମାନ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ରୁ ପ୍ରାପ୍ତ ବଣ୍ଟନ ଏବଂ ଖୁଚୁରା ଯୋଗାଣ ଲାଇସେନ୍ସ ଅଧୀନରେ କାର୍ଯ୍ୟ କରୁଛନ୍ତି।

ବିଦ୍ୟୁତ ଅଧିନିୟମ, 2003 ଦ୍ୱାରା ନ୍ୟସ୍ତ କ୍ଷମତା ଅନୁଯାୟୀ, ଓଡିଶା ସରକାର ଓଡିଶା ବିଦ୍ୟୁତ ସଂସ୍କାର (ସଞ୍ଚାରଣ ସମ୍ବନ୍ଧୀୟ କାର୍ଯ୍ୟକଳାପ ହସ୍ତାନ୍ତର) ଯୋଜନା, 2005 ବଳରେ ରାଜ୍ୟ ସଞ୍ଚାରଣ ବ୍ୟବସାୟ ଏକ ନୂତନ ଭାବେ ଗଠିତ କମ୍ପାନୀ ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ ଠାରେ 01 ଅପ୍ରେଲ, 2005ରୁ ନ୍ୟସ୍ତ କରିଥିଲେ। ଓପିଟିସିଏଲ୍ ବର୍ତ୍ତମାନ ରାଜ୍ୟ ସଞ୍ଚାରଣ ୟୁଟିଲିଟି (ଏସ୍‌ଟିୟୁ) ଏବଂ ଷ୍ଟେଟ୍ ଲୋଡ୍ ଡିସପ୍ୟାଚ୍ ସେଣ୍ଟର(ଏସ୍‌ଏଲ୍‌ଡିସି)ର କାର୍ଯ୍ୟ ନିର୍ବାହ କରୁଛି।

ଏହି ଚାରୋଟି କମ୍ପାନୀ ବ୍ୟତୀତ ଅନ୍ୟ ପାଞ୍ଚଟି[7] ଶକ୍ତିକ୍ଷେତ୍ର କମ୍ପାନୀ ଓଡିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ (ଓପିଜିସି)/ ଓଡିଶା ଖଣି ନିଗମ ଲିମିଟେଡ୍ (ଓଏମ୍‌ସି)/ ପାୱାର ଗ୍ରୀଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍(ପିଜିସିଆଇଏଲ୍)/ଓଡ଼ିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ (ଓଏଚ୍‌ପିସି)/ ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍)ର ସହାୟକ/ମିଳିତ ଉଦ୍ୟୋଗ କମ୍ପାନୀ ଭାବରେ ସ୍ଥାପନ (ଜାନୁଆରୀ 2007ରୁ ସେପ୍ଟେମ୍ବର 2018) କରାଯାଇଥିଲା।

ଏହିପରି 31 ମାର୍ଚ୍ଚ 2019 ସୁଦ୍ଧା ରାଜ୍ୟରେ ନଅଟି ଶକ୍ତିକ୍ଷେତ୍ର କମ୍ପାନୀ ଥିଲା। ଏହି ନଅଟି ଶକ୍ତିକ୍ଷେତ୍ର ପିଏସ୍‌ୟୁ ମଧ୍ୟରୁ ତିନୋଟି ପିଏସ୍‌ୟୁ[8] 2018-19 ପର୍ଯ୍ୟନ୍ତ ବ୍ୟବସାୟିକ କାର୍ଯ୍ୟକଳାପ ଆରମ୍ଭ କରିନଥିଲେ।

## ଶକ୍ତି କ୍ଷେତ୍ର ପିଏସ୍‌ୟୁଗୁଡିକର ବିନିବେଶ, ପୁନଃନିର୍ମାଣ ଏବଂ ଘରୋଇକରଣ

**2.3** 2017-18 ବର୍ଷରେ ଶକ୍ତି କ୍ଷେତ୍ର ପିଏସ୍‌ୟୁଗୁଡିକରେ ରାଜ୍ୟ ସରକାରଙ୍କ ଦ୍ୱାରା କୌଣସି ବିନିବେଶ, ପୁନଃନିର୍ମାଣ କିମ୍ବା ଘରୋଇକରଣ କରାଯାଇ ନଥିଲା। ଚିଠି ଲେଖିବା ସତ୍ତ୍ୱେ ରାଜ୍ୟ ସରକାର 2018-19 ମଧ୍ୟରେ ବିନିବେଶ, ପୁନଃନିର୍ମାଣ କିମ୍ବା ଘରୋଇକରଣ ବିଷୟରେ ସୂଚନା ପ୍ରଦାନ କରିନଥିଲେ।

7 ଓଡିଶା ତାପଜ ବିଦ୍ୟୁତ ନିଗମ ଲିମିଟେଡ୍ (ଜାନୁଆରୀ 2007), କଳିଙ୍ଗ ବିଦ୍ୟୁତ୍ ପ୍ରସାରଣ ନିଗମ ପ୍ରାଇଭେଟ୍ ଲିମିଟେଡ୍ (ଡିସେମ୍ବର 2012), ଓଡିଶା ସବୁଜ ଶକ୍ତି ଉନ୍ନୟନ ନିଗମ ଲିମିଟେଡ୍ (ଅପ୍ରେଲ 2013) ଏବଂ ଓଡିଶା କୋଇଲା ଏବଂ ଶକ୍ତି ଲିମିଟେଡ୍ (ଜାନୁଆରୀ 2015) ଏବଂ ଜେଡ୍‌କଲ ସେଲ ଶକ୍ତି ନିଗମ ଲିମିଟେଡ୍ (ସେପ୍ଟେମ୍ବର 2018)।

8 କଳିଙ୍ଗ ବିଦ୍ୟୁତ୍ ପ୍ରସାରଣ ନିଗମ ପ୍ରାଇଭେଟ୍ ଲିମିଟେଡ୍, ଓଡିଶା ତାପଜ ବିଦ୍ୟୁତ ନିଗମ ଲିମିଟେଡ୍ ଏବଂ ଜେଡ୍‌କଲ ସେଲ ଶକ୍ତି ନିଗମ ଲିମିଟେଡ୍।

## ଶକ୍ତି କ୍ଷେତ୍ର ପିଏସ୍ୟୁରେ ନିବେଶ

**2.4** 31 ମାର୍ଚ୍ଚ 2019 ସୁଦ୍ଧା ଶକ୍ତିକ୍ଷେତ୍ର ଉଦ୍ୟୋଗରେ ନିବେଶ (ଭାରତ ସରକାର, ଓଡ଼ିଶା ସରକାର ଏବଂ ଅନ୍ୟ ଆର୍ଥିକ ସଂସ୍ଥା)ର କାର୍ଯ୍ୟ-ଓ୍ୱାରୀ ସାରାଂଶ ସାରଣୀ 2.2 ରେ ଦିଆଗଲା:

**ସାରଣୀ 2.2: ଶକ୍ତିକ୍ଷେତ୍ର ପିଏସ୍ୟୁଗୁଡିକରର କାର୍ଯ୍ୟ-ଓ୍ୱାରୀ ନିବେଶ**

| କାର୍ଯ୍ୟ | ସରକାରୀ ଉଦ୍ୟୋଗ ସଂଖ୍ୟା | ବିନିଯୋଗ (ଟଙ୍କା କୋଟିରେ) | | |
|---|---|---|---|---|
| | | ସାଧାରଣ ଅଂଶଧନ | ଦୀର୍ଘମିଆଦି ଋଣ | ମୋଟ |
| ଶକ୍ତି ଉତ୍ପାଦନ | 5 | 2661.88 | 6466.93 | 9128.81 |
| ଶକ୍ତି ସଂଚରଣ | 2 | 510.18 | 634.30 | 1144.48 |
| ଶକ୍ତି ବିତରଣ | - | - | - | - |
| ଅନ୍ୟାନ୍ୟ[9] | 2 | 876.61 | 4253.37 | 5129.98 |
| **ମୋଟ୍** | **9** | **4048.67** | **11354.60** | **15,403.27** |

*(ଉତ୍ସ: ପିଏସ୍ୟୁରୁ ପ୍ରାପ୍ତ ସୂଚନା ଆଧାରରେ ସଂକଳିତ)*

31 ମାର୍ଚ୍ଚ 2019 ସୁଦ୍ଧା ନଅଟି ଶକ୍ତି କ୍ଷେତ୍ର ଉଦ୍ୟୋଗରେ ମୋଟ ନିବେଶ (ସାଧାରଣ ଅଂଶଧନ ଏବଂ ଦୀର୍ଘମିଆଦି ଋଣ) 15,403.27 କୋଟି ଟଙ୍କା ଥିଲା। ମୋଟ 11,354.60 କୋଟି ଟଙ୍କାର ଦୀର୍ଘମିଆଦି ଋଣ ମଧ୍ୟରୁ 1,186.54 କୋଟି ଟଙ୍କା (10.45 ପ୍ରତିଶତ) ରାଜ୍ୟ ସରକାରଙ୍କଠାରୁ ନିଆଯାଇଥିଲା ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡିକରୁ ଅବଶିଷ୍ଟ 10,168.08 କୋଟି ଟଙ୍କା (89.55 ପ୍ରତିଶତ) ନିଆଯାଇଥିଲା।

2014-15ରୁ 2018-19 ମଧ୍ୟରେ ଚାରୋଟି ହୋଲଡିଂ ଶକ୍ତି କ୍ଷେତ୍ର ପିଏସ୍ୟୁରେ ସାଧାରଣ ଅଂଶଧନ ଏବଂ ଦୀର୍ଘମିଆଦି ଋଣ ଆକାରରେ ରାଜ୍ୟ ସରକାରଙ୍କ ନିବେଶର ବର୍ଷ-ଓ୍ୱାରୀ ସ୍ଥିତି ନିମ୍ନରେ ଦିଆଗଲା:

**ଚାର୍ଟ 2.1: ବର୍ଷ ଶେଷ ସୁଦ୍ଧା ଚାରୋଟି ଶକ୍ତିକ୍ଷେତ୍ର ପିଏସ୍ୟୁରେ ଓଡିଶା ସରକାରଙ୍କ ମୋଟ ନିବେଶ**




9 ଦୁଇଟି ଶକ୍ତିକ୍ଷେତ୍ର ଉଦ୍ୟୋଗ ଅର୍ଥାତ୍ ଗ୍ରୀଡ୍‌କୋ ଲିମିଟେଡ୍ ରାଜ୍ୟ ଭିତରେ ଥିବା ଚାରୋଟି ବିତରଣ କମ୍ପାନୀକୁ ବିଦ୍ୟୁତ୍‌ର ବହୁଳ କ୍ରୟ ଏବଂ ବିକ୍ରୟ ଏବଂ ଦେଶରେ ପଡୋଶୀ ରାଜ୍ୟମାନଙ୍କ ସହ ବଳକା ବିଦ୍ୟୁତର ବ୍ୟବସାୟୀମାନଙ୍କ ଜରିଆରେ ବିନିମୟକୁ ପ୍ରୋତ୍ସାହିତ କରିବାରେ ନିୟୋଜିତ। ଓଡିଶା କୋଇଲା ଏବଂ ଶକ୍ତି ଲିମିଟେଡ୍ କେବଳ ଓଡିଶାର ଝାରସୁଗୁଡାର ବନହରପାଲିର ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ଓପିଜିସିର ବିଦ୍ୟୁତ୍ ବିସ୍ତାର ପ୍ରକଳ୍ପକୁ କୋଇଲା ଯୋଗାଣରେ ନିୟୋଜିତ।

## ଶକ୍ତି କ୍ଷେତ୍ର ପିଏସ୍ୟୁଗୁଡିକୁ ବଜେଟ ସହାୟତା

**2.5** ଓଡିଶା ସରକାର (ଜିଓଓ) ବାର୍ଷିକ ବଜେଟ୍ ମାଧ୍ୟମରେ ବିଭିନ୍ନ ରୂପରେ ଶକ୍ତି କ୍ଷେତ୍ରକୁ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି। ମାର୍ଚ୍ଚ 2019ରେ ସମାପ୍ତ ହେଉଥିବା ଗତବର୍ଷରେ ବଜେଟରୁ ଶକ୍ତି କ୍ଷେତ୍ର ଉଦ୍ୟୋଗକୁ ପ୍ରଦତ୍ତ ସାଧାରଣ ଅଂଶଧନ, ଋଣ, ଅନୁଦାନ/ସବ୍‌ସିଡି, ଋଣ ଛାଡ ଏବଂ ସାଧାରଣ ଅଂଶଧନରେ ରୂପାନ୍ତରିତ ଋଣ ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ ନିମ୍ନରେ ଦିଆଗଲା:

**ସାରଣୀ 2.3: ବର୍ଷ ମଧ୍ୟରେ ଶକ୍ତି କ୍ଷେତ୍ର ଉଦ୍ୟୋଗ ନିମିତ୍ତ ବଜେଟ୍ ସହାୟତାର ବିବରଣୀ**

*(ଟଙ୍କା କୋଟିରେ)*

| ବିଶଦ ବିବରଣୀ[10] | 2015-16 | | 2016-17 | | 2017-18 | | 2018-19 | |
|---|---|---|---|---|---|---|---|---|
| | ପିଏସ୍ୟୁ ସଂଖ୍ୟା | ପରିମାଣ | ପିଏସ୍ୟୁ ସଂଖ୍ୟା | ପରିମାଣ | ପିଏସ୍ୟୁ ସଂଖ୍ୟା | ପରିମାଣ | ପିଏସ୍ୟୁ ସଂଖ୍ୟା | ପରିମାଣ |
| ସାଧାରଣ ଅଂଶଧନ (i) | 1 | 57.00 | 3 | 352.35 | 3 | 557.69 | 3 | 272.42 |
| ପ୍ରଦତ୍ତ ଋଣ (ii) | 1 | 48.75 | 1 | 121.66 | 1 | 20.00 | 1 | 45.48 |
| ପ୍ରଦତ୍ତ ଅନୁଦାନ/ସବ୍‌ସିଡି (iii) | 2 | 967.00 | 1 | 66.90 | 1 | 10.00 | 1 | 10.00 |
| **ମୋଟ ପ୍ରଦତ୍ତ ଅର୍ଥ (i+ii+iii)** | **3#** | **1072.75** | **5** | **540.91** | **4#** | **587.69** | **4#** | **327.90** |
| ଋଣ ପରିଶୋଧ ଛାଡ | 1 | 30.23 | - | - | - | - | | |
| ସାଧାରଣ ଅଂଶଧନରେ ରୂପାନ୍ତରିତ ଋଣ | - | - | - | - | - | - | | |
| ପ୍ରତିଭୂତି ପ୍ରଦାନ[11] | - | - | 1 | 1100 | - | - | 1 | 2350 |
| ପ୍ରତିଭୂତି ପ୍ରତିଶ୍ରୁତି[12] | 2 | 1,343.53 | 1 | 971.18 | 1 | 2,836 | 1 | 4186 |

***(ଉତ୍ସ: ପିଏସ୍ୟୁ ଦ୍ୱାରା ପ୍ରଦତ୍ତ ସୂଚନା ଅନୁଯାୟୀ ସଂକଳିତ)***

2015-16 ରୁ 2018-19 ମଧ୍ୟରେ ପିଏସ୍ୟୁଗୁଡିକ ଦ୍ୱାରା ପ୍ରାପ୍ତ ବଜେଟ୍ ସହାୟତା 327.90 କୋଟି ଟଙ୍କାରୁ 1,072.75 କୋଟି ଟଙ୍କା ମଧ୍ୟରେ ଥିଲା। 2018-19 ବର୍ଷରେ ପ୍ରାପ୍ତ 327.90 କୋଟି ଟଙ୍କାର ବଜେଟ୍ ସହାୟତା ମଧ୍ୟରେ ସାଧାରଣ ଅଂଶଧନ, ଋଣ ଏବଂ ଅନୁଦାନ/ ସବ୍‌ସିଡି ବାବଦରେ ଯଥାକ୍ରମେ 227.42 କୋଟି ଟଙ୍କା, 45.48 କୋଟି ଟଙ୍କା ଏବଂ 10 କୋଟି ଟଙ୍କା ଥିଲା। 2018-19ରେ ଓଡିଶା ସବୁଜ ଶକ୍ତି ଉନ୍ନୟନ ନିଗମ ଲିମିଟେଡ୍(10 କୋଟି ଟଙ୍କା)କୁ ଭିତ୍ତିଭୂମି ସହାୟତା ପାଇଁ ସବ୍‌ସିଡି/ ଅନୁଦାନ ଦିଆଯାଇଥିଲା।

ଓଡିଶା ସରକାର ଭାରତର ସମ୍ବିଧାନର ଧାରା 293(1) ଅନୁଯାୟୀ ପ୍ରତିଭୂତି ପ୍ରଦାନ କରିଥାନ୍ତି ଏବଂ ଓଡିଶା ସରକାରଙ୍କ ନିର୍ଦ୍ଦେଶାବଳୀ (ନଭେମ୍ବର 2002) ଅନୁଯାୟୀ ପିଏସ୍ୟୁଗୁଡିକୁ ଏହି ପ୍ରତିଭୂତି ପ୍ରଦାନ କରିବା ପାଇଁ ନିର୍ଦ୍ଦିଷ୍ଟ ସୀମା ଧାର୍ଯ୍ୟ କରିଛନ୍ତି। ପିଏସ୍ୟୁଗୁଡିକ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡିକରୁ ଆର୍ଥିକ ସହାୟତା ନେଇଥାନ୍ତି ଯେଉଁଥି ପାଇଁ ପ୍ରତିଭୂତି କମିଶନ୍ ଆଦାୟ କରାଯାଇଥାଏ। ସର୍ବାଧିକ ଅନୁମୋଦିତ ପ୍ରତିଭୂତି ଉପରେ ଏହି ହାର ହେଉଛି 0.50 ପ୍ରତିଶତ। ଗ୍ରୀଡ୍‌କୋ ଲିମିଟେଡ୍ ବିଦ୍ୟୁତ୍ ଦେୟ ପ୍ରଦାନ କରିବା ନିମିତ୍ତ ଋଣ ପାଇଁ ଓଡିଶା ସରକାରଙ୍କଠାରୁ ଅତିରିକ୍ତ ପ୍ରତିଭୂତି ପ୍ରତିଶ୍ରୁତି ଲୋଡିବାରୁ ଓଡିଶା ସରକାରଙ୍କ ପ୍ରତିଭୂତି ପ୍ରତିଶ୍ରୁତି 2017-18ରେ 2,836.00 କୋଟି ଟଙ୍କାରୁ 2018-19ରେ 4,186.00 କୋଟି ଟଙ୍କାକୁ ଅର୍ଥାତ 47.60 ପ୍ରତିଶତ ବୃଦ୍ଧି ପାଇଥିଲା। 2018-19 ବର୍ଷରେ, 45.28 କୋଟି ଟଙ୍କାର ପ୍ରତିଭୂତି କମିଶନ ଦୁଇଟି ଶକ୍ତିକ୍ଷେତ୍ର

---

10 କେବଳ ରାଜ୍ୟ ବଜେଟରୁ ପ୍ରଦତ୍ତ ଅର୍ଥ।

11 ଏକ ନିର୍ଦ୍ଦିଷ୍ଟ ବର୍ଷ ମଧ୍ୟରେ ପିଏସ୍ୟୁକୁ ପ୍ରଦତ୍ତ ସରକାରୀ ପ୍ରତିଭୂତି।

12 ଏକ ନିର୍ଦ୍ଦିଷ୍ଟ ବର୍ଷ ଶେଷରେ ପିଏସ୍ୟୁଗୁଡିକ ଉପରେ ସରକାରୀ ପ୍ରତିଭୂତିର ଅନ୍ତିମ ଅବଶେଷ ।

\# ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ 2015-16ରେ ଅଂଶଧନ ଓ ଅନୁଦାନ ଏବଂ 2017-18 ଏବଂ 2018-19ରେ ଅଂଶଧନ ଓ ଋଣ ପାଇଥିଲା।

ପିଏସ୍‌ୟୁ ଦ୍ୱାରା ପ୍ରଦାନ କରାଯାଇଥିଲା ।

## ଓଡିଶା ସରକାରଙ୍କ ଆର୍ଥିକ ହିସାବ ସହିତ ସାମଞ୍ଜସ୍ୟତା

**2.6** ଆର୍ଥିକ ହିସାବରେ ଦର୍ଶାଯାଇଥିବା ସାଧାରଣ ଅଂଶଧନ, ଋଣ ଏବଂ ପ୍ରତିଭୁତ ବାବଦକୁ ବକେୟା ଦେୟର ପରିମାଣ ରାଜ୍ୟ ପିଏସ୍‌ୟୁଗୁଡିକର ନଥିପତ୍ରର ପରିମାଣ ସହ ମେଳ ହେବା ଉଚିତ୍ । ପରିମାଣରେ ତାରତମ୍ୟ ରହିଲେ ସମ୍ପୃକ୍ତ ପିଏସ୍‌ୟୁଗୁଡିକ ଏବଂ ଅର୍ଥ ବିଭାଗ ଏହି ପାର୍ଥକ୍ୟର ମିଳାମିଶା କରିବା ଉଚିତ୍ । 31 ମାର୍ଚ୍ଚ 2019 ସୁଦ୍ଧା, ସାଧାରଣ ଅଂଶଧନ, ଋଣ ଏବଂ ପ୍ରତିଭୂତି ମଧ୍ୟରେ ପାର୍ଥକ୍ୟ ନିମ୍ନରେ ଦର୍ଶାଗଲା:

**ସାରଣୀ 2.4: ଓଡିଶା ସରକାରଙ୍କ ଆର୍ଥିକ ହିସାବରେ ଦର୍ଶାଯାଇଥିବା ବକେୟା ପରିମାଣ ସହ ଶକ୍ତି କ୍ଷେତ୍ର ଉଦ୍ୟୋଗର ନଥିପତ୍ରରେ ଦର୍ଶାଯାଇଥିବା ପରିମାଣର ତୁଳନାତ୍ମକ ବିବରଣୀ**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ପିଏସ୍‌ୟୁର ନାମା | ରାଜ୍ୟ ପିଏସ୍‌ୟୁର ରେକର୍ଡ ଅନୁଯାୟୀ | | | ଓଡ଼ିଶା ସରକାରଙ୍କ ବିତ୍ତ ଲେଖା ଅନୁଯାୟୀ | | | ପାର୍ଥକ୍ୟ | | |
|---|---|---|---|---|---|---|---|---|---|---|
| | | ସମାଦତ୍ତ ପୁଞ୍ଜି | ବକେୟା ଋଣ | ପ୍ରତିଶୃତ ପ୍ରତିଭୂତି | ସମାଦତ୍ତ ପୁଞ୍ଜି | ବକେୟା ଋଣ | ପ୍ରତିଶୃତ ପ୍ରତିଭୂତି | ସମାଦତ୍ତ ପୁଞ୍ଜି | ବକେୟା ଋଣ | ପ୍ରତିଶୃତ ପ୍ରତିଭୂତି |
| 1 | ଗ୍ରୀଡ୍‌କୋ | 576.71 | 0.00 | 4186.00 | 573.44 | 179.17 | 4068.87 | 3.27 | -179.17 | 117.13 |
| 2 | ଓଏଚ୍‌ପିସିଏଲ | 761.65 | 986.52 | | 462.80 | 1278.36 | | 298.85 | -291.84 | 0.00 |
| 3 | ଓପିଜିସିଏଲ୍ | 806.05 | 0.00 | | 1130.46 | | | -324.41 | 0.00 | 0.00 |
| 4 | ଓପିଟିସିଏଲ୍ | 510.00 | 200.00 | | | 182.49 | | 510.00 | 17.51 | 0.00 |
| | ମୋଟ୍ | **2654.41** | **1186.52** | **4186.00** | **2166.70** | **1640.02** | **4068.87** | **487.71** | **-453.50** | **117.13** |

*(ଉତ୍ସ: ପିଏସ୍‌ୟୁଗୁଡିକ ଦ୍ୱାରା ପ୍ରଦତ୍ତ ତଥ୍ୟ ଏବଂ ମାର୍ଚ୍ଚ 2019ସୁଦ୍ଧା ଶେଷ ହୋଇଥିବା ବର୍ଷର ରାଜ୍ୟ ଆର୍ଥିକ ପ୍ରତିବେଦନ)*

ଗତ ଅନେକ ବର୍ଷରୁ ଏହି ସଂଖ୍ୟାଗୁଡିକ ମଧ୍ୟରେ ପାର୍ଥକ୍ୟ ରହିଆସିଛି । ପାର୍ଥକ୍ୟର ସାମଞ୍ଜସ୍ୟତାର ପ୍ରସଙ୍ଗ ମଧ୍ୟ ସମୟ ସମୟରେ ପିଏସ୍‌ୟୁ/ ବିଭାଗକୁ ଜଣାଇ ଦିଆଯାଇଥିଲା ।

## ଶକ୍ତି କ୍ଷେତ୍ରର ପିଏସ୍‌ୟୁ ଦ୍ୱାରା ହିସାବ ଦାଖଲ

**2.7** 31 ମାର୍ଚ୍ଚ 2019 ସୁଦ୍ଧା ସିଏଜିଙ୍କର ସମୀକ୍ଷା ଅଧିନରେ ନଅଟି ଶକ୍ତିକ୍ଷେତ୍ର କମ୍ପାନୀ ଥିଲା । 2018-19 ବର୍ଷ ପାଇଁ ହିସାବ ଏହି କାର୍ଯ୍ୟରତ କମ୍ପାନୀଗୁଡିକ ମଧ୍ୟରୁ ଚାରୋଟି[13] ପିଏସ୍‌ୟୁ ଦ୍ୱାରା 30 ସେପ୍ଟେମ୍ବର 2019 ସୁଦ୍ଧା ବୈଧାନିକ ଆବଶ୍ୟକତା ଅନୁଯାୟୀ ଦାଖଲ କରାଯାଇଥିଲା । ପାଞ୍ଚଟି ପିଏସ୍‌ୟୁ ଯଥା, କଳିଙ୍ଗ ବିଦ୍ୟୁତ୍ ପ୍ରସାରଣ ନିଗମ ପ୍ରାଇଭେଟ୍ ଲିମିଟେଡ୍, ଓଡ଼ିଶା କୋଇଲା ଏବଂ ଶକ୍ତି ଲିମିଟେଡ୍, ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍, ଗ୍ରୀଡ୍‌କୋ ଲିମିଟେଡ୍ ଏବଂ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ ସେମାନଙ୍କର ହିସାବ 01 ଅକ୍ଟୋବର 2019, 11 ଅକ୍ଟୋବର 2019, 16 ଅକ୍ଟୋବର 2019, 31 ଅକ୍ଟୋବର 2019 ଏବଂ 25 ନଭେମ୍ବର 2019ରେ ଦାଖଲ କରିଥିଲେ । 31 ମାର୍ଚ୍ଚ 2019ରେ ଶେଷ ହୋଇଥିବା ଗତ ପାଞ୍ଚ ବର୍ଷ ପାଇଁ ପ୍ରତ୍ୟେକ ଆର୍ଥିକ ବର୍ଷର 30 ସେପ୍ଟେମ୍ବର ସୁଦ୍ଧା ଶକ୍ତିକ୍ଷେତ୍ର ପିଏସ୍‌ୟୁଗୁଡିକର ହିସାବ ଦାଖଲ କରିବାରେ ବକେୟା ବିବରଣୀ ନିମ୍ନରେ ଦିଆଯାଇଛି:

**ସାରଣୀ 2.5: ଶକ୍ତି କ୍ଷେତ୍ର ଉଦ୍ୟୋଗର ହିସାବ ଦାଖଲ ସମ୍ବନ୍ଧୀୟ ସ୍ଥିତି**

| କ୍ରମିକ ସଂଖ୍ୟା | ବିଶଦ ବିବରଣୀ | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|---|
| 1. | ପିଏସ୍‌ୟୁ ଗୁଡିକର ସଂଖ୍ୟା | 8 | 8 | 8 | 8 | 9 |
| 2. | ଚଳିତ ବର୍ଷରେ ଦାଖଲ ହୋଇଥିବା ହିସାବଗୁଡିକର ସଂଖ୍ୟା | 7 | 8 | 5 | 12 | 5 |
| 3. | ଚଳିତ ବର୍ଷ ପାଇଁ ହିସାବ ଚୂଡାନ୍ତ କରିଥିବା ପିଏସ୍‌ୟୁଗୁଡିକର ସଂଖ୍ୟା | 5 | 6 | 3 | 7 | 4 |
| 4. | ଚଳିତ ବର୍ଷରେ ଚୂଡାନ୍ତ ହୋଇଥିବା ପୂର୍ବ ବର୍ଷର ହିସାବ ସଂଖ୍ୟା | 2 | 2 | 2 | 5 | 1 |

[13] ଓଡ଼ିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍, ଓଡ଼ିଶା ତାପଜ ଶକ୍ତି ନିଗମ ଲିମିଟେଡ୍, ଓଡ଼ିଶାର ସବୁଜ ଶକ୍ତି ବିକାଶ ନିଗମ ଲିମିଟେଡ୍ ଏବଂ ଜେଡ୍‌କଲ ସେଲ ଶକ୍ତି ନିଗମ ଲିମିଟେଡ୍ ।

| କ୍ରମିକ ସଂଖ୍ୟା | ବିଶଦ ବିବରଣୀ | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|---|
| 5. | ହିସାବ ବକେୟା ଥିବା ପିଏସ୍‌ୟୁ ସଂଖ୍ୟା | 2 | 2 | 5 | 1 | 5 |
| 6. | ବକେୟା ହିସାବ ସଂଖ୍ୟା | 2 | 2 | 5 | 1 | 5 |
| **7.** | **ବକେୟାର ଅବଧି** | **1 ବର୍ଷ** | **1 ବର୍ଷ** | **1 ବର୍ଷ** | **1 ବର୍ଷ** | **1 ବର୍ଷ** |

***(ଉତ୍ସ: ମହାଲେଖାକାରଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଚୂଡାନ୍ତ ହିସାବର ତଥ୍ୟାବଳୀ)***

ଶକ୍ତିକ୍ଷେତ୍ରର ପିଏସ୍‌ୟୁଗୁଡିକ ସେମାନଙ୍କର ବାର୍ଷିକ ହିସାବ ଅବିଳମ୍ବେ ଦାଖଲ କରୁଥିଲେ ଏବଂ ପାଞ୍ଚଟି କମ୍ପାନୀ କ୍ଷେତ୍ରରେ ବକେୟାର ଅବଧି ମାତ୍ର ଗୋଟିଏ ବର୍ଷ ଥିଲା।

## ଶକ୍ତିକ୍ଷେତ୍ର ପିଏସ୍‌ୟୁଗୁଡିକର କାର୍ଯ୍ୟଦକ୍ଷତା

**2.8** ନଅଟି ଶକ୍ତିକ୍ଷେତ୍ର କମ୍ପାନୀଗୁଡିକର ଆର୍ଥିକ ସ୍ଥିତି ଏବଂ କାର୍ଯ୍ୟ ଫଳାଫଳଗୁଡିକ 30 ସେପ୍ଟେମ୍ବର 2019 ସୁଦ୍ଧା ସେମାନଙ୍କର ସର୍ବଶେଷ ଚୂଡାନ୍ତ ହିସାବ ଅନୁଯାୟୀ **ପରିଶିଷ୍ଟ-1**ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି।

ନିବେଶରେ ଲାଭ, ସାଧାରଣ ଅଂଶଧନରେ ଲାଭ ଏବଂ ନିୟୋଜିତ ପୁଞ୍ଜି ଉପରେ ଲାଭ ମାଧ୍ୟମରେ ଏକ କମ୍ପାନୀର ଲାଭଦାୟକତା ପାରମ୍ପାରିକ ଭାବରେ ମୂଲ୍ୟାଙ୍କନ କରାଯାଏ।

### *ନିବେଶ ଉପରେ ପ୍ରକୃତ ଲାଭ ହାର*

**2.9** ନିବେଶ ଉପରେ ପ୍ରକୃତ ଲାଭର ହାର ହେଉଛି ଲାଭ କିମ୍ବା କ୍ଷତିର ମୋଟ ନିବେଶର ବର୍ତ୍ତମାନ ମୂଲ୍ୟ(ପିଭି)ର ଶତକଡା। 2014-15ରୁ 2018-19 ମଧ୍ୟରେ ସମସ୍ତ ଶକ୍ତିକ୍ଷେତ୍ର ପିଏସ୍‌ୟୁ ଦ୍ୱାରା ଲାଭ/କ୍ଷତି[14]ର ସାମଗ୍ରିକ ସ୍ଥିତି ଚାର୍ଟ 2.2ରେ ଚିତ୍ରିତ ହୋଇଛି:

**ଚାର୍ଟ 2.2: ଶକ୍ତି କ୍ଷେତ୍ର ପିଏସ୍‌ୟୁ ଦ୍ୱାରା ଉପାର୍ଜିତ ଲାଭ/କ୍ଷତି**




ଏହି ନଅଟି ଶକ୍ତିକ୍ଷେତ୍ର ପିଏସ୍‌ୟୁଗୁଡିକ ଦ୍ୱାରା ହୋଇଥିବା କ୍ଷତି 2014-15 ରେ 1,271.99 କୋଟି ଟଙ୍କା ତୁଳନାରେ 2018-19ରେ 22.45 କୋଟି ଟଙ୍କା କ୍ଷତି ହୋଇଥିଲା। 2018-19 ବର୍ଷ ପାଇଁ ସର୍ବଶେଷ ଚୂଡାନ୍ତ

14 ସଂପୃକ୍ତ ବର୍ଷଗୁଡିକରେ ସର୍ବଶେଷ ଚୂଡାନ୍ତ ହିସାବ ଅନୁଯାୟୀ ସଂଖ୍ୟା।

ହିସାବ ଅନୁଯାୟୀ, ନଅଟି ଶକ୍ତିକ୍ଷେତ୍ର ପିଏସ୍ୟୁ ମଧ୍ୟରୁ ପାଞ୍ଚଟି ପିଏସ୍ୟୁ 178.34 କୋଟି ଟଙ୍କା ଲାଭ କରିଥିଲେ, ତିନୋଟି ପିଏସ୍ୟୁରେ 200.79 କୋଟି ଟଙ୍କାର କ୍ଷତି ହୋଇଥିଲା ଏବଂ ତିନୋଟି ପିଏସ୍ୟୁ[15] ଯାହା ମଧ୍ୟରେ ଗୋଟିଏ ଲାଭକାରୀ ଏବଂ ଗୋଟିଏ କ୍ଷତିକାରୀ ପିଏସ୍ୟୁ ଥିଲା ସେମାନେ ଏପର୍ଯ୍ୟନ୍ତ କାର୍ଯ୍ୟ/ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିନଥିଲେ (ପରିଶିଷ୍ଟ-1)।

ଶ୍ରେଷ୍ଠ ଲାଭକାରୀ କମ୍ପାନୀ, ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ (144.39 କୋଟି ଟଙ୍କା), ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ (19.80 କୋଟି ଟଙ୍କା) ଏବଂ ଓଡିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ (4.79 କୋଟି ଟଙ୍କା) ଥିବାବେଳେ ଗ୍ରୀଡ୍‌କୋ ଲିମିଟେଡ୍ 197.50 କୋଟି ଟଙ୍କାର କ୍ଷତି ସହିଥିଲା।

### *(କ) ନିବେଶର ଐତିହାସିକ ମୂଲ୍ୟ ଆଧାରରେ ପ୍ରକୃତ ଲାଭର ହାର*

**2.10** ନିବେଶ ଉପରେ ପ୍ରକୃତ ଲାଭର ହାରର ଗଣନା ଏହି ପିଏସ୍ୟୁଗୁଡିକରେ ଓଡିଶା ସରକାର, ଭାରତ ସରକାର ଏବଂ ଅନ୍ୟମାନଙ୍କ ଦ୍ୱାରା ନିବେଶ ହୋଇଥିବା ସାଧାରଣ ଅଂଶଧନ, ଋଣ ଏବଂ ଅନୁଦାନ, କାର୍ଯ୍ୟସମ୍ପାଦନ ଓ ପରିଚାଳନା ଖର୍ଚ୍ଚ ପାଇଁ ସବ୍‌ସିଡିରେ ସୁଧମୁକ୍ତ ଋଣ ମିଶାଇ ଏବଂ ପରବର୍ତ୍ତୀ ସମୟରେ ପ୍ରତ୍ୟେକ ବର୍ଷ ଅଂଶଧନ/ସୁଧଯୁକ୍ତ ଋଣରେ ରୂପାନ୍ତର ହୋଇଥିବା ସୁଧମୁକ୍ତ ଋଣକୁ ବିଯୁକ୍ତ କରି ଏବଂ ବିନିବେଶକୁ ବିଚାରକରି କରାଯାଇଛି।

ଏହି ନଅଟି ଶକ୍ତିକ୍ଷେତ୍ର ପିଏସ୍ୟୁଗୁଡିକରେ 31 ମାର୍ଚ୍ଚ 2019 ସୁଦ୍ଧା ଓଡିଶା ସରକାର, ଭାରତ ସରକାର ଏବଂ ଅନ୍ୟମାନଙ୍କର ନିବେଶ 16,845.13 କୋଟି ଟଙ୍କା ଥିଲା ଯେଉଁଥିରେ 4,048.67 କୋଟି ଟଙ୍କା ସାଧାରଣ ଅଂଶଧନ, 11,354.60 କୋଟି ଟଙ୍କାର ଦୀର୍ଘମିଆଦି ଋଣ (15,403.27 କୋଟି ଟଙ୍କା) ଏବଂ 1,441.86 କୋଟି ଟଙ୍କା ଅନୁଦାନ, କାର୍ଯ୍ୟସମ୍ପାଦନ ଓ ପରିଚାଳନା ପାଇଁ ସବ୍‌ସିଡି ଅନ୍ତର୍ଭୁକ୍ତ ଥିଲା। ପ୍ରଦତ୍ତ ଦୀର୍ଘମିଆଦି ଋଣ ମଧ୍ୟରୁ, 1112.64 କୋଟି ଟଙ୍କା ସୁଧମୁକ୍ତ ଋଣ ଥିଲା ଯେଉଁଥିରୁ 766.20 କୋଟି ଟଙ୍କା ପରେ ସୁଧଯୁକ୍ତ ଋଣରେ ରୂପାନ୍ତରିତ ହୋଇଥିଲା। ଏହିପରି 346.44 କୋଟି (1112.64 କୋଟି – 766.20 କୋଟି) ଟଙ୍କାର କେବଳ ସୁଧମୁକ୍ତ ଋଣକୁ ବିଚାର କରି, ଓଡିଶା ସରକାର, ଭାରତ ସରକାର ଏବଂ ଅନ୍ୟମାନଙ୍କର ଏହି ନଅଟି ପିଏସ୍ୟୁରେ ଐତିହାସିକ ମୂଲ୍ୟରେ ନିବେଶ 5,836.97 କୋଟି (4,048.67 କୋଟି + 346.44 କୋଟି + 1,441.86 କୋଟି) ଟଙ୍କା ଥିଲା ।

2014-15ରୁ 2018-19 ଅବଧି ପାଇଁ ଐତିହାସିକ ମୂଲ୍ୟ ଆଧାରରେ ନିବେଶ ଉପରେ ପ୍ରକୃତ ଲାଭର ହାର ନିମ୍ନରେ ଦିଆଯାଇଛି:

**ସାରଣୀ 2.6: ଐତିହାସିକ ମୂଲ୍ୟ ଆଧାରରେ ନିବେଶ ଉପରେ ପ୍ରକୃତ ଲାଭର ହାର**

*(ଟଙ୍କା କୋଟିରେ)*

| ଆର୍ଥିକ ବର୍ଷ | ସାଧାରଣ ଅଂଶଧନ, ସୁଧମୁକ୍ତ ଋଣ ଏବଂ ଅନୁଦାନ, ସବ୍‌ସିଡି ଆକାରରେ ଓଡିଶା ସରକାରଙ୍କ ଦ୍ୱାରା କରାଯାଇଥିବା ନିବେଶର ଐତିହାସିକ ମୂଲ୍ୟ *(ଟଙ୍କା କୋଟିରେ)* | ସାଧାରଣ ଅଂଶଧନ, ସୁଧମୁକ୍ତ ଋଣ ଏବଂ ଅନୁଦାନ, ସବ୍‌ସିଡି ଆକାରରେ ଭାରତ ସରକାରଙ୍କ ଦ୍ୱାରା କରାଯାଇଥିବା ନିବେଶର ଐତିହାସିକ ମୂଲ୍ୟ *(ଟଙ୍କା କୋଟିରେ)* | ସାଧାରଣ ଅଂଶଧନ, ସୁଧମୁକ୍ତ ଋଣ ଏବଂ ଅନୁଦାନ, ସବ୍‌ସିଡି ଆକାରରେ ଅନ୍ୟମାନଙ୍କ ଦ୍ୱାରା କରାଯାଇଥିବା ନିବେଶର ଐତିହାସିକ ମୂଲ୍ୟ *(ଟଙ୍କା କୋଟିରେ)* | ସାଧାରଣ ଅଂଶଧନ, ସୁଧମୁକ୍ତ ଋଣ ଏବଂ ଅନୁଦାନ, ସବ୍‌ସିଡି ଆକାରରେ କରାଯାଇଥିବା ମୋଟ ନିବେଶର ଐତିହାସିକ ମୂଲ୍ୟ *(ଟଙ୍କା କୋଟିରେ)* | ବର୍ଷ ପାଇଁ ମୋଟ ରୋଜଗାର/ କ୍ଷତି[16] *(ଟଙ୍କା କୋଟିରେ)* | ନିବେଶ ଉପରେ ପ୍ରକୃତ ଲାଭର ହାର (ଶତକଡାରେ) |
|---|---|---|---|---|---|---|
| 2014-15 | 2904.98 | 0.00 | 572.19 | 3477.17 | -1271.99 | -36.58 |
| 2015-16 | 3454.63 | 2.98 | 572.67 | 4030.28 | 95.61 | 2.37 |
| 2016-17 | 3578.53 | 2.98 | 612.67 | 4194.18 | -170.18 | -4.06 |
| 2017-18 | 4268.57 | 2.98 | 1446.86 | 5718.41 | -75.81 | -1.33 |
| 2018-19 | 4367.50 | 21.54 | 1447.93 | 5836.97 | -22.45 | -0.38 |

***(ଉତ୍ସ: ପିଏସ୍ୟୁମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ସଂକଳିତ)***

15 ତିନୋଟି ମଧ୍ୟରୁ ଜେଡ୍‌କଲ ସୋଲ ଶକ୍ତି ନିଗମ ଲିମିଟେଡ୍ (ଜିଏସ୍‌ପିସିଏଲ୍) ପ୍ରସାଶନିକ ଏବଂ ପ୍ରାଥମିକ ଖର୍ଚ୍ଚ ହେତୁ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଓଡ଼ିଶା ତାପଜ ବିଦ୍ୟୁତ ନିଗମ ଲିମିଟେଡ୍ ବ୍ୟାଙ୍କ ଜମା ଉପରେ ସୁଧରୁ ଲାଭ ହାସଲ କରିଥିଲା।

16 ସମ୍ପୃକ୍ତ ବର୍ଷଗୁଡିକର ବାର୍ଷିକ ହିସାବ ଅନୁଯାୟୀ।

2018-19ରେ ନଅଟି ଶକ୍ତି କ୍ଷେତ୍ର ପିଏସ୍‌ୟୁଗୁଡିକର ପୁଞ୍ଜି ନିବେଶ ଉପରେ ପ୍ରକୃତ ଲାଭ ହାର ନକରାତ୍ମକ ଥିଲା। ଉପରୋକ୍ତ ଅବଧିରେ ଗ୍ରୀଡ୍‌କୋ ଲିମିଟେଡ୍‌ର ଭାରି କ୍ଷୟକ୍ଷତି ଶକ୍ତି କ୍ଷେତ୍ରର ସାମଗ୍ରିକ କ୍ଷତିରେ ସହାୟକ ହୋଇଥିଲା।

### *(ଖ) ନିବେଶ ବର୍ତ୍ତମାନ ମୂଲ୍ୟ ଆଧାରରେ ପ୍ରକୃତ ଲାଭର ହାର*

**2.11** ଐତିହାସିକ ମୂଲ୍ୟ ଉପରେ ଲାଭର ପାରମ୍ପରିକ ଗଣନା ଅର୍ଥର ବର୍ତ୍ତମାନ ମୂଲ୍ୟକୁ ଅଣଦେଖା କରେ। ବର୍ତ୍ତମାନ ମୂଲ୍ୟ ଆଧାରରେ ଆର୍‌ଓଆର୍‌ଆର୍ ଓ ଗଣନା କରିବା ହେଉଛି ଆର୍‌ଓଆର୍‌ଆର୍‌ର ଅଧିକ ପର୍ଯ୍ୟାପ୍ତ ମୂଲ୍ୟାଙ୍କନ। ଅବଶ୍ୟ, ଆଠଟି ଶକ୍ତିକ୍ଷେତ୍ର ପିଏସ୍‌ୟୁଗୁଡିକ 2015-16 ରେ ପୁଞ୍ଜି ନିବେଶ ଉପରେ ଏକ ସକାରାତ୍ମକ ଲାଭ ପାଇଥିଲେ। ତେଣୁ, କେବଳ 2015-16 ବର୍ଷ ପାଇଁ ବର୍ତ୍ତମାନ ମୂଲ୍ୟ ଆଧାରରେପୁଞ୍ଜି ନିବେଶର ଲାଭ ଗଣନା କରାଯାଇ ପାରିଥିଲା।

ଶକ୍ତି କ୍ଷେତ୍ର ପିଏସ୍‌ୟୁଗୁଡିକରେ ନିବେଶର ବର୍ତ୍ତମାନ ମୂଲ୍ୟ ନିମ୍ନଲିଖିତ ଅନୁମାନ ଆଧାରରେ ଗଣନା କରାଯାଇଥିଲା:

- ସାଧାରଣ ଅଂଶଧନ ନିବେଶ ମୂଲ୍ୟରୁ ବିନିବେଶ ମୂଲ୍ୟକୁ ବାଦ ଦେଇ ସୁଧମୁକ୍ତ ଋଣ ଏବଂ ଅନୁଦାନ, କାର୍ଯ୍ୟସମ୍ପାଦନ ଓ ପରିଚାଳନା ଖର୍ଚ୍ଚ ପାଇଁ ସବ୍‌ସିଡି ଆକାରରେ ଉପଲବ୍ଧ ପାଣ୍ଠିକୁ ନିବେଶ ଭାବେ ଧରି ନିବେଶ ଉପରେ ପ୍ରକୃତ ଲାଭରର ହାର ହିସାବ କରାଯାଇଛି। ପୁନଶ୍ଚ, ଯେଉଁ କ୍ଷେତ୍ରରେ ସରକାରୀ ଉଦ୍ୟୋଗକୁ ଦିଆଯାଇଥିବା ସୁଧମୁକ୍ତ ଋଣ ପରବର୍ତ୍ତୀ ସମୟରେ ସୁଧଯୁକ୍ତ ଋଣରେ ରୂପାନ୍ତରିତ ହୋଇଥାଏ, ରୂପାନ୍ତରିତ ଋଣର ପରିମାଣ ସୁଧମୁକ୍ତ ଋଣରୁ ଫେଡା ଯାଇଥାଏ।
- ସମ୍ପୃକ୍ତ ଆର୍ଥିକ ବର୍ଷ ପାଇଁ ସରକାରୀ ଋଣ ଉପରେ ହାରାହାରି ସୁଧ ହାର[17]କୁ ଚକ୍ରବୃଦ୍ଧି ହାର ଭାବେ ଗ୍ରହଣକରି ନିବେଶର ବର୍ତ୍ତମାନର ମୂଲ୍ୟ ହିସାବ କରାଯାଇଥିଲା। କାରଣ ସେହି ସୁଧ ହାରଗୁଡିକ ସମ୍ପୃକ୍ତ ବର୍ଷ ପାଇଁ ପାଣ୍ଠି ନିବେଶରେ ହୋଇଥିବା ଖର୍ଚ୍ଚକୁ ପ୍ରତିନିଧିତ୍ୱ କରନ୍ତି ଏବଂ ନିବେଶ ଉପରେ ପ୍ରକୃତ ଲାଭ ଉପରେ ସର୍ବନିମ୍ନ ଆଶା କରାଯାଉଥିବା ହାର ଭାବରେ ବିବେଚନା କରାଯାଏ।

**2.12** 31 ମାର୍ଚ୍ଚ 2019 ସୁଦ୍ଧା ରାଜ୍ୟ ସରକାରଙ୍କ ଦ୍ୱାରା ନଅଟି ଶକ୍ତିକ୍ଷେତ୍ର ପିଏସ୍‌ୟୁରେ ସାଧାରଣ ଅଂଶଧନ, ସୁଧମୁକ୍ତ ଋଣ, ଅନୁଦାନ, କାର୍ଯ୍ୟ ସମ୍ବନ୍ଧୀୟ ତଥା ପରିଚାଳନା ଉଦ୍ଦେଶ୍ୟରେ ସବ୍‌ସିଡି ଆକାରରେ ନିବେଶର ସ୍ଥିତି **ପରିଶିଷ୍ଟ-2**ରେ ସୂଚିତ କରାଯାଇଅଛି।

ସେହିପରି ଭାବରେ 31 ମାର୍ଚ୍ଚ 2019 ପର୍ଯ୍ୟନ୍ତ ସରକାର ଏବଂ ଅନ୍ୟମାନଙ୍କ ନିବେଶର ପିଭି 22,425.35 କୋଟି ଟଙ୍କା ଥିଲା। 2015-16 ବର୍ଷ ପାଇଁ ଐତିହାସିକ ମୂଲ୍ୟ ଓ ବର୍ତ୍ତମାନର ମୂଲ୍ୟରେ ସରକାର ଏବଂ ଅନ୍ୟମାନଙ୍କ ଆର୍‌ଓଆର୍‌ଆର୍ ସାରଣୀ 2.7ରେ ଦିଆଯାଇଛି:

**ସାରଣୀ 2.7: ବର୍ତ୍ତମାନ ମୂଲ୍ୟରେ ମୋଟ ବିନିଯୋଗ ଉପରେ ପ୍ରକୃତ ଲାଭର ହାର**

*(ଟଙ୍କା କୋଟିରେ)*

| ଆର୍ଥିକ ବର୍ଷ | ସାଧାରଣ ଅଂଶଧନ, ସୁଧମୁକ୍ତ ଋଣ ଏବଂ ଅନୁଦାନ, ସବସିଡି ଆକାରରେ ଓଡିଶା ସରକାରଙ୍କ ଦ୍ୱାରା ଐତିହାସିକ ମୂଲ୍ୟ ଆଧାରରେ ନିବେଶ (ଟଙ୍କା କୋଟିରେ) | ଅନୁଦାନ, ସବସିଡି ଆକାରରେ ଭାରତ ସରକାରଙ୍କ ଦ୍ୱାରା ଐତିହାସିକ ମୂଲ୍ୟ ଆଧାରରେ ନିବେଶ (ଟଙ୍କା କୋଟିରେ) | ସାଧାରଣ ଅଂଶଧନ ଏବଂ ଅନୁଦାନ, ସବସିଡି ଆକାରରେ ଅନ୍ୟମାନଙ୍କ ଦ୍ୱାରା ଐତିହାସିକ ମୂଲ୍ୟ ଆଧାରରେ ନିବେଶ (ଟଙ୍କା କୋଟିରେ) | ସାଧାରଣ ଅଂଶଧନ, ସୁଧମୁକ୍ତ ଋଣ ଏବଂ ଅନୁଦାନ, ସବସିଡି ଆକାରରେ ଐତିହାସିକ ମୂଲ୍ୟ ଆଧାରରେ ମୋଟ୍ ନିବେଶ (ଟଙ୍କା କୋଟିରେ) | ବର୍ଷ ଶେଷରେ ମୋଟ୍ ନିବେଶର ବର୍ତ୍ତମାନ ମୂଲ୍ୟ | ବର୍ଷ ପାଇଁ ମୋଟ୍ ଆୟ/ କ୍ଷତି[18] | ଐତିହାସିକ ମୂଲ୍ୟ ଆଧାରରେ ମୋଟ୍ ନିବେଶ ଉପରେ ପ୍ରକୃତ ଲାଭର ହାର (ଶତକଡା) | ପୁଞ୍ଜି ନିବେଶର ବର୍ତ୍ତମାନର ମୂଲ୍ୟକୁ ବିଚାର କରି ମୋଟ୍ ନିବେଶ ଉପରେ ପ୍ରକୃତ ଲାଭର ହାର (ଶତକଡା) |
|---|---|---|---|---|---|---|---|---|
| **2015-16** | 3,454.63 | 2.98 | 572.67 | 4,030.28 | 16,281.08 | 95.61 | 2.37 | 0.59 |

*(ଉତ୍ସ: ପିଏସ୍‌ୟୁ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ସଙ୍କଳିତ)*

17 ସରକାରୀ ଋଣ ଉପରେ ହାରାହାରି ସୁଧ ହାର ସମ୍ପୃକ୍ତ ବର୍ଷ ପାଇଁ ଭାରତର ସିଏଜିଙ୍କର ରାଜ୍ୟ ଅର୍ଥ (ଓଡିଶା ସରକାର) ପ୍ରତିବେଦନରୁ ଗ୍ରହଣ କରାଯାଇଥିଲା ଯେଉଁଠାରେ ହାରାହାରି ସୁଧ ହାର = ସୁଧ ଦେୟ/ [(ପୂର୍ବ ବର୍ଷର ଆର୍ଥିକ ଦାୟିତ୍ୱ ପରିଣାମ + ଚଳିତ ବର୍ଷର ଆର୍ଥିକ ଦାୟିତ୍ୱ ପରିମାଣ)/2]*100।

18 ସମ୍ପୃକ୍ତ ବର୍ଷ ଗୁଡିକର ବାର୍ଷିକ ହିସାବ ଅନୁଯାୟୀ।

ସାରଣୀରୁ ଏହା ସ୍ପଷ୍ଟ ହୋଇଛି ଯେ ବର୍ତ୍ତମାନ ମୂଲ୍ୟ ଉପରେ ହିସାବ କରାଯାଇଥିବା ମୋଟ୍ ପୁଞ୍ଜି ନିବେଶର ପ୍ରକୃତ ଲାଭର ହାର ବହୁତ କମ୍ ଥିଲା (2015-16ରେ 0.60 ପ୍ରତିଶତ) ଯେତେବେଳେ ଆଠଟି ଶକ୍ତିକ୍ଷେତ୍ର ପିଏସ୍ୟୁଗୁଡିକ ଲାଭ କରିଥିଲେ।

2014-15, 2016-17 ଏବଂ 2017-18 ବର୍ଷରେ ଆଠଟି କମ୍ପାନୀର ମୋଟ୍ କ୍ଷତି ହୋଇଥିଲା ଏବଂ 2018-19 ରେ ନଅଟି କମ୍ପାନୀର ମୋଟ୍ କ୍ଷତି ହୋଇଥିଲା ତେଣୁ କାର୍ଯ୍ୟ ସମ୍ପାଦନର ଉପଯୁକ୍ତ ମାପ ହେଉଛି ନିଟ୍ ମୂଲ୍ୟର କ୍ଷୟ କମ୍ପାନୀଗୁଡିକର ନିଟ୍ ମୂଲ୍ୟର କ୍ଷୟକୁ ଅନୁଚ୍ଛେଦ 2.13 ରେ ପ୍ରଦାନ କରାଯାଇଛି।

### *ନିଟ୍ ମୂଲ୍ୟର ଅବକ୍ଷୟ*

**2.13** ନିଟ୍ ମୂଲ୍ୟ ହେଉଛି କମ୍ପାନୀର ସମାଦତ୍ତ ପୁଞ୍ଜି, ମୁକ୍ତ ଆରକ୍ଷଣ ଏବଂ ବଳକାର ସମଷ୍ଟି ବିଯୁକ୍ତ ଏକତ୍ରୀକୃତ କ୍ଷତି ଏବଂ ସ୍ଥଗିତ ରାଜସ୍ୱ ଖର୍ଚ୍ଚ। ମୂଳତଃ ଏହା ଏକ ମାପ ଅଟେ ଯାହା ଏକ ସଂସ୍ଥା ମାଲିକମାନଙ୍କ ପାଇଁ କେତେ ମୂଲ୍ୟବାନ ବୋଲି ଦର୍ଶାଇଥାଏ। ଏକ ନକରାତ୍ମକ ନିଟ୍ ମୂଲ୍ୟ ସୁଚାଇଥାଏ ଯେ ମାଲିକମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ପୁଞ୍ଜି ନିବେଶ ଏକତ୍ରୀକୃତ କ୍ଷତି ଏବଂ ସ୍ଥଗିତ ରାଜସ୍ୱ ଖର୍ଚ୍ଚ ଦ୍ୱାରା କ୍ଷୟ ହୋଇଯାଇଛି।

2014-15 ରୁ 2018-19 ମଧ୍ୟରେ ସମସ୍ତ ଶକ୍ତିକ୍ଷେତ୍ର ପିଏସ୍ୟୁ ଯଥା ହୋଲଡିଂ ଏବଂ ସହାୟକ କମ୍ପାନୀଗୁଡିକୁ ଅନ୍ତର୍ଭୁକ୍ତ କରି ସେମାନଙ୍କର ସମାଦତ୍ତ ପୁଞ୍ଜି, ଏକତ୍ରୀକୃତ ଲାଭ/କ୍ଷତି ଏବଂ ନିଟ୍ ମୂଲ୍ୟ ନିମ୍ନୋକ୍ତ ସାରଣୀରେ ଦିଆଯାଇଛି:

**ସାରଣୀ 2.8: ଶକ୍ତିକ୍ଷେତ୍ର ପିଏସ୍ୟୁଗୁଡିକର ନିଟ୍ ମୂଲ୍ୟ**

*(ଟଙ୍କା କୋଟିରେ)*

| ବର୍ଷ | ଶକ୍ତିକ୍ଷେତ୍ର ପିଏସ୍ୟୁଗୁଡିକ ସଂଖ୍ୟା | ସମାଦତ୍ତ ପୁଞ୍ଜି | ମୁକ୍ତ ଆରକ୍ଷଣ | ବଳକା | ଏକତ୍ରୀକୃତ | ନିଟ୍ ମୂଲ୍ୟ |
|---|---|---|---|---|---|---|
| *1* | *2* | *3* | *4* | *5* | *6* | *7=3+4+5-6* |
| 2014-15 | 8 | 1988.11 | 316.86 | 1431.78 | 3359.23 | 377.52 |
| 2015-16 | 8 | 2337.44 | 328.16 | 1411.99 | 3468.03 | 609.56 |
| 2016-17 | 8 | 2434.44 | 341.68 | 1417.08 | 3830.72 | 362.48 |
| 2017-18 | 8 | 3948.67 | 355.96 | 1927.93 | 4469.84 | 1762.72 |
| 2018-19 | 9 | 4048.67 | 377.42 | 2064.99 | 4443.12 | 2047.96 |

*(ଉତ୍ସ: ପିଏସ୍ୟୁ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ସଙ୍କଳିତ)*

ନଅଟି ଶକ୍ତିକ୍ଷେତ୍ର ପିଏସ୍ୟୁ ମଧ୍ୟରୁ ଗ୍ରୀଡ୍କୋ ଲିମିଟେଡ୍‌ର ନିଟ୍ ମୂଲ୍ୟ ସମ୍ପୂର୍ଣ୍ଣ ଭାବରେ କ୍ଷୟ ହୋଇଯାଇଥିଲା (-3,853.75 କୋଟି ଟଙ୍କା)।

ରାଜ୍ୟ ସରକାର 2014-19 ଅବଧି ମଧ୍ୟରେ ଚାରୋଟି[19] ହୋଲଡିଂ ଶକ୍ତିକ୍ଷେତ୍ର ପିଏସ୍ୟୁ ଗୁଡିକୁ ଯଥେଷ୍ଟ ସାଧାରଣ ଅଂଶଧନ ଲଗାଇ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ତଥାପି, ପ୍ରଚୁର ପୁଞ୍ଜି ନିବେଶ ସତ୍ତ୍ୱେ ଏହି ଶକ୍ତିକ୍ଷେତ୍ର କମ୍ପାନୀଗୁଡିକର ଏକତ୍ରୀକୃତ କ୍ଷତି 2014-15 ରେ 1,920.21 କୋଟି ଟଙ୍କାରୁ ବୃଦ୍ଧି ପାଇ 2018-19 ରେ 2,382.51 କୋଟି ଟଙ୍କା ହୋଇଥିଲା।

### *ଲାଭାଂଶ ବଣ୍ଟନ*

**2.14** ରାଜ୍ୟ ସରକାର (ଡିସେମ୍ବର 2011)ରେ ଲାଭାଂଶ ନୀତି ପ୍ରସ୍ତୁତ କରିଥିଲେ ଯେଉଁଥିରେ ସମସ୍ତ ଲାଭ କରୁଥିବା ପିଏସ୍ୟୁଗୁଡିକ ରାଜ୍ୟ ସରକାରଙ୍କ ସାଧାରଣ ଅଂଶଧନର 20 ପ୍ରତିଶତ କିମ୍ବା ଟିକସ ପରବର୍ତ୍ତୀ ଲାଭର 20 ପ୍ରତିଶତ ମଧ୍ୟରୁ ଯାହା ଅଧିକ ତାହା ବାର୍ଷିକ ଲାଭାଂଶ ଦେବାର ଥିଲା। ଶକ୍ତି ଉତ୍ପାଦନ କ୍ଷେତ୍ରରେ ଥିବା ପିଏସ୍ୟୁଗୁଡିକ ପାଇଁ ସର୍ବନିମ୍ନ ଲାଭାଂଶ ପ୍ରଦାନ ଟିକସ ପରବର୍ତ୍ତୀ ଲାଭର 30 ପ୍ରତିଶତ ଥିଲା। ପରବର୍ତ୍ତୀ

[19] ଓଡ଼ିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍, ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍, ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ ଏବଂ ଗ୍ରୀଡ୍କୋ ଲିମିଟେଡ୍।

ସମୟରେ, ଜିଓଓ ସମସ୍ତ ପିଏସ୍‌ୟୁ ପାଇଁ 30 ପ୍ରତିଶତ ହାରରେ ଲାଭାଂଶ ପ୍ରଦାନ କରିବା ପାଇଁ ସଂଶୋଧିତ (ଫେବୃୟାରୀ 2016) ନୀତି ଜାରି କରିଥିଲେ। ଚାରୋଟି ଶକ୍ତିକ୍ଷେତ୍ର କମ୍ପାନୀଗୁଡିକର ଲାଭାଂଶ ବଣ୍ଟନ ଯେଉଁଠାରେ ଜିଓଓ ଦ୍ୱାରା ଏହି ସମୟ ମଧ୍ୟରେ ସାଧାରଣ ଅଂଶଧନରେ ନିବେଶ କରାଯାଇଥିଲା ତାହା ସାରଣୀ 2.9ରେ ଦର୍ଶାଯାଇଛି:

**ସାରଣୀ 2.9: 2014-15 ରୁ 2018-19 ମଧ୍ୟରେ ଚାରୋଟି ଶକ୍ତିକ୍ଷେତ୍ର ପିଏସ୍‌ୟୁର ଲାଭାଂଶ ବଣ୍ଟନ**

*(ଟଙ୍କା କୋଟିରେ)*

| ବର୍ଷ | ମୋଟ୍ ପିଏସ୍‌ୟୁ ଯେଉଁଥିରେ ଜିଓଓ ଦ୍ୱାରା ସାଧାରଣ ଅଂଶଧନରେ ନିବେଶ ହୋଇଥିଲା | | ଯେଉଁ ପିଏସ୍‌ୟୁଗୁଡିକ ବର୍ଷ ମଧ୍ୟରେ ଲାଭ ଅର୍ଜନ କରିଥିଲେ | | ଯେଉଁ ପିଏସ୍‌ୟୁଗୁଡିକ ବର୍ଷ ମଧ୍ୟରେ ଲାଭାଂଶ ଘୋଷଣା/ ପ୍ରଦାନ କରିଥିଲେ | | ଲାଭାଂଶ ପ୍ରଦାନ ହାର (ଶତକଡା) |
|---|---|---|---|---|---|---|---|
| | ପିଏସ୍‌ୟୁ ସଂଖ୍ୟା | ଜିଓଓ ଦ୍ୱାରା ସାଧାରଣ ଅଂଶଧନରେ ନିବେଶ | ପିଏସ୍‌ୟୁ ସଂଖ୍ୟା | ଜିଓଓ ଦ୍ୱାରା ସାଧାରଣ ଅଂଶଧନରେ ନିବେଶ | ପିଏସ୍‌ୟୁ ସଂଖ୍ୟା | ପିଏସ୍‌ୟୁ ଦ୍ୱାରା ଲାଭାଂଶ ଘୋଷଣା/ ପ୍ରଦାନ | |
| **1** | 2 | 3 | 4 | 5 | 6 | 7 | 8=7/5*100 |
| 2014-15 | 4 | 1469.59 | 3 | 892.88 | 2 | 18.89 | 2.12 |
| 2015-16 | 4 | 1818.44 | 3 | 1241.73 | 2 | 23.43 | 1.89 |
| 2016-17 | 4 | 1875.44 | 3 | 1298.73 | 2 | 41.19 | 3.17 |
| 2017-18 | 4 | 2555.48 | 3 | 1978.77 | 2 | 35.92 | 1.82 |
| 2018-19 | 4 | 2654.41 | 3 | 2077.70 | 1 | 18.65 | 0.90 |

*(ଉତ୍ସ: ପିଏସ୍‌ୟୁ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ସଙ୍କଳିତ)*

2014-15 ରୁ 2018-19 ମଧ୍ୟରେ ତିନୋଟି ପିଏସ୍‌ୟୁ ଲାଭ କରିଥିଲେ। 2018-19ରେ କେବଳ ଗୋଟିଏ ପିଏସ୍‌ୟୁ (ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍) ଜିଓଓକୁ ଲାଭାଂଶ ଘୋଷଣା/ ପ୍ରଦାନ କରିଥିଲା।

2014-15 ରୁ 2018-19 ମଧ୍ୟରେ ଲାଭାଂଶ ବଣ୍ଟନ ଅନୁପାତ ନାମମାତ୍ର ଥିଲା ଯାହାକି 0.90 ପ୍ରତିଶତରୁ 3.17 ପ୍ରତିଶତ ମଧ୍ୟରେ ଥିଲା। ଆହୁରି ମଧ୍ୟ, ଜିଓଓ ଦ୍ୱାରା ସାଧାରଣ ଅଂଶଧନରେ ନିବେଶରେ ବୃଦ୍ଧି ହେତୁ ଲାଭାଂଶ ବଣ୍ଟନ ଅନୁପାତ 2014-15ରେ 2.12 ପ୍ରତିଶତରୁ 2018-19ରେ 0.90 ପ୍ରତିଶତକୁ ହ୍ରାସ ପାଇଥିଲା।

***ସାଧାରଣ ଅଂଶଧନ ଉପରେ ଲାଭ***

**2.15** ସାଧାରଣ ଅଂଶଧନ ଉପରେ ଲାଭ (ଆର୍‌ଓଇ) ହେଉଛି ଆର୍ଥିକ କାର୍ଯ୍ୟଦକ୍ଷତାର ଏକ ମାପ ଯାହା କମ୍ପାନୀର ସମ୍ପତ୍ତିକୁ କର୍ତ୍ତୃପକ୍ଷ କେତେ ପ୍ରଭାବଶାଳୀ ଭାବରେ ବ୍ୟବହାର କରୁଛନ୍ତି ତାହା ଆକଳନ କରିଥାଏ। କମ୍ପାନୀର ଅଂଶୀଦାରଙ୍କ ପାଣ୍ଠି ଦ୍ୱାରା ନିଟ୍ ଆୟ (ଅର୍ଥାତ୍ ଟିକସ ପରେ ନିଟ୍ ଲାଭ) ବିଭାଜନ କରି ଏହା ହିସାବ କରାଯାଏ ଏବଂ ଶତକଡା ଭାବରେ ପ୍ରକାଶ କରାଯାଇଥାଏ।

ଏକ କମ୍ପାନୀର ଅଂଶୀଦାର ପାଣ୍ଠି ସମାଦତ୍ତ ପୁଞ୍ଜି ଏବଂ ମୁକ୍ତ ଆରକ୍ଷଣରୁ ଏକତ୍ରୀକୃତ କ୍ଷତି ଏବଂ ସ୍ଥଗିତ ରାଜସ୍ୱ ଖର୍ଚ୍ଚ ବିଯୁକ୍ତ କରି ଗଣନା କରାଯାଏ ଏବଂ ସମସ୍ତ ସମ୍ପତ୍ତି ବିକ୍ରୟ ହେଲେ ଏବଂ ସମସ୍ତ ଋଣ ପରିଶୋଧ ହେଲେ କମ୍ପାନୀର ହିତାଧିକାରୀଙ୍କ ପାଇଁ କେତେ ବାକି ରହିବ ତାହା ପ୍ରକାଶ କରିଥାଏ। ଏକ ସକରାତ୍ମକ ଅଂଶୀଦାର ପାଣ୍ଠିରୁ ଜଣାପଡେ ଯେ ଏହାର ଦାୟିତ୍ୱ ବହନ କରିବାକୁ କମ୍ପାନୀର ପର୍ଯ୍ୟାପ୍ତ ସମ୍ପତ୍ତି ଅଛି ଯେଉଁ ସ୍ଥଳରେ ନକରାତ୍ମକ ଅଂଶୀଦାର ପାଣ୍ଠିର ଅର୍ଥ ହେଉଛି ଯେ ସମ୍ପତ୍ତି ଠାରୁ ଦାୟିତ୍ୱ ଅଧିକ ଅଟେ।

ଆରଓଇ ସମସ୍ତ ଶକ୍ତିକ୍ଷେତ୍ର ପିଏସ୍‌ୟୁ ଗୁଡିକ ଯେଉଁଥିରେ ହୋଲଡିଂ ଏବଂସହାୟକ କମ୍ପାନୀ ଗୁଡିକ ଅନ୍ତର୍ଭୁକ୍ତ ତାହା ଉପରେ ଗଣନା କରାଯାଇଥିଲା ଯାହାର ବିବରଣୀ ନିମ୍ନ ସାରଣୀରେ ଦିଆଗଲା:

**ସାରଣୀ 2.10: ଶକ୍ତିକ୍ଷେତ୍ର ପିଏସ୍‌ୟୁ ଗୁଡିକର ଆରଓଇ**

*(ଟଙ୍କା କୋଟିରେ)*

| | ବର୍ଷ | ଶକ୍ତିକ୍ଷେତ୍ର ପିଏସ୍‌ୟୁ ଗୁଡିକର ସଂଖ୍ୟା | ନିଟ୍ ଲାଭ/କ୍ଷତି | ଅଂଶୀଦାରର ପାଣ୍ଠି | ଆରଓଇ ଶତକଡା |
|---|---|---|---|---|---|
| | *1* | *2* | *3* | *4* | *5=3*100/4* |
| ଲାଭ ରୋଜଗାର | 2014-15 | 4 | 193.56 | 2784.71 | 6.95 |
| | 2015-16 | 3 | 233.29 | 3103.97 | 7.52 |
| | 2016-17 | 5 | 237.28 | 3518.52 | 6.74 |
| | 2017-18 | 5 | 124.75 | 5322.62 | 2.34 |
| | 2018-19 | 5 | 178.34 | 5607.09 | 3.18 |
| କ୍ଷତି ସହିବା | 2014-15 | 2 | -1465.55 | -2407.20 | - |
| | 2015-16 | 4 | -137.68 | -2494.42 | - |
| | 2016-17 | 2 | -407.46 | -3156.05 | - |
| | 2017-18 | 2 | -200.56 | -3559.91 | - |
| | 2018-19 | 3 | -200.79 | -3559.14 | - |
| ମୋଟ୍ | 2014-15 | 6 | -1271.99 | 377.51 | -336.94 |
| | 2015-16 | 7 | 95.61 | 609.55 | 15.69 |
| | 2016-17 | 7 | -170.18 | 362.47 | -46.95 |
| | 2017-18[&] | 7 | -75.81 | 1762.71 | -4.30 |
| | 2018-19[#] | 8 | -22.45 | 2047.95 | -1.10 |

*(ଉତ୍ସ: ପିଏସ୍‌ୟୁ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ସଙ୍କଳିତ)*

& *କେବିପିଏନ୍‌ପିଏଲ୍ ଏବଂ ଓଟିପିସିଏଲ୍ ଏପର୍ଯ୍ୟନ୍ତ ବ୍ୟବସାୟିକ କାର୍ଯ୍ୟ ଆରମ୍ଭ କରିନଥିଲେ। ଓଟିପିସିଏଲ୍ ତଥାପି, 2017-18 ବର୍ଷରେ ଲାଭ ଅର୍ଜନ କରିଥିଲା।*

# *କେବିପିଏନ୍‌ପିଏଲ୍, ଓଟିପିସିଏଲ୍ ଏବଂ ଜେଏସ୍ ପିସିଏଲ୍ ଏପର୍ଯ୍ୟନ୍ତ ବ୍ୟବସାୟିକ କାର୍ଯ୍ୟ ଆରମ୍ଭ କରିନଥିଲେ। ଓଟିପିସିଏଲ୍ ତଥାପି, 2018-19 ବର୍ଷରେ ଲାଭ ଅର୍ଜନ କରିଥିଲା ଏବଂ ଜେଏସ୍ ପିସିଏଲ୍, 2018-19 ବର୍ଷରେ କ୍ଷତି କରିଥିଲା। କେବିପିଏନ୍‌ଏଲ୍, 2018-19 ବର୍ଷରେ କୌଣସି ଲାଭ କିମ୍ବା କ୍ଷତି ସହି ନଥିଲା।*

ଉଭୟ ନିଟ୍ ଲାଭ ଏବଂ ଅଂଶୀଦାରଙ୍କ ପାଣ୍ଠି ନକାରାତ୍ମକ ଥିବାରୁ, କ୍ଷତି କରୁଥିବା ପିଏସ୍‌ୟୁଗୁଡିକର ଆର୍‌ଓଇ ଗଣନା କରାଯାଇନଥିଲା। ଶକ୍ତିକ୍ଷେତ୍ର ପିଏସ୍‌ୟୁଗୁଡିକରେ ଆର୍‌ଓଇ ଅତ୍ୟଧିକ ବିକ୍ଷିପ୍ତ ଧାରା ଦେଖାଇଛି। ଏହା 2015-16 ରେ 15.69 ପ୍ରତିଶତରେ ସକରାତ୍ମକ ଥିଲା। ଅବଶ୍ୟ, ଏହା 2014-15, 2016-17, 2017-18 ଏବଂ 2018-19 ରେ (-) 1.10 ପ୍ରତିଶତ ରୁ (-) 336.94 ପ୍ରତିଶତ ପର୍ଯ୍ୟନ୍ତ ନକାରାତ୍ମକ ହୋଇଗଲା। ଏହି ନକରାତ୍ମକ ଆର୍‌ଓଇର ମୁଖ୍ୟ କାରଣ ହେଉଛି ଏହି ବର୍ଷ ଗୁଡିକରେ ଗ୍ରୀଡ୍‌କୋ ଲିମିଟେଡ୍ ଦ୍ୱାରା ହୋଇଥିବା ବିପୁଳ କ୍ଷତି।

### *ବିନିଯୁକ୍ତ ପୁଞ୍ଜି ଉପରେ ଲାଭ*

**2.16** ବିନିଯୁକ୍ତ ପୁଞ୍ଜି ଉପରେ ଲାଭ (ଆର୍‌ଓସିଇ) ହେଉଛି ଏକ ଅନୁପାତ ଯାହାକି ଏକ କମ୍ପାନୀର ଲାଭ ଏବଂ ଏହାର ପୁଞ୍ଜି ନିୟୋଜନର ଦକ୍ଷତା ମାପ କରିଥାଏ।

ବିନିଯୁକ୍ତ ପୁଞ୍ଜି[20] ଦ୍ୱାରା ସୁଧ ଏବଂ ଟିକସ ପୂର୍ବରୁ ଏକ କମ୍ପାନୀର ଆୟ(ଇବିଆଇଟି)କୁ ଭାଗ କରି ଆରଓସିଇ ଗଣନା କରାଯାଏ। 2014-15 ରୁ 2018-19 ମଧ୍ୟରେ ଥିବା ନଅଟି ଶକ୍ତିକ୍ଷେତ୍ର ଉଦ୍ୟୋଗର ଆରଓସିଇର ବିବରଣୀ ନିମ୍ନ ସାରଣୀରେ ଦିଆଯାଇଛି:

[20] ବିନିଯୁକ୍ତ ପୁଞ୍ଜି = ସମାଦତ୍ତ ପୁଞ୍ଜି + ମୁକ୍ତ ଆରକ୍ଷଣ ଏବଂ ବଳକା + ଦୀର୍ଘକାଳୀନ ଋଣ – ଏକତ୍ରୀକୃତ କ୍ଷତି – ସ୍ଥଗିତ ରାଜସ୍ୱ ଖର୍ଚ୍ଚ । ସଂଖ୍ୟା ଗୁଡିକ ସଦ୍ୟତମ ବର୍ଷ ପାଇଁ ଅଟେ ଯେଉଁଥି ପାଇଁ ପିଏସ୍‌ୟୁ ଗୁଡିକର ହିସାବ ଚୂଡାନ୍ତ ହୋଇଥିଲା।

**ସାରଣୀ 2.11: ବିନିଯୁକ୍ତ ପୁଞ୍ଜି ଉପରେ ଲାଭ**

*(ଲାଭ କୋଟିରେ)*

| | ବର୍ଷ | ଶକ୍ତିକ୍ଷେତ୍ର ପିଏସ୍‌ୟୁ ଗୁଡିକର ସଂଖ୍ୟା | ଇବିଆଇଟି | ବିନିଯୁକ୍ତ ପୁଞ୍ଜି | ଆରଓସିଇ ଶତକଡା |
|---|---|---|---|---|---|
| | *1* | *2* | *3* | *4* | *5=3*100/4* |
| ଲାଭ ଦାୟୀ | 2014-15 | 4 | 426.47 | 5647.11 | 7.55 |
| | 2015-16 | 3 | 582.75 | 6742.64 | 8.64 |
| | 2016-17 | 5 | 649.78 | 7297.45 | 8.90 |
| | 2017-18 | 5 | 306.74 | 12458.00 | 2.46 |
| | 2018-19 | 5 | 413.19 | 12708.32 | 3.25 |
| କ୍ଷତିକାରୀ | 2014-15 | 2 | -210.32 | -151.73 | - |
| | 2015-16 | 4 | 390.56 | 493.03 | 79.22 |
| | 2016-17 | 2 | 114.63 | 460.70 | 24.88 |
| | 2017-18 | 2 | 302.82 | 693.46 | 43.67 |
| | 2018-19 | 3 | 302.59 | 694.23 | 43.59 |
| ମୋଟ୍ | 2014-15 | 6 | 216.15 | 5495.38 | 3.93 |
| | 2015-16 | 7 | 973.31 | 7235.67 | 13.45 |
| | 2016-17 | 7 | 764.41 | 7758.15 | 9.85 |
| | 2017-18[&] | 7 | 609.56 | 13151.46 | 4.63 |
| | 2018-19[#] | 8 | 715.78 | 13402.55 | 5.34 |

*(ଉତ୍ସ: ପିଏସ୍‌ୟୁ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ସଙ୍କଳିତ)*

& *କେବିପିଏନ୍‌ପିଏଲ୍, ଓଟିପିସିଏଲ୍ ବ୍ୟବସାୟିକ କାର୍ଯ୍ୟ ଆରମ୍ଭ କରିନଥିଲେ। ଓଟିପିସିଏଲ୍ ତଥାପି, 2017-18 ବର୍ଷରେ ଲାଭ ଅର୍ଜନ କରିଥିଲା।*

# *କେବିପିଏନ୍‌ପିଏଲ୍, ଓଟିପିସିଏଲ୍ ଏବଂ ଜେଏସ୍ ପିସିଏଲ୍ ଏପର୍ଯ୍ୟନ୍ତ ବ୍ୟବସାୟିକ କାର୍ଯ୍ୟ ଆରମ୍ଭ କରିନଥିଲେ। ଓଟିପିସିଏଲ୍ ତଥାପି, 2018-19 ବର୍ଷରେ ଲାଭ ଅର୍ଜନ କରିଥିଲା ଏବଂ ଜେଏସ୍‌ପିସିଏଲ୍, 2018-19 ବର୍ଷରେ କ୍ଷତି କରିଥିଲା। କେବିପିଏନ୍‌ଏଲ୍, 2018-19 ବର୍ଷରେ କୌଣସି ଲାଭ କିମ୍ବା କ୍ଷତି ସହି ନଥିଲା।*

2018-19 ବର୍ଷରେ, ଆଠଟି ଶକ୍ତିକ୍ଷେତ୍ର ପିଏସ୍‌ୟୁ ମଧ୍ୟରୁ ତିନୋଟି କ୍ଷତି କରିଥିଲେ। ଏହି କ୍ଷତି କରୁଥିବା ପିଏସ୍‌ୟୁ ଗୁଡିକର ବିନିଯୁକ୍ତ ପୁଞ୍ଜି ଏବଂ ଇବିଆଇଟି ସକରାତ୍ମକ ଥିଲା ଯେଉଁଥିପାଇଁ ସେମାନଙ୍କର ଆର୍‌ଓସିଇ ଶତକଡା 43.59 ଥିଲା। ଇବିଆଇଟି ବୃଦ୍ଧି ହେତୁ ସମସ୍ତ ଶକ୍ତିକ୍ଷେତ୍ର ପିଏସ୍‌ୟୁ ଗୁଡିକର ଆରଓସିଇ 2017-18 ରେ 4.63 ଶତକଡା ରୁ 2018-19 ରେ 5.34 ଶତକଡାକୁ ବୃଦ୍ଧି ପାଇଥିଲା।

### *କମ୍ପାନୀ ଗୁଡିକର ଦୀର୍ଘକାଳୀନ ଋଣର ବିଶ୍ଳେଷଣ*

**2.17** କମ୍ପାନୀ ଗୁଡିକ ଯାହାକି 2014-15 ରୁ 2018-19 ମଧ୍ୟରେ ଲିଭରେଜ୍[21] ନେଇଥିଲେ, ସେମାନଙ୍କ ଦ୍ୱାରା ସରକାର, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ପ୍ରତିଷ୍ଠାନ ଗୁଡିକୁ ଋଣ ପରିଶୋଧ କରିବାର କ୍ଷମତା ଆକଳନ କରିବା ପାଇଁ ସେହି କମ୍ପାନୀଗୁଡିକର ଦୀର୍ଘକାଳୀନ ଋଣର ବିଶ୍ଳେଷଣ କରାଯାଇଥିଲା। ସୁଧ ଭରଣ ଅନୁପାତ ଏବଂ ଋଣ କାରବାର ଅନୁପାତ ମାଧ୍ୟମରେ ଏହାର ମୂଲ୍ୟାଙ୍କନ କରାଯାଏ।

### *ସୁଧ ଭରଣ ଅନୁପାତ*

**2.18** ସୁଧ ଭରଣ ଅନୁପାତ ବକେୟା ଋଣ ଉପରେ ସୁଧ ଦେବାର କ୍ଷମତା ନିର୍ଣ୍ଣୟ କରିବା ପାଇଁ ବ୍ୟବହୃତ ହୁଏ ଏବଂ ସମାନ ସମୟର ସୁଧ ଖର୍ଚ୍ଚ ଦ୍ୱାରା ସୁଧ ଏବଂ ଟିକସ (ଇବିଆଇଟି) ପୂର୍ବରୁ କମ୍ପାନୀର ଆୟକୁ ଭାଗ କରି ଗଣନା କରାଯାଏ। ଅନୁପାତ କମ୍ ହେଲେ କମ୍ପାନୀର ଋଣ ଉପରେ ସୁଧ ଦେବାର କ୍ଷମତା କମ୍ ଅଟେ। "1" ତଳେ ଥିବା ଏକ ସୁଧ ଭରଣ ଅନୁପାତ ସୂଚାଇଥାଏ ଯେ କମ୍ପାନୀ ସୁଧ ବାବଦରେ ଏହାର ଖର୍ଚ୍ଚ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ଆୟ କରୁନାହିଁ। ସେହି ଶକ୍ତିକ୍ଷେତ୍ରର କମ୍ପାନୀ ଗୁଡିକରେ ଯାହାର 2014-15 ରୁ 2018-19 ମଧ୍ୟରେ ସୁଧ ଭାର ଥିଲା ତାହାର ସୁଧ ଭରଣ ଅନୁପାତର ବିବରଣୀ ନିମ୍ନ ସାରଣୀରେ ଦିଆଯାଇଛି:

---

[21] ଲିଭରେଜ୍‌ର ଅର୍ଥ ସମ୍ପତ୍ତି ପ୍ରାପ୍ତ ପାଇଁ ଏକ ସଂସ୍ଥା ବ୍ୟବହାର କରୁଥିବା ଋଣର ପରିମାଣ।

**ସାରଣୀ 2.12: ସୁଧ ଭରଣ ଅନୁପାତ**

| ବର୍ଷ | ସୁଧ (ଟଙ୍କା କୋଟିରେ) | ସୁଧ ଏବଂ କର ପୂର୍ବରୁ ଆୟ (ଇବିଆଇଟି) (ଟଙ୍କା କୋଟିରେ) | ସରକାର ଏବଂ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନରୁ ଋଣ ଦାୟିତ୍ୱ ଥିବା ପିଏସ୍‌ୟୁ ସଂଖ୍ୟା | 1 ରୁ ଅଧିକ ସୁଧ ଭରଣ ଅନୁପାତ ଥିବା କମ୍ପାନୀ ସଂଖ୍ୟା | 1 ରୁ କମ୍ ସୁଧ ଭରଣ ଅନୁପାତ ଥିବା କମ୍ପାନୀ ସଂଖ୍ୟା | କମ୍ପାନୀ ସଂଖ୍ୟା ଯାହାର ସୁଧ ଭରଣ ଅନୁପାତ ହିସାବ କରାଯାଇ ନଥିଲା[22] |
|---|---|---|---|---|---|---|
| 2014-15 | 567.78 | 216.15 | 4 | 2 | 1 | 1 |
| 2015-16 | 718.09 | 973.31 | 5 | 4 | 1 | - |
| 2016-17 | 810.23 | 764.41 | 5 | 4 | 1 | - |
| 2017-18 | 646.91 | 609.56 | 5 | 3 | 1 | 1[23] |
| 2018-19 | 644.14 | 715.78 | 5 | 4 | 1 | - |

*(ଉତ୍ସ: ପିଏସ୍‌ୟୁ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ସଙ୍କଳିତ)*

ଏହା ଦେଖାଗଲା ଯେ 2014-15 ରୁ 2018-19 ମଧ୍ୟରେ ଏକ ରୁ ଅଧିକ ସୁଧ ଭରଣ ଅନୁପାତ ଥିବା ଶକ୍ତିକ୍ଷେତ୍ର କମ୍ପାନୀ ଗୁଡ଼ିକର ସଂଖ୍ୟା ଦୁଇ ରୁ ଚାରି ମଧ୍ୟରେ ଥିଲା।

***ଋଣ କାରବାର ଅନୁପାତ***

**2.19** ଗତ ପାଞ୍ଚ ବର୍ଷ ମଧ୍ୟରେ, ନଅଟି ଶକ୍ତିକ୍ଷେତ୍ରର କାରବାରରେ ବାର୍ଷିକ ଚକ୍ରବୃଦ୍ଧି ହାରରେ 3.05 ପ୍ରତିଶତ ଅଭିବୃଦ୍ଧି ଘଟିଛି ଏବଂ ଋଣର ବାର୍ଷିକ ଚକ୍ରବୃଦ୍ଧି ଅଭିବୃଦ୍ଧି 15.36 ପ୍ରତିଶତ ହୋଇଛି ଯାହା ଦ୍ୱାରା ଋଣ କାରବାର ଅନୁପାତ 2014-15ରେ 0.64 ରୁ 2018-19 ରେ 1.18 କୁ ଅବନତି ଘଟିଛି ଯାହାକି ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 2.13: ଶକ୍ତିକ୍ଷେତ୍ର ପିଏସ୍‌ୟୁଗୁଡ଼ିକର ଋଣ କାରବାର ଅନୁପାତ**

*(ଟଙ୍କା କୋଟିରେ)*

| ସବିଶେଷ ବିବରଣୀ | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|
| ସରକାର/ବ୍ୟାଙ୍କ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କ ଠାରୁ ଋଣ | 5117.87 | 6626.12 | 7395.68 | 11388.75 | 11354.60 |
| କାରବାର | 8003.66 | 8325.75 | 8530.83 | 9601.63 | 9641.40 |
| ଋଣ କାରବାର ଅନୁପାତ | 0.64:1 | 0.80:1 | 0.87:1 | 1.19:1 | 1.18:1 |

*(ଉତ୍ସ: ପିଏସ୍‌ୟୁ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ସଙ୍କଳିତ)*

## ଶକ୍ତି କ୍ଷେତ୍ର ପିଏସ୍‌ୟୁ ଗୁଡ଼ିକର ହିସାବ ଉପରେ ମନ୍ତବ୍ୟ

**2.20** ନଅଟି ଶକ୍ତିକ୍ଷେତ୍ର କମ୍ପାନୀ ମଧ୍ୟରୁ, ପାଞ୍ଚଟି କମ୍ପାନୀ 2017-18 ଏବଂ 2018-19 ବର୍ଷ ପାଇଁ ପାଞ୍ଚଟି ସମୀକ୍ଷିତ ହିସାବ 1 ଅକ୍ଟୋବର 2018 ରୁ 30 ସେପ୍ଟେମ୍ବର 2019 ମଧ୍ୟରେ ପ୍ରଧାନ ମହାଲେଖାକାରଙ୍କ ନିକଟକୁ ପଠାଇଥିଲେ। ଅନୁପୂରକ ସମୀକ୍ଷା ପାଇଁ ସମସ୍ତ ପାଞ୍ଚଟି ହିସାବର ଚୟନ କରାଯାଇଥିଲା। ବୈଧାନିକ ସମୀକ୍ଷକଙ୍କ ସମୀକ୍ଷିତ ପ୍ରତିବେଦନ ଏବଂ ସିଏଜିଙ୍କ ଦ୍ୱାରା ହୋଇଥିବା ଅନୁପୂରକ ସମୀକ୍ଷା ସୂଚାଇ ଦେଇଛି ଯେ ହିସାବ ଗୁଡ଼ିକର ଗୁଣବତ୍ତାରେ କିଛି ଉନ୍ନତି ଆବଶ୍ୟକ। 2016-19 ହିସାବ ବର୍ଷ ପାଇଁ ବୈଧାନିକ ସମୀକ୍ଷକ ଏବଂ ସିଏଜିଙ୍କ ମନ୍ତବ୍ୟର ସମୁଦାୟ ଆର୍ଥିକ ମୂଲ୍ୟର ବିବରଣୀ ନିମ୍ନଲିଖିତ ପ୍ରକାରେ ଅଟେ:

22 ସୁଧ ଭରଣ ଅନୁପାତ ହିସାବ କରାଯାଇ ନଥିଲା କାରଣ ବର୍ଷର ସୁଧ ଖର୍ଚ୍ଚ କମ୍ପାନୀ ଦ୍ୱାରା ପୁଞ୍ଜିଭୂତ ହୋଇଥିଲା।

23 ଓଡ଼ିଶା କୋଇଲା ଏବଂ ଶକ୍ତି ଲିମିଟେଡ୍।

**ସାରଣୀ 2.14: ଶକ୍ତିକ୍ଷେତ୍ର କମ୍ପାନୀଗୁଡ଼ିକ ଉପରେ ସମୀକ୍ଷା ମନ୍ତବ୍ୟର ପ୍ରଭାବ**

*(ପରିମାଣ ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ସବିଶେଷ ବିବରଣୀ | 2016-17 | | 2017-18 | | 2018-19 | |
|---|---|---|---|---|---|---|---|
| | | ହିସାବ ସଂଖ୍ୟା | ପରିମାଣ | ହିସାବ ସଂଖ୍ୟା | ପରିମାଣ | ହିସାବ ସଂଖ୍ୟା | ପରିମାଣ |
| 1. | ଲାଭରେ ହ୍ରାସ | 1 | 0.48 | 4 | 417.12 | 2 | 43.54 |
| 2. | ଲାଭରେ ବୃଦ୍ଧି | 1 | 15.85 | 2 | 39.03 | 1 | 17.43 |
| 3. | କ୍ଷତିରେ ବୃଦ୍ଧି | 1 | 221.47 | କିଛି ନାହିଁ | କିଛି ନାହିଁ | କିଛି ନାହିଁ | କିଛି ନାହିଁ |
| 4. | କ୍ଷତିରେ ହ୍ରାସ | 0 | 0 | 0 | 0 | କିଛି ନାହିଁ | କିଛି ନାହିଁ |
| 5. | ବସ୍ତୁଗତ ତଥ୍ୟ ଗୁଡ଼ିକର ପ୍ରକାଶ ନକରିବା | କିଛି ନାହିଁ | କିଛି ନାହିଁ | 1 | 6.00 | 1 | 2.42 |
| 6. | ବର୍ଗୀକରଣର ତ୍ରୁଟି | କିଛି ନାହିଁ | କିଛି ନାହିଁ | କିଛି ନାହିଁ | କିଛି ନାହିଁ | କିଛି ନାହିଁ | କିଛି ନାହିଁ |

*(ଉତ୍ସ: ସରକାରୀ କମ୍ପାନୀ ଗୁଡ଼ିକ ସମ୍ବନ୍ଧରେ ବୈଧାନିକ ସମୀକ୍ଷକ/ ସିଏଜିଙ୍କର ମନ୍ତବ୍ୟରୁ ସଂକଳିତ)*

2018-19 ବର୍ଷ ମଧ୍ୟରେ ବୈଧାନିକ ସମୀକ୍ଷକ ସମସ୍ତ ପାଞ୍ଚଟି ହିସାବ ପାଇଁ ମନ୍ତବ୍ୟଯୁକ୍ତ ପ୍ରମାଣପତ୍ର ପ୍ରଦାନ କରିଥିଲେ। କମ୍ପାନୀ ଗୁଡ଼ିକରେ ହିସାବ ମାନଦଣ୍ଡ (ଏଏସ୍)ର ଅନୁପାଳନ ନିମ୍ନମାନର ହୋଇଥିଲା, ଯେହେତୁ ବର୍ଷ ମଧ୍ୟରେ ଗୋଟିଏ ପିଏସ୍‌ୟୁର ଗୋଟିଏ ହିସାବରେ ହିସାବ ମାନଦଣ୍ଡ (ଆଏଏସ୍) ଅନୁପାଳନ ହୋଇନଥିବାର ପାଞ୍ଚଟି ଦୃଷ୍ଟାନ୍ତ ଥିଲା।

## ଅନୁପାଳନ ସମୀକ୍ଷା ଅନୁଚ୍ଛେଦ

**2.21** 31 ମାର୍ଚ୍ଚ 2019ରେ ଶେଷ ହୋଇଥିବା ବର୍ଷ ପାଇଁ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ପ୍ରତିବେଦନ ଭାଗ-I ପାଇଁ ଶକ୍ତି ବିଭାଗ ସଚିବଙ୍କୁ ଛଅ ସପ୍ତାହ ମଧ୍ୟରେ ଉତ୍ତର ପ୍ରଦାନ କରିବାକୁ ଅନୁରୋଧ କରି ଦୁଇଟି ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଜାରି କରାଯାଇଥିଲା। ଉଭୟ ସମୀକ୍ଷା ଅନୁଚ୍ଛେଦ ସମ୍ବନ୍ଧରେ ଉତ୍ତର ଗୁଡ଼ିକ ରାଜ୍ୟ ସରକାରଙ୍କ ଠାରୁ ଗ୍ରହଣ କରାଯାଇଥିଲା ଏବଂ ଏହି ପ୍ରତିବେଦନରେ ଉପଯୁକ୍ତ ଭାବରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଗୁଡ଼ିକର ମୋଟ ଆର୍ଥିକ ପ୍ରଭାବ ହେଉଛି 222.10 କୋଟି ଟଙ୍କା।

## ସମୀକ୍ଷା ପ୍ରତିବେଦନ ଉପରେ ଅନୁଗାମୀ ପଦକ୍ଷେପ

**2.22** ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ପ୍ରତିବେଦନ ହେଉଛି ସମୀକ୍ଷା ଯାଞ୍ଚର ଫଳାଫଳ। ତେଣୁ, ଏହା ଆବଶ୍ୟକ ଯେ କାର୍ଯ୍ୟନିର୍ବାହୀ ଉପଯୁକ୍ତ ଏବଂ ସମୟାନୁବର୍ତ୍ତୀ ପ୍ରତିକ୍ରିୟା ପ୍ରଦାନ କରିବେ। ଅର୍ଥ ବିଭାଗ, ଓଡ଼ିଶା ସରକାର ସମସ୍ତ ପ୍ରଶାସନିକ ବିଭାଗକୁ ନିର୍ଦ୍ଦେଶ ଜାରି (ଡିସେମ୍ବର 1993) କରିଛନ୍ତି ଯେ ଭାରତର ସିଏଜିଙ୍କ ରିପୋର୍ଟରେ ଅନ୍ତର୍ଭୁକ୍ତ ହୋଇଥିବା ଅନୁଚ୍ଛେଦ/କାର୍ଯ୍ୟସମ୍ପାଦନ ସମୀକ୍ଷାଗୁଡ଼ିକର ବ୍ୟାଖ୍ୟାତ୍ମକ ଟିପ୍ପଣୀ/ଉତ୍ତର ସରକାରୀ ଉଦ୍ୟୋଗ କମିଟି (କୋପୁ)ର କୌଣସି ପ୍ରଶ୍ନାବଳୀକୁ ଅପେକ୍ଷା ନକରି ନିର୍ଦ୍ଦିଷ୍ଟ ଫର୍ମାଟ୍‌ରେ ବିଧାନସଭାରେ ଉପସ୍ଥାପିତ ହେବାର ତିନିମାସ ମଧ୍ୟରେ ଦାଖଲ କରିବେ। ଶକ୍ତି ବିଭାଗ ସମ୍ବନ୍ଧରେ 12ଟି ଅନୁଚ୍ଛେଦ/କାର୍ଯ୍ୟସମ୍ପାଦନ ସମୀକ୍ଷା ପାଇଁ ବ୍ୟାଖ୍ୟାତ୍ମକ ଟିପ୍ପଣୀ ବାକି ଥିଲା (ସେପ୍ଟେମ୍ବର 2019)। ସବିଶେଷ ବିବରଣୀ ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ -2.15: ଶକ୍ତିକ୍ଷେତ୍ର ପିଏସ୍‌ୟୁ ଉପରେ ବାକିଥିବା ବ୍ୟାଖ୍ୟାତ୍ମକ ଟିପ୍ପଣୀ (30 ସେପ୍ଟେମ୍ବର 2019 ସୁଦ୍ଧା)**

| ସମୀକ୍ଷା ପ୍ରତିବେଦନ ବର୍ଷ (ପିଏସ୍‌ୟୁ) | ରାଜ୍ୟ ବିଧାନସଭାରେ ସମୀକ୍ଷା ପ୍ରତିବେଦନ ଉପସ୍ଥାପିତ ହୋଇଥିବା ତାରିଖ | ସମୀକ୍ଷା ପ୍ରତିବେଦନରେ ଥିବା ବିଦ୍ୟୁତ କ୍ଷେତ୍ର କାର୍ଯ୍ୟସମ୍ପାଦନ ସମୀକ୍ଷା (ପିଏ) ଏବଂ ଅନୁଚ୍ଛେଦ | | ବିଦ୍ୟୁତ କ୍ଷେତ୍ର କାର୍ଯ୍ୟସମ୍ପାଦନ ସମୀକ୍ଷା/ ଅନୁଚ୍ଛେଦ ସଂଖ୍ୟା ଯାହାର ବ୍ୟାଖ୍ୟାତ୍ମକ ଟିପ୍ପଣୀ ପ୍ରାପ୍ତ ହୋଇନଥିଲା | |
|---|---|---|---|---|---|
| | | ପିଏ | ଅନୁଚ୍ଛେଦ | ପିଏ | ଅନୁଚ୍ଛେଦ |
| 2013-14 | 24 ଅଗଷ୍ଟ 2015 | 0 | 3 | 0 | 3 |
| 2014-15 | 26 ସେପ୍ଟେମ୍ବର 2016 | 1 | 1 | 1 | 1 |
| 2015-16 | 16 ସେପ୍ଟେମ୍ବର 2017 | 0 | 3 | 0 | 3 |
| 2016-17 | 26 ମାର୍ଚ୍ଚ 2018 | 0 | 4 | 0 | 4 |
| ମୋଟ୍ | **--** | **1** | **11** | **1** | **11** |

*(ଉତ୍ସ: ଏଜି କାର୍ଯ୍ୟାଳୟରେ ଥିବା ଡାଟାବେସ୍)*

### *କୋପୁ ଦ୍ୱାରା ସମୀକ୍ଷା ପ୍ରତିବେଦନର ଆଲୋଚନା*

**2.23** ଶକ୍ତିକ୍ଷେତ୍ରର କାର୍ଯ୍ୟସମ୍ପାଦନ ସମୀକ୍ଷା ଏବଂ ଅନୁଚ୍ଛେଦ ଯାହା ସମୀକ୍ଷା ପ୍ରତିବେଦନ (ପିଏସ୍‌ୟୁ)ରେ ସ୍ଥାନ ପାଇଥିଲା ଏବଂ 30 ସେପ୍ଟେମ୍ବର 2019 ସୁଦ୍ଧା କୋପୁ ଦ୍ୱାରା ଆଲୋଚନା କରାଯାଇଥିଲା, ତାହାର ବିବରଣୀ:

**ସାରଣୀ 2.16: ସମୀକ୍ଷା ପ୍ରତିବେଦନରେ ସ୍ଥାନ ପାଇଥିବା ଶକ୍ତିକ୍ଷେତ୍ରର କାର୍ଯ୍ୟସମ୍ପାଦନ ସମୀକ୍ଷା/ ଅନୁଚ୍ଛେଦ ଯାହା 30 ସେପ୍ଟେମ୍ବର 2019 ସୁଦ୍ଧା ଆଲୋଚନା ହୋଇଥିଲା**

| ସମୀକ୍ଷା ପ୍ରତିବେଦନ ଅବଧି | ଶକ୍ତି କ୍ଷେତ୍ରର କାର୍ଯ୍ୟସମ୍ପାଦନ ସମୀକ୍ଷା/ ଅନୁଚ୍ଛେଦ ସଂଖ୍ୟା | | | |
|---|---|---|---|---|
| | ସମୀକ୍ଷା ପ୍ରତିବେଦନରେ ଥିବା ସଂଖ୍ୟା | | ଆଲୋଚନା ହୋଇଥିବା ସଂଖ୍ୟା | |
| | ପିଏ | ଅନୁଚ୍ଛେଦ | ପିଏ | ଅନୁଚ୍ଛେଦ |
| 2008-09 | 1 | 5.5 | 0 | 5.5 |
| 2009-10 | 1 | 5 | 0 | 5 |
| 2010-11 | 0 | 1 | 0 | 1 |
| 2011-12 | 1 | 6 | 1 | 6 |
| 2012-13 | 1 | 3 | 1 | 3 |
| 2013-14 | 0 | 3 | 0 | 0 |
| 2014-15 | 1 | 1 | 0 | 0 |
| 2015-16 | 0 | 3 | 0 | 0 |
| 2016-17 | 0 | 4 | 0 | 0 |
| ମୋଟ୍ | **5** | **31.5** | **2** | **20.5** |

*(ଉତ୍ସ: ମହାଲେଖାକାରଙ୍କ କାର୍ଯ୍ୟାଳୟରେ ଥିବା ଡାଟାବେସ୍)*

ସରକାରୀ ଉଦ୍ୟୋଗ ସମିତିକୁ ସେମାନଙ୍କର ପ୍ରଥମ ବୈଠକରେ (ଜୁନ୍ 2018) ଆଲୋଚନା ପାଇଁ ବକେୟା ଥିବା ସମୀକ୍ଷା ପ୍ରତିବେଦନର ଅନୁଚ୍ଛେଦ ଗୁଡିକ ବିଷୟରେ ଅବଗତ କରାଯାଇଥିଲା। 2018-19ରେ, କୋପୁ ଶକ୍ତିକ୍ଷେତ୍ର ପିଏସ୍‌ୟୁ ସହିତ ଜଡିତ ସମୀକ୍ଷା ପ୍ରତିବେଦନର କୌଣସି ଅନୁଚ୍ଛେଦ ବିଷୟରେ ଆଲୋଚନା କରିନଥିଲେ।

### *ସରକାରୀ ଉଦ୍ୟୋଗ ସମିତି (କୋପୁ) ପ୍ରତିବେଦନର ଅନୁପାଳନ*

**2.24** ଶକ୍ତି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଟିପ୍ପଣୀ (ଏଟିଏନ୍) ବିଚାରାଧୀନ ନଥିଲା।

# ଅଧ୍ୟାୟ-III

## ଅନୁପାଳନ ସମୀକ୍ଷା ମନ୍ତବ୍ୟ

## (ଶକ୍ତିକ୍ଷେତ୍ର ପିଏସ୍‌ୟୁ)

# ଅଧ୍ୟାୟ-III

## 3. ଅନୁପାଳନ ସମୀକ୍ଷା ମନ୍ତବ୍ୟ

ରାଜ୍ୟ ଶକ୍ତିକ୍ଷେତ୍ର ସରକାରୀ ଉଦ୍ୟୋଗ ଗୁଡିକର କରାବାରର ନମୁନା ସମୀକ୍ଷାରୁ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତ ଏହି ଅଧ୍ୟାୟରେ ଅନ୍ତର୍ଭୁକ୍ତ କରାଯାଇଛି ।

## ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍)

## 3.1 ଓପିଟିସିଏଲ୍ ଦ୍ୱାରା ଓଡ଼ିଶା ବିଦ୍ୟୁତ ବିତରଣ ବ୍ୟବସ୍ଥା ଦୃଢ଼ୀକରଣ ପ୍ରକଳ୍ପର କାର୍ଯ୍ୟାନ୍ୱୟନ

### ଉପକ୍ରମ

**3.1.1** ଗ୍ରହକମାନଙ୍କୁ ବିଦ୍ୟୁତର ସର୍ବଶେଷ ଯୋଗାଣ ବିଦ୍ୟୁତ ବିତରଣ କାର୍ଯ୍ୟ ଉପରେ ନ୍ୟସ୍ତ ଥିବାରୁ ଶକ୍ତିକ୍ଷେତ୍ରରେ ବିଦ୍ୟୁତ ବିତରଣ କାର୍ଯ୍ୟ ମୁଖ୍ୟ ଅଟେ। 33/11 କେଭି ଉପକେନ୍ଦ୍ର ଓ ତତ୍ସଂଲଗ୍ନ ବିଦ୍ୟୁତ ସରବରାହ ତାରର ଦକ୍ଷତା ଉପରେ ଭରସାଯୋଗ୍ୟ ଓ ଉପଯୁକ୍ତ ମାନର ଶକ୍ତି ଯୋଗାଣ ନିର୍ଭର କରେ। ଓଡ଼ିଶାରେ ପୁଞ୍ଜି ପୁନଃନିବେଶ ଦ୍ୱାରା ବିଦ୍ୟୁତ ବିତରଣ ବ୍ୟବସ୍ଥାର ଦୃଢ଼ୀକରଣ ପାଇଁ ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ 1999 ରେ ଅନୁମତି ଦିଆଗଲା। ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ତାହା ଫଳପ୍ରଦ ନହେବାରୁ ଉପଭୋକ୍ତା ମାନଙ୍କର କ୍ରମବର୍ଦ୍ଧିଷ୍ଣୁ ଚାହିଦା ପୂରଣ କରିବାରେ ବିତରଣବ୍ୟବସ୍ଥା ଅତିରିକ୍ତ ଭାବରେ ଉପଯୁକ୍ତ ହେଲା। ଘରୋଇ ଅଂଶୀଦାରମାନଙ୍କ ସମକକ୍ଷ ପାଣ୍ଠି ଯୋଗାଣରେ ଅସହଯୋଗ ଯୋଗୁ ପୁଞ୍ଜି ନିବେଶ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା (2010) ପୁଞ୍ଜି ବ୍ୟୟ କାର୍ଯ୍ୟକ୍ରମ ହୋଇପାରିଲା ନାହିଁ। 2013-14 ରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଦ୍ୱାରା ଅନୁମୋଦିତ 22.17 ଶତକଡା ସମୂହ ବୈଷୟିକ ଓ ବାଣିଜ୍ୟିକ (ଏଟିଆଣ୍ଡସି) କ୍ଷତିର ମାନଦଣ୍ଡ ତୁଳନାରେ 36.52 ଶତକଡାର ଉଚ୍ଚ ଏଟିଆଣ୍ଡସି କ୍ଷତି ହେଉଥିବାରୁ ବିତରଣ କମ୍ପାନୀମାନେ (ଡିସକମ୍) ଉପଭୋକ୍ତାମାନଙ୍କୁ ନିର୍ଭରଯୋଗ୍ୟ ଏବଂ ଉପଯୁକ୍ତ ମାନ ବିଦ୍ୟୁତ ଯୋଗାଣରେ ବିଫଳ ହେଉଥିଲେ। ପୁନଶ୍ଚ, ସେହି ଅବଧିରେ 1,200 ଉପକେନ୍ଦ୍ରର ଆବଶ୍ୟକତା ତୁଳନାରେ କେବଳ 550 ଟି ବିତରଣ ଉପକେନ୍ଦ୍ର (33/11 କେଭି) ଉପଲବ୍ଧ ଥିଲା।

ଉପରୋକ୍ତ ତଥ୍ୟାନୁସାରେ ଏବଂ ଯଥାର୍ଥ ବିବେଚନା ପରେ, ରାଜ୍ୟ କ୍ୟାବିନେଟ୍ ରାଜ୍ୟରେ ଓଡ଼ିଶା ସରକାରଙ୍କ 2,600 କୋଟି ଟଙ୍କାର ସମ୍ପୂର୍ଣ୍ଣ ପୁଞ୍ଜି ନିବେଶରେ 2013-14 ରୁ 3 ବର୍ଷ ମଧ୍ୟରେ 500 ଟି ନୂତନ 33/11 କେଭି ଉପକେନ୍ଦ୍ର ନିର୍ମାଣର ପ୍ରସ୍ତାବକୁ ଅନୁମୋଦନ (ଜୁଲାଇ 2013) କଲା। ପରେ ଯୋଜନାଟି 'ଓଡ଼ିଶା ବିଦ୍ୟୁତ ବିତରଣ ବ୍ୟବସ୍ଥା ଦୃଢ଼ୀକରଣ ପ୍ରକଳ୍ପ' ନାମରେ ନାମିତ ହେଲା। ଓଡ଼ିଶା ସରକାର (ନଭେମ୍ବର 2017) ଉପକୂଳରେ ଭୟଙ୍କର ବାତ୍ୟା (ଅକ୍ଟୋବର 2013) ପରେ ବନ୍ୟା/ବାତ୍ୟା ନିରୋଧୀ ସୁଦୃଢ଼ 473 ଟି ଉପକେନ୍ଦ୍ର ପାଇଁ ପ୍ରକଳ୍ପର ମୂଲ୍ୟ 3,843 କୋଟି ଟଙ୍କାକୁ ପରିବର୍ତ୍ତନ କଲେ ଏବଂ କାର୍ଯ୍ୟାନ୍ୱୟନ ଅବଧି 2018-19 ପର୍ଯ୍ୟନ୍ତ ବୃଦ୍ଧି କଲେ। ଓଡିଏସ୍‌ଏସ୍‌ପି ଏଟିଆଣ୍ଡସି କ୍ଷତିକୁ ବାର୍ଷିକ ତିନି ଶତକଡା ହ୍ରାସ ସହ ବାର୍ଷିକ 255 କୋଟି ଟଙ୍କା ଅତିରିକ୍ତ ରାଜସ୍ୱ ସଂଗ୍ରହର ଅଟକଳ କଲେ। ବିତରଣ ଭିତ୍ତିଭୂମିର ବିକାଶ ଦ୍ୱାରା ଭରସାଯୋଗ୍ୟ ଏବଂ ଉପଯୁକ୍ତ ମାନର ବିଦ୍ୟୁତ୍ ଯୋଗାଇବା ପାଇଁ ମଧ୍ୟ ପ୍ରକଳ୍ପରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା।

ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍), ରାଜ୍ୟ ସରକାରଙ୍କର ଏକ ଉଦ୍ୟୋଗକୁ କାର୍ଯ୍ୟାନ୍ୱୟନକାରୀ ସଂସ୍ଥା ରୂପେ ଜଡିତ କଲେ। ପ୍ରକଳ୍ପର କାର୍ଯ୍ୟକାରୀତାକୁ ପରିଚାଳନା କରିବା ପାଇଁ ଓପିଟିସିଏଲ୍‌କୁ ଶକ୍ତି ବିଭାଗ, ବିତ୍ତ ବିଭାଗ, ପ୍ରକଳ୍ପ ବ୍ୟବସ୍ଥାପନା ପରାମର୍ଶଦାତା (ପିଏମ୍‌ସି), ଡିସ୍‌କମ୍ ଏବଂ ପରିଚାଳନା ସମିତି ସହିତ ସମନ୍ୱୟ ରଖିବାକୁ ହେବ। ଅଗଷ୍ଟ 2019 ସୁଦ୍ଧା 3,130.08 କୋଟି ଟଙ୍କା (87 ପ୍ରତିଶତ) ଖର୍ଚ୍ଚ ହୋଇଛି ଏବଂ କେବଳ 170 ଟି ଉପକେନ୍ଦ୍ର (36 ପ୍ରତିଶତ) ସମ୍ପୂର୍ଣ୍ଣ ହୋଇଅଛି। ପୁନଶ୍ଚ ଜାନୁଆରୀ 2021 ସୁଦ୍ଧା 3,346 (81 ପ୍ରତିଶତ) କୋଟି ଟଙ୍କା ଖର୍ଚ୍ଚ ହୋଇଛି ଏବଂ 356 ଟି ଉପକେନ୍ଦ୍ର (75.26 ପ୍ରତିଶତ) ସମ୍ପୂର୍ଣ୍ଣ ହୋଇଅଛି। ପରିବର୍ଦ୍ଧିତ ସମୟ ଅବଧିରେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବାରୁ ଯୋଜନାର ଉଦ୍ଦେଶ୍ୟ ହାସଲ ହୋଇପାରିଲା ନାହିଁ; ତତ୍‌ସହିତ ଅନୁପଯୁକ୍ତ ଖର୍ଚ୍ଚ ଯୋଗୁ ପରିହାର୍ଯ୍ୟ କ୍ଷତି ହେଲା।

ମଇ ରୁ ଅଗଷ୍ଟ 2019 ମଧ୍ୟରେ କରାଯାଇଥିବା ଅନୁପାଳନ ସମୀକ୍ଷାରେ ଉପରୋକ୍ତ ବିଫଳତାର କାରଣ ବିଶ୍ଳେଷଣ କରାଯାଇଛି। ଏହି ସମୀକ୍ଷାରେ ନିମ୍ନୋକ୍ତ ସନ୍ଦର୍ଭଗୁଡ଼ିକର ପରୀକ୍ଷା କରାଯାଇଛି:

- ପ୍ରକଳ୍ପର ଯୋଜନା ଓ କାର୍ଯ୍ୟାନ୍ୱୟନ ଏଟିଆଣ୍ଡସି କ୍ଷତିରେ ଧାର୍ଯ୍ୟ କରାଯାଇଥିବା ବାର୍ଷିକ 3 ପ୍ରତିଶତ ହ୍ରାସର ଲକ୍ଷ୍ୟ ଅନୁଯାୟୀ କରାଯାଇଥିଲା କି; ଏବଂ
- ବିଭିନ୍ନ ସ୍ତରରେ ଥିବା ତଦାରଖ ଓ ପର୍ଯ୍ୟାଲୋଚନା ପ୍ରଣାଳୀ, ଧାର୍ଯ୍ୟ ଉଦ୍ଦେଶ୍ୟ ସାଧନ ପାଇଁ ପ୍ରଭାବୀ ଥିଲା କି।

## ସମୀକ୍ଷା ମନ୍ତବ୍ୟ

## ପ୍ରକଳ୍ପ ଯୋଜନା

**3.1.2** ଯୋଜନା ଏକ ପ୍ରକଳ୍ପର ଜଟିଳ ପର୍ଯ୍ୟାୟ ଅଟେ। ପ୍ରକଳ୍ପର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ କିପରି ରୂପାୟନ କରାଯିବ, ପ୍ରକଳ୍ପ ଯୋଜନା, ଏହାର କାର୍ଯ୍ୟାନ୍ୱୟନରେ ଜଡିତ ସଂସ୍ଥା, ଅଂଶୀଦାର ତଥା ପ୍ରକଳ୍ପ ଦଳ ମାନଙ୍କୁ ପଥ ପ୍ରଦର୍ଶନ କରେ। ଏହା ଲକ୍ଷ୍ୟ ନିରୂପଣରେ ପ୍ରାଥମିକତା ସ୍ଥିର କରିବା, ପର୍ଯ୍ୟାୟ ଚିହ୍ନଟ, କାର୍ଯ୍ୟ ପରିଚାଳନା, ବିପଦ ଆକଳନ ଏବଂ ଲକ୍ଷ୍ୟ ହାସଲରେ ସାହାଯ୍ୟ କରେ। ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଓପିଟିସିଏଲ୍‌କୁ ନୋଡାଲ ସଂସ୍ଥା ରୂପେ ନିଯୁକ୍ତ କରାଯାଇଥିଲା। ଏହା 473 ଟି ଉପକେନ୍ଦ୍ରର ନିର୍ମାଣ ସକାଶେ ବିଭିନ୍ନ ସଂସ୍ଥାମାନଙ୍କ ସହ ସଂଯୋଜନା କରିବା ଏହାର ଦାୟିତ୍ୱ ଥିଲା। ଅଥଚ, ଏହା ଦେଖାଗଲା ଯେ, ଯୋଜନା ପ୍ରଣୟନରେ ଅପାରଗତା ଯୋଗୁ ପ୍ରକଳ୍ପଟି ନିମ୍ନ ବର୍ଣ୍ଣିତ ବିଳମ୍ବ ଦ୍ୱାରା ପ୍ରଭାବିତ ହେଲା:

### *ପିଏମ୍‌ସି ଦ୍ୱାରା ନକ୍ସା ଏବଂ ଡ୍ରାଈଂର ଅନୁମୋଦନରେ ବିଳମ୍ବ ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ପ୍ରଭାବିତ କଲା*

**3.1.2.1** ଓଡ଼ିଶା ସରକାର ତିନି ବର୍ଷ (2013-14 ରୁ 2015-16) ମଧ୍ୟରେ 500 ଟି ଉପକେନ୍ଦ୍ର ନିର୍ମାଣ କରିବାକୁ ଯୋଜନା କରିଥିଲେ। ଓଡ଼ିଶା ସରକାର, କେନ୍ଦ୍ର ସରକାରୀ ଉଦ୍ୟୋଗ ମଧ୍ୟରୁ ପିଏମ୍‌ସି ଚୟନ କରିବାକୁ ଓପିଟିସିଏଲ୍‌କୁ ଅଧିକାର ପ୍ରଦାନ କରିଥିଲେ।

ଇପିସି ଠିକାଦାର ଦ୍ୱାରା ଦାଖଲ କରାଯାଇଥିବା ନକ୍ସା ଏବଂ ଡ୍ରାଈଂ 7 ଦିନ ମଧ୍ୟରେ ପିଏମ୍‌ସିକୁ ଅନୁମୋଦନ କରିବାର ଥିଲା। ସମୀକ୍ଷାରୁ ଦେଖାଗଲା ଯେ ପିଏମ୍‌ସି କାର୍ଯ୍ୟ ସମ୍ପାଦନ ପାଇଁ ନା ସର୍ବେକ୍ଷଣ ପ୍ରତିବେଦନ ସମୟରେ ଅନୁମୋଦନ କରିପାରିଲା ନା ଯାନ୍ତ୍ରିକ, କ୍ରୟ ଏବଂ ନିର୍ମାଣକାରୀ (ଇପିସି) ସଂସ୍ଥା ଦ୍ୱାରା ସମୟାନୁସାରେ କାର୍ଯ୍ୟ ସମାପନ ସୁନିଶ୍ଚିତ କରିପାରିଲା। 343 ଟି ଉପକେନ୍ଦ୍ରର ସମୀକ୍ଷାରୁ ଦେଖାଗଲା ଯେ 205ଟି ଉପକେନ୍ଦ୍ରର ନକ୍ସା ଏବଂ ଡ୍ରାଈଂକୁ ପିଏମ୍‌ସି 8 ରୁ 165 ଦିନ ବିଳମ୍ବରେ ଅନୁମୋଦନ କରିଥିଲା। ଏହା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାରେ ବିଳମ୍ବ କଲା।

ସମୀକ୍ଷାରୁ ଦେଖାଗଲା ଯେ ପ୍ରସ୍ତାବ ପାଇଁ ଅନୁରୋଧ (ଆର୍‌ଏଫ୍‌ପି) ଆମନ୍ତ୍ରଣ କଲାବେଳେ ଓପିଟିସିଏଲ୍ କେନ୍ଦ୍ରୀୟ ପିଏସ୍‌ୟୁ ମାନଙ୍କର କାର୍ଯ୍ୟାନୁଯାୟୀ ଅଭିଜ୍ଞତାକୁ ବୈଷୟିକ-ବାଣିଜ୍ୟିକ ନିଲାମର ମାନଦଣ୍ଡ ରୂପେ ସାମିଲ କରିନଥିଲା। ପରିଚାଳନା କର୍ତ୍ତୃପକ୍ଷ କହିଲେ(ମେଇ 2020) ଯେ, ବୈଦ୍ୟୁତିକ କ୍ଷେତ୍ରରେ ପରାମର୍ଶଦାତାଙ୍କ ପ୍ରଭୂତ ଅଭିଜ୍ଞତା ଥିଲା। ଅଥଚ, ଉପର ବର୍ଣ୍ଣିତ ଡ୍ରାଈଂ ଅନୁମୋଦନରେ ହୋଇଥିବା ବିଳମ୍ବରୁ ଜଣାଗଲା ଯେ, ପିଏମ୍‌ସି ମାନଙ୍କର ଆବଶ୍ୟକୀୟ ଏବଂ କାର୍ଯ୍ୟ ନିର୍ଦ୍ଦିଷ୍ଟ ଅଭିଜ୍ଞତା ସମୟ ଅବଧି ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ନିଷ୍ପାଦନର ସକ୍ଷମକାରକ ହୋଇଥାନ୍ତା।

### *ଅନୁପଯୁକ୍ତ ଇପିସି ଠିକାଦାର ଚୟନ*

473 ଟି ଉପକେନ୍ଦ୍ର ନିର୍ମାଣର ପ୍ରକଳ୍ପକୁ 22 ଟି ପ୍ୟାକେଜରେ ଭାଗ କରାଯାଇଥିଲା। ପ୍ରତ୍ୟେକ ପ୍ୟାକେଜ୍‌ରେ 9 ରୁ 53 ଟି ଉପକେନ୍ଦ୍ର ଥିଲା। ପ୍ରତ୍ୟେକ ପ୍ୟାକେଜର ସମାନ୍ତରାଳ ସମ୍ପାଦନ ପାଇଁ ଭୌଗୋଳିକ ଉପସ୍ଥିତି ଅନୁସାରେ ଅଲଗା ଅଲଗା ଟେଣ୍ଡର ଆହ୍ୱାନ କରାଯାଇଥିଲା। ବୈଷୟିକ ଯୋଗ୍ୟତା ଅନୁସାରେ, ଟେଣ୍ଡର ଆମନ୍ତ୍ରଣ ବର୍ଷର ପୂର୍ବ ପାଞ୍ଚ ବର୍ଷ ମଧ୍ୟରେ ପ୍ରତ୍ୟେକ ନିଲାମକାରୀ ଦାଖଲ କରୁଥିବା ନିଲାମ ପାଇଁ ସ୍ୱୟଂ ସମ୍ପୂର୍ଣ୍ଣ ଚୁକ୍ତି/ଇପିସି ଚୁକ୍ତି ପ୍ରକ୍ରିୟାରେ ପ୍ୟାକେଜରେ ଥିବା ଉପକେନ୍ଦ୍ର ସଂଖ୍ୟାର ଅତିକମ୍‌ରେ 50 ପ୍ରତିଶତ ଉପକେନ୍ଦ୍ର ସଫଳ ଭାବରେ ନିର୍ମାଣ, ପରୀକ୍ଷା ଓ ଚାଲୁ କରାଇଥିବା ଆବଶ୍ୟକ ଥିଲା। ଓପିଟିସିଏଲ୍ ପତ୍ୟେକ ପ୍ୟାକଜକୁ ଟେଣ୍ଡରର ଉପରୋକ୍ତ ମାନଦଣ୍ଡ ଭିତ୍ତିରେ ଇପିସି ଠିକାଦାରଙ୍କୁ ପ୍ରଦାନ କରିଥିଲା। 473 ଟି ଉପକେନ୍ଦ୍ରର ନିର୍ମାଣକୁ ବିଚାର କଲେ, ବିଗତ

ପାଞ୍ଚ ବର୍ଷରେ ଅତିକମ୍‌ରେ 237 ଟି ଉପକେନ୍ଦ୍ର ନିର୍ମାଣର ଅଭିଜ୍ଞତା ଆବଶ୍ୟକ ଥିଲା। ଅଥଚ, ଏହି ଅଭିଜ୍ଞତା ଓ କାର୍ଯ୍ୟ ନିଷ୍ପାଦନର କ୍ଷମତା ସୁନିଶ୍ଚିତ କରିବାକୁ ବିଭିନ୍ନ ପ୍ୟାକେଜରେ ଅଂଶଗ୍ରହଣ କରିବାକୁ ନିଲାମକାରୀଙ୍କ ଉପରେ କୌଣସି ପ୍ରତିବନ୍ଧକ ନଥିଲା। ଫଳସ୍ୱରୂପ, ଇପିସି ଠିକାଦାରମାନେ ସେମାନଙ୍କ କ୍ଷମତା ବହିର୍ଭୁତ ଟେଣ୍ଡରରେ ଭାଗ ନେଲେ ଏବଂ କ୍ଷମତା ବହିର୍ଭୁତ କାର୍ଯ୍ୟାଦେଶ ହାସଲ କଲେ।

ତଥ୍ୟର ନମୁନା ପରୀକ୍ଷା ନିମ୍ନ ସାରଣୀ ମୁତାବକ 100 ଟି ଉପକେନ୍ଦ୍ର ପାଇଁ ଯୋଗ୍ୟ ଥିବା ଠିକାଦାରଙ୍କୁ 397 ଟି ଉପକେନ୍ଦ୍ର ଦିଆଯାଇଥିବା ପ୍ରକାଶ କଲା:

**ସାରଣୀ 3.1.1: କ୍ଷମତା ତୁଳନାରେ ଉପକେନ୍ଦ୍ରର ପ୍ରଦାନ**

(ଉପକେନ୍ଦ୍ର ସଂଖ୍ୟା)

| ଇପିସି ଠିକାଦାରଙ୍କ ନାମ | କାର୍ଯ୍ୟ ସମ୍ପାଦନର ପୂର୍ବ ଅଭିଜ୍ଞତା | ପ୍ରଦତ୍ତ ପ୍ୟାକେଜ୍ ସଂଖ୍ୟା | ପ୍ରଦତ୍ତ ମୋଟ୍ ଉପକେନ୍ଦ୍ର ସଂଖ୍ୟା | ଅଭିଜ୍ଞତା ଅନୁସାରେ ଯୋଗ୍ୟତା | ଅତ୍ୟଧିକ ପ୍ରଦାନ | ହସ୍ତାନ୍ତର/ ସମ୍ପାଦନ (ମଇ 2020) |
|---|---|---|---|---|---|---|
| ମେସର୍ସ ଜିପିଆଇଏଲ୍ | 18 | 5 | 131 | 36 | 95 | 35 |
| ମେସର୍ସ ଏଲ୍ ଆଣ୍ଡ ଟି | 12 | 4 | 147 | 24 | 123 | 36 |
| ମେସର୍ସ ବିଶ୍ୱନାଥ ପ୍ରୋଜେକ୍ଟ ଲିମିଟେଡ୍. | 12 | 3 | 78 | 24 | 54 | 27 |
| ମେସର୍ସ ସୃଷ୍ଟି କୋନଟେକ୍ ପ୍ରାଇଭେଟ୍ ଲିମିଟେଡ୍ | 5 | 1 | 16 | 10 | 6 | 7 |
| ମେସର୍ସ ଷ୍ଟାରଲିଙ୍ଗ ଆଣ୍ଡ ୱିଲସନ୍ ଲିମିଟେଡ୍ | 3 | 3 | 25 | 6 | 19 | 4 |
| ମୋଟ୍ | **50** | **16** | **397** | **100** | **297** | **109** |

*(ଉତ୍ସ: ଓପିଟିସିଏଲ୍ ଦ୍ୱାରା ପ୍ରଦତ୍ତ ତଥ୍ୟ)*

ଉପରୋକ୍ତ ତଥ୍ୟରୁ ଏହା ଦେଖାଗଲା ଯେ 100 ଟି ଉପକେନ୍ଦ୍ର ନିର୍ମାଣ ପାଇଁ ଯୋଗ୍ୟ ଥିବା ଠିକାଦାରମାନଙ୍କୁ 397 ଟି ଉପକେନ୍ଦ୍ର ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ସେମାନେ ମଇ 2020 ସୁଦ୍ଧା କେବଳ 109 ଟି ଉପକେନ୍ଦ୍ର ନିର୍ମାଣ ସମ୍ପୂର୍ଣ୍ଣ କରିପାରିଥିଲେ। ବର୍ତ୍ତମାନ ସୁଦ୍ଧା 284 ଟି ଉପକେନ୍ଦ୍ରର ନିର୍ମାଣ (397 ମଧ୍ୟରୁ) 1 ରୁ 55 ମାସ ବିଳମ୍ବରେ ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ 113 ଟି ଉପକେନ୍ଦ୍ର ଏପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ରହିଛି।

ପରିଚାଳନା କର୍ତ୍ତୃପକ୍ଷ କହିଲେ (ମଇ 2020) ଯେ, ଆବଶ୍ୟକୀୟ ଯୋଗ୍ୟତାକୁ ପ୍ୟାକେଜ୍ ଗୁଡିକ ସହିତ ଯୋଡିବାରେ ଅସୁବିଧା ହୋଇଥାନ୍ତା। ଏହା ସୀମିତ ସଂଖ୍ୟକ ନିଲାମକାରୀଙ୍କ ଅଂଶଗ୍ରହଣ ସହ ଉଚ୍ଚ ଦରରେ ମୂଲ୍ୟାଙ୍କକୁ ପ୍ରୋତ୍ସାହନ ଦେଇଥାନ୍ତା। ଉତ୍ତରଟି ଗ୍ରହଣୀୟ ନଥିଲା, କାରଣ ପ୍ରକଳ୍ପର ଭିନ୍ନ ଭିନ୍ନ ପ୍ୟାକେଜକୁ ସତନ୍ତ୍ର ବିଚାରଣୀୟ ନଥିବାରୁ ଓପିଟିସିଏଲ୍ ପରିଚାଳନା କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ନିଲାମ ପ୍ରକ୍ରିୟାକୁ ଏକ ଭାବେ ଗ୍ରହଣ କରିବାର ଥିଲା। ଠିକାଦାରମାନେ ସେମାନଙ୍କ କ୍ଷମତା ବହିର୍ଭୁତ ନିଲାମରେ ଏକକାଳୀନ ବିଭିନ୍ନ ପ୍ୟାକେଜରେ ଭାଗ ନେବା ଏବଂ ଏହାର ଫଳସ୍ୱରୂପ ବିଳମ୍ବରେ ପ୍ରଭାବ ଓ କାର୍ଯ୍ୟ ଶେଷ ନକରିବାର ବିପଦକୁ ଦୂର କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାର ଥିଲା, ଯାହାକି ଏଠାରେ ଉଲ୍ଲେଖ କରାଗଲା।

### *କ୍ରୟ ପଦ୍ଧତିରେ ଅଯଥା ପରିବର୍ତ୍ତନ*

**3.1.2.3** ଓପିଟିସିଏଲ୍ ଅନ୍ୟ ସମସ୍ତ ପ୍ରକଳ୍ପ ପାଇଁ ଟ୍ରାନ୍ସଫର୍ମର କ୍ରୟ ଇପିସି ଠିକାଦାରର ପରିସରରେ ନରଖି ଇପିସି ଚୁକ୍ତି ପ୍ରଦାନ କରୁଥିଲା। ଏଗୁଡିକ ମିତବ୍ୟୟିତା ଓ ଗୁଣବତ୍ତାକୁ ସୁନିଶ୍ଚିତ କରିବାକୁ ପ୍ରତ୍ୟକ୍ଷ ଭାବରେ କିଣାଯାଉଥିଲା। ଅଥଚ, ଏହି କ୍ଷେତ୍ରରେ ଓପିଟିସିଏଲ୍ ଇପିସି ଠିକାଦାର[24]ମାନଙ୍କୁ ତାଙ୍କ କାର୍ଯ୍ୟ ପରିସରରେ ଟ୍ରାନ୍ସଫର୍ମର କ୍ରୟକୁ ଅନ୍ତର୍ଭୁକ୍ତ କରିଥିଲା। ଓଡିଏସ୍ଏସ୍ପି ପାଇଁ ନୀତିରେ ଏହି ପରିବର୍ତ୍ତନ ଓପିଟିସିଏଲ୍‌ର ଅନ୍ୟ ପ୍ରକଳ୍ପରେ କିଣାଯାଇଥିବା ଟ୍ରାନ୍ସଫର୍ମର ଗୁଡିକର ମୂଲ୍ୟ ତୁଳନାରେ ଏହି ଯୋଜନାରେ

24 ବିଭିନ୍ନ ବର୍ଗରେ ସମାନ ନିର୍ଦ୍ଦିଷ୍ଟକରଣ ଟ୍ରାନ୍ସଫରମର୍ ତୁଳନା କରି, ଓପିଟିସିଏଲ୍‌ର କ୍ରୟ 30 ଲକ୍ଷରୁ 56.16 ଲକ୍ଷ ଟଙ୍କା ମଧ୍ୟରେ ଏବଂ ଇପିସି ଠିକାଦାରଙ୍କ କ୍ରୟ 33.88 ଲକ୍ଷରୁ 80.18 ଲକ୍ଷ ମଧ୍ୟରେ।

କିଣାଯାଇଥିବା 946 ଟି ଟ୍ରାନ୍ସଫର୍ମର ଗୁଡିକର ମୂଲ୍ୟରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଯୋଗୁ 173.91 କୋଟି ଟଙ୍କା ଅଧିକ ଖର୍ଚ୍ଚ ହେଲା।

ପରିଚାଳନା କର୍ତ୍ତୃପକ୍ଷ କହିଲେ (ମଇ 2020) ଯେ, ଟ୍ରାନ୍ସଫର୍ମର କିଣା ଇପିସି ଠିକାଦାରଙ୍କ କାର୍ଯ୍ୟ ପରିସର ବାହାରେ ରଖିବା ଦ୍ୱାରା ଅନ୍ୟ ଉପକରଣରେ ଉଚ୍ଚ ଦର ମୂଲ୍ୟାଙ୍କକୁ ପ୍ରୋତ୍ସାହିତ କରିଥାନ୍ତା। ସମ୍ଭାବ୍ୟ ନିଲାମରେ ମୂଲ୍ୟର ଉପାଦାନକୁ ଗୋଟିଏ ପ୍ରତିଯୋଗୀତାମୂଳକ ନିଲାମ ପ୍ରକ୍ରିୟାରେ ଗ୍ରହଣ କରିବା ପୂର୍ବରୁ ଅନୁମାନ କରାଯାଇଥିବାରୁ ଉତ୍ତରଟି ଗ୍ରହଣଯୋଗ୍ୟ ନୁହେଁ।

## ପ୍ରକଳ୍ପର କାର୍ଯ୍ୟକାରିତା

**3.1.3** ଓପିଟିସିଏଲ୍ 473ଟି ଉପକେନ୍ଦ୍ରର ନିର୍ମାଣକୁ 22ଟି ପ୍ୟାକେଜ୍ ଆକାରରେ ନଅଜଣ ଇପିସି ଠିକାଦାରଙ୍କୁ ପ୍ରଦାନ କଲା। ଏଗୁଡିକ ମଧ୍ୟରୁ 312ଟି ଉପକେନ୍ଦ୍ର ସ୍ୱୀକୃତିପତ୍ର ତାରିଖର 14 ମାସ ମଧ୍ୟରେ ଏବଂ 161ଟି ଉପକେନ୍ଦ୍ର 18 ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାର ଥିଲା। ସମସ୍ତ ଉପକେନ୍ଦ୍ର ମଇ 2015 ଠାରୁ ମାର୍ଚ୍ଚ 2019 ମଧ୍ୟରେ ସମ୍ପୂର୍ଣ୍ଣ କରିବାର ଥିଲା। ମାର୍ଚ୍ଚ 2019 ପର୍ଯ୍ୟନ୍ତ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ଉପକେନ୍ଦ୍ର ତଥା ଡିସ୍କମ୍‌ମାନଙ୍କୁ ହସ୍ତାନ୍ତର ହୋଇଥିବା ଉପକେନ୍ଦ୍ର ମାନଙ୍କର ସ୍ଥିତିର ସବିଶେଷ ନିମ୍ନରେ ଦିଆଗଲା:

**ସାରଣୀ 3.1.2: ମାର୍ଚ୍ଚ 2019 ସୁଦ୍ଧା ନିର୍ମାଣ ହୋଇଥିବା ତଥା ଡିସ୍କମ୍‌କୁ ହସ୍ତାନ୍ତର ହୋଇଥିବା ଉପକେନ୍ଦ୍ର ମାନଙ୍କର ସ୍ଥିତି**

| ବର୍ଷ | ଡିସ୍କମ୍‌କୁ ହସ୍ତାନ୍ତର ହେବାକୁ ଥିବା ଉପକେନ୍ଦ୍ର ସଂଖ୍ୟା | ଡିସ୍କମ୍‌କୁ ହସ୍ତାନ୍ତର ହେବାକୁ ଥିବା ପ୍ରଗତିଶୀଳ ଉପକେନ୍ଦ୍ର ସଂଖ୍ୟା | ଡିସ୍କମ୍‌କୁ ହସ୍ତାନ୍ତର ହୋଇଥିବା ଉପକେନ୍ଦ୍ର ସଂଖ୍ୟା | ଡିସ୍କମ୍‌କୁ ପ୍ରଗତିଶୀଳ ହସ୍ତାନ୍ତରଣ ଉପକେନ୍ଦ୍ର ସଂଖ୍ୟା | ହସ୍ତାନ୍ତର ହୋଇଥିବା ଉପକେନ୍ଦ୍ରର ମୂଲ୍ୟ (ଟଙ୍କା କୋଟିରେ) | ହସ୍ତାନ୍ତର ହୋଇଥିବା ସମସ୍ତ ଉପକେନ୍ଦ୍ରକୁ ମିଶାଇ ସମସ୍ତ ପ୍ରକଳ୍ପର ମୋଟ୍ ଖର୍ଚ୍ଚ (ଟଙ୍କା କୋଟିରେ) |
|---|---|---|---|---|---|---|
| 2014-15 | - | - | - | - | - | 82.67 |
| 2015-16 | 163 | 163 | - | - | - | 717.00 |
| 2016-17 | 149 | 312 | 29 | 29 | 220.43 | 1,106.13 |
| 2017-18 | 161 | 473 | 93 | 122 | 747.62 | 786.97 |
| 2018-19 | | | 48 | 170 | 338.95 | 437.31 |
| ମୋଟ୍ | | | | | **1,307.00** | **3,130.08** |

***(ଉତ୍ସ: ଓପିଟିସିଏଲ୍‌ର 2014-15 ରୁ 2018-19 ର ହିସାବ ଏବଂ ଓପିଟିସିଏଲ୍ ଦ୍ୱାରା ପ୍ରଦତ୍ତ ତଥ୍ୟ)***

ଉପରୋକ୍ତ ସାରଣୀରୁ ସମୀକ୍ଷା ଅନୁଧ୍ୟାନ କଲା ଯେ ନିର୍ଦ୍ଧାରିତ 2018-19 ଅବଧି ମଧ୍ୟରେ 81 ପ୍ରତିଶତ ଆର୍ଥିକ କୃତି (3,843 କୋଟି ଟଙ୍କା ମଧ୍ୟରୁ 3,130.08 କୋଟି ଟଙ୍କାର ବିନିଯୋଗ) ତୁଳନାରେ ଭିତ୍ତିଭୂମି କୃତି କେବଳ 36 ପ୍ରତିଶତ (473 ଟି ଉପକେନ୍ଦ୍ର ମଧ୍ୟରୁ 170) ଥିଲା। ନିମ୍ନଲିଖିତ କାରଣଗୁଡିକ ବିଳମ୍ବକୁ ଅବଦାନ ରୂପେ ସମୀକ୍ଷାରୁ ଅନୁଧ୍ୟାନ କରାଗଲା:

- ତଦାରଖର ଅନୁପସ୍ଥିତି
- ଜାଗାର ବିଳମ୍ବିତ ହସ୍ତାନ୍ତର
- ବୈଷୟିକ ମାନଦଣ୍ଡର ଅନୁପଯୁକ୍ତ ଯାଞ୍ଚ

ଆର୍ଥିକ ପ୍ରଭାବ ସହିତ ଏଗୁଡିକ ବିସ୍ତୃତ ଭାବରେ ନିମ୍ନରେ ଆଲୋଚନା କରାଗଲା:

### *ତଦାରଖର ଅନୁପସ୍ଥିତି*

**3.1.3.1** କୌଣସି ପ୍ରକଳ୍ପର ପର୍ଯ୍ୟାଲୋଚନା, କାର୍ଯ୍ୟାନ୍ୱୟନ ସଂସ୍ଥା ଭିନ୍ନ ଅନ୍ୟ କର୍ତ୍ତୃପକ୍ଷ ଦ୍ୱାରା କରାଗଲେ ପ୍ରଭାବୀ ହୋଇଥାଏ। ପ୍ରକଳ୍ପର କାର୍ଯ୍ୟାନ୍ୱୟନର ତଦାରଖ ପାଇଁ ଓପିଟିସିଏଲ୍, ଶକ୍ତି ବିଭାଗ ଏବଂ ପରିଚାଳନା କମିଟି ଦ୍ୱାରା ବହୁସ୍ତରୀୟ ନିୟନ୍ତ୍ରଣ ଓ ପର୍ଯ୍ୟାଲୋଚନା ସ୍ଥିର କରାଯାଇଥିଲା।

ଆୟୁକ୍ତ ତଥା ସଚିବ, ଶକ୍ତି ବିଭାଗଙ୍କ ଅଧକ୍ଷତାରେ ବିତ୍ତ ବିଭାଗ, ଯୋଜନା ଓ ସମନ୍ୱୟ ବିଭାଗ, ଡିସ୍କମ୍ ମାନଙ୍କର ଏମ୍‌ଡି/ ସିଇଓ, ଡିସ୍କମ୍, ଓପିଟିସିଏଲ୍, ପୂର୍ବ ଓଇଆରସି ସଦସ୍ୟ ତଥା ପୂର୍ବ ନିର୍ଦ୍ଦେଶକ-କେନ୍ଦ୍ରୀୟ ଶକ୍ତି ଗବେଷଣା ଅନୁଷ୍ଠାନ (ସିପିଆର୍‌ଆଇ)ର ପ୍ରତିନିଧିମାନଙ୍କୁ ନେଇ ପରିଚାଳନା ସମିତି ସମ୍ପୂର୍ଣ୍ଣ ପ୍ରକଳ୍ପର ପରିଚାଳନା ପାଇଁ ଉତ୍ତରଦାୟୀ ରହିଥାନ୍ତା ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ମାର୍ଗଦର୍ଶନ କରିଥାନ୍ତା। ଏପରି କୌଣସି ସମିତି ଏପର୍ଯ୍ୟନ୍ତ ଗଢ଼ା ହୋଇନାହିଁ।

ସରକାର ଏହି ତଥ୍ୟଗୁଡିକ ସ୍ୱୀକାର (ନଭେମ୍ବର 2020) କରିଥିଲେ।

***ଜାଗାର ବିଳମ୍ବିତ ହସ୍ତାନ୍ତର***

**3.1.3.2** ଇପିସି ଠିକାଦାରମାନଙ୍କୁ ଚିହ୍ନଟ ଜାଗାର ହସ୍ତାନ୍ତର ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ଠିକାଦାରମାନେ ସ୍ୱୀକାର ପତ୍ର ତାରିଖର 30 ରୁ 300 ଦିନ ମଧ୍ୟରେ ଏକ ସବିଶେଷ ସର୍ବେକ୍ଷଣ କରି ପରିମାଣପତ୍ର ଚୂଡାନ୍ତ କରିବାର ଥିଲା। ଏହା ବିନା କାର୍ଯ୍ୟାରମ୍ଭ ହୋଇପାରି ନଥାନ୍ତା।

ଓପିଟିସିଏଲ୍ ଭୂମି ଅଧିଗ୍ରହଣ ପାଇଁ ଉତ୍ତରଦାୟୀ ଥିଲା। 457 ଟି ଉପକେନ୍ଦ୍ର ବାବଦରେ ତଥ୍ୟ ବିଶ୍ଳେଷଣ[25]ରୁ 34 ଟି ଉପକେନ୍ଦ୍ର ପାଇଁ 30 ଦିନ ମଧ୍ୟରେ, 316 ଟି ଉପକେନ୍ଦ୍ର ପାଇଁ 2 ରୁ 6 ମାସ ମଧ୍ୟ. 83 ଟି ଉପକେନ୍ଦ୍ର ପାଇଁ 6 ମାସରୁ 1 ବର୍ଷ ମଧ୍ୟରେ, 22 ଟି ଉପକେନ୍ଦ୍ର ପାଇଁ 1 ରୁ 2 ବର୍ଷ ମଧ୍ୟରେ ଏବଂ 2 ଟି ଉପକେନ୍ଦ୍ର ପାଇଁ 2 ବର୍ଷ ପରେ ଜମି ହସ୍ତାନ୍ତର ହୋଇଥିବାର ଦେଖାଗଲା। ଏହା କାର୍ଯ୍ୟ ପ୍ରଗତିରେ ବିଳମ୍ବ କରାଇଥିଲା।

ସବିଶେଷ ସର୍ବେକ୍ଷଣ ଠାରୁ ଆରମ୍ଭ କରି ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ନିଯୁକ୍ତ ହୋଇଥିବା (ଅପ୍ରେଲ 2014) ଦୁଇ ଜଣ ପିଏମ୍‌ସି ଓପିଟିସିଏଲ୍‌କୁ ସହଯୋଗ କରିବାର ଥିଲା। ଜାଗା ହସ୍ତାନ୍ତରେ ବିଳମ୍ବ ହେତୁ ଓପିଟିସିଏଲ୍ ଦ୍ୱାରା ମାର୍ଚ୍ଚ 2019 ପର୍ଯ୍ୟନ୍ତ ପିଏମ୍‌ସିଙ୍କୁ ଦିଆଯାଇଥିବା 130.58 କୋଟି ଟଙ୍କା ମଧ୍ୟରୁ 15.10 କୋଟି ଟଙ୍କା ବିନା କୌଣସି କାର୍ଯ୍ୟରେ ଦିଆଯାଇଥିଲା।

କର୍ତ୍ତୃପକ୍ଷ (ମଇ 2020) ରେ କହିଲେ ଯେ, ଡିସ୍କମ୍‌ର ଅଧିକାରୀ ଏବଂ ରାଜସ୍ୱ ନିରୀକ୍ଷକଙ୍କର ଅନ୍ୟାନ୍ୟ କାର୍ଯ୍ୟବ୍ୟସ୍ତତା ଯୋଗୁ ବହୁ କ୍ଷେତ୍ରରେ ଜାଗା ହସ୍ତାନ୍ତରରେ ବିଳମ୍ବ ହୋଇଥିଲା। ଉତ୍ତରଟି ଉପରେ ଲିଖିତ ପରିଚାଳନା ସମିତିର ଅନୁପସ୍ଥିତି ସହ ଓପିଟିସିଏଲ୍ ଦ୍ୱାରା ସମ୍ପୃକ୍ତ ରାଜ୍ୟ କର୍ତ୍ତୃପକ୍ଷ ମାନଙ୍କ ସହ ସମନ୍ୱୟରେ ବିଫଳତାକୁ ଦୃଢ଼ୀଭୂତ କରୁଛି, ଯାହାକି ଜମି ଅଧିଗ୍ରହଣ ତଥା ଠିକାଦାର ମାନଙ୍କୁ ତାହାର ହସ୍ତାନ୍ତର ବିଳମ୍ବିତ କରିଥିଲା। ସମୀକ୍ଷା ମନ୍ତବ୍ୟକୁ ସମର୍ଥନ କରି ସରକାର କହିଲେ (ନଭେମ୍ବର 2020) ଯେ, ସେଠାରେ ଉତ୍ତମ ପ୍ରକଳ୍ପ ପରିଚାଳନାର ସୁଯୋଗ ଥିଲା।

***ସମ୍ପୂର୍ଣ୍ଣ ହୋଇଥିବା ଉପକେନ୍ଦ୍ରର କାର୍ଯ୍ୟକ୍ଷମ ନହେବା***

**3.1.3.3** ଯେହେତୁ କାର୍ଯ୍ୟ ନିଷ୍ପାଦନ ପରେ ଡିସ୍କମ୍‌ମାନଙ୍କୁ ପ୍ରକଳ୍ପ ହସ୍ତାନ୍ତର କରିବାର ଥିଲା, ଗ୍ରାହକମାନଙ୍କୁ ଇପ୍ସିତ ସୁବିଧା ପ୍ରଦାନ କରିବାକୁ ସମ୍ପୂର୍ଣ୍ଣ ହୋଇଥିବା ଉପକେନ୍ଦ୍ରକୁ ଶିଘ୍ର କାର୍ଯ୍ୟକ୍ଷମ କରାଇବା ପାଇଁ ଡିସ୍କମ୍‌ମାନଙ୍କ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରିବାର ଥିଲା। ଏହି କ୍ରମରେ ନିମ୍ନଲିଖିତ ଅଭାବ ଦେଖାଗଲା:

- ମାର୍ଚ୍ଚ 2019 ସୁଦ୍ଧା 473 ଟି ଉପକେନ୍ଦ୍ର ମଧ୍ୟରୁ 101 ଟି ଚାର୍ଜ ହୋଇଥିଲା କିନ୍ତୁ ଡିସ୍କମ୍‌ମାନଙ୍କୁ ହସ୍ତାନ୍ତର ହୋଇନଥିଲା। 98 ଟି ଚାର୍ଜ/ହସ୍ତାନ୍ତର ହୋଇଥିବା ଉପକେନ୍ଦ୍ର କ୍ଷେତ୍ରରେ ହସ୍ତାନ୍ତରରେ 31 ରୁ 878 ଦିନ ବିଳମ୍ବ ହୋଇଥିଲା। ଯେହେତୁ ଚାର୍ଜ ହୋଇଥିବା ଉପକେନ୍ଦ୍ର ହସ୍ତାନ୍ତର ହୋଇ ନଥିଲା, ଉପଭୋକ୍ତା ମାନଙ୍କୁ ସମୁଚିତ ଭୋଲଟେଜ୍ ସହ ଅବିରତ ଶକ୍ତି ଯୋଗାଣର ସୁବିଧା ଉପଲବ୍ଧ ହୋଇନଥିଲା ତଥା 774.20 କୋଟି ଟଙ୍କାର ପୁଞ୍ଜି ବାଧିତ ହୋଇ ପଡିରହିଥିଲା।

  ପରିଚାଳନା କର୍ତ୍ତୃପକ୍ଷ କହିଲେ (ମଇ 2020) ଯେ, ମାନବ ସମ୍ବଳର ଅଭାବ ଯୋଗୁ ବିତରଣ ସଂସ୍ଥାମାନେ ଉପକେନ୍ଦ୍ରର କାର୍ଯ୍ୟଭାର ନେଇ ନଥିଲେ।

[25] ପ୍ରକଳ୍ପ ପରିଚାଳନା ପରାମର୍ଶଦାତାଙ୍କ ଦ୍ୱାରା ଦାଖଲ ତଥ୍ୟ।

- ଡିସ୍କମ୍‌ମାନଙ୍କୁ ହସ୍ତାନ୍ତର ହୋଇଥିବା 170 ଟି ଉପକେନ୍ଦ୍ର ମଧ୍ୟରୁ ଯୋଗାଣ ଉତ୍ସ ନଥିବା ହେତୁ ଦୁଇଟି ଉପକେନ୍ଦ୍ର[26] କାର୍ଯ୍ୟକ୍ଷମ ନଥିଲା । ଏହା ଦ୍ୱାରା 14.58 କୋଟି ଟଙ୍କାର ଅଚଳ ନିବେଶ ହେଲା ।

  ପରିଚାଳନା କର୍ତ୍ତୃପକ୍ଷ କହିଲେ (ମଇ 2020) ଯେ, ମୂଳ ଉତ୍ସରେ ଡିସ୍କମ୍ ଦ୍ୱାରା ଟ୍ରାନ୍ସଫର୍ମର ବସାନଯିବା ତଥା ଜଙ୍ଗଲ ଅନୁମତି ମିଳିନଥିବାରୁ ଉପକେନ୍ଦ୍ର ଦ୍ୱୟ କାର୍ଯ୍ୟକ୍ଷମ ହୋଇପାରି ନଥିଲା ।

  ଓଡିଏସ୍ଏସ୍‌ପିରେ ମୁଖ୍ୟତଃ କ୍ଷତି ହ୍ରାସ କରିବା ତଥା ଭୋଲଟେଜ୍‌ରେ ଉନ୍ନତି ଆଣିବା ପାଇଁ ଡିସ୍କମ୍ ମାନଙ୍କ ଦ୍ୱାରା 33/11 କେଭି ଉପକେନ୍ଦ୍ରର ନିର୍ମାଣ ସ୍ଥାନ ଚୟନର ପ୍ରସ୍ତାବ ଦିଆଯାଇଥିଲା । ଉପକେନ୍ଦ୍ରର ହସ୍ତାନ୍ତର ଏବଂ କାର୍ଯ୍ୟକାରିତା ପାଇଁ ଆବଶ୍ୟକୀୟ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଗୁଡିକୁ ଓପିଟିସିଏଲ୍ ଏବଂ ଡିସ୍କମ୍‌ମାନେ ଯୋଜନା ସ୍ତରରେ ନିରୂପଣ କରିବାର ଥିଲା । ଓଇଆର୍‌ସିର ଅକ୍ଟୋବର 2017 ଆଦେଶରେ ଡିସ୍କମ୍‌ମାନେ ଓଆଣ୍ଡଏମ୍ ମୂଲ୍ୟରେ ସମ୍ଭାବ୍ୟ ବୃଦ୍ଧି ତଥା ମାନବ ସମ୍ବଳର ଅଭାବ ଦର୍ଶାଇଥିଲେ । ଏହି ପରିପ୍ରେକ୍ଷିରେ ଯୋଜନା ରୂପାୟନ ପାଇଁ ଆବଶ୍ୟକୀୟ ଅତିରିକ୍ତ ଖର୍ଚ୍ଚକୁ ସରକାର ବହନ କରିବାକୁ କହିଲେ ।

  ଓଇଆର୍‌ସି ଓପିଟିସିଏଲ୍‌ର କାର୍ଯ୍ୟ ସମ୍ପାଦନାକୁ ସମୀକ୍ଷା (ଜୁଲାଇ 2020) କରି ଡିସ୍କମ୍‌ମାନଙ୍କ ସହ ସମନ୍ୱୟ ମାଧ୍ୟମରେ ଓଡିଏସ୍ଏସ୍‌ପି ପ୍ରକଳ୍ପର ତୁରନ୍ତ ନିର୍ମାଣ ତଥା ଡିସ୍କମ୍‌ମାନଙ୍କୁ ସେମାନଙ୍କର ତୁରନ୍ତ ହସ୍ତାନ୍ତର କରିବାକୁ ଗୁରୁତ୍ୱାରୋପ କଲେ । ସରକାର, ସମୀକ୍ଷା ମନ୍ତବ୍ୟକୁ ସ୍ୱୀକାର କରି କହିଲେ (ନଭେମ୍ବର 2020) ଯେ, ଡିସ୍କମ୍‌ମାନଙ୍କୁ ଉପକେନ୍ଦ୍ର ମାନଙ୍କର ହସ୍ତାନ୍ତର ତ୍ୱରାନ୍ୱିତ କରାଯାଉଥିଲା ।

- ଓପିଟିସିଏଲ୍ ଉପକେନ୍ଦ୍ର ତଥା ପରିବହକ ମାନଙ୍କର ପ୍ରତି ମୁହୂର୍ତ୍ତରେ କର୍ମ ସମ୍ପାଦନ, ପରିଚାଳନା ତଥା ନିୟନ୍ତ୍ରଣ ପାଇଁ ପ୍ରତ୍ୟେକ ଉପକେନ୍ଦ୍ରର ଯୋଜନାରେ ପରିଚାଳନାଗତ ନିୟନ୍ତ୍ରଣ ଓ ତଥ୍ୟ ସଂଗ୍ରହ (ଏସ୍‌ସିଏଡିଏ) ପ୍ରାବଧାନ ଥିଲା । ଏହି ଉପକରଣର ନିୟମିତ ବ୍ୟବହାର ପାଇଁ ଡିସ୍କମ୍ ସହ କୌଣସି ବ୍ୟବସ୍ଥା କରାଯାଇନଥିଲା । ଏହା ଦେଖାଗଲା ଯେ ସମ୍ପୂର୍ଣ୍ଣ ହୋଇଥିବା ସାତଟି ପ୍ୟାକେଜ୍‌ର 94 ଟି ଉପକେନ୍ଦ୍ରରେ ଏସ୍‌ସିଏଡିଏ ପାଇଁ 18.12 କୋଟି ଟଙ୍କାର କମ୍ପ୍ୟୁଟର ପ୍ରଣାଳୀ ଯୋଗାଇଥିଲା । କିନ୍ତୁ ଡିସ୍କମ୍ ମାନଙ୍କ ଦ୍ୱାରା ପ୍ରଶିକ୍ଷିତ ଶ୍ରମଶକ୍ତିର ଅପ୍ରାବଧାନ ହେତୁ ସେଗୁଡିକ ବ୍ୟବହୃତ ହୋଇପାରି ନଥିଲା ।

ଡିସ୍କମ୍‌ମାନେ ସେମାନଙ୍କର କର୍ମଚାରୀବର୍ଗଙ୍କୁ ଏହା ବ୍ୟବହାର କରିବାକୁ ତାଲିମ ଦେବେ ବୋଲି ପରିଚାଳନା କର୍ତ୍ତୃପକ୍ଷ କହିଥିଲେ (ମଇ 2020) ।

### 3.1.4 ବୈଷୟିକ ମାନଦଣ୍ଡର ସଠିକ୍ ଯାଞ୍ଚ ନହେବା

ନିଲାମ ଦସ୍ତାବେଜ୍‌ରେ ବୈଷୟିକ ବିନିର୍ଦ୍ଦିଷ୍ଟ ବିବରଣ ଅନୁସାରେ ପାଞ୍ଚ ମେଗା ଭୋଲ୍ଟ ଏମ୍ପିୟର (ଏମ୍‌ଭିଏ) ଟ୍ରାନ୍ସଫର୍ମର କ୍ଷେତ୍ରରେ ସର୍ବାଧିକ 21 କିଲୋୱାଟ୍ ପର୍ଯ୍ୟନ୍ତ ଭାରଯୁକ୍ତ କ୍ଷତି ହେବାରଥିଲା । ଅଥଚ ଏହା ଦେଖାଗଲା ଯେ ପ୍ରତ୍ୟାଭୂତ ବୈଷୟିକ ବିବରଣ ଓ ନକ୍ସାର ସଠିକ ଯାଞ୍ଚ ନହେବା ଯୋଗୁ ଇପିସି ଠିକାଦାର ଯୋଗାଣ କରିଥିବା 26.789 କିଲୋୱାଟ୍ ଉଚ୍ଚତର ଭାରଯୁକ୍ତ କ୍ଷତିବାଲା 64 ଟି ତ୍ରୁଟିପୂର୍ଣ୍ଣ 5 ଏମ୍‌ଭିଏ ଟ୍ରାନ୍ସଫର୍ମର ସ୍ଥାପନ ତଥା ଚାଲୁ ହୋଇଥିଲା । ଏହା ସୂଚିତ କଲା ଯେ 3.25 ମିଲିୟନ୍ ୟୁନିଟ୍ (ଏମ୍‌ୟୁ) ଅତିରିକ୍ତ ବୈଷୟିକ କ୍ଷତି ଯୋଗୁ ବାର୍ଷିକ 90.06 ଲକ୍ଷ ଟଙ୍କା[27]ର କ୍ଷତି ଏବଂ ଟ୍ରାନ୍ସଫର୍ମର 30 ବର୍ଷ ଜୀବନ ଅବଧି ମଧ୍ୟରେ ମୋଟ୍ 27.02 କୋଟି ଟଙ୍କା କ୍ଷତି ହେବାର ଥିଲା ।

ପରିଚାଳନା କର୍ତ୍ତୃପକ୍ଷ ଉତ୍ତରରେ କହିଲେ (ମଇ 2020) ଯେ, ଟ୍ରାନ୍ସଫର୍ମର ଗୁଡିକର ପ୍ରକୃତ କ୍ଷତି ନିର୍ଦ୍ଧାରଣ ପାଇଁ ସେଗୁଡିକୁ କେନ୍ଦ୍ରୀୟ ଶକ୍ତି ଗବେଷଣା ଅନୁଷ୍ଠାନ (ସିପିଆର୍‌ଆଇ) କୁ ପଠାଯାଇଥିଲା (ଫେବୃୟାରୀ 2020) ଏବଂ ପ୍ରତିବେଦନ ପାଇଲା ପରେ ଓପିଟିସିଏଲ୍‌ର ବୈଷୟିକ ସମିତି ଦ୍ୱାରା ଯଥାର୍ଥ ନିଷ୍ପତ୍ତି ନିଆଯିବ ।

---

26 ମେରାମୁଣ୍ଡଳୀ ଏବଂ ଟାଙ୍ଗରପାଲ୍ଲୀ ।

27 (5.789 କେଭି x 24 ଘଣ୍ଟା x 365 ଦିନ x 14 ଟି x 197 ପଇସା=13.99 ଲକ୍ଷ ଟଙ୍କା)+(5.789 କେଭି x 24 ଘଣ୍ଟା x 365ଦିନ x 50 ଟି x 300 ପଇସା = 76.07 ଲକ୍ଷ ଟଙ୍କା) = 90.06 ଲକ୍ଷ ଟଙ୍କା ।

ଏହିପରି ଟ୍ରାନ୍ସଫର୍ମର ଗୁଡିକର ସ୍ଥାପନ ଅନୁମତିରେ ଆବଶ୍ୟକ ଯାଞ୍ଚର ଅଭାବ ଏଟିଆଣ୍ଡସି କ୍ଷତି ହ୍ରାସର ମୂଖ୍ୟ ଉଦ୍ଦେଶ୍ୟ ବିରୁଦ୍ଧରେ ଥିଲା । ଉପରୋକ୍ତ ଘଟଣାକୁ ସଂଶୋଧନ କଲାବେଳେ (ଓପିଟିସିଏଲ୍) କିପରି ଏଥିପାଇଁ ଅନୁମୋଦନ ଦିଆଗଲା ଏହାର ସମାଧାନ କରିବା ଉଚିତ୍ ।

ଏଲ୍ଆଣ୍ଡଟିକୁ 53 ଟି ଉପକେନ୍ଦ୍ରର ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା । 53 ଟି ଉପକେନ୍ଦ୍ର ମଧ୍ୟରୁ ତିନୋଟିରେ, ଯୋଗାଣ ଓ ସ୍ଥାପନ ଏଲ୍ଓଏ ମଧ୍ୟରେ ଟ୍ରାନ୍ସଫର୍ମର କ୍ଷମତାରେ ଅମେଳ ଥିଲା । କାର୍ଯ୍ୟାଦେଶର ଭିନ୍ନତାରେ ସଂଶୋଧନ ପାଇଁ ନିଷ୍ପତ୍ତି ନେବାରେ ବିଳମ୍ବ ଯୋଗୁ 1.96 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚରେ ଉଚ୍ଚତର କ୍ଷମତାଯୁକ୍ତ ଟ୍ରାନ୍ସଫର୍ମର ସ୍ଥାପନ ହେଲା ।

ପରିଚାଳନା କର୍ତ୍ତୃପକ୍ଷ ତଥ୍ୟକୁ ସ୍ୱୀକାର କଲେ ।

- ଉପକେନ୍ଦ୍ରରେ ଥିବା 33 କେଭି ଉତ୍ସ ଫିଡର ଠାରୁ କିମ୍ବା ନିକଟସ୍ଥ 33 କେଭି ପରିବାହକ ଠାରୁ ନୂତନ ଉପକେନ୍ଦ୍ର ପାଇଁ ଶକ୍ତି ଯୋଗାଣର ବ୍ୟବସ୍ଥା କରାଯାଇଥିଲା । 33 କେଭି ପରିବାହକ ଠାରୁ ଟ୍ୟାପିଙ୍ଗ୍ ଜରିଆରେ ସଂଯୁକ୍ତ ହୋଇଥିବା 215 ଟି ଉପକେନ୍ଦ୍ର ମଧ୍ୟରୁ 161 ଟି ଉପକେନ୍ଦ୍ର କ୍ଷେତ୍ରରେ ଦେଖାଗଲା ଯେ ନୂତନ ଉପକେନ୍ଦ୍ରକୁ ଶକ୍ତି ଯୋଗାଉଥିବା ପୁରୁଣା 33 କେଭି ଉତ୍ସ ପରିବାହକର ମୋଟେଇ 34 ବର୍ଗ ମିଲିମିଟର ରୁ 100 ବର୍ଗ ମିଲିମିଟର ମଧ୍ୟରେ ଥିଲା । ଏହି ପ୍ରକଳ୍ପରେ ନୂତନ ଉପକେନ୍ଦ୍ରକୁ ଶକ୍ତି ପରିବହନ କରୁଥିବା 33 କେଭି ପରିବାହକର ମୋଟେଇ 148 ବର୍ଗ ମିଲିମିଟର ଥିଲା ବେଳେ ଉତ୍ସ ପରିବାହକର ମୋଟେଇ ଠାରୁ ଶକ୍ତି ଯୋଗାଣ ପାଇଁ ଅଧିକ ମୋଟା ପରିବାହକ ବିଛାଇବା ଅଧିକ କ୍ଷମତା ସମ୍ପନ୍ନ ପରିବାହକରେ କମ୍ ଶକ୍ତି ଯୋଗାଇ ପାରେ । ମୂଳ ଉତ୍ସ ଠାରୁ ଟ୍ୟାପିଙ୍ଗ ବିନ୍ଦୁ ପର୍ଯ୍ୟନ୍ତ ମୋଟା ପରିବାହକ ନଥାଇ ଟ୍ୟାପିଙ୍ଗ ବିନ୍ଦୁ ଠାରୁ ନୂତନ ଉପକେନ୍ଦ୍ର ପର୍ଯ୍ୟନ୍ତ ଅଧିକ ମୋଟା ପରିବାହକର ପ୍ରାବଧାନ କୌଣସି ହିତ ସାଧନ ବିନା 7.98 କୋଟି ଟଙ୍କାର ନିଷ୍କ୍ରିୟ ଖର୍ଚ୍ଚରେ ପରିଣତ ହେଲା ।

ପରିଚାଳନା କର୍ତ୍ତୃପକ୍ଷ ଉତ୍ତରରେ କହିଲେ (ମଇ 2020) ଯେ, ଡିସ୍କମ୍‌ମାନେ ଖୁବଶୀଘ୍ର ପରିବାହକର ଉନ୍ନତିକରଣ କରିବେ ।

## 3.1.5 ପ୍ରକଳ୍ପର ଫଳାଫଳ

**3.1.5.1** ପ୍ରତ୍ୟେକ ସବ୍‌ଷ୍ଟେସନରେ ଟ୍ରାନ୍ସଫର୍ମର କ୍ଷମତା ଭବିଷ୍ୟତର ଭାର ଉପରେ 80 ପ୍ରତିଶତ ପର୍ଯ୍ୟନ୍ତ ଆଧାର କରି ବିସ୍ତୃତ ପ୍ରକଳ୍ପ ପ୍ରତିବେଦନ (ଡିପିଆର୍) ପ୍ରସ୍ତୁତ କରାଯାଇଥିଲା । ଡିସ୍କମ୍‌କୁ ହସ୍ତାନ୍ତର କରାଯାଇଥିବା 170 ଟି ଉପକେନ୍ଦ୍ର ମଧ୍ୟରୁ 121 ଟି ଉପକେନ୍ଦ୍ରର ଯାଞ୍ଚ ସମୟରେ ଦେଖାଗଲା ଯେ 56 ଟି ଉପକେନ୍ଦ୍ରରେ ଏକ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିବା ପରେ ମଧ ଟ୍ରାନ୍ସଫର୍ମରର ଭାର 25 ପ୍ରତିଶତ ତଳେ ରହିଥିଲା । ଡିପିଆର୍‌ରେ ପୂର୍ବାନୁମାନ ଭାର ଅନୁପଯୁକ୍ତ ହେବା ଦ୍ୱାରା ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ସ୍ଥାପନ କରାଗଲା । ଏହା ଦ୍ୱାରା ଉଭୟ 22.31 କୋଟିଟଙ୍କାର ଅତିରିକ୍ତ ବ୍ୟୟ, ଏବଂ 2018-19 ଶୁଳ୍କରେ ବାର୍ଷିକ 0.636 ନିୟୁତ ୟୁନିଟ୍‌ର ଅତିରିକ୍ତ ଭାର କ୍ଷତି[28] ଯାହାର ମୂଲ୍ୟ 16.01 ଲକ୍ଷ ଅଟେ । ଏହି ଅତିରିକ୍ତ ଭାର କ୍ଷତି, ଏଟିଆଣ୍ଡସି କ୍ଷତିକୁ ଯୋଗଦାନ କରେ ।

ବିଭାଗ, ପର୍ଯ୍ୟବେକ୍ଷଣକୁ ଗ୍ରହଣକଲା ବେଳେ କହିଲା (ନଭେମ୍ବର 2020) ଯେ, ଓଡିଏସ୍ଏସ୍‌ପି ଅଧିନରେ ସୃଷ୍ଟି ହୋଇଥିବା ସମ୍ପତ୍ତିର ଉପଯୋଗରେ ଉନ୍ନତିଆଣିବା ପାଇଁ ଡିସ୍କମ୍‌ମାନଙ୍କୁ ସଠିକ ଭାର ସନ୍ତୁଳନ କରିବାକୁ କୁହାଯାଇଛି ।

**3.1.5.2** ମାର୍ଚ୍ଚ 2019 ସୁଦ୍ଧା 271 ଟି ଉପକେନ୍ଦ୍ରକୁ ଚାର୍ଜ କରାଯାଇଥିଲା, ଯେଉଁଥିରୁ 170 ଟି ଉପକେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ପାଇଁ ଡିସ୍କମ୍‌କୁ ହସ୍ତାନ୍ତର କରାଯାଇଥିଲା । କିନ୍ତୁ ଅନୁଚ୍ଛେଦ 3.1.3 ରେ ଯେପରି କୁହାଯାଇଛି ଯେ 101 ଟି ଉପକେନ୍ଦ୍ର ହସ୍ତାନ୍ତ ନହେବା କାରଣରୁ ଗ୍ରହକଙ୍କୁ ଉଚ୍ଚ ମାନର ଶକ୍ତିର ଲାଭ ପ୍ରଦାନ କରାଯାଇପାରିବ ନାହିଁ ।

[28] କୋଏଲ୍ ସହିତ ଜଡିତ କ୍ଷତି ହେଉଛି ଭାର କ୍ଷତି ।

ପରିଚାଳନା କର୍ତ୍ତୃପକ୍ଷ କହିଲେ (ମଇ 2020) ଯେ, ଡିସ୍‌କମ୍‌ରେ ମାନବ ସମ୍ବଳର ଅଭାବ ହେତୁ ସେମାନେ ଉପକେନ୍ଦ୍ର ନେବାକୁ ଅସମର୍ଥ। ଗ୍ରାହକଙ୍କୁ ଉପଯୁକ୍ତ ଭୋଲ୍ଟେଜ୍ ସହିତ ବିଦ୍ୟୁତ ଯୋଗାଣ ଏଟିଆଣ୍ଡସି କ୍ଷତି ହ୍ରାସ କରିବା ପାଇଁ ଏହି ଯୋଜନାଟି ଉଦ୍ଦିଷ୍ଟ ଥିଲା, ଯାହା ହାସଲ ହୋଇପାରି ନଥିଲା। ଅଧିକନ୍ତୁ, କର୍ତ୍ତୃପକ୍ଷଙ୍କ ମନ୍ତବ୍ୟ ଡିସ୍‌କମ୍‌ର କୌଣସି ପ୍ରତିକ୍ରିୟା ସହିତ ସମର୍ଥିତ ନୁହେଁ ।

**3.1.5.3** ଯଦିଓ ଏହି ପ୍ରକଳ୍ପ ବାର୍ଷିକ ତିନି ପ୍ରତିଶତ ହାରରେ ବୈଷୟିକ କ୍ଷତି ହ୍ରାସ କରିବାକୁ ଲକ୍ଷ ରଖିଥିଲା ଏବଂ 10 ବର୍ଷ ମଧ୍ୟରେ ନିବେଶକୁ ଫେରାଇବା ପାଇଁ ବାର୍ଷିକ 255 କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ଉତ୍ପାଦନ କରିବାକୁ ଲକ୍ଷ ରହିଥିଲା କିନ୍ତୁ ପ୍ରକୃତ ବୈଷୟିକ କ୍ଷତିର ହ୍ରାସ ଜାଣିବା ପାଇଁ ଉପକେନ୍ଦ୍ରରେ କୌଣସି ବିଦ୍ୟୁତ ମାପକ ଯନ୍ତ୍ରର ବ୍ୟବସ୍ଥା ଏବଂ ଶକ୍ତି ସମୀକ୍ଷାର ବ୍ୟବସ୍ଥା କରାଯାଇ ନଥିଲା।

ସରକାର କହିଲେ (ନଭେମ୍ବର 2020) ଯେ, ସଠିକ ଭାର ସନ୍ତୁଳନ ପାଇଁ ଡିସ୍‌କମ୍‌ମାନଙ୍କୁ ସମସ୍ତ 11 କେଭି ଫିଡରର ଶକ୍ତି ସମୀକ୍ଷା କରିବାକୁ କୁହାଯାଇଛି ଯାହା ଦ୍ୱାରା କମ୍ ବୈଷୟିକ କ୍ଷତି ହେବ।

ବ୍ୟବସ୍ଥାଭିତ୍ତିକ ସମସ୍ୟାର ସମାଧାନ ଏବଂ ଶକ୍ତି ସମୀକ୍ଷାର ଫଳାଫଳ ପାଇବା ପାଇଁ ସରକାରଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ପଡିବ କାରଣ ଏଟିଆଣ୍ଡସି କ୍ଷତି ହ୍ରାସ କରିବାରେ ବିନିଯୋଗ କେବଳ ଓଡିଏସ୍‌ଏସ୍‌ପିର ଅଂଶ ନୁହେଁ ବରଂ ଏହି ଯୋଜନା ଏକକାଳୀନ ଅନ୍ୟାନ୍ୟ ଯୋଜନା ଯଥା ଓଡ଼ିଶା ସମର୍ପିତ କୃଷି ଓ ମତ୍ସ୍ୟଚାଷ ଫିଡର ପ୍ରକଳ୍ପ ଏବଂ ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନା-ଦ୍ୱିତୀୟ ଇତ୍ୟାଦି, ଏ ସମସ୍ତ ଏକ ବିରାଟ ଖର୍ଚ୍ଚକୁ ଅନ୍ତର୍ଭୁକ୍ତ କରୁଥିଲା।

## ଠିକାଦାରଙ୍କୁ ଅହେତୁକ ଅନୁକମ୍ପା

**3.1.6** ଇପିସି ଠିକାଦାରଙ୍କୁ ଅହେତୁକ ଅନୁକମ୍ପାର ଅନେକ ଉଦାହରଣ ଯାହା ସମୀକ୍ଷାରେ ଦେଖାଯାଇଥିଲା ତାହା ନିମ୍ନରେ ଆଲୋଚନା କରାଗଲା:

### *କ୍ଷତିଭରଣାକୁ ସମୟ ପୂର୍ବରୁ ଫେରସ୍ତ*

**3.1.6.1** ଇପିସି ଚୁକ୍ତିନାମା ଅନୁଯାୟୀ, ଓପିଟିସିଏଲ୍ ପ୍ରକଳ୍ପର ଯୋଗାଣ ଏବଂ ନିର୍ମାଣରେ ବିଳମ୍ବ ପାଇଁ 2015-16 ରୁ 2018-19 ମଧ୍ୟରେ ଇପିସି ଠିକାଦାରଙ୍କ ଠାରୁ କ୍ଷତିଭରଣା (ଏଲ୍‌ଡି) ବାବଦରେ 55.70 କୋଟି ଟଙ୍କା କଟାଯାଇଥିଲା। ନିର୍ଦ୍ଦେଶକ ମଣ୍ଡଳୀ (ବିଓଡି) ନିଷ୍ପତ୍ତି ନେଇଥିଲେ (ଫେବୃୟାରୀ 2018) ଯେ, କାର୍ଯ୍ୟ ସମାପ୍ତ ହେଲାପରେ ଯଦି ବିଳମ୍ବ ଠିକାଦାରଙ୍କ ଦ୍ୱାରା ହୋଇନଥିବ ତେବେ କ୍ଷତିଭରଣାକୁ ଫେରସ୍ତ କରାଯିବ। ନକ୍ସା ଓ ଡିଜାଇନ୍, ରାଇଟ୍ ଅଫ୍ ୱେ ସମସ୍ୟାର ପରିବର୍ତ୍ତନକୁ ବିଳମ୍ବର ଆଧାର କରି ସମୟ ବିସ୍ତାର ବିଷୟକୁ ନିର୍ଦ୍ଦେଶକ ମଣ୍ଡଳୀକୁ ଦାଖଲ କରାଯାଇଥିଲା। ନିର୍ଦ୍ଦେଶକ ମଣ୍ଡଳୀ ସମୟ ବିସ୍ତାର ଅନୁମତି ଦେବା ସହିତ ସିଏମ୍‌ଡିକୁ କ୍ଷତିଭରଣାର ଫେରସ୍ତର ଆବଶ୍ୟକୀୟ ନିଷ୍ପତ୍ତି ନେବା ପାଇଁ ଅଧିକୃତ କଲା। ଅଥଚ, ପୂର୍ବ ନିର୍ଦ୍ଦେଶର ଉଲ୍ଲଙ୍ଘନ କରି କାର୍ଯ୍ୟ ଶେଷ ପୂର୍ବରୁ 55.70 କୋଟି ଟଙ୍କା ମଧ୍ୟରୁ 49.39 କୋଟି ଟଙ୍କା ଇପିସି ଠିକାଦାରମାନଙ୍କୁ ଫେରାଇ ଦିଆଯାଇଥିଲା, ଯାହା ଦ୍ୱାରା 8.28 କୋଟି ଟଙ୍କା ସୁଧ ଆକାରେ କ୍ଷତି ହେଲା।

ପରିଚାଳନା କର୍ତ୍ତୃପକ୍ଷ କହିଲେ (ମଇ 2020) ଯେ, ପ୍ରକଳ୍ପ ସମାପ୍ତି ଅବଧି ବୃଦ୍ଧି ହେତୁ ଏଲ୍‌ଡି ଫେରସ୍ତ କରାଯାଇଥିଲା। ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ନିର୍ଦ୍ଦେଶକ ମଣ୍ଡଳୀ ନିଷ୍ପତ୍ତି ନେଇଥିଲା ଯେ ପ୍ରକଳ୍ପ ସମାପ୍ତି ହେବା ପରେ ଏଲ୍‌ଡି ଫେରସ୍ତ କରାଯିବ।

### *ଅତିରିକ୍ତ କାର୍ଯ୍ୟ ପାଇଁ ଭେଦଭାବ ପରିଶୋଧ*

**3.1.6.2** ତାର ଟାଣିବା[29] କାର୍ଯ୍ୟ ସବୁବେଳେ ରାଇଟ୍ ଅଫ୍ ୱେ (ଆରଓଡବ୍ଲ୍ୟୁ) ସମସ୍ୟା ସହିତ ଜଡିତ। ସାଧାରଣତଃ ଯେଉଁ ଜମି ମାଲିକମାନଙ୍କ ଜମି ଉପରେ ତାର ଗୁଡିକ ଟଣାଯାଇଥାଏ[30] ସେମାନଙ୍କର ପ୍ରତିରୋଧ ଦ୍ୱାରା ତାର ବିଛାଇବା ବିଳମ୍ବ ହୋଇଥାଏ। ଇପିସି ଚୁକ୍ତିନାମା ଅନୁସାରେ, ବିଓକ୍ୟୁ ଚୂଡାନ୍ତ ହେବା ପୂର୍ବରୁ ଠିକାଦାରମାନେ ନିଜସ୍ୱ ସର୍ବେକ୍ଷଣ କରିବେ ବୋଲି ସର୍ତ୍ତ ରହିଥିଲା। ପୁନଶ୍ଚ, ଆରଓଡବ୍ଲ୍ୟୁ ହାସଲ କରିବାର

[29] ତାର ଟାଣିବା: ଖୁଣ୍ଟରୁ ଖୁଣ୍ଟ ପର୍ଯ୍ୟନ୍ତ ତାର ଗୁଡିକର ଏକ ସମ୍ପୂର୍ଣ୍ଣ ପ୍ରସାରଣ ପାଇଁ ନିର୍ମାଣ।

[30] ତାର ଟଣା ଯାଇଥାଏ: ତାର ଗୁଡିକ ଗୋଟିଏ ଖୁଣ୍ଟରୁ ଆଉ ଗୋଟିଏ ଖୁଣ୍ଟ ପର୍ଯ୍ୟନ୍ତ ସ୍ଥାପନ କରିବା।

ଦାୟିତ୍ୱ ଠିକାଦାରର ଦାୟିତ୍ୱ ଓ ମୂଲ୍ୟ ଉପରେ ନ୍ୟସ୍ତ। ଚାରୋଟି ଇପିସି ଠିକାଦାର ଆରଓଡବ୍ଲ୍ୟୁ ସମସ୍ୟା ହେତୁ ସ୍ଥାନ/ମାର୍ଗ ପରିବର୍ତ୍ତନ ପାଇଁ କରାଯାଇଥିବା ଅତିରିକ୍ତ କାର୍ଯ୍ୟ ପାଇଁ ଅର୍ଥ ଭରଣା କରିବାକୁ ଦାବି କରିଥିଲେ। ଓପିଟିସିଏଲ୍ ତିନୋଟି ଇପିସି ଠିକାଦାରଙ୍କୁ 46.76 ଲକ୍ଷ ଟଙ୍କା ପରିଶୋଧ କରିବାକୁ ଅନୁମତି ଦେଲା। ଜଣେ ଇପିସି ଠିକାଦାରର ପରିଶୋଧକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ଏହି କାରଣରୁ ଯେ ଆରଓଡବ୍ଲ୍ୟୁ ସମସ୍ୟା ଗୁଡିକ ଠିକାଦାରଙ୍କ ପରିସରରେ ଅନ୍ତର୍ଭୁକ୍ତ। ଏହି ଭେଦଭାବ ଦ୍ୱାରା ତିନି ଜଣ ଇପିସି ଠିକାଦାରଙ୍କୁ 46.76 ଲକ୍ଷ ଟଙ୍କାର ଅହେତୁକ ଅନୁକମ୍ପା ଦିଆଯାଇଥିଲା।

ପରିଚାଳନା କର୍ତ୍ତୃପକ୍ଷ କହିଲେ (ମଇ 2020) ଯେ, ଇପିସି ଠିକାଦାରମାନେ ଲାଇନ୍ ଗୁଡିକର କ୍ଷତି ନହେବା ପାଇଁ କିଛି କ୍ଷତି ପୂରଣ କରିଥିଲେ ଯାହାକି ସେମାନଙ୍କୁ ଫେରସ୍ତ କରାଯାଇଥିଲା। ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ଆରଓଡବ୍ଲ୍ୟୁ ସମସ୍ୟାର କ୍ଷତିପୂରଣକୁ ଇପିସି ଠିକାଦାର ବହନ କରିବାର ଥିଲା।

### *ଚୁକ୍ତିଭିତ୍ତିକ ସର୍ତ୍ତାବଳୀରୁ ଅହେତୁକ ବିଚ୍ୟୁତି*

**3.1.6.3** ସାଧାରଣ ବିଜ୍ଞତା ଭାବରେ, ଚୁକ୍ତି ଗୁଡିକର ପରବର୍ତ୍ତୀ ପରିବର୍ତ୍ତନ ଗୁଡିକ ପରସ୍ପର ମଧ୍ୟରେ ଲାଭଦାୟକ ହେଲେ ଅନୁମତି ଦିଆଯାଏ। କିନ୍ତୁ, ଇପିସି ଚୁକ୍ତିର କାର୍ଯ୍ୟକାରୀ ହେଉଥିବା ବେଳେ, ଓପିଟିସିଏଲ୍ ଚୁକ୍ତିନାମା ଗୁଡିକର ବିଭିନ୍ନ ଧାରାଗୁଡିକୁ ପରିବର୍ତ୍ତନ କରିବାକୁ ଅନୁମତି ଦେଲା ଯାହା ପ୍ରକଳ୍ପ ମୂଲ୍ୟରେ ଠିକାଦାରମାନଙ୍କ ପାଇଁ ଲାଭଦାୟକ ଥିଲା। ଏଗୁଡିକ ନିମ୍ନରେ ଆଲୋଚନା କରାଯାଇଛି:

- ଏକ ଇପିସି ଠିକାଦାର ପାୱାର ଏବଂ କଣ୍ଟ୍ରୋଲ କେବୁଲ୍ ଚୁକ୍ତି ଅନୁଯାୟୀ କ୍ରୟ କରି ଯୋଗାଇବା[31] ପରିବର୍ତ୍ତେ ପ୍ରତ୍ୟକ୍ଷ ଭାବରେ ଯୋଗାଇବା ପାଇଁ ଓପିଟିସିଏଲ୍‌କୁ ଅନୁରୋଧ କରିଥିଲା। ଚୁକ୍ତିରେ ଏହା ପାଇଁ କୌଣସି ବ୍ୟବସ୍ଥା ନଥିବା ସତ୍ତ୍ୱେ ଓପିଟିସିଏଲ୍ ପରିବର୍ତ୍ତନକୁ ଅନୁମତି ଦେଲା। ଏହା ଦେଖାଗଲା ଯେ, କ୍ରୟ କରି ଯୋଗାଇବା ଠାରୁ ପ୍ରତ୍ୟକ୍ଷ ଯାଗାଇବାରେ ପରିବର୍ତ୍ତନ ହେତୁ, ଇପିସି ଠିକାଦାରକୁ ଅହେତୁକ ଭାବେ 0.63 କୋଟି ଟଙ୍କାର ଲାଭ ଦିଆଗଲା କାରଣ ଏହା ତାଙ୍କ ଉତ୍ପାଦର ମୂଲ୍ୟ ଅନ୍ୟ ଗ୍ରାହକଙ୍କ ମୂଲ୍ୟ ଠାରୁ ଅଧିକ ପାଇଲା।

ପରିଚାଳନା କର୍ତ୍ତୃପକ୍ଷ କହିଲେ (ମଇ 2020) ଯେ, ଇପିସି ଠିକାଦାରକୁ ଚୁକ୍ତି ମୂଲ୍ୟ ଅନୁଯାୟୀ କ୍ରୟ କରି ଯୋଗାଇବା ଠାରୁ ପ୍ରତ୍ୟକ୍ଷ ଯୋଗାଣକୁ ପରିବର୍ତ୍ତନ ପାଇଁ ଅନୁମତି ଦିଆଯାଇଛି। ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ଯୋଗାଣ ପଦ୍ଧତିର ପରିବର୍ତ୍ତନ ହେବା ଦ୍ୱାରା ଅଧିକ ମୂଲ୍ୟରେ କ୍ରୟ ହୋଇଥିଲା।

- 35 ଟି ଉପକେନ୍ଦ୍ର ନିର୍ମାଣ ପାଇଁ ଏକ ଇପିସି ଠିକାଦାର (ଏକ ମିଳିତ ଉଦ୍ୟୋଗରେ)କୁ ପ୍ୟାକେଜ୍-1 ଆଇଏଆରକୁ ପ୍ରଦାନ କରାଯାଇଥିଲା। ମିଳିତ ଉଦ୍ୟୋଗଙ୍କ ଅନୁରୋଧ କ୍ରମେ, ଓପିଟିସିଏଲ୍ ସେମାନଙ୍କ ମଧ୍ୟରେ ପରିମାଣ ପୃଥକ କରିବାକୁ ଅନୁମତି ଦେଲା, ଗୋଟିଏ ଅଂଶୀଦାର ପାଇଁ 24 ଟି ଉପକେନ୍ଦ୍ର ଏବଂ ଅନ୍ୟ ଅଂଶୀଦାର ପାଇଁ 11 ଟି ଉପକେନ୍ଦ୍ର ହେଲା ଯଦିଓ ଏଲ୍‌ଓଏରେ ସେପରି କୌଣସି ପ୍ରାବଧାନ ନଥିଲା। ତାହା ପରେ ସାମଗ୍ରୀ ଯାହାକି କ୍ରୟ କରି ଯୋଗାଇବାର ଥିଲା ସେଗୁଡିକୁ ଅନ୍ୟ ଅଂଶୀଦାରଙ୍କ ଠାରୁ କ୍ରୟ କରିବା ପରେ ଜଣେ ଅଂଶୀଦାର ଯୋଗାଇ ଥିଲା। ଯଦିଓ ଜଣେ ଅଂଶୀଦାରଙ୍କ ଦ୍ୱାରା ଚୁକ୍ତି ମୂଲ୍ୟ ଠାରୁ କମ୍ ମୂଲ୍ୟରେ ସାମଗ୍ରୀ କ୍ରୟ କରାଯାଇଥିଲା, କିନ୍ତୁ ଏହାକୁ ଚୁକ୍ତି ମୂଲ୍ୟରେ ଓପିଟିସିଏଲ୍ ପ୍ରଦାନ କରିଥିଲା ଯାହା ଦ୍ୱାରା ଅଂଶୀଦାରକୁ 2.04 କୋଟି ଟଙ୍କା ଲାଭ ମିଳିଥିଲା। ଓପିଟିସିଏଲ୍ ସ୍ପଷ୍ଟ କରିଥିଲା ଯେ ଅନ୍ୟ ଅଂଶୀଦାରଙ୍କ ଠାରୁ କ୍ରୟ କରିବାକୁ, କିଣାଯାଇଥିବା ଭିତ୍ତିରେ ନୁହେଁ ବରଂ ପ୍ରତ୍ୟକ୍ଷ ବିକ୍ରୟ ଆଧାର ରୂପେ ଗ୍ରହଣ କରାଯିବ। ତେଣୁ, ଏଲ୍‌ଓଏ ପ୍ରଦାନ ହେବା ପରେ ଚୁକ୍ତି ଭିତ୍ତିକ ସର୍ତ୍ତାବଳୀରେ ପରିବର୍ତ୍ତନ ଦ୍ୱାରା ଠିକାଦାରମାନଙ୍କୁ ଅହେତୁକ ଅନୁକମ୍ପା ମିଳିଥିଲା।

ପରିଚାଳନା କର୍ତ୍ତୃପକ୍ଷ କହିଲେ (ମଇ 2020) ଯେ, ପରିମାଣରେ ପୃଥକତାକୁ ଦକ୍ଷ କର୍ତ୍ତୃପକ୍ଷଙ୍କ ଅନୁମୋଦନ କ୍ରମେ ହୋଇଥିଲା ଏବଂ ଚୁକ୍ତି ମୂଲ୍ୟ ଅନୁଯାୟୀ ଦେୟ ପ୍ରଦାନ କରାଯାଇଥିଲା। ଓପିଟିସିଏଲ୍ ତାହାର ନୀତି ଏବଂ ଚୁକ୍ତିନାମାକୁ ପରିବର୍ତ୍ତନ ପ୍ରକ୍ରିୟା ସମୀକ୍ଷା କରିବା ଉଚିତ୍ କାରଣ ଏହା ଦ୍ୱାରା ଅହେତୁକ ଅନୁକମ୍ପା ହୋଇଛି ଯାହା ଚୁକ୍ତିରେ ଉଦ୍ଦିଷ୍ଟ ନୁହେଁ।

---

[31] କ୍ରୟ କରାଯାଇଥିବା ସାମଗ୍ରୀ ଗୁଡିକ ହେଉଛି ଠିକାଦାରମାନେ ଖୋଲା ବଜାରରୁ ପ୍ରକଳ୍ପରେ ବ୍ୟବହାର ପାଇଁ କିଣୁଥିବା ସାମଗ୍ରୀ କିନ୍ତୁ ପ୍ରତ୍ୟକ୍ଷ ଯୋଗାଣ ସାମଗ୍ରୀ ଗୁଡିକ ଠିକାଦାର ନିଜ ଉତ୍ପାଦନରୁ ବ୍ୟବହାର କରନ୍ତି।

## ଅନୁପଯୁକ୍ତ ଭାବରେ ଅଧିକ ଆର୍ଥିକ ଖର୍ଚ୍ଚ ହେତୁ ପରିହାର୍ଯ୍ୟ କ୍ଷତି

**3.1.7** କେବଳ 36 ପ୍ରତିଶତ ଭିତ୍ତିଭୂମିରେ ପ୍ରଗତି ତୁଳନାରେ 81 ପ୍ରତିଶତ ଆର୍ଥିକ ପ୍ରଗତିରେ କାରଣ ବିଶ୍ଳେଷଣ କରୁଥିବା ବେଳେ, ସମୀକ୍ଷାରେ ଦେଖାଗଲା ଯେ ପରିହାର୍ଯ୍ୟ କ୍ରୟ ଆକାରରେ ଖର୍ଚ୍ଚ କରାଯାଇଥିବା ଯାହା ଦ୍ୱାରା କ୍ଷତି ହୋଇଥିଲା, ନିମ୍ନରେ ତାହା ପ୍ରଦାନ କରାଗଲା:

***ଆବଶ୍ୟକତା ବିନା କ୍ରୟ***

**3.1.7.1** ମାର୍ଚ୍ଚ 2019 ସୁଦ୍ଧା ଓପିଟିସିଏଲ୍ 22 ଟି ପ୍ୟାକେଜ୍ ମଧ୍ୟରୁ 7 ଟି ପାଇଁ ବିଓକ୍ୟୁକୁ ସମ୍ପୂର୍ଣ୍ଣ ଏବଂ ଚୂଡାନ୍ତ କରିପାରିଥିଲା। ଗୋଟିଏ ପ୍ୟାକେଜ୍‌ର କାର୍ଯ୍ୟ ସରିବା ପରେ ମଧ 16.47 କୋଟି ଟଙ୍କାର ସାମଗ୍ରୀ ଯାହାକି ଏପର୍ଯ୍ୟନ୍ତ ସମାୟୋଜନ ହୋଇନାହିଁ ତାହା ପାଇଁ ଓପିଟିସିଏଲ୍ 12.35 କୋଟି ଟଙ୍କା ପ୍ରଦାନ କରିସାରିଛି। ଉପଯୁକ୍ତ ଉପଯୋଗର ମୂଲ୍ୟାଙ୍କନ ନକରି ସାମଗ୍ରୀ କ୍ରୟ କରିବା ଦ୍ୱାରା 16.47 କୋଟି ଟଙ୍କାର ସାମଗ୍ରୀ ନିଷ୍କ୍ରିୟ ହୋଇ ପଡିରହିଛି ଯାହା ଦ୍ୱାରା 0.69 କୋଟି ଟଙ୍କାର ସୁଧ ଆକାରରେ କ୍ଷତି ହୋଇଛି।

ପରିଚାଳନା କର୍ତ୍ତୃପକ୍ଷ ଉତ୍ତରରେ କହିଲେ (ମଇ 2020) ଯେ, ପ୍ରକଳ୍ପ ଗୁଡିକ ପାଇଁ ବ୍ୟବହୃତ ହେବାକୁ ଥିବା ଖୁଣ୍ଟ ଓ ତାରଗୁଡିକର ସଠିକ୍ ପରିମାଣ ଜାଣିହେବ ନାହିଁ। ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ସର୍ବେକ୍ଷଣ ଦ୍ୱାରା ଏହିପରି କାର୍ଯ୍ୟ ପାଇଁ ପରିମାଣ ନିଶ୍ଚିତ କରାଯାଇ ପାରିବ। ଅଧିକନ୍ତୁ, ଇପିସି ଚୁକ୍ତିରେ ମଧ ଧାର୍ଯ୍ୟ କରାଯାଇଛି ଯେ ବିଓକ୍ୟୁ ଚୂଡାନ୍ତ ହେବା ପୂର୍ବରୁ ଠିକାଦାରମାନେ ନିଜସ୍ୱ ସର୍ବେକ୍ଷଣ କରିବା ଉଚିତ୍। ସରକାର ନଭେମ୍ବର 2020 ରେ ସମୀକ୍ଷା ପର୍ଯ୍ୟବେକ୍ଷଣକୁ ସମର୍ଥନ କରିଛନ୍ତି।

- ଚୁକ୍ତିଭିତ୍ତିକ ସର୍ତ୍ତ ଅନୁଯାୟୀ, ଟେଣ୍ଡର ସମୟରେ ଦାଖଲ ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଇପିସି ଠିକାଦାରମାନେ ସାମଗ୍ରୀ ଯୋଗାଣ କରିବେ। ଏହି ପ୍ରକଳ୍ପରେ ଉଭୟ ଉପକେନ୍ଦ୍ର ଗୁଡିକ ଏବଂ ତାର ଟଣା ଉପାଦାନ ଅନ୍ତର୍ଭୁକ୍ତ ଥିଲା। ତାର ଟଣା ଉପାଦାନ ଗୁଡିକୁ ସ୍ଥାନର ଅବସ୍ଥା ଅନୁଯାୟୀ ଏବଂ ଆବଶ୍ୟକତା ଆଧାରରେ କ୍ରୟ କରାଯିବା ଆବଶ୍ୟକ। ଇପିସି ଠିକାଦାରମାନେ ସର୍ବେକ୍ଷଣ ପ୍ରତିବେଦନ ଚୂଡାନ୍ତ ହେବା ଏବଂ ନକ୍ସା ଏବଂ ଡିଜାଇନ୍ ଅନୁମୋଦନ ପୂର୍ବରୁ ତାର ଟଣା ଉପାଦାନ ଏବଂ ଉପକେନ୍ଦ୍ର ଉପାଦାନ କ୍ରୟ କରିବା ପାଇଁ ପ୍ରସ୍ତାବ ଦାଖଲ କରିଥିଲେ। ଏଲ୍ଓଏ ପରିମାଣ ଉପରେ ଆଧାର କରି ପିଏମ୍‌ସି ଏବଂ ଓଡିଏସ୍‌ଏସ୍‌ପି କକ୍ଷ ସାମଗ୍ରୀ ପଠାଇବା ପ୍ରମାଣପତ୍ରକୁ ଅନୁମୋଦିତ କରିଥିଲେ। ଇପିସି ଠିକାଦାରମାନଙ୍କୁ ଦିଆଯାଇଥିବା 22 ଟି ପ୍ୟାକେଜ୍ ମଧ୍ୟରୁ ପାଞ୍ଚଟିର ସମୀକ୍ଷା ବିଶ୍ଳେଷଣରୁ ଜଣାପଡିଲା ଯେ ପାଞ୍ଚଟି ପ୍ୟାକେଜ୍ ପାଇଁ 70.96 କୋଟି ଟଙ୍କା ମୂଲ୍ୟର ତାର ଟଣା ସାମଗ୍ରୀ ଜୁଲାଇ 2017 ପୂର୍ବରୁ କରାଯାଇଥିଲା। ଯାହାକି ଏପର୍ଯ୍ୟନ୍ତ ବ୍ୟବହାର ନହୋଇ ଗୋଦାମ ଘରେ ପଡିରହିଛି। ଓପିଟିସିଏଲ୍ ଖର୍ଚ୍ଚର 75 ପ୍ରତିଶତ ଯାହାକି 53.22 କୋଟି ଟଙ୍କା ଦେଇସାରିଛି ଏବଂ ଏହା ଦ୍ୱାରା 9.31 କୋଟି ଟଙ୍କାର ସୁଧ ଅର୍ଜନ କରିବାର ସୁଯୋଗ ହରାଇଛି।

ପରିଚାଳନା କର୍ତ୍ତୃପକ୍ଷ କହିଲେ (ମଇ 2020) ଯେ, ଭବିଷ୍ୟତର ମୂଲ୍ୟ ବୃଦ୍ଧିକୁ ଏଡାଇବା ପାଇଁ ସାମଗ୍ରୀ କ୍ରୟ କରାଯିବା ଆବଶ୍ୟକ। ଓପିଟିସିଏଲ୍ କ୍ରୟ ବନ୍ଦ କରିବାକୁ ଇପିସି ଠିକାଦାରମାନଙ୍କୁ କହିପାରିବ ନାହିଁ। ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ଚୁକ୍ତିରେ ମୂଲ୍ୟ ବୃଦ୍ଧି ଧାରାକୁ ଅନ୍ତର୍ଭୁକ୍ତ କରି ମୂଲ୍ୟ ବୃଦ୍ଧି ହେବାର ସମ୍ଭାବନାକୁ ସର୍ବୋତ୍ତମ ଭାବେ ନିୟନ୍ତ୍ରଣ କରିହେବ ଯାହାକି ଚୁକ୍ତିରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା। ସରକାର (ନଭେମ୍ବର 2020) ସମୀକ୍ଷା ପର୍ଯ୍ୟବେକ୍ଷଣକୁ ସମର୍ଥନ କରିଛନ୍ତି।

**ଅମିତବ୍ୟୟୀ କ୍ରୟ**

**3.1.7.2** ଏହା ଧାର୍ଯ୍ୟ କରାଯାଇଥିଲା ଯେ କାର୍ଯ୍ୟ ପରିସରରେ ବିଓକ୍ୟୁର $\pm$25 ପ୍ରତିଶତ ସୀମା ମଧ୍ୟରେ ପରିମାଣର ପରିବର୍ତ୍ତନ ସମାନ ଏକକ ମୂଲ୍ୟରେ ମାଲିକଙ୍କ ଦ୍ୱାରା ଅନୁମତି ଦିଆଯିବ। ବିଓକ୍ୟୁର 25 ପ୍ରତିଶତରୁ ଅଧିକ ପରିମାଣର ଯେ କୌଣସି ପରିବର୍ତ୍ତନ ହେଲେ ଠିକାଦାର ସେମାନଙ୍କ ଏକକ ମୂଲ୍ୟରେ 5-10 ପ୍ରତିଶତ ରିହାତି ଦେବାକୁ ହେବ। ଏହି ଧାରାଟି ଆଠଟି ପ୍ୟାକେଜ୍ ପାଇଁ ରଖାଯାଇଥିଲା। କିନ୍ତୁ, ଏହି ଧାରାକୁ ବାକି 14 ଟି ପ୍ୟାକେଜ୍ ପାଇଁ ପରିବର୍ତ୍ତନ କରାଯାଇଥିଲା ଯେ "ପରିମାଣର ଯେ କୌଣସି ବୃଦ୍ଧି ପାଇଁ ଯଦି ଚୁକ୍ତି ମୂଲ୍ୟର 25 ପ୍ରତିଶତ ବୃଦ୍ଧି ହୁଏ ତାହା ହେଲେ ଅଧିକ ପରିମାଣ ପାଇଁ ଏକକ ମୂଲ୍ୟର 5 ପ୍ରତିଶତ ରିହାତି

ମିଳିବ"। ଧାରା ପରିବର୍ତ୍ତନ ହେବା ଦ୍ୱାରା ସାତୋଟି ପ୍ୟାକେଜ୍ ମଧ୍ୟରୁ ଗୋଟିଏ ପ୍ୟାକେଜ୍ ରେ 1.18 କୋଟି ଟଙ୍କା ରିହାତି ହରାଇଲା।

ପରିଚାଳନା କର୍ତ୍ତୃପକ୍ଷ କହିଲେ (ମଇ 2020) ଯେ, ନିଲାମକାରୀମାନେ ଚୁକ୍ତିନାମା ଅନୁଯାୟୀ ମୂଲ୍ୟ ଉଦ୍ଧୃତ କରନ୍ତି। ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ସର୍ତ୍ତାବଳୀ ଏବଂ ସର୍ତ୍ତଗୁଡିକର ପରିବର୍ତ୍ତନ ବିନା କାରଣରେ ହୋଇଥିଲା ଯାହା ଦ୍ୱାରା ନିଲାମକାରୀ ମାନଙ୍କୁ ଅହେତୁକ ଅନୁକମ୍ପା ହୋଇଥିଲା।

- ଉତ୍ସର୍ଗୀକୃତ ଫିଡର ଆବଶ୍ୟକ କରୁଥିବା ଗ୍ରାହକଙ୍କୁ ଫିଡରର ମୂଲ୍ୟ ସହିତ 22 ପ୍ରତିଶତ ତଦାରଖ ଦେୟ ଡିସ୍କମ୍ ଠାରେ ଜମା କରିବାକୁ ପଡିବ। ଏହା ଦେଖାଗଲା ଯେ, ଜଣେ ଗ୍ରାହକଙ୍କଠାରୁ ଫିଡର ମୂଲ୍ୟ ଦାବି ନକରି ଏହି ପ୍ରକଳ୍ପ ଅଧିନରେ ଏକ ଉତ୍ସର୍ଗୀକୃତ ଫିଡର ନିର୍ମାଣ କରାଯାଇଛି ଯାହା ଦ୍ୱାରା 0.28 କୋଟି ଟଙ୍କାର ଅହେତୁକ ଅନୁକମ୍ପା ହେଲା।

ପରିଚାଳନା କର୍ତ୍ତୃପକ୍ଷ କହିଲେ (ମଇ 2020) ଯେ, ଏହା ଏକ ଘଟଣା ଯେଉଁଥିରେ ଫିଡର ପାଇଁ ଜଣେ ଗ୍ରହକ ଥିଲେ। କିନ୍ତୁ ଅନ୍ୟ ଗ୍ରାହକମାନେ ଠିକ୍ ସମୟରେ ଫିଡରରୁ ଶକ୍ତି ଲାଭ କରିବାକୁ ସକ୍ଷମ ହେବେ। ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ପ୍ରଥମ ପର୍ଯ୍ୟାୟରେ ଜଣେ ଗ୍ରହକଙ୍କ ସ୍ୱତନ୍ତ୍ର ଲାଭ ପାଇଁ ସାଧାରଣ ଖର୍ଚ୍ଚ ହେବା ଉଚିତ ନଥିଲା। ଏକ ସମ୍ଭାବ୍ୟ ପରିସ୍ଥିତି ସହିତ ଏହା ଯଥାର୍ଥ ହୋଇପାରିବ ନାହିଁ।

## ଉପସଂହାର

**ଏଟିଆଣ୍ଡସି କ୍ଷତିକୁ ହ୍ରାସ କରିବା ଓ ଉପଭୋକ୍ତା ମାନଙ୍କୁ ଉପଯୁକ୍ତ ମାନର ଏବଂ ଅବିରତ ଶକ୍ତି ଯୋଗାଣ କରିବାକୁ ବିତରଣ ଭିତ୍ତିଭୂମିରେ ଉନ୍ନତିକରଣ ଦ୍ୱାରା 2018-19 ସମୟାବଧି ମଧ୍ୟରେ କାର୍ଯ୍ୟାନ୍ୱୟନ ପାଇଁ ଓଡିଏସ୍ଏସ୍‌ପିର ପରିକଳ୍ପନା କରାଯାଇଥିଲା।**

**ପ୍ରକଳ୍ପ ଯୋଜନାରେ ଅପାରଗତା ହେତୁ ଏଥିରେ ବିଳମ୍ବ ହେଲା ଏବଂ ଏହା ଇପସିତ ଫଳାଫଳ ଦେଲା ନାହିଁ। ପ୍ରକଳ୍ପର ନିଷ୍ପାଦନ, ସ୍ଥାନର ବିଳମ୍ବିତ ହସ୍ତାନ୍ତର ଓ ଡିସ୍କମ୍‌ମାନଙ୍କ ସହ ସମନ୍ୱୟରେ ଅଭାବ ଯୋଗୁ ପ୍ରଭାବିତ ହେଲା। କିଛି କ୍ଷେତ୍ରରେ ସଂରଚନାତ୍ମକ ଅପାରଗତା ଯଥା ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ସ୍ଥାପନା (ଅନୁପଯୁକ୍ତ ଭାର ସନ୍ତୁଳନ), ତ୍ରୁଟିଯୁକ୍ତ ଟ୍ରାନ୍ସଫର୍ମର ସ୍ଥାପନା ଏବଂ ମୋଟା ତାରର ବ୍ୟବହାର ଏଟିଆଣ୍ଡସି କ୍ଷତିକୁ ବନ୍ଦ କରିବା ପରିବର୍ତ୍ତ ଯଥାରୀତି ବୃଦ୍ଧି କରାଇଚାଲିଲା। ଦ୍ରବ୍ୟଗୁଡିକର ଦୃଷ୍ଟାନ୍ତମୂଳକ ଅମିତବ୍ୟୟୀ ଏବଂ ଯୋଜନାବିହୀନ କ୍ରୟ, ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ଅନୁରୂପ ହିତ ସାଧନ ନକରି ଅତ୍ୟଧିକ ଆର୍ଥିକ ଖର୍ଚ୍ଚ କରାଗଲା। ଏହା ପ୍ରକଳ୍ପ ଅଟକଳର 81 ପ୍ରତିଶତ ଖର୍ଚ୍ଚ ପରେ ମଧ କେବଳ 36 ପ୍ରତିଶତ ଭିତ୍ତିଭୂମି ପ୍ରଗତିର ପରିସ୍ଥିତି ଆଣିଦେଲା (ଅଗଷ୍ଟ 2019)।**

**ଏହି ଆକାର ଏବଂ ଗୁରୁତ୍ୱ ବିଶିଷ୍ଟ କୌଣସି ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ପାଇଁ ପ୍ରଭାବୀ ପର୍ଯ୍ୟାଲୋଚନା ଆବଶ୍ୟକ। ଯଦିଓ ଓଡ଼ିଶା ସରକାରଙ୍କ ଠାରୁ ଆରମ୍ଭ କରି ସମସ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାରଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ପର୍ଯ୍ୟାଲୋଚନା ସମିତିର ଗଠନ ଉପଯୁକ୍ତ ଥିଲା, ଏପରି କୌଣସି ସମିତି ଗଠନ କରାଯାଇ ନଥିଲା। ଏଥିରେ ଓପିଟିସିଏଲ୍ ଏବଂ ଡିସ୍କମ୍‌ମାନଙ୍କ ମଧ୍ୟରେ ସମନ୍ୱୟର ଯଥେଷ୍ଟ ଅଭାବ ଥିଲା ଯାହାକି ପ୍ରକଳ୍ପର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମୟରେ ପରିଦୃଶ୍ୟ। ଏପରିକି ସମ୍ପୂର୍ଣ୍ଣ ହୋଇଥିବା ଉପକେନ୍ଦ୍ର ଗୁଡିକ ଡିସ୍କମ୍‌ମାନଙ୍କୁ ହସ୍ତାନ୍ତର ହୋଇପାରି ନଥିଲା। ଉପକେନ୍ଦ୍ର ମାନଙ୍କର ହସ୍ତାନ୍ତର ନହେବାର କାରଣ ଡିସ୍କମ୍‌ରେ କର୍ମଚାରୀର ଅଭାବକୁ ଦର୍ଶାଇଥିଲା, ଯାହାକି ପ୍ରକଳ୍ପ ଆରମ୍ଭର ବହୁ ପୂର୍ବରୁ ସମାଧାନ ହୋଇପାରିଥାନ୍ତା। ଫଳସ୍ୱରୂପ, ବହୁତ ପୁଞ୍ଜି ନିଷ୍କ୍ରିୟ ହୋଇ ପଡିରହିଥିଲା।**

**ଓଇଆରସି (ମାର୍ଚ୍ଚ 2019) ଡିସ୍କମ୍‌ମାନଙ୍କର ବିଭିନ୍ନ କ୍ଷେତ୍ରରେ ଏଟିଆଣ୍ଡସି କ୍ଷତିରେ 50 ରୁ 74 ପ୍ରତିଶତ ପର୍ଯ୍ୟନ୍ତ କ୍ରମାଗତ ବୃଦ୍ଧିକୁନେଇ ଉଦବେଗ ପ୍ରକାଶ କଲେ। ପରିଶେଷରେ ପ୍ରକଳ୍ପର ସମୟାବଧି ବୃଦ୍ଧି ତଥା ଅଟକଳ ମୂଲ୍ୟ 2,600 କୋଟି ଟଙ୍କାରୁ 3,843 କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ସତ୍ତ୍ୱେ ପ୍ରକଳ୍ପର ପରିସମାପ୍ତି ନହେବା ହେତୁ ଶେଷ ହୋଇଥିବା ପ୍ୟାକେଜ୍ ପାଇଁ ମଧ ଭରସାଯୋଗ୍ୟ ଓ ଉପଯୁକ୍ତ ମାନର ଶକ୍ତି ଯୋଗାଣର ଉନ୍ନତିରେ ଇପସିତ ଲକ୍ଷ୍ୟ ହାସଲ ହୋଇପାରିଲା ନାହିଁ।**

## 3.2 ଅହେତୁକ ଅନୁକମ୍ପା

### ଟେଣ୍ଡର ପ୍ରଦାନରେ ଅନିୟମିତତା ଏବଂ ତାର କିଣାରେ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା

ତାର[32] ଗୁଡିକ ବିଦ୍ୟୁତ ସଞ୍ଚାରଣ ପାଇଁ ବ୍ୟବହାର କରାଯାଏ। ଓପିଟିସିଏଲ୍ ମୁକ୍ତ ଟେଣ୍ଡର ଦ୍ୱାରା ଏସିଏସ୍ଆର[33] ପାନ୍ଥର ଏବଂ ଏସିଏସ୍ଆର ଜେବ୍ରା ତାର ବଜାରରୁ କ୍ରୟ କରିଥିଲା।

ଓପିଟିସିଏଲ୍ 71 କିଲୋମିଟର ଏସିଏସ୍ଆର ପାନ୍ଥର ଏବଂ 1,015 କିଲୋମିଟର ଏସିଏସ୍ଆର ଜେବ୍ରା ତାର କିଣିବା ପାଇଁ ଦ୍ୱୈତ ନିଲାମ ବ୍ୟବସ୍ଥା ଦ୍ୱାରା ମୁକ୍ତ ଟେଣ୍ଡର (ମାର୍ଚ୍ଚ 2017) ଆମନ୍ତ୍ରଣ କରିଥିଲା। ଟେଣ୍ଡରରେ ଏହା ଧାର୍ଯ୍ୟ ହୋଇଥିଲା ଯେ ଉଦ୍ଧୃତ ମୂଲ୍ୟ, ଭାରତୀୟ ଇଲେକ୍ଟ୍ରିକାଲ ଏବଂ ଇଲେକ୍ଟ୍ରୋନିକ୍ସ ନିର୍ମାତା ସଙ୍ଗଠନ (ଆଇଇଇଏମ୍ଏ)ର ମୂଲ୍ୟ ପରିବର୍ତ୍ତନ (ପିଭି) ଧାରା ଅନୁସାରେ ପରିବର୍ତ୍ତନୀୟ ହୋଇଥିବା ଆବଶ୍ୟକ। ଟେଣ୍ଡର ଦାଖଲର ଶେଷ ତାରିଖ 05 ଅପ୍ରେଲ 2017 ଥିଲା। ଉଦ୍ଧୃତ ମୂଲ୍ୟର ମୂଳ ତାରିଖ 06 ମାର୍ଚ୍ଚ 2017 ଥିଲା ଯାହାକି ଟେଣ୍ଡରର ବୈଷୟିକ ବାଣିଜ୍ୟିକ ଅଂଶ ଖୋଲିବାର 30 ଦିନ ପୂର୍ବରୁ ଅଟେ।

କିନ୍ତୁ, ବୈଷୟିକ ବାଣିଜ୍ୟିକ ଯୋଗ୍ୟ ନିଲାମ ଡକାଳିମାନଙ୍କ ମୂଲ୍ୟ ନିଲାମ ମୂଲ୍ୟାଙ୍କନ କରିବା ପୂର୍ବରୁ, ଦ୍ରବ୍ୟ ଏବଂ ସେବା କର 01 ଜୁଲାଇ 2017 ରେ ବଳବତ୍ତର ହେଲା। ତେଣୁ ବୈଷୟିକ ବାଣିଜ୍ୟିକ ଯୋଗ୍ୟ ନିଲାମଡକାଳିଙ୍କୁ 06 ଅକ୍ଟୋବର 2017 ପୂର୍ବରୁ ଜିଏସ୍ଟି ଅନୁପାଳନ ମୂଲ୍ୟ ନିଲାମ ଦାଖଲ କରିବାକୁ କୁହାଗଲା (ସେପ୍ଟେମ୍ବର 2017)। ତଦନୁସାରେ, ମୂଲ୍ୟ ପରିବର୍ତ୍ତନର ସର୍ତ୍ତ ଅନୁସାରେ ମୂଲ୍ୟ ପରିବର୍ତ୍ତନ ସର୍ତ୍ତାବଳୀକୁ ପ୍ରଭାବ ଦେବା ପାଇଁ ଓପିଟିସିଏଲ୍ ମୂଳ ତାରିଖକୁ 06 ସେପ୍ଟେମ୍ବର 2017 କୁ ପରିବର୍ତ୍ତନ କରିଥିଲା, ଯାହାକି ଜିଏସ୍ଟି ଅନୁପାଳନ ମୂଲ୍ୟ ନିଲାମ ଦାଖଲ କରିବାର 30 ଦିନ ପୂର୍ବରୁ ଥିଲା। ନିଲାମ ଡକାଳୀମାନଙ୍କୁ ମୂଲ୍ୟ ନିଲାମରେ, ମୂଲ୍ୟର ପ୍ରକୃତି ଯଥା, 'ଦୃଢ଼' ବା 'ପରିବର୍ତ୍ତନୀୟ' ଉଲ୍ଲେଖ କରିବାର ଥିଲା ଯେଉଁଥିରେ ପରିବର୍ତ୍ତନୀୟ ମୂଲ୍ୟ ସୂଚିତ କରେ ଯେ ମୂଲ୍ୟ ଟେଣ୍ଡର ଅବଧି ମଧ୍ୟରେ ପରିବର୍ତ୍ତନଶୀଳ।

ଏହି ବିଷୟରେ ସମୀକ୍ଷାରୁ ଦେଖାଗଲା ଯେ:

- ମୂଲ୍ୟ ନିଲାମ ଗ୍ରହଣ କରିବାର ଆଧାରରେ, କ୍ରୟ ଆଦେଶ ସର୍ବନିମ୍ନ ନିଲାମକାରୀକୁ 17 ଫେବୃୟାରୀ 2018 ରେ 71 କିଲୋମିଟର ଏସିଏସ୍ ଆର ପାନ୍ଥର ତାର ଏବଂ 1,015 କିଲୋମିଟର ଏସିଏସ୍ଆର ଜେବ୍ରା ତାର ସମୁଦାୟ ମୂଲ୍ୟ 26.29 କୋଟି ଟଙ୍କାରେ ଦିଆଗଲା।

- ସର୍ବନିମ୍ନ ନିଲାମକାରୀ ତାଙ୍କ ମୂଲ୍ୟ ନିଲାମରେ ମୂଲ୍ୟକୁ 'ପରିବର୍ତ୍ତନଶୀଳ' ଉଲ୍ଲେଖ କରିଥିଲେ କିନ୍ତୁ ମୂଲ୍ୟ ପରିବର୍ତ୍ତନର ମୂଳ ତାରିଖକୁ ସଂଶୋଧିତ ଟେଣ୍ଡର ସର୍ତ୍ତାବଳୀ ଅନୁସାରେ 06 ସେପ୍ଟେମ୍ବର 2017 ପରିବର୍ତ୍ତେ 06 ମାର୍ଚ୍ଚ 2017 ବୋଲି ଉଲ୍ଲେଖ କରିଥିଲେ। ଅନ୍ୟ ସଂସ୍ଥାଗୁଡିକ ସେମାନଙ୍କ ନିଲାମରେ ମୂଲ୍ୟକୁ କୌଣସି ମୂଳ ତାରିଖ ଉଲ୍ଲେଖ ନକରି କେବଳ 'ପରିବର୍ତ୍ତନଶୀଳ' ମୂଲ୍ୟ ବୋଲି ଉଲ୍ଲେଖ କରିଥିଲେ।

- ଓପିଟିସିଏଲ୍ କ୍ରୟ କମିଟି ଉପରୋକ୍ତ ତଥ୍ୟକୁ ସଭା ରାରିଖ 03 ଫେବୃୟାରୀ 2018 ରେ ବିବେଚନା ନକରି ସର୍ବନିମ୍ନ ନିଲାମକାରୀକୁ କ୍ରୟ ଆଦେଶ ଦେଇଥିଲେ (ଫେବୃୟାରୀ 2018) ତେଣୁ କ୍ରୟ ଆଦଶେ ଏମିତି ଏକ ନିଲାମକାରୀକୁ ଦିଆଗଲା ଯେ କି ଟେଣ୍ଡର ସର୍ତ୍ତ ଅନୁସାରେ ଯୋଗ୍ୟ ବିବେଚିତ ନଥିଲେ।

- ସର୍ବନିମ୍ନ ନିଲାମକାରୀ କ୍ରୟ ଆଦେଶକୁ ଗ୍ରହଣ ନକରି, ମୂଲ୍ୟ ପରିବର୍ତ୍ତନର ପ୍ରଯୁଜ୍ୟତା ପୂର୍ବ ମୂଳ ତାରିଖକୁ ପ୍ରତ୍ୟାବର୍ତ୍ତନ କରିବାକୁ ଅନୁରୋଧ (ଫେବୃୟାରୀ 2018) କଲା। ଯଦିଓ କ୍ରୟ କମିଟି ଆଉ ଗୋଟିଏ ସୁଯୋଗ ପାଇଥିଲା ସର୍ବନିମ୍ନ ନିଲାମକାରୀକୁ ଅଯୋଗ୍ୟ ଘୋଷଣା କରିବାକୁ, କିନ୍ତୁ କମିଟି ତାଙ୍କ ଅନୁରୋଧ ଗ୍ରହଣ କରିଥିଲା।

[32] ତାର ଏକ ବସ୍ତୁ କିମ୍ବା ଏକ ପ୍ରକାର ସାମଗ୍ରୀ ଯେ ବିଦ୍ୟୁତ ପ୍ରବାହକୁ ଗୋଟିଏ କିମ୍ବା ଅଧିକ ଦିଗରେ ପ୍ରବାହିତ କରେ।

[33] ଏସିଏସ୍ଆର- ସଶକ୍ତ ଆଲୁମିନିୟମ ଇସ୍ପାତ ତାର।

- ଓପିଟିସିଏଲ୍ ସର୍ବନିମ୍ନ ନିଲାମକାରୀଙ୍କ ଉଦ୍ଧୃତ ମୂଲ୍ୟର ମୂଳ ତାରିଖ 06 ମାର୍ଚ୍ଚ 2017 ଏବଂ ଅନ୍ୟ ନିଲାମକାରୀଙ୍କ ଉଦ୍ଧୃତ ମୂଲ୍ୟର ମୂଳ ତାରିଖ 06 ସେପ୍ଟେମ୍ବର 2017 ସହିତ ମୂଲ୍ୟ ପ୍ରଭାବର ତୁଳନା କରି ତାଙ୍କ ନିଷ୍ପତ୍ତିକୁ ଯଥାର୍ଥ ଦର୍ଶାଇ ଥିଲା।

- ତୁଳନା ସମୟରେ ସର୍ବନିମ୍ନ ନିଲାମ କରି ଦ୍ୱିତୀୟ ସର୍ବନିମ୍ନରେ ପରିଣତ ହେଲା। ସର୍ବନିମ୍ନ ହେବାପାଇଁ ନିଲାମକାରୀ ତାର ମୂଲ୍ୟରେ 200 ଟଙ୍କା ପ୍ରତି କି.ମି.ର ରିଆତି ପ୍ରଦାନ କଲା। ଫଳସ୍ୱରୂପ, ନିଲାମକାରୀ ମୂଲ୍ୟାଙ୍କନ ଦିନ ପୁଣି ସର୍ବନିମ୍ନ ହେଲା କିନ୍ତୁ ଯୋଗାଣ ମୂଲ୍ୟ ପରିବର୍ତ୍ତନ ସର୍ତ୍ତ ପୁଣି ସେହି 06 ମାର୍ଚ୍ଚ 2017 ରହିଲା।

- ଉପରୋକ୍ତ ପ୍ରସ୍ତାବ ଗ୍ରହଣ କରିବା ସମୟରେ ଓପିଟିସିଏଲ୍ 26.27 କୋଟି ଟଙ୍କାର 1,086 କି.ମି. ତାର ପାଇଁ 26 ଅପ୍ରେଲ 2018 ରେ ସଂଶୋଧିତ କ୍ରୟାଦେଶ ଜାରିକଲା। ପୁନଶ୍ଚ, 203 କି.ମି. ଏସିଏସ୍ଆର ତାରର ପୁନରାବୃତ୍ତି କ୍ରୟ ଆଦେଶ ସେହି ସଂସ୍ଥାକୁ ଦିଆଗଲା (ସେପ୍ଟେମ୍ବର 2018)।

- ସମୀକ୍ଷା ଉଲ୍ଲେଖ କଲା ଯେ ତାରର ଆଇଇଇଏମ୍ଏ ମୂଲ୍ୟ ସୂଚକାଙ୍କ 06 ମାର୍ଚ୍ଚ 2017 ରେ 1.42 ଲକ୍ଷ ଟଙ୍କା ଏବଂ 06 ସେପ୍ଟେମ୍ବର 2017 ରେ 1.48 ଲକ୍ଷ ଟଙ୍କା ଥିଲା। ଓପିଟିସିଏଲ୍ ମୂଳ ତାରିଖ ପରିବର୍ତ୍ତନର ଅନୁରୋଧ ଗ୍ରହଣ କରିବା ଦ୍ୱାରା ତାହାକୁ ଅଧିକ ପରିମାଣର ବୃଦ୍ଧି ଦେବାକୁ ପଡିଲା କାରଣ ତାରର ମୂଲ୍ୟ କ୍ରମ ବର୍ଦ୍ଧିଷ୍ଣୁ ଥିଲା, ଯାହାକି କ୍ରୟ କମିଟି ଅପ୍ରେଲ 2018 ରେ ପର୍ଯ୍ୟବେକ୍ଷଣ କରିଥିଲା।

- ଓପିଟିସିଏଲ୍ ଜୁନ୍ ରୁ ଅକ୍ଟୋବର 2018 ମଧ୍ୟରେ 1,287.978 କି.ମି. ତାର 39.13 କୋଟି ଟଙ୍କାରେ କିଣିଲା ଯାହାକି ଟେଣ୍ଡର ସର୍ତ୍ତ ଅନୁସାରେ ମୂଳ ତାରିଖକୁ ଅନୁସରଣ କରିଥିଲେ 38.09 କୋଟି ଟଙ୍କାରେ କିଣାଯାଇ ପାରିଥାଆନ୍ତା।

- ଫଳସ୍ୱରୂପ, ଟେଣ୍ଡର ମୂଲ୍ୟ ପରିବର୍ତ୍ତନ ସର୍ତ୍ତ ପ୍ରଯୁଜ୍ୟତାର ବ୍ୟତିକ୍ରମ ଦ୍ୱାରା ଯୋଗାଣକାରୀକୁ ଅହେତୁକ ଅନୁକମ୍ପା ପ୍ରଦାନ ସ୍ୱରୂପ 1.04 କୋଟି ଟଙ୍କା ପରିହାର୍ଯ୍ୟ ବ୍ୟୟ (39.13 – 38.09 କୋଟି ଟଙ୍କା) ହୋଇଥିଲା।

ସରକାର କହିଲେ (ସେପ୍ଟେମ୍ବର 2019) ଯେ, କଞ୍ଚାମାଲର ବର୍ଦ୍ଧିତ ଧାରା ଏବଂ ରିଟେଣ୍ଡରିଙ୍ଗ ସମୟ ସାପେକ୍ଷ ହୋଇଥିବାରୁ କ୍ରୟ କମିଟି ଟେଣ୍ଡର ରଦ୍ଦ କରିବାକୁ ଧ୍ୟାନ ଦେଇନଥିଲେ। ତେଣୁ ସେମାନେ ନିଲାମକାରୀଙ୍କ ସହିତ ମୂଲଚାଲ କରିଥିଲେ ଯଦିଓ ଟେଣ୍ଡର ପ୍ରକ୍ରିୟାକରଣ ସାମାନ୍ୟ ବ୍ୟତିକ୍ରମ ହୋଇଥିଲା ଏବଂ କୌଣସି ଆର୍ଥିକ ପରିଣାମ ନଥିଲା।

ଉତ୍ତରଟି ଗ୍ରହଣୀୟ ନଥିଲା କାରଣ କ୍ରୟ କମିଟି ଏକ ଅଯୋଗ୍ୟ ନିଲାମକାରୀକୁ ବିବେଚନା କରିଥିଲା ଏବଂ ତା ସହିତ ମୂଲଚାଲ କରିବାକୁ ସୁପାରିଶ କରିଥିଲା। ସମ୍ପୂର୍ଣ୍ଣ ଟେଣ୍ଡର ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ଥିଲା କାରଣ ସର୍ବନିମ୍ନ ଏବଂ ଅନ୍ୟ ନିଲାମକାରୀଙ୍କ ଅନ୍ତର୍ନିହିତ ଉଦ୍ଧୃତି ସମାନ ଟେଣ୍ଡର ଅବସ୍ଥା ଉପରେ ଆଧାରିତ ନଥିଲା, ମୂଲ୍ୟ କ୍ରମ ବର୍ଦ୍ଧିଷ୍ଣୁ ଥିଲା । ଏକ ପୁରୁଣା ମୂଳ ତାରିଖରୁ ମୂଲ୍ୟ ପରିବର୍ତ୍ତନକୁ ଅନୁମତି ଦେବା ଯାହାକି ବିଡରଙ୍କ ପାଇଁ କମ୍ ମୂଲ୍ୟ ଥିଲା ଏବଂ ପରବର୍ତ୍ତୀ ଆଧାର ତାରିଖରୁ ଯାହା ଅନ୍ୟ ନିଲାମକାରୀଙ୍କ ପାଇଁ ଅଧିକ ମୂଲ୍ୟ ଥିଲା, ଏହା ସ୍ୱାଭାବିକ ଭାବରେ ପୂର୍ବ ନିଲାମକାରୀକୁ ସର୍ବନିମ୍ନ ଦେବା ଏକ ଅନୁଗ୍ରହ ଥିଲା। ସମୀକ୍ଷା ଅନୁଧ୍ୟାନ କଲା ଯେ ଏହା ଠିକାଦାର ପାଇଁ ଅଯଥା ଲାଭ ସମ୍ପ୍ରସାରଣର ଏକ ସ୍ପଷ୍ଟ ମାମଲା ଯାହା ଟେଣ୍ଡର ସର୍ତ୍ତର ବିରୁଦ୍ଧରେ ଠିକାଦାରର ଅନୁରୋଧକୁ ଅନୁମତି ଦିଆଯାଇଥିଲା।

# ଭାଗ-II

# ଅଧ୍ୟାୟ-IV

## ରାଜ୍ୟ ପିଏସ୍ୟୁଗୁଡିକର କାର୍ଯ୍ୟକ୍ରମ

## (ଅଣ-ଶକ୍ତିକ୍ଷେତ୍ର)

## ଅଧ୍ୟାୟ-IV

## ରାଜ୍ୟ ସରକାରୀ ଉଦ୍ୟୋଗର କାର୍ଯ୍ୟକ୍ରମ (ଅଣ-ଶକ୍ତିକ୍ଷେତ୍ର)

### ଉପକ୍ରମ

**4.1** 31 ମାର୍ଚ୍ଚ 2019 ସୁଦ୍ଧା 73ଟି ରାଜ୍ୟ ସରକାରୀ ଉଦ୍ୟୋଗ ଥିଲା ଯାହା ଶକ୍ତି କ୍ଷେତ୍ର ବ୍ୟତୀତ ଅନ୍ୟ କ୍ଷେତ୍ର ସହିତ ଜଡିତ ଥିଲା। ଏହି ରାଜ୍ୟ ପିଏସ୍‌ୟୁଗୁଡିକ 1942-43ରୁ 2016-17 ମଧ୍ୟରେ ସ୍ଥାପନ କରାଯାଇଥିଲା। ଏଥିମଧ୍ୟରେ 70ଟି ସରକାରୀ କମ୍ପାନୀ (26ଟି ନିଷ୍କ୍ରିୟ କମ୍ପାନୀ) ଏବଂ ତିନୋଟି ବୈଧାନିକ ନିଗମ ଯଥା- ଓଡିଶା ରାଜ୍ୟ ସଡକ ପରିବହନ ନିଗମ, ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ଏବଂ ଓଡିଶା ରାଜ୍ୟ ଅର୍ଥ ନିଗମ ଅନ୍ତର୍ଭୁକ୍ତ। 70ଟି ସରକାରୀ କମ୍ପାନୀ ମଧ୍ୟରୁ 26ଟି ଅନ୍ୟ ସରକାରୀ/ ବେସରକାରୀ କମ୍ପାନୀଗୁଡିକର ସହାୟକ/ମିଳିତ ଉଦ୍ୟୋଗ କମ୍ପାନୀ ଅଟେ। ଏଗାରଟି ସରକାରୀ କମ୍ପାନୀ 2018-19 ପର୍ଯ୍ୟନ୍ତ ବ୍ୟବସାୟିକ କାର୍ଯ୍ୟକଳାପ ଆରମ୍ଭ କରିନଥିଲେ ଯେଉଁଥିରୁ ଓଡ଼ିଶା ଅନ୍ତର୍ଦ୍ଦେଶୀୟ ଜଳପଥ ସଙ୍ଗଠନ ଲିମିଟେଡ୍ ନାମକ ଏକ କମ୍ପାନୀ ସେମାନଙ୍କର ପ୍ରଥମ ହିସାବ ଦାଖଲ କରିନାହାନ୍ତି। ଦୁଇଟି କମ୍ପାନୀ ଯଥା, ଲାଞ୍ଜିଗଡ ପରିଯୋଜନା ଅଞ୍ଚଳ ଉନ୍ନୟନ ପ୍ରତିଷ୍ଠାନ ଏବଂ ଓଡ଼ିଶା କ୍ରୀଡା ଉନ୍ନୟନ ଓ ପ୍ରୋତ୍ସାହନ କମ୍ପାନୀ କମ୍ପାନୀର ଅଧିନିୟମ, 1956ର ଧାରା 25(1) ଅନୁଯାୟୀ ପଞ୍ଜିକୃତ ହୋଇଛି ଏବଂ ଗୋଟିଏ କମ୍ପାନୀ ଓଡ଼ିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ କମ୍ପାନୀର ଅଧିନିୟମ, 2013ର ଧାରା 8(1) ଅନୁଯାୟୀ ପଞ୍ଜିକୃତ ହୋଇଛି।

ରାଜ୍ୟ ସରକାର ସମୟ ସମୟରେ ସାଧାରଣ ଅଂଶଧନ, ଋଣ ଏବଂ ଅନୁଦାନ/ ସବ୍‌ସିଡି ଆକାରରେ ରାଜ୍ୟ ପିଏସ୍‌ୟୁଗୁଡିକୁ ଆର୍ଥିକ ସହାୟତା ପ୍ରଦାନ କରନ୍ତି। 73ଟି ରାଜ୍ୟ ପିଏସ୍‌ୟୁ ମଧ୍ୟରୁ ରାଜ୍ୟ ସରକାର କେବଳ 46ଟି ରାଜ୍ୟ ପିଏସ୍‌ୟୁ(18ଟି ନିଷ୍କ୍ରିୟ କମ୍ପାନୀ ଏବଂ ତିନୋଟି ବୈଧାନିକ ନିଗମ ଅନ୍ତର୍ଭୁକ୍ତ କରି)ରେ ପାଣ୍ଠି ବିନିଯୋଗ କରିଛନ୍ତି । ଅବଶିଷ୍ଟ 27ଟି ରାଜ୍ୟ ପିଏସ୍‌ୟୁଗୁଡିକୁ (8ଟି ନିଷ୍କ୍ରିୟ କମ୍ପାନୀ ଅନ୍ତର୍ଭୁକ୍ତ କରି) ରାଜ୍ୟ ସରକାର କୌଣସି ପାଣ୍ଠି ଯୋଗାଇ ନାହାନ୍ତି ଯାହାକି ଅନ୍ୟ ସରକାରୀ କମ୍ପାନୀଗୁଡିକର ମିଳିତ ଉଦ୍ୟୋଗ/ ସହାୟକ କମ୍ପାନୀ ଭାବରେ ସ୍ଥାପନ କରାଯାଇଥିଲା। ଏହି 27ଟି ମିଳିତ ଉଦ୍ୟୋଗ/ ସହାୟକ କମ୍ପାନୀଗୁଡିକର ସାଧାରଣ ଅଂଶଧନ ସମ୍ପୃକ୍ତ ସହ-ଅଂଶୀଦାର/ ହୋଲଡିଂ କମ୍ପାନୀଗୁଡିକ ଦ୍ୱାରା ଯୋଗଦାନ କରାଯାଇଥିଲା।

#### *ରାଜ୍ୟ ଅର୍ଥନୀତିରେ ଅବଦାନ*

**4.2** ମାର୍ଚ୍ଚ 2019ରେ ସମାପ୍ତ ହୋଇଥିବା ପାଞ୍ଚ ବର୍ଷ ପାଇଁ ଓଡିଶାର ରାଜ୍ୟ ପିଏସ୍‌ୟୁଗୁଡିକର (ଅଣ-ଶକ୍ତି କ୍ଷେତ୍ର) କାରବାର ଏବଂ ଜିଏସ୍‌ଡିପିର ବିବରଣୀ ନିମ୍ନ ସାରଣୀରେ ପ୍ରଦାନ କରାଯାଇଛି:

**ସାରଣୀ 4.1: ରାଜ୍ୟ ସରକାରୀ ଉଦ୍ୟୋଗ(ଅଣ-ଶକ୍ତି କ୍ଷେତ୍ର)ର କାରବାର ଏବଂ ଓଡିଶା ମୋଟ ଘରୋଇ ଉତ୍ପାଦର ତୁଳନାତ୍ମକ ବିବରଣୀ**

*(ଟଙ୍କା କୋଟିରେ)*

| ବିଶଦ ବିବରଣୀ | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|
| କାରବାର | 8470.35 | 11544.28 | 13065.71 | 15521.43 | 17461.97 |
| ପୂର୍ବ ବର୍ଷ ତୁଳନାରେ କାରବାରର ଶତକଡା ପରିବର୍ତ୍ତନ | 10.69 | 36.29 | 13.18 | 18.80 | 12.50 |
| ଓଡିଶାର ଜିଏସ୍‌ଡିପି | 310810.24 | 332329.13 | 314363.78 | 415981.68 | 486003.80 |
| ପୂର୍ବ ବର୍ଷ ତୁଳନାରେ ଜିଏସ୍‌ଡିପିର ଶତକଡା ପରିବର୍ତ୍ତନ | 7.77 | 6.92 | -5.41 | 32.32 | 16.83 |
| ଓଡିଶାର ଜିଏସ୍‌ଡିପି ତୁଳନାରେ କାରବାରର ଶତକଡା ହାର | 2.73 | 3.47 | 4.16 | 3.73 | 3.59 |

***(ଉତ୍ସ: କାର୍ଯ୍ୟକ୍ଷମ ପିଏସ୍‌ୟୁ(ଅଣ-ଶକ୍ତି କ୍ଷେତ୍ର)ର କାରବାର ଏବଂ ଓଡିଶା ସରକାରଙ୍କ ଅର୍ଥ ବିଭାଗ ଦ୍ୱାରା ପ୍ରଦତ୍ତ ଜିଏସ୍‌ଡିପି ତଥ୍ୟ ଆଧାରରେ ସଂକଳିତ)***

2018-19ରେ ଜିଏସ୍‌ଡିପି ତୁଳନାରେ ପିଏସ୍‌ୟୁଗୁଡିକର କାରବାର 3.59 ପ୍ରତିଶତ ଥିଲା ଏବଂ ଏହା ପୂର୍ବବର୍ଷର 3.73 ପ୍ରତିଶତରୁ ହ୍ରାସ ପାଇଥିଲା। ଗତ ପାଞ୍ଚବର୍ଷ ମଧ୍ୟରେ ଜିଏସ୍‌ଡିପିର ବାର୍ଷିକ ଚକ୍ରବୃଦ୍ଧି ହାର[34] 10.99 ପ୍ରତିଶତ ଥିବାବେଳେ ସରକାରୀ ଉଦ୍ୟୋଗ(ଅଣ-ଶକ୍ତି କ୍ଷେତ୍ର)ର କାରବାର ସମାନ ଅବଧିରେ ବାର୍ଷିକ 17.93 ପ୍ରତିଶତ ଚକ୍ରବୃଦ୍ଧି ହାର ରହିଥିଲା। ଏହାଦ୍ୱାରା ଏହି ପିଏସ୍‌ୟୁଗୁଡିକର କାରବାରର ଅଂଶ ଜିଏସ୍‌ଡିପିକୁ 2014-15ରେ 2.73 ପ୍ରତିଶତରୁ 2018-19ରେ 3.59 ପ୍ରତିଶତକୁ ବୃଦ୍ଧି ପାଇଥିଲା।

## ରାଜ୍ୟ ପିଏସ୍‌ୟୁଗୁଡିକରେ ପୁଞ୍ଜିନିବେଶ (ଅଣ-ଶକ୍ତି କ୍ଷେତ୍ର)

**4.3** କିଛି ପିଏସ୍‌ୟୁ କିଛି ନିର୍ଦ୍ଦିଷ୍ଟ ସେବା ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ସାଧନ ଭାବରେ କାର୍ଯ୍ୟ କରିଥାନ୍ତି ଯାହା ବେସରକାରୀ ସଂସ୍ଥା ବିଭିନ୍ନ କାରଣରୁ ଯୋଗାଇବାକୁ ଇଚ୍ଛୁକ ହୋଇନପାରନ୍ତି। ଏହା ବ୍ୟତୀତ ସରକାର ପିଏସ୍‌ୟୁ ମାଧ୍ୟମରେ କିଛି ବ୍ୟବସାୟରେ ବିନିଯୋଗ କରିଛନ୍ତି ଯାହା ଘରୋଇ କ୍ଷେତ୍ର ଉଦ୍ୟୋଗ ସହିତ ଏକ ପ୍ରତିଯୋଗିତାମୂଳକ ପରିବେଶରେ କାର୍ଯ୍ୟ କରେ। ତେଣୁ ଏହି ରାଜ୍ୟ ପିଏସ୍‌ୟୁଗୁଡିକର ସ୍ଥିତିକୁ ଦୁଇଟି ପ୍ରମୁଖ ବର୍ଗରେ ବିଭକ୍ତ କରି ବିଶ୍ଳେଷଣ କରାଯାଇଛି ଯଥା- ଯେଉଁମାନେ ସାମାଜିକ କ୍ଷେତ୍ରରେ ଏବଂ ପ୍ରତିଯୋଗିତାମୂଳକ ପରିବେଶରେ କାର୍ଯ୍ୟ କରନ୍ତି। ଏତଦ୍‌ବ୍ୟତୀତ, ରାଜ୍ୟ ସରକାରଙ୍କ ତରଫରୁ କିଛି ନିର୍ଦ୍ଦିଷ୍ଟ କାର୍ଯ୍ୟକଳାପ କରିବାକୁ ତିନୋଟି[35] ରାଜ୍ୟ ପିଏସ୍‌ୟୁକୁ 'ଅନ୍ୟାନ୍ୟ' ଶ୍ରେଣୀ ଅଧିନରେ ବର୍ଗୀକୃତ କରାଯାଇଛି। ଏହି 73ଟି ରାଜ୍ୟ ପିଏସ୍‌ୟୁରେ ସାଧାରଣ ଅଂଶଧନ ଏବଂ ଦୀର୍ଘମିଆଦି ଋଣ ଆକାରରେ 31 ମାର୍ଚ୍ଚ 2019 ପର୍ଯ୍ୟନ୍ତ ପୁଞ୍ଜିନିବେଶର ବିବରଣୀ ପରିଶିଷ୍ଟ-3ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି।

**4.4** 31 ମାର୍ଚ୍ଚ 2019 ସୁଦ୍ଧା ଏହି ରାଜ୍ୟ ପିଏସ୍‌ୟୁଗୁଡିକରେ ବିନିଯୋଗର କ୍ଷେତ୍ର-ୱାରୀ ସାରାଂଶ ନିମ୍ନରେ ଦିଆଯାଇଛି:

**ସାରଣୀ 4.2: ରାଜ୍ୟ ପିଏସ୍‌ୟୁଗୁଡିକ(ଅଣ-ଶକ୍ତି କ୍ଷେତ୍ର)ରେ କ୍ଷେତ୍ର-ୱାରୀ ବିନିଯୋଗ**

| କ୍ଷେତ୍ର | ପିଏସ୍‌ୟୁ ସଂଖ୍ୟା | ପୁଞ୍ଜିନିବେଶ (ଟଙ୍କା କୋଟିରେ) | | |
|---|---|---|---|---|
| | | ସାଧାରଣ ଅଂଶଧନ | ଦୀର୍ଘମିଆଦି ଋଣ | ମୋଟ୍ |
| ସାମାଜିକ କ୍ଷେତ୍ର | 18 | 242.89 | 37.88 | 280.77 |
| ପ୍ରତିଯୋଗିତାମୂଳକ ପରିବେଶର ପିଏସ୍‌ୟୁ | 52 | 1274.54 | 886.08 | 2160.62 |
| ଅନ୍ୟାନ୍ୟ | 3 | 505.63 | 0.00 | 505.63 |
| **ମୋଟ୍** | **73** | **2,023.06** | **923.96** | **2947.02** |

*(ଉତ୍ସ: ପିଏସ୍‌ୟୁରୁ ପ୍ରାପ୍ତ ସୂଚନା ଉପରେ ଆଧାରରେ ସଂକଳିତ)*

31 ମାର୍ଚ୍ଚ 2019 ସୁଦ୍ଧା, 73ଟି ପିଏସ୍‌ୟୁରେ ମୋଟ ବିନିଯୋଗ (ସାଧାରଣ ଅଂଶଧନ ଏବଂ ଦୀର୍ଘମିଆଦି ଋଣ) 2,947.02 କୋଟି ଟଙ୍କା ଥିଲା। ମୋଟ 923.96 କୋଟି ଟଙ୍କା ଦୀର୍ଘମିଆଦି ଋଣ ମଧ୍ୟରୁ 360.89 କୋଟି ଟଙ୍କା (39.06 ପ୍ରତିଶତ) ରାଜ୍ୟ ସରକାରଙ୍କଠାରୁ ପ୍ରାପ୍ତ ହୋଇଛି ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡିକରୁ 563.07 କୋଟି ଟଙ୍କା (60.94 ପ୍ରତିଶତ) ପ୍ରାପ୍ତ ହୋଇଛି।

2014-15ରୁ 2018-19 ମଧ୍ୟରେ ରାଜ୍ୟ ପିଏସ୍‌ୟୁ(ଅଣ-ଶକ୍ତି କ୍ଷେତ୍ର)ଗୁଡିକରେ ଓଡିଶା ସରକାରଙ୍କ ପୁଞ୍ଜିନିବେଶର ବର୍ଷ-ୱାରୀ ବିବୃତ୍ତି ନିମ୍ନରେ ଦିଆଯାଇଛି:

---

34 ବାର୍ଷିକ ଚକ୍ରବୃଦ୍ଧି ହାର [[{(2018-19ର ମୂଲ୍ୟ/ 2013-14ର ମୂଲ୍ୟ/)^(1/5 ବର୍ଷ)}-1]*100] ଯେଉଁଠାରେ 2013-14 ବର୍ଷ ପାଇଁ କାରବାର ଏବଂ ଜିଏସ୍‌ଡିପି ଯଥାକ୍ରମେ 7,652.64 କୋଟି ଟଙ୍କା ଏବଂ .88,414.31 କୋଟି ଟଙ୍କା।

35 ଓଡିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଲିମିଟେଡ୍, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଏବଂ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ ।

**ଷ୍ଟଚାର୍ଟ 4.1: ବର୍ଷ ଶେଷରେ ରାଜ୍ୟ ସରକାରଙ୍କର ପିଏସ୍ୟୁଗୁଡିକ(ଅଣ-ଶକ୍ତି କ୍ଷେତ୍ର)ରେ ମୋଟ ବିନିଯୋଗ**




## ରାଜ୍ୟ ପିଏସ୍ୟୁଗୁଡିକର ବିନିବେଶ, ପୁନଃନିର୍ମାଣ ଏବଂ ଘରୋଇକରଣ

**4.5** 2017-18 ବର୍ଷ ମଧ୍ୟରେ ରାଜ୍ୟ ପିଏସ୍ୟୁଗୁଡିକରେ ରାଜ୍ୟ ସରକାରଙ୍କ ଦ୍ୱାରା କୌଣସି ବିନିବେଶ, ପୁନଃନିର୍ମାଣ କିମ୍ବା ଘରୋଇକରଣ କରାଯାଇନାହିଁ। ଚିଠି ଲେଖିବା ସତ୍ତ୍ୱେ ସରକାର 2018-19 ମଧ୍ୟରେ ବିନିବେଶ ବିଷୟରେ ସୂଚନା ପ୍ରଦାନ କରିନାହାନ୍ତି।

## ରାଜ୍ୟ ପିଏସ୍ୟୁଗୁଡିକୁ ବଜେଟ୍ ସହାୟତା

**4.6** ଓଡିଶା ସରକାର ବାର୍ଷିକ ବଜେଟ୍ ମାଧ୍ୟମରେ ରାଜ୍ୟ ପିଏସ୍ୟୁକୁ ବିଭିନ୍ନ ପ୍ରକାର ଆର୍ଥିକ ସହାୟତା ପ୍ରଦାନ କରନ୍ତି। ମାର୍ଚ୍ଚ 2019ରେ ସମାପ୍ତ ହେଉଥିବା ତିନି ବର୍ଷରେ ବଜେଟ୍‌ରୁ ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକୁ ପ୍ରଦତ୍ତ ସାଧାରଣ ଅଂଶଧନ, ଋଣ, ଅନୁଦାନ/ସବ୍‌ସିଡି, ଋଣ ଛାଡ ଏବଂ ସାଧାରଣ ଅଂଶଧନରେ ରୂପାନ୍ତରିତ ଋଣ ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ ନିମ୍ନରେ ଦିଆଯାଇଅଛି:

**ସାରଣୀ 4.3: ରାଜ୍ୟ ପିଏସ୍‌ୟୁ(ଅଣ-ଶକ୍ତି କ୍ଷେତ୍ର)କୁ ବଜେଟ୍ ସହାୟତା ସମ୍ବନ୍ଧୀୟ ବିବରଣୀ**

*(ଟଙ୍କା କୋଟିରେ)*

| ବିଶଦ ବିବରଣୀ[36] | 2015-16 | | 2016-17 | | 2017-18 | | 2018-19 | |
|---|---|---|---|---|---|---|---|---|
| | ପିଏସ୍‌ୟୁ ସଂଖ୍ୟା | ପରିମାଣ | ପିଏସ୍‌ୟୁ ସଂଖ୍ୟା | ପରିମାଣ | ପିଏସ୍‌ୟୁ ସଂଖ୍ୟା | ପରିମାଣ | ପିଏସ୍‌ୟୁ ସଂଖ୍ୟା | ପରିମାଣ |
| ସାଧାରଣ ଅଂଶଧନ ପ୍ରଦାନ (i) | **0** | **0** | 1 | 20.00 | 1 | 40.00 | 0 | 0 |
| ପ୍ରଦତ୍ତ ଋଣ (ii) | **0** | **0** | 0 | 0 | 0 | 0 | 0 | 0 |
| ପ୍ରଦତ୍ତ ଅନୁଦାନ/ ସବ୍‌ସିଡି (iii) | **11** | **1296.31** | 11 | 1040.25 | 13 | 1725.75 | 11 | 1211.75 |
| ମୋଟ ପ୍ରଦତ୍ତ ଅର୍ଥ (i+ii+iii) | **11** | **1296.31** | **11** | **1060.25** | **13*** | **1765.75** | **11** | **1211.75** |
| ଋଣ ପରିଶୋଧ ଛାଡ | **0** | **0** | 0 | 0 | 0 | 0 | 0 | 0 |
| ସାଧାରଣ ଅଂଶଧନରେ ରୂପାନ୍ତରିତ ଋଣ | **0** | **0** | 0 | 0 | 0 | 0 | 0 | 0 |
| ପ୍ରତିଭୂତି ପ୍ରଦାନ | **0** | **0** | 0 | 0 | 0 | 0 | 0 | 0 |
| ପ୍ରତିଭୂତି ପ୍ରତିଶ୍ରୁତି | **0** | **0** | 0 | 0 | 0 | 0 | 0 | 0 |

*(ଉତ୍ସ: ପିଏସ୍‌ୟୁ ଦ୍ୱାରା ପ୍ରଦତ୍ତ ସୂଚନା ଅନୁଯାୟୀ)*

ଏହି ପିଏସ୍‌ୟୁଗୁଡିକୁ ବାର୍ଷିକ ବଜେଟ୍ ସହାୟତା 2015-16ରୁ 2018-19 ମଧ୍ୟରେ 1,060.25 କୋଟି ଟଙ୍କାରୁ 1,765.75 କୋଟି ଟଙ୍କା ମଧ୍ୟରେ ଥିଲା। 2018-19 ବର୍ଷରେ ଦିଆଯାଇଥିବା 1,211.75 କୋଟି ଟଙ୍କାର ବଜେଟ୍ ସହାୟତା ଅନୁଦାନ/ ସବ୍‌ସିଡି ଆକାରରେ ଅଛି। 2014-15 ରୁ 2018-19 ମଧ୍ୟରେ ରାଜ୍ୟ ସରକାର ଏହି ପିଏସ୍‌ୟୁଗୁଡିକୁ କୌଣସି ଋଣ ପ୍ରଦାନ କରିନାହାନ୍ତି। ରାଜ୍ୟ ସରକାର ପ୍ରଦାନ କରିଥିବା ସବ୍‌ସିଡି/ ଅନୁଦାନ ମୁଖ୍ୟତଃ ଖାଦ୍ୟ ସୁରକ୍ଷା, ମାଗଣା ଔଷଧ, ଜଳସେଚନ ଏବଂ ସହରୀ ବିକାଶ ପାଇଁ ଉଦ୍ଦିଷ୍ଟ ଥିଲା। 2018-19 ବର୍ଷରେ ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ (1,061.86 କୋଟି ଟଙ୍କା), ଓଡିଶା ରାଜ୍ୟ ଉଠା ଜଳସେଚନ ନିଗମ ଲିମିଟେଡ୍ (57.49 କୋଟି ଟଙ୍କା) ଏବଂ ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମକୁ (38.38 କୋଟି ଟଙ୍କା) ସର୍ବାଧିକ ସବ୍‌ସିଡି/ ଅନୁଦାନ ପ୍ରଦାନ କରାଯାଇଥିଲା ।

ଓଡିଶା ସରକାର ଭାରତର ସମ୍ବିଧାନ ଅନୁଯାୟୀ ପ୍ରତିଭୂତି ପ୍ରଦାନ କରିଥାନ୍ତି ଏବଂ ଓଡିଶା ସରକାରଙ୍କ ନିର୍ଦ୍ଦେଶାବଳୀ (ନଭେମ୍ବର 2002) ଅନୁଯାୟୀ ପିଏସ୍‌ୟୁଗୁଡିକୁ ଏହି ପ୍ରତିଭୂତି ପ୍ରଦାନ କରିବା ପାଇଁ ନିର୍ଦ୍ଦିଷ୍ଟ ସୀମା ଧାର୍ଯ୍ୟ କରିଛନ୍ତି। ପିଏସ୍‌ୟୁଗୁଡିକ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡିକରୁ ଆର୍ଥିକ ସହାୟତା ନେଇଥାନ୍ତି ଯେଉଁଥି ପାଇଁ ପ୍ରତିଭୂତି କମିଶନ ଆଦାୟ କରାଯାଇଥାଏ। ସର୍ବାଧିକ ଅନୁମୋଦିତ ପ୍ରତିଭୂତି ଉପରେ ଏହି ହାର ହେଉଛି 0.50 ପ୍ରତିଶତ। 2014-15ରୁ 2018-19 ମଧ୍ୟରେ, ଓଡିଶା ସରକାର ପ୍ରତିଭୂତି ଦେଇନାହାନ୍ତି କିମ୍ବା କୌଣସି ଅଣ-ଶକ୍ତି କ୍ଷେତ୍ର ପିଏସ୍‌ୟୁଗୁଡିକ ପାଇଁ କୌଣସି ପ୍ରତିଭୂତି ପ୍ରତିଶ୍ରୁତି ଦେଇନାହାନ୍ତି। 2018-19 ବର୍ଷରେ ଇତ୍‌କଲ ପ୍ରତିଭୂତି କମିଶନ ଦେଇନାହିଁ ଏବଂ ଏହାର ଏକତ୍ରୀକୃତ ବକେୟା ପ୍ରତିଭୂତି କମିଶନ 7.87 କୋଟି ଟଙ୍କା ଥିଲା।

## ଓଡିଶା ସରକାରଙ୍କ ଆର୍ଥିକ ହିସାବ ସହିତ ସାମଞ୍ଜସ୍ୟତା

**4.7** ଆର୍ଥିକ ହିସାବରେ ଦର୍ଶାଯାଇଥିବା ସାଧାରଣ ଅଂଶଧନ, ଋଣ ଏବଂ ପ୍ରତିଭୂତି ବାବଦକୁ ବକେୟା ଦେୟର ପରିମାଣ ରାଜ୍ୟ ପିଏସ୍‌ୟୁଗୁଡିକର ନଥିପତ୍ରର ପରିମାଣ ସହ ମେଳ ହେବା ଉଚିତ୍। ପରିମାଣରେ ତାରତମ୍ୟ ରହିଲେ, ସମ୍ପୃକ୍ତ ପିଏସ୍‌ୟୁଗୁଡିକ ଏବଂ ଅର୍ଥ ବିଭାଗ ଏହି ପାର୍ଥକ୍ୟର ମିଳାମିଶା କରିବା ଉଚିତ୍।

ଏହା ଦେଖାଗଲା ଯେ 73ଟି ରାଜ୍ୟ ପିଏସ୍‌ୟୁ ମଧ୍ୟରୁ 39ଟି ପିଏସ୍‌ୟୁଗୁଡିକରେ ପାର୍ଥକ୍ୟ ଦେଖାଯାଇଥିଲା ଯାହା **ପରିଶିଷ୍ଟ-4**ରେ ଦେଖାଯାଇଅଛି। ଗତ ଅନେକ ବର୍ଷରୁ ଏହି ସଂଖ୍ୟାଗୁଡିକ ମଧ୍ୟରେ ପାର୍ଥକ୍ୟ ରହିଆସିଛି। ପାର୍ଥକ୍ୟର ମିଳାମିଶା ପ୍ରସଙ୍ଗରେ ପିଏସ୍‌ୟୁ ଏବଂ ବିଭାଗଗୁଡିକୁ ସମୟ ସମୟରେ ଜଣାଇ ଦିଆଯାଇଥିଲା। ଓଡିଶା

36 କେବଳ ରାଜ୍ୟ ବଜେଟ୍‌ରୁ ପ୍ରଦତ୍ତ ଅର୍ଥ।

ଗ୍ରାମୀଣ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍, ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍, ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ ଏବଂ ଓଡ଼ିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍‌ରେ ଅଧିକ ପାର୍ଥକ୍ୟ ପରିଲକ୍ଷିତ ହୋଇଥିଲା । ତେଣୁ ରାଜ୍ୟ ସରକାର ଏବଂ ସମ୍ପୃକ୍ତ ପିଏସ୍‌ୟୁଗୁଡ଼ିକୁ ପାର୍ଥକ୍ୟକୁ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ପରାମର୍ଶ ଦିଆଯାଇଛି ।

## ରାଜ୍ୟ ପିଏସ୍‌ୟୁଗୁଡ଼ିକ ଦ୍ୱାରା ହିସାବ ଦାଖଲ

**4.8** ସମୁଦାୟ 73ଟି ରାଜ୍ୟ ପିଏସ୍‌ୟୁ ମଧ୍ୟରୁ 47ଟି କାର୍ଯ୍ୟକ୍ଷମ ପିଏସ୍‌ୟୁ ଅର୍ଥାତ୍ 44ଟି ସରକାରୀ କମ୍ପାନୀ ଏବଂ ତିନୋଟି ବୈଧାନିକ ନିଗମ ଏବଂ 26ଟି ନିଷ୍କ୍ରିୟ ପିଏସ୍‌ୟୁ 31 ମାର୍ଚ୍ଚ 2019 ସୁଦ୍ଧା ସିଏଜି ଅଧୀନରେ ରହିଥିଲେ । ରାଜ୍ୟ ପିଏସ୍‌ୟୁ ଦ୍ୱାରା ହିସାବ ପ୍ରସ୍ତୁତିରେ ସମୟାନୁବର୍ତ୍ତୀତାର ସ୍ଥିତି ନିମ୍ନରେ ବିସ୍ତୃତ ଭାବରେ ଦିଆଗଲା:

### *କାର୍ଯ୍ୟକ୍ଷମ ରାଜ୍ୟ ପିଏସ୍‌ୟୁ ଦ୍ୱାରା ହିସାବ ପ୍ରସ୍ତୁତିରେ ସମୟାନୁବର୍ତ୍ତୀତା*

**4.8.1** 2018-19 ବର୍ଷ ପାଇଁ ହିସାବଗୁଡ଼ିକ ସମସ୍ତ କାର୍ଯ୍ୟକ୍ଷମ ପିଏସ୍‌ୟୁ ଦ୍ୱାରା 30 ସେପ୍ଟେମ୍ବର 2019 ସୁଦ୍ଧା ଦାଖଲ ହେବା ଆବଶ୍ୟକ ଥିଲା । 44ଟି ସରକାରୀ କମ୍ପାନୀ ମଧ୍ୟରୁ 13ଟି ସରକାରୀ କମ୍ପାନୀ ସିଏଜି ଦ୍ୱାରା ସମୀକ୍ଷା ପାଇଁ 2018-19 ବର୍ଷର ସେମାନଙ୍କ ହିସାବ 30 ସେପ୍ଟେମ୍ବର 2019 କିମ୍ବା ପୂର୍ବରୁ ଦାଖଲ କରିଥିଲେ, କିନ୍ତୁ 31ଟି ସରକାରୀ କମ୍ପାନୀର ହିସାବ ବକେୟା ଥିଲା । ତିନୋଟି ବୈଧାନିକ ନିଗମ ମଧ୍ୟରୁ ସିଏଜି ହେଉଛନ୍ତି ଗୋଟିଏ ବୈଧାନିକ ନିଗମ(ଓଡିଶା ରାଜ୍ୟ ସଡକ ପରିବହନ ନିଗମ)ର ଏକମାତ୍ର ସମୀକ୍ଷକ । 2018-19 ବର୍ଷ ପାଇଁ ସମସ୍ତ ତିନୋଟି ବୈଧାନିକ ନିଗମର ହିସାବ 30 ସେପ୍ଟେମ୍ବର 2019 ପର୍ଯ୍ୟନ୍ତ ବକେୟା ଥିଲା ।

30 ସେପ୍ଟେମ୍ବର 2019 ସୁଦ୍ଧା କାର୍ଯ୍ୟକ୍ଷମ ପିଏସ୍‌ୟୁଗୁଡ଼ିକର ହିସାବ ଦାଖଲ କରିବାରେ ବକେୟା ବିବରଣୀ ନିମ୍ନରେ ଦିଆଯାଇଛି:

**ସାରଣୀ 4.4: କାର୍ଯ୍ୟକ୍ଷମ ରାଜ୍ୟ ପିଏସ୍‌ୟୁ (ଅଣ-ଶକ୍ତି କ୍ଷେତ୍ର) ଦ୍ୱାରା ହିସାବ ଦାଖଲର ସ୍ଥିତି**

| କ୍ରମିକ ସଂଖ୍ୟା | ବିଶଦ ବିବରଣୀ | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|---|
| 1. | କାର୍ଯ୍ୟକ୍ଷମ ପିଏସ୍‌ୟୁଗୁଡ଼ିକର ସଂଖ୍ୟା | 39 | 44 | 48 | 48 | 47 |
| 2. | ଚଳିତ ବର୍ଷ ମଧ୍ୟରେ ଦାଖଲ ହୋଇଥିବା ହିସାବ ସଂଖ୍ୟା | 36 | 42 | 48 | 40 | 44 |
| 3. | ଚଳିତ ବର୍ଷ ପାଇଁ ହିସାବ ଚୂଡାନ୍ତ କରିଥିବା କାର୍ଯ୍ୟକ୍ଷମ ପିଏସ୍‌ୟୁଗୁଡ଼ିକର ସଂଖ୍ୟା | 12 | 10 | 14 | 10 | 14 |
| 4. | ଚଳିତ ବର୍ଷରେ ଚୂଡାନ୍ତ ହୋଇଥିବା ପୂର୍ବ ବର୍ଷର ହିସାବ ସଂଖ୍ୟା | 24 | 32 | 34 | 30 | 30 |
| 5. | ହିସାବ ବକେୟା ଥିବା କାର୍ଯ୍ୟକ୍ଷମ ପିଏସ୍‌ୟୁଗୁଡ଼ିକର ସଂଖ୍ୟା | 27 | 32 | 34 | 37 | 33 |
| 6. | ବକେୟା ହିସାବ ସଂଖ୍ୟା | 52 | 56 | 59 | 63 | 63[37] |
| 7. | ବକେୟାର ପରିମାଣ | **1 ରୁ 7** ବର୍ଷ | **1 ରୁ 8** ବର୍ଷ | **1 ରୁ 8** ବର୍ଷ | **1 ରୁ 9** ବର୍ଷ | **1 ରୁ 10** ବର୍ଷ |

*(ଉତ୍ସ: ଅକ୍ଟୋବର 2018ରୁ ସେପ୍ଟେମ୍ବର 2019 ମଧ୍ୟରେ ପ୍ରାପ୍ତ ପିଏସ୍‌ୟୁଗୁଡ଼ିକର ହିସାବ ଆଧାରରେ ସଂକଳିତ)*

ଏହି 47ଟି କାର୍ଯ୍ୟକ୍ଷମ ରାଜ୍ୟ ପିଏସ୍‌ୟୁ ମଧ୍ୟରୁ 36ଟି ପିଏସ୍‌ୟୁ 01 ଅକ୍ଟୋବର 2018ରୁ 30 ସେପ୍ଟେମ୍ବର 2019 ମଧ୍ୟରେ 44ଟି ବାର୍ଷିକ ହିସାବ ଚୂଡାନ୍ତ କରିଥିଲେ ଯେଉଁଥିରେ 2018-19 ବର୍ଷ ପାଇଁ 14ଟି ବାର୍ଷିକ ହିସାବ ଏବଂ ପୂର୍ବ ବର୍ଷଗୁଡ଼ିକ ପାଇଁ 30ଟି ବାର୍ଷିକ ହିସାବ ଅନ୍ତର୍ଭୁକ୍ତ ଥିଲା । ଅଧିକନ୍ତୁ, 33ଟି ପିଏସ୍‌ୟୁର 63ଟି ବାର୍ଷିକ ହିସାବ ବକେୟା ଥିଲା ଯାହା **ପରିଶିଷ୍ଟ-5**ରେ ବିସ୍ତୃତ ଭାବରେ ଦିଆଯାଇଅଛି । ଏହି ସଂସ୍ଥାଗୁଡ଼ିକର କାର୍ଯ୍ୟକଳାପକୁ ତଦାରଖ କରିବା ଏବଂ ଧାର୍ଯ୍ୟ ସମୟ ମଧ୍ୟରେ ଏହି ପିଏସ୍‌ୟୁଗୁଡ଼ିକ ଦ୍ୱାରା ହିସାବଗୁଡ଼ିକ ଚୂଡାନ୍ତ ଏବଂ ଗ୍ରହଣ

37 ଏହି 33ଟି ପିଏସ୍‌ୟୁର ହିସାବଗୁଡ଼ିକ ଏକରୁ ଦଶ ବର୍ଷ ମଧ୍ୟରେ ବକେୟା ଅଛି ।

କରାଯିବା ନିଶ୍ଚିତ କରିବାକୁ ପ୍ରଶାସନିକ ବିଭାଗର ଦାୟିତ୍ୱ ରହିଛି। ହିସାବର ବକେୟା ସମ୍ପର୍କିତ ସ୍ଥିତି ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବଙ୍କୁ ପ୍ରତି ତ୍ରୈମାସିକରେ ଅବଗତ କରାଯାଇଥିଲା।

30 ସେପ୍ଟେମ୍ବର 2019 ସୁଦ୍ଧା କମ୍ପାନୀ ଅଧିନିୟମ 2013/ ସଡକ ପରିବହନ ନିଗମ ଅଧିନିୟମ, 1950 ଅନୁଯାୟୀ ହିସାବ ଚୂଡ଼ାନ୍ତ ହୋଇନଥିବା 33ଟି କାର୍ଯ୍ୟକ୍ଷମ ରାଜ୍ୟ ପିଏସ୍ୟୁ ମଧ୍ୟରୁ 8ଟି ପିଏସ୍ୟୁକୁ ଓଡିଶା ସରକାର 1,179.39 କୋଟି ଟଙ୍କା (ଅନୁଦାନ/ ସବ୍‌ସିଡି-1,179.39 କୋଟି ଟଙ୍କା) ପ୍ରଦାନ କରିଛନ୍ତି। ଏହି ସମୟ ମଧ୍ୟରେ ହିସାବ ବକେୟା ଥିବା ଅବଶିଷ୍ଟ 25ଟି ପିଏସ୍ୟୁରେ କୌଣସି ବିନିଯୋଗ କରାଯାଇନାହିଁ। ହିସାବ ବକେୟା ଥିବା ବର୍ଷମାନଙ୍କରେ ରାଜ୍ୟ ସରକାରଙ୍କ ଦ୍ୱାରା ପିଏସ୍ୟୁ-ୱାରୀ କରାଯାଇଥିବା ପୁଞ୍ଜି ବିନିଯୋଗ **ପରିଶିଷ୍ଟ-5**ରେ ଦର୍ଶାଯାଇଛି। 2018-19 ଅବଧି ପାଇଁ ଏହି କାର୍ଯ୍ୟକ୍ଷମ ରାଜ୍ୟ ପିଏସ୍ୟୁ ମଧ୍ୟରୁ 14ଟି ପିଏସ୍ୟୁର ହିସାବ ଅକ୍ଟୋବର 2018ରୁ ସେପ୍ଟେମ୍ବର 2019 ମଧ୍ୟରେ ଚୂଡ଼ାନ୍ତ ହୋଇ ସମୀକ୍ଷା ପାଇଁ ଦାଖଲ ହୋଇଥିବାବେଳେ ସେପ୍ଟେମ୍ବର ପର୍ଯ୍ୟନ୍ତ 23ଟି କାର୍ଯ୍ୟକ୍ଷମ ରାଜ୍ୟ ପିଏସ୍ୟୁ ସମ୍ବନ୍ଧୀୟ 63ଟି ହିସାବ ସେପ୍ଟେମ୍ବର 2019 ପର୍ଯ୍ୟନ୍ତ ବାକି ଥିଲା ।

ଅବଶିଷ୍ଟ 23ଟି ପିଏସ୍ୟୁର ହିସାବଗୁଡିକର ଚୂଡ଼ାନ୍ତକରଣ ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କର ସମୀକ୍ଷା ହୋଇନଥିବାରୁ ବିନିଯୋଗ ଏବଂ ବ୍ୟୟ ସଠିକ୍ ଭାବରେ ହିସାବ କରାଯାଇଥିଲା କି ନାହିଁ ଏବଂ ଯେଉଁ ଉଦ୍ଦେଶ୍ୟରେ ବିନିଯୋଗ ହୋଇଥିଲା ତାହା ହାସଲ ହୋଇଥିଲା କି ନାହିଁ ତାହା ଉପରେ କୌଣସି ନିଶ୍ଚିତତା ନାହିଁ। ଏହି ପିଏସ୍ୟୁଗୁଡିକରେ ଓଡିଶା ସରକାରଙ୍କ ବିନିଯୋଗ ରାଜ୍ୟ ବିଧାନସଭାର ତଦାରଖ ବାହାରେ ରହିଥିଲା।

**4.8.2** ଏହା ସହିତ 30 ସେପ୍ଟେମ୍ବର 2019 ପର୍ଯ୍ୟନ୍ତ ନିଷ୍କ୍ରିୟ ପିଏସ୍ୟୁ ଦ୍ୱାରା ହିସାବ ଚୂଡ଼ାନ୍ତ କରିବାରେ ବକେୟା ଥିଲା। 26ଟି ନିଷ୍କ୍ରିୟ ପିଏସ୍ୟୁ ମଧ୍ୟରୁ 16ଟି ପରିସମାପନ ପ୍ରକ୍ରିୟାରେ ଥିଲା ଯାହାର ହିସାବ ପାଞ୍ଚରୁ 53 ବର୍ଷ ପର୍ଯ୍ୟନ୍ତ ବକେୟା ଥିଲା। ଅବଶିଷ୍ଟ 10ଟି ନିଷ୍କ୍ରିୟ ପିଏସ୍ୟୁର ହିସାବ 18ରୁ 48 ବର୍ଷ ପାଇଁ ବକେୟା ଥିଲା।

**ସାରଣୀ 4.5: ନିଷ୍କ୍ରିୟ ରାଜ୍ୟ ପିଏସ୍ୟୁ (ଅଣ-ଶକ୍ତି କ୍ଷେତ୍ର)ର ହିସାବଗୁଡିକର ବକେୟା ସମ୍ପର୍କିତ ସ୍ଥିତି**

| ନିଷ୍କ୍ରିୟ କମ୍ପାନୀ ସଂଖ୍ୟା | ହିସାବ ବକେୟା ଥିବା ଅବଧି | ହିସାବଗୁଡିକ ବକେୟା ଥିବା ବର୍ଷ ସଂଖ୍ୟା |
|---|---|---|
| **26** | 1966-67 to 2018-19 | 5 to 53 years |

*(ଉତ୍ସ: ମହାଲେଖାକାର କାର୍ଯ୍ୟାଳୟରେ ଥିବା ନିଷ୍କ୍ରିୟ ପିଏସ୍ୟୁର ତଥ୍ୟାବଳୀ)*

## ବୈଧାନିକ ନିଗମର ପୃଥକ ସମୀକ୍ଷା ପ୍ରତିବେଦନଗୁଡିକର ଉପସ୍ଥାପନା

**4.9** ତିନୋଟି କାର୍ଯ୍ୟକ୍ଷମ ବୈଧାନିକ ନିଗମ ମଧ୍ୟରୁ ଗୋଟିଏ ନିଗମ 2018-19 ପାଇଁ 30 ସେପ୍ଟେମ୍ବର 2019 ସୁଦ୍ଧା ସେମାନଙ୍କର ହିସାବ ପଠାଇଥିଲେ।

ପୃଥକ ସମୀକ୍ଷା ପ୍ରତିବେଦନ (ଏସ୍ଏଆର୍) ହେଉଛି ବୈଧାନିକ ନିଗମର ହିସାବ ଉପରେ ସିଏଜିଙ୍କର ସମୀକ୍ଷା ପ୍ରତିବେଦନ। ସମ୍ପୃକ୍ତ ଅଧିନିୟମଗୁଡିକର ପ୍ରାବଧାନ ଅନୁଯାୟୀ ଏହି ପ୍ରତିବେଦନଗୁଡିକ ବିଧାନସଭାରେ ଉପସ୍ଥାପନ କରାଯାଏ। ବୈଧାନିକ ନିଗମର ବାର୍ଷିକ ହିସାବ ଏବଂ ବିଧାନସଭାରେ ସେମାନଙ୍କର ଏସ୍ଏଆର୍‌ର ଉପସ୍ଥାପନର ସ୍ଥିତି ନିମ୍ନରେ ବିସ୍ତୃତ ଭାବରେ ଦିଆଗଲା:

**ସାରଣୀ 4.6: ବୈଧାନିକ ନିଗମର ଏସ୍ଏଆର୍‌ର ଉପସ୍ଥାପନା ସ୍ଥିତି**

| କ୍ରମିକ ସଂଖ୍ୟା | ବୈଧାନିକ ନିଗମର ନାମ | କେଉଁ ବର୍ଷ ପର୍ଯ୍ୟନ୍ତ ଏସ୍ଏଆର୍‌ଗୁଡିକ ବିଧାନସଭାରେ ଉପସ୍ଥାପିତ ହୋଇଥିଲା | କେଉଁ ବର୍ଷ ପାଇଁ ଏସ୍ଏଆର୍‌ଗୁଡିକ ବିଧାନସଭାରେ ଉପସ୍ଥାପିତ ହୋଇନଥିଲା | |
|---|---|---|---|---|
| | | | ଏସ୍ଏଆର୍ ବର୍ଷ | ସରକାରଙ୍କୁ ଜାରି କରାଯାଇଥିବା ତାରିଖ /ବର୍ତ୍ତମାନ ସ୍ଥିତି |
| 1. | ଓଡିଶା ରାଜ୍ୟ ଅର୍ଥ ନିଗମ | 2017-18 | 2018-19 | 23/10/2019 |
| 2. | ଓଡିଶା ରାଜ୍ୟ ପଣ୍ୟାଗାର ନିଗମ | 2016-17 | 2017-18 | ହିସାବ ଚୂଡ଼ାନ୍ତ ହୋଇନାହିଁ |
| | | | 2018-19 | ହିସାବ ଚୂଡ଼ାନ୍ତ ହୋଇନାହିଁ |
| 3. | ଓଡିଶା ରାଜ୍ୟ ସଡକ ପରିବହନ ନିଗମ | 2016-17 | 2017-18 | 25/03/2018 |
| | | | 2018-19 | ହିସାବ ଚୂଡ଼ାନ୍ତ ହୋଇନାହିଁ |

***(ଉତ୍ସ: ବୈଧାନିକ ନିଗମଗୁଡିକ ଦ୍ୱାରା ପ୍ରଦତ୍ତ ସୂଚନା)***

ଏସ୍‌ଏଆର୍‌ର ଉପସ୍ଥାପନରେ ବିଳମ୍ବ ବୈଧାନିକ ନିଗମଗୁଡିକର ଆର୍ଥିକ ଉତ୍ତରଦାୟିତ୍ୱକୁ ହ୍ରାସ କରିଥାଏ। ବିଧାନସଭାରେ ନିଗମଗୁଡିକର ଏସ୍‌ଏଆର୍‌ର ତୁରନ୍ତ ଉପସ୍ଥାପନ କରିବାକୁ ସରକାର ନିଶ୍ଚିତ କରିବା ଉଚିତ୍।

## ରାଜ୍ୟ ପିଏସ୍ୟୁ (ଅଣ-ଶକ୍ତି କ୍ଷେତ୍ର)ର ହିସାବଗୁଡିକର ଚୂଡାନ୍ତ ନହେବାର ପରିଣାମ

**4.10** ଅନୁଚ୍ଛେଦ 4.୫ରେ ଦର୍ଶାଯାଇଛି ଯେ ବକେୟା ହିସାବଗୁଡିକର ଚୂଡାନ୍ତ ହେବାର ବିଳମ୍ବ ଯୋଗୁ ତତ୍‌ସଂଲଗ୍ନ ବିଧେୟକଗୁଡିକର ଉଲ୍ଲଙ୍ଘନ ହେବା ସହ ସରକାରୀ ଅର୍ଥର ପ୍ରବଞ୍ଚନା ଓ ବହିର୍ଗମନ ହେବାର ବିପଦ ରହିଥାଏ। ହିସାବଗୁଡିକର ବକେୟା ସ୍ଥିତି ଯୋଗୁ 2018-19 ବର୍ଷ ପାଇଁ ରାଜ୍ୟ ଜିଡିପିକୁ ରାଜ୍ୟ ପିଏସ୍ୟୁ (ଅଣ-ଶକ୍ତି କ୍ଷେତ୍ର)ର ପ୍ରକୃତ ଅବଦାନ ନିରୂପଣ କରାଯାଇ ପାରିଲା ନାହିଁ ଏବଂ ରାଜ୍ୟ ରାଜକୋଷକୁ ସେମାନଙ୍କର ଅବଦାନ ମଧ୍ୟ ରାଜ୍ୟ ବିଧାନସଭାକୁ ଅବଗତ କରାଯାଇ ନଥିଲା।

***ସୁପାରିଶ:*** *ତେଣୁ, ହିସାବଗୁଡିକର ବକେୟା ସମାପ୍ତ କରିବାକୁ ପ୍ରଶାସନିକ ବିଭାଗ କଡା ନଜର ରଖିବା ଏବଂ ଆବଶ୍ୟକ ନିର୍ଦ୍ଦେଶ ଦେବା ପାଇଁ ପରାମର୍ଶ ଦିଆଯାଇଛି। ପିଏସ୍ୟୁର ହିସାବ ପ୍ରସ୍ତୁତ କରିବାରେ ସରକାର ମଧ୍ୟ ପ୍ରତିବନ୍ଧକକୁ ଅନୁସନ୍ଧାନ କରିପାରନ୍ତି ଏବଂ ହିସାବଗୁଡିକର ଥିବା ବକେୟା ସମାପ୍ତ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିପାରନ୍ତି।*

## ରାଜ୍ୟ ପିଏସ୍ୟୁ (ଅଣ-ଶକ୍ତି କ୍ଷେତ୍ର)ର କାର୍ଯ୍ୟଦକ୍ଷତା

**4.11** 73ଟି ରାଜ୍ୟ ପିଏସ୍ୟୁଗୁଡିକର ଆର୍ଥିକ ସ୍ଥିତି ଏବଂ କାର୍ଯ୍ୟ ଫଳାଫଳଗୁଡିକ 30 ସେପ୍ଟେମ୍ବର 2019 ସୁଦ୍ଧା ସେମାନଙ୍କର ସର୍ବଶେଷ ଚୂଡାନ୍ତ ଲେଖା ଅନୁଯାୟୀ **ପରିଶିଷ୍ଟ-6**ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି।

ନିବେଶ ଉପରେ ଲାଭ, ସାଧାରଣ ଅଂଶଧନ ଉପରେ ଲାଭ ଏବଂ ନିୟୋଜିତ ପୁଞ୍ଜି ଉପରେ ଲାଭ ମାଧ୍ୟମରେ ଏକ କମ୍ପାନୀର ଲାଭଦାୟକତା ପାରମ୍ପାରିକ ଭାବରେ ମୂଲ୍ୟାଙ୍କନ କରାଯାଏ।

**4.12** ନିବେଶ ଉପରେ ପ୍ରକୃତ ଲାଭର ହାର ହେଉଛି ଲାଭ କିମ୍ବା କ୍ଷତିର ମୋଟ ବିନିଯୋଗର ବର୍ତ୍ତମାନର ମୂଲ୍ୟ(ପିଭି)ର ଶତକଡା। 2014-15ରୁ 2018-19 ମଧ୍ୟରେ କାର୍ଯ୍ୟକ୍ଷମ ରାଜ୍ୟ ପିଏସ୍ୟୁ (ଅଣ-ଶକ୍ତି କ୍ଷେତ୍ର) ଦ୍ୱାରା ଲାଭ/କ୍ଷତି[38]ର ସାମଗ୍ରିକ ସ୍ଥିତି ନିମ୍ନ **ଚାର୍ଟ 4.2**ରେ ଚିତ୍ରିତ ହୋଇଛି:

**ଚାର୍ଟ 4.2: ବର୍ଷଗୁଡିକ ମଧ୍ୟରେ କାର୍ଯ୍ୟକ୍ଷମ ପିଏସ୍ୟୁ (ଅଣ-ଶକ୍ତି କ୍ଷେତ୍ର) ଦ୍ୱାରା ଉପାର୍ଜିତ ଲାଭ/କ୍ଷତି**




[38] ସେହି ବର୍ଷଗୁଡିକ ପାଇଁ ଚୂଡାନ୍ତ ହୋଇଥିବା ସର୍ବଶେଷ ହିସାବ ଅନୁଯାୟୀ ସଂଖ୍ୟାଗୁଡିକ।

2014-15ରେ ଏହି କାର୍ଯ୍ୟକ୍ଷମ ପିଏସ୍ୟୁ ଦ୍ୱାରା ଉପାର୍ଜିତ 1,001.58 କୋଟି ଟଙ୍କାର ଲାଭ, 2018-19ରେ ଓଡିଶା ଶିଳ୍ପ ସମ୍ବନ୍ଧୀୟ ଉନ୍ନୟନ ନିଗମ ଲିମିଟେଡ୍, ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ଓ ଉନ୍ନୟନ ନିଗମ ଲିମିଟେଡ୍ ଏବଂ ଇଡ୍‌କଲ ଆଇରନ୍ ୱାର୍କ୍ସ ଲିମିଟେଡ୍ ଦ୍ୱାରା ହୋଇଥିବା କ୍ଷତି ଯୋଗୁ 854.71 କୋଟି ଟଙ୍କା ଲାଭକୁ ହ୍ରାସ ପାଇଥିଲା। 2018-19 ବର୍ଷ ପାଇଁ ସର୍ବଶେଷ ଚୂଡାନ୍ତ ହିସାବ ଅନୁଯାୟୀ 47ଟି କାର୍ଯ୍ୟକ୍ଷମ ରାଜ୍ୟ ପିଏସ୍ୟୁ ମଧ୍ୟରୁ 30ଟି ପିଏସ୍ୟୁ 1,024.07 କୋଟି ଟଙ୍କାର ଲାଭ କରିଛନ୍ତି ଏବଂ 11ଟି ପିଏସ୍ୟୁ 169.36 କୋଟି ଟଙ୍କା କ୍ଷତି ସହିଛନ୍ତି ଯାହା **ପରିଶିଷ୍ଟ-6ରେ** ବିସ୍ତୃତ ଭାବରେ ଦିଆଯାଇଛି। ଗୋଟିଏ ପିଏସ୍ୟୁ ଯଥା- ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ ଏହାର ହିସାବକୁ 'ବିନା ଲାଭ କ୍ଷତି'[39] ଆଧାରରେ ପ୍ରସ୍ତୁତ କରିଥିଲା। ଗୋଟିଏ[40] ଅଣ-ଶକ୍ତି କ୍ଷେତ୍ର କମ୍ପାନୀ ଏପର୍ଯ୍ୟନ୍ତ ତାହାର କାର୍ଯ୍ୟ/ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିନାହାନ୍ତି। ଚାରୋଟି[41] ଅଣ-ଶକ୍ତି କ୍ଷେତ୍ର କମ୍ପାନୀ କୌଣସି ଲାଭ ହାସଲ କରିନାହାନ୍ତି।

ଶ୍ରେଷ୍ଠ ଲାଭଜନକ କମ୍ପାନୀଗୁଡିକ ହେଲା ଓଡିଶା ଖଣି ନିଗମ ଲିମିଟେଡ୍ (789.88 କୋଟି ଟଙ୍କା), ଓଡିଶା ନିର୍ମାଣ ନିଗମ ଲିମିଟେଡ୍ (67.16 କୋଟି ଟଙ୍କା) ଏବଂ ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ (29.99 କୋଟି ଟଙ୍କା) ଥିବାବେଳେ ଓଡିଶା ଶିଳ୍ପ ବିକାଶ ନିଗମ ଲିମିଟେଡ୍ (89.54 କୋଟି ଟଙ୍କା), ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍ (42.93 କୋଟି ଟଙ୍କା) ଏବଂ ଇଡ୍‌କଲ କଳିଙ୍ଗ ଆଇରନ୍ ୱାର୍କ୍ସ ଲିମିଟେଡ୍ (14.35 କୋଟି ଟଙ୍କା) ଭାରି କ୍ଷତି ସହିଛନ୍ତି।

### *ବିନିଯୋଗର ଐତିହାସିକ ମୂଲ୍ୟ ଆଧାରରେ ପ୍ରକୃତ ଲାଭର ହାର*

**4.13** ଏହି ସମସ୍ତ ଅଣ-ଶକ୍ତିକ୍ଷେତ୍ର ପିଏସ୍ୟୁରେ ଓଡିଶା ସରକାର, ଭାରତ ସରକାର ଏବଂ ଅନ୍ୟମାନଙ୍କ ନିବେଶ ଉପରେ ପ୍ରକୃତ ଲାଭକୁ ହିସାବ କରିବା ପାଇଁ ସାଧାରଣ ଅଂଶଧନ, ସୁଧମୁକ୍ତ ଋଣ ଏବଂ ଅନୁଦାନ, କାର୍ଯ୍ୟସମ୍ପାଦନ ଓ ପରିଚାଳନା ଉଦ୍ଦେଶ୍ୟରେ ସବ୍‌ସିଡିକୁ ମୋଟ୍ ପୁଞ୍ଜିନିବେଶ ଭାବରେ ବିଚାର କରାଯାଇଥିଲା। ସାଧାରଣ ଅଂଶଧନ/ସୁଧଯୁକ୍ତ ଋଣରେ ରୂପାନ୍ତରିତ ସୁଧମୁକ୍ତ ଋଣ ଏବଂ ବିନିବେଶକୁ ଉପରୋକ୍ତ ହିସାବରୁ ବାଦ ଦିଆଯାଇଥିଲା।

31 ମାର୍ଚ୍ଚ 2019 ସୁଦ୍ଧା ଏହି 73ଟି ପିଏସ୍ୟୁରେ ଓଡିଶା ସରକାର, ଭାରତ ସରକାର ଏବଂ ଅନ୍ୟମାନଙ୍କ ଦ୍ୱାରା ସାଧାରଣ ଅଂଶଧନ 2,023.06 କୋଟି ଟଙ୍କା ଏବଂ ଅନୁଦାନ, କାର୍ଯ୍ୟସମ୍ପାଦନ ଏବଂ ପରିଚାଳନା ଖର୍ଚ୍ଚ ପାଇଁ ସବ୍‌ସିଡି 43,080.32 କୋଟି ଟଙ୍କା ଥିଲା। ବର୍ଷ ବର୍ଷ ଧରି ପରିଶୋଧ କରାଯାଇଥିବା ସୁଧମୁକ୍ତ ଋଣକୁ ବାଦ ଦେବା ପରେ ଦୀର୍ଘମିଆଦି ଋଣ 923.96 କୋଟି ଟଙ୍କାରୁ 23.28 କୋଟି ଟଙ୍କା ସୁଧମୁକ୍ତ ଋଣ ଥିଲା। ଏହିପରି, ଐତିହାସିକ ମୂଲ୍ୟ ଆଧାରରେ ଏହି 73ଟି ପିଏସ୍ୟୁରେ ନିବେଶ 45,126.66 କୋଟି ଟଙ୍କା (2,023.06 + 43,080.32 + 23.28 କୋଟି ଟଙ୍କା) ଥିଲା। 2014-15ରୁ 2018-19 ଅବଧି ପାଇଁ ବିନିଯୋଗର ଐତିହାସିକ ମୂଲ୍ୟ ଆଧାରରେ ପୁଞ୍ଜି ବିନିଯୋଗରେ ପ୍ରକୃତ ଲାଭର କ୍ଷେତ୍ର-ୱାରୀ ହାର ନିମ୍ନରେ ଦିଆଯାଇଛି :

---

39 ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍‌ର ବ୍ୟୟ ଆୟଠାରୁ ଅଧିକ ହେଲେ, ଓଡିଶା/ଭାରତ ସରକାରଙ୍କଠାରୁ ସହାୟତା ମିଳିଥାଏ। ତେଣୁ ଏହାର ହିସାବକୁ 'ବିନା ଲାଭ କ୍ଷତି'ରେ ହିସାବ ପ୍ରସ୍ତୁତ କରିବା କୁହାଯାଏ ।

40 ଓଡିଶା ଅନ୍ତର୍ଦେଶୀୟ ଜଳପଥ ସଂଗଠନ ଲିମିଟେଡ୍ ।

41 ଓଡ଼ିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍, ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍, ଓଡିଶା ଖଣିଜ ଅନ୍ୱେଷଣ ନିଗମ ଲିମିଟେଡ୍ ଏବଂ କଳିଙ୍ଗ ଷ୍ଟୁଡିଓ ଲିମିଟେଡ୍ ।

**ସାରଣୀ 4.7: ଐତିହାସିକ ମୂଲ୍ୟ ଆଧାରରେ ନିବେଶ ଉପରେ ଲାଭ**

*(ଟଙ୍କା କୋଟିରେ)*

| ବର୍ଷ-ୱାରୀ | ବର୍ଷ ପାଇଁ ମୋଟ ଆୟ | ସାଧାରଣ ଅଂଶଧନ, ସୁଧମୁକ୍ତ ଋଣ ଏବଂ ଅନୁଦାନ, କାର୍ଯ୍ୟସମ୍ପାଦନ ଓ ପରିଚାଳନା ଖର୍ଚ୍ଚ ଉଦ୍ଦେଶ୍ୟରେ ସବ୍‌ସିଡି ପାଇଁ ଓଡିଶା ସରକାରଙ୍କ ଦ୍ୱାରା କରାଯାଇଥିବା ନିବେଶର ଐତିହାସିକ ମୂଲ୍ୟ | ସାଧାରଣ ଅଂଶଧନ, ସୁଧମୁକ୍ତ ଋଣ ଏବଂ ଅନୁଦାନ, କାର୍ଯ୍ୟସମ୍ପାଦନ ଓ ପରିଚାଳନା ଖର୍ଚ୍ଚ ଉଦ୍ଦେଶ୍ୟରେ ସବ୍‌ସିଡି ପାଇଁ ଭାରତ ସରକାରଙ୍କ ଦ୍ୱାରା କରାଯାଇଥିବା ନିବେଶର ଐତିହାସିକ ମୂଲ୍ୟ | ସାଧାରଣ ଅଂଶଧନ, ସୁଧମୁକ୍ତ ଋଣ ଏବଂ ଅନୁଦାନ, କାର୍ଯ୍ୟସମ୍ପାଦନ ଓ ପରିଚାଳନା ଖର୍ଚ୍ଚ ଉଦ୍ଦେଶ୍ୟରେ ସବ୍‌ସିଡି ପାଇଁ ଅନ୍ୟମାନଙ୍କ ଦ୍ୱାରା କରାଯାଇଥିବା ନିବେଶର ଐତିହାସିକ ମୂଲ୍ୟ | ସାଧାରଣ ଅଂଶଧନ, ସୁଧମୁକ୍ତ ଋଣ ଏବଂ ଅନୁଦାନ, କାର୍ଯ୍ୟସମ୍ପାଦନ ଓ ପରିଚାଳନା ଖର୍ଚ୍ଚ ଉଦ୍ଦେଶ୍ୟରେ ସବ୍‌ସିଡି ପାଇଁ କରାଯାଇଥିବା ସମୁଦାୟ ନିବେଶର ଐତିହାସିକ ମୂଲ୍ୟ | ଐତିହାସିକ ମୂଲ୍ୟ ଆଧାରରେ ବିନିଯୋଗ ଉପରେ ପ୍ରକୃତ ଲାଭର ହାର (ଶତକଡା) |
|---|---|---|---|---|---|---|
| **2014-15** | | | | | | |
| ସାମାଜିକ କ୍ଷେତ୍ର | 61.08 | 8853.22 | 17384.24 | 22.71 | 26260.17 | 0.23 |
| ପ୍ରତିଯୋଗିତାମୂଳକ କ୍ଷେତ୍ର | 917.79 | 948.70 | 105.94 | 236.47 | 1291.11 | 71.09 |
| ଅନ୍ୟାନ୍ୟ | 13.35 | 5.63 | 0.00 | 0.00 | 5.63 | 237.12 |
| **ମୋଟ** | **992.22** | **9807.55** | **17490.18** | **259.18** | **27556.91** | 3.60 |
| **2015-16** | | | | | | |
| ସାମାଜିକ କ୍ଷେତ୍ର | 95.10 | 10108.04 | 20714.34 | 22.72 | 30845.10 | 0.31 |
| ପ୍ରତିଯୋଗିତାମୂଳକ କ୍ଷେତ୍ର | 997.02 | 994.37 | 105.94 | 241.54 | 1341.85 | 74.30 |
| ଅନ୍ୟାନ୍ୟ | 15.51 | 5.63 | 0.00 | 0.00 | 5.63 | 275.49 |
| **ମୋଟ** | **1107.63** | **11108.04** | **20820.28** | **264.26** | **32192.58** | 3.44 |
| **2016-17** | | | | | | |
| ସାମାଜିକ କ୍ଷେତ୍ର | 177.02 | 11072.15 | 24562.06 | 23.43 | 35657.64 | 0.50 |
| ପ୍ରତିଯୋଗିତାମୂଳକ କ୍ଷେତ୍ର | 757.57 | 1061.61 | 116.16 | 238.75 | 1416.52 | 53.48 |
| ଅନ୍ୟାନ୍ୟ | 2.37 | 244.25 | 276.12 | 48.00 | 568.37 | 0.42 |
| **ମୋଟ** | **936.96** | **12378.01** | **24954.34** | **310.18** | **37642.53** | 2.49 |
| **2017-18** | | | | | | |
| ସାମାଜିକ କ୍ଷେତ୍ର | 134.76 | 12585.46 | 29695.63 | 23.48 | 42304.57 | 0.32 |
| ପ୍ରତିଯୋଗିତାମୂଳକ କ୍ଷେତ୍ର | -428.17 | 1102.46 | 118.49 | 280.88 | 1501.83 | -28.51 |
| ଅନ୍ୟାନ୍ୟ | 7.97 | 470.25 | 388.62 | 50.00 | 908.87 | 0.88 |
| **ମୋଟ** | **-285.44** | **14158.17** | **30202.74** | **354.36** | **44715.27** | -0.64 |
| **2018-19** | | | | | | |
| ସାମାଜିକ କ୍ଷେତ୍ର | **102.14** | 12658.92 | 29731.96 | 23.46 | 42414.34 | 0.24 |
| ପ୍ରତିଯୋଗିତାମୂଳକ କ୍ଷେତ୍ର | **743.53** | 1144.03 | 53.92 | 379.50 | 1577.45 | 47.13 |
| ଅନ୍ୟାନ୍ୟ | **4.19** | 660.25 | 199.62 | 275.00 | 1134.87 | 0.37 |
| **ମୋଟ** | **849.86** | **14463.20** | **29985.50** | **677.96** | **45126.66** | 1.88 |

***(ଉତ୍ସ: ପିଏସ୍ୟୁମାନଙ୍କଠାରୁ ପ୍ରାପ୍ତ ତଥ୍ୟ ଆଧାରରେ ସଂକଳିତ)***

ପୁଞ୍ଜି ବିନିଯୋଗ ଉପରେ ପ୍ରକୃତ ଲାଭର ହାର ଏହି ପିଏସ୍ୟୁଗୁଡିକର ମୋଟ ଆୟକୁ[42] ଓଡିଶା ସରକାର, ଭାରତ ସରକାର ଏବଂ ଅନ୍ୟମାନଙ୍କ ଦ୍ୱାରା କରାଯାଇଥିବା ନିବେଶର ମୂଲ୍ୟକୁ ଭାଗ କରି ହିସାବ କରାଯାଏ। 2018-19ରେ 73ଟି ରାଜ୍ୟ ପିଏସ୍ୟୁ(ଅଣ-ଶକ୍ତି କ୍ଷେତ୍ର)ର ବିନିଯୋଗରେ ଅର୍ଜିତ ପ୍ରକୃତ ଲାଭ ହାର

[42] ରାଜ୍ୟ ସରକାରଙ୍କ ଦ୍ୱାରା ନିବେଶ କରାଯାଇଥିବା ରାଜ୍ୟ ପିଏସ୍ୟୁଗୁଡିକ ସମ୍ପୃକ୍ତ ବର୍ଷମାନଙ୍କରେ ଅର୍ଜନ କରିଥିବା ନିଟ୍ ଲାଭ/କ୍ଷତି।

'ପ୍ରତିଯୋଗିତାମୂଳକ କ୍ଷେତ୍ର'ର ଓଡିଶା ଖଣି ନିଗମ ଲିମିଟେଡ୍ (789.88 କୋଟି ଟଙ୍କା) ଏବଂ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ (67.16 କୋଟି ଟଙ୍କା) ଦ୍ୱାରା ହୋଇଥିବା ଲାଭ ହେତୁ ଧନାତ୍ମକ ଥିଲା।

***ନିବେଶର ବର୍ତ୍ତମାନ ମୂଲ୍ୟ ଆଧାରରେ ନିବେଶ ଉପରେ ଲାଭ***

**4.14** କେବଳ ଐତିହାସିକ ମୂଲ୍ୟ ଆଧାରରେ ଲାଭର ପାରମ୍ପାରିକ ଗଣନା ନିବେଶ ଉପରେ ପ୍ରକୃତ ଲାଭର ହାରର ସଠିକତାର ସୂଚକ ହୋଇପାରେ ନାହିଁ କାରଣ ଏହିପରି ଗଣନା ଅର୍ଥର ବର୍ତ୍ତମାନର ମୂଲ୍ୟକୁ ଅଣଦେଖା କରେ। ନିବେଶର ଐତିହାସିକ ମୂଲ୍ୟ ତୁଳନାରେ ରାଜ୍ୟ ପିଏସ୍‌ୟୁଗୁଡିକରେ ନିବେଶର ବର୍ତ୍ତମାନର ମୂଲ୍ୟ ଉପରେ ପ୍ରକୃତ ଲାଭର ହାର ଆକଳନ କରିବାକୁ ନିବେଶର ବର୍ତ୍ତମାନର ମୂଲ୍ୟ ଗଣନା କରାଯାଇଛି। 2014-15ରୁ 2018-19 ମଧ୍ୟରେ ଏହି 73ଟି ପିଏସ୍‌ୟୁର 2017-18 ବ୍ୟତୀତ ନିବେଶ ଉପରେ ପ୍ରକୃତ ଲାଭର ହାର ଧନାତ୍ମକ ଥିଲା। ଏହି ଚାରିବର୍ଷ ପାଇଁ ନିବେଶ ଉପରେ ପ୍ରକୃତ ଲାଭର ହାର, ବର୍ତ୍ତମାନ ମୂଲ୍ୟ ଆଧାରରେ ଗଣନା କରାଯାଇ ଚିତ୍ରଣ କରାଯାଇଛି।

73ଟି ପିଏସ୍‌ୟୁରେ ସମୁଦାୟ ବିନିଯୋଗର ବର୍ତ୍ତମାନ ମୂଲ୍ୟ ନିମ୍ନଲିଖିତ ଅନୁମାନ ଆଧାରରେ ଗଣନା କରାଯାଇଥିଲା:

- ସାଧାରଣ ଅଂଶଧନ ନିବେଶ ମୂଲ୍ୟରୁ ବିନିବେଶ ମୂଲ୍ୟକୁ ବାଦ ଦେଇ ସୁଧମୁକ୍ତ ଋଣ ଏବଂ ଅନୁଦାନ, କାର୍ଯ୍ୟସମ୍ପାଦନ ଓ ପରିଚାଳନା ଖର୍ଚ୍ଚ ପାଇଁ ସବ୍‌ସିଡି ଆକାରରେ ଉପଲବ୍ଧ ପାଣ୍ଠିକୁ ନିବେଶ ଭାବେ ଧରି ବିନିଯୋଗ ଉପରେ ପ୍ରକୃତ ଲାଭର ହାର ଗଣନା କରାଯାଇଛି।
- ସମ୍ପୃକ୍ତ ଆର୍ଥିକ ବର୍ଷ[43] ପାଇଁ ସରକାର ଋଣ ଉପରେ ହାରାହାରି ସୁଧ ହାରକୁ ଚକ୍ରବୃଦ୍ଧି ହାର ଭାବେ ଗ୍ରହଣକରି ନିବେଶର ବର୍ତ୍ତମାନର ମୂଲ୍ୟ ହିସାବ କରାଯାଇଥିଲା। କାରଣ ସେହି ସୁଧ ହାରଗୁଡିକ ସମ୍ପୃକ୍ତ ବର୍ଷ ପାଇଁ ପାଣ୍ଠି ବିନିଯୋଗରେ ହୋଇଥିବା ଖର୍ଚ୍ଚକୁ ପ୍ରତିନିଧିତ୍ୱ କରନ୍ତି ଏବଂ ନିବେଶ ଉପରେ ପ୍ରକୃତ ଲାଭ ଉପରେ ସର୍ବନିମ୍ନ ଆଶା କରାଯାଉଥିବା ହାର ଭାବରେ ବିବେଚନା କରାଯାଏ।

**4.15** ଐତିହାସିକ ମୂଲ୍ୟ ଆଧାରରେ ସାଧାରଣ ଅଂଶଧନ, ସୁଧମୁକ୍ତ ଋଣ ଏବଂ ଅନୁଦାନ, ସବ୍‌ସିଡି ଆକାରରେ ଏହି 73ଟି ରାଜ୍ୟ ପିଏସ୍‌ୟୁରେ 2000-01ରୁ 2018-19 ମଧ୍ୟରେ ରାଜ୍ୟ ସରକାରଙ୍କ ବିନିଯୋଗର ସ୍ଥିତି, **ପରିଶିଷ୍ଟ**-7ରେ ସୂଚିତ କରାଯାଇଛି।

2018-19 ବର୍ଷ ଶେଷରେ ଏହି ପିଏସ୍‌ୟୁଗୁଡିକରେ ଜିଓଓ, ଜିଓଆଇ ଏବଂ ଅନ୍ୟମାନଙ୍କ ଦ୍ୱାରା ବିନିଯୋଗ ହେଉଛି 45,126.66 କୋଟି ଟଙ୍କା ଯେଉଁଥିରେ ସାଧାରଣ ଅଂଶଧନ 2,023.06 କୋଟି ଟଙ୍କା, ସୁଧମୁକ୍ତ ଋଣ 23.28 କୋଟି ଟଙ୍କା ଏବଂ ଅନୁଦାନ, ସବ୍‌ସିଡି 43,080.32 କୋଟି ଟଙ୍କା ଅନ୍ତର୍ଭୁକ୍ତ। ଜିଓଓ, ଜିଓଆଇ ଏବଂ ଅନ୍ୟମାନଙ୍କ ଦ୍ୱାରା 31 ମାର୍ଚ୍ଚ 2019 ପର୍ଯ୍ୟନ୍ତ ଦିଆଯାଇଥିବା ପାଣ୍ଠିର ପିଭି 83,769.01 କୋଟି ଟଙ୍କା ଥିଲା।

**4.16** 2014-15, 2015-16, 2016-17 ଏବଂ 2018-19 ବର୍ଷଗୁଡିକରେ 73ଟି ପିଏସ୍‌ୟୁ ଲାଭ କରିଥିବାରୁ ଐତିହାସିକ ମୂଲ୍ୟ ଓ ବର୍ତ୍ତମାନ ମୂଲ୍ୟରେ ପୁଞ୍ଜିନିବେଶରୁ ଲାଭର କ୍ଷେତ୍ର-ଓ୍ୱାରୀ ତୁଳନା ଏହି ବର୍ଷଗୁଡିକ ପାଇଁ ସାରଣୀ 4.8 ରେ ଦିଆଯାଇଛି।

---

43 ସରକାରୀ ଋଣ ଉପରେ ହାରାହାରି ସୁଧ ହାର ସମ୍ପୃକ୍ତ ବର୍ଷ ପାଇଁ ଭାରତର ସିଏଜିଙ୍କର ରାଜ୍ୟ ଅର୍ଥ(ଓଡିଶା ସରକାର)ର ପ୍ରତିବେଦନରୁ ଗ୍ରହଣ କରାଯାଇଥିଲା ଯେଉଁଠାରେ ହାରାହାରି ସୁଧ ହାର = ସୁଧ ଦେୟ/ [(ପୂର୍ବ ବର୍ଷର ଆର୍ଥିକ ଦାୟିତ୍ୱର ପରିମାଣ + ଚଳିତ ବର୍ଷର ଆର୍ଥିକ ଦାୟିତ୍ୱର ପରିମାଣ) )/2]*100।

**ସାରଣୀ 4.8: ରାଜ୍ୟ ସରକାରୀ ପାଣ୍ଠି ଉପରେ ଲାଭ**

*(ଟଙ୍କା କୋଟିରେ)*

| ବର୍ଷ-ୱାରୀ | ବର୍ଷ ପାଇଁ ମୋଟ୍ ଆୟ | ସାଧାରଣ ଅଂଶଧନ, ସୁଧମୁକ୍ତ ଋଣ ଏବଂ ଅନୁଦାନ, କାର୍ଯ୍ୟ ସମ୍ବନ୍ଧୀୟ ତଥା ପରିଚାଳନା ଖର୍ଚ୍ଚ ଜନିତ ସବସିଡି ଆକାରରେ ଜିଓଓ ଦ୍ୱାରା ଐତିହାସିକ ମୂଲ୍ୟ ଆଧାରରେ ବିନିଯୋଗ ହୋଇଥିବା ପାଣ୍ଠି | ସାଧାରଣ ଅଂଶଧନ ଏବଂ ଅନୁଦାନ, କାର୍ଯ୍ୟ ସମ୍ବନ୍ଧୀୟ ତଥା ପରିଚାଳନା ଖର୍ଚ୍ଚ ଜନିତ ସବସିଡି ଆକାରରେ ଜିଓଆଇ ଦ୍ୱାରା ଐତିହାସିକ ମୂଲ୍ୟ ଆଧାରରେ ବିନିଯୋଗ ହୋଇଥିବା ପାଣ୍ଠି | ସାଧାରଣ ଅଂଶଧନ ଏବଂ ଅନୁଦାନ, କାର୍ଯ୍ୟ ସମ୍ବନ୍ଧୀୟ ତଥା ପରିଚାଳନା ଖର୍ଚ୍ଚ ଜନିତ ସବସିଡି ଆକାରରେ ଅନ୍ୟମାନଙ୍କ ଦ୍ୱାରା ଐତିହାସିକ ମୂଲ୍ୟ ଆଧାରରେ ବିନିଯୋଗ ହୋଇଥିବା ପାଣ୍ଠି | ସାଧାରଣ ଅଂଶଧନ, ସୁଧମୁକ୍ତ ଋଣ ଏବଂ ଅନୁଦାନ, କାର୍ଯ୍ୟ ସମ୍ବନ୍ଧୀୟ ତଥା ପରିଚାଳନା ଖର୍ଚ୍ଚ ଜନିତ ସବସିଡି ଆକାରରେ ଐତିହାସିକ ମୂଲ୍ୟ ଆଧାରରେ ବିନିଯୋଗ ହୋଇଥିବା ମୋଟ୍ ପାଣ୍ଠି | ବର୍ଷ ଶେଷରେ ମୋଟ୍ ବିନିଯୋଗର ପିଭି | ପୁଞ୍ଜି ବିନିଯୋଗର ବର୍ତ୍ତମାନର ମୂଲ୍ୟକୁ ବିଚାର କରି ମୋଟ୍ ବିନିଯୋଗ ଉପରେ ପ୍ରକୃତ ଲାଭର ହାର (ଶତକଡା) | ଐତିହାସିକ ମୂଲ୍ୟ ଆଧାରରେ ମୋଟ୍ ବିନିଯୋଗ ଉପରେ ପ୍ରକୃତ ଲାଭର ହାର (ପ୍ରତିଶତ) |
|---|---|---|---|---|---|---|---|---|
| | | | | **2014-15** | | | | |
| ସାଧାରଣ କ୍ଷେତ୍ର | 61.08 | 8853.22 | 17384.24 | 22.71 | 26260.17 | 39283.16 | 0.16 | 0.23 |
| ପ୍ରତିଯୋଗିତାମୂଳ କ୍ଷେତ୍ର | 917.79 | 948.70 | 105.94 | 236.47 | 1291.11 | 7658.99 | 11.98 | 71.09 |
| ଅନ୍ୟାନ୍ୟ | 13.35 | 5.63 | 0.00 | 0.00 | 5.63 | 69.97 | 19.08 | 237.12 |
| **ମୋଟ୍** | **992.22** | **9807.55** | **17490.18** | **259.18** | **27556.91** | **47012.12** | **2.11** | **3.60** |
| | | | | **2015-16** | | | | |
| ସାଧାରଣ କ୍ଷେତ୍ର | 95.10 | 10108.04 | 20714.34 | 22.72 | 30845.10 | 46526.48 | 0.20 | 0.31 |
| ପ୍ରତିଯୋଗିତାମୂଳ କ୍ଷେତ୍ର | 997.02 | 994.37 | 105.94 | 241.54 | 1341.85 | 8177.06 | 12.19 | 74.30 |
| ଅନ୍ୟାନ୍ୟ | 15.51 | 5.63 | 0.00 | 0.00 | 5.63 | 74.21 | 20.90 | 275.49 |
| **ମୋଟ୍** | **1107.63** | **11108.04** | **20820.28** | **264.26** | **32192.58** | **54777.75** | **2.02** | **3.44** |
| | | | | **2016-17** | | | | |
| ସାଧାରଣ କ୍ଷେତ୍ର | 177.02 | 11072.15 | 24562.06 | 23.43 | 35657.64 | 55251.06 | 0.32 | 0.50 |
| ପ୍ରତିଯୋଗିତାମୂଳ କ୍ଷେତ୍ର | 757.57 | 1061.61 | 116.16 | 238.75 | 1416.52 | 8880.65 | 8.53 | 53.48 |
| ଅନ୍ୟାନ୍ୟ | 2.37 | 244.25 | 276.12 | 48.00 | 568.37 | 685.49 | 0.35 | 0.42 |
| **ମୋଟ୍** | **936.96** | **12378.01** | **24954.34** | **310.18** | **37642.53** | **64817.20** | **1.45** | **2.49** |
| | | | | **2018-19** | | | | |
| ସାଧାରଣ କ୍ଷେତ୍ର | 102.14 | 12658.92 | 29731.96 | 23.46 | 42414.34 | 71862.18 | 0.14 | 0.24 |
| ପ୍ରତିଯୋଗିତାମୂଳ କ୍ଷେତ୍ର | 743.53 | 1144.03 | 53.92 | 379.50 | 1577.45 | 10474.14 | 7.10 | 47.13 |
| ଅନ୍ୟାନ୍ୟ | 4.19 | 660.25 | 199.62 | 275.00 | 1134.87 | 1432.68 | 0.29 | 0.37 |
| **ମୋଟ୍** | **849.86** | **14463.20** | **29985.50** | **677.96** | **45126.66** | **83769.00** | **1.01** | **1.88** |

*(ଉତ୍ସ: ପିଏସ୍‌ୟୁମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ସଂକଳିତ)*

ଐତିହାସିକ ମୂଲ୍ୟ ଆଧାରରେ ମୋଟ୍ ବିନିଯୋଗରେ ଅର୍ଜିତ ଲାଭ ହାର 2014-15ରେ 3.60 ପ୍ରତିଶତ ଥିଲା ଯାହା 2018-19ରେ 1.88 ପ୍ରତିଶତକୁ ହ୍ରାସ ପାଇଥିଲା ଯେହେତୁ ଅତିରିକ୍ତ ସାଧାରଣ ଅଂଶଧନ, ଅନୁଦାନ, ସବ୍‌ସିଡି ପ୍ରଦାନ କରାଯାଇଥିଲା ଏବଂ ସାମଗ୍ରିକ ଲାଭ ହ୍ରାସ ପାଇଥିଲା। କିନ୍ତୁ ସମୁଦାୟ ପୁଞ୍ଜି ବିନିଯୋଗର ବର୍ତ୍ତମାନର ମୂଲ୍ୟ ଆଧାରରେ ପ୍ରକୃତ ଲାଭର ହାର ସମାନ ଅବଧିରେ 2.11 ପ୍ରତିଶତ ଏବଂ 1.01 ପ୍ରତିଶତ ଥିଲା। ଅଧିକନ୍ତୁ, ଏହି ଅବଧି ମଧ୍ୟରେ, ବର୍ତ୍ତମାନର ମୂଲ୍ୟ ଉପରେ ପ୍ରତିଯୋଗିତାମୂଳକ କ୍ଷେତ୍ରରୁ ଲାଭର ହାର 11.98

ପ୍ରତିଶତ ଏବଂ 7.10 ପ୍ରତିଶତ ମଧ୍ୟରେ ଥିଲା ଯାହା ବିନିଯୋଗର ଐତିହାସିକ ମୂଲ୍ୟ ଆଧାରରେ ଯଥାକ୍ରମେ 71.09 ପ୍ରତିଶତ ଏବଂ 47.13 ପ୍ରତିଶତ ଥିଲା।

***ନିଟ୍ ମୂଲ୍ୟର ଅବକ୍ଷୟ***

**4.17** ନିଟ୍ ମୂଲ୍ୟ ହେଉଛି ସମାଦତ୍ତ ପୁଞ୍ଜି ଏବଂ ମୁକ୍ତ ଆରକ୍ଷଣ ଏବଂ ବଳକାର ସମଷ୍ଟି ବିଯୁକ୍ତ ଏକତ୍ରୀକୃତ କ୍ଷତି ଏବଂ ସ୍ଥଗିତ ରାଜସ୍ୱ ଖର୍ଚ୍ଚ। ମୂଳତଃ ଏହା ଏକ ମାପ ଅଟେ ଯାହା ଦର୍ଶାଏକି ଏକ ସଂସ୍ଥା ମାଲିକମାନଙ୍କ ପାଇଁ କେତେ ମୂଲ୍ୟବାନ ଅଟେ। ଏକ ଋଣାତ୍ମକ ନିଟ୍ ମୂଲ୍ୟ ସୂଚାଇଥାଏ ଯେ ମାଲିକମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ପୁଞ୍ଜି ବିନିଯୋଗ ଏକତ୍ରୀକୃତ କ୍ଷତି ଏବଂ ସ୍ଥଗିତ ରାଜସ୍ୱ ଖର୍ଚ୍ଚ ଦ୍ୱାରା କ୍ଷୟ ହୋଇଯାଇଛି। 31 ମାର୍ଚ୍ଚ 2019 ପର୍ଯ୍ୟନ୍ତ 47ଟି ରାଜ୍ୟ ପିଏସ୍‌ୟୁ (ଅଣ-ଶକ୍ତିକ୍ଷେତ୍ର)ଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଅନୁଯାୟୀ ପୁଞ୍ଜି ବିନିଯୋଗ, ମୁକ୍ତ ଆରକ୍ଷଣ ଏବଂ ଏକତ୍ରୀକୃତ କ୍ଷତି **ପରିଶିଷ୍ଟ-6** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି।

ପୁଞ୍ଜି ବିନିଯୋଗ ଏବଂ ଏକତ୍ରୀକୃତ କ୍ଷତିର ବିଶ୍ଳେଷଣରୁ ଜଣାପଡିଛି ଯେ 47ଟି ପିଏସ୍‌ୟୁ ମଧ୍ୟରୁ 08ଟିରେ ନିଟ୍ ମୂଲ୍ୟ ସମ୍ପୂର୍ଣ୍ଣ କ୍ଷୟ ହୋଇଯାଇଥିଲା ଯେହେତୁ ଏହି 08ଟି ପିଏସ୍‌ୟୁରେ ପୁଞ୍ଜି ବିନିଯୋଗ, ମୁକ୍ତ ଆରକ୍ଷଣ ଏବଂ ଏକତ୍ରୀକୃତ କ୍ଷତି ଯଥାକ୍ରମେ 688.89 କୋଟି ଟଙ୍କା, 56.19 କୋଟି ଟଙ୍କା ଏବଂ 965.46 କୋଟି ଟଙ୍କା ଥିଲା। ଏହି 08ଟି ପିଏସ୍‌ୟୁ ମଧ୍ୟରୁ ନିଟ୍ ମୂଲ୍ୟରେ ସର୍ବାଧିକ କ୍ଷୟ ଓଡିଶା ଗ୍ରାମୀଣ ଗୃହ ନିର୍ମାଣ ଓ ଉନ୍ନୟନ ନିଗମ ଲିମିଟେଡ୍ (97.89 କୋଟି ଟଙ୍କା), ଓଡିଶା ରାଜ୍ୟ ଅର୍ଥ ନିଗମ (46.60 କୋଟି ଟଙ୍କା), କୋଣାର୍କ ଝୋଟ ଲିମିଟେଡ୍ (32.21 କୋଟି ଟଙ୍କା) ଏବଂ ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ୍ (27.59 କୋଟି ଟଙ୍କା) ଥିଲା। ଏହି 8ଟି ପିଏସ୍‌ୟୁ ମଧ୍ୟରୁ ଯେଉଁଠାରେ ନିଟ୍ ମୂଲ୍ୟ ସମ୍ପୂର୍ଣ୍ଣ ଭାବରେ କ୍ଷୟ ହୋଇଯାଇଥିଲା, ତିନୋଟି[44] ପିଏସ୍‌ୟୁ ସେମାନଙ୍କର ସର୍ବଶେଷ ଚୂଡାନ୍ତ ହିସାବ ଅନୁଯାୟୀ ଲାଭ ଅର୍ଜନ କରିଥିଲେ ଯଦିଓ ବହୁ ପରିମାଣର ଏକତ୍ରୀକୃତ କ୍ଷତି ହୋଇଥିଲା।

ନିମ୍ନ ସାରଣୀରେ 2014-15ରୁ 2018-19 ମଧ୍ୟରେ 47ଟି କାର୍ଯ୍ୟ କରୁଥିବା ପିଏସ୍‌ୟୁ (ଅଣ-ଶକ୍ତିକ୍ଷେତ୍ର)ର ମୋଟ୍ ସମାଦତ୍ତ ପୁଞ୍ଜି, ମୋଟ୍ ମୁକ୍ତ ଆରକ୍ଷଣ, ମୋଟ୍ ଏକତ୍ରୀକୃତ କ୍ଷତି ଏବଂ ନିଟ୍ ମୂଲ୍ୟ ଦର୍ଶାଯାଇଛି:

**ସାରଣୀ 4.9: ରାଜ୍ୟ ପିଏସ୍‌ୟୁ (ଅଣ-ଶକ୍ତିକ୍ଷେତ୍ର)ର ନିଟ୍ ମୂଲ୍ୟ**

| ବର୍ଷ | ଶକ୍ତିକ୍ଷେତ୍ର ପିଏସ୍‌ୟୁ ସଂଖ୍ୟା | ସମାଦତ୍ତ ପୁଞ୍ଜି | ମୁକ୍ତ ଆରକ୍ଷଣ | ସଂଗୃହିତ ଲାଭ | ସଂଗୃହିତ କ୍ଷତି | ନିଟ୍ ମୂଲ୍ୟ |
|---|---|---|---|---|---|---|
| ***1*** | ***2*** | ***3*** | ***4*** | ***5*** | ***6*** | ***7=3+4+5-6*** |
| 2014-15 | 39 | 1229.65 | 2199.32 | 4176.27 | 913.19 | 6692.05 |
| 2015-16 | 44 | 1241.95 | 2213.58 | 4095.00 | 1070.73 | 6479.80 |
| 2016-17 | 48 | 1635.16 | 2367.78 | 4346.74 | 1131.88 | 7217.80 |
| 2017-18 | 48 | 1845.92 | 2399.38 | 4056.27 | 1079.26 | 7222.31 |
| 2018-19 | 47 | 1957.76 | 2404.91 | 4249.56 | 1156.86 | 7455.37 |

***(ଉତ୍ସ: ପିଏସ୍‌ୟୁମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ସଂକଳିତ)***

ଉପର୍ଯ୍ୟୁକ୍ତ ସାରଣୀରୁ ଦେଖାଗଲା ଯେ, ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟ ପିଏସ୍‌ୟୁଗୁଡିକର ନିଟ୍ ମୂଲ୍ୟ ଧନାତ୍ମକ ଥିଲା। ସମାଦତ୍ତ ପୁଞ୍ଜି, ମୁକ୍ତ ଆରକ୍ଷଣ ଏବଂ ବଳକା ବୃଦ୍ଧି ହେତୁ ନିଟ୍ ମୂଲ୍ୟ 2014-15ରେ 6,692.05 କୋଟି ଟଙ୍କାରୁ 2018-19ରେ 7,455.37 କୋଟି ଟଙ୍କାକୁ ବୃଦ୍ଧି ପାଇଛି।

***ଲାଭାଂଶ ବଣ୍ଟନ***

**4.18** ରାଜ୍ୟ ସରକାର ଲାଭାଂଶ ନୀତି ପ୍ରସ୍ତୁତ (ଡିସେମ୍ବର 2011) କରିଥିଲେ ଯେଉଁଥିରେ ସମସ୍ତ ଲାଭକାରୀ ପିଏସ୍‌ୟୁ ରାଜ୍ୟ ସରକାରଙ୍କ ସାଧାରଣ ଅଂଶଧନର 20 ପ୍ରତିଶତ କିମ୍ବା ଟିକସ ପରବର୍ତ୍ତୀ ଲାଭର 20 ପ୍ରତିଶତ ମଧ୍ୟରୁ ଯାହା ଅଧିକ ତାହା ବାର୍ଷିକ ଲାଭାଂଶ ଦେବାକୁ ଥିଲା। ଖଣି ଏବଂ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଥିବା ପିଏସ୍‌ୟୁଗୁଡିକ ପାଇଁ ସର୍ବନିମ୍ନ ଲାଭାଂଶ ପ୍ରଦାନ ଟିକସ ପରବର୍ତ୍ତୀ ଲାଭର 30 ପ୍ରତିଶତ ହେବା ଉଚିତ୍ ଥିଲା।

[44] ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ୍, ଓଡିଶା ମତ୍ସ୍ୟଜୀବୀ ଉନ୍ନୟନ ନିଗମ ଲିମିଟେଡ୍, ଓଡିଶା ରାଜ୍ୟ ଅର୍ଥ ନିଗମ।

ପରବର୍ତ୍ତୀ ସମୟରେ, ଜିଓଓ ସମସ୍ତ ପିଏସ୍‌ୟୁ ପାଇଁ 30 ପ୍ରତିଶତ ହାରରେ ଲାଭାଂଶ ବଣ୍ଟନ ପାଇଁ ସଂଶୋଧିତ (ଫେବୃୟାରୀ 2016) ନୀତି ଜାରି କରିଥିଲେ। ଜିଓଓ ଦ୍ୱାରା ସାଧାରଣ ଅଂଶଧନ ଆକାରରେ ନିବେଶ କରାଯାଇଥିବା ପିଏସ୍‌ୟୁ(ଅଣ-ଶକ୍ତିକ୍ଷେତ୍ର)ଗୁଡିକର ଲାଭାଂଶ ବଣ୍ଟନ ନିମ୍ନ ସାରଣୀରେ ଦର୍ଶାଯାଇଛି:

**ସାରଣୀ 4.10: 2014-15ରୁ 2018-19 ମଧ୍ୟରେ ପିଏସ୍‌ୟୁଗୁଡ଼ିକର ଲାଭାଂଶ ବଣ୍ଟନ (ଅଣ-ଶକ୍ତିକ୍ଷେତ୍ର)**

*(ଟଙ୍କା କୋଟିରେ)*

| ବର୍ଷ | ସମୁଦାୟ ପିଏସ୍‌ୟୁ ଯେଉଁଠାରେ ଜିଓଓର ସାଧାରଣ ଅଂଶଧନ ଥିଲା | | ଯେଉଁ ବର୍ଷରେ ପିଏସ୍‌ୟୁ ଗୁଡିକ ଲାଭ ଅର୍ଜନ କରିଥିଲେ | | | ଯେଉଁ ବର୍ଷ ମଧ୍ୟରେ ପିଏସ୍‌ୟୁ ଗୁଡିକ ଲାଭାଂଶ ଘୋଷଣା/ପ୍ରଦାନ କରିଥିଲେ | | | ଲାଭାଂଶ ବଣ୍ଟନ ଅନୁପାତ (ଶତକଡା) | ଓଏମ୍‌ସି ଲିମିଟେଡ୍‌ର ଅଂଶକୁ ବାଦଦେଇ ଲାଭାଂଶ ବଣ୍ଟନ ଅନୁପାତ (ଶତକଡା) |
|---|---|---|---|---|---|---|---|---|---|---|
| | ପିଏସ୍‌ୟୁ ସଂଖ୍ୟା | ଜିଓଓ ଦ୍ୱାରା ପ୍ରଦତ୍ତ ସାଧାରଣ ଅଂଶଧନ | ପିଏସ୍‌ୟୁ ସଂଖ୍ୟା | ଜିଓଓ ଦ୍ୱାରା ପ୍ରଦତ୍ତ ସାଧାରଣ ଅଂଶଧନ | ଓଏମ୍‌ସି ଲିମିଟେଡ୍ କୁ ବାଦ ଦେଇ ଜିଓଓ ଦ୍ୱାରା ପ୍ରଦତ୍ତ ସାଧାରଣ ଅଂଶଧନ | ପିଏସ୍‌ୟୁ ସଂଖ୍ୟା | ପିଏସ୍‌ୟୁ ଦ୍ୱାରା ଲାଭାଂଶ ଘୋଷିତ / ପ୍ରଦାନ | ଓଏମ୍‌ସି ଲିମିଟେଡ୍ କୁ ବାଦଦେଇ ପିଏସ୍‌ୟୁ ଦ୍ୱାରା ଲାଭାଂଶ ଘୋଷିତ/ ପ୍ରଦାନ | | |
| **1** | 2 | 3 | 4 | 5 | 6 | 7 | 8 | 9 | 10=8/5*100 | 11=9/6*100 |
| 2014-15 | 44 | 959.75 | 21 | 504.10 | 472.65 | 6 | 514.79 | 14.79 | 102.12 | 3.13 |
| 2015-16 | 45 | 955.97 | 22 | 500.32 | 468.87 | 8 | 530.51 | 30.51 | 106.03 | 6.51 |
| 2016-17 | 47 | 1190.77 | 19 | 444.88 | 413.43 | 8 | 532.48 | 32.48 | 119.69 | 7.86 |
| 2017-18 | 46 | 1245.51 | 20 | 868.12 | 868.12 | 7 | 37.49 | 37.49 | 4.32 | 4.32 |
| 2018-19 | 47 | 1308.55 | 23 | 913.01 | 881.56 | 9 | 540.60 | 40.60 | 60.95 | 4.75 |

***(ଉତ୍ସ: ପିଏସ୍‌ୟୁମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ସଂକଳିତ)***

2014-15 ରୁ 2018-19 ଅବଧି ମଧ୍ୟରେ ଯେଉଁ ପିଏସ୍‌ୟୁଗୁଡିକ ଲାଭ ଅର୍ଜନ କରିଥିଲେ ସେଗୁଡିକର ସଂଖ୍ୟା 19 ରୁ 23 ମଧ୍ୟରେ ଥିଲା। ଏହି ସମୟ ମଧ୍ୟରେ, ପିଏସ୍‌ୟୁଗୁଡିକର ସଂଖ୍ୟା ଯାହା ଜିଓଓକୁ ଲାଭାଂଶ ଘୋଷଣା/ ପ୍ରଦାନ କରିଥିଲେ ତାହା ଛଅରୁ ନଅ ମଧ୍ୟରେ ଥିଲା।

2018-19ରେ ଲାଭାଂଶ ବଣ୍ଟନ ଅନୁପାତ (ଡିପିଆର) 2017-18ରେ 4.32 ପ୍ରତିଶତରୁ 2018-19 ରେ 60.95 ପ୍ରତିଶତକୁ ବୃଦ୍ଧି ପାଇଥିଲା ଯେହେତୁ ଓଏମ୍‌ସି ଲିମିଟେଡ୍ ଦ୍ୱାରା 2018-19 ବର୍ଷରେ ଲାଭାଂଶ ବଣ୍ଟନର ଘୋଷଣା କରାଯାଇଥିଲା। ଡିପିଆର୍ ଯାହାକି 2014-15ରେ 102.12 ପ୍ରତିଶତ ଥିଲା, 2016-17ରେ 119.69 ପ୍ରତିଶତକୁ ବୃଦ୍ଧି ପାଇଥିଲା ଯେହେତୁ ଓଏମ୍‌ସି ଲିମିଟେଡ୍ ଦ୍ୱାରା ପ୍ରତିବର୍ଷ ଲାଭ ଅର୍ଜନ ଯୋଗୁ 500 କୋଟି ଟଙ୍କା (ସାଧାରଣ ଅଂଶଧନର 1590 ପ୍ରତିଶତ) ଲାଭାଂଶ ବଣ୍ଟନ ହୋଇଥିଲା। କ୍ରୋମ୍‌ପଥର ଏବଂ ଲୁହାପଥର ଉତ୍ପାଦନ ମୂଲ୍ୟ ଅପେକ୍ଷା ବଜାରର ମୂଲ୍ୟ ଅଧିକ ଥିବାରୁ ଓଏମ୍‌ସି ଲିମିଟେଡ୍ ଲାଭ କରୁଥିଲା। ଓଏମ୍‌ସି ଲିମିଟେଡ୍ ଦ୍ୱାରା ଲାଭାଂଶ ବଣ୍ଟନର ଅଂଶକୁ ବାଦ ଦେଇ ଡିପିଆର 2014-15ରୁ 2018-19 ମଧ୍ୟରେ 3.13ରୁ 7.86 ପ୍ରତିଶତ ମଧ୍ୟରେ ରହିଥିଲା।

2018-19 ବର୍ଷରେ ଲାଭାଂଶ ଘୋଷଣା/ପ୍ରଦାନ କରିଥିବା ନଅଟି ପିଏସ୍‌ୟୁ ମଧ୍ୟରୁ ତିନୋଟି[45] ପିଏସ୍‌ୟୁ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ଲାଭାଂଶ ଘୋଷଣା କରିଥିଲେ, ଛଅଟି[46] ପିଏସ୍‌ୟୁ ନିର୍ଦ୍ଦିଷ୍ଟ ସୀମାଠାରୁ କମ୍ ଲାଭାଂଶ ଘୋଷଣା କରିଥିଲେ।

### *ସାଧାରଣ ଅଂଶଧନ ଉପରେ ଲାଭ*

**4.19** ସାଧାରଣ ଅଂଶଧନ ଉପରେ ଲାଭ (ଆରଓଇ) ହେଉଛି ଆର୍ଥିକ କାର୍ଯ୍ୟଦକ୍ଷତାର ଏକ ମାପ ଯାହା କମ୍ପାନୀର ସମ୍ପତ୍ତିକୁ କର୍ତ୍ତୃପକ୍ଷ କେତେ ପ୍ରଭାବଶାଳୀ ଭାବରେ ବ୍ୟବହାର କରୁଛନ୍ତି ତାହା ଆକଳନ କରିଥାଏ।

45 ଓଡ଼ିଶା ଖଣି ନିଗମ ଲିମିଟେଡ୍, ଓଡିଶା ନିର୍ମାଣ ନିଗମ ଲିମିଟେଡ୍ ଏବଂ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଲିମିଟେଡ୍।

46 ଓଡିଶା କୃଷି ପ୍ରସ୍ତାହନ ଏବଂ ପୁଞ୍ଜି ନିବେଶ ନିଗମ ଲିମିଟେଡ୍, ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍, ଓଡ଼ିଶା ବନ ଉନ୍ନୟନ ନିଗମ ଲିମିଟେଡ୍, ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍, ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍ ଏବଂ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍।

କମ୍ପାନୀର ଅଂଶୀଦାରମାନଙ୍କ ପାଣ୍ଠି ଦ୍ୱାରା ନିଟ୍ ଆୟ (ଅର୍ଥାତ୍ ଟିକସ ପରେ ନିଟ୍ ଲାଭ) ବିଭାଜନ କରି ଏହା ହିସାବ କରାଯାଏ ଏବଂ ଶତକଡା ଭାବରେ ପ୍ରକାଶ କରାଯାଇଥାଏ।

ଏକ କମ୍ପାନୀର ଅଂଶୀଦାର ପାଣ୍ଠି ସମାଦତ୍ତ ପୁଞ୍ଜି ଏବଂ ମୁକ୍ତ ଆରକ୍ଷଣରୁ ଏକତ୍ରୀକୃତ କ୍ଷତି ଏବଂ ସ୍ଥଗିତ ରାଜସ୍ୱ ଖର୍ଚ୍ଚର ବିଯୁକ୍ତ କରି ଗଣନା କରାଯାଏ ଏବଂ ସମସ୍ତ ସମ୍ପତ୍ତି ବିକ୍ରୟ ହେଲେ ଏବଂ ସମସ୍ତ ଋଣ ପରିଶୋଧ ହେଲେ କମ୍ପାନୀର ହିତାଧିକାରୀଙ୍କ ପାଇଁ କେତେ ବାକି ରହିବ ତାହା ପ୍ରକାଶ କରିଥାଏ। ଏକ ଧନାତ୍ମକ ଅଂଶୀଦାର ପାଣ୍ଠିରୁ ଜଣାପଡେ ଯେ ଏହାର ଦାୟିତ୍ୱ ବହନ କରିବାକୁ କମ୍ପାନୀର ପର୍ଯ୍ୟାପ୍ତ ସମ୍ପତ୍ତି ଅଛି ଯେଉଁସ୍ଥଳରେ ଋଣାତ୍ମକ ଅଂଶୀଦାର ପାଣ୍ଠିର ଅର୍ଥ ହେଉଛି ଯେ ସମ୍ପତ୍ତିଠାରୁ ଦାୟିତ୍ୱ ଅଧିକ ଅଟେ। ସାଧାରଣ ଅଂଶଧନ ଉପରେ ଲାଭ ସମସ୍ତ ଅଣ-ଶକ୍ତିକ୍ଷେତ୍ର ଉଦ୍ୟୋଗର କାର୍ଯ୍ୟ ଉପରେ ଗଣନା କରାଯାଇଛି ଯେଉଁଥିରେ ହୋଲଡିଂ ଏବଂ ସହାୟକ କମ୍ପାନୀ ଗୁଡିକ ଅନ୍ତର୍ଭୁକ୍ତ।

ସର୍ବଶେଷ ବାର୍ଷିକ ଆର୍ଥିକ ହିସାବ ଅନୁଯାୟୀ ଲାଭ କିମ୍ବା କ୍ଷତି କରିଥିବା ସମସ୍ତ କାର୍ଯ୍ୟରତ ରାଜ୍ୟ ପିଏସ୍ ୟୁ (ଅଣ-ଶକ୍ତିକ୍ଷେତ୍ର) ସମ୍ବନ୍ଧରେ ସାଧାରଣ ଅଂଶଧନ ଉପରେ ଲାଭର ବିବରଣୀ ନିମ୍ନ ସାରଣୀରେ ବିସ୍ତୃତ ଭାବେ ଦିଆଯାଇଛି:

**ସାରଣୀ 4.11: ରାଜ୍ୟ ପିଏସ୍‌ୟୁ (ଅଣ-ଶକ୍ତିକ୍ଷେତ୍ର) ସମ୍ବନ୍ଧରେ ସାଧାରଣ ଅଂଶଧନ ଉପରେ ଲାଭ**

*(ଟଙ୍କା କୋଟିରେ)*

| | ବର୍ଷ | ଅଣ-ଶକ୍ତିକ୍ଷେତ୍ର ପିଏସ୍‌ୟୁ ସଂଖ୍ୟା | ନିଟ୍ ଲାଭ/ କ୍ଷତି | ଅଂଶୀଦାରଙ୍କ ପାଣ୍ଠି | ଆରଓଇ ପ୍ରତିଶତ |
|---|---|---|---|---|---|
| | *1* | *2* | *3* | *4* | *5=3*100/4* |
| ଲାଭ ଅର୍ଜନ କରିଥିବା | 2014-15 | 26 | 1099.37 | 6750.44 | 16.29 |
| | 2015-16 | 29 | 1154.22 | 6538.75 | 17.65 |
| | 2016-17 | 30 | 1044.16 | 6861.64 | 15.22 |
| | 2017-18 | 31 | 237.92 | 1345.26 | 17.69 |
| | 2018-19 | 30 | 1024.07 | 7053.61 | 14.52 |
| କ୍ଷତି ସହିଥିବା | 2014-15 | 6 | -97.79 | -88.73 | - |
| | 2015-16 | 8 | -41.09 | -69.98 | - |
| | 2016-17 | 13 | -100.97 | 209.63 | - |
| | 2017-18 | 11 | -518.51 | 5615.79 | - |
| | 2018-19 | 11 | -169.36 | 141.79 | - |
| ମୋଟ୍* | 2014-15 | 32 | 1001.58 | 6661.71 | 15.03 |
| | 2015-16 | 37 | 1113.13 | 6468.77 | 17.21 |
| | 2016-17 | 43 | 943.19 | 7071.27 | 13.34 |
| | 2017-18 | 42 | -280.59 | 6961.05 | - |
| | 2018-19 | 41 | 854.71 | 7195.4 | 11.88 |

***(ଉତ୍ସ: ପିଏସ୍‌ୟୁ ମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ସଂକଳିତ)***

* *ଲାଭ କିମ୍ବା କ୍ଷତି ଅର୍ଜନ କରିନଥିବା ପିଏସ୍‌ୟୁ ଓ ଆରମ୍ଭରୁ ହିସାବ ଦାଖଲ କରିନଥିବା ପିଏସ୍‌ୟୁକୁ ବାଦ ଦିଆଯାଇଛି।*

2018-19 ମଧ୍ୟରେ, 41ଟି ପିଏସ୍‌ୟୁ ମଧ୍ୟରୁ 11ଟି କ୍ଷତି କରିଥିଲେ। ଯେହେତୁ ନିଟ୍ ଆୟ ଋଣାତ୍ମକ ଥିଲା, କ୍ଷତି କରିଥିବା ପିଏସ୍‌ୟୁଗୁଡିକର ଆରଓଇ ହିସାବ କରାଯାଇ ନାହିଁ। କ୍ଷତି କରିଥିବା କମ୍ପାନୀ ପାଇଁ ଅଂଶୀଦାରମାନଙ୍କ ପାଣ୍ଠି 2014-15 ଏବଂ 2015-16 ମଧ୍ୟରେ ଋଣାତ୍ମକ ଥିଲା। ମାର୍ଚ୍ଚ 2019ରେ ଶେଷ ହୋଇଥିବା ଗତ ପାଞ୍ଚ ବର୍ଷ ମଧ୍ୟରେ, 2014-15, 2015-16, 2016-17 ଏବଂ 2018-19 ମଧ୍ୟରେ ନିଟ୍ ଆୟ ଧନାତ୍ମକ ଥିଲା ଏବଂ ଏହି ବର୍ଷ ଗୁଡିକରେ ଆରଓଇ 11.88 ପ୍ରତିଶତରୁ 17.21 ପ୍ରତିଶତ ମଧ୍ୟରେ ଥିଲା। 2017-18ରେ ଅଣ-ଶକ୍ତିକ୍ଷେତ୍ରରେ ଥିବା ପିଏସ୍‌ୟୁଗୁଡିକର ଋଣାତ୍ମକ ଆରଓଇ ଓଡିଶା ଖଣି ନିଗମ ଲିମିଟେଡ୍ ଦ୍ୱାରା ହୋଇଥିବା 463.48 କୋଟି ଟଙ୍କା ନିଟ୍ କ୍ଷତି ହେତୁ ହୋଇଥିଲା।

ସମସ୍ତ କାର୍ଯ୍ୟରତ ରାଜ୍ୟ ପିଏସ୍‌ୟୁ ସମ୍ବନ୍ଧରେ ଆରଓଇର ବିବରଣୀ ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 4.12: ସମସ୍ତ କାର୍ଯ୍ୟରତ ରାଜ୍ୟ ପିଏସ୍‌ୟୁ (ଅଣ-ଶକ୍ତିକ୍ଷେତ୍ର) ସମ୍ବନ୍ଧରେ ସାଧାରଣ ଅଂଶଧନ ଉପରେ ଲାଭ**

(ଟଙ୍କା କୋଟିରେ)

| ବର୍ଷ | ଅଣ-ଶକ୍ତିକ୍ଷେତ୍ର ପିଏସ୍‌ୟୁ ସଂଖ୍ୟା | ନିଟ୍ ଲାଭ/ କ୍ଷତି | ଅଂଶୀଦାରଙ୍କ ପାଣ୍ଠି | ଆରଓଇ ପ୍ରତିଶତ |
|---|---|---|---|---|
| *1* | *2* | *3* | *4* | *5=3*100/4* |
| 2014-15 | 39 | 1001.58 | 6692.05 | 14.97 |
| 2015-16 | 44 | 1113.13 | 6479.80 | 17.18 |
| 2016-17 | 48 | 943.19 | 7217.80 | 13.07 |
| 2017-18 | 48 | -280.59 | 7222.31 | - |
| 2018-19 | 47 | 854.71 | 7455.37 | 11.46 |

*(ଉତ୍ସ: ପିଏସ୍‌ୟୁମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ସଂକଳିତ)*

### *ବିନିଯୁକ୍ତ ପୁଞ୍ଜି ଉପରେ ଲାଭ*

**4.20** ବିନିଯୁକ୍ତ ପୁଞ୍ଜି ଉପରେ ଲାଭ (ଆରଓସିଇ) ହେଉଛି ଏକ ଅନୁପାତ ଯାହାକି ଏକ କମ୍ପାନୀର ଲାଭ ଏବଂ ଏହାର ପୁଞ୍ଜି ନିୟୋଜନର ଦକ୍ଷତାକୁ ମାପ କରିଥାଏ। ବିନିଯୁକ୍ତ[47] ପୁଞ୍ଜି ଦ୍ୱାରା ସୁଧ ଏବଂ ଟିକସ ପୂର୍ବରୁ ଏକ କମ୍ପାନୀର ଆୟକୁ (ଇବିଆଇଟି) ଭାଗ କରି ଆରଓସିଇ ଗଣନା କରାଯାଏ। 2014-15ରୁ 2018-19 ମଧ୍ୟରେ ଥିବା ସମସ୍ତ ଲାଭ ଏବଂ କ୍ଷତି କରୁଥିବା କାର୍ଯ୍ୟରତ ରାଜ୍ୟ ପିଏସ୍‌ୟୁ(ଅଣ-ଶକ୍ତିକ୍ଷେତ୍ର)ର ସମୁଦାୟ ଆରଓସିଇର ବିବରଣୀ ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 4.13: ରାଜ୍ୟ ପିଏସ୍‌ୟୁ (ଅଣ-ଶକ୍ତିକ୍ଷେତ୍ର) ସମ୍ବନ୍ଧରେ ବିନିଯୁକ୍ତ ପୁଞ୍ଜି ଉପରେ ଲାଭ**

*(ଟଙ୍କା କୋଟିରେ)*

| | ବର୍ଷ | ଅଣ-ଶକ୍ତିକ୍ଷେତ୍ର ପିଏସ୍‌ୟୁ ସଂଖ୍ୟା | ଇବିଆଇଟି | ନିୟୋଜିତ ପୁଞ୍ଜି | ଆରଓଇ (ପ୍ରତିଶତ) |
|---|---|---|---|---|---|
| | *1* | *2* | *3* | *4* | *5=3*100/4* |
| ଲାଭ ଅର୍ଜନ କରିଥିବା | 2014-15 | 26 | 1713.85 | 7342.17 | 23.34 |
| | 2015-16 | 29 | 1753.06 | 7117.77 | 24.63 |
| | 2016-17 | 30 | 1723.44 | 7509.05 | 22.95 |
| | 2017-18 | 31 | 341.1 | 2173.18 | 15.70 |
| | 2018-19 | 30 | 1628.39 | 7202.97 | 22.61 |
| କ୍ଷତି ସହିଥିବା | 2014-15 | 6 | -113.65 | 26.73 | - |
| | 2015-16 | 8 | -39.57 | 41.85 | - |
| | 2016-17 | 13 | -69.27 | 920.72 | - |
| | 2017-18 | 11 | -877.31 | 6135.94 | - |
| | 2018-19 | 11 | -131.4 | 884.95 | - |
| ମୋଟ୍* | 2014-15 | 32 | 1600.2 | 7368.9 | 21.72 |
| | 2015-16 | 37 | 1713.49 | 7159.62 | 23.93 |
| | 2016-17 | 43 | 1654.17 | 8429.77 | 19.62 |
| | 2017-18 | 42 | -536.21 | 8309.12 | - |
| | 2018-19 | 41 | 1496.99 | 8087.92 | 18.51 |

*(ଉତ୍ସ: ପିଏସ୍‌ୟୁ ମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ସଂକଳିତ)*

* *ଲାଭ କିମ୍ବା କ୍ଷତି ଅର୍ଜନ କରିନଥିବା ପିଏସ୍‌ୟୁ ଓ ଆରମ୍ଭରୁ ହିସାବ ଦାଖଲ କରିନଥିବା ପିଏସ୍‌ୟୁକୁ ବାଦ ଦିଆଯାଇଛି।*

2018-19 ମଧ୍ୟରେ, 41ଟି କାର୍ଯ୍ୟରତ ପିଏସ୍‌ୟୁ ମଧ୍ୟରୁ 11ଟି କ୍ଷତି କରିଥିଲେ। ଯେହେତୁ ଏକ 11ଟି ପିଏସ୍‌ୟୁର ଇବିଆଇଟି ଋଣାତ୍ମକ ଥିଲା, କ୍ଷତି କରିଥିବା ପିଏସ୍‌ୟୁଗୁଡିକର ଆରଓସିଇ ହିସାବ କରାଯାଇ ନାହିଁ। 2014-15ରୁ 2018-19 ମଧ୍ୟରେ ପିଏସ୍‌ୟୁଗୁଡିକର ଆରଓସି 18.51 ପ୍ରତିଶତ ରୁ 23.93 ପ୍ରତିଶତ ମଧ୍ୟରେ ଥିଲା। ଋଣାତ୍ମକ ଇବିଆଇଟି କାରଣରୁ 2017-18 ମଧ୍ୟରେ 42ଟି ପିଏସ୍‌ୟୁର ଆରଓସିଇ ହିସାବ କରାଯାଇ ନାହିଁ।

---

[47] ବିନିଯୁକ୍ତ ପୁଞ୍ଜି = ସମାଦତ୍ତ ପୁଞ୍ଜି + ମୁକ୍ତ ଆରକ୍ଷଣ ଏବଂ ବଳକା + ଦୀର୍ଘକାଳୀନ ଋଣ – ଏକତ୍ରୀକୃତ କ୍ଷତି – ସ୍ଥଗିତ ରାଜସ୍ୱ ଖର୍ଚ୍ଚ । ସଂଖ୍ୟା ଗୁଡିକ ସଦ୍ୟତମ ବର୍ଷ ପାଇଁ ଅଟେ ଯେଉଁଥି ପାଇଁ ପିଏସ୍‌ୟୁଗୁଡିକର ହିସାବ ଚୂଡାନ୍ତ ହୋଇଛି।

### *ରାଜ୍ୟ ପିଏସ୍‌ୟୁ (ଅଣ-ଶକ୍ତିକ୍ଷେତ୍ର)ଗୁଡିକର ଦୀର୍ଘକାଳୀନ ଋଣର ବିଶ୍ଳେଷଣ*

**4.21** କମ୍ପାନୀଗୁଡିକ ଯାହାକି 2014-15ରୁ 2018-19 ମଧ୍ୟରେ କରଜ ନେଇଥିଲେ ସେମାନଙ୍କ ଦ୍ୱାରା ସରକାର, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ପ୍ରତିଷ୍ଠାନ ଗୁଡିକୁ ଋଣ ପରିଶୋଧ କରିବାର କ୍ଷମତା ଆକଳନ କରିବା ପାଇଁ ସେହି କମ୍ପାନୀଗୁଡିକର ଦୀର୍ଘକାଳୀନ ଋଣର ବିଶ୍ଳେଷଣ କରାଯାଇଥିଲା। ସୁଧ ଭରଣ ଅନୁପାତ ଏବଂ ଋଣ କାରବାର ଅନୁପାତ ମାଧ୍ୟମରେ ଏହାର ମୂଲ୍ୟାଙ୍କନ କରାଯାଏ।

### *ସୁଧ ଭରଣ ଅନୁପାତ*

**4.22** ସୁଧ ଭରଣ ଅନୁପାତ ଏକ ପିଏସ୍‌ୟୁର ବକେୟା ଋଣ ଉପରେ ସୁଧ ଦେବାର କ୍ଷମତା ନିର୍ଣ୍ଣୟ କରିବା ପାଇଁ ବ୍ୟବହୃତ ହୁଏ ଏବଂ ସମାନ ସମୟର ସୁଧ ଖର୍ଚ୍ଚ ଦ୍ୱାରା ପିଏସ୍‌ୟୁର ସୁଧ ଏବଂ ଟିକସ ପୂର୍ବରୁ ଆୟ(ଇବିଆଇଟି)କୁ ବିଭାଜିତ କରି ଗଣନା କରାଯାଏ। ଅନୁପାତ କମ୍ ହେଲେ ପିଏସ୍‌ୟୁଗୁଡିକର ଋଣ ଉପରେ ସୁଧ ଦେବାର କ୍ଷମତା କମ୍ ଅଟେ। ଏକରୁ କମ୍ ସୁଧ ଭରଣ ଅନୁପାତ ସୂଚାଇ ଥାଏ ଯେ ପିଏସ୍‌ୟୁ ସୁଧ ବାବଦରେ ଏହାର ଖର୍ଚ୍ଚ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ରାଜସ୍ୱ ଉପାର୍ଜନ କରୁନାହିଁ। ପିଏସ୍‌ୟୁଗୁଡିକ ଯାହା ଉପରେ 2014-15ରୁ 2018-19 ମଧ୍ୟରେ ସୁଧ ଭାର ଥିଲା ସେମାନଙ୍କର ସୁଧ ଭରଣ ଅନୁପାତର ବିବରଣୀ ନିମ୍ନ ସାରଣୀରେ ଦିଆଯାଇଅଛି:

**ସାରଣୀ 4.14: ରାଜ୍ୟ ପିଏସ୍‌ୟୁ(ଅଣ-ଶକ୍ତିକ୍ଷେତ୍ର)ଗୁଡିକର ସୁଧ ଭରଣ ଅନୁପାତ**

| ବର୍ଷ | ସୁଧ (ଟଙ୍କା କୋଟିରେ) | ରୋଜଗାର ପୂର୍ବରୁ ସୁଧ ଏବଂ କର (ଇବିଆଇଟି) (ଟଙ୍କା କୋଟିରେ) | ସରକାରୀ ଏବଂ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନରୁ ଋଣର ଦାୟିତ୍ୱ ଥିବା ପିଏସ୍‌ୟୁ ସଂଖ୍ୟା | ସୁଧ ଭରଣ ଅନୁପାତ 1ରୁ ଅଧିକ ଥିବା ପିଏସ୍‌ୟୁ ସଂଖ୍ୟା | ସୁଧ ଭରଣ ଅନୁପାତ 1ରୁ କମ୍ ଥିବା ପିଏସ୍‌ୟୁ ସଂଖ୍ୟା |
|---|---|---|---|---|---|
| 2014-15 | 48.87 | 1600.20 | 18 | 14 | 04 |
| 2015-16 | 46.44 | 1713.49 | 15 | 13 | 02 |
| 2016-17 | 87.48 | 1654.17 | 17 | 12 | 05 |
| 2017-18 | 63.38 | -536.21 | 14 | 12 | 02 |
| 2018-19 | 67.82 | 1469.51 | 12 | 09 | 03 |

*(ଉତ୍ସ: ପିଏସ୍‌ୟୁମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ସଂକଳିତ)*

2018-19ରେ 12ଟି ରାଜ୍ୟ ପିଏସ୍‌ୟୁ (ଅଣ-ଶକ୍ତିକ୍ଷେତ୍ର) ଯାହାର ସରକାର ତଥା ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନରୁ ଋଣର ଦାୟିତ୍ୱ ଥିଲା, ତାହା ମଧ୍ୟରୁ 9ଟି ପିଏସ୍‌ୟୁର ସୁଧ ଭରଣ ଅନୁପାତ ଏକରୁ ଅଧିକ ରହିଥିଲା ବେଳେ ଅବଶିଷ୍ଟ ତିନୋଟି ପିଏସ୍‌ୟୁରେ ସୁଧ ଭରଣ ଅନୁପାତ ଏକରୁ କମ୍ ଥିଲା ଯାହାକି ସୂଚାଇଥିଲା ଯେ ଏହି ତିନୋଟି ପିଏସ୍‌ୟୁ ଏହି ସମୟ ମଧ୍ୟରେ ସୁଧ ବାବଦରେ ହୋଇଥିବା ଖର୍ଚ୍ଚ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ରାଜସ୍ୱ ଉପାର୍ଜନ କରିପାରି ନଥିଲେ।

### *ଋଣ କାରବାରର ଅନୁପାତ*

**4.23** ଗତ ପାଞ୍ଚ ବର୍ଷ ମଧ୍ୟରେ, 73ଟି ପିଏସ୍‌ୟୁର କାରବାରରେ ବାର୍ଷିକ ଚକ୍ରବୃଦ୍ଧି ହାରରେ 17.90 ପ୍ରତିଶତ ଅଭିବୃଦ୍ଧି ଘଟିଛି ଏବଂ ବାର୍ଷିକ ଋଣର ଚକ୍ରବୃଦ୍ଧି ହାର 5.36 ପ୍ରତିଶତ ହୋଇଛି ଯାହା ଦ୍ୱାରା ଋଣ କାରବାରର ଅନୁପାତ 2013-14ରେ 0.093ରୁ 2017-18ରେ 0.089କୁ ଉନ୍ନତି ହୋଇଥିଲା କିନ୍ତୁ ପୁନର୍ବାର 2018-19ରେ 0.053କୁ ହ୍ରାସ ପାଇଛି, ଯାହା ନିମ୍ନ ସାରଣୀରେ ଦିଆଯାଇଅଛି:

**ସାରଣୀ 4.15: ରାଜ୍ୟ ପିଏସ୍ୟୁ(ଅଣ-ଶକ୍ତିକ୍ଷେତ୍ର)ଗୁଡିକର ଋଣ କାରବାର ଅନୁପାତ**

*(ଟଙ୍କା କୋଟିରେ)*

| ସବିଶେଷ ବିବରଣୀ | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|
| ସରକାର ଏବଂ ଅନ୍ୟମାନଙ୍କଠାରୁ ଋଣ (ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନ) | 4525.67 | 721.51 | 1389.16 | 1378.73 | 923.96 |
| କାରବାର | 8488.72 | 11562.65 | 13084.08 | 15539.81 | 17480.34 |
| ଋଣ-କାରବାର ଅନୁପାତ | 0.53:1 | 0.06:1 | 0.11:1 | 0.089:1 | 0.053:1 |

*(ଉତ୍ସ: ପିଏସ୍ୟୁମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ସଂକଳିତ)*

ଏହି ଅବଧି ମଧ୍ୟରେ ଋଣ କାରବାର ଅନୁପାତ 0.053ରୁ 0.53 ମଧ୍ୟରେ ଥିଲା ।

## ନିଷ୍କ୍ରିୟ ରାଜ୍ୟ ପିଏସ୍ୟୁଗୁଡିକର ପରିସମାପନ

**4.24** 73ଟି ରାଜ୍ୟ ପିଏସ୍ୟୁ(ଅଣ-ଶକ୍ତିକ୍ଷେତ୍ର)ଗୁଡିକରେ 26ଟି ନିଷ୍କ୍ରିୟ କମ୍ପାନୀ ଥିଲା ଯେଉଁଥିରେ 31 ମାର୍ଚ୍ଚ 2018 ସୁଦ୍ଧା ପୁଞ୍ଜି (65.30 କୋଟି ଟଙ୍କା) ଏବଂ ଦୀର୍ଘକାଳୀନ ଋଣ (30.66 କୋଟି ଟଙ୍କା) ସହିତ ମୋଟ୍ 95.96 କୋଟି ଟଙ୍କାର ବିନିଯୋଗ କରାଯାଇଥିଲା। 31 ମାର୍ଚ୍ଚ 2019 ଶେଷ ସୁଦ୍ଧା ଗତ ପାଞ୍ଚ ବର୍ଷ ମଧ୍ୟରେ ପ୍ରତ୍ୟେକ ବର୍ଷର ଶେଷରେ ନିଷ୍କ୍ରିୟ ପିଏସ୍ୟୁଗୁଡିକ ସଂଖ୍ୟା ନିମ୍ନରେ ଦିଆଯାଇଅଛି:

**ସାରଣୀ 4.16: ନିଷ୍କ୍ରିୟ ରାଜ୍ୟ ପିଏସ୍ୟୁ**

| ସବିଶେଷ ବିବରଣୀ | 2014-15 | 2015-16 | 2016-17 | 2017-18 | 2018-19 |
|---|---|---|---|---|---|
| ନିଷ୍କ୍ରିୟ କମ୍ପାନୀ ଗୁଡିକର ସଂଖ୍ୟା | 28 | 28 | 28 | 26 | 26 |

*(ଉତ୍ସ: ସମୀକ୍ଷା ପ୍ରତିବେଦନ(ପିଏସ୍ୟୁ)ରେ ଅନ୍ତର୍ଭୁକ୍ତ ହୋଇଥିବା ସୂଚନା ଏବଂ ଓଡ଼ିଶାର କମ୍ପାନୀ ନିବନ୍ଧକ ତଥା ସରକାରୀ ସମାପକଙ୍କଠାରୁ ହାସଲ ସମ୍ପୃକ୍ତ ବର୍ଷର ତଥ୍ୟରୁ ସଂକଳିତ)*

ଏହି ନିଷ୍କ୍ରିୟ ପିଏସ୍ୟୁ ମଧ୍ୟରୁ 16ଟି ପରିସମାପନ ପ୍ରକ୍ରିୟାରେ ଥିଲା। ଯେହେତୁ ଏହି ପିଏସ୍ୟୁଗୁଡିକ ବହୁ ବର୍ଷଧରି କାର୍ଯ୍ୟକ୍ଷମ ନଥିଲା, ସରକାର ଏହି ପିଏସ୍ୟୁଗୁଡିକ ସମ୍ବନ୍ଧରେ ଉପଯୁକ୍ତ ନିଷ୍ପତ୍ତି ନେଇପାରନ୍ତି ।

## ରାଜ୍ୟ ପିଏସ୍ୟୁ(ଅଣ-ଶକ୍ତିକ୍ଷେତ୍ର)ର ହିସାବ ଉପରେ ମନ୍ତବ୍ୟ

**4.25** 33ଟି କାର୍ଯ୍ୟକ୍ଷମ କମ୍ପାନୀ 41ଟି ସମୀକ୍ଷିତ ହିସାବ ପ୍ରଧାନ ମହାଲେଖାକାରଙ୍କ ନିକଟକୁ 01 ଅକ୍ଟୋବର 2018ରୁ 30 ସେପ୍ଟେମ୍ବର 2019 ପର୍ଯ୍ୟନ୍ତ ପଠାଇଥିଲେ। ଏଥିମଧ୍ୟରୁ 17ଟି ହିସାବକୁ ଅନୁପୂରକ ସମୀକ୍ଷା ପାଇଁ ଚୟନ କରାଯାଇଥିଲା। ବୈଧାନିକ ସମୀକ୍ଷକଙ୍କ ସମୀକ୍ଷା ପ୍ରତିବେଦନ ଏବଂ ସିଏଜିଙ୍କ ଦ୍ୱାରା ହୋଇଥିବା ଅନୁପୂରକ ସମୀକ୍ଷା ସୂଚାଇ ଦେଇଛି ଯେ ହିସାବ ଗୁଡିକର ଗୁଣବତ୍ତାରେ କିଛି ଉନ୍ନତି ଆବଶ୍ୟକ। ବୈଧାନିକ ସମୀକ୍ଷକ ଏବଂ ସିଏଜିଙ୍କର ମନ୍ତବ୍ୟଗୁଡିକର ସମୁଦାୟ ଅର୍ଥର ମୂଲ୍ୟର ବିବରଣୀ ଗୁଡିକ ନିମ୍ନଲିଖିତ ପ୍ରକାରେ ଅଟେ:

**ସାରଣୀ 4.17: କାର୍ଯ୍ୟକ୍ଷମ କମ୍ପାନୀଙ୍କ ଉପରେ ସମ୍ପାଦନ ମନ୍ତବ୍ୟର ପ୍ରଭାବ (ଅଣ-ଶକ୍ତିକ୍ଷେତ୍ର)**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ସବିଶେଷ ବିବରଣୀ | 2016-17 | | 2017-18 | | 2018-19 | |
|---|---|---|---|---|---|---|---|
| | | ହିସାବଗୁଡିକର ସଂଖ୍ୟା | ପରିମାଣ | ହିସାବଗୁଡିକର ସଂଖ୍ୟା | ପରିମାଣ | ହିସାବଗୁଡିକର ସଂଖ୍ୟା | ପରିମାଣ |
| **1.** | ଲାଭରେ ହ୍ରାସ | 15 | 217.30 | 12 | 733.82 | 12 | 183.53 |
| **2.** | ଲାଭରେ ବୃଦ୍ଧି | 4 | 10.70 | 7 | 19.77 | 09 | 211.58 |
| **3.** | କ୍ଷତିରେ ବୃଦ୍ଧି | 4 | 85.26 | 3 | 296.95 | 4 | 22.81 |
| **4.** | କ୍ଷତିରେ ହ୍ରାସ | 2 | 10.84 | 0 | 0 | 0 | 0 |
| **5.** | ବସ୍ତୁଗତ ତଥ୍ୟର ପ୍ରକାଶ ନକରିବା | 6 | 145.20 | 5 | 208.99 | 2 | 564.09 |
| **6.** | ବର୍ଗୀକରଣରେ ତ୍ରୁଟି | କିଛି ନାହିଁ | କିଛି ନାହିଁ | **4** | **3.89** | କିଛି ନାହିଁ | କିଛି ନାହିଁ |

*(ଉତ୍ସ: ସିଏଜି ଏବଂ ବୈଧାନିକ ସମୀକ୍ଷକଙ୍କ ସମୀକ୍ଷା ମନ୍ତବ୍ୟ)*

2018-19 ବର୍ଷ ମଧ୍ୟରେ ବୈଧାନିକ ସମୀକ୍ଷକମାନେ 25ଟି ହିସାବ ପାଇଁ ମନ୍ତବ୍ୟଯୁକ୍ତ ପ୍ରମାଣପତ୍ର ପ୍ରଦାନ କରିଥିଲେ। କମ୍ପାନୀଗୁଡିକର ହିସାବ ମାନଦଣ୍ଡ(ଏଏସ୍)ର ଅନୁପାଳନ ନିମ୍ନମାନର ହୋଇଥିଲା, ଯେହେତୁ ବର୍ଷ ମଧ୍ୟରେ 10ଟି ହିସାବରେ ହିସାବ ମାନଦଣ୍ଡ ଅନୁପାଳନ ହୋଇନଥିବାର 19ଟି ଦୃଷ୍ଟାନ୍ତ ଥିଲା ଏବଂ ଗୋଟିଏ ହିସାବରେ ହିସାବ ମାନଦଣ୍ଡ (ଆଇଏଏସ୍)ର ଅନୁପାଳନ ହୋଇ ନଥିବାର ଚାରୋଟି ଦୃଷ୍ଟାନ୍ତ ଥିଲା।

**4.26** ରାଜ୍ୟରେ ତିନୋଟି ବୈଧାନିକ ନିଗମ ଯଥା, (i) ଓଡିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସ୍ଆର୍‌ଟିସି), (ii) ଓଡିଶା ରାଜ୍ୟ ଅର୍ଥ ନିଗମ (ଓଏସ୍ଏଫ୍‌ସି) ଏବଂ (iii) ଓଡିଶା ରାଜ୍ୟ ପଣ୍ୟାଗାର ନିଗମ (ଓଏସ୍‌ଡବ୍ଲ୍ୟୁସି) ଅଛି। ସିଏଜି ହେଉଛନ୍ତି ଓଏସ୍ଆର୍‌ଟିସିର ଏକ ମାତ୍ର ସମୀକ୍ଷକ। ତିନୋଟି କାର୍ଯ୍ୟକ୍ଷମ ବୈଧାନିକ ନିଗମ ମଧ୍ୟରୁ ଗୋଟିଏ ନିଗମ 2018-19 ବର୍ଷ ପାଇଁ ଏହାର ବାର୍ଷିକ ହିସାବ ପଠାଇଥିଲା ବେଳେ ଦୁଇଟି ନିଗମ 01 ଅକ୍ଟୋବର 2018ରୁ 30 ସେପ୍ଟେମ୍ବର 2019 ମଧ୍ୟରେ 2017-18 ବର୍ଷ ପାଇଁ ବାର୍ଷିକ ହିସାବ ପଠାଇଥିଲେ। ଏଥିମଧ୍ୟରୁ ଓଡିଶା ରାଜ୍ୟ ସଡକ ପରିବହନ ନିଗମର ହିସାବ ପାଇଁ ସିଏଜି ହେଉଛନ୍ତି ଏକ ମାତ୍ର ସମୀକ୍ଷକ। ଅବଶିଷ୍ଟ ଦୁଇଟି ହିସାବ ଅନୁପୂରକ ସମୀକ୍ଷା ପାଇଁ ଚୟନ କରାଯାଇଥିଲା। ଲାଭ ହ୍ରାସ ଏବଂ କ୍ଷତି ବୃଦ୍ଧି ଦିଗରେ ମନ୍ତବ୍ୟ ଆଧାରରେ ସମସ୍ତ ତିନୋଟି ହିସାବକୁ ମନ୍ତବ୍ୟଯୁକ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବୈଧାନିକ ନିଗମଗୁଡିକ ଉପରେ ବୈଧାନିକ ସମୀକ୍ଷକ ଏବଂ ସିଏଜିଙ୍କର ମନ୍ତବ୍ୟର ସମୁଦାୟ ମୂଲ୍ୟର ବିବରଣୀ ନିମ୍ନରେ ଦିଆଯାଇଛି:

**ସାରଣୀ 4.18: ବୈଧାନିକ ନିଗମ ଉପରେ ସମୀକ୍ଷା ମନ୍ତବ୍ୟର ପ୍ରଭାବ**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ସବିଶେଷ ବିବରଣୀ | 2016-17 | | 2017-18 | | 2018-19 | |
|---|---|---|---|---|---|---|---|
| | | ହିସାବ ସଂଖ୍ୟା | ପରିମାଣ | ହିସାବ ସଂଖ୍ୟା | ପରିମାଣ | ହିସାବ ସଂଖ୍ୟା | ପରିମାଣ |
| 1. | ଲାଭରେ ହ୍ରାସ | 1 | 1.19 | 2 | 6.71 | 2 | 2.14 |
| 2. | ଲାଭରେ ବୃଦ୍ଧି | 0 | 0 | 0 | 0 | 1 | 0.11 |
| 3. | କ୍ଷତିରେ ବୃଦ୍ଧି | 1 | 5.00 | 1 | 1.68 | 0 | 0 |
| 4. | କ୍ଷତିରେ ହ୍ରାସ | 0 | 0 | 0 | 0 | 0 | 0 |
| 5. | ବସ୍ତୁଗତ ତଥ୍ୟର ପ୍ରକାଶ ନକରିବା | 0 | 0 | 0 | 0 | 0 | 0 |
| 6. | ବର୍ଗୀକରଣରେ ତ୍ରୁଟି | 0 | 0 | 0 | 0 | 0 | 0 |

*(ଉତ୍ସ: ମହାଲେଖାକାରଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ତଥ୍ୟ)*

## କାର୍ଯ୍ୟସମ୍ପାଦନ ଏବଂ ଅନୁପାଳନ ସମୀକ୍ଷା ଅନୁଚ୍ଛେଦ

**4.27** 31 ମାର୍ଚ୍ଚ 2019ରେ ଶେଷ ହୋଇଥିବା ବର୍ଷ ପାଇଁ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ପ୍ରତିବେଦନ (ସରକାରୀ ଉଦ୍ୟୋଗ) ପାଇଁ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍‌କୋ)ର ଭିତ୍ତିଭୂମି ଉନ୍ନୟନ ଓ ପ୍ରକଳ୍ପ ପରିଚାଳନା କାର୍ଯ୍ୟକ୍ରମର ଏକ କାର୍ଯ୍ୟସମ୍ପାଦନ ସମୀକ୍ଷା ଓ ଛଅଟି ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଉପରେ ଛଅ ସପ୍ତାହ ମଧ୍ୟରେ ଉତ୍ତର ଦେବା ପାଇଁ ଅନୁରୋଧ କରି ସମ୍ପୃକ୍ତ ବିଭାଗୀୟ ସଚିବମାନଙ୍କୁ ପ୍ରଦାନ କରାଯାଇଥିଲା। ସମସ୍ତ ଅନୁଚ୍ଛେଦ ଉପରେ ରାଜ୍ୟ ସରକାରଙ୍କଠାରୁ ଉତ୍ତରଗୁଡିକ ଗ୍ରହଣ କରାଯାଇଥିଲା ଏବଂ ଏହି ପ୍ରତିବେଦନ ଚୂଡାନ୍ତ କରିବା ବେଳେ ଏହାକୁ ବିଚାରକୁ ନିଆଯାଇଥିଲା। ଏହି ସମୀକ୍ଷା ଅନୁଚ୍ଛେଦଗୁଡିକର ମୋଟ୍ ଆର୍ଥିକ ପ୍ରଭାବ ହେଉଛି 261.98 କୋଟି ଟଙ୍କା।

## ସମୀକ୍ଷା ପ୍ରତିବେଦନ ଉପରେ ଅନୁଗାମୀ ପଦକ୍ଷେପ

### *ବାକିଥିବା ଜବାବ*

**4.28** ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି)ଙ୍କ ପ୍ରତିବେଦନ ହେଉଛି ସମୀକ୍ଷା ଯାଞ୍ଚର ଫଳାଫଳ। ତେଣୁ କାର୍ଯ୍ୟନିର୍ବାହୀଙ୍କଠାରୁ ଏହାର ଉପଯୁକ୍ତ ଏବଂ ସମୟୋଚିତ ଉତ୍ତର ପ୍ରାପ୍ତ ହେବା ଆବଶ୍ୟକ। ସିଏଜିଙ୍କ ପ୍ରତିବେଦନରେ ଅନ୍ତର୍ଭୁକ୍ତ ଅନୁଚ୍ଛେଦ/କାର୍ଯ୍ୟସମ୍ପାଦନ ସମୀକ୍ଷାଗୁଡିକର ଉତ୍ତର/ବ୍ୟାଖ୍ୟାତ୍ମକ ଟିପ୍ପଣୀ ପ୍ରଦାନ କରିବା ପାଇଁ ଓଡିଶା ସରକାରଙ୍କ ଅର୍ଥ ବିଭାଗ ସମସ୍ତ ପ୍ରଶାସନିକ ବିଭାଗଗୁଡିକୁ ନିର୍ଦ୍ଦେଶନାମା ଜାରି (ଡିସେମ୍ବର 1993) କରିଥିଲେ ଏବଂ ନିର୍ଦ୍ଦେଶନାମା ଅନୁଯାୟୀ ବିଧାନସଭାରେ ସମୀକ୍ଷା ପ୍ରତିବେଦନ ଉପସ୍ଥାପିତ ହେବାର ତିନିମାସ ମଧ୍ୟରେ ସରକାରୀ ଉଦ୍ୟୋଗ ସମିତି(କୋପୁ)ଠାରୁ କୌଣସି ପ୍ରଶ୍ନାବଳୀକୁ ଅପେକ୍ଷା ନକରି

ଅନୁଚ୍ଛେଦ/କାର୍ଯ୍ୟସମ୍ପାଦନ ସମୀକ୍ଷାଗୁଡିକର ଉତ୍ତର/ ବ୍ୟାଖ୍ୟାତ୍ମକ ଟିପ୍ପଣୀ ପ୍ରଶାସନିକ ବିଭାଗଗୁଡିକ ବିହିତ ଆକାରରେ ପ୍ରଦାନ କରିବେ।

**ସାରଣୀ 4.19: ଅଣ-ଶକ୍ତିକ୍ଷେତ୍ର ପିଏସ୍‌ୟୁ ସହିତ ଜଡିତ ସମୀକ୍ଷା ପ୍ରତିବେଦନ ଉପରେ ବ୍ୟାଖ୍ୟାତ୍ମକ ଟିପ୍ପଣୀର ସ୍ଥିତି (30 ସେପ୍ଟେମ୍ବର 2019 ସୁଦ୍ଧା)**

| ସମୀକ୍ଷା ପ୍ରତିବେଦନ ର ବର୍ଷ (ବାଣିଜ୍ୟିକ/ ପିଏସ୍‌ୟୁ) | ରାଜ୍ୟ ବିଧାନସଭାରେ ସମୀକ୍ଷା ପ୍ରତିବେଦନ ଉପସ୍ଥାପନର ତାରିଖ | ସମୀକ୍ଷା ପ୍ରତିବେଦନରେ ଥିବା ମୋଟ୍ ଅଣ-ଶକ୍ତିକ୍ଷେତ୍ର କାର୍ଯ୍ୟସମ୍ପାଦନ ସମୀକ୍ଷା (ପିଏ) ଏବଂ ଅନୁଚ୍ଛେଦ | | ଅଣ-ଶକ୍ତି କ୍ଷେତ୍ର କାର୍ଯ୍ୟସମ୍ପାଦନ ସମୀକ୍ଷା (ପିଏ) ଏବଂ ଅନୁଚ୍ଛେଦ ଗୁଡିକର ସଂଖ୍ୟା ଯେଉଁଗୁଡିକର ବ୍ୟାଖ୍ୟାତ୍ମକ ଟିପ୍ପଣୀ ହସ୍ତଗତ ହୋଇନଥିଲା | |
|---|---|---|---|---|---|
| | | ପିଏ | ଅନୁଚ୍ଛେଦ | ପିଏ | ଅନୁଚ୍ଛେଦ |
| 2010-11 | 29 ମାର୍ଚ୍ଚ 2012 | 3 | 13 | - | 1 |
| 2013-14 | 24 ଅଗଷ୍ଟ 2015 | 2 | 6 | 1 | 1 |
| 2014-15 | 26 ସେପ୍ଟେମ୍ବର 2016 | 1 | 11 | - | 2 |
| 2015-16 | 16 ସେପ୍ଟେମ୍ବର 2017 | 1 | 10 | 1 | 5 |
| 2016-17 | 26 ମାର୍ଚ୍ଚ 2018 | 1 | 5 | 1 | 5 |
| ମୋଟ୍ | -- | **8** | **45** | **3** | **14** |

*(ଉତ୍ସ: ମହାଲେଖାକାରଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ତଥ୍ୟ)*

ସେପ୍ଟେମ୍ବର 2019 ପର୍ଯ୍ୟନ୍ତ ପାଞ୍ଚଟି ବିଭାଗଠାରୁ 17ଟି ଅନୁଚ୍ଛେଦ/କାର୍ଯ୍ୟସମ୍ପାଦନ ସମୀକ୍ଷା ଉପରେ ବ୍ୟାଖ୍ୟାତ୍ମକ ଟିପ୍ପଣୀ ଆସି ନଥିଲା।

### *କୋପୁ ଦ୍ୱାରା ସମୀକ୍ଷା ପ୍ରତିବେଦନଗୁଡିକର ଆଲୋଚନା*

**4.29** 30 ସେପ୍ଟେମ୍ବର 2019 ସୁଦ୍ଧା ପ୍ରକାଶିତ ହୋଇଥିବା ପିଏସ୍‌ୟୁ (ଅଣ-ଶକ୍ତିକ୍ଷେତ୍ର) ସହିତ ଜଡିତ କାର୍ଯ୍ୟସମ୍ପାଦନ ସମୀକ୍ଷା ଏବଂ ଅନୁଚ୍ଛେଦ ଗୁଡିକର କୋପୁ ଦ୍ୱାରା ଆଲୋଚନାର ସ୍ଥିତି ନିମ୍ନରେ ପ୍ରଦାନ କରାଗଲା:

**ସାରଣୀ 4.20: 30 ସେପ୍ଟେମ୍ବର 2019 ସୁଦ୍ଧା ସମୀକ୍ଷା ପ୍ରତିବେଦନରେ ପ୍ରକାଶିତ ହୋଇଥିବା କାର୍ଯ୍ୟ ସମ୍ପାଦନ ସମୀକ୍ଷା/ ଅନୁଚ୍ଛେଦ ଏବଂ ସେଗୁଡିକର ଆଲୋଚନା**

| ସମୀକ୍ଷା ପ୍ରତିବେଦନର ଅବଧି | ଅଣ-ଶକ୍ତି କ୍ଷେତ୍ର କାର୍ଯ୍ୟସମ୍ପାଦନ ସମୀକ୍ଷା/ ଅନୁଚ୍ଛେଦଗୁଡିକର ସଂଖ୍ୟା | | | |
|---|---|---|---|---|
| | ସମୀକ୍ଷା ପ୍ରତିବେଦନରେ ପ୍ରକାଶିତ | | ଆଲୋଚିତ | |
| | ପିଏ | ଅନୁଚ୍ଛେଦ | ପିଏ | ଅନୁଚ୍ଛେଦ |
| 2008-09 | 1 | 11.5 | 0 | 8 |
| 2009-10 | 1 | 10 | 1 | 9 |
| 2010-11 | 3 | 13 | 1 | 12 |
| 2011-12 | 1 | 12 | 1 | 12 |
| 2012-13 | 1 | 7 | 1 | 7 |
| 2013-14 | 2 | 6 | 0 | 5 |
| 2014-15 | 1 | 11 | 0 | 1 |
| 2015-16 | 1 | 10 | 0 | 0 |
| 2016-17 | 1 | 5 | 0 | 0 |
| ମୋଟ୍ | **12** | **85.5** | **4** | **54** |

*(ଉତ୍ସ: ମହାଲେଖାକାରଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ତଥ୍ୟ)*

ସରକାରୀ ଉଦ୍ୟୋଗ ସମିତିକୁ ସେମାନଙ୍କର ପ୍ରଥମ ବୈଠକରେ (ଜୁନ୍ 2018) ଆଲୋଚନା ପାଇଁ ବକେୟା ଥିବା ସମୀକ୍ଷା ପ୍ରତିବେଦନର ଅନୁଚ୍ଛେଦ ବିଷୟଗୁଡିକରେ ଅବଗତ କରାଯାଇଥିଲା। 2018-19ରେ, ପିଏଜିଙ୍କର ସଂଯୋଜନା ଏବଂ ସହାୟତା ଦ୍ୱାରା କୋପୁ ଏହାର ଛଅଟି ବୈଠକରେ 2012-13ରୁ 2014-15ର ସମୀକ୍ଷା ପ୍ରତିବେଦନ ସହିତ ଜଡିତ ଏକ କାର୍ଯ୍ୟସମ୍ପାଦନ ସମୀକ୍ଷା (ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍) ଏବଂ ଛଅଟି ଅନୁଚ୍ଛେଦ ଉପରେ ଆଲୋଚନା କରିଥିଲେ।

### *କୋପୁର ପ୍ରତିବେଦନର ଅନୁପାଳନ*

**4.30** ଅଗଷ୍ଟ 2001ରୁ ମାର୍ଚ୍ଚ 2019 ମଧ୍ୟରେ ରାଜ୍ୟ ବିଧାନସଭାରେ ଉପସ୍ଥାପିତ ହୋଇଥିବା କୋପୁର 2ଟି ପ୍ରତିବେଦନ ସମ୍ବନ୍ଧୀୟ 2ଟି ଅନୁଚ୍ଛେଦ ଉପରେ କାର୍ଯ୍ୟାନୁଷ୍ଠାନ ଟିପ୍ପଣୀ (ଏଟିଏନ୍) ଗ୍ରହଣ କରାଯାଇ ନଥିଲା (ସେପ୍ଟେମ୍ବର 2019), ଯାହା ନିମ୍ନରେ ବିସ୍ତୃତ ଭାବରେ ଦିଆଯାଇଛି:

**ସାରଣୀ 4.21: କୋପୁ ପ୍ରତିବେଦନ ଉପରେ ଅନୁପାଳନ**

| କୋପୁ ପ୍ରତିବେଦନର ବର୍ଷ | ମୋଟ୍ କୋପୁ ପ୍ରତିବେଦନ ସଂଖ୍ୟା | କୋପୁ ପ୍ରତିବେଦନରେ ମୋଟ୍ ସୁପାରିଶ ସଂଖ୍ୟା | ସୁପାରିଶ ସଂଖ୍ୟା ଯେଉଁଥିରେ ଏଟିଏନ୍ ପ୍ରାପ୍ତ ହୋଇନାହିଁ |
|---|---|---|---|
| 2001-02 | 1 | 8 | 8 |
| 2007-08 | 1 | 1 | 1 |
| **ମୋଟ୍** | **2** | **9** | **9** |

*(ଉତ୍ସ: ମହାଲେଖାକାରଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ତଥ୍ୟ)*

କୋପୁର ଏହି ପ୍ରତିବେଦନଗୁଡିକରେ ଦୁଇଟି ବିଭାଗ ସମ୍ବନ୍ଧୀୟ ଅନୁଚ୍ଛେଦ ସମ୍ବନ୍ଧରେ ସୁପାରିଶ ବାକିଥିଲା ଯାହା 1989-90ରୁ 2003-04 ବର୍ଷ ମଧ୍ୟରେ ଭାରତର ସିଏଜିଙ୍କ ପ୍ରତିବେଦନରେ ପ୍ରକାଶିତ ହୋଇଥିଲା।

# ଅଧ୍ୟାୟ-V

## କାର୍ଯ୍ୟସମ୍ପାଦନା ସମୀକ୍ଷା

## (ଅଣ-ଶକ୍ତିକ୍ଷେତ୍ର)

## ଅଧ୍ୟାୟ -V

## 5. ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍‌କୋ)ର କାର୍ଯ୍ୟ ସମ୍ପାଦନ ସମୀକ୍ଷା

### ଉପକ୍ରମ

**5.1** ଓଡ଼ିଶା ଶିଳ୍ପ ଭିତ୍ତି ସଂରଚନା ଉନ୍ନୟନ ନିଗମ (ଇଡ୍‌କୋ), ଓଡ଼ିଶା ଶିଳ୍ପ ଭିତ୍ତି ସଂରଚନା ଉନ୍ନୟନ ନିଗମ ଅଧିନିୟମ, 1980 ର ଧାରା 3 ଅନୁଯାୟୀ 5 ଜାନୁଆରୀ 1981ରେ ଗଠନ କରାଯାଇଥିଲା। ଓଡ଼ିଶାର ଶିଳ୍ପାଞ୍ଚଳ (ଆଇଏ) ଏବଂ ଶିଳ୍ପ ମାହଲରେ (ଆଇଇ) ଦ୍ରୁତ ଓ କ୍ରମବର୍ଦ୍ଧିଷ୍ଣୁ ବିକାଶକୁ ସୁରକ୍ଷିତ ଓ ସାହାଯ୍ୟ କରିବା ଉଦ୍ଦେଶ୍ୟ ନେଇ ଏହାର ସ୍ଥାପନା କରାଯାଇଥିଲା। ଶିଳ୍ପଗୁଡିକୁ ଭଡ଼ା ସୂତ୍ରରେ କୋଠା ଯୋଗାଇ ଦେବା ପାଇଁ ମଧ୍ୟ ନିଗମକୁ ଅଧିକାର ଦିଆଯାଇଥିଲା। ଭାରତ ସରକାରଙ୍କ ଉଦାରୀକରଣ ନୀତି, 1991 ଅନ୍ୱେଷଣରେ ଓଡ଼ିଶା ସରକାର ମଧ୍ୟ ରାଜ୍ୟର ଶିଳ୍ପ ବିକାଶ ଦିଗରେ ଉନ୍ନତି ପାଇଁ, ଶିଳ୍ପ ନୀତି ନିର୍ଦ୍ଧାରଣ (ଆଇପିଆର) ମାଧ୍ୟମରେ ଅନ୍ୟାନ୍ୟ ଦିଗ ଛଡା ଶିଳ୍ପ ଓ ସାମାଜିକ ଭିତ୍ତିଭୂମିରେ ମଧ୍ୟ ନୀତି ନିର୍ଦ୍ଧାରଣ କରିବାକୁ ଅଗ୍ରସର ହୋଇଥିଲେ।

ଭିତ୍ତିଭୂମିର ବିକାଶ ପାଇଁ ଜମିର ଉପଲବ୍ଧତାକୁ ପ୍ରାଥମିକତା ସୂତ୍ରରେ ଆଇପିଆର୍, 2001 ରେ ଭୂମି ବ୍ୟାଙ୍କର ଗଠନ ପାଇଁ ପ୍ରସ୍ତାବ ଦିଆଯାଇଥିଲା ଏବଂ ଇଡ୍‌କୋକୁ ସମ୍ଭାବ୍ୟ ଅବସ୍ଥାନରେ ଜମି ପରିଚୟ କରିବା ପାଇଁ ଓ ରାଜସ୍ୱ ଅଧିକାରୀଙ୍କ ଠାରୁ ଅଧିକାର ନେଇ ସମ୍ଭାବ୍ୟ ନିବେଶକ ମାନଙ୍କୁ ଜମି ବଣ୍ଟନ ପାଇଁ ମୁଖ୍ୟ ଦାୟିତ୍ୱ ଦିଆଯାଇଥିଲା। ଇଡ୍‌କୋର ଭୂମିକାକୁ ଆଇପିଆର୍, 2007 ମାଧ୍ୟମରେ ମଧ୍ୟ ବର୍ଦ୍ଧିତ କରାଯାଇଥିଲା, ଯେଉଁଥିରେ କି ଇଡ୍‌କୋକୁ ବିସ୍ତୃତ ଭୂମି ପରିଚାଳନା ନିୟମାବଳୀ ଗଠନ କରିବାକୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଆଇପିଆର୍, 2015 ଇଡ୍‌କୋକୁ ଶିକ୍ଷା ଓ ଚିକିତ୍ସାନୁଷ୍ଠାନ ନିମନ୍ତେ ଜମି ବଣ୍ଟନ ଉଦ୍ଦେଶ୍ୟରେ ଜମିର ମୂଲ୍ୟ ନିର୍ଦ୍ଧାରଣ କରିବାକୁ ମଧ୍ୟ ଅଧିକାର ଦେଇଥିଲା।

### ସାଙ୍ଗଠନିକ ବ୍ୟବସ୍ଥା

**5.2** ଇଡ୍‌କୋ, ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରେ। ଇଡ୍‌କୋର ବ୍ୟବସାୟିକ ଏବଂ ସାଧାରଣ ଅଧୀକ୍ଷଣ, ନିର୍ଦ୍ଦେଶାବଳୀ ତଥା ପରିଚାଳନା ଦାୟିତ୍ୱ ଏହାର ଏକ 13 ଜଣିଆ ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ଅଧକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକଙ୍କ (ସିଏମ୍‌ଡି) ଅଧିନରେ ସମ୍ପାଦନ କରାଯାଏ, ଯାହାକୁ ଛଅ ଜଣ ମୁଖ୍ୟ ସାଧାରଣ ପରିଚାଳକ (ସିଜିଏମ୍[48]) ସାହାଯ୍ୟ କରନ୍ତି। ଇଡ୍‌କୋ ଏହାର କାର୍ଯ୍ୟଗୁଡିକୁ 17 ଟି ବିଭାଜନ କାର୍ଯ୍ୟାଳୟ ଦ୍ୱାରା ନିର୍ବାହ କରେ, ଯାହା ମଧ୍ୟରୁ ଆଠଟି ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟକ୍ଷମ ଅଟେ ଏବଂ ବାକି ନଅଟି ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକ୍ଷମ ଅଛି।

### ସମୀକ୍ଷାର ପରିସର

**5.3** ଏହି କାର୍ଯ୍ୟସମ୍ପାଦନର ସମୀକ୍ଷାକୁ ଅପ୍ରେଲ ଠାରୁ ଡିସେମ୍ବର 2019 ମଧ୍ୟରେ ସଞ୍ଚାଳିତ କରାଯାଇଥିଲା ଏବଂ ଏଥିରେ ମାର୍ଚ୍ଚ 2019 ସୁଦ୍ଧା ଗତ ପାଞ୍ଚ ବର୍ଷର ଇଡ୍‌କୋ ଦ୍ୱାରା ସମ୍ପାଦିତ ଭିତ୍ତିଭୂମିର ବିକାଶ ଓ ପ୍ରକଳ୍ପ ପରିଚାଳନା କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ଥିଲା। ଇଡ୍‌କୋ ଦ୍ୱାରା ସମ୍ପାଦିତ କାର୍ଯ୍ୟଗୁଡିକୁ ସ୍ତରିତ ଅନିୟତ ନମୁନା ଦ୍ୱାରା ମନୋନୀତ କରାଯାଇଥିବା ପାଞ୍ଚଟି ବିଭାଜନ କାର୍ଯ୍ୟାଳୟ[49]ର କାଗଜପତ୍ରକୁ ପରୀକ୍ଷା ନିରୀକ୍ଷା କରାଯାଇ ସମୀକ୍ଷା କରାଯାଇଥିଲା। ସମୀକ୍ଷା ପାଇଁ ସରକାରଙ୍କ ଶିଳ୍ପ ବିଭାଗର କାଗଜପତ୍ରକୁ ମଧ୍ୟ ପରୀକ୍ଷା ନିରୀକ୍ଷା କରିଥିଲା। କାର୍ଯ୍ୟ ସମ୍ପାଦନା ସମୀକ୍ଷାର ଉଦ୍ଦେଶ୍ୟ, ମାନଦଣ୍ଡ, ପରିସର ଓ କାର୍ଯ୍ୟପ୍ରଣାଳୀ ଗୁଡିକ ବିଷୟରେ ରାଜ୍ୟ ସରକାର ତଥା ଇଡ୍‌କୋର ପ୍ରତିନିଧିମାନଙ୍କୁ 15 ଅକ୍ଟୋବର 2019 ରେ ଅନୁଷ୍ଠିତ ହୋଇଥିବା ପ୍ରବେଶ ସମ୍ମିଳନୀରେ ବୁଝାଇ ଦିଆଯାଇଥିଲା। ଲେଖାପରୀକ୍ଷାର ଅନୁସିଦ୍ଧାନ୍ତ ଗୁଡିକୁ ଓଡ଼ିଶା ସରକାରଙ୍କ ପ୍ରଧାନ ସଚିବ (ଶିଳ୍ପ ବିଭାଗ) ଏବଂ ଇଡ୍‌କୋର ସିଏମ୍‌ଡି ତଥା ବରିଷ୍ଠ ଅଧିକାରୀମାନଙ୍କ ସହିତ 24 ଅଗଷ୍ଟ 2020 ରେ ହୋଇଥିବା ପ୍ରସ୍ଥାନ

---

48 ସିଜିଏମ୍ (ସିଭିଲ), ସିଜିଏମ୍ (ଯୋଜନା ଏବଂ ସହଯୋଗ), ସିଜିଏମ୍ (ଏମ୍‌ଏସ୍‌ଏମ୍‌ଇ), ସିଜିଏମ୍ (ପିଆଣ୍ଡଏ), ସିଜିଏମ୍ (ଜମି) ଏବଂ ସିଜିଏମ୍ (ଅର୍ଥ)।

49 କଟକ, ଯାଜପୁର ରୋଡ୍, ବ୍ରହ୍ମପୁର, ଏମ୍‌ଏସ୍‌ଏମ୍‌ଇ-I ଏବଂ ଏମ୍‌ଏସ୍‌ଏମ୍‌ଇ -II।

ସମ୍ମିଳନୀରେ ବିଚାର କରାଯାଇଥିଲା। ରାଜ୍ୟ ସରକାର ତଥା ଇଡ୍‌କୋର ପ୍ରତିକ୍ରିୟା ଗୁଡିକୁ ପ୍ରାପ୍ତାନୁଯାୟୀ ପ୍ରତିବେଦନର ଚୂଡାନ୍ତ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯାଇଥିଲା।

## ସମୀକ୍ଷା ଉଦ୍ଦେଶ୍ୟ

**5.4** କାର୍ଯ୍ୟ ସମ୍ପାଦନର ସମୀକ୍ଷା ଶିଳ୍ପ ବିକାଶ ଦିଗରେ ଇଡ୍‌କୋର ଭୂମିକାକୁ ଆର୍ଥିକ, ଦକ୍ଷତା ଓ ପ୍ରଭାବୀ ଦୃଷ୍ଟିରୁ ନିମ୍ନଲିଖିତ କ୍ଷେତ୍ରଗୁଡିକରେ ମୂଲ୍ୟାଙ୍କନ କରାଯାଇ ଥିଲା ଯେ:

- ଶିଳ୍ପାନୁଷ୍ଠାନ ମାନଙ୍କ ପାଇଁ ଭୂମିର ଅଧିଗ୍ରହଣ ଏବଂ ବଣ୍ଟନ;
- ଶିଳ୍ପାଞ୍ଚଳ/ ଶିଳ୍ପ ମାହଲର ବିକାଶ ଓ ରକ୍ଷଣାବେକ୍ଷଣ;
- ଭାରତ ସରକାରଙ୍କ ଯୋଜନା ଅନ୍ତର୍ଗତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକଳାପ;
- ଶିଳ୍ପ ସଂସ୍ଥାମାନଙ୍କୁ କୋଠା ଏବଂ କମ୍ପ୍ଲେକ୍ସ ଗୁଡିକ ଭଡା ସୂତ୍ରରେ ଉପଲବ୍ଧ କରିବା; ଏବଂ
- ସକ୍ରିୟ ଆର୍ଥିକ ପରିଚାଳନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପଦକ୍ଷେପ।

## ସମୀକ୍ଷା ମାନଦଣ୍ଡ

**5.5** ସମୀକ୍ଷା ଉଦ୍ଦେଶ୍ୟ ଗୁଡିକୁ ହାସଲ କରିବା ପାଇଁ ନିମ୍ନଲିଖିତ ମାନଦଣ୍ଡ ଗୁଡିକୁ ଗ୍ରହଣ କରାଯାଇଥିଲା:

- ଓଆଇଆଇଡିସି ଅଧିନିୟମ, 1980 ଏବଂ ଓଆଇଆଇଡିସି ନିୟମାବଳୀ, 1981;
- ଓଡ଼ିଶା ଶିଳ୍ପ (ସୁବିଧାକରଣ) ଅଧିନିୟମ, 2004;
- ଓଆଇଆଇଡିସି (ଭୂମି, କୋଠା ଓ ସୁବିଧାର ନିକାଶ) ବିନିୟମ, 2016;
- ଓଡ଼ିଶା ଜଳସେଚନ ନିୟମାବଳୀ, 1961;
- ବିଭିନ୍ନ ପ୍ରକଳ୍ପ କାର୍ଯ୍ୟନିର୍ବାହର ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଯୋଜନା ନିର୍ଦ୍ଦେଶାବଳୀ ଓ ବିସ୍ତୃତ ପ୍ରକଳ୍ପ ରିପୋର୍ଟ, ଏବଂ
- ଓଡ଼ିଶା ସରକାର ଓ ଇଡ୍‌କୋ ଦ୍ୱାରା ଜାରି କରାଯାଇଥିବା ପରିପତ୍ର ଆଦେଶ, ନିର୍ଦ୍ଧାରଣ ଏବଂ ବିଜ୍ଞପ୍ତି।

## ଆର୍ଥିକ ସ୍ଥିତି ଏବଂ କାର୍ଯ୍ୟ ପରିଚାଳନା ପରିଣାମ

**5.6** ଇଡ୍‌କୋର 31 ମାର୍ଚ୍ଚ 2019 ସୁଦ୍ଧା ଗତ ପାଞ୍ଚ ବର୍ଷର ଆର୍ଥିକ ସ୍ଥିତି ଏବଂ କାର୍ଯ୍ୟ ପରିଚାଳନା ପରିଣାମର ବିସ୍ତୃତ ବିବରଣୀ **ପରିଶିଷ୍ଟ-8** ରେ ଦର୍ଶାଗଲା:

- ଇଡ୍‌କୋର ଆର୍ଥିକ ସ୍ଥିତିରୁ ଏହା ଦେଖାଗଲା ଯେ, ପୁଞ୍ଜି ପାଣ୍ଠି ଆର୍ଥିକ ବର୍ଷ 2014-15 ରେ 1,336.71 କୋଟି ଟଙ୍କାରୁ ଆର୍ଥିକ ବର୍ଷ 2018-19 ରେ 1,796.01 କୋଟି ଟଙ୍କାକୁ ବୃଦ୍ଧି ହୋଇଥିଲା। ଏହି ପୁଞ୍ଜି ପାଣ୍ଠିର ବୃଦ୍ଧି ହେବାର କାରଣଗୁଡିକ ଇଡ୍‌କୋର ଲାଭ ଏବଂ ଶିଳ୍ପାଞ୍ଚଳ ମାହଲରେ ଲିଜ୍ ଦିଆଯାଇଥିବା ଭୂମିର ପ୍ରମିୟମର ବୃଦ୍ଧି ଯୋଗୁ ହୋଇଥିଲା।

- ବିଭିନ୍ନ ଶିଳ୍ପ ଭିତ୍ତିଭୂମିର ବିକାଶ କାର୍ଯ୍ୟ ସମ୍ପାଦନ ପାଇଁ ଭାରତ ସରକାର/ ଓଡ଼ିଶା ସରକାର ତରଫରୁ ଇଡ୍‌କୋ 2014-19 ମଧ୍ୟରେ ପାଇଥିବା 227.80 କୋଟି ଟଙ୍କାର ଅନୁଦାନ ଅଣ-ସାମ୍ପ୍ରତିକ ଦେୟର ଅଂଶ ଥିଲା।

- ସମୀକ୍ଷାରୁ ଦେଖାଗଲା ଯେ, ଉପରେ ପ୍ରଦତ୍ତ ସ୍ଥିର ଲାଭ ଇଡ୍‌କୋ ଦ୍ୱାରା କାର୍ଯ୍ୟ ସମ୍ପାଦନରୁ ଉପାର୍ଜିତ ହୋଇନଥିଲା। ବରଂ ଇଡ୍‌କୋ ଏହି ଲାଭକୁ ସରକାରଙ୍କଠାରୁ ପାଇଥିବା ଅବ୍ୟବହୃତ ଅନୁଦାନର ସୁଧ ଆକାରରେ ଉପାର୍ଜିତ କରିଥିଲା। ଇଡ୍‌କୋ ଉପାର୍ଜିତ କରିଥିବା ଜମା ଉପରେ ସୁଧ (ଅଣ କାର୍ଯ୍ୟରତ ଆୟ)

79.86 କୋଟି ଟଙ୍କାରୁ 100.58 କୋଟି ଟଙ୍କା ପରିସର ମଧ୍ୟରେ ଥିଲା। ତଥାପି, ଏହାର କର ବସାଣପର ଲାଭ କମ୍ ଥିଲା ଏବଂ ଏହା 30.02 କୋଟି ଟଙ୍କା ରୁ 60.72 କୋଟି ଟଙ୍କା ପରିସର ମଧ୍ୟରେ ଥିଲା ଯାହାକି ଆର୍ଥିକ ବର୍ଷ 2014-19 ମଧ୍ୟରେ କାର୍ଯ୍ୟରତ କ୍ଷତି 2.63 କୋଟି ଟଙ୍କାରୁ 38.41 କୋଟି ଟଙ୍କା ଯୋଗୁ ହୋଇଥିଲା।

## ସମୀକ୍ଷା ସିଦ୍ଧାନ୍ତ

## ଭୂମି ଅଧିଗ୍ରହଣ ଏବଂ ଶିକ୍ଷାନୁଷ୍ଠାନ ମାନଙ୍କୁ ବଣ୍ଟନ

**5.7** ଶିଳ୍ପ ଭିତ୍ତିଭୂମିର ବିକାଶ ନିମନ୍ତେ ଭୂମିର ଉପଲବ୍ଧି ପ୍ରାଥମିକ ଅଟେ। କ୍ରମାଗତ ଆଇପିଆର ଇଡ୍‌କୋକୁ ଭୂମି ଚିହ୍ନଟ କରିବା ପାଇଁ ଦାୟିତ୍ୱ ନ୍ୟସ୍ତ କରିଥିଲା ଏବଂ ପ୍ରଶାସନିକ ଦେୟ ହିସାବରେ ଭୂମି ମୂଲ୍ୟ ଉପରେ 10 ପ୍ରତିଶତ ଆଦାୟ କରି ସରକାରଙ୍କ ଠାରୁ ଜମି ଅଧିଗ୍ରହଣ କରି ବୃହତ ଶିଳ୍ପ ସଂସ୍ଥାମାନଙ୍କୁ ବଣ୍ଟନ କରିବାର ଦାୟିତ୍ୱ ଦେଇଥିଲା। ଏହି ପ୍ରକ୍ରିୟାରେ, ଆଇପିଆର୍ ମାଧ୍ୟମରେ ଇଡ୍‌କୋ ରିହାତି ଦରରେ ଭୂମି ପ୍ରୋତ୍ସାହନ ଭାବେ ଯୋଗାଇ ଦେବାର ଥିଲା। ମାର୍ଚ୍ଚ 2019 ପର୍ଯ୍ୟନ୍ତ ଇଡ୍‌କୋ ଦ୍ୱାରା ସାମଗ୍ରିକ ଭାବରେ ଜମି ଅଧିଗ୍ରହଣ ଓ ବଣ୍ଟନର ହିସାବକୁ ନିମ୍ନରେ ଦର୍ଶାଗଲା:

**ସାରଣୀ 5.1: ମାର୍ଚ୍ଚ 2019 ପର୍ଯ୍ୟନ୍ତ ଇଡ୍‌କୋ ଦ୍ୱାରା ଜମି ଅଧିଗ୍ରହଣ ଓ ବଣ୍ଟନର ସ୍ଥିତି**

*(ଦୁଇ ଦଶମିକ ପର୍ଯ୍ୟନ୍ତ କ୍ଷେତ୍ର ଏକରରେ)*

| | ସରକାର | ବେସରକାରୀ | ମୋଟ୍ |
|---|---|---|---|
| **ବୃହତ ଶିଳ୍ପ ପାଇଁ ଜମି** | | | |
| ଆବେଦନ | 43,586.40 | 86,395.83 | 1,29,982.23 |
| ଅଧିଗ୍ରହିତ | 24,704.59 | 49,825.67 | 74,530.26 |
| ବଣ୍ଟିତ | 22,104.39 | 44,932.29 | 67,036.68 |
| **ଶିଳ୍ପାଞ୍ଚଳ ଓ ଶିଳ୍ପ ମାହଲରେ ଏମ୍‌ଏସ୍‌ଏମ୍‌ଇ** | | | |
| ଅଧିଗ୍ରହିତ | 24,084.28 | 0 | 24,084.28 |
| ବଣ୍ଟିତ | 14,649.09 | 0 | 14,649.09 |

*(ଉତ୍ସ: ଇଡ୍‌କୋ ଦ୍ୱାରା ପ୍ରଦତ୍ତ ତଥ୍ୟ)*

ବୃହତ ଶିଳ୍ପାନୁଷ୍ଠାନ ମାନଙ୍କ ପାଇଁ ଆର୍ଥିକ ବର୍ଷ 2014-15 ରୁ 2018-19 ମଧ୍ୟରେ ହୋଇଥିବା ଜମି ଅଧିଗ୍ରହଣ/ବଣ୍ଟନକୁ ଯାଞ୍ଚ କରି ନିମ୍ନଲିଖିତ ପ୍ରକାଶିତ ହେଲା:

### *ଭୂମି ବ୍ୟାଙ୍କ ଯୋଜନାର କାର୍ଯ୍ୟକାରିତା ଏବଂ ଜମି ବଣ୍ଟନରେ ବିନିୟମ ପ୍ରଣୟନ କରିବାରେ ଅକ୍ଷମତା*

**5.7.1** ଆଇପିଆର 2007 ଇଡ୍‌କୋକୁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ (ଆର୍‌ଆଣ୍ଡଡିଏମ୍) ସହଯୋଗରେ ଭୂମି ବ୍ୟାଙ୍କ ଯୋଜନାକୁ ବଳିଷ୍ଠ ରୂପେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଆର୍‌ଆଣ୍ଡଡିଏମ୍ ବିଭାଗର ବିଜ୍ଞପ୍ତି (ନଭେମ୍ବର 2015) ଅନୁଯାୟୀ ଭୂମିଗୁଡିକୁ 'ଏ' ବର୍ଗ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଥିଲା, ଯେଉଁଗୁଡିକୁ ଇଡ୍‌କୋକୁ ଆବଶ୍ୟକତାନୁଯାୟୀ ବିଦ୍ୟମାନ ଆଇପିଆର୍ ଦରରେ ହସ୍ତାନ୍ତର କରାଯାଇଥିଲା ଯାହା ପୂର୍ବ ନିର୍ଦ୍ଧାରିତ ଶିଳ୍ପାନୁଷ୍ଠାନ ମାନଙ୍କୁ ବ୍ୟବହାର ଉପଯୋଗୀ ଜମି ହିସାବରେ ବଣ୍ଟନ କରାଯାଏ ଏବଂ 'ବି' ବର୍ଗ ହିସାବରେ ସେହି ଜମିଗୁଡିକୁ ସଂରକ୍ଷଣ କରାଯାଇଥିଲା, ଯାହାପାଇଁ ପ୍ରକଳ୍ପ ପ୍ରାଥମିକତା ଚୂଡାନ୍ତ ହୋଇନଥିଲା। ଏହି ଉପରୋକ୍ତ ବିଜ୍ଞପ୍ତି ମଧ୍ୟ ଭୂମି ବ୍ୟାଙ୍କରୁ ଉଚିତ୍ ଓ ସ୍ୱଚ୍ଛ ପଦ୍ଧତିରେ ଭୂମି ବଣ୍ଟନ କରିବା ପାଇଁ ଉପଯୁକ୍ତ ନିୟମାବଳୀ ପ୍ରଣୟନ କରିବା ପାଇଁ ଇଡ୍‌କୋକୁ ନିର୍ଦ୍ଦେଶ ଦେଇଥିଲା।

ଇଡ୍‌କୋ ଦ୍ୱାରା ଭୂମି ବ୍ୟାଙ୍କ ଯୋଜନାର କାର୍ଯ୍ୟକାରିତାରେ ସମୀକ୍ଷା ଦ୍ୱାରା ନିମ୍ନଲିଖିତ ଗୁଡିକ ଅବଲୋକନ କରାଗଲା।

- ଆର୍ଥିକ ବର୍ଷ 2016-17 ରେ ବର୍ଗ 'ଏ' ରେ 15,000 ଏକର ଏବଂ ବର୍ଗ 'ବି' ରେ 85,000 ଏକରର ଭୂମି ବ୍ୟାଙ୍କ ଗଠନ କରିବା ପାଇଁ ଶିଳ୍ପ ବିଭାଗ ସହିତ ସ୍ୱାକ୍ଷରିତ ଏମ୍‌ଓୟୁରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା । ଏହି ବିଷୟରେ, ଇଡ୍‌କୋ ମାର୍ଚ୍ଚ 2019 ସୁଦ୍ଧା 62,725.05 ଏକରର[50] (62.73 ପ୍ରତିଶତ) ଭୂମି ବ୍ୟାଙ୍କ ଗଠନ କରିପାରିଥିଲା ।

- ଜମି ଅଧିଗ୍ରହଣ ମଧ୍ୟରୁ, ଛଅଟି ଜିଲ୍ଲା[51]ର ବର୍ଗ 'ଏ' ଅନ୍ତର୍ଭୁକ୍ତ 9,157.50 ଏକର ଜମିର ପରୀକ୍ଷା ନିରୀକ୍ଷାରୁ ଜଣାପଡିଲା ଯେ, ଏଥିରେ 3,524.65 ଏକର ଜମି (38 ପ୍ରତିଶତ) ଅନଧିକୃତ, ମକଦ୍ଦମାଯୁକ୍ତ ଏବଂ ସରକାରଙ୍କୁ ଫେରସ୍ତ ଜମି ଅନ୍ତର୍ଭୁକ୍ତ ଥିଲା, ଯେଉଁଗୁଡିକ ବଣ୍ଟନଯୋଗ୍ୟ ନଥିଲା ଏଥି ଯୋଗୁ ପୂର୍ବ ନିର୍ଦ୍ଧାରିତ ଶିଳ୍ପାନୁଷ୍ଠାନମାନଙ୍କୁ ବ୍ୟବହାର ଉପଯୋଗୀ ଜମି ଆବଣ୍ଟନର ଉଦ୍ଦେଶ୍ୟ ସାଧନରେ ପ୍ରତିବନ୍ଧକ ହୋଇଥିଲା ।

  ଇଡ୍‌କୋ ଉତ୍ତର ଦେଇଥିଲା (ଅଗଷ୍ଟ 2020) ଯେ, ଏହି ବିଷୟକୁ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ଅନୁସରଣ କରି ଅଧିକ ଜମି ଅଧିଗ୍ରହଣ କରାଯାଉଅଛି ଏବଂ ଆବଶ୍ୟକତା ଅନୁଯାୟୀ ଜମି ବଣ୍ଟନ କରିବା ପାଇଁ ପଦକ୍ଷେପ ନିଆଯାଉଅଛି କିମ୍ବା ଅନୁପଯୋଗୀ ଜମିଗୁଡିକୁ ସରକାରଙ୍କୁ ଫେରସ୍ତ କରିବା ପାଇଁ ପଦକ୍ଷେପ ନିଆଯାଉଅଛି ।

- ଇଡ୍‌କୋ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି (ନଭେମ୍ବର 2015) ଦ୍ୱାରା ପ୍ରଦତ୍ତ ନୀତିଗୁଡ଼ିକୁ ବିଚାରକୁ ନେଇ ଭୂମି ବ୍ୟାଙ୍କରୁ ଜମି ବଣ୍ଟନ ପାଇଁ ଆବଶ୍ୟକୀୟ ବିନିୟମକୁ ବ୍ୟବସ୍ଥିତ କରିପାରି ନଥିଲା । ଏହି ବିନିୟମର ଅଭାବ ଭୂମି ବ୍ୟାଙ୍କରୁ ଉଚିତ୍ ଓ ସ୍ୱଚ୍ଛ ପଦ୍ଧତିରେ ଜମି ବଣ୍ଟନ କରିବାର ଉଦ୍ଦେଶ୍ୟକୁ ପ୍ରଭାବ କରିଥିଲା ଯେଉଁଗୁଡିକୁ ସାମାଜିକ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଜମି ଆବଣ୍ଟନବିଷୟରେ ସମୀକ୍ଷାରେ ପର୍ଯ୍ୟବେକ୍ଷଣ କରାଯାଇଥିଲା ଯାହା ଅନୁଚ୍ଛେଦ 5.8.4 ରେ ଆଲୋଚନା କରାଯାଇଅଛି ।

ଇଡ୍‌କୋ ଉତ୍ତର ଦେଇଥିଲା (ଅଗଷ୍ଟ 2020) ଯେ, ଜମି ବିନିୟମ 2016 ରେ ଭୂମି ବ୍ୟାଙ୍କରୁ ଜମି ଆବଣ୍ଟନ କରିବା ପାଇଁ ବ୍ୟବସ୍ଥା ଥିଲା । ଏହି ଉତ୍ତରଟି ଠିକ୍ ନଥିଲା କାରଣ ଭୂମି ବ୍ୟାଙ୍କରୁ ଜମି ଆବଣ୍ଟନ ପାଇଁ ବ୍ୟବସ୍ଥା ଏହି ଜମି ବିନିୟମ 2016 ରେ ଅନ୍ତର୍ଭୁକ୍ତ ନଥିଲା । ଏହା ସହିତ ସାମାଜିକ ଭିତ୍ତିଭୂମି ଛଡା ଅନ୍ୟ ପ୍ରକଳ୍ପ ପାଇଁ ଭୂମି ବ୍ୟାଙ୍କରୁ ଜମି ଆବଣ୍ଟନ କରିବାରେ କୌଣସି ନିର୍ଦ୍ଦିଷ୍ଟ ବିନିୟମର ବ୍ୟବସ୍ଥା ନଥିଲା ।

### *ବୃହତ ଶିଳ୍ପାନୁଷ୍ଠାନ ପାଇଁ ଅଧିକା ଜମି ଅଧିଗ୍ରହଣ*

**5.7.2** ଓଡ଼ିଶା ଶିଳ୍ପ (ସୁବିଧା) ଅଧିନିୟମ, 2004 ଅନୁଯାୟୀ ଓଡ଼ିଶା ଶିଳ୍ପ ପ୍ରୋତ୍ସାହନ ଏବଂ ବିନିଯୋଗ ନିଗମ ଲିମିଟେଡ୍ (ଇପିକଲ୍), ଏକ ରାଜ୍ୟ ସରକାରୀ ଉଦ୍ୟୋଗ, ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ପ୍ରାଧିକରଣ ଭୂମିକା ଅନୁଯାୟୀ କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ (ସିଇଏ)ର ମାନଦଣ୍ଡ ଅନୁଯାୟୀ କୋଇଲା ଆଧାରିତ ତାପଜ ବିଦ୍ୟୁତ କେନ୍ଦ୍ର (ଟିପିପି) ପାଇଁ ପ୍ରତି ଏକ ମେଗାୱାଟ୍ ପାଇଁ ଏକ ଏକର ଆଧାରରେ (ଅକ୍ଟୋବର 2006 ରୁ ଫେବୃୟାରୀ 2009) ମଧ୍ୟରେ ଜମି ଆବଣ୍ଟନ ପାଇଁ ସୁପାରିଶ କରିଥିଲା । ସେମାନଙ୍କର ସୁପାରିଶ ଗୁଡିକ ଇଡ୍‌କୋ ଦ୍ୱାରା ପୁନଃ ମୂଲ୍ୟାଙ୍କନଯୋଗ୍ୟ ବୋଲି ମଧ୍ୟ ଇପିକଲ୍ ଧାର୍ଯ୍ୟ କରିଥିଲା ।

ସିଇଏ ମଧ୍ୟ 2010 ରେ ଜମି ଆବଶ୍ୟକତା ଉପରେ ନିଜର ପୂର୍ବ ରିପୋର୍ଟକୁ ସମୀକ୍ଷା କରି ଥିଲା ଏବଂ ଜମିଗୁଡିକର ସର୍ବୋତ୍କୃଷ୍ଟ ଉପଯୋଗ ଉଦ୍ଦେଶ୍ୟରେ ସରକାରୀ ସଂସ୍ଥାମାନଙ୍କୁ ଜମି ଆବଶ୍ୟକତା କମ୍ କରିବା ପାଇଁ ସୁପାରିଶ କରିଥିଲା । ପୁନଶ୍ଚ, ଶିଳ୍ପ ପ୍ରୋତ୍ସାହକ ମାନଙ୍କ ଦ୍ୱାରା ଆବଶ୍ୟକତା ଠାରୁ ଅଧିକ ଜମି ଅଧିଗ୍ରହଣକୁ ରୋକିବା ଉଦ୍ଦେଶ୍ୟରେ ଇଡ୍‌କୋକୁ ଜମିର ବାସ୍ତବବାଦୀ ମୂଲ୍ୟାଙ୍କନ କରିବା ପାଇଁ ଆର୍ ଆଣ୍ଡଡିଏମ୍ ବିଭାଗ (ମେଇ 2012) ମଧ୍ୟ ନର୍ଦ୍ଦେଶ ଦେଇଥିଲା ।

ସମୀକ୍ଷାରୁ ନିମ୍ନଲିଖିତ ଗୁଡିକ ପରିଲକ୍ଷିତ ହୋଇଥିଲା:

---

50 ବର୍ଗ 'କ' ରେ 12,728.82 ଏକର ଏବଂ ବର୍ଗ 'ଖ' ରେ 49,996.23 ଏକର

51 ଢେଙ୍କାନାଳ, ଝାରସୁଗୁଡା, ଜଗତସିଂହପୁର, ବୌଦ୍ଧ, କଟକ ଏବଂ ଖୋର୍ଦ୍ଧା

- ଏକ ମେଗାୱାଟ୍ ପାଇଁ ଏକ ଏକର ଜମିର ପୂର୍ବ ନିର୍ଦ୍ଧାରିତ ସୁପାରିଶ ଆଧାରରେ ଇଡ୍‌କୋ (ଜାନୁଆରୀ 2020 ପର୍ଯ୍ୟନ୍ତ) ଜମି ଅଧିଗ୍ରହଣ କରୁଥିଲା। ସମୀକ୍ଷାରେ ଯାଞ୍ଚ କରାଗଲା ଯେ, 11 ଟି ଟିପିପି ମଧ୍ୟରୁ ଗୋଟିଏ ଯଥା, ଷ୍ଟେରିଲାଇଟ୍ ଏନର୍ଜି ଲିମିଟେଡ୍ (ଏସ୍‌ଇଏଲ୍)ର 2,400 ମେଗାୱାଟ୍ ଟିପିପି ପାଇଁ 2,400 ଏକର ଜମିକୁ (ଫେବ୍ରୁଆରୀ 2009) ସୁପାରିଶ କରାଯାଇଥିଲା। ସେହି ଅନୁଯାୟୀ, ଇଡ୍‌କୋ 536.46 ଏକର ଜମିକୁ ଆବଣ୍ଟନ କରିଥିଲା। ଏସ୍‌ଇଏଲ୍ (ଅପ୍ରେଲ 2012) ତାହାର 2,400 ମେଗାୱାଟ୍ ଟିପିପିକକୁ ଆବଣ୍ଟିତ ଜମିରେ କମିଶନ୍ ଓ ସିଂକ୍ରୋନାଇଜ କରିଥିଲା। ଏହା ସତ୍ତ୍ୱେ, ଇଡ୍‌କୋ ଉପରୋକ୍ତ ସିଇଏ/ରାଜ୍ୟ ସରକାରଙ୍କ ସୁପାରିଶ ଅନୁଯାୟୀ ହ୍ରାସ ପାଇଁ କୌଣସି ସମୀକ୍ଷା ନକରି କିମ୍ବା ପ୍ରକୃତ ଆବଶ୍ୟକତାକୁ ସମୀକ୍ଷା ନକରି ଏହି ଟିପିପି ପାଇଁ ଅଧିକ 1,097.65 ଏକର ଜମି ଅଧିଗ୍ରହଣ କରିବା ପ୍ରକ୍ରିୟାରେ ଥିଲା।
- ଅନ୍ୟ ଏକ ବିଷୟରେ, ବେଦାନ୍ତ ଲିମିଟେଡ୍ (ଭିଏଲ୍)ର ଝାରସୁଗୁଡା ସ୍ଥିତ 0.25 ଏମ୍‌ଟିପିଏ ଆଲୁମିନୀୟମ ସ୍ମେଲ୍ଟର ପ୍ରକଳ୍ପ 1,215 ମେଗାୱାଟ୍ (9x135 ମେଗାୱାଟ୍) ସମ୍ପୂର୍ଣ୍ଣ ଟିପିପି ପାଇଁ ରାଜ୍ୟ ସରକାରଙ୍କ ଠାରେ 3,190 ଏକର ଜମି ପାଇଁ ଆବେଦନ କରିଥିଲା। ଇପିକଲ୍ ଏହି ପ୍ରକଳ୍ପ ପାଇଁ 3,350 ଏକର ଜମିର ସୁପାରିଶ (ଡିସେମ୍ବର 2005) କରିଥିଲା। ଏହା ବିଷୟରେ, ଇଡ୍‌କୋ ମାର୍ଚ୍ଚ 2019 ସୁଦ୍ଧା ଭିଏଲ୍‌କୁ 2,166.06 ଏକର ଜମି ଆବଣ୍ଟନ କରିଥିଲା। ସ୍ମେଲ୍‌ଟର ପ୍ରକଳ୍ପ କାର୍ଯ୍ୟକାରୀ ହେଲା ଓ ଏହାର ଟିପିପି ଗୁଡିକ ମଧ କମିଶନ୍ (ଜୁଲାଇ 2008) ହୋଇଥିଲା। ସମୀକ୍ଷାରୁ ଏହା ଜଣାଗଲା ଯେ, 2,166.06 ଏକର ମଧ୍ୟରୁ ଭିଏଲ୍ 544.82 ଏକର ଜମିକୁ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ (ଏସ୍‌ସିଜେଡ୍)ରେ ଅନ୍ୟାନ୍ୟ ସାମଗ୍ରୀର ଉତ୍ପାଦନ ପାଇଁ ବିନିଯୋଗ (ଅପ୍ରେଲ 2009) କରିଥିଲା। ଅତ୍ୟଧିକ ଜମି ଆବଣ୍ଟନ କରାଯାଇଥିବା ସତ୍ତ୍ୱେ, ଯାହା ବର୍ତ୍ତମାନ ଏସ୍‌ଇଜେଡ୍‌ର ସ୍ଥାପନ ପାଇଁ ବ୍ୟବହାର କରାଯାଉଅଛି, ଇଡ୍‌କୋ ପୁନଃ 1,023.94 ଏକର (3,190 ଏକର – 2,166.06 ଏକର) ଜମି ଅଧିଗ୍ରହଣ (ମାର୍ଚ୍ଚ 2020) ପ୍ରକ୍ରିୟାରେ ଥିଲା।

ଏହିପରି, ସିଇଏର ସୁପାରିଶ ଗୁଡିକୁ ପାଳନ ନକରି, ଯାହାକି ସାଧାରଣ ନିର୍ଦ୍ଦେଶାବଳୀ ମାଧ୍ୟମରେ ଆବଶ୍ୟକତାକୁ ହ୍ରାସ କରିବା ଏବଂ ଅଧିକ ଆବଶ୍ୟକତା ପାଇଁ ଇପିକଲ୍‌ର ପରାମର୍ଶ ନେବାକୁ ଦର୍ଶାଇଥିଲା। ଇଡ୍‌କୋ ଅଧିକ ଜମି ଅଧିଗ୍ରହଣ କରୁଥିଲା ଯଦିଓ ସେହି ଅଧିଗ୍ରହଣର ପ୍ରାଥମିକ ଉଦ୍ଦେଶ୍ୟ ଗୁଡିକ ସ୍ୱଳ୍ପ ଜମିରେ ସାଧିତ ହୋଇଥିଲା।

ଇଡ୍‌କୋ ଦର୍ଶାଇଲା (ଅଗଷ୍ଟ 2020) ଯେ, ସେମାନଙ୍କ ପାଖରେ ଜମିର ଆବଶ୍ୟକତା ମୂଲ୍ୟାଙ୍କନ କରିବାର ଦରକାରୀ ବୈଷୟିକ ପାରଦର୍ଶୀତା ନଥିଲା। ତେଣୁ, ସେମାନେ ଇପିକଲ୍‌ର ସୁପାରିଶକୁ ଅନୁକରଣ କରିଥିଲେ। ଏହାଛଡା, ପ୍ରକଳ୍ପ ବିସ୍ତାରକୁ ମଧ ବିଚାରକୁ ନିଆଯାଇଥିଲା।

ଏହି ଉତ୍ତରଟି ଗ୍ରହଣୀୟ ନଥିଲା, ଯେହେତୁ ଦୁଇଟିଯାକ ପ୍ରକଳ୍ପ ଆବଣ୍ଟିତ ଜମି ଉପରେ କାର୍ଯ୍ୟକ୍ଷମ ହୋଇସାରିଥିଲା। ତେଣୁ, ଏହି ପ୍ରକଳ୍ପଗୁଡିକ ପାଇଁ ଅଧିକ ଜମି ଅଧିଗ୍ରହଣ ବେଳେ ଇପିକଲ୍‌ର ବୈଷୟିକ ମୂଲ୍ୟାଙ୍କରନ ଅନୁମୋଦନ ଆବଶ୍ୟକ ଥିଲା। ଏହାଛଡା, ଆବଶ୍ୟକତା ଠାରୁ ଅଧିକା ଜମି ଆବଣ୍ଟନକୁ ରୋକିବା ପାଇଁ ରାଜ୍ୟ ସରକାର ମଧ ଇଡ୍‌କୋକୁ ବାସ୍ତବବାଦୀ ମୂଲ୍ୟାଙ୍କନ ପାଇଁ ଦାୟିତ୍ୱ ହୋଇଥିଲା।

***ସୁପାରିଶ 1:*** ସର୍ବଶେଷ ନିୟାମବଳୀ ଅନୁଯାୟୀ, ଜମିର ଆବଶ୍ୟକତା ଭିତ୍ତିରେ ବୈଷୟିକ ତଥ୍ୟ ପାଇଁ ଇଡ୍‌କୋକୁ ଇପିକଲ୍ ସହିତ ନିୟମିତ ପରାମର୍ଶ କରିବା ଦରକାର। ଜମି ଭଳି ଦୁର୍ଲଭ ସମ୍ବଳର ବିଜ୍ଞତା ଭିତ୍ତିରେ ବିଭିନ୍ନ ଶିଳ୍ପାନୁଷ୍ଠାନ ମାନଙ୍କୁ ଆବଣ୍ଟନ କରିବାର ସରକାରଙ୍କର ନିୟାମବଳୀ ଗୁଡିକୁ ସୁନିଶ୍ଚିତ କରିବା ଦରକାର। ଅଧିକା ଜମି ଆବଣ୍ଟନ ନକରିବା ପାଇଁ ଓ ସରକାରୀ ରାଜସ୍ୱର କ୍ଷତିକୁ ରୋକିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବା ଦରକାର।

***ତାପଜ ବିଦ୍ୟୁତ କେନ୍ଦ୍ରକୁ ରିହାତି ଆଇପିଆର୍ ଦରରେ ଭୂମି ଆବଣ୍ଟନ***

**5.7.3** ଆଇପିଆର୍ 2007 ର ବାଖ୍ୟା ଅନୁଯାୟୀ, ନୂତନ ଶିଳ୍ପ ପ୍ରତିଷ୍ଠାନ ହେଉଛି ଗୋଟିଏ ଶିଳ୍ପ ପ୍ରତିଷ୍ଠାନ ଯିଏକି ବୃହତ ଶିଳ୍ପ ପାଇଁ ସ୍ଥାୟୀ ପୁଞ୍ଜି ବିନିଯୋଗ କରିବାର ତିନି ବର୍ଷ ମଧ୍ୟରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିବ। ସେହିଭଳି ପ୍ରତିଷ୍ଠାନ ଗୁଡିକ ରିହାତି ଦରରେ ଭୂମି ପାଇବା ପାଇଁ ଯୋଗ୍ୟ ଅଟନ୍ତି। ଆଇପିଆର୍ 2015

ଦର୍ଶାଉଅଛି ଯେ, ଶିଳ୍ପ ପ୍ରତିଷ୍ଠାନ ଯେଉଁଗୁଡିକ ପୂର୍ବ ଆଇପିଆର୍ ଅଧିନରେ ଆସୁଥିବେ, ସେଗୁଡିକ ରିହାତି ଭୋଗ କରିପାରିବେ ଯଦି ସେହି ଅଧିନିୟମର ଯୋଗ୍ୟତା ଭିତ୍ତିରେ ଗ୍ରହଣଯୋଗ୍ୟ ହୋଇଥିବେ। କିନ୍ତୁ, ଏହା ଅନ୍ତର୍ଭୁକ୍ତ ନକରାତ୍ମକ ତାଲିକାରେ ଆସୁଥିବା ତାପଜ ବିଦ୍ୟୁତ କେନ୍ଦ୍ରଗୁଡିକ ରିହାତି ଦରରେ ଭୂମି ଆବଣ୍ଟନର ସୁବିଧା ପାଇବା ପାଇଁ ଅଯୋଗ୍ୟ ଅଟନ୍ତି।

ଇଡ୍କୋ ଆଇପିଆର 2015 ର ବିଜ୍ଞପ୍ତି ପରେ ଦୁଇଟି ତାପଜ ବିଦ୍ୟୁତ୍ କେନ୍ଦ୍ର[52]କୁ 117 ଏକର ସରକାରୀ ଜମି ଆବଣ୍ଟନ (ନଭେମ୍ବର 2015 ରୁ ଫେବୃୟାରୀ 2017 ମଧ୍ୟରେ) କରିଛି। ଲାନ୍କୋ ଏବଂ ଜିଏମ୍ଆର୍ ଠାରୁ ଇଡ୍କୋ ନିର୍ଦ୍ଧାରିତ ବଜାର ଦର 10 ଲକ୍ଷ ଟଙ୍କାରୁ 12 ଲକ୍ଷ ଟଙ୍କା ବିପକ୍ଷରେ ମାତ୍ର 2 ଲକ୍ଷ ଟଙ୍କାରୁ 4 ଲକ୍ଷ ଟଙ୍କାର ଭୂମି ଅଧିମୂଲ୍ୟ ରିହାତି ଦରରେ ସଂଗ୍ରହ କରୁଛି, ଏହା ଦର୍ଶାଉଅଛି ଯେ ସେମାନେ ଆଇପିଆର 2007 ଅଧିନରେ ଯୋଗ୍ୟ ଅଟନ୍ତି। କିନ୍ତୁ ସମୀକ୍ଷାରୁ ଦେଖାଗଲା ଯେ ଦୁଇଟିଯାକ ତାପଜ ବିଦ୍ୟୁତ କେନ୍ଦ୍ର ନିର୍ଦ୍ଧାରିତ ସମୟ[53] ମଧ୍ୟରେ ବାଣିଜ୍ୟିକ ଉତ୍ପାଦନ କରିବାରେ ବିଫଳ ହୋଇଛନ୍ତି, ଯାହାକି ଆଇପିଆର୍ 2007 ର ଗୋଟିଏ ଯୋଗ୍ୟତା ସର୍ତ୍ତ ଥିଲା। ତେଣୁ ଦୁଇଟିଯାକ ତାପଜ ବିଦ୍ୟୁତ୍ କେନ୍ଦ୍ର ପୂର୍ବ ଆଇପିଆର ଅଧିନରେ ରିହାତି ଦରରେ ଭୂମି ଆବଣ୍ଟନ ପାଇଁ ଯୋଗ୍ୟ ନୁହନ୍ତି ଏବଂ ସେମାନେ ବଜାର ଦରରେ ଭୂମି ଅଧିମୂଲ୍ୟ ଦେୟ ପୈଠ କରିବା ଆବଶ୍ୟକ ତେଣୁ ଇଡ୍କୋ ସେମାନଙ୍କ ଠାରୁ ଆଇପିଆର୍ 2015 ଅନୁଯାୟୀ 9.13 କୋଟି[54] ଟଙ୍କାର ଭେଦାତ୍ମକ ଭୂମି ଦେୟ ଆଦାୟ କରିବା ଆବଶ୍ୟକ।

ସେହି ଭେଦାତ୍ମକ ଦେୟ ଆଦାୟ ନକରିବାରୁ ପ୍ରଶାସନିକ ଦେୟ 0.91 କୋଟି ଟଙ୍କା (ଭେଦାତ୍ମକ ଭୂମି ମୂଲ୍ୟର 10 ପ୍ରତିଶତ) ପରିମାଣର ମଧ୍ୟକମ୍ ଅସୁଲି ହୋଇଅଛି।

ଇଡ୍କୋ ଦର୍ଶାଇଲା (ଅଗଷ୍ଟ 2020) ଯେ, ସେହି ସମସ୍ତ ପ୍ରକଳ୍ପ ସେମାନଙ୍କର ପ୍ଲାଣ୍ଟ ନିର୍ମାଣ ଆରମ୍ଭ କରିସାରିଥିଲେ ଯେଉଁଥିପାଇଁ ସେମାନେ ଆଇପିଆର 2007 ଅଧିନରେ ରିହାତି ଦରରେ ଭୂମି ପାଇଁ ଯୋଗ୍ୟ ହେଲେ। ଓଡିଶା ସରକାର ପ୍ରସ୍ଥାନ ସମ୍ମିଳନୀରେ ଦର୍ଶାଇଲେ ଯେ ତାପଜ ବିଦ୍ୟୁତ କେନ୍ଦ୍ରଗୁଡିକ ଆର୍ଥିକ ଭତ୍ତା ପାଇବା ପାଇଁ ଯୋଗ୍ୟ ନୁହଁନ୍ତି କିନ୍ତୁ ଆଇପିଆର 2015 ଅଧିନରେ ରିହାତି ଦରରେ ଭୂମି ପାଇବା ପାଇଁ ଯୋଗ୍ୟ ଅଟନ୍ତି। ଏହି ଯୁକ୍ତି ଗ୍ରହଣଯୋଗ୍ୟ ନୁହେଁ କାରଣ ଏହି ପ୍ରତିଷ୍ଠାନ ଗୁଡିକ ଭତ୍ତା କିମ୍ବା ରିହାତି ଦରରେ ଆପିଆର 2007 ଅଧିନରେ ଭୂମି ପାଇବା ପାଇଁ ଯୋଗ୍ୟ ନୁହଁନ୍ତି, ଯେହେତୁ ସେମାନେ ନିର୍ଦ୍ଧାରିତ ସମୟ ତିନି ବର୍ଷ ମଧ୍ୟରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିନଥିଲେ।

### *ଏସ୍ଇଜେଡ୍ ଏବଂ ଡିଟିଏ ପ୍ରକଳ୍ପ ପାଇଁ ଟାଟାକୁ ଜମି ଆବଣ୍ଟନରେ ଅଧିମୂଲ୍ୟ ଏବଂ ପ୍ରଶାସନିକ ଦେୟର ସ୍ୱଳ୍ପ ସଂଗ୍ରହ*

**5.7.4** ଗଞ୍ଜାମ ଜିଲ୍ଲାର ଗୋପାଳପୁର ଠାରେ ଏକ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପାଇଁ 28 ଅଗଷ୍ଟ 1995 ରେ ଟାଟା ଆଇରନ୍ ଆଣ୍ଡ ଷ୍ଟିଲ୍ କମ୍ପାନୀ ଲିମିଟେଡ୍ (ଟିସ୍କୋ) ସହିତ ଓଡ଼ିଶା ସରକାର ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ସେହି ପ୍ରକଳ୍ପ ପାଇଁ ଜମିର ଆବଶ୍ୟକତା ପୂରଣ କରିବା ପାଇଁ ଗଞ୍ଜାମ ଜିଲ୍ଲାପାଳ ଅପ୍ରେଲ ଏବଂ ଡିସେମ୍ବର 1996 ମଧ୍ୟରେ ଇଡ୍କୋ ସପକ୍ଷରେ 537.82 ଏକର ସରକାରୀ ଜମି ମଞ୍ଜୁର କରିଥିଲେ ଏହି ସର୍ତ୍ତରେ ଯେ ଯଦି ଧାର୍ଯ୍ୟ ଉଦ୍ଦେଶ୍ୟରେ ଏହି ଜମି ବ୍ୟବହାର ନହୁଏ ତେବେ ତାହା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା (ଆରଆଣ୍ଡଡିଏମ୍) ବିଭାଗକୁ ଫେରସ୍ତ ହେବ। ଏହି ମଞ୍ଜୁରୀ ନିର୍ଦ୍ଦେଶ ଗୁଡିକ ଛଅ ମାସ ମଧ୍ୟରେ ଲିଜ୍ ଚୁକ୍ତି କରିବା ପାଇଁ ବୈଧ ଥିଲା। ପରବର୍ତ୍ତୀ ସମୟରେ, ସେପ୍ଟେମ୍ବର 1996 ରୁ ଜାନୁଆରୀ 1997 ମଧ୍ୟରେ ଇଡ୍କୋ ଉକ୍ତ ସରକାରୀ ଜମିର ଅଗ୍ରୀମ ଅଧିକାର ଟିସ୍କୋକୁ ହସ୍ତାନ୍ତର କରିଥିଲା। ଯଦିଓ ଲିଜ୍ ଡିଡ୍ କାର୍ଯ୍ୟକାରୀ ହୋଇନଥିଲା,

52 ଲାନ୍କୋ (58.78 ଏକର) ଏବଂ ଜିଏମ୍ଆର (58.22 ଏକର)।

53 ଲାନ୍କୋ ମାର୍ଚ୍ଚ 2012 ରେ ପୁଞ୍ଜି ବିନିଯୋଗ ଆରମ୍ଭ କରିଥିଲା ଏବଂ ବାଣିଜ୍ୟିକ ଉତ୍ପାଦନ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ଜିଏମ୍ଆର ଜାନୁଆରୀ 2009 ରେ ପୁଞ୍ଜି ବିନିଯୋଗ ଆରମ୍ଭ କରିଥିଲା ଏବଂ ବାଣିଜ୍ୟିକ ଉତ୍ପାଦନ ଅପ୍ରେଲ 2013 ରେ ଆରମ୍ଭ ହୋଇଥିଲା।

54 ଲାନ୍କୋ:{11.58 ଏକର x (10 ଲକ୍ଷ ଟଙ୍କା - 4 ଲକ୍ଷ ଟଙ୍କା) + 47.20 ଏକର x (10 ଲକ୍ଷ ଟଙ୍କା - 2 ଲକ୍ଷ ଟଙ୍କା)}, ଜିଏମ୍ଆର:58.22 ଏକର (12 ଲକ୍ଷ ଟଙ୍କା - 4 ଲକ୍ଷ ଟଙ୍କା) ।

ଟିସ୍କୋ ଇଡ୍କୋକୁ ଏକର ପିଛା ଆଇପିଆର୍ 1996 ରେ ନିର୍ଦ୍ଧାରିତ 75,000 ଟଙ୍କା ଦରରେ ଦେୟ ପ୍ରଦାନ କରିଥିଲା।

ଟିସ୍କୋ, ତଥାପି ନିର୍ଦ୍ଧାରିତ ଉଦ୍ଦେଶ୍ୟରେ ଏହି ଜମିକୁ ବ୍ୟବହାର କରିନଥିଲା ଏବଂ ଏସ୍ଇଜେଡ୍ ପ୍ରକଳ୍ପ ପାଇଁ ଏହି ଜମିକୁ ବ୍ୟବହାର କରିବାକୁ ପ୍ରସ୍ତାବ ଦେଇଥିଲା (ଅଗଷ୍ଟ 2002)। ସେହି ଅନୁଯାୟୀ ଓଡ଼ିଶା ସରକାର 2003 ରେ ଟିସ୍କୋ ସହିତ ହୋଇଥିବା ଏମ୍ଓୟୁକୁ ବାତିଲ କରିଦେଲେ। ଇଡ୍କୋ କିନ୍ତୁ ମଞ୍ଜୁରୀ ଆଦେଶର ନବୀକରଣ କିମ୍ବା ମଞ୍ଜୁରୀ ଆଦେଶର ସର୍ତ୍ତ ଅନୁଯାୟୀ ଉକ୍ତ ଜମିକୁ ଫେରାଇ ଆଣି ରାଜସ୍ୱ କର୍ତ୍ତୃପକ୍ଷଙ୍କ ଠାରେ ପୁନଃସ୍ଥାପିତ କରିବା ପାଇଁ କୌଣସି ପଦକ୍ଷେପ ନେଇ ନଥିଲା। ପରବର୍ତ୍ତୀ ସମୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିଷ୍ପତ୍ତି କଲା ଯେ, ଗୋପାଳପୁରରେ ଥିବା ଇସ୍ପାତ କାରଖାନା ପାଇଁ ଆବଶ୍ୟକ ଜମି ବହୁ ଉତ୍ପାଦନ ଏସ୍ଇଜେଡ୍ (ଅକ୍ଟୋବର 2007) ଏବଂ ଘରୋଇ ଶୁଳ୍କ କ୍ଷେତ୍ର (ଡିଟିଏ) ପ୍ରକଳ୍ପ (ଜୁନ୍ 2018) ପାଇଁ ବ୍ୟବହାର କରାଯିବ।

ତଦନୁଯାୟୀ, ଡିସେମ୍ବର 2014 ରୁ ନଭେମ୍ବର 2018 ମଧ୍ୟରେ ଇଡ୍କୋ ଉପରୋକ୍ତ 537.82 ଏକର ସରକାରୀ ଜମି ପୁନଃ ଆବଣ୍ଟନ କରିଛି। ଇଡ୍କୋ ଡିସେମ୍ବର 2014 ରେ ଆଇପିଆର୍ 2007 ରେ ବିଦ୍ୟମାନ ଥିବା ଦର ଏକର ପିଛା 2 ଲକ୍ଷ ଟଙ୍କା ପରିବର୍ତ୍ତେ 1996 ର ଏକର ପିଛା 75,000 ଟଙ୍କା ହାରରେ ଏସ୍ଇଜେଡ୍ ପ୍ରକଳ୍ପ ପାଇଁ 162.47 ଏକର ଏବଂ ଅକ୍ଟୋବର/ ନଭେମ୍ବର 2018 ରେ ଡିଟିଏ ପ୍ରକଳ୍ପ ପାଇଁ ତଥା ବର୍ତ୍ତମାନ ଆଇପିଆର୍ 2015 ର ଦର ଏକର ପିଛା 4 ଲକ୍ଷ ଟଙ୍କା ପରିବର୍ତ୍ତେ ଏକର ପିଛା 75,000 ଟଙ୍କା ହିସାବରେ 375.35 ଏକର ସରକାରୀ ଜମି ଆବଣ୍ଟନ କରିଥିଲା। ଫଳସ୍ୱରୂପ, 537.82 ଏକର ସରକାରୀ ଜମି ଟିସ୍କୋକୁ ଆବଣ୍ଟନ ଉପରେ ଅଭିମୂଲ୍ୟ ବାବଦକୁ 14.23 କୋଟି ଏବଂ ପ୍ରଶାସନିକ ଦେୟ ବାବଦକୁ 1.42 କୋଟି ଟଙ୍କା କମ୍ ଆଦାୟ ହୋଇଥିଲା।

ଇଡ୍କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପ୍ରସ୍ଥାନ ସମ୍ମିଳନୀରେ ଦର୍ଶାଇଛନ୍ତି (ଅଗଷ୍ଟ 2020) ଯେ, ସଂଲଗ୍ନତା ଦୃଷ୍ଟିରୁ ବ୍ୟକ୍ତିଗତ ଜମିକୁ ସରକାରୀ ଜମି ଠାରୁ ପୃଥକ କରିବା କଷ୍ଟସାଧ୍ୟ ଥିଲା ।

ଏହି ଯୁକ୍ତି ଅଗ୍ରାହ୍ୟ କାରଣ ଏଠାରେ 537.82 ଏକର ସରକାରୀ ଜମି ସ୍ପଷ୍ଟ ମଞ୍ଜୁରୀ ଥିଲା ଯେଉଁଟା କି ମଞ୍ଜୁରୀ ନିର୍ଦ୍ଦେଶର ସର୍ତ୍ତାବଳୀ ଅନୁସାରେ ଇଡ୍କୋ ଫେରାଇ ନେବା ଏବଂ ରାଜସ୍ୱ ସୁରକ୍ଷିତ ରଖିବା ପାଇଁ 2003 ରେ ଏମ୍ଓୟୁ ବାତିଲ କରିବା ପରେ ଏସ୍ଇଜେଡ୍ ଏବଂ ଡିଟିଏ ପ୍ରକଳ୍ପ ପାଇଁ ପ୍ରଚଳିତ ହାରରେ ଜମି ପୁନଃଆବଣ୍ଟନ କରିବା ଉଚିତ୍ ଥିଲା।

### *ଭୂ-କର ଓ ଶୁଳ୍କ ଦେୟର ପର୍ଯ୍ୟାଲୋଚନା ନକରିବା*

**5.7.5 (i)** ଇଡ୍କୋ ସରକାରୀ ଜମିର ବିଚ୍ଛିନ୍ନତା ଓ ଘରୋଇ ଜମିରୁ ଅଧିଗ୍ରହଣ ପାଇଁ ଓଡ଼ିଶା ସରକାରଙ୍କ ସହିତ 99 ବର୍ଷିୟା ଲିଜ୍ ଚୁକ୍ତି ଭିତ୍ତିରେ କାର୍ଯ୍ୟକାରୀ କରୁଥିଲା। ଚୁକ୍ତିର ସର୍ତ୍ତ ଅନୁଯାୟୀ, ଇଡ୍କୋ ଏକ ପ୍ରତିଶତ ହାରରେ ଭୂ-କର ଏବଂ 0.75 ପ୍ରତିଶତ ହାରରେ ଶୁଳ୍କ ଅଗ୍ରୀମ ଆକାରରେ ପ୍ରତିବର୍ଷ ଜାନୁଆରୀ ଦ୍ୱିତୀୟ ଦିବସରେ ଓଡ଼ିଶା ସରକାରଙ୍କୁ ପୈଠ କରିବ। ଇଡ୍କୋ ପ୍ରତିବଦଳରେ ଶିଳ୍ପଗୁଡିକ ସହିତ କାର୍ଯ୍ୟକାରୀ ହେଉଥିବା ଲିଜ୍ ଚୁକ୍ତିରେ ଭୂ-କର ଏବଂ ଶୁଳ୍କ ଆଦାୟ କରିବା ପାଇଁ ସମାନ ସର୍ତ୍ତାବଳୀ ପ୍ରସ୍ତୁତ କଲା। ସମୀକ୍ଷାରୁ ଦେଖାଗଲା ଯେ:

- ମାର୍ଚ୍ଚ 2019 ସୁଦ୍ଧା 139 ଟି ଆବଣ୍ଟିତ ଶିଳ୍ପ ମାନଙ୍କର ଦେୟ ପୈଠ କରିବା ଖିଲାପ ପାଇଁ ଆବଣ୍ଟନ ହୋଇଥିବା 58,773.91 ଏକର ଜମି ବିପକ୍ଷରେ 18.52 କୋଟି ଟଙ୍କା ବକେୟା ରହିଥିଲା। ତତ୍ଜନିତ ଭୂ-କର ଓ ଶୁଳ୍କ ଇଡ୍କୋ ଦ୍ୱାରା ମଧ୍ୟ ଓଡ଼ିଶା ସରକାରଙ୍କୁ ଜମା ହୋଇନଥିଲା। ଏହିପରି ତ୍ରୁଟିର କାରଣ ହେଉଛି ଇଡ୍କୋର ଖିଲାପକାରୀ ଶିଳ୍ପମାନଙ୍କର ଚିହ୍ନଟ/ ସଂକ୍ଷିପ୍ତ ତାଲିକା କରିବାରେ ପର୍ଯ୍ୟାଲୋଚନାର ଅଭାବ କାରଣ ଏହା ଶିଳ୍ପ ସଂସ୍ଥାମାନଙ୍କର ବାର୍ଷିକ ଭୂ-କର ଓ ଶୁଳ୍କ ବାବଦ ଦେୟର ତଥ୍ୟ ଆଧାର ପ୍ରସ୍ତୁତ କରିନଥିଲା।
- ପୁନଶ୍ଚ, ବେସରକାରୀ ଜମି କ୍ଷେତ୍ରରେ ଆରଓଆର ସଂଶୋଧନ ପରେ ହିଁ ଓଡ଼ିଶା ସରକାରଙ୍କ ଦ୍ୱାରା ଭୂ-କର ଓ ଶୁଳ୍କ ନିର୍ଦ୍ଧାରଣ କରାଯାଇଥାଏ। ଇଡ୍କୋ 44,932.29 ଏକରର ବେସରକାରୀ ଜମିର ଆରଓଆର

ସଂଶୋଧନ ପାଇଁ ଅନୁସରଣ କରି ନଥିଲା । ଫଳସ୍ୱରୂପ, ଅପ୍ରେଲ 2019 ଠାରୁ ରାଜ୍ୟ କୋଷାଗାରକୁ ବାର୍ଷିକ 33.16 କୋଟି ଟଙ୍କା କ୍ଷତି ସହିବାକୁ ପଡିଲା (ଆଇପିଆର 2015 ଅଧିସୂଚନା ଅନୁଯାୟୀ ଜମିର ନ୍ୟୁନତମ ମୂଲ୍ୟ ଉପରେ ଏକ ପ୍ରତିଶତ ଭୂ-କର ଓ 0.75 ପ୍ରତିଶତ ଶୁଳ୍କ ଗଣନା କରାଯାଇଛି) ।

ଇଡ୍‌କୋ ଦର୍ଶାଇଛି (ଅଗଷ୍ଟ 2020) ଯେ, ଭୂ-କର ଏବଂ ଶୁଳ୍କ ସଂଗ୍ରହ ପାଇଁ ପଦକ୍ଷେପ ନିଆଯାଉଛି ଏବଂ ଏହି ପ୍ରକ୍ରିୟା ବର୍ତ୍ତମାନ ଏକ ପୃଥକ ମଡ୍ୟୁଲ୍ ମାଧମରେ ଇଆରପି ଅନ୍ତର୍ଭୁକ୍ତ କରାଯାଇଛି । ତଥାପି ଇଡ୍‌କୋ ରାଜ୍ୟ କୋଷାଗାରରୁ କ୍ଷତିର କାରଣ ହେଲା । ପ୍ରାଥମିକତା ଭିତ୍ତିରେ ଆରଓଆର ସଂଶୋଧନ କରି ଏହିପରି କ୍ଷତି ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ।

**5.7.5 (ii)** ଆଇପିଆର 2015 ରେ ରିହାତି ଦରରେ ସରକାରୀ ଜମିର ବିଚ୍ଛିନ୍ନିକରଣ ଓ ଇଡ୍‌କୋକୁ ସ୍ଥାନାନ୍ତର ଏବଂ ଜମି ମୂଲ୍ୟ ଉପରେ ଭୂ-କର ଓ ଶୁଳ୍କ ଧାର୍ଯ୍ୟ କରିବା ଉଲ୍ଲେଖ କରାଯାଇଥିଲା । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତଥାପି ଆଇପିଆର ମୂଲ୍ୟ ପରିବର୍ତ୍ତେ ବଜାର ଦର ଉପରେ ଭୂ-କର ଓ ଶୁଳ୍କ ଆଦାୟ କରିବା ଚାଲୁ ରଖିଥିଲା । ପୁନଶ୍ଚ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦର୍ଶାଇଥିଲେ (ସେପ୍ଟେମ୍ବର 2017) ଯେ, ଯେଉଁଠାରେ ଇଡ୍‌କୋ ଜମିର ବଜାର ମୂଲ୍ୟ ଉପରେ ବାର୍ଷିକ ଭୂ-କର ଓ ଶୁଳ୍କ ପ୍ରଦାନ କରିଥିଲା, ଅଧିକ ସଂଗୃହୀତ ଅର୍ଥ ଆଗାମୀ ବର୍ଷ ପାଇଁ ବାର୍ଷିକ ଭୂ-କର ଓ ଶୁଳ୍କର ଅଗ୍ରୀମ ଦେୟ ଭାବରେ ଗ୍ରହଣ କରାଯିବ । ସମୀକ୍ଷାରୁ ଦେଖାଗଲା ଯେ:

- ଆଇପିଆର 2015 ର ବିଜ୍ଞପ୍ତି ପରେ 1,068.29 ଏକର ସରକାରୀ ଜମି ବଣ୍ଟନ ହୋଇଥିବା ଛଅ ଆବଣ୍ଟନଗ୍ରାହୀ, ବଜାର ମୂଲ୍ୟ ଉପରେ ଅଧିକ ଅର୍ଥ ଭୂ-କର ଓ ଶୁଳ୍କ ବାବଦରେ ପଇଠ କରିଥିଲେ । ଏହି ପ୍ରକ୍ରିୟାର ସମୀକ୍ଷାରେ ଦେଖାଗଲା ଯେ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଆଇପିଆରର ରିହାତି ଦରରେ ଭୂ-କର 0.14 କୋଟି ଟଙ୍କା ଏବଂ ଶୁଳ୍କ 0.11 କୋଟି ଟଙ୍କା (ମୋଟ୍ 0.25 କୋଟି ଟଙ୍କା) ପରିବର୍ତ୍ତେ ବଜାର ଦରରେ ଭୂ-କର 0.87 କୋଟି ଟଙ୍କା ଏବଂ ଶୁଳ୍କ 0.66 କୋଟି ଟଙ୍କା (ମୋଟ୍ 1.53 କୋଟି ଟଙ୍କା) ଦେୟ ଆଦାୟ କରିଥିଲା । ଫଳସ୍ୱରୂପ, ଆବଣ୍ଟନଗ୍ରାହୀ ଭୂ-କର ଓ ଶୁଳ୍କ ବାବଦକୁ 1.28 କୋଟି ଟଙ୍କା ଅଧିକ ପଇଠ କରିଥିଲେ । ଇଡ୍‌କୋ ମଧ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଲିଜ୍ ଚୁକ୍ତିରେ ପରିବର୍ତ୍ତନ/ ସଂଶୋଧନ କରିବା ପାଇଁ ଆବେଦନ (ଜାନୁଆରୀ 2020) କରିନଥିଲା । ଏହି ପରିପ୍ରେକ୍ଷିରେ ଉଭୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଇଡ୍‌କୋର ନିଷ୍କ୍ରିୟତା ଉତ୍ସାହୀ ଆବଣ୍ଟନଗ୍ରାହୀ ପାଇଁ ପ୍ରତିକୂଳ ଥିଲା ।

  ଇଡ୍‌କୋ ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଗ୍ରହଣ କଲା (ଅଗଷ୍ଟ 2020) ଏବଂ ଦର୍ଶାଇଲା ଯେ, ଲିଜ୍ କାର୍ଯ୍ୟର ସଂଶୋଧନ ପାଇଁ ସେମାନେ ଓଡ଼ିଶା ସରକାରଙ୍କୁ ଆବେଦନ କରିଛନ୍ତି, ତଥାପି ବର୍ତ୍ତମାନ ସୁଦ୍ଧା ଏହା କେବଳ 118.55 ଏକର ସରକାରୀ ଜମି ବଣ୍ଟନ ସମ୍ପର୍କରେ ଏହା କରାଯାଇଛି ।

### *ଭୂମି ଆବଣ୍ଟନରେ ଅଧିକ ପ୍ରଶାସନିକ ଦେୟ ଆଦାୟ*

**5.7.6** ଜମି ଚିହ୍ନଟ ଏବଂ ଜମି ଯୋଜନା ପ୍ରସ୍ତୁତି ଇତ୍ୟାଦି ଦାୟିତ୍ୱକୁ ବିଚାରକୁ ନେଇ ଓଡ଼ିଶା ସରକାର ଇଡ୍‌କୋକୁ ଜମି ମୂଲ୍ୟର 10 ପ୍ରତିଶତ କେବଳ ପ୍ରଶାସନିକ ଦେୟ ଦେବାକୁ ଅନୁମତି (ଜୁଲାଇ 2002) ଦେଇଛନ୍ତି । ସମୀକ୍ଷା ପରୀକ୍ଷଣରେ 2014-15 ରୁ 2018-19 ମଧରେ 4,975.26 ଏକର ଜମି ଆବଣ୍ଟନ ଯାଞ୍ଚ କରାଯାଇଥିଲା ଏବଂ ଦେଖାଗଲା ଯେ, ଇଡ୍‌କୋ ଜମିର ମୋଟ୍ ମୂଲ୍ୟ ଉପରେ 10 ପ୍ରତିଶତ ହାରରେ ପ୍ରଶାସନିକ ଦେୟ 5.37 କୋଟି ଟଙ୍କା ଅଧିକ ସଂଗ୍ରହ କରିଛି ଯାହା ଉଦ୍ୟୋଗୀମାନଙ୍କ ପାଇଁ ନିରୁତ୍ସାହ ଜନକ ଥିଲା ।

ପ୍ରସ୍ଥାନ ସମ୍ମିଳନୀରେ ସରକାର ଏହି ଉକ୍ତିକୁ ଗ୍ରହଣ କରିଥିଲେ ଏବଂ ସେହି ଅନୁଯାୟୀ ଆବଶ୍ୟକ ପଦକ୍ଷେପ ପାଇଁ ଇଡ୍‌କୋକୁ ପରାମର୍ଶ ଦେଇଥିଲେ ।

### *ଚାରୋଟି ସ୍ଥାନରେ ଅଧିଗ୍ରହଣ ହୋଇଥିବା ଜମିର ବ୍ୟବହାରରେ ବିଳମ୍ବ ହେତୁ ପାଣ୍ଠି ଅବରୋଧ*

**5.7.7** କ୍ରମାଗତ ଆଇପିଆର୍ ଉଦ୍ୟୋଗୀମାନଙ୍କୁ ସେମାନଙ୍କର ଅଗ୍ରୀମ ଆବଣ୍ଟନ ପାଇଁ ଭିତ୍ତିଭୂମି ସକ୍ଷମ କରି ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ରର ବିକାଶ ପାଇଁ ଜମି ଅଧିଗ୍ରହଣ କରିବାକୁ ଇଡ୍‌କୋକୁ ଦାୟିତ୍ୱ ଦେଲା । ବିସ୍ତୃତ ଜମି

ପରିଚାଳନା ନିୟମାବଳୀ ସହିତ ଶିଳ୍ପାଞ୍ଚଳ/ଶିଳ୍ପ କ୍ଷେତ୍ରର ବିକାଶ ପାଇଁ ବିସ୍ତୃତ ଜମି କ୍ଷେତ୍ର ଯୋଜନା କରିବାକୁ ଇଡ୍‌କୋକୁ କୁହାଯାଇଥିଲା।

ମାର୍ଚ୍ଚ 1999 ଏବଂ ମାର୍ଚ୍ଚ 2015 ମଧ୍ୟରେ ଇଡ୍‌କୋ ରାଜ୍ୟର ଚାରୋଟି ସ୍ଥାନରେ[55] ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ପାଇଁ 2.06 କୋଟି ଟଙ୍କାର ଭୂ-କର ଏବଂ ଶୁଳ୍କ ସହିତ 31.32 କୋଟି ଟଙ୍କା ପୈଠ କରି 1,432.57 ଏକର ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ଆରମ୍ଭ କରିଥିଲା। 1,432.57 ଏକର ମଧ୍ୟରୁ ମାତ୍ର 324.27 ଏକର ଅଧିଗ୍ରହଣ ହୋଇପାରିଥିଲା ଯାହା 4 ରୁ 21 ବର୍ଷ ଧରି ଅବ୍ୟବହୃତ ହୋଇ ପଡିରହିଛି। ସମୀକ୍ଷାରୁ ଦେଖାଗଲା ଯେ, ଇଡ୍‌କୋ ଉପଯୁକ୍ତ ଜମି ଚିହ୍ନଟ ପାଇଁ ଏହାର ପ୍ରାଥମିକ ଦାୟିତ୍ୱ ନିର୍ବାହ କରିବାରେ ବିଫଳ ହୋଇଥିଲା ଏବଂ 20.69 କୋଟି ଟଙ୍କା ପୈଠ କରିବା ସତ୍ତ୍ୱେ ରେମୁଣାରେ ଜମି ଅଣ-ଅଧିଗ୍ରଣ ହୋଇନାହିଁ ଏବଂ ଧାମନଗର, ବିଶିଆପଡା ଓ ପଞ୍ଚପଡାରେ ଅଧିକୃତ ଜମି ଅବ୍ୟବହୃତ ହୋଇ ପଡିରହିଛି।

ରେମୁଣା କ୍ଷେତ୍ରରେ, ଇଡ୍‌କୋ ଅକ୍ଟୋବର 2016 ରେ ରାଜସ୍ୱ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦାବି ହୋଇଥିବା ବର୍ଦ୍ଧିତ ଅଧିମୂଲ୍ୟ ପ୍ରଦାନ କରିବାକୁ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିଲା, ଫଳସ୍ୱରୂପ ଜମି ଅଧିଗ୍ରହଣ ହୋଇପାରି ନଥିଲା।

ଧାମନଗରରେ ଅଧିଗ୍ରହଣ ହୋଇଥିବା ଜମିର ଦଖଲ ନିଆଯାଇପାରିବ ନାହିଁ କାରଣ ଜବରଦଖଲ ଏବଂ ଜନସାଧାରଣଙ୍କ ପ୍ରତିରୋଧ ଯୋଗୁ ସୀମା ପ୍ରାଚୀର ନିର୍ମାଣ ହୋଇପାରିଲା ନାହିଁ। ପାଞ୍ଚପଡା କ୍ଷେତ୍ରରେ ଜବରଦଖଲ ଏବଂ ମଧ୍ୟବର୍ତ୍ତୀ ରେଳ ଧାରଣା ଏବଂ ରାଜ୍ୟ ରାଜପଥ ଯୋଗୁ ଜମି ଅନୁପଯୁକ୍ତ ଥିଲା। ସେହିପରି, ବିସିଆପଡା କ୍ଷେତ୍ରରେ ଜମି ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ଜବରଦଖଲ ହୋଇଥିଲା। ଏହି ସମସ୍ତ ତିନୋଟି ମାମଲାରେ ଅନୁପଯୋଗୀତା ଉପଯୁକ୍ତ ଚିହ୍ନଟ ପ୍ରକ୍ରିୟା ମାଧ୍ୟମରେ ଆବିଷ୍କୃତ ହୋଇପାରିଥାନ୍ତା।

ଇଡ୍‌କୋ ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଗ୍ରହଣ କଲା ଏବଂ ଦର୍ଶାଇଲା (ଅଗଷ୍ଟ 2020) ଯେ, ଧାମନଗରର 217.71 ଏକର ଜମି ମଧ୍ୟରୁ 59.62 ଏକର ଜମି ଭାରତୀୟ ତୈଳ ନିଗମକୁ ଆବଣ୍ଟନ ହୋଇଯାଇଅଛି। ଅନ୍ୟ ମାମଲା ମାନଙ୍କରେ ବିଭିନ୍ନ ପର୍ଯ୍ୟାୟରେ ଓଡ଼ିଶା ରାଜ୍ୟ ସରକାରଙ୍କ ସହିତ ପ୍ରକ୍ରିୟା ଚାଲୁ ରହିଛି। ତେଣୁ ଉପରୋକ୍ତ ମାମଲା ଗୁଡିକ ଇଡ୍‌କୋର ଉପଯୁକ୍ତ ତତ୍ପରତାର ଅଭାବ ଏବଂ ଉପଯୁକ୍ତ ଜମି ଚିହ୍ନଟ କରିବାରେ ପ୍ରାଥମିକ ଦାୟିତ୍ୱ ନିର୍ବାହ କରିବାରେ ବିଫଳତାର ଫଳସ୍ୱରୂପ ଜମି ଅଧିଗ୍ରହଣରେ ବିଳମ୍ବ ହୋଇଥିଲା ତଥା ଅଧିକୃତ ଜମି ଅବ୍ୟବହୃତ ହୋଇ ପଡିରହିଥିଲା।

***ସୁପାରିଶ 2:*** *ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ପାଇଁ ସମୟପଯୋଗୀ ଜମି ଚିହ୍ନଟ ଓ ଅଧିଗ୍ରହଣ ପାଇଁ ଉପଯୁକ୍ତ ସର୍ବେକ୍ଷଣ ଏବଂ ନିର୍ବିଘ୍ନ ଦଖଲ ଏବଂ ଜମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାସଙ୍ଗିକ ଆଇନକୁ ଅନୁପାଳନ ନିଶ୍ଚିତ କରିବା ପାଇଁ ଇଡ୍‌କୋକୁ ଫଳପ୍ରଦ ସଂକ୍ରିୟା ରଖିବା ଦରକାର*

## 5.8 ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ରର ବିକାଶ ଓ ରକ୍ଷଣାବେକ୍ଷଣ

***ଇଡ୍‌କୋ ଦ୍ୱାରା ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ବିକାଶ***

**5.8.1** ଓଆଇଆଇଡିସି ଅଧିନିୟମ, 1980 ଇଡ୍‌କୋକୁ ରାଜ୍ୟ ସରକାର ଦ୍ୱାରା ଅଧିସୂଚିତ ସ୍ଥାନରେ ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ଗଠନ କରିବା ଓ ପରିଚାଳନା କରିବା ପାଇଁ କାର୍ଯ୍ୟନ୍ୟସ୍ତ କରିଥିଲା। ଜମିର ଚିହ୍ନଟ, ଜମିର ଯୋଜନା ଓ ଜମି ଅଧିଗ୍ରହଣ ଠାରୁ ଆରମ୍ଭ କରି ଅଧିସୂଚିତ ସ୍ଥାନରେ ଶିଳ୍ପ ଉଦ୍ୟୋଗୀମାନଙ୍କୁ ଜମି ହସ୍ତାନ୍ତର କରିବା ପର୍ଯ୍ୟନ୍ତ ପ୍ରାଥମିକ ଦାୟିତ୍ୱ ଇଡ୍‌କୋର ଥିଲା।

ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ମାନଙ୍କର ବିକାଶ ଓ ରକ୍ଷଣାବେକ୍ଷଣ ନିମନ୍ତେ ଉପରୋକ୍ତ ଅଧିନିୟମ ଇଡ୍‌କୋକୁ ଆବଣ୍ଟନଗ୍ରାହୀ ମାନଙ୍କ ଠାରୁ ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ଗୁଡିକର ଭିତ୍ତିଭୂମିର ସୁବିଧା ଗଠନ ସଂକ୍ରାନ୍ତରେ ଯଥା ରାସ୍ତା, ନାଳ, ପାଣି ଓ ବିଦ୍ୟୁତ୍, ବର୍ଜ୍ୟବସ୍ତୁ ପରିଚାଳନା ପ୍ରଣାଳୀ ତଥା ଚିହ୍ନିତ ସ୍ଥାନରେ ସବୁଜ ପରିବେଶ ବାବଦରେ

55 ବିଶିଆପଡା, ପାଞ୍ଚପଡା, ଧାମନଗର, ରେମୁଣା।

ବିକାଶ ବାବଦ ମୂଲ୍ୟ ଅସୁଲ କରିବା ପାଇଁ ପ୍ରାଧିକାର ଦେଇଥିଲା । ଇଡ୍‌କୋ ମଧ ଜମି ମୂଲ୍ୟ ବାବଦରେ ଜମି ଦର ଉପରେ ଶତକଡା 10 ହାରରେ ପ୍ରଶାସନିକ ଦେୟ ଆଦାୟ କରୁଥିଲା ।

ମାର୍ଚ୍ଚ 2019 ସୁଦ୍ଧା, ଇଡ୍‌କୋର ପରିଚାଳନା ଓ ନିୟନ୍ତ୍ରଣ ଦାୟିତ୍ୱରେ 116 ଟି ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର 24,084.27 ଏକର ଜମିରେ ନ୍ୟସ୍ତ ଥିଲା । ଏହି ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ମାନଙ୍କରେ ଜମିର ବ୍ୟବହାର ଶତକଡା ହିସାବରେ 0 ରୁ 100 ପର୍ଯ୍ୟନ୍ତ ବିକ୍ଷିପ୍ତ ଥିଲା ଯାହା ନିମ୍ନ ସାରଣୀରେ ଦିଆଗଲା ।

**ସାରଣୀ 5.2: ଶିଳ୍ପାନୁଷ୍ଠାନ/ ଶିଳ୍ପ ମାହଲରେ ଜମିର ବ୍ୟବହାର**

| ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ସଂଖ୍ୟା | ମୋଟ୍ ଜମି (ଏକରରେ) | ଆବଣ୍ଟିତ ଜମି (ଏକରରେ) | ଆବଣ୍ଟିତ ଜମି ଶତକଡା ହିସାବରେ |
|---|---|---|---|
| 14 | 313.48 | Nil | 0 |
| 25 | 2,772.47 | 220.50 | up to 25 |
| 17 | 1,425.47 | 589.28 | 25 to 50 |
| 38 | 16,608.96 | 11,421.04 | 50 to 75 |
| 22 | 2,963.90 | 2,418.27 | above 75 |
| **116** | **24,084.28** | **14,649.09** | **~ 61** |

***(ଉତ୍ସ: ଇଡ୍‌କୋର ନଥି)***

କେବଳ 61 ଶତକଡା ଜମି ଆବଣ୍ଟିତ ହୋଇଥିଲା ଏବଂ 39 ଶତକଡା ବ୍ୟବହାର ହୋଇପାରିନଥିଲା (ଅଗଷ୍ଟ 2020) । 116 ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ମଧ୍ୟରୁ 14 ଟି ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ଥିବା 313.48 ଏକର ଜମିର କୌଣସି ଆବଣ୍ଟନ ହୋଇ ନଥିଲା ।

ଏହି ପରିପ୍ରେକ୍ଷୀରେ ଜମିର ଅବ୍ୟବହାରର କାରଣ ଗୁଡିକୁ ପାଞ୍ଚଟି ମନୋନୀତ ବିଭାଜନରେ ସମୀକ୍ଷା ଦ୍ୱାରା ବିଶ୍ଲେଷଣ କରି ନିମ୍ନଲିଖିତ ପର୍ଯ୍ୟାଲୋଚନା କରାଗଲା:

- ମାର୍ଚ୍ଚ 2019 ସୁଦ୍ଧା, ବିନା ସରକାରୀ ବିଜ୍ଞପ୍ତିରେ ଓ ବିନା କୌଣସି ଭିତ୍ତିଭୂମିର ପ୍ରାବଧାନରେ ଇଡ୍‌କୋ ଖୋଲା ଦ୍ୱାର ଶିଳ୍ପକ୍ଷେତ୍ରରେ 50.47 ଏକର ଜମି ମଧ୍ୟରୁ 44.92 ଏକର ଜମିକୁ ଆବଣ୍ଟନ କରିଥିଲା ।

  ଇଡ୍‌କୋ ଦର୍ଶାଇଥିଲା (ଅଗଷ୍ଟ 2020) ଯେ, ସେମାନେ ରାଜ୍ୟ ସରକାରଙ୍କୁ 50.47 ଏକର ଜମିକୁ ଖୋଲା ଦ୍ୱାର ଶିଳ୍ପ କ୍ଷେତ୍ର ହିସାବରେ ସରକାରୀ ବିଜ୍ଞପ୍ତି ପାଇଁ ଅନୁରୋଧ (ଡିସେମ୍ବର 2019) କରିଥିଲା ।

- ଇଡ୍‌କୋ ପାଖରେ ଉପରୋକ୍ତ ଚିହ୍ନିତ ଭିତ୍ତିଭୂମି ପାଇଁ ଶତକଡା ହିସାବରେ କୌଣସି ଏକରୂପି ବିକାଶ ଯୋଜନା ନଥିଲା ଯାହାଫଳରେ ଏକରୂପି ସୁବିଧା ଗୁଡିକର ଉପଲବ୍ଧିର ଅଭାବ ପରିଲକ୍ଷିତ ହୋଇଥିଲା । ଏହି ସୁବିଧା ଗୁଡିକ ପାଇଁ ଉପଲବ୍ଧ ଜମି ଚାରୋଟି ଶିଳ୍ପ କ୍ଷେତ୍ର[56] ରେ ଶତକଡା 14.34 (81.25 ଏକରରୁ 11.610 ଏକର ବାମନୀ ଶିଳ୍ପ କ୍ଷେତ୍ରରେ) ରୁ ଶତକଡା 37.37 (12.47 ଏକରରୁ 4.66 ଏକର କପିଳେଶ୍ୱର ଶିଳ୍ପ କ୍ଷେତ୍ର) ମଧ୍ୟରେ ଥିଲା ଯେବେକି ସାତଟି ଶିଳ୍ପ କ୍ଷେତ୍ର[57]ରେ 411.81 ଏକର ଜମିରେ ଏହି ସୁବିଧା ଗୁଡିକର କୌଣସି ପ୍ରାବଧାନ ନଥିଲା ।

  ଏହି ତଥ୍ୟକୁ ସ୍ୱୀକାର କରି ଇଡ୍‌କୋ ଜଣାଇଲା (ଅଗଷ୍ଟ 2020) ଯେ, ଏକରୂପି ବିକାଶ ଯୋଜନାର ଗଠନ ପ୍ରକ୍ରିୟା ଚାଲୁଅଛି ।

- ପାଞ୍ଚଟି ଶିଳ୍ପ କ୍ଷେତ୍ର[58]ରେ 202.54 ଏକର ଜମିରେ କୌଣସି ଆବଣ୍ଟନ କରାଯାଇପାରି ନଥିଲା କାରଣ ଏହି ଜମିଗୁଡିକ ଅନଧିକାର ପ୍ରବେଶ, ଉପରି ବୈଦ୍ୟୁତିକ ତାର, ସଂଲଗ୍ନ ଜମିର ଅଭାବ, ଆରଓଆର ସମସ୍ୟା ଯୋଗୁ ଶିଳ୍ପାନୁଷ୍ଠାନ ପାଇଁ ଅନୁପଯୁକ୍ତ ଥିଲା ।

56 କପିଳେଶ୍ୱର, ଅଟୋ ନଗର, ଆମ୍ବପୁଆ ଓ ବାମନି ଶିଳ୍ପକ୍ଷେତ୍ର

57 ବଳରାମପୁର, ଭିତରଗଡ଼, ବିଲେଇପଦା, ରେଙ୍ଗାଲୀ, ସାଇଁକୁଳା, ଖୋଲାଦ୍ୱାର ଏବଂ କାମାକ୍ଷାନଗର

58 ଆମ୍ବପୁଆ - 4.97 ଏକର, କାମାକ୍ଷାନଗର - 5.00 ଏକର, ଭିତରଗଡ଼ - 118.70 ଏକର, ବିଲେଇପଦା - 52.70 ଏକର ଏବଂ ରେଙ୍ଗାଲୀ - 21.17 ଏକର

ଇଡ୍‌କୋ ଦର୍ଶାଇଲା (ଅଗଷ୍ଟ 2020) ଯେ, ପ୍ରସ୍ତାବର ଅଭାବ ଯୋଗୁ ଆବଣ୍ଟନ କରାଯାଇ ପାରିନଥିଲା। ଏହି ଉତ୍ତର ଗ୍ରହଣଯୋଗ୍ୟ ନୁହେଁ କାରଣ ଇଡ୍‌କୋ ଜମିର ଚିହ୍ନଟ ଓ ଜମିର ଯୋଜନା କରିବା ପାଇଁ ପ୍ରାଥମିକ ସ୍ତରରେ ଦାୟି ଥିଲା।

- କପିଳେଶ୍ୱର ଶିଳ୍ପ କ୍ଷେତ୍ର ଜମିର ଦର ସ୍ଥିର କରିବା ସମୟରେ[59] ବଣ୍ଟନଯୋଗ୍ୟ ଜମି ବଦଳରେ ମୋଟ୍ ଜମିକୁ ବିଚାର କରିବା ଯୋଗୁ 1.30 କୋଟି ଟଙ୍କାର ବିକାଶ ଖର୍ଚ୍ଚ କମ୍ ଆକଳନ କରାଗଲା। ସେହିଭଳି, ସାଇଁକୁଳା ଶିଳ୍ପ କ୍ଷେତ୍ର ପାଚେରୀ ବାବଦରେ 1.59 କୋଟି ଟଙ୍କାର ଅଧିକ ଖର୍ଚ୍ଚର ଆଦାୟ ପାଇଁ ଇଡ୍‌କୋ ଜମି ମୂଲ୍ୟକୁ ସଂଶୋଧନ କରିନଥିଲା।

  ଇଡ୍‌କୋ ଜଣାଇଲା (ଅଗଷ୍ଟ 2020) ଯେ, ଏହି ଖର୍ଚ୍ଚର ଆଦାୟ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଥିଲା।

- ଶିଳ୍ପାନୁଷ୍ଠାନ ମାନଙ୍କ ପାଇଁ ବାହ୍ୟ ଭିତ୍ତିଭୂମିର ବିକାଶ ଯଥା ରାସ୍ତା, ଶକ୍ତି, ପାଣି ଓ ବର୍ଜ୍ୟବସ୍ତୁର ପରିଚାଳନା ଦିଗରେ ସମୟାନୁବର୍ତ୍ତୀତା ଭିତ୍ତିରେ ସାହାଯ୍ୟ କରିବା ପାଇଁ ଆଇପିଆର 2015 ମାଧ୍ୟମରେ ଶିଳ୍ପ ବିଭାଗ 100 କୋଟି ଟଙ୍କାର ଶିଳ୍ପ ଭିତ୍ତିଭୂମି ବିକାଶ ପାଣ୍ଠିର ଏକ ପ୍ରାରମ୍ଭିକ କର୍ପସ୍ ପାଣ୍ଠି ଗଠନ କରାଗଲା। ଇଡ୍‌କୋ ବର୍ତ୍ତମାନ ସୁଦ୍ଧା 2017-18 ମସିହା ସାତଟି ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ବାହ୍ୟ ଭିତ୍ତିଭୂମିର ବିକାଶ ପାଇଁ 86.50 କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବ କରିଥିଲେ ଯାହା ବିପକ୍ଷରେ ଉପଲବ୍ଧ 38.24 କୋଟି ଟଙ୍କାରୁ ଇଡ୍‌କୋ ମାତ୍ର 23.80 କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ପଇଠ କରିଥିଲା ତେଣୁ ଶିଳ୍ପ ବିଭାଗ ବଳକା 48.26 କୋଟି ଟଙ୍କାକୁ ପ୍ରଦାନ କରିନଥିଲା। ତେଣୁ, ଇଡ୍‌କୋ ପାଣ୍ଠିର ଉପଲବ୍ଧି ଥିବା ସତ୍ତ୍ୱେ ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇ ଦେଇପାରି ନଥିଲା।

  ଇଡ୍‌କୋ ଏହି ସମୀକ୍ଷାକୁ ଗ୍ରହଣ କରିଥିଲେ ଏବଂ ଦର୍ଶାଇଥିଲେ (ଅଗଷ୍ଟ 2020) ଯେ, ସେମାନେ ଉନ୍ନତ ଯୋଜନା ମାଧ୍ୟମରେ ଏହି ପ୍ରକଳ୍ପ ଗୁଡିକୁ ଯଥାଶୀଘ୍ର ଶେଷ କରିବା ପାଇଁ ପ୍ରୟାସ କରିବେ।

***ସୁପାରିଶ 3:*** *ଇଡ୍‌କୋ ଶିଳ୍ପାନୁଷ୍ଠାନ ପାଇଁ ଉପଯୁକ୍ତ ଜମିର ଚିହ୍ନଟ ଓ ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ସମୟାନୁବର୍ତ୍ତୀ ସରକାରୀ ବିଜ୍ଞପ୍ତି ଦିଗରେ ପଦକ୍ଷେପ ନେବା ଉଚିତ୍। ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ ପାଇଁ ଉପଯୁକ୍ତ ବିକାଶ ଯୋଜନା ପ୍ରସ୍ତୁତ କରିବା ଦରକାର ଯାହା ଆବଣ୍ଟନଗ୍ରାହୀ ମାନଙ୍କ ପାଇଁ ଶିଳ୍ପପ୍ରତିଷ୍ଠାନ ପ୍ରତିଷ୍ଠା କରିବା ପାଇଁ ଅତ୍ୟାବଶ୍ୟକ ଅଟେ ଏବଂ ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ସମୟାନୁବର୍ତ୍ତୀ ବିକାଶ ପାଇଁ ଜରୁରୀ ଅଟେ।*

### *ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ଜଳ ଯୋଗାଣ ବ୍ୟବସ୍ଥା*

**5.8.2** ଓଡ଼ିଶା ଜଳସେଚନ ନିୟମ, 1961 (2010 ରେ ସଂଶୋଧିତ) ଧାର୍ଯ୍ୟ କରିଥିଲା ଯେ, ଶିଳ୍ପାନୁଷ୍ଠାନ ମାନେ ଜଳ ସମ୍ପଦ ବିଭାଗ ସହିତ ଚୁକ୍ତିନାମା କରି ସରକାରୀ ଉତ୍ସରୁ ଜଳ ଉଠାଇ ପାରିବେ। ବିନା ଚୁକ୍ତିରେ ଜଳ ଉତ୍ତୋଳନ କରିଲେ ସାଧାରଣ ଦର ଠାରୁ ଛଅଗୁଣା ଦରରେ ଜଳ ଦେୟ ଆକାରରେ ପଇଠ କରିବାର ଥିଲା। ଇଡ୍‌କୋ 116 ଟି ମଧ୍ୟରୁ କେବଳ ତିନୋଟି[60] ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ସରକାରୀ ଉତ୍ସରୁ ଆବଣ୍ଟନଗ୍ରାହୀ ମାନଙ୍କଠାରୁ ଜଳ କର ଆଦାୟ କରି ଜଳ ଉତ୍ତୋଳନ କରୁଥିଲା। ଅନ୍ୟ 18 ଟି ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ଇଡ୍‌କୋ ନିଜସ୍ୱ ବ୍ୟବସ୍ଥାରେ ଜଳ ଯୋଗାଣ କରୁଥିଲା। ବାକି 95 ଟି ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ଆବଣ୍ଟନଗ୍ରାହୀ ମାନେ ସେମାନଙ୍କର ନିଜସ୍ୱ ବ୍ୟବସ୍ଥାରେ ଭୂତଳ ଜଳକୁ ବ୍ୟବହାର କରୁଥିଲେ ଯାହା ସମ୍ବନ୍ଧରେ ଇଡ୍‌କୋ ପାଖରେ କୌଣସି ତଥ୍ୟ ଏବଂ ନିୟନ୍ତ୍ରଣ ନଥିଲା। ଇଡ୍‌କୋ ଦ୍ୱାରା କୌଣସି ଚୁକ୍ତିନାମାର ଅଭାବ ଯୋଗୁ ସେହି ଶିଳ୍ପାନୁଷ୍ଠାନ ମାନେ ଜଳ କର ପଇଠ ନକରି ଭୂତଳ ଜଳକୁ ଅନଧିକୃତ ଭାବେ ବ୍ୟବହାର କରୁଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ (ଜୁନ୍

59 (ଜମି ପ୍ରିମିୟମ + ଉନ୍ନୟନ ଖର୍ଚ୍ଚ) / ଆବଣ୍ଟନଯୋଗ୍ୟ କ୍ଷେତ୍ର, ଯେଉଁଠାରେ ଆବଣ୍ଟନଯୋଗ୍ୟ କ୍ଷେତ୍ରମାନେ ମୋଟ୍ କ୍ଷେତ୍ର ବିଭିନ୍ନ ଭିତ୍ତିଭୂମି ପାଇଁ ଚିହ୍ନିତ କ୍ଷେତ୍ର।

60 କଳିଙ୍ଗନଗର ଶିଳ୍ପ କମ୍ପ୍ଲେକ୍ସ (କେଏନ୍‌ଆଇସି), କାଲୁଙ୍ଗା ଏବଂ ଖୋର୍ଦ୍ଧା

2015) ଅନୁଯାୟୀ ଅନଧିକୃତ ଭୂତଳ ଜଳ ବ୍ୟବହାରକୁ ରୋକିବା ଓ ଡିଓଡବ୍ଲ୍ୟୁଆର ସହିତ ଚୁକ୍ତିନାମା ସ୍ୱାକ୍ଷର କରିବାରେ ଇଡ୍‌କୋ ବିଫଳ ହୋଇଥିଲେ।

ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ଗୁଡିକରେ ଅନଧିକୃତ ଜଳର ଉତ୍ସକୁ ବ୍ୟବହାର କରିବାରେ ପର୍ଯ୍ୟାଲୋଚନାର ଅଭାବ ଯୋଗୁ ଇଡ୍‌କୋ ଆବଶ୍ୟକୀୟ ତଥ୍ୟ ରାଜ୍ୟ ସରକାରଙ୍କୁ ଯୋଗାଇ ପାରିନଥିଲା ଯାହାକି ଭୂତଳ ଜଳ ହ୍ରାସକୁ ରୋକିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଭୂତଳ ଜଳ ବ୍ୟବହାର ଦିଗରେ ବିଭାଗୀୟ ସ୍ଥିତି ଗଠନ କରିବାରେ ସହାୟକ ହୋଇଥାନ୍ତା।

ଶିଳ୍ପକ୍ଷେତ୍ର ମାନଙ୍କରେ ଯେଉଁଠାରେ ଇଡ୍‌କୋ ଜଳର ବ୍ୟବହାର ପାଇଁ ଚୁକ୍ତି ସ୍ୱାକ୍ଷରିତ କରିଥିଲା ସେଠାରେ ମଧ୍ୟ ନିମ୍ନଲିଖିତ ଖିଲାପ ପରିଲକ୍ଷିତ ହୋଇଥିଲା:

- ଡିଓଡବ୍ଲ୍ୟୁଆର୍ ସହିତ ଚୁକ୍ତିନକରି ଇଡ୍‌କୋ କଳିଙ୍ଗନଗର ଶିଳ୍ପ ପ୍ରତିଷ୍ଠାନରେ ଶିଳ୍ପ ସଂସ୍ଥାମାନଙ୍କୁ ଅନଧିକୃତ ଜଳ ଯୋଗାଇ (ଅପ୍ରେଲ 2015 ରୁ ଅଗଷ୍ଟ 2015) ଆସୁଥିଲା। ଏଥିଯୋଗୁ ଜଳ ବିଭାଗ ଇଡ୍‌କୋ ଠାରୁ ଅନଧିକୃତ ଜଳବ୍ୟବହାର ବାବଦରେ ଜଳ କର ଦଣ୍ଡ ରୂପରେ 6.57 କୋଟି ଟଙ୍କା ଦାବି କରିଥିଲା। କିନ୍ତୁ, ଇଡ୍‌କୋ ଏହାକୁ ସେପ୍ଟେମ୍ବର 2019 ପର୍ଯ୍ୟନ୍ତ ପଇଠ କରିନଥିଲା ଯାହା ଫଳରେ ସେମାନେ 21.56 କୋଟି ଟଙ୍କାର ବର୍ଦ୍ଧିତ ଦାବିକୁ ଅକ୍ଟୋବର 2019 ରେ ପାଇଥିଲେ।
- ଇଡ୍‌କୋ ଦ୍ୱାରା ଖୋର୍ଦ୍ଧା ଶିଳ୍ପ କ୍ଷେତ୍ର[61] ଜଳ ଯୋଗାଣ ପିପିପି ବ୍ୟବସ୍ଥାରେ ଏବଂ ବହୁଳ ଜଳ ଯୋଗାଣ ଚୁକ୍ତିନାମା ଅନୁସାରେ ଅକ୍ଟୋବର 2018 ଠାରୁ ପରିଚାଳନା କରାଯାଉଛି। ଏହି ଚୁକ୍ତିନାମା ଅନୁଯାୟୀ, ଇଡ୍‌କୋ ଦିନକୁ 13.19 ନିୟୁତ୍ ଲିଟର ଜଳ ନେବାର ଥିଲା ଏବଂ ଏହି ଅନୁଯାୟୀ ଜଳ କର ପଇଠ କରିବା ଥିଲା ଯଦିଓ ଜଳ ବ୍ୟବହାର କମ୍ ଥିଲା। ସମୀକ୍ଷାରୁ ଜଣାଗଲା ଯେ, ଇଡ୍ କୋ ମାତ୍ର 5 ଏମ୍‌ଏଲ୍‌ଡି ଜଳକୁ ଅକ୍ଟୋବର 2018 ରୁ ଜୁନ୍ 2020 ମଧ୍ୟରେ ବ୍ୟବହାର କରିପାରିଥିଲା। ଏଥିଯୋଗୁ ଇଡ୍‌କୋକୁ ସମସ୍ତ ଚୁକ୍ତିଭିତ୍ତିକ 13.19 ନିୟୁତ ଲିଟର ପାଇଁ 13.88 କୋଟି ଟଙ୍କାର ଦେୟ ବରାଦ ପଡିଥିଲା। ପରିଯୋଜନା ଅନୁଯାୟୀ ଇଡ୍‌କୋ ଜଳ ବ୍ୟବହାର କରିପାରି ନଥିଲା କାରଣ ଇଡ୍‌କୋ ସି ଫୁଡ୍ ପାର୍କ, ଡେରାସ୍ ଓ ଇନ୍‌ଫୋଭାଲି ପ୍ରକଳ୍ପ ଗୁଡିକରେ ଆବଣ୍ଟନଗ୍ରହୀ ମାନଙ୍କୁ ଜମି ଯୋଗାଇ ପାରିନଥିଲା। 13.19 ଏମ୍‌ଏଲ୍‌ଡି ପରିଯୋଜନାର ଆଧାର ମଧ୍ୟ ସମୀକ୍ଷାରେ ସ୍ପଷ୍ଟ ହୋଇପାରି ନଥିଲା।

  ଇଡ୍‌କୋ ଉତ୍ତରରେ ଜଣାଇଲା (ଅଗଷ୍ଟ 2020) ଯେ, ଜଳ ସଂରକ୍ଷଣ ପାଣ୍ଠି (ଡବ୍ଲ୍ୟୁସିଏଫ୍) ଜମା ବାବଦରେ ସ୍ପଷ୍ଟିକରଣର ଅଭାବ ହୋଇଥିଲା ଯାହା ଡିଓଡବ୍ଲ୍ୟୁଆର୍ ସହିତ ଆବଶ୍ୟକୀୟ ଚୁକ୍ତିନାମା ଓ ଜଳ ଉତ୍ତୋଳନ ପାଇଁ ଦେୟ ଆଦାୟ କରିବାରେ ପ୍ରଭାବ ପକାଇଥିଲା। ଏହି ଉତ୍ତରଟି ପ୍ରାସଙ୍ଗିକ ନଥିଲା ଯେହେତୁ ଡବ୍ଲ୍ୟୁସିଏଫ୍ ନଭେମ୍ବର 2015 ରେ ଡିଓଡବ୍ଲ୍ୟୁଆର୍ ଦ୍ୱାରା ଏକ ବିଜ୍ଞପ୍ତି ଯୋଗୁ ଗଠନ କରାଯାଇଥିଲା ଏବଂ ସମୀକ୍ଷା ପର୍ଯ୍ୟବେକ୍ଷଣ 2015 ମସିହାର ପୂର୍ବ ସମୟକୁ ସୂଚାଉ ଥିଲା। ଇଡ୍‌କୋ ଏହା ମଧ୍ୟ ଜଣାଇଥିଲା ଯେ, ଇଆରଏଫ୍ ମାଧ୍ୟମରେ ଏହାର ପର୍ଯ୍ୟାଲୋଚନ ପାଇଁ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ସତ୍ୟତା ଏହା ଥିଲା ଯେ, ଇଡ୍‌କୋ ଏବଂ ସରକାରୀ ସଂସ୍ଥା ହୋଇ ମଧ୍ୟ ଜଳ ଭଳି ଏକ ଦୁର୍ଲଭ ସମ୍ପଦ ପାଇଁ ପ୍ରାସଙ୍ଗିକ ଆଇନକୁ ମାନି ନଥିଲା।

### *ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ଗୁଡିକରେ ଜମି ଆବଣ୍ଟନରେ ଅନିୟମିତତା*

**5.8.3** ଶିଳ୍ପ ବିଭାଗ 2014-15 ରୁ 2018-19 ମଧ୍ୟରେ ଓଆଇଆଇଡିସି ଅଧିନିୟମର ବିଭାଗ 14 (ii) ଅନୁଯାୟୀ 636.66 ଏକର ଜମିକୁ ନେଇ 10 ଟି ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ବିଜ୍ଞପ୍ତି ଜାରି କରିଥିଲା, ଯାହା ମଧ୍ୟରୁ ଇଡ୍‌କୋ 14 ଟି ଶିଳ୍ପ ସଂସ୍ଥାମାନଙ୍କୁ 197.73 ଏକର ଜମି ଆବଣ୍ଟନ କରିଥିଲା। ଦ୍ୱିତୀୟରେ, ଆବଶ୍ୟକୀୟ ବିଜ୍ଞପ୍ତି ବିନା 18 ଟି ଶିଳ୍ପ ସଂସ୍ଥାମାନଙ୍କୁ ଖୋଲାଦ୍ୱାର ଓ ସି ଫୁଡ୍ ପାର୍କରେ ଥିବା ମୋଟ୍ ଆବଣ୍ଟନୀୟ 139.25 ଏକର ଜମିରୁ 62.16 ଏକର ଜମି ଆବଣ୍ଟନ କରିଥିଲା। ସମୀକ୍ଷାରୁ ଜଣାଗଲା ଯେ, ଇଡ୍‌କୋ ଶିଳ୍ପ କ୍ଷେତ୍ରର ବିଜ୍ଞପ୍ତି ପରେ ବର୍ଦ୍ଧିତ ଦରରେ ସ୍ଥିରୀକୃତ କରାଯାଇଥିବା ଜମି ଦର ବାବଦରେ ବଳକା ଜମି ଦରକୁ ଆଦାୟ ପାଇଁ ଏହାର

[61] ଇନ୍‌ଫୋଭ୍ୟାଲି; ସି ଫୁଡ୍ ପାର୍କ, ଡେରାସ୍ ଏବଂ ଖୋର୍ଦ୍ଧା ଶିଳ୍ପକ୍ଷେତ୍ର।

ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ସ୍ବୀକୃତ (ମାର୍ଚ୍ଚ 2017) କରାଯାଇଥିବା ସର୍ତ୍ତକୁ ମାନି ନଥିଲା। ଏହା ଫଳରେ ନିମ୍ନଲିଖିତ ଜମି ଦର କମ୍ ଅସୁଲ ହୋଇଥିଲା:

**ସାରଣୀ 5.3: ଜମି ଦରରେ କମ୍ ଅସୁଲି**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ଶିଳ୍ପ ସଂସ୍ଥାର ନାମ | ଜମି ଆବଣ୍ଟନ (ଏକରରେ) | ବୋର୍ଡର ନିଷ୍ପତ୍ତି ଅନୁସାରେ ଜମି ଦର | ଜମି ଦର ଆଦାୟ | କମ୍ ଅସୁଲି |
|---|---|---|---|---|---|
| **ଖୋଲାଦ୍ୱାରା** | | | | | |
| 1 | କଳିଙ୍ଗ ବାୟୋ ଫର୍ଟିକେମ୍ | 0.48 | 0.21 | 0.15 | 0.06 |
| 2 | ଶୋଭା ଇଣ୍ଡଷ୍ଟ୍ରିଜ୍ | 1.00 | 0.43 | 0.30 | 0.13 |
| 3 | ଆଇଟିସି | 26.00 | 11.24 | 7.80 | 3.44 |
| | ଆଇଟିସି | 4.00 | 2.59 | 1.80 | 0.79 |
| 4 | କାଲ୍‌ସେନ୍ ପ୍ରାଇଭେଟ୍ ଲିମିଟେଡ୍ | 1.00 | 0.43 | 0.30 | 0.13 |
| | ମୋଟ୍ | **32.48** | 14.90 | 10.35 | **4.55** |
| **ରାମଦାସପୁର** | | | | | |
| 1 | ଜୟ ଭାରତ ସାଇସେସ୍ ପ୍ରାଇଭେଟ୍ ଲିମିଟେଡ୍ | 14.00 | 3.50 | 1.19 | 2.31 |
| 2 | ପ୍ରିକାଷ୍ଟାରସ୍ ଇଣ୍ଡିଆ ଲିମିଟେଡ୍ | 12.08 | 3.02 | 1.03 | 1.99 |
| 3 | ଏମ୍. କେ. ପ୍ଲାଷ୍ଟ ପ୍ରାଇଭେଟ୍ ଲିମିଟେଡ୍ | 3.00 | 0.75 | 0.45 | 0.30 |
| | ମୋଟ୍ | **29.08** | 7.27 | 2.67 | **4.60** |
| **ଜୟମଙ୍ଗଳ** | | | | | |
| 1 | ମେସର୍ସ ସୁଗୁଣା ଫୁଡ୍ସ | 3.00 | 1.34 | 1.20 | 0.14 |
| 2 | ମେସର୍ସ ମାଲାନୀ ଫୋମ୍ସ | 18.20 | 8.11 | 7.28 | 0.83 |
| | ମୋଟ୍ | **21.20** | 9.45 | 8.48 | **0.97** |
| ସି ଫୁଡ୍ ପାର୍କ | | | | | |
| 1 | ସାବ୍ରୀ ଫୁଡ୍ସ | 4.10 | 2.87 | 2.46 | 0.41 |
| 2 | କଷ୍ଟାଲ୍ କରପୋରେସନ୍ | 4.28 | 3.00 | 2.57 | 0.43 |
| | ମୋଟ୍ | **8.38** | 5.87 | 5.03 | **0.84** |
| | ସର୍ବ ମୋଟ୍ | **91.14** | | | **10.96** |

*(ଉତ୍ସ: ଇଡ୍‌କୋର ନଥିପତ୍ର)*

ସମୀକ୍ଷାରେ ଉପରୋକ୍ତ ଜମି ଆବଣ୍ଟନକୁ ବିଶ୍ଳେଷଣ କରି ନିମ୍ନଲିଖିତ ଆକଳନ କରାଗଲା:

- ଇଡ୍‌କୋ ମୂଲ୍ୟ ନିର୍ଦ୍ଧାରଣ କମିଟି (ପିଏଫ୍‌ସି)/ ବୋର୍ଡର[62] ଅନୁମୋଦନ ବିନା 2015-16 ମଧ୍ୟରେ ଏକର ପିଛା 30 ଲକ୍ଷ ଟଙ୍କାରେ ଖୋଲାଦ୍ୱାର ଶିଳ୍ପ କ୍ଷେତ୍ର ଚାରୋଟି ସଂସ୍ଥାକୁ 32.48 ଏକର ଜମି ବଣ୍ଟନ କରିଛି। ଆବଣ୍ଟନ ନିର୍ଦ୍ଦେଶରେ ଦର୍ଶାଯାଇଛି ଯେ ଜମି ମୂଲ୍ୟ ସାମୂହିକ ଅଟେ ଯାହା ସରକାରୀ/ ଇଡ୍‌କୋ ବୋର୍ଡର ନିର୍ଦ୍ଦେଶ ପାଇବା ପରେ ସଂଶୋଧିତ ହେବ ଏବଂ ଭିନ୍ନକ୍ଷମ ମୂଲ୍ୟ; ଯଦି ଥାଏ ତାହା ପୁନଃ ଆଦାୟ ହେବ। ଯଦିଓ ବୋର୍ଡ ଅଗଷ୍ଟ 2016 ରେ ଆୟୋଜିତ ହୋଇଥିବା ସଭାରେ ଏକର ପିଛା 43.22 ଲକ୍ଷ ଟଙ୍କାରେ ଜମି ହାରକୁ ଅନୁମୋଦନ କରିଛି, ଇଡ୍‌କୋ କିନ୍ତୁ ଏହି ଅନୁସାରେ ଚାରୋଟି ସଂସ୍ଥାରୁ 4.55 କୋଟି ଟଙ୍କାର ବକେୟା ମୂଲ୍ୟକୁ ଦାବି କରିନଥିଲା।

  ଇଡ୍‌କୋ ଉତ୍ତର ରଖିଥିଲା (ଅଗଷ୍ଟ 2020) ଯେ, ଆଶା କରାଯାଉଥିବା ପ୍ରଭାବ ସହିତ ଜମି ହାର ଏବେ ସ୍ଥିର ହୋଇଛି ତେଣୁ ଏହି ସଂସ୍ଥାମାନଙ୍କ ପାଇଁ ଏହା ପ୍ରଯୁଜ୍ୟ ନୁହେଁ। ଏହି ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ

62 ଜମି ନିୟମାବଳୀ 2016 ଅନୁଯାୟୀ ଇଡ୍‌କୋ ଜମି ଦରକୁ ମୂଲ୍ୟ ନିର୍ଦ୍ଧାରଣ କମିଟି ମାଧ୍ୟମରେ ସ୍ଥିର କରି ଏହାକୁ ବୋର୍ଡ ଦ୍ୱାରା ଅନୁମୋଦିତ କରେ।

ଆବଣ୍ଟନ ନିର୍ଦ୍ଦେଶରେ ନିର୍ଦ୍ଦିଷ୍ଟ ଭାବରେ କୁହାଯାଇଛି ଯେ ରାଜ୍ୟ ସରକାର/ ଇଡ୍‌କୋ ବୋର୍ଡରୁ ନିର୍ଦ୍ଦେଶ ଗ୍ରହଣ ଉପରେ ପୁନର୍ବିଚାର ପାଇଁ ଜମି ମୂଲ୍ୟ ସାମୟିକ ଅଟେ।

- ଇଡ୍‌କୋ ରାମଦାସପୁର ଶିଳ୍ପ କ୍ଷେତ୍ର 29.08 ଏକର ଜମିକୁ ତିନୋଟି ଶିଳ୍ପସଂସ୍ଥା[63] ମାନଙ୍କୁ ବିଜ୍ଞପ୍ତି ପୂର୍ବରୁ (ଅଗଷ୍ଟ 2018) ଏକର ପିଛା 8.50 ଲକ୍ଷ ଟଙ୍କା ହାରରେ ଖାଲି ଜମି ଭାବରେ ବଣ୍ଟନ କରିଛି ଏବଂ ଯଦି ଏହି କ୍ଷେତ୍ର ଶିଳ୍ପ କ୍ଷେତ୍ରରେ ବିକଶିତ ହୁଏ ତେବେ ବକେୟା ଜମି ହାରକୁ ପୁନଃ ଆଦାୟ କରିବାର ସର୍ତ୍ତ ରହିଛି। ବୋର୍ଡ ଏକର ପିଛା 25 ଲକ୍ଷ ଟଙ୍କାରେ ଜମି ହାରକୁ ଅନୁମୋଦନ କରିଛି ଏବଂ 15 ଟି ଶିଳ୍ପ ସଂସ୍ଥା ମାନଙ୍କୁ 30 ଏକର ଜମି ଆବଣ୍ଟନ କରିଛି। କିନ୍ତୁ, ଇଡ୍‌କୋ ସେହି ତିନୋଟି ସଂସ୍ଥାଠାରୁ ବକେୟା ରାଶି ବାବଦରେ 4.60 କୋଟି ଟଙ୍କା ଆଦାୟ କରିନାହିଁ।

  ଇଡ୍‌କୋ ଦର୍ଶାଇଛି (ଅଗଷ୍ଟ 2020) ଯେ, ଉଦ୍ଧୃତ ସଂସ୍ଥାମାନଙ୍କୁ ଜମି ମୂଲ୍ୟ ପୁନର୍ବିଚାର ପୂର୍ବରୁ ଦିଆଯାଇଛି ତେଣୁ ସେମାନଙ୍କ ଠାରୁ ବକେୟା ରାଶି ଆଦାୟ କରିବା ଗ୍ରହଣୀୟ ନୁହେଁ। ଏହି ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ଭବିଷ୍ୟତରେ ଯଦି ସଂଶୋଧିତ ହୁଏ ତେବେ ବର୍ଦ୍ଧିତ ଜମି ମୂଲ୍ୟକୁ ପୁନଃ ଆଦାୟ ପାଇଁ ବୋର୍ଡ ନିଷ୍ପତ୍ତି (10 ମାର୍ଚ୍ଚ 2017) ନେଇ ସାରିଛି।

- ଜୟମଙ୍ଗଳ ଶିଳ୍ପ କ୍ଷେତ୍ର ଜମି ହାର ପିଏଫ୍‌ସି ଦ୍ୱାରା ନିର୍ଦ୍ଧାରିତ ହୋଇନାହିଁ ଅଥବା ବୋର୍ଡ ଦ୍ୱାରା ଅନୁମୋଦନ ଆଜି ପର୍ଯ୍ୟନ୍ତ (ଡିସେମ୍ବର 2019) ହୋଇନାହିଁ। ଇଡ୍‌କୋ 3 ଏକର ଜମିକୁ ସୁଗୁନା ଖାଦ୍ୟ ଏନଂ 18.200 ଏକର ଜମିକୁ ମାଲାନୀ ଫେମସ୍‌କୁ ଏକର ପିଛା 40 ଲକ୍ଷ ଟଙ୍କାରେନିଜସ୍ୱ ପ୍ରଶାସନିକ ଶୁଳ୍କ ବାବଦରେ 10 ଶତକଡାକୁ ବିଚାରକୁ ନନେଇ ଆବଣ୍ଟନ କରିଛି ଏବଂ ଏହାଦ୍ୱାରା 0.97 କୋଟି ଟଙ୍କାର କମ୍ ଜମି ମୂଲ୍ୟ ଆଦାୟ କରିପାରିଛି।

  ଇଡ୍‌କୋ ଦର୍ଶାଇଛି (ଅଗଷ୍ଟ 2020) ଯେ, ଜମିର ମୂଲ୍ୟକୁ ଏକର ପିଛା 40 ଲକ୍ଷ ଟଙ୍କାରେ ବୋର୍ଡ ଦ୍ୱାରା ସ୍ଥିର କରାଯାଇଛି। ପ୍ରଶାସନିକ ଶୁଳ୍କ ଆଦାୟ ନକରାଯିବାର କାରଣ ନେଇ ଉତ୍ତର ନୀରବ ଥିବାରୁ ଏହି ଉତ୍ତର ପ୍ରାସଙ୍ଗିକ ନୁହେଁ।

- ଇଡ୍‌କୋ ମାର୍ଚ୍ଚ 2019 ପର୍ଯ୍ୟନ୍ତ ସିଫୁଡ୍ ପାର୍କ ପାଇଁ ଜମି ମୂଲ୍ୟକୁ ବୋର୍ଡର ଅନୁମୋଦନ କ୍ରମେ ଏକର ପିଛା 70 ଲକ୍ଷ ଟଙ୍କାରେ ଏବଂ 60 ଲକ୍ଷ ଟଙ୍କାର ପ୍ରାରମ୍ଭିକ ରିହାତି ସହିତ ସ୍ଥିର (ଅଗଷ୍ଟ 2016) କରିଥିଲା। ଏହା ମଧ୍ୟ ଦେଖାଗଲା ଯେ 27 ମାର୍ଚ୍ଚ 2019 ରେ ବୋର୍ଡ ଏହି ପ୍ରାରମ୍ଭିକ ରିହାତି ଦରକୁ 31 ମାର୍ଚ୍ଚ 2019 ଠାରୁ ବୃଦ୍ଧି କରିବାକୁ ଅନୁମୋଦନ ଦେଇ ନଥିଲା। ଇଡ୍‌କୋ ତଥାପି 4.10 ଏକର ଜମି (ମେଇ 2019) ରେ ସାବ୍ରି ଫୁଡ୍ ଉତ୍ପାଦକୁ ଏବଂ 4.28 ଏକର ଜମି (ଜୁନ୍ 2019) ରେ କୋଷ୍ଟାଲ୍ କର୍ପୋରେସନ୍‌କୁ ପ୍ରାରମ୍ଭିକ ରହିାତି 60 ଲକ୍ଷ ଟଙ୍କା ଦରରେ ଆବଣ୍ଟନ କରିଥିଲା, ଯାହାଫଳରେ 83.80 ଲକ୍ଷ ଟଙ୍କାର କମ୍ ଜମି ମୂଲ୍ୟ ଆଦାୟ କରାଗଲା।

  ଇଡ୍‌କୋ ଦର୍ଶାଇଲା (ଅଗଷ୍ଟ 2020) ଯେ, ଉପରୋକ୍ତ ସଂସ୍ଥାମାନଙ୍କୁ ପ୍ରାରମ୍ଭିକ ରିହାତି ଅନୁମତି ଦିଆଯାଇଥିଲା, କାରଣ 31 ମାର୍ଚ୍ଚ 2019 ପୂର୍ବରୁ ସେମାନଙ୍କ ପାଖକୁ ଆଦାୟ ଚିଠି ଦିଆଯାଇଥିଲା ଯଦିଓ ଏହାପରେ ଜମି ଆବଣ୍ଟନ କରାଗଲା। ଏହି ଉତ୍ତରଟି ଗ୍ରହଣଯୋଗ୍ୟ ନୁହେଁ କାରଣ ଜମି ଆବଣ୍ଟନ କମିଟି (ଏଲ୍‌ଏସି) 23 ଡିସେମ୍ବର 2016 ସଭାରେ ନିଷ୍ପତ୍ତି ନିଆଯାଇଥିଲା ଯେ ଜମିର ଆବଣ୍ଟନ ଚିଠିର ତାରିଖ ଅନୁଯାୟୀ ନୁହେଁ ବରଂ ବଣ୍ଟନ ତାରିଖ ଉପରେ ଥିବା ଜମି ହାର ନେଇ ଏହା ଦିଆଯିବା ଉଚିତ୍।

### *ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସର ଅଂଶ ଭାବେ ଏଲ୍ ଏସିର ପ୍ରଭାବ*

**5.8.4** ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସର ଅଂଶ ଭାବରେ ଇଡ୍‌କୋ ଜମି ଆବଣ୍ଟନ କମିଟି ଗଠନ କରିଥିଲା, ଯାହା ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ପ୍ରାଧିକରଣର ସୁପାରିଶକୁ କାର୍ଯ୍ୟକାରୀ କରିବା ଏବଂ ଆଠଦିନ ମଧ୍ୟରେ ଜମି ବଣ୍ଟନପତ୍ର ପ୍ରଦାନ କରିବା ପାଇଁ ପ୍ରତ୍ୟେକ ମାସ 15 ତାରିଖରେ ଡକାଯିବ।

[63] ଜୟ ଭାରତ ମସଲା, ପ୍ରିକାଷ୍ଟର ଇଣ୍ଡିଆ ଲିମିଟେଡ୍ ଏବଂ ଏମ୍. କେ. ପ୍ଲାଷ୍ଟ ପ୍ରାଇଭେଟ୍ ଲିମିଟେଡ୍

ଏହା ଲକ୍ଷ୍ୟ କରାଗଲା ଯେ, ମାର୍ଚ୍ଚ 2019 ସୁଦ୍ଧା 46 ଟି ଧାର୍ଯ ବୈଠକ ମଧ୍ୟରୁ ମାତ୍ର 23 (50 ପ୍ରତିଶତ) ବୈଠକ ହୋଇଥିବାରୁ ଏହା ପାଳନ କରାଯାଇ ନାହିଁ। 2014-19 ଅବଧି ମଧ୍ୟରେ, ଇଡ୍‌କୋ ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ପ୍ରାଧିକରଣର ସୁପାରିଶ ଠାରୁ 53 ରୁ 2,401 ଦିନ (ଛଅ ବର୍ଷରୁ ଅଧିକ) ବ୍ୟବଧାନ ପରେ 164 ଶିଳ୍ପକୁ ଆବଣ୍ଟନ ପତ୍ର ପ୍ରଦାନ କରିଥିଲା। ଏହିପରି ବିଳମ୍ବର ମୁଖ୍ୟ କାରଣ ଥିଲା ନିୟମିତ ଏଲ୍‌ଏସି ବୈଠକ ଗୁଡିକ ଆୟୋଜନ ନକରିବା।

ତଥ୍ୟକୁ ଗ୍ରହଣ କରିବା ସହିତ ଇଡ୍‌କୋ ଦର୍ଶାଇଛି (ଅଗଷ୍ଟ 2020) ଯେ, ନିୟମିତ ଏଲ୍‌ଏସି ବୈଠକ ଡାକିବା ଏବଂ ଶିଳ୍ପସଂସ୍ଥା ସପକ୍ଷରେ ଜମି ଆବଣ୍ଟନ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଓଡ଼ିଶା 2019 ବର୍ଷରେ ଇଜ୍ ଅଫ୍ ଡୁଇଙ୍ଗ ବିଜିନେସ୍ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି। ତେଣୁ ଶିଳ୍ପ ଭିତ୍ତିଭୂମି ପାଇଁ ଗୁରୁତ୍ୱପୂର୍ଣ୍ଣ ନିବେଶ ଯୋଗାଣ ବୃଦ୍ଧି କରିବା ପାଇଁ ଧାର୍ଯ୍ୟ ଅନୁଯାୟୀ ଏଲ୍‌ଏସି ସଂକ୍ରିୟା ଏବଂ ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ପ୍ରାଧିକରଣ ସହିତ ଏହାର ସହଯୋଗ କରିବାର ଦାୟିତ୍ୱ ଇଡ୍‌କୋ ଉପରେ ନ୍ୟସ୍ତ ଅଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଇଜ୍ ଅଫ୍ ଡୁଇଙ୍ଗ ବିଜିନେସ୍ ତାଲିକାରେ ଓଡ଼ିଶାର କ୍ରମାଙ୍କ 2015 ରେ 7 ରୁ ହ୍ରାସ ପାଇ 2019 ରେ 29 ତମ ସ୍ଥାନରେ ପହଞ୍ଚିଛି।

### *ନକରାତ୍ମକ ତାଲିକାରେ ଆସୁଥିବା ଶିଳ୍ପମାନଙ୍କୁ ରିହାତି ଦରରେ ଜମି ଆବଣ୍ଟନ*

**5.8.5** ଆଇପିଆର୍ ନିର୍ଦ୍ଦିଷ୍ଟ ବର୍ଗର ପ୍ରତିଷ୍ଠାନ ଗୁଡିକ ପାଇଁ ନକରାତ୍ମକ ତାଲିକା ନିର୍ଦ୍ଧାରିତ କରିଚି ଯେଉଁ ଗୁଡିକ କି ସୁବିଧା ଯେପରିକିସୁଧ ରିହାତି, ଷ୍ଟାମ୍ପ ଡ୍ୟୁଟି ଛାଡ ଇତ୍ୟାଦି ପାଇବା ପାଇଂ ଯୋଗ୍ୟ ନୁହେଁ କିମ୍ବା ରିହାତି ଦରରେ ରାଜ୍ୟରେ ଜମି ଆବଣ୍ଟନ ପାଇଁ ଯୋଗ୍ୟ ନୁହେଁ କିନ୍ତୁ ନିର୍ଦ୍ଧାରିତ[64]/ବଜାର ଦରରେ ସାଧାରଣ ନିୟମ ଅନୁଯାୟୀ ବିନିଯୋଗ ସୁବିଧା ଏବଂ ଜମି ଆବଣ୍ଟନ ପାଇଁ ଯୋଗ୍ୟ। ପୁନଶ୍ଚ, ଜମି ଆବଣ୍ଟନ ବାବଦରେ ଜୁଲାଇ 2016 ରେ ଜାରି କରାଯାଇଥିବା ମାଷ୍ଟର ସର୍କୁଲାର ଅନୁଯାୟୀ ଆଇପିଆର୍‌ର ନକରାତ୍ମକ ତାଲିକା ଅଧିନରେ ଆସୁଥିବା ପ୍ରତିଷ୍ଠାନ ଗୁଡିକୁ ଇଡ୍‌କୋ ଶିଳ୍ପ ଜମି ଦରରୁ 15 ପ୍ରତିଶତ ଅଧିକ ଦେୟ ନେଇପାରିବ।

ସମୀକ୍ଷାରୁ ଦେଖାଗଲା ଯେ, ଇଡ୍‌କୋ ସମ୍ପୃକ୍ତ ଉପ ନିବନ୍ଧକଙ୍କ ଠାରୁ ଜମିର ନିର୍ଦ୍ଧାରିତ ମୂଲ୍ୟ ପ୍ରାପ୍ତ ନକରି 26.87 ଏକରର ଜମି 9 ଟି ଶିଳ୍ପ କ୍ଷେତ୍ରରେ 100 ଟିରୁ 14 ଟି ଶିଳ୍ପ ପ୍ରତିଷ୍ଠାନକୁ ଆବଣ୍ଟନ କରିଛି **(ପରିଶିଷ୍ଟ-9)**। ଏହାର ଫଳ ସ୍ୱରୂପ ଉପରୋକ୍ତ ଆବଣ୍ଟନରେ 13.34 କୋଟି ଟଙ୍କାର କମ୍ ଅସୁଲି ହୋଇଛି।

ଇଡ୍‌କୋ ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଗ୍ରହଣ କରିବା ସହିତ ଦର୍ଶାଇଁ (ଅଗଷ୍ଟ 2020) ଯେ, ନିର୍ଦ୍ଧାରିତ ମୂଲ୍ୟରେ ଦେୟ ଆଦାୟ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।

### *ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ମାନଙ୍କରେ ଆବଣ୍ଟନ ପରବର୍ତ୍ତୀ ପ୍ରସ୍ତାବ*

**5.8.6** ଇଡ୍‌କୋ ଏହାର ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ର ମାନଙ୍କରେ ମାଷ୍ଟର ସର୍କୁଲାର ବ୍ୟବସ୍ଥା ଏବଂ ସମୟ ସମୟରେ ଏହାର ବୋର୍ଡର ନିଷ୍ପତ୍ତି/ ନିର୍ଦ୍ଦେଶାବଳୀ ଉପରେ ଆଧାର କରି ଆବଣ୍ଟନ ପରବର୍ତ୍ତୀ ପ୍ରସ୍ତାବ ଗୁଡିକ କାର୍ଯ୍ୟକାରୀ କରୁଥିଲା। ଆବଣ୍ଟନ ପରବର୍ତ୍ତୀ ପ୍ରସ୍ତାବ ଗୁଡିକରେ ମୂଳ ବଣ୍ଟନକାରୀଙ୍କ ଠାରୁ ଲିଜ୍ ହୋଲ୍ଡ ସମ୍ପତ୍ତି ସ୍ଥାନାନ୍ତରଣ ଏବଂ ମୂଳ ବଣ୍ଟନକାରୀଙ୍କ କାର୍ଯ୍ୟକଳାପର ପରିବର୍ତ୍ତନ ଅନ୍ତର୍ଭୁକ୍ତ କରାଯାଇଥିଲା। ଇଡ୍‌କୋ 2014-19 ମଧ୍ୟରେ ଲିଜ୍ ହୋଲ୍ଡ ସମ୍ପତ୍ତି ସ୍ଥାନାନ୍ତର ଏବଂ ସାତୋଟି ଶାଖାରେ[65] 107.62 ଏକର ଜମି ସହିତ ଜଡିତ କାର୍ଯ୍ୟକଳାପର ପରିବର୍ତ୍ତନ ସମ୍ବନ୍ଧୀୟ 150 ଆବଣ୍ଟନ ପରବର୍ତ୍ତୀ ପ୍ରସ୍ତାବକୁ ଅନୁମୋଦନ କରିଛି।

ଏହି ପରିପ୍ରେକ୍ଷୀରେ ସମୀକ୍ଷାରେ ନିମ୍ନଲିଖିତ ଗୁଡିକ ଲକ୍ଷ୍ୟ କରାଗଲା:

i. ***ଅନଧିକୃତ ବ୍ୟବହାର/ ଅବ୍ୟବହୃତ ଜମି ସ୍ଥାନାନ୍ତର***

ଆବଣ୍ଟନ ଚିଠିରେ ବ୍ୟବସ୍ଥା ।ନୁଯାୟୀ, ଯେଉଁ ଉଦ୍ଦେଶ୍ୟରେ ଜମି ଲିଜ୍ ଦିଆଯାଉଛି ସେହି ଉଦ୍ଦେଶ୍ୟରେ ବ୍ୟବହୃତ ନହେଲେ ଇଡ୍‌କୋର ଜମିକୁ ଫେରାଇ ନାବାର ଅଧିକାର ଥିଲା। ସେହିଭଳି, ଜମି ନିୟମାବଳୀ, 2016

---

64 ନିର୍ଦ୍ଧାରିତ ମୂଲ୍ୟ ହେଉଛି ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଇଥିବା ବଜାର ପ୍ରଚଳିତ ଦର।

65 ଅନୁଗୁଳ, ଯାଜପୁର, ସମ୍ବଲପୁର, କଟକ, ବ୍ରହ୍ମପୁର, ଏମ୍‌ଏସ୍‌ଏମ୍‌ଇ-I ଏବଂ ଏମ୍‌ଏସ୍‌ଏମ୍‌ଇ-II ।

ଇଡ୍‌କୋକୁ କ୍ଷମତା ପ୍ରଦାନ କରିଥିଲା ଯେ ଆବଣ୍ଟନଗ୍ରାହୀ ମାନଙ୍କୁ ତାଙ୍କ ଜମି ହସ୍ତାନ୍ତର କରିବାକୁ ଅନୁମତି ଦେବ ଯଦି ଏହି ଜମି ଅଧିକୃତ ଉଦ୍ଦେଶ୍ୟରେ ବ୍ୟବହାର କିମ୍ବା ଅବ୍ୟବହୃତ ହୋଇଥିବ। ସମୀକ୍ଷାରୁ ଲକ୍ଷ୍ୟ କରାଗଲା ଯେ, ଇଡ୍‌କୋ 2.57 କୋଟି ଟଙ୍କାର ସ୍ଥାନାନ୍ତର ଶୁଳ୍କ ବିପକ୍ଷରେ 36 ଟି ପ୍ରତିଷ୍ଠାନର 39.81 ଏକର ଲିଜ୍‌ଧାରୀ ସମ୍ପତ୍ତି ସ୍ଥାନାନ୍ତର କରିବାକୁ ଅନୁମତି ଦେଇଥିଲା (2014-19) ଯେଉଁଗୁଡିକ ଅବ୍ୟବହୃତ ହୋଇ ପଡିରହିଥିଲା କିମ୍ବା ଅନଧିକୃତ ବ୍ୟବହାର କରାଯାଇଥିଲା। ଇଡ୍‌କୋ ଉପର ବର୍ଣ୍ଣିତ ଜମିଗୁଡିକୁ ଫେରାଇଆଣି ପ୍ରଚଳିତ ଦରରେ ପୁନଃ ଆବଣ୍ଟନ କରିପାରିନଥିଲା ଯାହା ଫଳରେ 23.06 କୋଟି ଟଙ୍କା କମ୍ ଅସୁଲି ହେଲା।

ଇଡ୍‌କୋ ଦର୍ଶାଇଛି (ଅଗଷ୍ଟ 2020) ଯେ, ନିୟମାବଳୀ 2016 ଏବଂ ମାଷ୍ଟର ସର୍କୁଲାରରେ ଧାର୍ଯ୍ୟ କରାଯାଇଥିବା ସର୍ତ୍ତାବଳୀ ଅନୁଯାୟୀ ଜମି ହସ୍ତାନ୍ତର କରାଯାଇଛି। ଏହି ଉତ୍ତର ଗ୍ରହଣଯୋଗ୍ୟ ନୁହେଁ କାରଣ ରେଗୁଲେସନ୍ 2016 ର ଧାରା 19 ର ଏହି ସର୍ତ୍ତରେ ଜମି ହସ୍ତାନ୍ତର କରିବାକୁ ଅନୁମତି ଦେଇଥାଏ, ଯଦି ଏପରି ଜମି ଖାଲି ନଥିବ ଏବଂ ଆବଣ୍ଟନଗ୍ରାହୀଙ୍କ ଦ୍ୱାରା ନିଗମ ସହ ହୋଇଥିବା ଲିଜ୍ ଚୁକ୍ତିନାମାର ସର୍ତ୍ତାବଳୀ ଗୁଡିକର ଉଲ୍ଲଙ୍ଘନ କରାଯାଇ ନଥିବ।

### ii. *ପୂର୍ବ ସଂଶୋଧିତ ଜମି ଦରରେ ଜମି ସ୍ଥାନାନ୍ତର/ କାର୍ଯ୍ୟକଳାପର ପରିବର୍ତ୍ତନ*

ଇଡ୍‌କୋ ନିର୍ଦ୍ଦେଶକ ମଣ୍ଡଳୀ (ସେପ୍ଟେମ୍ବର 2014) ଜମିର ବ୍ୟବହାର ସମୟ ଉପରେ ନିର୍ଭର କରି ବିଦ୍ୟମାନ ଜମି ମୂଲ୍ୟ ଉପରେ ଶତକଡା (5 ରୁ 15 ପ୍ରତିଶତ) ଟ୍ରାନ୍ସଫର୍ ଫି ହାର ସ୍ଥିର କରିଚି ଯାହା କାର୍ଯ୍ୟକଳାପର ପରିବର୍ତ୍ତନ ପାଇଁ 1.5 ଗୁଣ ବୃଦ୍ଧି ହେବ ଅର୍ଥାତ୍ ଶିକ୍ଷାନୁଷ୍ଠାନରୁ ଡାକ୍ତରଖାନା ଏବଂ ସ୍ୱାସ୍ଥ୍ୟ ସେବା ପରି ସାମାଜିକ ଭିତ୍ତିଭୂମି ଏବଂ ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଆସୁଥିବା ହୋଟେଲ, ମଲ୍ଟିପ୍ଲେକ୍ସ ଇତ୍ୟାଦି କାର୍ଯ୍ୟକଳାପର ପରିବର୍ତ୍ତନ ପାଇଁ 2.5 ଗୁଣ।

ସମୀକ୍ଷାରୁ ଦେଖାଗଲା ଯେ, ଚନ୍ଦକା ଶିଳ୍ପାଞ୍ଚଳରେ ମେସର୍ସ ବିଗ୍ନେଶ କେମିଟେକ୍ ପ୍ରାଇଭେଟ୍ ଲିମିଟେଡ୍‌ର 0.39 ଏକରର ଲିଜ୍‌ଧାରୀ ଜମିକୁ ପାରସ୍ପରିକ ସହମତି ଭିତ୍ତିରେ କାଶି ଇକ୍ୱିପମେଣ୍ଟକୁ ସ୍ଥାନାନ୍ତର ଓ ଶିଳ୍ପାଞ୍ଚଳରୁ ମଲ୍ଟିପ୍ଲେକ୍ସରେ ପରିବର୍ତ୍ତନ ପାଇଁ ଅନୁମୋଦନ କରିଛି (ଅଗଷ୍ଟ 2015)। ଇଡ୍‌କୋ ମଧ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ମେସର୍ସ ଇପିଟେକ୍ସ ଇଣ୍ଟରନ୍ୟାସନାଲ୍ ପ୍ରାଇଭେଟ୍ ଲିମିଟେଡ୍ ସପକ୍ଷରେ 3.30 ଏକର ଜମି ଶିଳ୍ପାଞ୍ଚଳରୁ ସୁପର ସ୍ପେସିଆଲିଟି ହସ୍ପିଟାଲ୍‌ରେ କାର୍ଯ୍ୟକଳାପ ପରିବର୍ତ୍ତନକୁ ଅନୁମୋଦନ କରିଛି। ଉଭୟ ମାମଲାରେ ପ୍ରଚଳିତ ଦର 1.25 କୋଟି ପରିବର୍ତ୍ତେ ସଂଶୋଧିନ ପୂର୍ବର ଦର 0.75 କୋଟି ଟଙ୍କାରେ ଜମି ହସ୍ତାନ୍ତର ପାଇଁ ଅନୁମତି ଦିଆଯାଇଥିଲା। ତେଣୁ ନିର୍ଦ୍ଦେଶକ ମଣ୍ଡଳୀର ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରି ପ୍ରଚଳିତ ଜମି ଦର ପ୍ରୟୋଗ ନକରିବା ଦ୍ୱାରା 4.14 କୋଟି ଟଙ୍କା ମୂଲ୍ୟର ସ୍ଥାନାନ୍ତର ଦେୟ କମ୍ ଅସୁଲି ହୋଇଛି।

ଇଡ୍‌କୋ ଦର୍ଶାଇଛି (ଅଗଷ୍ଟ 2020) ଯେ, ଆବେଦନ ସମୟରେ ପ୍ରଚଳିତ ଜମି ମୂଲ୍ୟ ଉପରେ ସ୍ଥାନାନ୍ତର ଦେୟ ହିସାବ କରାଯାଇଥିଲା। ଏହି ଉତ୍ତର ଗ୍ରହଣଯୋଗ୍ୟ ନୁହେଁ, କାରଣ ପ୍ରଚଳିତ ଦର ଆବେଦନ ସମୟର ପ୍ରଚଳିତ ଦର ବୋଲି ସମ୍ପୃକ୍ତ ବୋର୍ଡ ରିଜଲ୍ୟୁସନ୍ (ସେପ୍ଟେମ୍ବର 2014) ଉଲ୍ଲେଖ କରିନାହିଁ। ଅନ୍ୟ ମାମଲା ଗୁଡିକରେ ଇଡ୍‌କୋ ମଧ ସେହି ଦେୟ ଆବଣ୍ଟନ ସମୟର ପ୍ରଚଳିତ ଦରରେ ସଂଗ୍ରହ କରୁଛି। ପୁନଶ୍ଚ, କେବଳ ଆବେଦନ ପତ୍ର କୌଣସି ପକ୍ଷ ଉପରେ କୌଣସି ଦେୟ ପାଇଁ ବାଧ କରେ ନାହିଁ। ତେଣୁ, ଆବଣ୍ଟନ ସମୟରେ ପ୍ରଚଳିତ ହାରକୁ ଦର୍ଶାଇ ଆବଣ୍ଟନ ତାରିଖକୁ ବିଚାର କରାଯିବା ଉଚିତ୍।

### *ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ରରେ ଆବଣ୍ଟନଗ୍ରାହୀ ମାନଙ୍କ ଠାରୁ ଅଧିକ ଭୂମି ଭଡ଼ା ଓ ସେସ୍ ଆଦାୟ*

**5.8.7** ରାଜ୍ୟ ସରକାର ଓ ଇଡ୍‌କୋ ଦ୍ୱାରା ହୋଇଥିବା ଲିଜ୍ ମାଧମରେ ଇଡ୍‌କୋକୁ ଜମି ଭଡ଼ା ଓ ସେସ୍ ବାବଦରେ ଜମିମୂଲ୍ୟ ଉପରେ ଯଥାକ୍ରମେ 1 ପ୍ରତିଶତ ଏବଂ 0.75 ପ୍ରତିଶତ ଦେବାକୁ ପଡିବ। ଶିଳ୍ପ ବିଭାଗର ନିର୍ଦ୍ଦେଶନାମା (ସେପ୍ଟେମ୍ବର 1996) ଅନୁଯାୟୀ, ଇଡ୍‌କୋ କେବଳ ଜମି ମୂଲ୍ୟ ଉପରେ ଯଥା ବିକାଶ ଖର୍ଚ୍ଚକୁ ବାଦ ଦେଇ ଭୂମି ଭଡ଼ା ଓ ସେସ୍ ଦେଉଥିଲା। ବୋର୍ଡର 17 ମଇ 2016 ରେଜଲୁସନ୍ ମଧ ବିକାଶମୂଳକ ମୂଲ୍ୟକୁ ବାଦ ଦେଇ ଜମି ମୂଲ୍ୟ ଉପରେ ଭୂମି ଭଡ଼ା ଓ ସେସ୍ ଆଦାୟ କରିବାକୁ ଅନୁକୋଦନ କରିଥିଲା।

ସମୀକ୍ଷା ଯାଞ୍ଚରୁ ପାଞ୍ଚଟି ମନୋନୀତ ବିଭାଜନର 36 ଟି ଶିଳ୍ପ କ୍ଷେତ୍ରରେ ଯାଞ୍ଚ କରି ଜାଣିବାକୁ ପାଇଲା ଯେ ସମୀକ୍ଷା ଅବଧି ମଧ୍ୟରେ ଇଡ୍‌କୋ 313.69 ଏକର ଜମି ଆବଣ୍ଟନ କରିଥିଲା ଏବଂ ବିକାଶ ମୂଲ୍ୟ ସହିତ ଜମି ମୂଲ୍ୟ ଧାର୍ଯ୍ୟ କରି ଭୂମି ଭଡ଼ା ଓ ସେସ୍ ବାବଦରେ 2.62 କୋଟି ଟଙ୍କା ସଂଗ୍ରହ କରିଥିଲା । ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ଚାହିଦା ଅନୁଯାୟୀ ଇଡ୍‌କୋ 0.32 କୋଟି ଟଙ୍କା ପ୍ରଦାନ କରିଥିଲା, ଯାହା ଜମି ମୂଲ୍ୟ ଉପରେ କେବଳ ଧାର୍ଯ୍ୟ କରାଯାଇଥିଲା । ଫଳସ୍ୱରୂପ, ଇଡ୍‌କୋ ଆବଣ୍ଟନଗ୍ରହୀ ମାନଙ୍କ ଠାରୁ ଅଧିକା ଭୂମି ଭଡ଼ା ଓ ସେସ୍ ବାବଦରେ 2.30 କୋଟି ଟଙ୍କା ଆଦାୟ କରିଥିଲା ଯାହାକି ସେମାନଙ୍କ ପାଇଁ ଅଣ ପ୍ରୋତ୍ସାହନ ଥିଲା ।

ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ଇଡ୍‌କୋ କହିଥିଲା (ଅଗଷ୍ଟ 2020) ଯେ, ଆବଶ୍ୟକ ପଦକ୍ଷେପ ନିଆଯିବ ।

***ସାମାଜିକ ଭିତ୍ତିଭୂମିର ପ୍ରୋତ୍ସାହନ ପାଇଁ ଶିକ୍ଷାନୁଷ୍ଠାନ ଗୁଡିକୁ ଜମି ଆବଣ୍ଟନ***

**5.8.8** ଇଡ୍‌କୋ ଏହାର 61 ତମ ବୋର୍ଡରେ (04 ଡିସେମ୍ବର 2003) ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ରରେ ପୃଥକ ଆନୁଷ୍ଠାନିକ ଅଞ୍ଚଳ (20 ପ୍ରତିଶତ ଆବଣ୍ଟନ ଜମିର) ସୃଷ୍ଟି କରିବାକୁ ନିର୍ଦ୍ଦେଶାବଳୀ ଅନୁମୋଦନ କରିଥିଲା । ଏହା ଶିକ୍ଷାଗତ, ବୃତ୍ତିଗତ ଅନୁଷ୍ଠାନ ଇତ୍ୟାଦି ଗୁଡିକୁ ସ୍ଥାନ ଦେବା ସହିତ ଶିଳ୍ପ ବ୍ୟବହାର ପାଇଁ ପ୍ରଯୁଜ୍ୟ ଜମି ହାରରେ 1.5 ଗୁଣ ଜମି ମୂଲ୍ୟରେ ଆବଣ୍ଟନ କରିବାକୁ ଅନୁମୋଦନ ଦେଇଥିଲା । ରାଜ୍ୟରେ ଶିଳ୍ପ ବିକାଶକୁ ବଜାୟ ରଖିବାକୁ ଉଚ୍ଚମାନର ସାମାଜିକ ଭିତ୍ତିଭୂମିର ପ୍ରୋତ୍ସାହନ ପାଇଁ ଆଇପିଆର୍ 2015 ମଧ୍ୟ ସୁପାରିଶ (ଅଗଷ୍ଟ 2015) କରିଥିଲା ଏବଂ ଶିକ୍ଷାଗତ ତଥା ଚିକିତ୍ସା ପ୍ରତିଷ୍ଠାନ ପରି ସାମାଜିକ ଭିତ୍ତିଭୂମି ବର୍ଗ ଚୟନ କରିବାକୁ ଜମି ଆବଣ୍ଟନ ହାର ଉପରେ ପୃଥକ ବିଜ୍ଞପ୍ତି ଜାରି କରିବାକୁ ଇଡ୍‌କୋକୁ ନିର୍ଦ୍ଦେଶ ଦେଇଥିଲା । ଇଡ୍‌କୋ ଦ୍ୱାରା ସୂଚିତ ହୋଇଥିବା ଜମି ନିୟମାବଳୀ 2016 ର ଧାରା 15(3) ରେ ଦର୍ଶାଯାଇଛି ଯେ ସାମାଜିକ ଭିତ୍ତିଭୂମି ପ୍ରକଳ୍ପ ଗୁଡିକ ପାଇଁ ଜମି ଆବଣ୍ଟନ କରୁଥିବା ବେଳେ, ଜମି ମୂଲ୍ୟ ନିର୍ଣ୍ଣୟ କରିବା ପାଇଁ ବଜାର ଚାହିଦା ମୂଲ୍ୟକୁ ଅନ୍ୟ ଖର୍ଚ୍ଚ ସହିତ ବିଚାର କରାଯିବ । ସମୀକ୍ଷାରୁ ଏହା ଦେଖାଗଲା ଯେ:

i. ବୋର୍ଡର ଉପରୋକ୍ତ ନିଷ୍ପତ୍ତିକୁ ଉଲ୍ଲଙ୍ଘନ କରି ବର୍ଦ୍ଧିତ ହାର (1.5 ଗୁଣ) ପରିବର୍ତ୍ତେ ଶିଳ୍ପଗୁଡିକ ପାଇଁ ପ୍ରଯୁଜ୍ୟ ହାରରେ ଇଡ୍‌କୋ ସାମାଜିକ ଭିତ୍ତିଭୂମି ପାଇଁ ଦୁଇଟି ଶିଳ୍ପ କ୍ଷେତ୍ରରେ ଚାରୋଟି ଶିକ୍ଷାନୁଷ୍ଠାନକୁ 106.13 ଏକର ଜମି ନିୟମାବଳୀ 2016ର ବିଜ୍ଞପ୍ତି ପୂର୍ବରୁ ଯଥା ଫେବୃୟାରୀ 2017ରେ ଆବଣ୍ଟନ କରିଥିଲା, ଫଳସ୍ୱରୂପ 2.77 କୋଟି ଟଙ୍କା[66] ସ୍ୱଳ୍ପ ଆଦାୟ ହୋଇଥିଲା ।

   ଇଡ୍‌କୋ ଦର୍ଶାଇଲା (ଅଗଷ୍ଟ 2020) ଯେ, ଆଇପିଆର ଏବଂ ଓଆଇଆଇଡିସି ଅଧିନିୟମ ଆଧାରରେ ବିଚାର କରି ଜମି ଆବଣ୍ଟନ କରାଯାଇଛି । ବୋର୍ଡର ଉପରୋକ୍ତ ନିଷ୍ପତ୍ତିକୁ ବିଚାରକୁ ନେଇ ଏହି ଉତ୍ତରଟି ଗ୍ରହଣୀୟ ନୁହେଁ । ସେଣ୍ଟ ସିରିଡି ସାଇ ଶିକ୍ଷାନୁଷ୍ଠାନ ମାମଲାରେ ଇଡ୍‌କୋ ଜଣାଇଲା ଯେ ସରକାରଙ୍କ ଆଦେଶ ଆଧାରରେ ଏହି ଆବଣ୍ଟନ କରାଯାଇଥିଲା । ମାତ୍ର ଜମି ଆବଣ୍ଟନ ପାଇଁ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସଂଗ୍ରହ କରାଯିବାକୁ ଥିବା ମୂଲ୍ୟ ନିର୍ଦ୍ଦିଷ୍ଟ କରାଯାଇ ନଥିଲା ଯାହା ବୋର୍ଡର ରିଜଲ୍ୟୁସନ୍ ଅନୁଯାୟୀ ଆଦାୟ କରାଯିବାର ଉଚିତ୍ ଥିଲା ।

ii. ଇଡ୍‌କୋ ନିୟମ ଅନୁଯାୟୀ ଧାର୍ଯ୍ୟ କରାଯାଇଥିବା ବେଞ୍ଚମାର୍କ ଦରକୁ ବିଚାର କରି ଜମି ହାର ନିର୍ଣ୍ଣୟ କରିବା ପରିବର୍ତ୍ତେ ଶିଳ୍ପ କ୍ଷେତ୍ର ପାଇଁ ବର୍ତ୍ତମାନର ହାରରେ 1.5 ଗୁଣ ହାରରେ ତିନୋଟି ଶିଳ୍ପ କ୍ଷେତ୍ରରେ ଛଅଟି ଅନୁଷ୍ଠାନ[67]କୁ 65.21 ଏକର ଜମି ଜମି ନିୟମାବଳୀ 2016ର ବିଜ୍ଞପ୍ତି ପରେ ଆବଣ୍ଟନ କରିଥିଲା । ଏହା ଦ୍ୱାରା 15.52 କୋଟି ଟଙ୍କା ସ୍ୱଳ୍ପ ଆଦାୟ ହୋଇଥିଲା ।

---

[66] ବିର୍ଲା ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଟେକ୍‌ନୋଲଜି-29.40 ଏକର (1.03 କୋଟି ଟଙ୍କା), ଆନ୍ତର୍ଜାତୀୟ ପରିଚାଳନା ପ୍ରତିଷ୍ଠାନ -15.84 ଏକର (0.55 କୋଟି ଟଙ୍କା), ଆନ୍ତର୍ଜାତୀୟ ସୂଚନା ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ-23.24 ଏକର (0.81 କୋଟି ଟଙ୍କା) ଏବଂ ଶିରିଡି ସାଇ ଶିକ୍ଷାଗତ ସମାଜ -37.65 ଏକର (0.38 କୋଟି ଟଙ୍କା) ।

[67] ସେଞ୍ଚୁରିଆନ୍ ବୈଷୟିକ ତଥା ପରିଚାଳନା ବିଶ୍ୱବିଦ୍ୟାଳୟ-13.35 ଏକର, ଏସିଆନ୍ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନ-20.00 ଏକର, ସିପେଟ୍-15.00 ଏକର, ସ୍ୱସ୍ତି ପରିଚାଳନା ତଥା ସାମାଜିକ ବିଜ୍ଞାନ ପ୍ରତିଷ୍ଠାନ-2.00 ଏକର, କୋହେନ୍ ଇଣ୍ଟରନ୍ୟାସନାଲ-10.00 ଏକର ଏବଂ ଶ୍ରୀ ଶିରିଡି ସାଇ ଶିକ୍ଷାନୁଷ୍ଠାନ-4.86 ଏକର ।

ଇଡ୍‌କୋ ଦର୍ଶାଇଲା (ଅଗଷ୍ଟ 2020) ଯେ, ବେଞ୍ଚମାର୍କ ଦରର ପ୍ରୟୋଗ ଲିଜ୍ ଆଧାରରେ ଜମି ଆବଣ୍ଟନ ନୀତିର ବିରୋଧ କରେ। ଏହି ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ଆଇପିଆର ହାରରେ କିମ୍ବା ବେଞ୍ଚମାର୍କ ଦର/ ବଜାର ହାରରେ ଆଇପିଆର 2015 ର ଧାରା 16(3) ଏବଂ ଜମି ନିୟମାବଳୀ 2016 ର ଧାରା 15(3) ଅନୁଯାୟୀ ଶିଳ୍ପାନୁଷ୍ଠାନକୁ ଜମି ଆବଣ୍ଟନ କରିବା ପାଇଁ ଧାର୍ଯ୍ୟ କରାଯାଏ। ଦ୍ୱିତୀୟତଃ ଇଡ୍‌କୋର 15 ମଇ 2017 କାର୍ଯ୍ୟକାରୀ ଆଦେଶ ଅନୁଯାୟୀ ରିହାତି ମୂଲ୍ୟରେ ଜମି ପାଇବାକୁ ଯୋଗ୍ୟ ନଥିବା ସଂସ୍ଥାମାନଙ୍କୁ ଜମି ଆବଣ୍ଟନ ସମୟରେ ବିଏମ୍‌ଭି/ବଜାର ହାରରେ ଜମି ମୂଲ୍ୟ ଦେବାକୁ ପଡିଥାଏ।

iii. ଏହାବ୍ୟତୀତ ଇଡ୍‌କୋ ରାମଚନ୍ଦ୍ରପୁର ଶିଳ୍ପାନୁଷ୍ଠାନରେ ଥିବା ସମସ୍ତ ଜମିକୁ ସେଞ୍ଚୁରିଅନ ୟୁନିଭରସିଟି ଅଫ୍ ଟେକ୍ନୋଲଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍)କୁ ଶିଳ୍ପାନୁଷ୍ଠାନ/ଶିଳ୍ପ ମାହଲରେ ସାମାଜିକ ଭିତ୍ତିଭୂମି ପ୍ରକଳ୍ପ ପାଇଁ 20 ପ୍ରତିଶତ ପର୍ଯ୍ୟନ୍ତ ଜମି ଆବଣ୍ଟନ କରିବାକୁ ଥିବା ବୋର୍ଡର ନିଷ୍ପତ୍ତିକୁ ଉଲ୍ଲଙ୍ଘନ କରିଥିଲା।

ଉପରୋକ୍ତରୁ ଏହା ସ୍ପଷ୍ଟ ହେଲା ଯେ ଇଡ୍‌କୋ ଶିକ୍ଷାନିଷ୍ଠାନ ଗୁଡିକୁ ଭୁଲ ଭାବେ ସ୍ୱଳ୍ପ ହାରରେ ଜମି ଆବଣ୍ଟନ କରିଛି ଯାହା ଦ୍ୱାରା 18.29 କୋଟି ଟଙ୍କାର ସ୍ୱଳ୍ପ ଆଦାୟ ହୋଇଛି।

### *ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ରରେ ଆବଣ୍ଟନଗ୍ରାହୀ ମାନଙ୍କ ପ୍ରକଳ୍ପ କାର୍ଯ୍ୟକାରିତା କାର୍ଯ୍ୟକଳାପ ଅଣ-ସମୀକ୍ଷା*

**5.8.9** ଓଆଇଆଇଡିସି ଅଧିନିୟମ, 1980 ର ଧାରା 34 ରେ ଶିଳ୍ପାନୁଷ୍ଠାନରେ ଅବ୍ୟବହୃତ ଅବଶିଷ୍ଟ ଜମି ଅଧିଗ୍ରହଣ ଏବଂ ଅନ୍ୟାନ୍ୟ ଶିଳ୍ପକୁ ଆବଣ୍ଟନ ପାଇଁ ବ୍ୟବସ୍ଥା କରାଯାଇଥିଲା। ଇଡ୍‌କୋ ଅସ୍ଥାୟୀ ଭାବେ ଶିଳ୍ପାନୁଷ୍ଠାନ/ ଶିଳ୍ପ କ୍ଷେତ୍ରରେ ଶିଳ୍ପ ଗୁଡିକ ପାଇଁ ଜମି ବା ପଟ୍ଟା ଆବଣ୍ଟନ କରି ଧାର୍ଯ୍ୟ ତାରିଖ ଠାରୁ ଯଥାକ୍ରମେ ଛଅ ମାସ ଏବଂ ତିନି ବର୍ଷ ମଧ୍ୟରେ ସିଭିଲ୍ ନିର୍ମାଣ ଏବଂ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିବାକୁ ସର୍ତ୍ତ ରଖିଥିଲା।

ଉକ୍ତ ନିୟମାବଳୀ ଅନୁଯାୟୀ, ବୋର୍ଡ ଶିଳ୍ପ କ୍ଷେତ୍ରରେ ଆବଣ୍ଟିତ ପ୍ଲଟ୍ ଶିଳ୍ପ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଛି କି ନାହିଁ ତାହା ଜାଣିବା ପାଇଁ ପ୍ରତ୍ୟେକ ଛଅ ମାସରେ ସମୀକ୍ଷା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଯାହା ଦ୍ୱାରା କୌଣସି ଅବ୍ୟବହୃତ କ୍ଷେତ୍ର ଏହି ଅଧିନିୟମ ଅନୁଯାୟୀ ଅନ୍ୟ ଏକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇ ପାରିବ।

ଏହି ପରିପ୍ରେକ୍ଷୀରେ ବୋର୍ଡ (25 ସେପ୍ଟେମ୍ବର 2014) ଜମିର ଉପଯୋଗ ଏବଂ ଅନଧିକୃତ ବ୍ୟବହାର ଉପରେ କଡ଼ା ନଜର ରଖିବାକୁ ଇଡ୍‌କୋର ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲା। ଇଡ୍‌କୋର ପୂର୍ବ ସମ୍ମତି ବିନା ତୃତୀୟ ପକ୍ଷକୁ ଜମି ହସ୍ତାନ୍ତର ପାଇଁ ସାଧାରଣ ଶୁଳ୍କର ଦୁଇଗୁଣ ହାରରେ କିମ୍ବା ଜମି ହାରର ପାର୍ଥକ୍ୟ ମଧ୍ୟରୁ ଅଧିକକୁ ଦଣ୍ଡ ହିସାବରେ ଆଦାୟ କରିବାକୁ ନିଷ୍ପତ୍ତି ନେଇଥିଲା।

ତଥାପି, 2014-15 ରୁ 2018-19 ମଧ୍ୟରେ ବିଭାଗୀୟ ପରିଚାଳକ ମାନଙ୍କ ସେହିପରି କୌଣସି ପର୍ଯ୍ୟାଲୋଚନା କରାଯାଇ ପାରିନଥିଲା। ଫଳସ୍ୱରୂପ, ଆବଣ୍ଟିତ ଜମିର ବ୍ୟବହାର ସମ୍ପର୍କରେ ବୋର୍ଡକୁ ମଧ୍ୟ ସୂଚନା ଦିଆଯାଇ ନଥିଲା। ଏହା କେବଳ 2019-10 ରେ, ଯେତେବେଳେ ଇଡ୍‌କୋ ପ୍ରକୃତ ଯାଞ୍ଚ କରି ଏହା ପ୍ରକାଶ ପାଇଲା ଯେ 1,267 ଶିଳ୍ପସଂସ୍ଥା ମାନଙ୍କୁ ଦିଆଯାଇଥିବା 1,128.99 ଏକର ଜମି ବ୍ୟବହାର ହୋଇ ନଥିଲା କାରଣ ଶିଳ୍ପସଂସ୍ଥା ଗୁଡିକ ବନ୍ଦ ହୋଇଯାଇଥିଲା କିମ୍ବା କାମ କରୁନଥିଲା।

ଏହି ପରିପ୍ରେକ୍ଷୀରେ ନିମ୍ନଲିଖିତ ତ୍ରୁଟିଗୁଡିକ ସମୀକ୍ଷାରେ ନଜରକୁ ଆସିଥିଲା:

- ଯେହେତୁ ଇଡ୍‌କୋ ପର୍ଯ୍ୟାୟକ୍ରମେ ଯାଞ୍ଚ କରିନଥିଲା ଏହାର ଅବଧି ନିର୍ଣ୍ଣୟ କରିବା ପାଇଁ ଏହାର କୌଣସି ଆଧାର ନଥିଲା ଯାହା ଯେଉଁ ସମୟ ପାଇଁ ଏହିପରି ଜମି ପାର୍ସଲ ଗୁଡିକ ଅବ୍ୟବହୃତ ରଖାଯାଇଥିଲା କିମ୍ବା ଅନଧିକୃତ ବ୍ୟବହାର କରାଯାଇଥିଲା, ତାହା ଜଣା ପଡିବାର ଥିଲା। ପ୍ରଚଳିତ ଜମି ମୂଲ୍ୟକୁ ହିସାବକୁ ନେଇ, 47 ଶିଳ୍ପାନୁଷ୍ଠାନ/ ଶିଳ୍ପ ମାହଲରେ ଅବ୍ୟବହୃତ ଜମିର 1,128.99 ଏକର ଜମିର ମୂଲ୍ୟ 517.32 କୋଟି ଟଙ୍କା ଥିଲା।

- ଜମି ବ୍ୟବହାର ସ୍ଥିତିର ଏପରି ଅଣ-ସମୀକ୍ଷା ଯୋଗୁ ମାର୍ଚ୍ଚ 2019 ସୁଦ୍ଧା 319 ଆବଣ୍ଟନରୁ 2.65 କୋଟି ଟଙ୍କା ମୂଲ୍ୟର ଭିତ୍ତିଭୂମି ରକ୍ଷଣାବେକ୍ଷଣ (ଆଇଏମ୍‌ସି) ପାଇଁ ଆଦାୟ ହୋଇପାରି ନଥିଲା। ମଇ 2019 ରୁ ସେପ୍ଟେମ୍ବର 2019 ମଧ୍ୟରେ କରାଯାଇଥିବା ବାସ୍ତବିକ ଯାଞ୍ଚ ରିପୋର୍ଟରୁ ଜଣାଗଲା ଯେ, 319 ଶିଳ୍ପସଂସ୍ଥା

ମାନଙ୍କ ମଧ୍ୟରୁ 98 ଟି କାମକରୁ ନଥିଲା କିମ୍ବା ବନ୍ଦ ହୋଇଯାଇଥିଲା ଯାହାଙ୍କ ବିରୋଧରେ ଆଇଏମ୍‌ସି ମୂଲ୍ୟ 1.72 କୋଟି ଟଙ୍କା ବକେୟା ଥିଲା।

- ମଞ୍ଚେଶ୍ୱର ଏବଂ ଚନ୍ଦକା ଶିଳ୍ପ କ୍ଷେତ୍ରର 10 ଟି ଶିଳ୍ପସଂସ୍ଥା ଯେଉଁମାନେ ଇଡ୍‌କୋର ପୂର୍ବ ସମ୍ମତି ବିନା ତୃତୀୟ ପକ୍ଷକୁ 11.84 ଏକର ଜମି ସବ୍‌ଲେଟ୍ କରିଥିଲେ ସେମାନଙ୍କ ଠାରୁ ଇଡ୍‌କୋ, ବୋର୍ଡର ନିଷ୍ପତ୍ତି (ସେପ୍ଟେମ୍ବର 2014) ଅନୁଯାୟୀ 17.14 କୋଟି ଟଙ୍କାର ଜୋରିମାନା ଆଦାୟ କରିବାରେ ବିଫଳ ହୋଇଥିଲା।

ତେଣୁ, ଅଧିନିୟମ ଅନୁଯାୟୀ ବଣ୍ଟିତ ଜମିର ଉପଯୋଗର ପର୍ଯ୍ୟାୟ ସମୀକ୍ଷା କରିବା ପାଇଁ ବିଭାଗୀୟ ପରିଚାଳକଙ୍କ ବିଫଳତା କେବଳ ଇଡ୍‌କୋର ଆର୍ଥିକ ସ୍ଥିତିକୁ ପ୍ରଭାବିତ କରିନଥିଲା ବରଂ ଜମି ଏବଂ ଭିତ୍ତିଭୂମିର ଉତ୍ତମ ତଥା ସଠିକ୍ ଉପଯୋଗ ପାଇଁ ଯୋଜନା କରିବାର କ୍ଷମତାରୁ ବଞ୍ଚିତ କରିଥିଲା।

ଇଡ୍‌କୋ ଉତ୍ତର ଦେଇଥିଲା (ଅଗଷ୍ଟ 2020) ଯେ, ବିଭାଗୀୟ ମୁଖ୍ୟମାନେ ଜମି ବ୍ୟବହାର ନକରିବା/ ଅନଧିକୃତ ବ୍ୟବହାର କରିବା ଉପରେ କଡ଼ା ନଜର ରଖିଥିଲେ। ଏହି ବିଷୟରେ ପ୍ରସ୍ଥାନ ସମ୍ମିଳନୀରେ ରାଜ୍ୟ ସରକାର ପର୍ଯ୍ୟବେକ୍ଷଣଟିକୁ ଗ୍ରହଣ କରିବା ବେଳେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

## ଭାରତ ସରକାରଙ୍କ ଯୋଜନା ଅନ୍ତର୍ଗତ ଶିଳ୍ପ ପାର୍କର ବିକାଶ

**5.9** କ୍ରମାଗତ ଆଇପିଆର୍ ଗୁଡିକ ଜମି ଏବଂ ସହଯୋଗୀ ଭିତ୍ତିଭୂମିର ପର୍ଯାପ୍ତ ଯୋଗାଣ ମାଧ୍ୟମରେ ଉଭୟ ସାଧାରଣ ତଥା କ୍ଷେତ୍ର ନିର୍ଦ୍ଦିଷ୍ଟ ଶିଳ୍ପ ପାର୍କ ବିକାଶ ପାଇଁ ଇଡ୍‌କୋକୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ଦେଇଛନ୍ତି । ଇଡ୍‌କୋ ଶିଳ୍ପ ପାର୍କର ବିକାଶ ପାଇଁ ନିଜେ କିମ୍ବା ଯୌଥ ଉଦ୍ୟୋଗ (ଜେଭି)/ବିଶେଷ ପ୍ରୟୋଜନ ମାଧ୍ୟମ ସଂସ୍ଥା (ଏସ୍‌ପିଭି) ଗଠନ କରି ଜିଓଆଇର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଥିଲା। ଇଡ୍‌କୋ ଦ୍ୱାରା ଦାଖଲ ହୋଇଥିବା ପ୍ରକଳ୍ପ ପ୍ରସ୍ତାବକୁ ଆଧାର କରି ଜିଓଆଇ ଯୋଜନା ଅଧିନରେ ଏହି ପ୍ରକଳ୍ପଗୁଡିକ ଅନୁମୋଦିତ ହୋଇଥିଲା। 2014-19 ମଧ୍ୟରେ ଇଡ୍‌କୋ ଜିଓଆଇ ଦ୍ୱାରା ଅନୁମୋଦିତ ପାଞ୍ଚଟି ପ୍ରକଳ୍ପର ବିକାଶ ପ୍ରକ୍ରିୟାରେ ଥିଲା। ଏହିପରି ପାଞ୍ଚଟି ପ୍ରକଳ୍ପର ବିଶ୍ଳେଷଣ ଯାହା ବିକାଶର ବିଭିନ୍ନ ପର୍ଯ୍ୟାୟରେ ଥିଲା ତାହା ନିମ୍ନଲିଖିତ ଗୁଡିକରେ ପ୍ରକାଶ କରାଗଲା:

### *ଅନୁଗୁଳରେ ଆଲୁମିନିୟମ୍ ପାର୍କର ବିକାଶ*

**5.9.1** ଭାରତ ସରକାର 454 ଏକର ଜମିରେ 184.69 କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଅନୁଗୁଳ ଅଲୁମିନିୟମ୍ ପାର୍କର ବିକାଶ ପାଇଁ ଏକ ପ୍ରକଳ୍ପ ଅନୁମୋଦନ (ମାର୍ଚ୍ଚ 2015) କରିଥିଲେ। ସଂଶୋଧିତ ଔଦ୍ୟୋଗିକ ଭିତ୍ତିଭୂମି ଉନ୍ନତିକରଣ ଯୋଜନା (ଏମ୍‌ଆଇଆଇୟୁଏସ୍) ଅଧିନରେ ଏହି ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଥିଲା ଯେଉଁଥିରେ ଜିଓଆଇର ଅବଦାନ 50 ପ୍ରତିଶତ ସହିତ 50 କୋଟିରେ ସୀମିତ ଥିଲା। ପ୍ରକଳ୍ପର ମୂଲ୍ୟକୁ ଅଗଷ୍ଟ 2015 ରେ 99.60 କୋଟି ଟଙ୍କାକୁ ସଂଶୋଧନ କରାଯାଇଥିଲା ଯାହା ପ୍ରଥମ ପର୍ଯ୍ୟାୟରେ 223 ଏକର ଜମିରେ ଦୁଇ ବର୍ଷରେ ବିକଶିତ ହେବାର ଥିଲା। ପ୍ରକଳ୍ପ ମୂଲ୍ୟରେ ମୁଖ୍ୟତଃ ଇଡ୍‌କୋ ଦ୍ୱାରା ଅଧିଗ୍ରହଣ ହୋଇଥିବା ଜମିର ଭିତ୍ତିଭୂମି ବିକାଶ ଅନ୍ତର୍ଭୁକ୍ତ ଥିଲା। ନାଲ୍ କୋ[68] ରୁ ତରଳ ଧାତୁ ଯୋଗାଣ ଦ୍ୱାରା ପ୍ରକଳ୍ପ ଅଞ୍ଚଳରେ ଡାଉନସ୍ଟ୍ରିମ୍ ଆଲୁମିନିୟମ୍ ଶିଳ୍ପଗୁଡିକର ବିକାଶ ପାଇଁ ଏହି ପ୍ରକଳ୍ପ ଅନୁମୋଦନ କରାଯାଇଥିଲା। ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଇଡ୍‌କୋ ଜୁଲାଇ 2010 ରେ ନାଲକୋ ସହିତ ଏକ ଜେଭି[69] କମ୍ପାନୀ ଗଠନ କରିଥିଲା। ମାର୍ଚ୍ଚ 2019 ସୁଦ୍ଧା, ଜେଭି କମ୍ପାନୀ ।ନୁଦାନ ବାବଦରେ 42.07 କୋଟି ଟଙ୍କା (ଜିଓଓ-32.04 କୋଟି ଟଙ୍କା ଏବଂ ଜିଓଆଇ-10.03 କୋଟି ଟଙ୍କା) ଏବଂ ଅଂଶଧନ ବାବଦରେ 33.11 କୋଟି ଟଙ୍କା (ଇଡ୍‌କୋ–16.89 କୋଟି ଟଙ୍କା ଏବଂ ନାଲ୍‌କୋ – 16.22 କୋଟି ଟଙ୍କା) ଗ୍ରହଣ କରିଥିଲା। ଏହି ପରିପ୍ରେକ୍ଷୀରେ ସମୀକ୍ଷାରେ ଦେଖାଗଲା ଯେ:

- ଜେଭି କମ୍ପାନୀ ଦ୍ୱାରା ଏକ ପ୍ରବେଶ ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ ହେବା ପୂର୍ବରୁ ନାଲ୍ କୋ ଦ୍ୱାରା ବନ୍ଦ କରାଯାଇଥିଲା କାରଣ ଏହା ଆଂଶିକ ଭାବରେ ନାଲ୍ କୋର ଜମିରେ ନିର୍ମାଣ ପାଇଁ ଯୋଜନା ହୋଇଥିଲା।

---

[68] ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍।

[69] ଅନୁଗୁଳ ଆଲୁମିନିୟମ୍ ପାର୍କ ଲିମିଟେଡ୍।

ଏହା ଦ୍ୱାରା ପ୍ରକଳ୍ପ ମୂଲ୍ୟରେ ବୃଦ୍ଧି ଘଟିଥିଲା ଯେହେତୁ ଏହାର ନିର୍ମାଣରେ 2.56 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା ।

- ଅନୁମୋଦନ ତାରିଖରୁ 51 ମାସ ବିତିଯାଇଥିଲେ ମଧ ଜେଭି କମ୍ପାନୀ ଯାହା ଅନୁମୋଦନ (ଅଗଷ୍ଟ 2015) ତାରିଖରୁ ଦୁଇ ବର୍ଷ ମଧ୍ୟରେ ପ୍ରକଳ୍ପଟିକୁ ବିକାଶ କରିବାର ଥିଲା, ତାହା ଆଭ୍ୟନ୍ତରୀଣ ସଡକ, ବାହ୍ୟ ପ୍ରବେଶ ରାସ୍ତା ଏବଂ ବୈଦ୍ୟୁତିକ ଭିତ୍ତିଭୂମି ନିର୍ମାଣ ପାଇଁ ମିଳିଥିବା ପାଣ୍ଠିରୁ କେବଳ 10.67 କୋଟି ଟଙ୍କା (ପ୍ରକଳ୍ପ ମୂଲ୍ୟର 10.71 ପ୍ରତିଶତ) ଖର୍ଚ୍ଚ କରିପାରିଥିଲା । ଏହା ମଧ ମୌଳିକ ଭିତ୍ତିଭୂମି ଯେପରି ପ୍ରବେଶ ରାସ୍ତା, ତରଳ ଧାତୁ ପରିବହନ ପାଇଁ ସଡକ, ଜଳ ଏବଂ ବିଦ୍ୟୁତ ଯୋଗାଣର ବିକାଶ କରିନଥିଲା । ଏହା ଦ୍ୱାରା ଆବଣ୍ଟନଗ୍ରାହୀଙ୍କ ଦ୍ୱାରା 44.13 କୋଟି ଟଙ୍କା ଦେୟ ପ୍ରଦାନ କରାଯାଇ ନଥିଲା, କାରଣ ସେମାନେ ସେମାନଙ୍କ ପ୍ରତିଷ୍ଠାନ ସ୍ଥାପନ ପାଇଁ ଭିତ୍ତିଭୂମି ସମ୍ପୂର୍ଣ୍ଣ ହେବା ପାଇଁ ଜିଦ୍ ଧରିଥିଲେ ।
- ଇଡ୍‌କୋ ତରଳ ଧାତୁର ଆବଶ୍ୟକ 3.29 ଲକ୍ଷ ଏମ୍‌ଟିପିଏର ଉପଲବ୍ଧତାକୁ ସୁନିଶ୍ଚିତ ନକରି ବିକାଶମୂଳକ କାର୍ଯ୍ୟକଳାପ ଆଗକୁ ବଢ଼ାଇଥିଲା ଯଦିଓ ନାଲ୍‌କୋ କେବଳ 0.50 ଲକ୍ଷ ଏମ୍‌ଟିପିଏ ଯୋଗାଣ ପାଇଁ ପ୍ରତିଶ୍ରୁତି ଦେଇଥିଲା ।
- କାର୍ଯ୍ୟର ନିରାଶଜନକ ଅଗ୍ରଗତିକୁ ଦୃଷ୍ଟିରେ ରଖି ଭାରତ ସରକାର ପ୍ରକଳ୍ପ ବନ୍ଦ କରିବା ପାଇଁ ନିଷ୍ପତ୍ତି (ଜୁନ୍ 2018) ନେଇଥିଲେ ଏବଂ ଜିଓଆଇକୁ ସୁଧ ସହିତ 9.88 କୋଟି ଟଙ୍କା ଫେରସ୍ତ କରିବାକୁ ଇଡ୍‌କୋକୁ ନିର୍ଦ୍ଦେଶ (ନଭେମ୍ବର 2018) ଦେଇଥିଲେ । ଇଡ୍‌କୋ ଉପରୋକ୍ତ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଜିଓଆଇକୁ ଅନୁରୋଧ (ଜାନୁଆରୀ 2020) କଲେ ଯେଉଁଠାରେ ଜିଓଆଇ ପ୍ରକଳ୍ପ ସମାପ୍ତ ପାଇଁ ଜୁଲାଇ 2020 ର ସମୟସୀମା ସ୍ଥିର କରିଥିଲେ । ସମୀକ୍ଷାରେ ଦେଖାଗଲା ଯେ, ଡିସେମ୍ବର 2020 ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସମାପ୍ତ କରିବା ପାଇଁ ଇଡ୍‌କୋ ଏହାର ଆଭ୍ୟନ୍ତରୀଣ ଲକ୍ଷ୍ୟ ସ୍ଥିର କରିଥିଲା ।

ଉପରୋକ୍ତ ତଥ୍ୟ ସହିତ ଉପଲବ୍ଧ ପାଣ୍ଠିର କେବଳ 14 ପ୍ରତିଶତ ଉପଯୋଗ ହୋଇଥିବାରୁ ଏହା ଇଡ୍‌କୋ ଦ୍ୱାରା ପ୍ରକଳ୍ପର ଉତ୍ତମ କାର୍ଯ୍ୟାନ୍ୱୟନ ପାଇଁ ପ୍ରକଳ୍ପ ଯୋଜନାର ଅଭାବକୁ ଦର୍ଶାଇଥିଲା ଯେଉଁଥିରେ ପ୍ରୋତ୍ସାହିତ ଶିଳ୍ପରେ 2,500 ପ୍ରତ୍ୟକ୍ଷ ନିଯୁକ୍ତି ଏବଂ 5,000 ପରୋକ୍ଷ ନିଯୁକ୍ତିର ଯୋଜନା କରାଯାଇଥିଲା ।

ପ୍ରସ୍ଥାନ ସମ୍ମିଳନୀ ସମୟରେ ଅପାରଗ ଏବଂ ପ୍ରଭାବହୀନ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ଉପରୋକ୍ତ ପର୍ଯ୍ୟବେକ୍ଷଣ ଗୁଡିକ ଗ୍ରହଣ କରିବା ବେଳେ ଜିଓଓ କହିଛନ୍ତି ଯେ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଇଡ୍‌କୋ ଦ୍ୱାରା ଆବଶ୍ୟକ ପଦକ୍ଷେପ ନିଆଯିବ ।

### *ଡେରାସ ଠାରେ ସାମୁଦ୍ରିକ ଫୁଡ୍‌ପାର୍କର ବିକାଶ*

**5.9.2** ମେଗା ଫୁଡ୍‌ପାର୍କ ଯୋଜନା ଅନ୍ତର୍ଗତ ଡେରାସ୍ ଠାରେ ଏକ ସାମୁଦ୍ରିକ ଫୁଡ୍‌ପାର୍କ ପ୍ରତିଷ୍ଠା ପାଇଁ ଭାରତ ସରକାର ଅନୁମୋଦନ (ନଭେମ୍ବର 2015) କରିଥିଲେ । ମଞ୍ଜୁର/ଅନୁମୋଦନ ତାରିଖ ଠାରୁ 30 ମାସ ମଧ୍ୟରେ ମୋଟ୍ 125.42 କୋଟି ଟଙ୍କା ମୂଲ୍ୟରେ 152.78 ଏକର ଜମିରେ ଏହି ପ୍ରକଳ୍ପର ବିକାଶ କରିବାର ଥିଲା । ଏହି ପ୍ରକଳ୍ପ ଅଧିନରେ ଡେରାସ ଠାରେ ଗୋଟିଏ କେନ୍ଦ୍ରୀୟ ପ୍ରକ୍ରିୟାକରଣ କେନ୍ଦ୍ର (ସିପିସି) ଏବଂ ବାଲେଶ୍ୱର, ଜଗତସିଂହପୁର ଏବଂ ଗଞ୍ଜାମରେ ତିନୋଟି ପ୍ରାଥମିକ ପ୍ରକ୍ରିୟାକରଣ କେନ୍ଦ୍ର (ପିପିସି) ନିର୍ମାଣ ପାଇଁ ଯୋଜନା କରାଯାଇଥିଲା ।

ଅକ୍ଟୋବର 2019 ସୁଦ୍ଧା, ଇଡ୍‌କୋ ଜିଓଆଇ ଠାରୁ କେନ୍ଦ୍ରୀୟ ଅନୁଦାନ ଭାବରେ 37.79 କୋଟି ଟଙ୍କା, 24 କୋଟି ଟଙ୍କାର ମିଆଦୀ ଋଣ ଏବଂ ପ୍ରୋତ୍ସାହକଙ୍କ ଅବଦାନ ଭାବରେ 45.42 କୋଟି ଟଙ୍କା ଗ୍ରହଣ କରିଥିଲା । ଏଥି ମଧ୍ୟରୁ ଇଡ୍‌କୋ ଜମିର ମୂଲ୍ୟ ସହିତ ପ୍ରକଳ୍ପର ବିକାଶ ପାଇଁ 105.30 କୋଟି ଟଙ୍କା ଖର୍ଚ୍ଚ କରିଥିଲା । ଏହି ପରିପ୍ରେକ୍ଷୀରେ, ସମୀକ୍ଷାରେ ନିମ୍ନଲିଖିତ ଗୁଡିକ ଦେଖାଗଲା:

- ସିପିସି ଏବଂ ପିପିସି ନିର୍ମାଣ କାର୍ଯ୍ୟ ଜାରି ରହିଥିଲା । ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ, ପ୍ରକଳ୍ପର ସମାପ୍ତି ହେଉଛି ସିପିସି ଏବଂ ପିପିସି ଗୁଡିକର କାର୍ଯ୍ୟକ୍ଷମତା, ମୋଟ୍ ଲିଜ୍ ହୋଇପାରୁଥିବା କ୍ଷେତ୍ରର ଅତିକମ୍‌ରେ 75 ପ୍ରତିଶତ ବଣ୍ଟନ ଏବଂ ଅତିକମ୍‌ରେ 25 ପ୍ରତିଶତ ପ୍ରତିଷ୍ଠାନ କାର୍ଯ୍ୟ ଆରମ୍ଭ କରିବା । ତେବେ ଦେଖାଗଲା ଯେ

ଧାର୍ଯ୍ୟ କାର୍ଯ୍ୟ ଶେଷ ହେବାର 19 ମାସ ପରେ ମଧ୍ୟ 19.42 ପ୍ରତିଶତ (88.78 ଏକର ଜମିମଧ୍ୟରୁ 17.24 ଏକର ବଣ୍ଟନ ପାଇଁ ଉଦ୍ଦିଷ୍ଟ) ଜମି ପାଞ୍ଚଟି ଶିଳ୍ପକୁ ବଣ୍ଟନ କରାଯାଇଥିଲା। ବଣ୍ଟନଗ୍ରାହୀ ମାନେ ସେମାନଙ୍କର କାର୍ଯ୍ୟ ଆରମ୍ଭ କରିପାରିନଥିଲେ କାରଣ ମୌଳିକ ଭିତ୍ତିଭୂମି ଯଥା ଉପଯୁକ୍ତ ପ୍ରବେଶ ପଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିଲା। ପ୍ରତିଷ୍ଠାନ ଗୁଡିକ ଦେଖିଲେ (ଫେବୃୟାରୀ 2018) ଯେ, ବିଦ୍ୟମାନ ରାସ୍ତା ଗୁଡିକୁ ପ୍ରଶସ୍ତ କରାଯାଇଥିଲେ ମଧ୍ୟ ସେମାନଙ୍କର ଶିତଳୀକୃତ ପାତ୍ର ଗୁଡିକର ନିୟଜିତ ଚଳିବା ପାଇଁ ତାହା ପର୍ଯ୍ୟାପ୍ତ ନଥିଲା।

- ଅଣ-ପୌରପାଳିକା ଅଞ୍ଚଳରେ ଏହି ପ୍ରକଳ୍ପ ପାଇଁ ଇଡ୍‌କୋ 199.66 ଏକର ସରକାରୀ ଜମି ଅଧିଗ୍ରହଣ କରିଥିଲା କିନ୍ତୁ ପୌରପାଳିକା ପାଇଁ ପ୍ରଯୁଜ୍ୟ ଦରରେ ଜମିର ଦେୟ ପ୍ରଦାନ କରିଥିଲା ଯାହା ଅଧିକା ଥିଲା। ଏହା ଦ୍ୱାରା 6.09 କୋଟି ଟଙ୍କାର ଅଧିକ ଦେୟ ଦେଇଥିଲା। ଅଧିକନ୍ତୁ, 41.10 ଏକର ଜମି ଉଦ୍ୟାନ କୃଷି ବିଭାଗ ଦ୍ୱାରା ଜବରଦଖଲ ହୋଇଥିଲା, ଯାହାର ମୂଲ୍ୟ ଜମିର ଦରରେ ଅନ୍ତର୍ଭୁକ୍ତ ଥିଲା। ଏହା ଦ୍ୱାରା ଏକର ପିଛା ଜମିର ମୂଲ୍ୟରେ 0.13 କୋଟି ଟଙ୍କା ବୃଦ୍ଧି ପାଇଥିଲା ଯାହାକି ପ୍ରକଳ୍ପ ଅଞ୍ଚଳରେ ଜମି ଆବଣ୍ଟନ ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା।
- ଡେରାସ୍ ପ୍ରକଳ୍ପ ପାଇଁ ମିଆଦୀ ଋଣ ପାଇବା ପାଇଁ ଇଡ୍‌କୋ ବ୍ୟାଙ୍କଗୁଡିକ ଠାରୁ ପ୍ରସ୍ତାବ ଚିଠି ଆହ୍ୱାନ କରିଥିଲା। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଏବଂ ଆହ୍ଲାବାଦ ବ୍ୟାଙ୍କ ଯଥାକ୍ରମେ 6.60 ପ୍ରତିଶତ ଏବଂ 9.70 ପ୍ରତିଶତ ହାରରେ ଋଣ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ। ଇଡ୍‌କୋ ଅଧିକ ସୁଧ ହାରରେ ଆହ୍ଲାବାଦ ବ୍ୟାଙ୍କରୁ ମିଆଦୀ ଋଣ ପ୍ରାପ୍ତ କରିଥିଲା। ଏହା ଦ୍ୱାରା ବାର୍ଷିକ 0.74 କୋଟିର ଅତିରିକ୍ତ ସୁଧ ପ୍ରଦାନ କରାଯାଇଥିଲା, ଯାହା ଦ୍ୱାରା ଜମି ମୂଲ୍ୟ ଆହୁରି ବୃଦ୍ଧି ପାଇଥିଲା।

ପ୍ରସ୍ଥାନ ସମ୍ମିଳନୀରେ ଉପରୋକ୍ତ ପର୍ଯ୍ୟବେକ୍ଷଣ ଗୁଡିକୁ ଗ୍ରହଣ କରିବା ବେଳେ, ଜିଓଓ କହିଛନ୍ତି ଯେ ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଇଡ୍‌କୋ ଦ୍ୱାରା ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### *ପାରାଦୀପ ଠାରେ ପ୍ଲାଷ୍ଟିକ୍ ପାର୍କର ବିକାଶ*

**5.9.3** ଜିଓଆଇର ପ୍ଲାଷ୍ଟିକ ପାର୍କ ଯୋଜନା ଅନୁଯାୟୀ ପାରାଦୀପ ଠାରେ ଏକ ପ୍ଲାଷ୍ଟିକ ପାର୍କର ବିକାଶ ପାଇଁ ଇଡ୍‌କୋ ଜୁନ୍ 2013 ରେ ଏକ ଏସ୍‌ପିଭି ଅର୍ଥାତ୍ ପାରାଦୀପ ପ୍ଲାଷ୍ଟିକ ପାର୍କ ଲିମିଟେଡ୍ (ପିପିପିଏଲ୍)ର ପଞ୍ଜିକରଣ କରିଥିଲା। ଏହି ପ୍ରକଳ୍ପ 120 ଏକର ଜମିରେ 106.78 କୋଟି ଟଙ୍କା ବ୍ୟୟ ଅଟକଳ ସହିତ ତିନି ବର୍ଷର ନିର୍ଦ୍ଧାରିତ ସମୟସୀମାରେ ଶେଷ ହେବା ପାଇଁ ଜିଓଆଇ ଦ୍ୱାରା ଅନୁମୋଦିତ (ଅକ୍ଟୋବର 2013) ହୋଇଥିଲା। ଇଡ୍‌କୋ ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ତୁରନ୍ତ ବିନା ବାଧାରେ ଉପଲବ୍ଧ ଥିବା ଦର୍ଶାଇ ପ୍ରକଳ୍ପ ପାଇଁ ଅନୁମୋଦନ ଲାଭ କଲା। ଡିସେମ୍ବର 2013 ରୁ ଅକ୍ଟୋବର 2019 ମଧ୍ୟରେ, କେନ୍ଦ୍ରୀୟ ଅନୁଦାନ ଭାବରେ ଜିଓଆଇ ଠାରୁ 31.84 କୋଟି ଟଙ୍କା ଏବଂ ଅଂଶଧନ ବାବଦରେ ଇଡ୍‌କୋ ଠାରୁ 29.31 କୋଟି ଟଙ୍କା ପାଇଥିଲା। ଏହି ପ୍ରକଳ୍ପକୁ କାର୍ଯ୍ୟକାରି କରିବା ପାଇଁ ଜିଓଓ 19.99 କୋଟି ଟଙ୍କାର ଅନୁଦାନ ପ୍ରଦାନ (ଫେବୃୟାରୀ/ ଜୁନ୍ 2018) କରିଥିଲା। ଜିଓଓର ଆଇଆଇଡିଏଫ୍ (ଔଦ୍ୟଗିକ ଭିତ୍ତିଭୂମି ବିକାଶ ପାଣ୍ଠି) ଯୋଜନା ଅଧିନରେ ପ୍ରବେଶ ପଥ ନିର୍ମାଣ ପାଇଁ ଇଡ୍‌କୋ ଅତିରିକ୍ତ 24.12 କୋଟି ଟଙ୍କା ପାଇଥିଲା (ମାର୍ଚ୍ଚ 2018)। ଡିସେମ୍ବର 2019 ସୁଦ୍ଧା 98.85 କୋଟି ଟଙ୍କା ଏହି ପ୍ରକଳ୍ପର ବିକାଶରେ ଖର୍ଚ୍ଚ ହୋଇଥିଲା। ଏହି ପ୍ରରିପ୍ରେକ୍ଷୀରେ ସମୀକ୍ଷାରେ ଦେଖାଗଲା ଯେ:

- ଜମି ମାଲିକଙ୍କ ଦାବିକୁ ସମାଧାନ କରିବାରେ ବାଧା ସୃଷ୍ଟି ହେବା ଯୋଗୁ, ଇଡ୍‌କୋ ପ୍ରକଳ୍ପର ଆଭ୍ୟନ୍ତରୀଣ ଭିତ୍ତିଭୂମିର ବିକାଶ କାର୍ଯ୍ୟକୁ 30 ମାସରୁ ଅଧିକ ବିଳମ୍ବ ପରେ ଅପ୍ରେଲ 2016 ରେ ପ୍ରଦାନ କରିଥିଲା। ଜୁଲାଇ 2013 ରେ ଜିଓଆଇକୁ ଜଣାଯାଇଥିବା ତଥ୍ୟର ଏହା ବିପରୀତ ଥିଲା ଯେ ତୁରନ୍ତ ଜମି ଉପଲବ୍ଧ ହେବ। ପରାମର୍ଶଦାତାଙ୍କ ଦ୍ୱାରା ନକ୍ସା ଏବଂ ଡ୍ରାଇଁ ପ୍ରଦାନରେ ବିଳମ୍ବ, ଜମି ଯୋଗାଣ ଏବଂ ଜଳ ନିଷ୍କାସନ ଲାଇନର ନିର୍ମାଣରେ ବିଳମ୍ବ, ଜଳ ଜମୁଥିବା ନିମ୍ନ ଜମି ଇତ୍ୟାଦି ଯୋଗୁ ଏହି କାର୍ଯ୍ୟ ଆହୁରି ଅଧିକ ବିଳମ୍ବ ହୋଇଥିଲା। ପ୍ରବେଶ ରାସ୍ତା, ବିଦ୍ୟୁତ୍ ଏବଂ ଜଳ ଯୋଗାଣ ପରେ ମୌଳିକ ଭିତ୍ତିଭୂମିର ପ୍ରଦାନରେ ଇଡ୍‌କୋ ବିଫଳ ହେବାରୁ ଏହି ପ୍ରକଳ୍ପର ଗୋଟିଏ ଶିଳ୍ପକୁ କେବଳ 2.08 ଏକର ଆବଣ୍ଟନ କରିପାରିଥିଲା।

- ପ୍ରକଳ୍ପ ସ୍ଥାନରେ ବାହ୍ୟ ପ୍ରବେଶ ପଥ ଜିଓଓର ଆଇଆଇଡିଏଫ୍ ପାଣ୍ଠିରୁ ହୋଇଥିଲା। କିନ୍ତୁ ସେଥିପାଇଁ ଖର୍ଚ୍ଚ ହୋଇଥିବା 2.04 କୋଟି ଟଙ୍କା 120 ଏକର ଜମିର ମୂଲ୍ୟରେ ଅନ୍ତର୍ଭୁକ୍ତ କରାଯାଇଥିଲା, ଯାହା ଦ୍ୱାରା ପ୍ରକଳ୍ପର ଏକର ପ୍ରତି ଜମି ମୂଲ୍ୟରେ ବୃଦ୍ଧି ପାଇଥିଲା।

- ଇଡ୍‌କୋ 7.62 କୋଟି ଟଙ୍କା ଅବଦାନ ସହିତ ଏହି ପ୍ରକଳ୍ପ ପାଇଁ ଅଂଶଧନ ବାବଦରେ ଅବଦାନ ଏସ୍‌ପିଭି ସଦସ୍ୟମାନଙ୍କ ଦ୍ୱାରା କରାଯିବାର ଥିଲା। କିନ୍ତୁ ପ୍ରକଳ୍ପ ଆରମ୍ଭ କରିବାରେ ବିଳମ୍ବ ହେତୁ ଇଡ୍‌କୋ ପାର୍କ ପାଇଁ ଆବଶ୍ୟକ ସଂଖ୍ୟକ ଶିଳ୍ପକୁ ଆକର୍ଷିତ କରିପାରି ନଥିଲା। ତେଣୁ ମୁଖ୍ୟ ପ୍ରୋତ୍ସାହକ ଭାବରେ ଯୋଜନା ସର୍ତ୍ତାବଳୀ ଏବଂ ପ୍ରତିବଦ୍ଧତା ଅନୁଯାୟୀ, ଇଡ୍‌କୋକୁ ଏସ୍‌ପିଭି ସଦସ୍ୟମାନଙ୍କ ତରଫରୁ 21.69 କୋଟି ଟଙ୍କାର ଅତିରିକ୍ତ ଅଂଶଧନ ଯୋଗଦାନ କରିବାକୁ ପଡିଥିଲା।

ତଥ୍ୟ ଗୁଡିକ ଗ୍ରହଣ କରିବା ବେଳେ, ଇଡ୍‌କୋ ଦର୍ଶାଇଲା (ଅଗଷ୍ଟ 2020) ଯେ ଜିଓଓ ଏବଂ ଆଇଓସିଏଲ୍ ଠାରୁ ଅନୁଦାନ ପାଇଁ ସହମତି ପତ୍ରଗୁଡିକ ଗ୍ରହଣ ହୋଇସାରିଛି ଏବଂ ଆଶାୟୀ ଉଦ୍ୟୋଗପତି ଠାରୁ ସେମାନଙ୍କ ଉତ୍ପାଦନ ଆରମ୍ଭ ହେବା ସମୟରେ ଅବଦାନ ଅଣାଯିବ। ଆହୁରି ମଧ୍ୟ ପ୍ରସ୍ଥାନ ସମ୍ମିଳନୀରେ ଜିଓଓ କହିଲେ ଯେ ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଇଡ୍‌କୋ ଦ୍ୱାରା ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### *ପାରାଦୀପ ଠାରେ ପିସିପିଆଇଆରର ବିକାଶ*

**5.9.4** ପାରାଦୀପ ଠାରେ ପେଟ୍ରୋଲିୟମ, ରାସାୟନିକ ଏବଂ ପେଟ୍ରୋକେମିକାଲ୍ ନିବେଶ ଅଞ୍ଚଳ (ପିସିପିଆଇଆର) ପ୍ରତିଷ୍ଠା ପାଇଁ ଏହି ଯୋଜନାକୁ ଭାରତ ସରକାର ସୂଚିତ (ଡିସେମ୍ବର 2010) କରିଥିଲେ। ଏହି ପ୍ରକଳ୍ପ ପାଇଁ ଧାର୍ଯ୍ୟ ହୋଇଥିବା ମୋଟ୍ ନିବେଶ ହେଉଛି 2,77,734 କୋଟି ଟଙ୍କା ଯାହା ଦୁଇଟି ପର୍ଯ୍ୟାୟରେ ବିକଶିତ ହେବାର ଥିଲା। ପିସିପିଆଇଆରର ପ୍ରଥମ ପର୍ଯ୍ୟାୟ ପାଇଁ ମୋଟ୍ 22,232 ଏକର ଜମିର ଆବଶ୍ୟକ ଥିଲା ଯେଉଁଥିରୁ 13,572 ଏକର ଜମି ବିଦ୍ୟମାନ ଶିଳ୍ପଗୁଡିକ ଅଧିନରେ ଥିଲା। ପ୍ରକଳ୍ପ ପ୍ରସ୍ତାବ ଅନୁଯାୟୀ ଅବଶିଷ୍ଟ 8,660 ଏକର ଜମିକୁ ଇଡ୍‌କୋ ଦ୍ୱାରା 2010-20 ମଧ୍ୟରେ ଅଧିଗ୍ରହଣ କରିବାର ଥିଲା। ସମୀକ୍ଷାରେ ଦେଖାଗଲା ଯେ:

- ନଭେମ୍ବର 2019 ସୁଦ୍ଧା, ଇଡ୍‌କୋ ନିଜ ପାଣ୍ଠିରୁ 181.89 କୋଟି ଟଙ୍କା ଖର୍ଚ୍ଚ କରି ଏହି ପ୍ରକଳ୍ପ ପାଇଁ ମାତ୍ର 1,277.88 ଏକର ଜମି ଅଧିଗ୍ରହଣ କରିଥିଲା। ପ୍ରକଳ୍ପ ବିକାଶ ଏବଂ ବିଭିନ୍ନ ବୃତ୍ତିଗତ ଅଧ୍ୟୟନ[70] ପାଇଁ ଇଡ୍‌କୋ ଅତିରିକ୍ତ 16.52 କୋଟି ଟଙ୍କା ମଧ୍ୟ ଖର୍ଚ୍ଚ କରିଥିଲା। ଇଡ୍‌କୋ, ତଥାପି, ବିଜ୍ଞପ୍ତିରୁ ନଅ ବର୍ଷ ବିଳମ୍ବ ପରେ ମଧ୍ୟ ଏହି ଯୋଜନାରେ ସଂଲଗ୍ନ ହୋଇଥିବା ନୀତି ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରକଳ୍ପ ପାଇଁ ଜମିର ବ୍ୟବହାର ନିର୍ଦ୍ଦିଷ୍ଟ କରୁଥିବା ମୁଖ୍ୟ ଯୋଜନା ଚୂଡାନ୍ତ କରିପାରିନଥିଲା। ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଏହିପରି ଅସ୍ୱାଭାବିକ ବିଳମ୍ବ ଶିଳ୍ପ ପ୍ରୋତ୍ସାହନ ପାଇଁ ଇଡ୍‌କୋକୁ ଦିଆଯାଇଥିବା ସୌଗମ୍ୟ ଭୂମିକାର ବିପରୀତ ଥିଲା।

- ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପାଇଁ ଇଡ୍ କୋକୁ 200 କୋଟି ଟଙ୍କା ପ୍ରଦାନ କରିବାକୁ ଓଡ଼ିଶା ସରକାର ପ୍ରତିଶ୍ରୁତି ଦେଇଥିଲେ। ତଥାପି, ଇଡ୍‌କୋ ଦ୍ୱାରା ଖର୍ଚ୍ଚ କରାଯାଇଥିବା 181.89 କୋଟି ଟଙ୍କାକୁ ଜିଓଓ ଦ୍ୱାରା ଭରଣ କରାଯାଇନାହିଁ। ଫେବୃୟାରୀ 2011 ପରେ ଇଡ୍‌କୋ ମଧ୍ୟ ଅର୍ଥ ପାଇଁ ଜିଓଓକୁ ନିବେଦନ କରିନଥିଲା।

ପ୍ରସ୍ଥାନ ସମ୍ମଳନୀରେ ଉପରୋକ୍ତ ପର୍ଯ୍ୟବେକ୍ଷଣ ଗୁଡିକ ସ୍ୱୀକାର କରିବା ବେଳେ, ଜିଓଓ କହିଥିଲେ ଯେ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ପାଇଁ ଇଡ୍‌କୋ ଦ୍ୱାରା ଆବଶ୍ୟକ ପଦକ୍ଷେପ ନିଆଯିବ।

### *ଇଏମ୍‌ସି ପାର୍କର ବିକାଶ*

**5.9.5** ଭାରତ ସରକାର 203.37 ଏକର ଜମିରେ 200.75 କୋଟି ଟଙ୍କା ବ୍ୟୟରେ (93.09 କୋଟି ଟଙ୍କା ଜିଓଆଇ ଅନୁଦାନ ସହିତ) ଏକ ଇଲେକ୍ଟ୍ରୋନିକ୍ ଉତ୍ପାଦନ କ୍ଲଷ୍ଟର (ଇଏମ୍‌ସି) ପ୍ରତିଷ୍ଠାକୁ 19 ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଅନୁମୋଦନ (ସେପ୍ଟେମ୍ବର 2016) କରିଥିଲେ। ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଇଡ୍‌କୋ

---

70 ପରିବେଶ ପ୍ରଭାବ ବିଶ୍ଳେଷଣ (ଇଆଇଏ), ପରିବେଶ ପରିଚାଳନା ଯୋଜନା (ଇଏମ୍‌ପି), ମୁଖ୍ୟ ଯୋଜନାର ପ୍ରସ୍ତୁତି ଏବଂ ଜଳ ଉପଲବ୍ଧତା ଅଧ୍ୟୟନ ରିପୋର୍ଟ।

ଡିସେମ୍ବର 2016 ରେ ଏକ ଏସ୍‌ପିଭି ଅର୍ଥାତ ଓଡ଼ିଶା ଇଲେକ୍ଟ୍ରୋନିକ୍ ପାର୍କ ଲିମିଟେଡ୍ (ଓଇପିଏଲ୍) ଗଠନ କରିଥିଲା। ଓଇପିଏଲ୍ ଜୁଲାଇ 2017 ରେ 18.62 କୋଟି ଟଙ୍କାର ଜିଓଆଇ ଅନୁଦାନ ଏବଂ ଏସ୍‌ପିଭି ସହଭାଗୀ ଭାବରେ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ କେନ୍ଦ୍ରରୁ ଅପ୍ରେଲ 2017 ରେ 21.67 କୋଟି ଟଙ୍କା ପାଇଥିଲା। ଏହା ବ୍ୟତୀତ, ଇଡ୍‌କୋ ମଧ୍ୟ ପ୍ରୋତ୍ସାହକଙ୍କ ଅବଦାନ ଭାବରେ 5.24 କୋଟି ଟଙ୍କା ନିବେଶ (ଫେବୃୟାରୀ 2015) କରିଥିଲା।

ସମୀକ୍ଷାରେ ଦେଖାଗଲା ଯେ, ସେପ୍ଟେମ୍ବର 2019 ସୁଦ୍ଧା ଇଡ୍‌କୋ ଦ୍ୱାରା ଏହି ପ୍ରକଳ୍ପ ପାଇଁ ଭିତ୍ତିଭୂମି ବିକାଶ ଦିଗରେ 21.58 କୋଟି ଟଙ୍କା (10.75 ପ୍ରତିଶତ) ଖର୍ଚ୍ଚ ହୋଇଥିଲା। ତଥାପି, ପ୍ରକଳ୍ପ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଯୋଗୁ ପ୍ରକଳ୍ପ କାର୍ଯ୍ୟ ଠିକ୍ ସମୟରେ ଆରମ୍ଭ ହୋଇପାରିଲା ନାହିଁ। ପ୍ରକଳ୍ପ କ୍ଷେତ୍ରରେ ଉପଲବ୍ଧ 115.82 ଏକର ଜମି ମଧ୍ୟରୁ କେବଳ 7 ଏକର ଦୁଇଟି ଶିଳ୍ପକୁ ଆବଣ୍ଟନ କରାଯାଇଥିଲା। ଫଳସ୍ୱରୂପ, ଆରମ୍ଭର 36 ମାସ ପରେ ମଧ୍ୟ ପ୍ରକଳ୍ପଟି ପ୍ରାରମ୍ଭିକ ପର୍ଯ୍ୟାୟରେ ଥିଲା।

ପ୍ରସ୍ଥାନ ସମ୍ମିଳନୀରେ ଉପରୋକ୍ତ ନିରୀକ୍ଷଣକୁ ସ୍ୱୀକାର କରିଥିବା ବେଳେ ଜିଓଓ କହିଲେ ଯେ ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତା ପାଇଁ ଇଡ୍‌କୋ ଦ୍ୱାରା ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଉପରୋକ୍ତ ତଥ୍ୟରୁ ଏହା ଦେଖାଗଲା ଯେ, ଜିଓଆଇ ପ୍ରକଳ୍ପ ସମାପ୍ତ ନହେବା ମୁଖ୍ୟତଃ ଇଡ୍‌କୋ ଦ୍ୱାରା ଅପାରଗ ଏବଂ ପ୍ରଭାବହୀନ ଉତ୍ସଗୁଡିକର ସଂଗ୍ରହ ଯଥା ଆବଶ୍ୟକୀୟ ଜମିର ଉପଲବ୍ଧତା, ଉପଲବ୍ଧ ଜମିରେ ଭିତ୍ତିଭୂମିର ଅଭାବ, ଆବଶ୍ୟକୀୟ କଞ୍ଚାମାଲର ସମ୍ଭାବ୍ୟ ଅଧ୍ୟୟନର ଅନୁପସ୍ଥିତି ଥିଲା। ଫଳସ୍ୱରୂପ, ଜିଓଆଇ ପ୍ରକଳ୍ପର ଏହିପରି ସମାପ୍ତ ନହେବା ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାନ ଏବଂ ନିଯୁକ୍ତି ସୃଷ୍ଟିରେ ବାଧା ସୃଷ୍ଟି କରିଥିଲା। ଯଦିଓ ବହୁ ସମୟ ବିତିଯାଇଥିଲା ଏବଂ ଅତ୍ୟଧିକ ପୁଞ୍ଜି ବ୍ୟବହାର ନହୋଇ ପଡିରହିଥିଲା। ଡିସେମ୍ବର 2019 ସୁଦ୍ଧା, ଇଡ୍‌କୋ ଦ୍ୱାରା ଏହି ଯୋଜନାରେ ଖର୍ଚ୍ଚ ହୋଇଥିବା 434.81 କୋଟି ଟଙ୍କା ପ୍ରକଳ୍ପର କାର୍ଯ୍ୟ ବିଳମ୍ବ ହେତୁ ଅବରୋଧ ହୋଇ ପଡିରହିଛି। ଆହୁରି ମଧ୍ୟ, ପ୍ରକଳ୍ପ ପାଇଁ ଅନୁଦାନ ବାବଦରେ ଇଡ୍‌କୋ ଦ୍ୱାରା ପ୍ରାପ୍ତ 174.43 କୋଟି ଟଙ୍କାର ଉପଯୋଗ ହୋଇପାରି ନଥିଲା।

## ଉପଲବ୍ଧ କୋଠା ଭଡ଼ା ସୂତ୍ରରେ ଦେବା

**5.10** ଇଡ୍‌କୋ ଶିଳ୍ପ ଉଦ୍ଦେଶ୍ୟରେ ଭଡ଼ା ସୂତ୍ରରେ ଦେବା ପାଇଁ କାର୍ଯ୍ୟାଳୟ ତଥା ବ୍ୟବସାୟିକ ଭବନ (ବ୍ୟବସାୟିକ ଟାୱାର) ନିର୍ମାଣ କରିଥିଲା। ଇଡ୍‌କୋ ପ୍ରତି ବର୍ଗଫୁଟ୍ ହିସାବରେ ସ୍ଥିରିକୃତ ଦରରେ ଚୁକ୍ତି ସାକ୍ଷର ହେବା ପରେ ଭଡ଼ାଟିଆ ମାନଙ୍କୁ ସ୍ଥାନ ଭଡ଼ା ଦେଇଥିଲା ଏବଂ ପ୍ରକୃତ ହିସାବରେ ଭଡ଼ାଟିଆ ମାନଙ୍କଠାରୁ ଜଳ, ଶକ୍ତି ଚାର୍ଜ ଏବଂ ହୋଲଡିଂ ଟିକସ ଆଦାୟ କରିଥିଲା। ସମକ୍ଷାରେ ଏହା ଦେଖାଗଲା:

***ବ୍ୟବସାୟିକ ଟାୱାରରେ ସ୍ଥାନ ଭଡ଼ା ସୂତ୍ରରେ ଆବଣ୍ଟନ***

**5.10.1** ଇଡ୍‌କୋର 4,98,686 ବର୍ଗଫୁଟ୍ ସହିତ ତିନୋଟି ବ୍ୟବସାୟିକ ଟାୱାର[71] ଥିଲା ଯାହା ମଧ୍ୟରୁ 95,934 ବର୍ଗଫୁଟ୍ (19.24 ପ୍ରତିଶତ) 6 ରୁ 75 ମାସ ପର୍ଯ୍ୟନ୍ତ ଖାଲି ପଡିଥିଲା (ଅଗଷ୍ଟ 2019)। ପରିସ୍ଥିତିର ସମୀକ୍ଷା କରିବା ଏବଂ ଖାଲି ସ୍ଥାନ ଉପଯୋଗ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଇଡ୍‌କୋର କୌଣସି ଉପଯୁକ୍ତ ପ୍ରକ୍ରିୟା ନଥିଲା। ଭଡ଼ା ଦିଆଯାଇଥିବା ସ୍ଥାନରୁ, ଇଡ୍‌କୋର ଭଡ଼ା, ଶକ୍ତି ଚାର୍ଜ ଏବଂ ଶୀତତାପ ନିୟନ୍ତ୍ରଣ ଚାର୍ଜ ଦିଗରେ 48 ଭଡ଼ାଟିଆଙ୍କ ଠାରୁ 11.08 କୋଟି ଟଙ୍କାର ବକେୟା ଦେୟ ଥିଲା। ସଠିକ୍ ନଥିପତ୍ରର ରକ୍ଷଣାବେକ୍ଷଣ ନହେବା କାରଣରୁ ଚୁକ୍ତିନାମା ଅନୁଯାୟୀ ଇଡ୍‌କୋ ବିଳମ୍ବିତ ଦେୟ ଉପରେ ସୁଧ ହିସାବ କରିନଥିଲା। ସମୀକ୍ଷାରେ ଦେଖାଗଲା ଯେ, ଦେୟ ସଂଗ୍ରହ ନକରିବାର କାରଣ ମୁଖ୍ୟତଃ ତଥ୍ୟର ଅନୁପଯୁକ୍ତ ରକ୍ଷଣାବେକ୍ଷଣ, ଠିକ୍ ସମୟରେ ଚୁକ୍ତିନାମାର ନବୀକରଣ ନହେବା, ଭଡ଼ାଟିଆଙ୍କ ସହ ବିବାଦ, ଲିଫ୍ଟର ରକ୍ଷଣାବେକ୍ଷଣ ନହେବା ଇତ୍ୟାଦି ଥିଲା। ଉପରୋକ୍ତ କାରଣଗୁଡିକ ହେତୁ ବ୍ୟବସାୟିକ ଟାୱାରର ଭଡ଼ା ଦେବାରେ ଉଲ୍ଲେଖନୀୟ ଅପାରଗତା ରହିଥଲା।

71 ଇଡ୍ କୋ ଟାୱାର (ଜି+10), ଫରଚ୍ୟୁନ୍ ଟାୱାର (ଜି+7) ଏବଂ ଟାୱାର -2000 (ଜି+6)।

ଇଡ୍କୋ ଉତ୍ତର ଦେଇଥିଲା (ଅଗଷ୍ଟ 2020) ଯେ, ସମୀକ୍ଷା ଦ୍ୱାରା କରାଯାଇଥିବା ପର୍ଯ୍ୟବେକ୍ଷଣଗୁଡିକ ଧ୍ୟାନ ଦିଆଯିବ ଏବଂ ବକେୟା ଅର୍ଥ ହାସଲ ପାଇଁ ପଦକ୍ଷେପ ନିଆଯିବ।

***ଭୁବନେଶ୍ୱର ବାହାରେ ବ୍ୟବସାୟିକ ଟାୱାର ନିର୍ମାଣ***

**5.10.2** ବ୍ୟବସାୟିକ ସମ୍ପ୍ରସାରଣ ପାଇଁ ଏକ ସ୍ୱତନ୍ତ୍ର ଉଦ୍ୟମ ମାଧ୍ୟମରେ, ଇଡ୍କୋ ଝାରସୁଗୁଡା, ଢେଙ୍କାନାଳ ଏବଂ ବାଲେଶ୍ୱର ଠାରେ କାର୍ଯ୍ୟାଳୟ ତଥା ବ୍ୟବସାୟିକ ଭବନ ନିର୍ମାଣ କରିବା ପାଇଁ ପ୍ରସ୍ତାବ (ଅକ୍ଟୋବର 2013) ଦେଇଥିଲା। ଏହି ପରିପ୍ରେକ୍ଷୀରେ, ସମୀକ୍ଷାରେ ଦେଖାଗଲା ଯେ:

- ବାଲେଶ୍ୱରରେ 5.58 ଏକର ଜମିରେ ପ୍ରସ୍ତାବିତ କୋଠା ପାଇଁ ଡିପିଆର ପ୍ରସ୍ତୁତି ପାଇଁ ଜଣେ ପରାମର୍ଶଦାତାଙ୍କୁ ଇଡ୍କୋ 0.72 କୋଟି ପ୍ରଦାନ (ଜୁଲାଇ 2015) କରିଥିଲା। କିନ୍ତୁ, 2.64 ଏକର ଜମି ଡିଆଇସି କାର୍ଯ୍ୟାଳୟ ଦ୍ୱାରା ଜବର ଦଖଲ ହୋଇଥିଲା ଏବଂ 2.94 ଏକର ଜମିର ଆର୍ଓଆର୍ ଏପର୍ଯ୍ୟନ୍ତ ମେସର୍ସ ରାଣିଗଞ୍ଜ ଟାଇଲ୍ସ ଫ୍ୟାକ୍ଟ୍ରି ନାମରେ ଥିଲା। ତେଣୁ ଜମିର ମାଲିକାନା ସ୍ଥିର ନକରି, ଇଡ୍କୋ ବାଲେଶ୍ୱରରେ ଭବନ ନିର୍ମାଣ ପାଇଁ ଏକ ଡିପିଆର୍ ପ୍ରସ୍ତୁତ ପାଇଁ 0.72 କୋଟି ଟଙ୍କା ଖର୍ଚ୍ଚ କରିଥିଲା ଯାହାର ନିର୍ମାଣ ଏପର୍ଯ୍ୟନ୍ତ ଆରମ୍ଭ ହୋଇନଥିଲା (ଅଗଷ୍ଟ 2020)। ଇଡ୍କୋ ଢେଙ୍କାନାଳ ଠାରେ କାର୍ଯ୍ୟ ପାଇଁ ଡିସେମ୍ବର 2014 ରେ ଠିକାଦାରଙ୍କୁ 26.14 କୋଟି ଟଙ୍କାରେ କାର୍ଯ୍ୟାଦେଶ ଜାରି କରିଥିଲା। ଆର୍ଓଆର୍ ସମସ୍ୟା ହେତୁ, କାର୍ଯ୍ୟର ଅବସ୍ଥାନ ବଦଳି ଯିବାରୁ (ନଭେମ୍ବର 2015) ନକ୍ସାର ପରିବର୍ତ୍ତନ ଆବଶ୍ୟକ ହୋଇଥିଲା କାରଣ ଚଟାଣ କ୍ଷେତ୍ରଫଳ 29 ପ୍ରତିଶତ ବୃଦ୍ଧି ପାଇଥିଲା ଏବଂ 36.11 କୋଟି ଟଙ୍କାର ସଂଶୋଧିତ ଅଟକଳ (ମାର୍ଚ୍ଚ 2017) କରାଯାଇଥିଲା।

  ଠିକାଦାରଙ୍କ ସହିତ ଚୁକ୍ତିନାମା ଅନୁଯାୟୀ, କାର୍ଯ୍ୟାଦେଶ ପରିମାଣର 25 ପ୍ରତିଶତରୁ ଅଧିକ ପରିମାଣ ପାଇଁ ୟୁନିଟ୍ ଦେୟ ଚୁକ୍ତିଭିତ୍ତିକ ଦର ବଦଳରେ ଚଳନ୍ତି ମୂଲ୍ୟ ସୂଚୀ ଦରରେ ପ୍ରଦାନ କରାଯିବ। କାର୍ଯ୍ୟ ଅବସ୍ଥାନରେ ପରିବର୍ତ୍ତନ ଏବଂ କାର୍ଯ୍ୟ ସୂଚୀରେ ବୃଦ୍ଧି ସତ୍ତ୍ୱେ, ଇଡ୍କୋ ସଂଶୋଧିତ ଆକଳନ ଅନୁସାରେ ଠିକାଦାରଙ୍କ ସହିତ ହୋଇଥିବା କାର୍ଯ୍ୟାଦେଶକୁ ସଂଶୋଧନ କରିନଥିଲା। ଫଳସ୍ୱରୂପ, ବର୍ଦ୍ଧିତ ପରିମାଣର 25 ପ୍ରତିଶତ ପରିବର୍ତ୍ତେ ମୂଳ ପରିମାଣର 25 ପ୍ରତିଶତରୁ ଅଧିକ କାର୍ଯ୍ୟ ପାଇଁ ଠିକାଦାରଙ୍କୁ ଚଳନ୍ତି ମୂଲ୍ୟସୂଚୀ ଦରରେ ଦେୟ ପ୍ରଦାନ କରାଯାଇଥିଲା। ଏହା ଫଳରେ, ଅଧିକ କାର୍ଯ୍ୟ ପରିମାଣ ପାଇଁ ଅଧିକ ଦରରେ ଦେୟ ପ୍ରଦାନ କରାଯାଇଥିଲା ଯାହା ଦ୍ୱାରା 2.70 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ହୋଇଥିଲା ଯେଉଁଥିରୁ ଠିକାଦାରଙ୍କୁ 0.58 କୋଟି ଟଙ୍କା ପ୍ରଦାନ (ଜୁନ୍ 2019) କରାଯାଇସାରିଛି। ସେବା ଟିକସ ପାଇଁ ନିଲାମ ଡକାଳିଙ୍କ ଦାବି ହେତୁ କାର୍ଯ୍ୟର ଟେଣ୍ଡର ଚୂଡାନ୍ତ ହୋଇ ପାରିନଥିବାରୁ, ଝାରସୁଗୁଡା ଠାରେ କାର୍ଯ୍ୟ ତିନି ବର୍ଷରୁ ଅଧିକ ବିଳମ୍ବ ପରେ ପ୍ରଦାନ (ମାର୍ଚ୍ଚ 2017) କରାଯାଇଥିଲା। ତୃତୀୟ ଥର ପାଇଁ ଟେଣ୍ଡର ବାତିଲ (ଜାନୁଆରୀ 2015) ହେବା ପରେ, ଅକ୍ଟୋବର 2015 ରେ ସେବା ଟିକସ ଦାବିକୁ ଗ୍ରହଣ କରି ଚତୁର୍ଥ ଥର ପାଇଁ ଟେଣ୍ଡର ଆମନ୍ତ୍ରଣ କରାଯାଇଥିଲା। ତେଣୁ ଟେଣ୍ଡର ପାଇଁ ପ୍ରଯୁଜ୍ୟ ନିୟମର ପ୍ରଭାବ ଉପରେ ସ୍ପଷ୍ଟତାର ଅଭାବରୁ ଏହିପରି ବିଳମ୍ବ ମୁଖ୍ୟତଃ ହୋଇଥିଲା।

ପ୍ରସ୍ଥାନ ସମ୍ମିଳନୀରେ ଜିଓଓ ପର୍ଯ୍ୟବେକ୍ଷଣ ଗୁଡିକୁ ସ୍ୱୀକାର କଲେ ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହ କରାଯିବ ବୋଲି କହିଥିଲେ।

ତେଣୁ ଇଡ୍କୋ ଭୁବନେଶ୍ୱର ବାହାରେ ସ୍ଥାନ ଗୁଡିକର ଭଡ଼ା ଦେବା ପାଇଁ ବିସ୍ତୃତ ଅଧ୍ୟୟନ ଏବଂ ଦକ୍ଷ ଏବଂ ପ୍ରଭାବଶାଳୀ ଚୁକ୍ତିନାମା ପରିଚାଳନା କରିବାରେ ବିଫଳ ହୋଇଥିଲା।

***ସୁପାରିଶ 4:*** *ଯେହେତୁ ଉଦ୍ୟୋଗୀମାନଙ୍କୁ ଭଡ଼ା ସ୍ଥାନ ଯୋଗାଇବା ପାଇଁ ବିପୁଳ ପୁଞ୍ଜି ନିବେଶ କରାଯାଇଥାଏ, ଇଡ୍କୋ ଦୂରଦର୍ଶୀ ଚୁକ୍ତିନାମା ପରିଚାଳନା ମାଧ୍ୟମରେ ମିତବ୍ୟୟିତା, ଦକ୍ଷତା ଏବଂ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ କ୍ଷମତା ବିକଶିତ କରିବା ଉଚିତ୍।*

## ଆର୍ଥିକ ପରିଚାଳନା, ଆଭ୍ୟନ୍ତରୀଣ ନିୟନ୍ତ୍ରଣଏବଂ ପର୍ଯ୍ୟାଲୋଚନା

**5.11** ଅର୍ଥ ବିଭାଗ, ଜିଓଓ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଇଡ୍‌କୋ ଏହାର ଅତିରିକ୍ତ ପାଣ୍ଠିକୁ ସୁଧ ଦର ପାଇଁ ନିଲାମ ଡାକି ନିବେଶ କରିଥିଲା। 31 ମାର୍ଚ୍ଚ 2019 ସୁଦ୍ଧା, ଇଡ୍‌କୋ ସ୍ଥାୟୀ ଜମା (ଏଫ୍‌ଡି) ଭାବରେ ମୋଟ୍ 816.13 କୋଟି ଟଙ୍କା ନିବେଶ କରିଥିଲା, ଯାହାମଧ୍ୟରୁ 55.63 କୋଟି ଟଙ୍କା ବ୍ୟାଙ୍କ ଗ୍ୟାରେଣ୍ଟି (ବିଜି) ବିରୁଦ୍ଧରେ ରଖାଯାଇଥିଲା। ସମୀକ୍ଷାରେ ଅତିରିକ୍ତ ପାଣ୍ଠି ନିବେଶର ନିମ୍ନଲିଖିତ ଅଭାବଗୁଡିକ ଦେଖାଗଲା:

i. ଇଡ୍‌କୋ ମିଆଦୀ ଜମା ଯାହା 6.01 ରୁ 9.60 ପ୍ରତିଶତ ଉଚ୍ଚ ସୁଧ ହାର ପ୍ରଦାନ କରେ ତାହା ବଦଳରେ ସ୍ୱିପ୍ ଜମା ଖାତାରେ ବିପୁଳ ପରିମାଣର ଟଙ୍କା ରଖିଥିଲା। ମାର୍ଚ୍ଚ 2018 ସୁଦ୍ଧା, ସ୍ୱିପ ଜମାରେ 201.43 କୋଟି ଟଙ୍କା ନିବେଶ ହୋଇଥିଲା, ଯାହାମଧ୍ୟରୁ 107.86 କୋଟି ଟଙ୍କା ଦୁଇଟି ବ୍ୟାଙ୍କରେ (ଏସ୍‌ବିଆଇ ଏବଂ ଇଣ୍ଡିଆନ୍ ବ୍ୟାଙ୍କ) ରଖାଯାଇଥିଲା ଯେଉଁଥିରେ ଡିସେମ୍ବର 2013 ଠାରୁ କୌଣସି କାରବାର କରାଯାଇନଥିଲା। ସେହି ସ୍ୱିପ ଜମାରୁ 12.37 କୋଟି ଟଙ୍କାର ସୁଧ ଅର୍ଜନ ହୋଇଥିଲା। ସେହି ପରିମାଣର ଟଙ୍କା ଯଦି ମିଆଦୀ ଜମାରେ ନିବେଶ କରାଯାଇଥାନ୍ତା, ତା ହେଲେ ଇଡ୍‌କୋ 17.50 କୋଟି ଟଙ୍କାର ସୁଧ ଅର୍ଜନ କରିପାରିଥାନ୍ତା। ମିଆଦୀ ଜମାରେ ନିବେଶ ନକରିବାରୁ 5.13 କୋଟି ଟଙ୍କାର ସୁଧ ବାବଦରେ କ୍ଷତି ହୋଇଥିଲା।

ii. ଏହା ଦେଖାଗଲା ଯେ ଉଚ୍ଚ ସ୍ଲାବ (ଅର୍ଥାତ୍ 10 କୋଟି ଟଙ୍କାରୁ ଅଧିକ) ନିବେଶ ଯାହା 6.01 ରୁ 8.81 ପ୍ରତିଶତର ନିମ୍ନ ସୁଧ ଦେଇଥାଏ ତାହା ପରିବର୍ତ୍ତେ ନିମ୍ନ ସ୍ଲାବ (ଅର୍ଥାତ୍ 10 କୋଟି ଟଙ୍କା ପର୍ଯ୍ୟନ୍ତ) ରେ ନିବେଶ ପାଇଁ ବ୍ୟାଙ୍କଗୁଡିକ 6.25 ପ୍ରତିଶତ ରୁ 9 ପ୍ରତିଶତର ଉଚ୍ଚ ସୁଧ ହାର ପ୍ରଦାନ କରିଥାନ୍ତି। 2014-19 ମଧ୍ୟରେ, ଇଡ୍‌କୋ ନିମ୍ନ ସୁଧହାର 1,263 କୋଟି ଟଙ୍କା ନିବେଶ କରିଥିଲା ଯେହେତୁ ଏହା ମୋଟ୍ ନିବେଶ ମୂଲ୍ୟକୁ ନିମ୍ନ ସ୍ଲାବରେ ପୃଥକ କରିନଥିଲା। ଏହା ଦ୍ୱାରା ସୁଧ ବାବଦରେ 5.15 କୋଟି ଟଙ୍କା କ୍ଷତି ସହିଥିଲା।

iii. ମାର୍ଚ୍ଚ 2019 ସୁଦ୍ଧା, ଯଦିଓ ଇଡ୍‌କୋ ପୂର୍ବରୁ 2.50 କୋଟି ଟଙ୍କାର ବିଜି ଫେରସ୍ତ (ଡିସେମ୍ବର 2013) କରିସାରିଥିଲା, ଫେରସ୍ତ ହୋଇଥିବା ବିଜି ବିରୁଦ୍ଧରେ ଥିବା ଏଫ୍‌ଡି ଗୁଡିକ ପୁନଃ ନିବେଶ ନକରି ଧାରଣାଧିକାର ଭାବରେ ରଖାଯାଇଥିଲା। ଏହା ଦ୍ୱାରା 0.57 କୋଟି ଟଙ୍କାର ଅତିରିକ୍ତ ସୁଧ ହାନିହୋଇଥିଲା କାରଣ ଇଡ୍‌କୋ କେବଳ 2.38 କୋଟି ଟଙ୍କା ସୁଧ ଅର୍ଜନ କରିଥିଲା ଏବଂ ଧାରଣାଧିକାର ସମାପ୍ତ ହେବା ପରେ ତୁରନ୍ତ ମିଆଦୀ ଜମାକୁ ପୁନଃ ନିବେଶ କରିଥିଲେ 2.95 କୋଟି ଟଙ୍କା ରୋଜଗାର ହୋଇପାରିଥାନ୍ତା।

ଜିଓଓ ସମୀକ୍ଷା ପର୍ଯ୍ୟବେକ୍ଷଣକୁ ସ୍ୱୀକାର କଲେ ଏବଂ ପ୍ରସ୍ଥାନ ସମ୍ମିଳନୀରେ ଇଡ୍‌କୋକୁ ଆବଶ୍ୟକୀୟ ନିୟନ୍ତ୍ରଣ ପାଇଁ ପରାମର୍ଶ ଦେଲେ। ଏହାର ଉତ୍ତରରେ ଇଡ୍‌କୋ କହିଲା ଯେ କାର୍ଯ୍ୟାନ୍ୱୟନ ଜାରି ରହିଥିବା ଇଆର୍‌ପି ମାଧ୍ୟମରେ ଆବଶ୍ୟକୀୟ ନୟନ୍ତ୍ରଣ ବ୍ୟବସ୍ଥା କରାଯାଇଅଛି।

iv. ଇଡ୍‌କୋ ଦ୍ୱାରା ଗଠିତ (ଅକ୍ଟୋବର 2016) ସମୀକ୍ଷା ସମିତି ଆରମ୍ଭରୁ କାର୍ଯ୍ୟକ୍ଷମ ନଥିଲା। ଫଳସ୍ୱରୂପ, ନିଗମ ଶାସନନୀତି ନିୟକ ବହି (ସିଜିଏମ୍) ଅନୁଯାୟୀ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଏବଂ ଆର୍ଥିକ ରିପୋର୍ଟ ପ୍ରକ୍ରିୟାର ତଦାରଖ ସମିତି ଦ୍ୱାରା ହୋଇପାରି ନଥିଲା।

v. ନୀତି ନିୟମ ବହି ଅନୁଯାୟୀ, ସମସ୍ତ କାର୍ଯ୍ୟକ୍ଷମ କ୍ଷେତ୍ର ଆଭ୍ୟନ୍ତରୀଣ ସମୀକ୍ଷାର ଅଧିନରେ ଆସିବା ଉଚିତ୍। କିନ୍ତୁ, ଏହା ଦେଖାଗଲା ଯେ ଆଭ୍ୟନ୍ତରୀଣ ସମୀକ୍ଷା ପରିସରରେ ଏକ ଏକରରୁ ଅଧିକ ଜମି ଆବଣ୍ଟନ, ଆଇ.ଇ./ଆଇ.ଏ.ରେ ଶିଳ୍ପ ପ୍ରତିଷ୍ଠାନ ଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରିତା, ଶିଳ୍ପ ପ୍ରତିଷ୍ଠାନ ମାନଙ୍କଠାରୁ ଆଇଏମ୍‌ସି/ଜିଆର୍ ଏବଂ ଶୁଳ୍କ ସଂଗ୍ରହ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଦିଗଗୁଡିକ ଅନ୍ତର୍ଭୁକ୍ତ ହୋଇନଥିଲା, ଯାହା ଶିଳ୍ପ ପ୍ରୋତ୍ସାହନର ଭୂମିକାକୁ ପ୍ରଭାବିତ କରିଥିଲା। ଫଳସ୍ୱରୂପ, ଇଡ୍‌କୋ ଦ୍ୱାରା ଧାର୍ଯ୍ୟ ଭୂମିକା ହାସଲ କରିବାରେ କାର୍ଯ୍ୟକ୍ଷମ କ୍ଷେତ୍ରଗୁଡିକ ପ୍ରକୃତରେ ସହଯୋଗ କରୁଛନ୍ତି କି ନାହିଁ ନିଶ୍ଚିତ କରିବାକୁ କୌଣସି ତଦାରଖ ପ୍ରଣାଳୀ ନଥିଲା। ଏହି ସବୁର ରାଜ୍ୟରେ ରୋଜଗାର ସୃଷ୍ଟି ଭଳି ଆନୁସଙ୍ଗିକ ଲାଭ ହରାଇବା ସହିତ ଶିଳ୍ପ ପ୍ରୋତ୍ସାହନ ଉପରେ ପ୍ରତିକୂଳ ପ୍ରଭାବ ପଡିଥିଲା।

ଜିଓଓ ସମୀକ୍ଷା ପର୍ଯ୍ୟାବେକ୍ଷଣକୁ ସ୍ୱୀକାର କଲେ ଏବଂ ଆବଶ୍ୟକ ପଦକ୍ଷେପ ନେବାକୁ ସୁନିଶ୍ଚିତ କରିଥିଲେ।

## ଉପସଂହାର

ସମୀକ୍ଷାରେ ଦେଖାଗଲ ଯେ ଇଡ୍କୋ ଦ୍ୱାରା ଭୂମି ବ୍ୟାଙ୍କ ଯୋଜନା କାର୍ଯ୍ୟକାରୀ କରିବାର ଗତି ଧୀର ଥିଲା ଯାହା ଉଦ୍ୟୋଗମାନଙ୍କ ପାଇଁ ଜମିର ଠିକ୍ ସମୟରେ ଉପଲବ୍ଧତାକୁ ପୂରଣ କରିନଥିଲା କାରଣ ଏହା ଲକ୍ଷ୍ୟ ଅନୁଯାୟୀ **1,00,000** ଏକର ହାସଲ କରିବାକୁ ବିଜ୍ଞପ୍ତି ଅନୁଯାୟୀ **62,725** ଏକର ଜମି ଅଧିଗ୍ରହଣ କରିଥିଲା। ଇଡ୍କୋ ମଧ୍ୟ ଅଧିଗ୍ରହଣ ହୋଇଥିବା ଜମିକୁ ସୁରକ୍ଷିତ କରିନଥିଲା କାରଣ ବର୍ଗ **'ଏ'** ଜମିର **38** ପ୍ରତିଶତ ଜବରଦଖଲ ଇତ୍ୟାଦି କାରଣରୁ ବ୍ୟବହାର ଯୋଗ୍ୟ ନଥିଲା ଏବଂ ତୁରନ୍ତ ବ୍ୟବହାର ପାଇଁ ଶିଳ୍ପ ପ୍ରତିଷ୍ଠାନ ଗୁଡିକୁ ଆବଣ୍ଟନ କରାଯାଇ ପାରିନଥିଲା। ସମୀକ୍ଷାରେ ଦେଖାଗଲା ଯେ, ଇଡ୍କୋ ତାପଜ ବିଦ୍ୟୁତ୍ ପ୍ରକଳ୍ପ ସଠିକ୍ ଆବଶ୍ୟକତାକୁ ଧ୍ୟାନ ନଦେଇ ସେମାନଙ୍କ ପାଇଁ ଜମି ଅଧିଗ୍ରହଣ ଜାରି ରଖିଥିଲା ଯାହାକି ଦୁର୍ଲଭ ସମ୍ବଳର ସଠିକ୍ ପରିଚାଳନାକୁ ସୂଚିତ କରିନଥିଲା। ରିହାତି ମୂଲ୍ୟରେ ଅଯୋଗ୍ୟ ପ୍ରତିଷ୍ଠାନ ଗୁଡିକୁ ମଧ୍ୟ ଜମି ଆବଣ୍ଟନ କରାଯାଇଥିଲା।

ଯଦିଓ ପାଣ୍ଠି ଉପଲବ୍ଧ ଥିଲା, ଶିଳ୍ପାଞ୍ଚଳ/ଶିଳ୍ପକ୍ଷେତ୍ରକୁ ଭିତ୍ତିଭୂମି ସୁବିଧା ଯୋଗାଇବା ପାଇଁ ସଠିକ୍ ବିକାଶ ଯୋଜନା ପ୍ରସ୍ତୁତ କରିବାରେ ଇଡ୍କୋ କ୍ରମାଗତ ଭାବରେ ଲକ୍ଷ୍ୟଠାରୁ ଦୂରରେ ରହିଥିଲା ଯାହା ଭିତ୍ତି ସ୍ଥାପନ ପାଇଁ ପ୍ରତିଷ୍ଠାନଗୁଡିକର ଏକ ପୂର୍ବ ଆବଶ୍ୟକତା ଥିଲା। ଫଳସ୍ୱରୂପ, ଆବଶ୍ୟକ ବିକାଶ ଯୋଜନାଗୁଡିକର ଅନୁପସ୍ଥିତିରେ, ବିଭିନ୍ନ ରଣନିତୀକ ସ୍ଥାନରେ ଆଇଏ/ଆଇଇ ଗୁଡିକ ପ୍ରତିଷ୍ଠା ପାଇଁ ଭିତ୍ତିଭୂମି ସୁବିଧା ଯୋଗାଇବାରେ ସେମାନଙ୍କର ମୂଳ ଭୂମିକାରେ ଇଡ୍କୋର କାର୍ଯ୍ୟଦକ୍ଷତା ସନ୍ତୋଷଜନକ ନଥିଲା। **116** ଆଇଏ/ଆଇଇ ଗୁଡିକ ମଧ୍ୟରୁ **95** ଟି ଆବଣ୍ଟନକାରୀଙ୍କ ପାଇଁ ଜଳ ଯୋଗାଣର ମୌଳିକ ବ୍ୟବହାର ଅନୁପସ୍ଥିତି ଯୋଗୁ ନିୟମ ଉଲ୍ଲଘଂନ କରି ଭୂତଳ ଜଳର ଅନଧିକୃତ ଦୁର୍ବ୍ୟବହାର ହୋଇଥିଲା।

ଶିଳ୍ପ ପାର୍କଗୁଡିକର ପ୍ରୋତ୍ସାହନ ପାଇଁ ଭାରତ ସରକାରଙ୍କ ଯୋଜନା ଗୁଡିକ ସେମାନଙ୍କର ଏକକ ଉପାଦାନ ଗୁଡିକର ସମାପ୍ତି ପାଇଁ ସମୟସୀମା ସ୍ଥିର ନକରି ଏବଂ ଆବଶ୍ୟକ ଅର୍ଥ, କଞ୍ଚାମାଲ ଏବଂ ଭିତ୍ତିଭୂକି ସହାୟତା ଉପଲବ୍ଧତା ପାଇଁ ସେମାନଙ୍କର ସମ୍ଭାବ୍ୟ ମାନଦଣ୍ଡ ଗୁଡିକ ସୁନିଶ୍ଚିତ ନକରି କାର୍ଯ୍ୟକାରୀ କରାଯାଉଥିଲା।

ଆବଣ୍ଟନଗ୍ରାହୀଙ୍କ ଠାରୁ ଜିଆର ଏବଂ ଶୁଳ୍କ ପରି ଆଇନଗତ ଦେୟ ସଂଗ୍ରହ ପାଇଁ ପ୍ରଭାବଶାଳୀ ପ୍ରଣାଳୀର ଅନୁପସ୍ଥିତ ଯୋଗୁ ଏହିପରି ଦେୟ ଗୁଡିକର ଉଲ୍ଲେଖନୀୟ ବକେୟା ରହିଥିଲା। ଇଡ୍କୋ ଦ୍ୱାରା ନଥିପତ୍ର ଅଧିକାରର ସଂଶୋଧନ ହୋଇ ନଥିବାରୁ, ବେସରକାରୀ ଜମି ଉପରେ କୌଣସି ଦେୟ ଆଦାୟ ହୋଇନଥିବା ଫଳରେ ରାଜ୍ୟ ତହବିଲକୁ ବାର୍ଷିକ **33.16** କୋଟି ଟଙ୍କା କ୍ଷତିର ଆକଳନ କରାଯାଇଥିଲା।

ଜମି ଆବଣ୍ଟନ ସଠିକ୍ ଦରରେ ହେବା ସୁନିଶ୍ଚିତ କରିବା ପାଇଁ ଇଡ୍କୋ ଆବଶ୍ୟକୀୟ ପ୍ରକ୍ରିୟା ପ୍ରତିଷ୍ଠା କରିବା ଆବଶ୍ୟକ କରେ କାରଣ ସମୀକ୍ଷାରେ ଅସମାନତାର ଦୃଷ୍ଟାନ୍ତ ଏବଂ ଏହାର ଭୂଲ ପ୍ରୟୋଗ ଦେଖାଯାଇଥିଲା।

# ଅଧ୍ୟାୟ– VI

## ଅନୁପାଳନ ସମୀକ୍ଷା ମନ୍ତବ୍ୟ

## (ଅଣ-ଶକ୍ତିକ୍ଷେତ୍ର)

# ଅଧ୍ୟାୟ -VI

## 6. ଅନୁପାଳନ ସମୀକ୍ଷା ମନ୍ତବ୍ୟ (ଅଣ-ଶକ୍ତିକ୍ଷେତ୍ର ପିଏସ୍‌ୟୁ)

ରାଜ୍ୟ ଅଣ-ଶକ୍ତିକ୍ଷେତ୍ର, ପିଏସ୍‌ୟୁ/ବୈଧାନିକ ନିଗମ ଗୁଡିକର କାର୍ଯ୍ୟ ସମ୍ପାଦନର ନମୁନା ଯାଞ୍ଚରେ ଦେଖାଯାଇଥିବା ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ମନ୍ତବ୍ୟ ଏହି ଅଧ୍ୟାୟରେ ଅନ୍ତର୍ଭୁକ୍ତ କରାଯାଇଅଛି ।

## ଓଡ଼ିଶା ଖଣି ନିଗମ ଲିମିଟେଡ୍

ଅନୁସନ୍ଧାନ, ଉତ୍ତୋଳନ ତଥା ଓଡ଼ିଶାର ଖଣିଜ ସମ୍ପଦକୁ ଉପଯୋଗ କରିବା ଉଦ୍ଦେଶ୍ୟରେ ଓଡ଼ିଶା ଖଣି ନିଗମ ଲିମିଟେଡ୍ (ଓଏମ୍‌ସି) 16 ମଇ 1956 ରେ ଓଡ଼ିଶା ସରକାର ଏବଂ ଭାରତ ସରକାର (ଜିଓଓ ଏବଂ ଜିଓଆଇ)ଙ୍କର ମିଳିତ ଉଦ୍ୟୋଗ କମ୍ପାନୀ ଭାବରେ ପଞ୍ଜିକୃତ ହୋଇଥିଲା । ଚାରିବର୍ଷ ପରେ, କମ୍ପାନୀରୁ ଜିଓଆଇର ପ୍ରତ୍ୟାହାର ପରେ, ଓଏମ୍‌ସି 17 ନଭେମ୍ବର 1961 ରେ ଜିଓଓର ଏକ ସମ୍ପୂର୍ଣ୍ଣ ମାଲିକାନା ଥିବା ନିଗମ ହୋଇଥିଲା । ବର୍ତ୍ତମାନ ସୁଦ୍ଧା ଏହା ଓଡ଼ିଶା ସରକାରଙ୍କ ଏକ ସମ୍ପୂର୍ଣ୍ଣ ମାଲିକାନା ଥିବା ନିଗମ ଭାବରେ ରହିଛି । ଓଏମ୍‌ସି ଦ୍ୱାରା ଖନନ କରାଯାଇଥିବା ପ୍ରମୁଖ ଖଣିଜଗୁଡିକ ହେଉଛି କ୍ରୋମ୍, ଆଇରନ୍ ଏବଂ ମାଙ୍ଗାନିଜ୍ ଯାହା ଖଣିଜ ଭିତ୍ତିକ ଶିଳ୍ପଗୁଡିକ ଯଥା ଇସ୍ପାତ, ସ୍ପଞ୍ଜ ଆଇରନ୍, ପିଗ୍ ଆଇରନ୍, ଫେରୋ ମାଙ୍ଗାନିଜ୍, ଫେରୋକ୍ରୋମ୍ ଇତ୍ୟାଦିର ଆବଶ୍ୟକତାକୁ ପୂରଣ କରେ ।

### *6.1 ନିଷ୍ଫଳ ବ୍ୟୟ*

**ଖଣିକାର୍ଯ୍ୟ ପାଇଁ ଅଯୋଗ୍ୟ ଜମିକୁ ବିଳମ୍ବରେ ଫେରସ୍ତ ଯୋଗୁ 65.21 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା**

ଖଣିଗୁଡିକର କାର୍ଯ୍ୟ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏମ୍‌ଓଇଏଫ୍‌ଆଣ୍ଡସିସି), ଜିଓଆଇ, ଜିଓଓ / ଜିଓଆଇ/ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶାବଳୀ ଏବଂ ନ୍ୟାୟାଳୟ ଗୁଡିକ ଦ୍ୱାରା ଦିଆଯାଇଥିବା ନିୟମ ଅନୁସାରେ ଚାଲିଥାଏ ।

ଜାନୁଆରୀ 1986 ରେ ଓଏମ୍‌ସି ଏକ କ୍ରୋମାଇଟ୍ ଖଣି ପାଇଁ ଓଡ଼ିଶା ସରକାରଙ୍କଠାରୁ 1,582.833 ହେକ୍ଟର ଜମିର ଏକ ଲିଜ୍ ହାସଲ କରିଥିଲା । ଉପରୋକ୍ତ ଅଞ୍ଚଳରେ ହଦଗଡ଼ ବନ୍ୟଜନ୍ତୁ ଅଭୟାରଣ୍ୟ ଏବଂ ଅଭୟାରଣ୍ୟ ସୀମାଠାରୁ ଏକ କିଲୋମିଟର ବ୍ୟାସାର୍ଦ୍ଧରେ 617.520 ହେକ୍ଟର ଜମି ଥିଲା ଯାହାକି 141.111 ହେକ୍ଟର ଜଙ୍ଗଲ ଜମି ଏବଂ 476.409 ହେକ୍ଟର ଅଣ-ଜଙ୍ଗଲ ଜମିର ସମଷ୍ଟି । 811.035 ହେକ୍ଟର ଅଣ-ଜଙ୍ଗଲ ଜମି ଏବଂ 154.278 ହେକ୍ଟର ଜଙ୍ଗଲ ଜମି ଥିବା ଅବଶିଷ୍ଟ 965.313 ହେକ୍ଟର ଅଭୟାରଣ୍ୟ ଏବଂ ଏହାର ଏକ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ନଥିଲା । ଲିଜ୍ ପାଇବା ସତ୍ତ୍ୱେ ଓଏମ୍‌ସି ବୈଧାନିକ ଏବଂ ପରିବେଶ ମଞ୍ଜୁରୀ ଅଭାବରୁ ଖଣି କାର୍ଯ୍ୟ ଆରମ୍ଭ କରିପାରି ନଥିଲା (ଫେବୃୟାରୀ 2019) ଏବଂ ଖଣିର ମାଲିକାନା ନବୀକରଣ ବୋଲି ବିବେଚନା କରାଯାଇଥିଲା ।

- ମାନ୍ୟବର ଉଚ୍ଚତମ ନ୍ୟାୟାଳୟ 16 ସେପ୍ଟେମ୍ବର 2005 ରେ ସେମାନଙ୍କର ଆଦେଶରେ ଦର୍ଶାଇଛନ୍ତି ଯେ ଜାତୀୟ ଉଦ୍ୟାନ/ ଅଭୟାରଣ୍ୟର ଏକ କିଲୋମିଟର ବ୍ୟାସାର୍ଦ୍ଧରେ ଅବସ୍ଥିତ ଅଞ୍ଚଳରେ ଖଣି କାର୍ଯ୍ୟ ପାଇଁ ଅନୁମତି ଦିଆଯିବ ନାହିଁ । ଫଳସ୍ୱରୂପ, 617.520 ହେକ୍ଟର ଜମି ଖଣିକାର୍ଯ୍ୟ ପାଇଁ ଯୋଗ୍ୟ ନଥିଲା । ଖଣିଜ ରିହାତି ନିୟମ 1960ର ନିୟମ 29(1) ଅନୁଯାୟୀ, ଯଦି ଜମି ସଠିକ୍ ସର୍ବେକ୍ଷଣ ଏବଂ ସଂଲଗ୍ନ ହୋଇଥିବ, ତେବେ ଲିଜ୍ ପାଇଥିବା ଅଞ୍ଚଳର ଯେକୌଣସି ଅଂଶ ରାଜ୍ୟ ସରକାରଙ୍କୁ ଫେରାଇ ଦିଆଯାଇପାରିବ । କିନ୍ତୁ, ଓଏମ୍‌ସି ଉପରୋକ୍ତ ନିୟମ ଅନୁଯାୟୀ ଏହି ଜମିକୁ ଫେରାଇ ନଥିଲା ।

- ଜଙ୍ଗଲ ସଂରକ୍ଷଣ ଆଇନ 1980 ଏବଂ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ନିଷ୍ପତ୍ତି (ଅକ୍ଟୋବର 2002/ ଅଗଷ୍ଟ 2003) ଅନୁଯାୟୀ, ଜଣେ ଲିଜ୍‌ଧାରୀଙ୍କୁ ଅଣ-ଜଙ୍ଗଲ ଉଦ୍ଦେଶ୍ୟରେ ବିନିଯୋଗ ପାଇଁ ପ୍ରସ୍ତାବିତ ଜଙ୍ଗଲ ଜମି ପାଇଁ ନିଟ୍ ବର୍ତ୍ତମାନ ମୂଲ୍ୟ (ଏନ୍‌ପିଭି) ଦେବାକୁ ପଡ଼ିବ । ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ଦ୍ୱାରା ଏହି ଜମିରେ ଖଣି କାରବାର ଉପରେ ନିଷେଧାଦେଶ ସତ୍ତ୍ୱେ ଓଏମ୍‌ସି ସମ୍ପୃକ୍ତ ବିଭାଗୀୟ ବନ ଅଧିକାରୀଙ୍କୁ ମାର୍ଚ୍ଚ 2011ରେ ସେହି ଜମିରେ ଅନୁସନ୍ଧାନ କାର୍ଯ୍ୟକୁ ଅନୁମତି ଦେବାକୁ ଅନୁରୋଧ

କରିଥିଲେ । ପରବର୍ତ୍ତୀ ସମୟରେ ଓଏମ୍‌ସି ଅପ୍ରେଲ 2015ରେ ଜଙ୍ଗଲ ଜମି ପାଇଁ ଡିଏଫ୍‌ଓ, କେନ୍ଦୁଝରଙ୍କ ଦାବି ବାବଦରେ 74.78 କୋଟି ଟଙ୍କା ଦେଇଥିଲେ ଯେଉଁଥିରେ ହଦଗଡ଼ ଅଭୟାରଣ୍ୟ ମଧ୍ୟରେ ଥିବା ଜଙ୍ଗଲ ଜମି ପାଇଁ ଦେଇଥିବା 63.03 କୋଟି ଟଙ୍କା[72] ଥିଲା ।

- ଏମ୍‌ଏମ୍‌ଡିଆର ଅଧିନିୟମ 1957ର ଧାରା 9କ ଅନୁଯାୟୀ, ଜଣେ ଲିଜ୍‌ଧାରୀ ଖଣିକାର୍ଯ୍ୟ ନକଲେ, ଲିଜ୍ କ୍ଷେତ୍ର ଉପରେ ଅଚଳ ଭଡ଼ା ଦେଇଥାନ୍ତି । ସେହି ଅନୁଯାୟୀ, ଓଏମ୍‌ସି 2005-06 ପରଠାରୁ ଏହି ଲିଜ୍ ପାଇଁ ଜିଓଓଙ୍କୁ ଅଚଳ ଭଡ଼ା ପ୍ରଦାନ କରିଆସୁଅଛି ।

ଅଭୟାରଣ୍ୟ ନିକଟବର୍ତ୍ତୀ ଅଞ୍ଚଳରେ ଖଣିକାର୍ଯ୍ୟ ସମ୍ଭବ ହୋଇ ନଥିବାରୁ ଓଏମ୍‌ସି ଜାନୁଆରୀ 2019ରେ 617.520 ହେକ୍ଟର ଜମି ଫେରାଇବା ପାଇଁ ନିଷ୍ପତ୍ତି ନେଇଥିଲା ଯେହେତୁ ଜିଓଓ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ 16.09.2005 ନିଷ୍ପତ୍ତି ଅନୁଯାୟୀ ଖଣି ଖନନକୁ ଅନୁମତି ଦେବ ନାହିଁ । ଫେବୃୟାରୀ, 2019ରେ ଖଣି ଫେରାଇବାର ପ୍ରସ୍ତାବ ଜିଓଓଙ୍କୁ ଦିଆଯାଇଥିଲା । ବର୍ତ୍ତମାନ ଓଏମ୍‌ସି ଖଣି ଫେରାଇବା ପାଇଁ ଲିଜ୍ ଅଞ୍ଚଳରେ ସର୍ବେକ୍ଷଣ କରୁଛି ଏବଂ ସର୍ବେକ୍ଷଣ ଶେଷ ହେବାପରେ ଖଣି ବନ୍ଦ ପାଇଁ ଯୋଜନା ପ୍ରସ୍ତୁତ ହେବ । ସର୍ବେକ୍ଷଣରେ ବର୍ତ୍ତମାନର ବିଳମ୍ବ ମହାମାରୀ ପରିସ୍ଥିତି ଯୋଗୁ ହୋଇଛି ବୋଲି କୁହାଯାଇଥିଲା ।

ସମୀକ୍ଷାରେ ଦେଖାଗଲା ଯେ, କ୍ରୋମ୍ ଖଣି କାର୍ଯ୍ୟ ସମ୍ଭବ ହୋଇନଥିବାରୁ (ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ 16 ସେପ୍ଟେମ୍ବର 2005 ନିଷ୍ପତ୍ତି ଅନୁଯାୟୀ) ଓଏମ୍‌ସିର 617.52 ହେକ୍ଟର ଜମି ନଫେରାଇବାର ନିଷ୍ପତ୍ତି ଯୋଗୁ 63.03 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା । ଠିକ୍ ସମୟରେ ଜମି ଫେରସ୍ତ ହୋଇଥିଲେ ଡିସେମ୍ବର 2005ରୁ ଡିସେମ୍ବର 2019 ମଧ୍ୟରେ ଦେୟ ହୋଇଥିବା 2.18 କୋଟି ଟଙ୍କାର ଅଚଳ ଭଡ଼ା ମଧ୍ୟ ସଞ୍ଚୟ ହୋଇଥାନ୍ତା । ତେଣୁ, 617.520 ହେକ୍ଟର ଖଣି କାର୍ଯ୍ୟ ପାଇଁ ଅଯୋଗ୍ୟ ଲିଜ୍ ଜମିର ବିଳମ୍ବରେ ଫେରସ୍ତ ହେତୁ 65.21 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।

ପରିଚାଳନା କର୍ତ୍ତୃପକ୍ଷ କହିଲେ (ଜୁଲାଇ 2019) ଯେ, ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଏବଂ ଜିଓଓ / ଜିଓଆଇଙ୍କଠାରୁ ବନ୍ୟଜନ୍ତୁ ଅଭୟାରଣ୍ୟ ଏବଂ ଏହାର ଏକ କିଲୋମିଟର ବ୍ୟାସାର୍ଦ୍ଧ ଭିତରେ ଖଣି କାର୍ଯ୍ୟକଳାପକୁ ନିଷିଦ୍ଧ କରିବା ପାଇଁ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ନଥିଲା । ଏହାକୁ ସମର୍ଥନ କରି ସରକାର ଏହା ମଧ୍ୟ କହିଲେ ଯେ ଉଭୟ ଏନ୍‌ପିଭି ଏବଂ ଅଚଳ ଭଡ଼ା କେବଳ ସରକାରୀ ତହବିଲକୁ ପ୍ରଦାନ କରାଯାଇଅଛି ।

ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅତ୍ୟନ୍ତ ନିର୍ଦ୍ଦିଷ୍ଟ ଥିଲା ଯେ ଅଭୟାରଣ୍ୟ ଏବଂ ଏହାର ଏକ କିଲୋମିଟର ବ୍ୟାସାର୍ଦ୍ଧ ଭିତରେ ଖଣିକାର୍ଯ୍ୟ ପାଇଁ ଅନୁମତି ନଥିଲା । ଆହୁରି ମଧ୍ୟ, ଜିଓଓ ଏହାର ନିର୍ଦ୍ଦେଶ (ଡିସେମ୍ବର 2009)ରେ ସ୍ପଷ୍ଟ କରିଛନ୍ତି ଯେ ଜାତୀୟ ଉଦ୍ୟାନ/ ବନ୍ୟପ୍ରାଣୀ ଅଭୟାରଣ୍ୟରେ ପଡୁଥିବା ଜଙ୍ଗଲ ଜମିର ବ୍ୟବହାର କେବଳ ଜାତୀୟ ବନ୍ୟପ୍ରାଣୀ ବୋର୍ଡ ଏବଂ ଉଚ୍ଚତମ ନ୍ୟାୟାଳୟଙ୍କ ଅନୁମତି ପାଇବା ପରେ କେବଳ ଜନସାଧାରଣଙ୍କର ସ୍ୱାର୍ଥ ପ୍ରକଳ୍ପ ପାଇଁ ଅନୁମତିପ୍ରାପ୍ତ ହେବ । ଯେହେତୁ ସେପରି କୌଣସି ଅନୁମତି ମିଳିନଥିଲା, 2011ରେ ଅନୁସନ୍ଧାନ କାର୍ଯ୍ୟ ପାଇଁ ଡିଏଫ୍‌ଓଙ୍କଠାରୁ ଅନୁମତି ମାଗିବା ଏବଂ ଏନ୍‌ପିଭିର ଦେୟ ସମ୍ପୂର୍ଣ୍ଣ ଅବାଞ୍ଛିତ ଥିଲା । ରାଜ୍ୟ ତହବିଲକୁ ଦେୟ ପ୍ରଦାନ କରାଯାଇଥିବା ବେଳେ, ଏକ ନିଗମ ଭାବରେ ଓଏମ୍‌ସିର ନିଜର ଆଇନଗତ ପରିଚୟ ରହିଥିବାରୁ ଏହାର ପରିଚାଳନା ଦକ୍ଷ ହେବା ଆବଶ୍ୟକ ଏବଂ ଏହା ଏହାର ଆର୍ଥିକ ଏବଂ କର୍ମ ସମ୍ପାଦନା କ୍ଷେତ୍ରରେ ଦାୟିତ୍ୱବାନ ହେବା ଦରକାର ।

### *6.2 ଅହେତୁକ ଅନୁକମ୍ପା*

**ଖଣିଜ ପଥର ପରିବହନରେ ଠିକାଦାରଙ୍କୁ 0.73 କୋଟି ଟଙ୍କାର ଅହେତୁକ ଅନୁକମ୍ପା**

ଲୁହାପଥର ଉତ୍ପାଦନରେ ବର୍ହିଃ ଆବରଣ ଅତ୍ୟଧିକ ଭାରପ୍ରାପ୍ତ[73] ଅପସାରଣ, ଉତ୍ପାଦିତ ଖଣିଜ (ଆରଓଏମ୍)[74]ର

[72] 9.39 ଲକ୍ଷ ଟଙ୍କା ପ୍ରତି ହେକ୍ଟର x 134.25 ହେକ୍ଟର x 5 ଗୁଣା ।

[73] ଖଣିଜ ଜମା ଉପରେ ଥିବା ପଥର କିମ୍ବା ମାଟି ।

[74] ଆରଓଏମ୍ ହେଉଛି ପୃଥିବୀପୃଷ୍ଠରୁ ତୁରନ୍ତ ଖନନ ହୋଇଥିବା ପଦାର୍ଥ ଯାହା ମୁଖ୍ୟତଃ ନିର୍ଦ୍ଦିଷ୍ଟ ପରିମାଣର ଅଶୁଦ୍ଧ ପଦାର୍ଥଯୁକ୍ତ ଖଣିଜ ଅଟେ ।

ଉତ୍ତୋଳନ ଏବଂ ଆରଓଏମ୍‌ର ଆକାରୀକରଣ/ ପେଷଣ/ ସ୍କ୍ରିନିଂ ଅନ୍ତର୍ଭୁକ୍ତ। ଆରଓଏମ୍‌କୁ ପେଷଣ କରି ଖଣିଜ ଖଣ୍ଡ ଉତ୍ପାଦନ କରାଯାଏ ଯାହାକି ପୁନଶ୍ଚ ପେଷଣ ହୋଇ କାଲିବ୍ରେଟେଡ୍ ଖଣିଜ ଖଣ୍ଡ (ସିଏଲ୍‌ଓ)[75] ରେ ପରିଣତ ହୋଇଥାଏ। ଏହି ପ୍ରକ୍ରିୟାରେ ଲୁହାପଥର ଗୁଣ୍ଡ ମଧ ଉତ୍ପାଦନ ହୋଇଥାଏ। ଠିକାଦାରମାନଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯାଇଥାଏ। ଉତ୍ପାଦିତ ଖଣିଜ ପଦାର୍ଥକୁ ଠିକାଦାରମାନେ ଖଣିରେ ଅବସ୍ଥିତ ଷ୍ଟକୟାର୍ଡକୁ ପରିବହନ କରନ୍ତି। ଟେଣ୍ଡର ପ୍ରକ୍ରିୟା ମାଧମରେ ଠିକାଦାରମାନଙ୍କୁ ନିୟୋଜିତ କରାଯାଇଥାଏ ଏବଂ ଉତ୍ପାଦନ ଏବଂ ପରିବହନ ପାଇଁ ମେଟ୍ରିକ୍ ଟନ୍ ହାରରେ ଦର ଚୂଡାନ୍ତ ହୋଇଥାଏ। ଯେହେତୁ ଖଣିକାର୍ଯ୍ୟରେ ଶ୍ରମ, ଯନ୍ତ୍ରପାତି, ଯାନ ନିୟୋଜିତ ହୋଇଥାଏ, ଠିକାଦାରଙ୍କ ସହିତ ହୋଇଥିବା ଚୁକ୍ତିନାମାରେ ବେତନ, ଡିଜେଲ ଏବଂ ଯନ୍ତ୍ରାଂଶ ବାବଦରେ ଟେଣ୍ଡରରେ ଚୂଡାନ୍ତ ହୋଇଥିବା ଦର ବୃଦ୍ଧିର ମନନ କରାଯାଇଥାଏ। ଲୁହାପଥର ଉତ୍ପାଦନରେ ଡ୍ରିଲିଂ ଏବଂ ଭୂପୃଷ୍ଠର ବିସ୍ଫୋରଣ ସମୟରେ ବିସ୍ଫୋରକ ସାମଗ୍ରୀର ବ୍ୟବହାର କରାଯାଏ। ଲୁହାପଥର ଉତ୍ପାଦନରେ ବ୍ୟବହୃତ ବିସ୍ଫୋରକ ସାମଗ୍ରୀର ମୂଲ୍ୟ ଠିକାଦାରଙ୍କୁ ଭରଣା କରାଯାଇଥାଏ।

ଚୁକ୍ତିନାମାର ଧାରା 12 ଅନୁଯାୟୀ, ନିର୍ଦ୍ଧାରିତ ସୂତ୍ରରେ ବୃଦ୍ଧିର ମନନ କରାଯାଇଥାଏ ଯାହାକି ମୂଲ୍ୟର ବିଭିନ୍ନ ଉତ୍ପାଦନକୁ ସେମାନଙ୍କର ପ୍ରଦତ୍ତ ଦରରେ ଥିବା ଶତକଡା ଅନୁଯାୟୀ ବିଭିନ୍ନ ଗୁରୁତ୍ୱ ଦେଇଥାଏ। ଉଦାହରଣ ସ୍ୱରୂପ, ବିସ୍ଫୋରକ ସାମଗ୍ରୀ ପ୍ରଦତ୍ତ ଦରର ପାଞ୍ଚ ପ୍ରତିଶତ ବୋଲି ବିବେଚନା କରାଯାଇଥିଲା। ପ୍ରତିମାସରେ ଅର୍ଥନୈତିକ ପରାମର୍ଶ ଦାତାଙ୍କ କାର୍ଯ୍ୟାଳୟ[76] ଦ୍ୱାରା ପ୍ରକାଶିତ ପାଇକାରୀ ମୂଲ୍ୟ ସୂଚକାଙ୍କକୁ ବିଚାର କରି ଏହି ବୃଦ୍ଧି ଗଣନା କରାଯାଇଥିଲା।

ଗନ୍ଧମାର୍ଦ୍ଦନ ବ୍ଲକ-ଖ ଲୁହାପଥର ଖଣିରୁ ପ୍ରଥମ ବର୍ଷରେ 20 ଲକ୍ଷ ମେଟ୍ରିକ୍ ଟନ୍ ଏବଂ ପରବର୍ତ୍ତୀ ବର୍ଷ ଗୁଡିକରେ 30 ଲକ୍ଷ ମେଟ୍ରିକ୍ ଟନ୍ ଲୁହାପଥର ଉତ୍ପାଦନ ପାଇଁ ଓଏମ୍‌ସି ମଇ 2017ରେ ଟେଣ୍ଡର ଆମନ୍ତ୍ରଣ କରିଥିଲା ଯାହାର ଅବଧି ଚୁକ୍ତିନାମା ସ୍ୱାକ୍ଷର ହେବାଠାରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ଥିଲା। ଏହି ଟେଣ୍ଡରରେ ଖଣିଗୁଡିକର ଷ୍ଟକୟାର୍ଡକୁ ଉତ୍ପାଦିତ ଖଣିଜ ପରିବହନ ପାଇଁ ମଧ ଯୋଜନା କରାଯାଇଥିଲା। ଲୁହାପଥର ଉତ୍ପାଦନ ଏବଂ ପରିବହନ ପାଇଁ ଟେଣ୍ଡର ବିଭିନ୍ନ ମୂଲ୍ୟର ଆମନ୍ତ୍ରଣ କରିଥିଲା। ଟେଣ୍ଡରର ମୂଲ୍ୟାଙ୍କନ ଉପରେ ଆଧାରକରି 31 ଅକ୍ଟୋବର 2017ରେ ଠିକାଦାରଙ୍କ[77] ସହିତ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା।

ଚୁକ୍ତିନାମା ଅନୁଯାୟୀ ସିଏଲ୍‌ଓ ଉତ୍ପାଦନ ଦର ମେଟ୍ରିକ୍ ଟନ୍ ପ୍ରତି 394 ଟଙ୍କା ଏବଂ ଲୁହାପଥର ଗୁଣ୍ଡର ଉତ୍ପାଦନ ଦର ମେଟ୍ରିକ୍ ଟନ୍ ପ୍ରତି 315.20 ଟଙ୍କା ଥିଲା। ପରିବହନ ଦର ମେଟ୍ରିକ୍ ଟନ୍ ପ୍ରତି 89 ଟଙ୍କାରେ ପ୍ରଦାନ କରାଯାଇଥିଲା ଯାହାକି ଷ୍ଟକୟାର୍ଡର ଅବସ୍ଥାନରେ ପରିବର୍ତ୍ତନ ହେଲେ ପୁନର୍ବିଚାର କରାଯିବାର ଥିଲା।

ସମୀକ୍ଷାରେ ଦେଖାଗଲା ଯେ, ଚୁକ୍ତିନାମାର ଧାରା 12.5 ଅନୁଯାୟୀ ବିସ୍ଫୋରକ ସାମଗ୍ରୀ (ଉତ୍ପାଦନ ସମୟରେ ଡ୍ରିଲିଂ ଏବଂ ବିସ୍ଫୋରକ ପାଇଁ ବ୍ୟବହୃତ) ମୋଟ୍ ପ୍ରଦତ୍ତ ମୂଲ୍ୟର ପାଞ୍ଚ ପ୍ରତିଶତ ଥିଲା ଯେଉଁଥିରେ ଖଣିଜ ପଥର ଉତ୍ପାଦନ ଏବଂ ପରିବହନ ଖର୍ଚ୍ଚ ଅନ୍ତର୍ଭୁକ୍ତ ଥିଲା। ଫଳସ୍ୱରୂପ, ଉଭୟ ଉତ୍ପାଦନ ଏବଂ ପରିବହନ ବିଲ୍‌ରେ ବୃଦ୍ଧି ପାଇଁ ଠିକାଦାର ଦାବି କରିଥିଲେ ଏବଂ ଓଏମ୍‌ସି ଏହାକୁ ପ୍ରଦାନ କରିଥିଲା। ଲୁହାପଥର ଉତ୍ପାଦନରେ ବିସ୍ଫୋରକ ବ୍ୟବହାର କରାଯାଇଥିବାରୁ ଉଭୟ ଉତ୍ପାଦନ ଏବଂ ପରିବହନ ପରିବର୍ତ୍ତେ କେବଳ ଖଣିଜ ଉତ୍ପାଦନରେ ଏହା ଦେବାର ଥିଲା।

ସେପ୍ଟେମ୍ବର 2017 ରୁ ଅଗଷ୍ଟ 2019 ମଧରେ, ଠିକାଦାର 59.09 ଲକ୍ଷ ମେଟ୍ରିକ୍ ଟନ୍ ଖଣିଜ ପଦାର୍ଥ ପରିବହନ କରିଥିଲେ ଏବଂ ବିସ୍ଫୋରକ ଏବଂ ଏହାର ବୃଦ୍ଧି ପାଇଁ 0.73 କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଯେହେତୁ ବିସ୍ଫୋରକ ପରିବହନ କାର୍ଯ୍ୟର ଏକ ଅଂଶ ନଥିଲା, ବିସ୍ଫୋରକ ସାମଗ୍ରୀ ପ୍ରତି ଦେୟ ଠିକାଦାରଙ୍କୁ 0.73 କୋଟି ଟଙ୍କାର ଅହେତୁକ ଲାଭ ପ୍ରଦାନ କରିଥିଲା।

---

75 କାଲିବ୍ରେଟେଡ୍ ଲୁହାପଥର ଖଣ୍ଡ (ସିଏଲ୍‌ଓ) ହେଉଛି ଆର୍‌ଓଏମ୍‌ର ପେଷଣ ଏବଂ ପ୍ରକ୍ରିୟାକରଣ ପରେ ପ୍ରାପ୍ତ ବିକ୍ରୟ ଯୋଗ୍ୟ ଖଣିଜ ପଦାର୍ଥ।

76 ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ, ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ଏହା ଏକ ସଂଲଗ୍ନ କାର୍ଯ୍ୟାଳୟ। ଏହାର ମୁଖ୍ୟ କାର୍ଯ୍ୟଗୁଡିକ ହେଉଛି ମୂଳ ଶିଳ୍ପ ଉତ୍ପାଦନରେ ମାସିକ ସୂଚକାଙ୍କ, ପାଇକାରୀ ମୂଲ୍ୟ ସୂଚକାଙ୍କ, ସଂକଳନ ଏବଂ ପ୍ରକାଶନ ଇତ୍ୟାଦି।

77 ମେସର୍ସ କଳିଙ୍ଗ କମର୍ସିଆଲ କର୍ପୋରେସନ ଲିମିଟେଡ୍ (କେସିସିଏଲ୍)।

ପରିଚାଳନା କର୍ତ୍ତୃପକ୍ଷ କହିଲେ (ଜୁଲାଇ 2019) ଯେ, ବୃଦ୍ଧି ଏବଂ ପରିବହନ କାର୍ଯ୍ୟକଳାପକୁ ବିଚାର କରି ସମଗ୍ର କାର୍ଯ୍ୟ ପାଇଁ ଖର୍ଚ୍ଚ ଆକଳନ କରାଯାଇଥିଲା। ତେଣୁ ଉଭୟ ଖର୍ଚ୍ଚ ପାଇଁ ବୃଦ୍ଧି ପାଉଥିବା ସାଧାରଣ ଖର୍ଚ୍ଚର ଅଂଶକୁ ପ୍ରୟୋଗ କରାଯାଇଥିଲା। ଏହି ପଦ୍ଧତି/ ନୀତିକୁ ପୃଥକ ଭାବରେ ଖଣିଜ ଉତ୍ପାଦନ ଏବଂ ପରିବହନ ବିଷୟରେ କୌଣସି ଉଲ୍ଲେଖ ନକରି ଟେଣ୍ଡରରେ ଅନ୍ତର୍ଭୁକ୍ତ କରାଯାଇଥିଲା।

ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ଏହି କାର୍ଯ୍ୟ ପାଇଁ ହୋଇଥିବା ଟେଣ୍ଡରରେ ଲୁହାପଥର ଉତ୍ପାଦନ ଏବଂ ପରିବହନ ପାଇଁ ପୃଥକ ଦର ଧାର୍ଯ୍ୟ କରିଥିଲା। ଅଧିକନ୍ତୁ, ବିସ୍ଫୋରକ ସାଧାରଣ ଖର୍ଚ୍ଚ ନୁହେଁ ଏବଂ କେବଳ ଉତ୍ପାଦନ ପାଇଁ ବ୍ୟବହୃତ ହୋଇଥାଏ। କେବଳ ଉତ୍ପାଦନରେ ସୀମିତ ରଖିବା ପରିବର୍ତ୍ତେ, ବିସ୍ଫୋରକ ଏବଂ ଏହାର ବୃଦ୍ଧିକୁ ପରିବହନରେ ଅନୁମତି ଦେଇ, ଓଏମ୍‌ସି ଠିକାଦାରଙ୍କୁ 0.73 କୋଟି ଟଙ୍କାର ଅହେତୁକ ଲାଭ ପ୍ରଦାନ କରିଥିଲା ଏବଂ ସମାନ ପରିମାଣର ପରିହାର୍ଯ୍ୟ ବ୍ୟୟ କରିଥିଲା।

## ଇଡକଲ୍ କଳିଙ୍ଗ ଆଇରନ୍ ୱାର୍କ୍ସ ଲିମିଟେଡ୍

### *6.3 ରାଜସ୍ୱ ହାନି*

### ଆକାରୀକୃତ କାଲିବ୍ରେଟେଡ୍ ଖଣିଜ ଖଣ୍ଡ (ସିଏଲ୍ଓ) ଉତ୍ପାଦନରେ ବିଫଳତା ଏବଂ ଖଣିଜ ଖଣ୍ଡର ବିକ୍ରୟ ହେତୁ 7.56 କୋଟି ଟଙ୍କାର କ୍ଷତି

ଇଡକଲ୍ କଳିଙ୍ଗ ଆଇରନ୍ ୱାର୍କ୍ସ ଲିମିଟେଡ୍ (ଆଇକେଆଇଡବ୍ଲ୍ୟୁଏଲ୍) ହେଉଛି ଓଡ଼ିଶା ଶିଳ୍ପ ବିକାଶ ନିଗମ ଲିମିଟେଡ୍ (ଇଡକଲ୍)ର ଏକ ୟୁନିଟ୍। ଆଇକେଆଇଡବ୍ଲ୍ୟୁଏଲ୍ ଏହାର ପିଗ୍ ଲୁହା[78] କାରଖାନାରେ ବ୍ୟବହାର ନିମନ୍ତେ ଏକ ନିଜସ୍ୱ ଖଣିରୁ ଲୁହାପଥର ଉତ୍ପାଦନରେ ନିୟୋଜିତ ଥିଲା। ପିଗ୍ ଲୁହା କାରଖାନା ଫେବୃୟାରୀ 2015 ରୁ ବନ୍ଦ ହୋଇଯାଇଥିଲା ଏବଂ ନିଜସ୍ୱ ଖଣିରୁ ଉତ୍ପାଦିତ ସମସ୍ତ ଖଣିଜ ପଦାର୍ଥ ବଜାରରେ ବିକ୍ରି ହୋଇଥିଲା।

ଲୁହାପଥର ଉତ୍ପାଦନ ପ୍ରକ୍ରିୟାରେ ଖଣିଜ ଖଣ୍ଡ (5-200 ମିଲିମିଟର ଆକାର)ର ଖନନ ଅନ୍ତର୍ଭୁକ୍ତ ଯାହା ଏକ ପେଷଣୀରେ ପ୍ରକ୍ରିୟାକରଣ କରାଯାଇ 5-18 ମିଲିମିଟର/10-30 ମିଲିମିଟର ଆକାରକୁ ହ୍ରାସ କରାଯାଇଥିଲା। ପିଗ୍ ଲୁହା କାରଖାନାରେ 10-30 ମିଲିମିଟର ଆକାରର ସିଏଲ୍ଓ ବ୍ୟବହୃତ ହୋଇଥିଲା। ଏହି ପ୍ରକ୍ରିୟାରେ ଗୁଣ୍ଡ (0-5 ମିଲିମିଟର ଆକାର) ଖଣିଜ ପଦାର୍ଥ ମଧ୍ୟ ଉତ୍ପାଦନ ହୋଇଥିଲା। ଆଇକେଆଇଡବ୍ଲ୍ୟୁଏଲ୍ ଠିକାଦାରମାନଙ୍କୁ ନିୟୋଜିତ କରି ଲୁହାପଥର ଉତ୍ପାଦନ କାର୍ଯ୍ୟ କରିଥିଲା ଏବଂ ବଜାରରେ ସମସ୍ତ ପ୍ରକାରର ଖଣିଜ ଯଥା ଲୁହାପଥର ଖଣ୍ଡ, ସିଏଲ୍ଓ ଏବଂ ଗୁଣ୍ଡକୁ ବିକ୍ରି କରିଥିଲା।

ସିଏଲ୍ଓ ଉତ୍ପାଦନ ପାଇଁ, ଆଇକେଆଇଡବ୍ଲ୍ୟୁଏଲ୍‌ର ହୋଲଡିଂ କମ୍ପାନୀ ଇଡ୍‌କଲ୍ 21 ଅଗଷ୍ଟ 2014ରେ ଟେଣ୍ଡର ଆମନ୍ତ୍ରଣ କରିଥିଲା ଏବଂ 29 ସେପ୍ଟେମ୍ବର 2014ରେ ଏକ ଠିକାଦାର[79]ଙ୍କୁ କାର୍ଯ୍ୟ ନିର୍ଦ୍ଦେଶ ଜାରି କରିଥିଲା। ଚୁକ୍ତିନାମାର ଅବଧି 01 ଅକ୍ଟୋବର 2014 ରୁ 07 ଫେବୃୟାରୀ 2017 ପର୍ଯ୍ୟନ୍ତ ଥିଲା ଯାହା କାର୍ଯ୍ୟଦକ୍ଷତା ଆଧାରରେ ବାର୍ଷିକ ସମ୍ପ୍ରସାରଣ ହେବାର ଥିଲା। ଟେଣ୍ଡରର ସର୍ତ୍ତାବଳୀ ଏହା ଧାର୍ଯ୍ୟ କରିଥିଲା ଯେ:

- ଠିକାଦାର ଖଣିଜ ଖଣ୍ଡ ଉତ୍ତୋଳନ କରିବେ ଏବଂ ସମସ୍ତ ଖଣିଜ ଖଣ୍ଡକୁ ସିଏଲ୍ଓ ଉତ୍ପାଦନ ପାଇଁ ପ୍ରକ୍ରିୟାକରଣ କରିବେ। ସିଏଲ୍ଓ (5-18 ମିଲିମିଟର) ଉତ୍ପାଦନ ପାଇଁ ମାସିକ ଲକ୍ଷ୍ୟ ଡିସେମ୍ବର 2014 ରୁ ମାର୍ଚ୍ଚ 2015 ପର୍ଯ୍ୟନ୍ତ 8,000 ମେଟ୍ରିକ୍ ଟନ୍ ଏବଂ ଅପ୍ରେଲ 2015 ଠାରୁ 6,350 ମେଟ୍ରିକ୍ ଟନ୍ ସ୍ଥିର କରାଯାଇଥିଲା। ସେହିଭଳି, ସିଏଲ୍ଓ (10-30 ମିଲିମିଟର) ଉତ୍ପାଦନ ପାଇଁ ଲକ୍ଷ୍ୟ ମାସକୁ 5,520 ମେଟ୍ରିକ୍ ଟନ୍ ସ୍ଥିର କରାଯାଇଥିଲା। ପ୍ଲାଣ୍ଟ ବନ୍ଦ ହେତୁ 10-30 ମିଲିମିଟର ଆକାରର ଖଣିଜ ପାଇଁ ଚାହିଦା ନଥିବାରୁ କମ୍ପାନୀ ସେପ୍ଟେମ୍ବର 2015 ଠାରୁ ମାସକୁ 11,870 ମେଟ୍ରିକ୍ ଟନ୍ ହାରରେ କେବଳ ସିଏଲ୍ଓ (5-18 ମିଲିମିଟର) ଉତ୍ପାଦନ ଲକ୍ଷ୍ୟକୁ ସଂଶୋଧନ କରିଥିଲା।

---

78 ପିଗ୍ ଲୁହା ହେଉଛି ଲୁହା ଶିଳ୍ପର ଏକ ମଧ୍ୟବର୍ତ୍ତୀ ଉତ୍ପାଦ ଯାହାକୁ ଅଶୋଧିତ ଲୁହା ମଧ୍ୟ କୁହାଯାଏ, ଯାହା ଏକ ବିସ୍ଫୋରଣ ଚୁଲିରେ ଲୁହାପଥର ତରଳିବା ଦ୍ୱାରା ମିଳିଥାଏ।

79 ମେସର୍ସ ପି.କେ. ଓର୍‌ସ ଲିମିଟେଡ୍।

- ଠିକାଦାରକୁ ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ଏବଂ ଉପଯୁକ୍ତ ନିର୍ମାଣ ଯନ୍ତ୍ରପାତି ଏବଂ ସାମଗ୍ରୀ ନିୟୋଜିତ କରିବାକୁ ପଡିବ (ଧାରା 3.23)।
- ଯଦି ଠିକାଦାର ଧାର୍ଯ୍ୟ ଉତ୍ପାଦନ ହାସଲ କରିବାରେ ବିଫଳ ପାଇଁ ଦାୟୀ ହୁଏ, ତେବେ ପ୍ରତି ମେଟ୍ରିକ୍ ଟନ୍ କମ୍ ଉତ୍ପାଦନ ପାଇଁ 10 ଟଙ୍କା ହାରରେ ଜୋରିମାନା ଆଦାୟ କରିବାର ଥିଲା (ଧାରା 2.8.2)।
- ଯଦି ଚୁକ୍ତିଭିତ୍ତିକ କାର୍ଯ୍ୟସୂଚୀ ଅନୁଯାୟୀ ଠିକାଦାର କାର୍ଯ୍ୟ କରିବାରେ ବିଫଳ ହୁଏ ଏବଂ ପର୍ଯ୍ୟାପ୍ତ/ ଉପଯୁକ୍ତ ଯନ୍ତ୍ରପାତି ନିୟୋଜନ କରିବାରେ ବିଫଳ ହୁଏ, ଆଇକେଆଇଡବ୍ଲ୍ୟୁଏଲ୍‌ର ଠିକାଦାରଙ୍କ ରିସ୍କ, ଦାୟିତ୍ୱ ଏବଂ ମୂଲ୍ୟରେ ଚୁକ୍ତିନାମା ବାତିଲ କରିବାର ଅଧିକାର ଥିଲା (ଧାରା 3.23)।

ଦସ୍ତାବିଜ ଯାଞ୍ଚରୁ ଦେଖାଗଲା ଯେ:

- ଠିକାଦାର ଫେବୃୟାରୀ 2015 ରୁ ଉତ୍ପାଦନ ଆରମ୍ଭ କରିଥିଲା। ଡିସେମ୍ବର 2014 ରୁ ମାର୍ଚ୍ଚ 2018 ମଧ୍ୟରେ ଧାର୍ଯ୍ୟ ପରିମାଣ 4,45,330.40 ମେଟ୍ରିକ୍ ଟନ୍ ସିଏଲ୍‌ଓ (5-18 ମିଲିମିଟର :4,17,730.40 ମେଟ୍ରିକ୍ ଟନ୍ ଏବଂ 10-30 ମିଲିମିଟର: 27,600 ମେଟ୍ରିକ୍ ଟନ୍) ତୁଳନାରେ ପ୍ରକୃତ ଉତ୍ପାଦନ କେବଳ 2,47,921.30 ମେଟ୍ରିକ୍ ଟନ୍ (5-18 ମିଲିମିଟର) ଥିଲା। ଫଳସ୍ୱରୂପ ଉତ୍ପାଦନରେ 1,97,409.10 ମେଟ୍ରିକ୍ ଟନ୍‌ର ନିଅଣ୍ଟ ହୋଇଥିଲା। 3,08,451.72 ମେଟ୍ରିକ୍ ଟନ୍ ଖଣିଜ ଖଣ୍ଡର ପ୍ରକ୍ରିୟାକରଣ ନହେବାରୁ ଏହିପରି ନିଅଣ୍ଟ ହୋଇଥିଲା। ଆଇକେଆଇଡବ୍ଲ୍ୟୁଏଲ୍‌ର ପରିଚାଳନା କର୍ତ୍ତୃପକ୍ଷ ଖଣିଜ ଖଣ୍ଡର ପ୍ରକ୍ରିୟାକରଣ ହୋଇ ସିଏଲ୍‌ଓ ଉତ୍ପାଦନ ନହେବାର କାରଣ, ଠିକାଦାର ଦ୍ୱାରା ନିୟୋଜିତ ପେଷଣ ବାରମ୍ବାର ଭାଙ୍ଗିବା ଏବଂ ଏହାର ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ ହୋଇଥିବା ସମୟ ବୋଲି ଦର୍ଶାଇଥିଲେ। ଫଳସ୍ୱରୂପ, ସିଏଲ୍‌ଓ ଉତ୍ପାଦନ ପାଇଁ ପେଷଣରେ ଆବଶ୍ୟକ ପରିମାଣର ଖଣିଜ ଖଣ୍ଡର ପ୍ରକ୍ରିୟାକରଣ ହୋଇନଥିଲା।
- ଯେହେତୁ ଠିକାଦାର ସିଏଲ୍‌ଓ ଉତ୍ପାଦନ କରିପାରିଲା ନାହିଁ, ଆଇକେଆଇଡବ୍ଲ୍ୟୁଏଲ୍ ବିଦ୍ୟମାନ ଦେୟର ପୂରଣ ପାଇଁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ସୃଷ୍ଟି କରିବାକୁ ବଜାରରେ ଖଣିଜ ଖଣ୍ଡ ବିକ୍ରୟ କରିବାକୁ ନିଷ୍ପତ୍ତି ନେଇଥିଲେ (ମାର୍ଚ୍ଚ 2016)। ମଇ 2016 ରୁ ଫେବୃୟାରୀ 2018 ମଧ୍ୟରେ, ଆଇକେଆଇଡବ୍ଲ୍ୟୁଏଲ୍ ବଜାରରେ 2,92,704.54 ମେଟ୍ରିକ୍ ଟନ୍ ଖଣିଜ ଖଣ୍ଡ ବିକ୍ରି କରିଥିଲା। ଯେହେତୁ ସିଏଲ୍‌ଓ ତୁଳନାରେ ଖଣିଜ ଖଣ୍ଡର ବିକ୍ରୟରୁ କମ୍ ମୂଲ୍ୟ ମିଳିଥିଲା, ତାହା ପାଇଁ 7.56 କୋଟି ଟଙ୍କାର ରାଜସ୍ୱ ସ୍ୱଳ୍ପ ଆଦାୟ ହୋଇଥିଲା। ଠିକାଦାର ଡିସେମ୍ବର 2017 ରେ ପୁରୁଣା ପେଷଣାକୁ ବଦଳାଇଲେ ଏବଂ 3 ମାର୍ଚ୍ଚ 2018 ଠାରୁ ପେଷଣାରୁ ସିଏଲ୍‌ଓ ଉତ୍ପାଦନ ଆରମ୍ଭ କରିଥିଲା।
- ପେଷଣାରେ ଦୁର୍ବଳ କାର୍ଯ୍ୟ ସମ୍ପାଦନା ଏବଂ ଠିକାଦାରଙ୍କ ଦ୍ୱାରା ସିଏଲ୍‌ଓ ଉତ୍ପାଦନ ଲକ୍ଷ୍ୟ ହାସଲ ନକରିପାରିବା ଆଇକେଆଇଡବ୍ଲ୍ୟୁଏଲ୍ ନଜରକୁ ସେପ୍ଟେମ୍ବର 2015 ରେ ଆସିଥିଲା। ସିଏଲ୍‌ଓ ଉତ୍ପାଦନର ଲକ୍ଷ୍ୟ ଯଦି ହାସଲ ନହେଲା, ତେବେ ଠିକାଦାରଙ୍କ ଉପରେ ଚୁକ୍ତିର ଦାୟିତ୍ୱ ଓ ମୂଲ୍ୟ ନ୍ୟସ୍ତ କରି, ଚୁକ୍ତିଟିକୁ ବାତିଲ କରିବାକୁ ଜାନୁଆରୀ 2016 ରେ ସମୀକ୍ଷା ସମୟରେ ଏକ ଅଧିକାରୀଙ୍କ ଦଳ ସୁପାରିଶ କରିଥିଲେ। ଅଥଚ ତାହାପରେ ମଧ୍ୟ ଠିକାଦାର ସିଏଲ୍‌ଓ ଉତ୍ପାଦନ ଲକ୍ଷ୍ୟ ହାସଲ କରିପାରି ନଥିଲେ। ଆଇକେଆଇଡବ୍ଲ୍ୟୁଏଲ୍ ଜୋରିମାନା (ଯାହାର ଆର୍ଥିକ ପରିମାଣ କମ୍ ଥିଲା) ବସାଇଥିଲେ ମଧ୍ୟ ଠିକାଦାରଙ୍କ ଉପରେ ଦାୟିତ୍ୱ ଓ ମୂଲ୍ୟ ନ୍ୟସ୍ତ କରି କାର୍ଯ୍ୟ ହାସଲ କରିବା ନିମିତ୍ତ ଚୁକ୍ତିରେ ଥିବା ସର୍ତ୍ତକୁ ଲାଗୁ କରିନଥିଲେ କିମ୍ବା ଅତିଶୀଘ୍ର ପେଷଣାକୁ ବଦଳାଇବାକୁ ଠିକାଦାରଙ୍କୁ ପ୍ରବର୍ତ୍ତାଇ ପାରିନଥିଲେ।

ଏହିପରି, ଠିକାଦାରଙ୍କ ଉପରେ ବିପଦ, ଦାୟିତ୍ୱ ଓ ମୂଲ୍ୟ ନ୍ୟସ୍ତକରି କାର୍ଯ୍ୟ ହାସଲ କରିବା ନିମିତ୍ତ ଚୁକ୍ତିରେ ଥିବା ସର୍ତ୍ତ ଲାଗୁ କରିବାରେ ବିଫଳ ହେବାରୁ, ଆଇକେଆଇଡବ୍ଲ୍ୟୁଏଲ୍ ସିଏଲ୍‌ଓ ଉତ୍ପାଦନ କ୍ଷତିକୁ ଭରଣା କରିପାରି ନଥିଲା ଏବଂ ଏହା ବଦଳରେ ନିମ୍ନ ଦରରେ ଖଣିଜପଥର ଖଣ୍ଡ ବଜାରରେ ବିକ୍ରି କରିବାକୁ ନିଷ୍ପତ୍ତି ନେଲା ଯାହାଫଳରେ 7.56 କୋଟି ଟଙ୍କା କ୍ଷତି ହୋଇଥିଲା।

ସରକାର ସେପ୍ଟେମ୍ବର 2019 ରେ କହିଲେ ଯେ, ଓଏମ୍‌ସିକୁ ଖଣି ହସ୍ତାନ୍ତର ଅନ୍ତର୍ବିଭାଗୀୟ ପରାମର୍ଶ ଅଧିନରେ ଥିବାରୁ ଖଣି ପରିଚାଳନାରେ ଅନିଶ୍ଚିତତା ରହିଥିଲା। ନୂତନ ଟେଣ୍ଡର ପାଇବାର ସମ୍ଭାବନା କ୍ଷୀଣ ଥିବାରୁ ଠିକାଦାରଙ୍କ ଚୁକ୍ତି ଅବଧି ବୃଦ୍ଧି କରାଯାଇଥିଲା।

ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ଓଏମ୍‌ସିକୁ ଖଣି ହସ୍ତାନ୍ତ ଭଳି ଏକ ଅନିଶ୍ଚିତ ଭବିଷ୍ୟତ ଘଟଣା ଆଳରେ ଆଇକେଆଇଡବ୍ଲ୍ୟୁଏଲ୍ ସ୍ୱାର୍ଥରେ ଆବଶ୍ୟକ ଚୁକ୍ତି ସର୍ତ୍ତକୁ ଲାଗୁ ନକରିବାକୁ ଏତାଇ ଦିଆଯାଇପାରିବ ନାହିଁ।

## ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜି ନିବେଶ ନିଗମ ଲିମିଟେଡ୍

### *6.4 ରାଜସ୍ୱ କ୍ଷତି*

### ଅଯତ୍ନଶୀଳ ପାଣ୍ଠି ପରିଚାଳନାରୁ ସୁଧ ଆୟରେ କ୍ଷତି: 5.58 କୋଟି ଟଙ୍କା

କୃଷି ଏବଂ ସହଯୋଗୀ କ୍ଷେତ୍ରରେ ବାଣିଜ୍ୟିକ ପ୍ରତିଷ୍ଠାନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜି ନିବେଶ ନିଗମ ଲିମିଟେଡ୍(ଆପିକଲ୍) ମାର୍ଚ୍ଚ 1996 ରେ ପ୍ରତିଷ୍ଠା କରାଯାଇଥିଲା। କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପମାନଙ୍କୁ ପ୍ରୋତ୍ସାହନ ଦେବା ନିମିତ୍ତ ଏହା ଓଡ଼ିଶା ସରକାରଙ୍କ ଏକ ନୋଡାଲ ସଂସ୍ଥା ରୂପେ ମଧ କାର୍ଯ୍ୟ କରିଥାଏ। କୃଷି କ୍ଷେତ୍ରରେ କୃଷି ପ୍ରତିଷ୍ଠାନ ସ୍ଥାପନ କରିବା ପାଇଁ ଉଦ୍ୟୋଗମାନଙ୍କୁ ପୁଞ୍ଜି ନିବେଶ ସବ୍‌ସିଡି ରୂପରେ ପ୍ରୋତ୍ସାହନ ଯୋଗାଇ ଦିଆଯାଏ। ଏହା ବ୍ୟତୀତ ରାଜ୍ୟ କୃଷି ନୀତି ଅଧିନରେ ବ୍ୟକ୍ତିଗତ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ, ପମ୍ପ ସେଟ୍ ବସାଇବା ଆଦି ସହାୟତା ଅନ୍ୟାନ୍ୟ ପ୍ରୋତ୍ସାହନ ରୂପରେ ଯୋଗାଇ ଦିଆଯାଇଥିଲା।

ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ଜରିଆରେ ଆପିକଲକୁ ପାଣ୍ଠି ଯୋଗାଇଥାନ୍ତି ଯାହାକି ବିଭିନ୍ନ ଯୋଜନାରେ କୃଷକମାନଙ୍କୁ ସବ୍‌ସିଡି ରୂପେ ଯୋଗାଇ ଦିଆଯାଇଥାଏ। ଜିଲ୍ଲା କୃଷି ଅଧିକାରୀଙ୍କ ଠାରୁ ସବ୍‌ସିଡି ଦାବି କାଗଜପତ୍ର ଗ୍ରହଣ କରିବାର 30 ଦିନ ମଧ୍ୟରେ ସବ୍‌ସିଡି ହିତାଧିକାରୀମାନଙ୍କୁ ଆପିକଲ ଦ୍ୱାରା ପ୍ରଦାନ କରାଯିବା କଥା। ଆପିକଲ ଏହା ପାଖରେ ଥିବା ପାଣ୍ଠିକୁ ଆଠଗୋଟି ବେସରକାରୀ ବ୍ୟାଙ୍କ ସଞ୍ଚୟ ଖାତା[80]ରେ 2016-17 ରୁ 2018-19 ମଧ୍ୟରେ ରଖିଥିଲା ଯେଉଁଥିରୁ ପରବର୍ତ୍ତୀ ସମୟରେ ହିତାଧିକାରୀମାନଙ୍କୁ ସବ୍‌ସିଡି ପ୍ରଦାନ କରାଯାଉଥିଲା।

ଏହି ପାଣ୍ଠି ଗୁଡିକର ନିବେଶ ସମ୍ବନ୍ଧରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଅକ୍ଟୋବର 2012 ଏବଂ ନଭେମ୍ବର 2014 ରେ ଯୋଜନାର ଖର୍ଚ୍ଚ ହୋଇନଥିବା ପାଣ୍ଠିକୁ ବ୍ୟାଙ୍କର ସଞ୍ଚୟ ଖାତା ବଦଳରେ *ଫ୍ଲେକ୍ସି ଜମା ଖାତା*[81] ରେ ରଖି ଉଚ୍ଚ ହାରରେ ସୁଧ ଅର୍ଜନ କରିବାକୁ ଏବଂ ଏହି ସୁଧକୁ ଯୋଜନା ପରିସରକୁ ବୃଦ୍ଧିରେ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନଭେମ୍ବର 2014 ରେ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ମଧ କମ୍ପାନୀର ସମସ୍ତ ଖାତାକୁ ଫ୍ଲେକ୍ସି ଜମା ବୈଶିଷ୍ଟ୍ୟ ଥିବା ସଞ୍ଚୟ ଖାତାରେ ରୂପାନ୍ତର କରିବାକୁ ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ ଆପିକଲ ନଭେମ୍ବର 2014/ ମଇ 2015 ରେ ଏକ କୋଟି ପର୍ଯ୍ୟନ୍ତ ରାଶିକୁ ସଞ୍ଚୟ ଖାତାରେ ଏବଂ ଏକ କୋଟିରୁ ଉର୍ଦ୍ଧ୍ୱ ରାଶିକୁ ସଂଲଗ୍ନ ସ୍ଥାୟୀ ଜମା/ ଫ୍ଲେକ୍ସି ଜମା ଖାତାକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷାରୁ ଦେଖାଗଲା ଯେ:

- 2016-19 ମଧ୍ୟରେ ସବ୍‌ସିଡିର ଉପଯୋଗ ପାଣ୍ଠି ଗ୍ରହଣ ଠାରୁ ନିରନ୍ତର ଭାବରେ କମ୍ ଥିଲା ଯାହା ଫଳରେ ଏହି ଆଠଟି ବ୍ୟାଙ୍କ ଖାତାରେ ଅତ୍ୟଧିକ ଜମା ରହିଥିଲା ଯାହାକି 1.66 କୋଟି ଟଙ୍କାରୁ 85.04 କୋଟି ଟଙ୍କା ମଧ୍ୟରେ ଥିଲା। ପୁନଶ୍ଚ, 264 ମାସ[82]ରୁ 253 ମାସରେ ମାସିକ ସର୍ବନିମ୍ନ ଜମା ଏକ କୋଟି ଟଙ୍କାରୁ ଅଧିକ ଥିଲା। 167 ମାସରେ ମାସିକ ସର୍ବନିମ୍ନ ଜମା 10 କୋଟି ଟଙ୍କାରୁ 50 କୋଟି ଟଙ୍କା ମଧ୍ୟରେ ଥିଲା ଏବଂ ଏହା 15 ମାସ ପାଇଁ 50 କୋଟି ଟଙ୍କାରୁ ଅଧିକ ଥିଲା।

---

80 ପାଞ୍ଚୋଟି ସଞ୍ଚୟ ଖାତା ଆକ୍ସିସ ବ୍ୟାଙ୍କ ଲିମିଟେଡ୍‌ରେ ଏବଂ ତିନୋଟି ସଞ୍ଚୟ ଖାତା ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍‌ରେ ।

81 ଜମା ଖାତା ଯେଉଁଥିରେ ଏକ ନିର୍ଦ୍ଧାରିତ (ବ୍ୟାଙ୍କ ଦ୍ୱାରା ସ୍ୱିକୃତ) ସୀମାରୁ ଅଧିକ ପାଣ୍ଠି ସ୍ୱୟଂକ୍ରିୟ ଭାବେ ସ୍ଥାୟୀ ଜମା ଖାତାରେ ଜମା ହୋଇ ସଞ୍ଚୟ ବ୍ୟାଙ୍କ ଖାତାରୁ ଅଧିକ ହାରରେ ସୁଧ ପ୍ରଦାନ କରିଥାଏ ।

82 ଆଠଟି ବ୍ୟାଙ୍କ ଖାତା x 12 ମାସ x 3 ବର୍ଷ (2015-16 ରେ ଛଅ ଗୋଟି ବ୍ୟାଙ୍କ ଖାତା ଥିଲା) ।

- ଆପିକଲର ନିର୍ଦ୍ଦେଶ (ନଭେମ୍ବର 2014/ ମଇ 2015) ସତ୍ତ୍ୱେ ଆଠଟି ସଞ୍ଚୟ/ଚଳନ୍ତି ଖାତାରେ 2016-19 ମଧ୍ୟରେ ଏକ କୋଟିରୁ ଉର୍ଦ୍ଧ ପାଣ୍ଠି ପଡିରହିଥିଲା। ବ୍ୟାଙ୍କମାନଙ୍କ ଦ୍ୱାରା ନିର୍ଦ୍ଦେଶର ଅନୁପାଳନ କରାନଯିବାର କାରଣ ନଥିପତ୍ରରେ ଉଲ୍ଲେଖ ନଥିଲା। ଆପିକଲ ଅତ୍ୟଧିକ ପାଣ୍ଠିର ଫ୍ଲେକ୍ସି/ସ୍ଥାୟୀ ଜମା ଖାତାକୁ ସ୍ଥାନାନ୍ତର କରିବାକୁ ବ୍ୟାଙ୍କମାନଙ୍କ ସହ ଅନୁସରଣ କରିନଥିଲା କିମ୍ବା ଅନ୍ୟ ବ୍ୟାଙ୍କ ସହିତ କାରବାର କରିବା ପାଇଁ କୌଣସି ପଦକ୍ଷେପ ନେଇ ନଥିଲେ।

2016-19 ମଧ୍ୟରେ ବ୍ୟାଙ୍କମାନଙ୍କ ଦ୍ୱାରା ପ୍ରଦତ୍ତ ଫ୍ଲେକ୍ସି ଜମା ସୁଧହାର 5.25 ରୁ 5.75 ପ୍ରତିଶତ ଥିଲାବେଳେ ସଞ୍ଚୟ ବ୍ୟାଙ୍କ ଜମା ହାର ବାର୍ଷିକ 4 ପ୍ରତିଶତ ଥିଲା। ଆପିକଲ୍‌ର ଏକ କୋଟିରୁ ଉର୍ଦ୍ଧ ବଳକା ପାଣ୍ଠି ଉଚ୍ଚ ସୁଧହାର ବିଶିଷ୍ଟ ଫ୍ଲେକ୍ସି ଖାତାକୁ ରୂପାନ୍ତର ନହେବାରୁ ସୁଧ ଆୟ 5.58 କୋଟି ଟଙ୍କା ହ୍ରାସ ପାଇଥିଲା।

ସରକାର କହିଲେ (ଅଗଷ୍ଟ 2019) ଯେ, ନିଗମର ପରିଚାଳନା ନିର୍ଦ୍ଦେଶକ ବାରମ୍ବାର ବଦଳୁଥିବାରୁ ପାଣ୍ଠିର ପରିଚାଳନା ବାଧା ପ୍ରାପ୍ତ ହୋଇଥିଲା ଏବଂ ଏକ କୋଟିରୁ ଉର୍ଦ୍ଧ ରାଶି ସ୍ଥାୟୀ/ଫ୍ଲେକ୍ସି ଖାତାକୁ ସ୍ଥାନାନ୍ତର କରି ସଞ୍ଚୟ ଖାତାରେ ସର୍ବନିମ୍ନ ଜମା ରଖିବା ନିମିତ୍ତ ପଦକ୍ଷେପ ନିଆଯାଉଅଛି।

ସମୀକ୍ଷାରୁ ଦେଖାଗଲା ଯେ, ସୁଧ ଆୟ ତିନି ବର୍ଷ ପାଇଁ ନିରନ୍ତର ଭାବେ କମ୍ ରହିଥିଲା। ଓଡ଼ିଶା ସରକାର ଏଥିରେ ହସ୍ତକ୍ଷେପ କରି ବ୍ୟାଙ୍କମାନଙ୍କୁ ସିଧାସଳଖ ଅର୍ଥ ବିଭାଗର ନିର୍ଦ୍ଦେଶାବଳୀର ଅନୁପାଳନ ପାଇଁ କହିପାରିଥାଆନ୍ତେ କାରଣ ଆପିକଲ ପରିଚାଳନା ନିର୍ଦ୍ଦେଶକଙ୍କ ବିତ୍ତୀୟ କ୍ଷମତା କିଛି ସମୟ ପାଇଁ ଜୁଲାଇ 2016 ରେ ବିଭାଗୀୟ ଆର୍ଥିକ ଉପଦେଷ୍ଟା ତଥା ଅତିରିକ୍ତ ସଚିବଙ୍କ ହାତରେ ନ୍ୟସ୍ତ କରାଯାଇଥିଲା। 5.58 କୋଟି ଟଙ୍କାର କମ୍ ସୁଧ ଆୟ ଏଡାଇବା ପାଇଁ ସମୟାନୁବର୍ତ୍ତୀ ପଦକ୍ଷେପ ନେବା ଉଚିତ ଥିଲା।

## ଇଡ୍‌କଲ ଫେରୋକ୍ରୋମ ଏବଂ ଆଲଏଜ୍ ଲିମିଟେଡ୍

### *6.5 ଅହେତୁକ ଅନୁକମ୍ପା*

## କ୍ରୋମ୍ ଖଣିଜପଥର କମ୍ ମୂଲ୍ୟରେ ବିକ୍ରୟ ଯୋଗୁ 0.99 କୋଟି ଟଙ୍କାର କ୍ଷତି

ଇଡ୍‌କଲର ସହାୟକ କମ୍ପାନୀ ଇଡ୍‌କଲ ଫେରୋକ୍ରୋମ୍ ଓ ଆଲଏଜ୍ ଲିମିଟେଡ୍ (ଇଫ୍‌କାଲ) ନିମ୍ନମାନର ଫେରୋକ୍ରୋମ୍ (ଏଲ୍‌ଜିସିଓ) ଖଣିରୁ ଖନନ କରେ ଓ ଉଚ୍ଚ କାର୍ବନଯୁକ୍ତ ଫେରୋକ୍ରୋମ୍ (ଏଚ୍‌ସିଏଫ୍‌ସି) ଉତ୍ପାଦନ କରିଥାଏ। ଏହା ଫେରୋକ୍ରୋମ୍ କାରଖାନାର କଞ୍ଚାମାଲ ଆବଶ୍ୟକତାକୁ ପୂରଣ କରିବା ପାଇଁ 27 ମାର୍ଚ୍ଚ 2002 ଠାରୁ ଇଡ୍‌କଲର ଟେଁଳଙ୍ଗି-କ କ୍ରୋମ୍ ପଥର ଖଣି ପ୍ରତିନିଧି ଭିତ୍ତିରେ[83] ଖନନ କରୁଥିଲା। ଏଚ୍‌ସିଏଫ୍‌ସି ମୂଲ୍ୟର ନିମ୍ନଗାମୀ ଧାରା ଯୋଗୁ କର୍ତ୍ତୃପକ୍ଷ ପାଣ୍ଠି ଅଭାବ ଅନୁଭବ କଲେ। ଚଳନ୍ତି ପୁଞ୍ଜି ଓ ଅନ୍ୟାନ୍ୟ ଦେୟ ପ୍ରଦାନ କରିବା ପାଇଁ ଏଚ୍‌ସିଏଫ୍‌ସିକୁ ପ୍ରକ୍ରିୟାକରଣ ନକରି ଖୋଲା ଟେଣ୍ଡର ଦ୍ୱାରା ବଜାରରେ ବିକ୍ରୟ କରିବା ପାଇଁ ଏହା ମାର୍ଚ୍ଚ 2015 ରେ ନିଷ୍ପତ୍ତି ନେଇଥିଲେ।

ପ୍ରଥମ ପର୍ଯ୍ୟାୟରେ ଇଫ୍‌କାଲ୍ 35,000 ଟନ୍ ଏଲ୍‌ଜିସିଓ ବିକ୍ରୟ ନିମିତ୍ତ ଟେଣ୍ଡର ଆହ୍ୱାନ (ଅକ୍ଟୋବର 2016) କରିଥିଲେ। ଟେଣ୍ଡରର ସର୍ତ୍ତାବଳୀ ମଧ୍ୟରେ ନିମ୍ନୋକ୍ତ ସର୍ତ୍ତ ଉଲ୍ଲେଖ ରହିଥିଲା:

- ମନୋନୀତ ହୋଇଥିବା କ୍ରେତା ଆବଣ୍ଟିତ ପରିମାଣର 100 ପ୍ରତିଶତ ବିକ୍ରୟ ମୂଲ୍ୟ ଅଗ୍ରିମ ଜମା କରିବାର ଥିଲା ଏବଂ ତାହାକୁ ନିର୍ଗମ ଆଦେଶରେ ଥିବା ସମୟ ଅବଧି ମଧ୍ୟରେ ଉଠାଇବାର ଥିଲା। ଯଦି କ୍ରେତା ବିକ୍ରୟ ମୂଲ୍ୟ ଅଗ୍ରିମ ଭାବେ ଜମା କରିବାରେ ବିଫଳ ହୁଅନ୍ତି, ତେବେ କର୍ତ୍ତୃପକ୍ଷ ବିକ୍ରୟାଦେଶ ରଦ୍ଦ କରିବାର ଅଧିକାର ରଖିଥିଲେ।

- ପୂର୍ବ କାରବାରର ଇଏମ୍‌ଡି କିମ୍ବା କୌଣସି ଫେରସ୍ତଯୋଗ୍ୟ ଅର୍ଥ ଏହି ଟେଣ୍ଡରର କାରବାରରେ ବ୍ୟବହାର ହୋଇପାରିବ ନାହିଁ।

[83] ଇଡ୍‌କଲ ଟେଁଳଙ୍ଗି କ୍ରୋମାଇଟ୍ ଖଣିର ପଟ୍ଟାଧାରୀ ଥିଲେ ଏବଂ ଇଫ୍‌କାଲ୍ ସେମାନଙ୍କର ପ୍ରତିନିଧି ହିସାବରେ ଖଣି ପରିଚାଳନା କରୁଥିଲା। ତେଣୁ ଏହା ପ୍ରତିନିଧି ଭିତ୍ତିରେ କାର୍ଯ୍ୟକାରୀ ହେଉଥିଲା।

- କ୍ରେତା ନିଲାମରେ ରୟାଲ୍‌ଟି, ସେସ୍, ଟିକସ, କର ଇତ୍ୟାଦିକୁ ବାଦ ଦେଇ କେବଳ ମୂଳ ମୂଲ୍ୟ ଉଲ୍ଲେଖ କରିବାର ଥିଲା। ନିଲାମ ଦାଖଲର ଶେଷ ତାରିଖ (17 ଅକ୍ଟୋବର 2016) ଠାରୁ 60 ଦିନ ପର୍ଯ୍ୟନ୍ତ ନିଲାମରୁ ପ୍ରାପ୍ତ ମୂଲ୍ୟ ବୈଧ ରହିଥିଲା ଯାହାକି 16 ଡିସେମ୍ବର 2016 ପର୍ଯ୍ୟନ୍ତ ଥିଲା।
- ରୟାଲ୍‌ଟି ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ଦେୟ କ୍ରୋମ୍ ଖଣିଜପଥର ଅନୁମୋଦିତ ବିକ୍ରୟ ମୂଲ୍ୟ ଉପରେ ବିକ୍ରୟ ସମୟରେ ଲାଗୁ ହେବାର ଥିଲା। ଅଗ୍ରିମ ଭାବେ ଗ୍ରହଣ କରାଯାଇଥିବା ଅତ୍ୟଧିକ ଅର୍ଥ କ୍ରେତାଙ୍କୁ ଫେରସ୍ତ କରାଯିବାର ଥିଲା।

ଟେଣ୍ଡର ମୂଲ୍ୟାଙ୍କନ ହେବା ପରେ, ଏଲ୍‌ଜିସିଓର ସର୍ବୋଚ୍ଚ ମୂଲ୍ୟ (ଏଚ୍1) ଟନ୍ ପିଛା 900 ଟଙ୍କା ଥିଲା। ସେହି ଅନୁଯାୟୀ ଏଚ୍1 କ୍ରେତାଙ୍କୁ[84] 35,000 ଟନ୍ ଏଲ୍‌ଜିସିଓର 100 ପ୍ରତିଶତ ବିକ୍ରୟ ମୂଲ୍ୟ ବାବଦକୁ 4.53 କୋଟି ଟଙ୍କା[85] ସାତଦିନ ମଧ୍ୟରେ ଜମା କରିବାକୁ ଅନୁରୋଧ କରି ବିକ୍ରୟାଦେଶ 27 ଅକ୍ଟୋବର 2016 ତାରିଖରେ କରାଯାଇଥିଲା। ଏଚ୍1 କ୍ରେତା 31 ଅକ୍ଟୋବର 2016 ରେ ମାତ୍ର 3 କୋଟି ଟଙ୍କା ଜମା କରିଥିଲେ। ଅଥଚ ପୂର୍ବ କାରବାରରୁ ଫେରସ୍ତ ଯୋଗ୍ୟ ଥିବା 0.49 କୋଟି ଟଙ୍କାକୁ ମିଶାଇ ଇଫ୍‌କାଲ୍ ବିକ୍ରୟ ମୂଲ୍ୟ 3.49 କୋଟି ଟଙ୍କାରେ 26,336 ଟନ୍ (ଆନୁପାତିକ ପରିମାଣ) ଉଠାଇବା ପାଇଁ ନିର୍ଗମାଦେଶ ନଭେମ୍ବର 2016 ରେ ଜାରି କରିଥିଲେ। 26,336 ଟନ୍ ମଧ୍ୟରୁ କ୍ରେତା 24,439.530 ଟନ୍ ଏଲ୍‌ଜିସିଓ ଜାନୁଆରୀ 2017 ମଧ୍ୟରେ ଉଠାଇଥିଲେ ଏବଂ 1,896.470 ଟନ୍ ଉଠାଇ ପାରିନଥିଲେ।

ଏହି ସମୟ ମଧ୍ୟରେ 50,000 ଟନ୍ ଏଲ୍‌ଜିସିଓ ବିକ୍ରୟ ପାଇଁ ଅନ୍ୟ ଏକ ଟେଣ୍ଡର ନଭେମ୍ବର 2016 ରେ ଡକାଯାଇଥିଲା ଯେଉଁଥିରେ ସର୍ବୋଚ୍ଚ ମୂଳ ମୂଲ୍ୟ ଟନ୍ ପିଛା 1,840 ଟଙ୍କା ଥିଲା। ନୂତନ ଟେଣ୍ଡର ଅଧୀନରେ ଏଲ୍‌ଜିସିଓ ଉଠାଯାଉଥିବା ବେଳେ ଇଫ୍‌କାଲ୍ ନିଜ ପକ୍ଷରୁ ପୂର୍ବ ଟେଣ୍ଡରର ଅବଶିଷ୍ଟ ଏଲ୍‌ଜିସିଓ ପରିମାଣ 8,664 ଟନ୍ (35,000 ଟନ୍ - 26,366 ଟନ୍) ମୂଳ ମୂଲ୍ୟ 900 ଟଙ୍କା ପ୍ରତି ଟନ୍‌ରେ ବିକ୍ରୟ କରିବାକୁ କ୍ରେତାଙ୍କୁ ନିର୍ଗମାଦେଶ ଜାନୁଆରୀ 2017 ରେ ପ୍ରଦାନ କରିଥିଲେ ଏବଂ ଅଗ୍ରିମ ବାବଦକୁ 1.15 କୋଟି ଟଙ୍କା ଜମା କରିବାକୁ କହିଥିଲା। କ୍ରେତା ବିକ୍ରୟ ମୂଲ୍ୟ ଅଗ୍ରିମ ବାବଦକୁ 1.11 କୋଟି ଟଙ୍କା ଜାନୁଆରୀ 2017 ରେ ଜମା କରିଥିଲେଏବଂ 10,560.470 ଟନ୍ ସମ୍ପୂର୍ଣ୍ଣ ଉଠାଇଥିଲେ ଯେଉଁଥିରେ ପୂର୍ବରୁ ଉଠାଯାଇନଥିବା 1,896.470 ଟନ୍ ସମ୍ପୃକ୍ତ ଥିଲା।

ସମୀକ୍ଷାରୁ ଦେଖାଗଲା ଯେ, ଯେହେତୁ ମୋଟ୍ ପରିମାଣର ଟିକସ ସହ ବିକ୍ରୟ ମୂଲ୍ୟ କ୍ରେତା ଜମା କରିବାରେ ଅକୃତକାର୍ଯ୍ୟ ହୋଇଥିଲେ, ବିକ୍ରୟାଦେଶ ରଦ୍ଦ କରାଯିବାର ଥିଲା। ପୁନଶ୍ଚ ଟେଣ୍ଡର ସର୍ତ୍ତାବଳୀର ଉଲ୍ଲଙ୍ଘନ କରି ପୂର୍ବ କାରବାରର ଫେରସ୍ତଯୋଗ୍ୟ 0.49 କୋଟି ଟଙ୍କାକୁ ମିଶାଇ ଆଂଶିକ ପରିମାଣ ଉଠାଇବାକୁ ଅନୁମତି ପ୍ରଦାନ କରିବା ଅନିୟମିତ ଓ ଅଯଥାର୍ଥ ଥିଲା। ଟନ୍ ପିଛା ମୂଲ୍ୟ 900 ଟଙ୍କାର ବୈଧତା ଡିସେମ୍ବର 2016 ରେ ଶେଷ ହୋଇଯାଇଥିଲା। ତେଣୁ ବୈଧତା ଶେଷ ହେବା ପରେ ପୂର୍ବ ଟେଣ୍ଡରର ବଳକା ପରିମାଣ 10,560.470 ଟନ୍ କ୍ରେତାଙ୍କୁ ଉଠାଇବାର ଅନୁମତି ଦେବା ଫଳରେ କ୍ରେତାଙ୍କୁ ଅହେତୁକ ଅନୁକମ୍ପା ପ୍ରଦାନ କରାଯିବା ସହ ରାଜସ୍ୱ ଆୟରେ 0.99 କୋଟି ଟଙ୍କା [(1,840 ଟଙ୍କା -900 ଟଙ୍କା) x 10,560.470 ମେଟ୍ରିକ୍ ଟନ୍] କ୍ଷତି ହୋଇଥିଲା।

ସରକାର କହିଲେ (ସେପ୍ଟେମ୍ବର 2019) ଯେ, କ୍ରେତା ମୋଟ୍ ପରିମାଣ ବାବଦକୁ ମୂଳ ମୂଲ୍ୟ ପ୍ରଦାନ କରିଥିଲେ ଯାହାକି ଟନ୍ ପିଛା 900 ଟଙ୍କା ଥିଲା ଏବଂ ରୟାଲ୍‌ଟି ଅଂଶ ଏଲ୍‌ଜିସିଓ ଉଠାଣ ସମୟରେ ପ୍ରଦାନ କରିବାକୁ ଜଣାଇଥିଲେ।

---

84 ମେସର୍ସ ଆନନ୍ଦ ଏକ୍ସପୋର୍ଟ।

85 ମୂଳ ମୂଲ୍ୟ- 900 ଟଙ୍କା x 35,000 ଟନ୍ = 3.15 କୋଟି ଟଙ୍କା ଏବଂ ଟିକସ, ରୟାଲଟି ଇତ୍ୟାଦି 1.38 କୋଟି ଟଙ୍କା ।

ଉତ୍ତରଟି ଗ୍ରହଣୀୟ ନଥିଲା କାରଣ କ୍ରେତା ମୂଳ ମୂଲ୍ୟ ବାବଦକୁ ମଧ ସମ୍ପୂର୍ଣ୍ଣ ଅର୍ଥ ପ୍ରଦାନରେ ଅକୃତକାର୍ଯ୍ୟ ହୋଇଥିଲେ। ପୁନଶ୍ଚ, ଏଲ୍‌ଜିସିଓ ଉଠାଣ ସମୟରେ ରୟାଲ୍‌ଟି ପ୍ରଦାନ କରିବାକୁ ଅନୁମତି ପ୍ରଦାନ କରିବା ଦ୍ୱାରା ଅଗ୍ରିମ ଆକାରରେ 100 ପ୍ରତିଶତ ବିକ୍ରୟ ମୂଲ୍ୟ ପ୍ରଦାନ କରିବାକୁ ଥିବା ଟେଣ୍ଡର ସର୍ତ୍ତର ଉଲ୍ଲଙ୍ଘନ ହୋଇଥିଲା। ଇଫ୍‌କାଲ ନିଜେ ପାଣ୍ଠି ଅଭାବ ଜନିତ ସମସ୍ୟାରୁ ମୁକୁଳିବାକୁ ସଂଘର୍ଷ କରୁଥିବା ଅବସ୍ଥାରେ ବୈଧ ସମୟ ପରେ ଏବଂ ଟେଣ୍ଡର ସର୍ତ୍ତ ଉଲ୍ଲଙ୍ଘନ କରି 0.49 କୋଟି ଟଙ୍କାକୁ ମିଶାଇ ଏଲ୍‌ଜିସିଓର ବଳକା ପରିମାଣକୁ କମ୍ ଦରରେ ଉଠାଇବାକୁ ଠିକାଦାରଙ୍କୁ ଅନୁମତି ପ୍ରଦାନ କରି କ୍ରେତାଙ୍କୁ ଅହେତୁକ ଅନୁକମ୍ପା ପ୍ରଦାନ କରିଥିଲେ।

ଭୁବନେଶ୍ୱର

ତାରିଖ-18 ଫେବୃୟାରୀ 2021

**(ବିଭୁଦତ୍ତ ବସନ୍ତିଆ)**
**ପ୍ରଧାନ ମହାଲେଖାକାର**
**(ଲେଖାପରୀକ୍ଷା-II), ଓଡ଼ିଶା**

**ପ୍ରତିସ୍ୱାକ୍ଷରିତ**

ନୂଆ ଦିଲ୍ଲୀ

ତାରିଖ-19 ଫେବୃୟାରୀ 2021

**(ଗିରୀଶ ଚନ୍ଦ୍ର ମୁର୍ମୁ)**
**ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**

# ପରିଶିଷ୍ଟ

# ପରିଶିଷ୍ଟ – 1

(ଅନୁଚ୍ଛେଦ 2.8 ଏବଂ 2.9ରେ ସୂଚିତ)

ସର୍ବଶେଷ ଚୂଡାନ୍ତ ହୋଇଥିବା ହିସାବ ଅନୁସାରେ ଶକ୍ତିକ୍ଷେତ୍ର ପିଏସ୍‌ୟୁଗୁଡିକର ଆର୍ଥିକ ଫଳାଫଳର ସଂକ୍ଷିପ୍ତ ବିବରଣୀ

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | କାର୍ଯ୍ୟକଳାପ ଏବଂ ଶକ୍ତିକ୍ଷେତ୍ର ଉଦ୍ୟୋଗଗୁଡିକର ନାମ | ହିସାବର ସମୟ | ସୁଧ ଏବଂ କର ପୂର୍ବରୁ ନିଟ୍ ଲାଭ/କ୍ଷତି | ସୁଧ ଏବଂ କର ପରେ ନିଟ୍ ଲାଭ/କ୍ଷତି | କାରବାର | ସମାଦତ୍ତ ପୁଞ୍ଜି | ବିନିଯୁକ୍ତ ପୁଞ୍ଜି | ନିଟ୍ ମୂଲ୍ୟ [1] | ଏକତ୍ରୀକୃତ ଲାଭ/କ୍ଷତି |
|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| କ. | ଉତ୍ପାଦନ | | | | | | | | |
| 1 | ଓଡିଶା ଜଳ ବିଦ୍ୟୁତ ନିମଗ ଲିମିଟେଡ୍ | 2018-19 | 300.61 | 144.39 | 480.09 | 761.65 | 2805.30 | 1818.78 | 1057.13 |
| 2 | ଓଡିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ | 2017-18 | 8.79 | 4.79 | 607.20 | 1580.50 | 8193.81 | 2713.40 | 984.46 |
| 3 | ଓଡିଶା ତାପଜ ବିଦ୍ୟୁତ ନିଗମ ଲିମିଟେଡ୍ | 2018-19 | 0.12 | 0.12 | 0.00 | 268.41 | 262.14 | 262.14 | -6.27 |
| 4 | ଓଡିଶା ସବୁଜ ଶକ୍ତି ବିକାଶ ନିଗମ ଲିମିଟେଡ୍ | 2018-19 | 14.53 | 9.24 | 16.69 | 50.32 | 67.36 | 67.36 | 17.04 |
| 5 | ଜେଡ୍‌କଲ ସେଲ ଶକ୍ତି ନିଗମ ଲିମିଟେଡ୍ | 2018-19 | -0.23 | -0.23 | 0.00 | 1.00 | 0.77 | 0.77 | -0.23 |
| | **ଉପ-ମୋଟ୍** | | **323.82** | **158.31** | **1103.98** | **2661.88** | **11329.38** | **4862.45** | **2052.13** |
| ଖ. | ସଂଚରଣ | | | | | | | | |
| 6 | ଓଡିଶା ଶକ୍ତି ସଂଚରଣ ନିଗମ ଲିମିଟେଡ୍ | 2017-18 | 89.14 | 19.80 | 692.30 | 510.07 | 1379.71 | 745.41 | 6.36 |
| 7 | କଳିଙ୍ଗ ବିଦ୍ୟୁତ ପ୍ରସାରଣ ନିଗମ ପ୍ରାଇଭେଟ୍ ଲିମିଟେଡ୍ | 2017-18 | 0.00 | 0.00 | 0.00 | 0.01 | 0.01 | 0.01 | 0.00 |
| | **ଉପ-ମୋଟ୍** | | **89.14** | **19.80** | **692.30** | **510.08** | **1379.72** | **745.42** | **6.36** |
| ଗ. | ଅନ୍ୟାନ୍ୟ | | | | | | | | |
| 8 | ଓଡିଶା କୋଇଲା ଏବଂ ଶକ୍ତି ଲିମିଟେଡ୍ | 2017-18 | -0.16 | -3.06 | 0.00 | 300.00 | 695.11 | 293.84 | -6.16 |
| 9 | ଗ୍ରିଡ୍‌କୋ ଲିମିଟେଡ୍ | 2017-18 | 302.98 | -197.50 | 7845.12 | 576.71 | -1.65 | -3853.75 | -4430.46 |
| | **ଉପ-ମୋଟ୍** | | **302.82** | **-200.56** | **7845.12** | **876.71** | **693.46** | **-3559.91** | **-4436.62** |
| | **ସର୍ବମୋଟ୍** | | **715.78** | **-22.45** | **9641.40** | **4048.67** | **13402.56** | **2047.96** | **-2378.13** |

[1] ନିଟ୍ ମୂଲ୍ୟ ହେଉଛି ସମାଦତ୍ତ ପୁଞ୍ଜି ଏବଂ ମୁକ୍ତ ଆରକ୍ଷଣ ଏବଂ ବଳକାର ସମଷ୍ଟି ବିଯୁକ୍ତ ଏକତ୍ରୀକୃତ କ୍ଷତି ଏବଂ ବିଳମ୍ବିତ ରାଜସ୍ୱ ଖର୍ଚ୍ଚ

# ପରିଶିଷ୍ଟ -2

## (ଅନୁଚ୍ଛେଦ 2.12ରେ ସୂଚିତ)

## 2000-01ରୁ 2018-19 ଅବଧି ମଧ୍ୟରେ ଶକ୍ତିକ୍ଷେତ୍ର ପିଏସ୍ୟୁଗୁଡିକୁ ପ୍ରଦତ୍ତ ରାଜ୍ୟ ସରକାରୀ ପାଣ୍ଠିର ବିବରଣୀ

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | 1 | | | | 2 | | | | 3 | | | | 4 | | | | 5 | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ବର୍ଷ | ଗ୍ରିଡ୍କୋ ଲିମିଟେଡ୍ | | | | ଜେଡ୍କଲ | | | | ଓଡ଼ିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ | | | | ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ | | | | ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ | | | |
| | ସାଧାରଣ ଅଂଶଧନ | ଆଇଏଫ୍ଏଲ୍ | ଆଇଏଫ୍ଏଲ୍ର ସୁଧ ବହନ କରୁଥିବା ରଣରେ ରୂପାନ୍ତରଣ | ଅନୁଦାନ, କାର୍ଯ୍ୟ ସମ୍ବନ୍ଧୀୟ ଏବଂ ପରିଚାଳନା ଖର୍ଚ୍ଚ ପାଇଁ ସବ୍ସିଡି | ସାଧାରଣ ଅଂଶଧନ | ଆଇଏଫ୍ଏଲ୍ | ଆଇଏଫ୍ଏଲ୍ର ସୁଧ ବହନ କରୁଥିବା ରଣରେ ରୂପାନ୍ତରଣ | ଅନୁଦାନ, କାର୍ଯ୍ୟ ସମ୍ବନ୍ଧୀୟ ଏବଂ ପରିଚାଳନା ଖର୍ଚ୍ଚ ପାଇଁ ସବ୍ସିଡି | ସାଧାରଣ ଅଂଶଧନ | ଆଇଏଫ୍ଏଲ୍ | ଆଇଏଫ୍ଏଲ୍ର ସୁଧ ବହନ କରୁଥିବା ରଣରେ ରୂପାନ୍ତରଣ | ଅନୁଦାନ, କାର୍ଯ୍ୟ ସମ୍ବନ୍ଧୀୟ ଏବଂ ପରିଚାଳନା ଖର୍ଚ୍ଚ ପାଇଁ ସବ୍ସିଡି | ସାଧାରଣ ଅଂଶଧନ | ଆଇଏଫ୍ଏଲ୍ | ଆଇଏଫ୍ଏଲ୍ର ସୁଧ ବହନ କରୁଥିବା ରଣରେ ରୂପାନ୍ତରଣ | ଅନୁଦାନ, କାର୍ଯ୍ୟ ସମ୍ବନ୍ଧୀୟ ଏବଂ ପରିଚାଳନା ଖର୍ଚ୍ଚ ପାଇଁ ସବ୍ସିଡି | ସାଧାରଣ ଅଂଶଧନ | ଆଇଏଫ୍ଏଲ୍ | ଆଇଏଫ୍ଏଲ୍ର ସୁଧ ବହନ କରୁଥିବା ରଣରେ ରୂପାନ୍ତରଣ | ଅନୁଦାନ, କାର୍ଯ୍ୟ ସମ୍ବନ୍ଧୀୟ ଏବଂ ପରିଚାଳନା ଖର୍ଚ୍ଚ ପାଇଁ ସବ୍ସିଡି |
| 2000-01 | 0 | 200 | | 50.44 | 0 | 0 | 0 | **0** | 0 | 912.64 | 0 | 3.1 | 0.00 | 0 | 0 | 0 | 0 | 0 | 0 | 0 |
| 2001-02 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0.00 | 0 | 0 | 0 | 0 | 0 | 0 | 0 |
| 2002-03 | 5.45 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0.00 | 0 | 0 | 0 | 0 | 0 | 0 | 0 |
| 2003-04 | 0 | 0 | 0 | 33.32 | 0 | 0 | 0 | 0 | 0 | 0 | 0 | 0 | 0.00 | 0 | 0 | 0 | 0 | 0 | 0 | 0 |
| 2004-05 | 0.69 | -200 | 0 | 22.9 | 0 | 0 | 0 | 0 | 0 | 0 | 0 | 0.09 | 0.07 | 200 | 0 | 0 | 0 | 0 | 0 | 0 |
| 2005-06 | -60.00 | 0 | 0 | 10.36 | 0 | 0 | 0 | 0 | 0 | 0 | 0 | 0.4 | 0.00 | 0 | 0 | 0 | 0 | 0 | 0 | 0 |
| 2006-07 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0.04 | 60.00 | 0 | 0 | 0 | 0 | 0 | 0 | 0 |
| 2007-08 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0.00 | 0 | 0 | 0 | 0 | 0 | 0 | 0 |
| 2008-09 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0 | 23.06 | 0 | 0 | 0.77 | 0 | 0 | 0 | 0 |
| 2009-10 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0 | 5.00 | 0 | 0 | 0 | 0 | 0 | 0 | 0 |
| 2010-11 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0 | 71.94 | 0 | 0 | 0 | 0 | 0 | 0 | 0 |
| 2011-12 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0 | 43.00 | 0 | 0 | 0 | 0 | 0 | 0 | 0 |
| 2012-13 | 143.73 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0 | 50.00 | 0 | 0 | 0 | 0 | 0 | 0 | 0 |
| 2013-14 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0 | 0.00 | 0 | 0 | 0 | 0 | 0 | 0 | 0 |
| 2014-15 | 0 | 0 | 0 | 0 | 0 | 0 | 0 | 0 | 19.00 | 0 | 0 | 0 | 50.00 | 0 | 0 | 255 | 0 | 0 | 0 | 0 |
| 2015-16 | 0 | 0 | 0 | 0 | 0 | 0 | 0 | 12.98 | 298.85 | 0 | 766.2 | 0 | 50.00 | 0 | 0 | 957 | 0 | 0 | 0 | 0 |
| 2016-17 | 0 | 0 | 0 | 0 | 0.00 | 0 | 0 | 66.9 | 0.00 | 0 | 0 | 0 | 57.00 | 0 | 0 | 0 | 0.00 | 0 | 0 | 0 |
| 2017-18 | 0 | 0 | 0 | 0 | 0 | 0 | 0 | 10.00 | 74.00 | 0 | 0 | 0 | 50 | 0 | 0 | 0 | 556.04 | 0 | 0 | 0 |
| 2018-19 | 0 | 0 | 0 | 0 | | 0 | 0 | 0 | 49.00 | 0 | 0 | 0 | 49.93 | 0 | 0 | 18.56 | 0.00 | 0 | 0 | 0 |
| ମୋଟ୍ | **89.87** | **0.00** | **0.00** | **117.02** | **0.00** | **0.00** | **0.00** | **89.88** | **440.85** | **912.64** | **766.20** | **3.63** | **510.00** | **200.00** | **0.00** | **1231.33** | **556.04** | **0.00** | **0.00** | **0.00** |

# ପରିଶିଷ୍ଟ-3

(ଅନୁଚ୍ଛେଦ 4.3ରେ ସୂଚିତ)

## 31 ମାର୍ଚ୍ଚ 2019 ସୁଦ୍ଧା ରାଜ୍ୟ ପିଏସ୍‌ୟୁ(ଅଣ-ଶକ୍ତିକ୍ଷେତ୍ର)ରେ ଥିବା ସାଧାରଣ ଅଂଶଧନ ଏବଂ ବକେୟା ଋଣର ସ୍ଥିତିର ବିବରଣୀ

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | କ୍ଷେତ୍ର ଏବଂ ପିଏସ୍‌ୟୁର ନାମ | ବିଭାଗର ନାମ | ପଞ୍ଜିକରଣର ମାସ ଏବଂ ବର୍ଷ | 2018-19 ବର୍ଷ ଶେଷରେ ସାଧାରଣ ଅଂଶ [1] | | | | 2018-19 ବର୍ଷ ଶେଷରେ ବକେୟା ଥିବା ଦୀର୍ଘକାଳୀନ ଋଣ | | | |
|---|---|---|---|---|---|---|---|---|---|---|---|
| | | | | ଜିଓଓ[2] | ଜିଓଆଇ[3] | ଅନ୍ୟାନ୍ୟ | ମୋଟ୍ | ଜିଓଓ | ଜିଓଆଇ | ଅନ୍ୟାନ୍ୟ | ମୋଟ୍ |
| 1 | 2 | 3 | 4 | 5 (କ) | 5 (ଖ) | 5 (ଗ) | 5 (ଘ) | 6 (କ) | 6 (ଖ) | 6 (ଗ) | 6 (ଘ) |
| କ. | ସାମାଜିକ କ୍ଷେତ୍ର | | | | | | | | | | |
| I. | କାର୍ଯ୍ୟରତ ସରକାରୀ କମ୍ପାନୀସମୂହ | | | | | | | | | | |
| 1 | ଓଡିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | କୃଷି ଏବଂ କୃଷକ ସଶକ୍ତିକରଣ | 01/03/1996 | 1.10 | 0.00 | 0.00 | 1.10 | 0.00 | 0.00 | 0.00 | 0.00 |
| 2 | ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ | କୃଷି ଏବଂ କୃଷକ ସଶକ୍ତିକରଣ | 20/12/1961 | 38.79 | 1.05 | 0.01 | 39.85 | 0.00 | 0.00 | 0.00 | 0.00 |
| 3 | ଓଡିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟଡେ୍ | କୃଷି ଏବଂ କୃଷକ ସଶକ୍ତିକରଣ | 06/04/1979 | 1.55 | 0.00 | 0.00 | 1.55 | 0.00 | 0.00 | 0.00 | 0.00 |
| 4 | ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ୍ | ଜଙ୍ଗଲ ଓ ପରିବେଶ | 28/09/1962 | 5.00 | 0.00 | 0.00 | 5.00 | 0.00 | 0.00 | 0.00 | 0.00 |
| 5 | ଓଡିଶା ଉଠା ଜଳସେଚନ ନିଗମ ଲିମିଟେଡ୍ | ଜଳ ସମ୍ପଦ | 01/10/1973 | 74.73 | 0.00 | 0.00 | 74.73 | 0.42 | 0.00 | 0.00 | 0.42 |
| 6 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | କୃଷି ଏବଂ କୃଷକ ସଶକ୍ତିକରଣ | 24/02/1978 | 2.11 | 0.39 | 0.13 | 2.63 | 1.98 | 0.00 | 29.21 | 31.19 |
| 7 | ଓଡିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ ଲିମିଟେଡ୍ | ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ | 05/05/1998 | 2.21 | 0.00 | 0.00 | 2.21 | 2.90 | 0.00 | 2.18 | 5.08 |
| 8 | ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ୍ | ଶିଳ୍ପ | 03/04/1972 | 20.17 | 0.00 | 0.00 | 20.17 | 0.00 | 0.00 | 1.19 | 1.19 |
| 9 | ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ | ଇସ୍ପାତ ଏବଂ ଖଣି | 02/12/2014 | 0.01 | 0.00 | 0.00 | 0.01 | 0.00 | 0.00 | 0.00 | 0.00 |
| 10 | ଓଡିଶାର ଜଳ ନିଗମ ଲିମିଟେଡ୍ | ଜଳ ସମ୍ପଦ | 24/11/2015 | 0.51 | 0.00 | 0.49 | 1.00 | 0.00 | 0.00 | 0.00 | 0.00 |
| 11 | ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ | ଅବକାରୀ | 16/11/2000 | 1.00 | 0.00 | 0.00 | 1.00 | 0.00 | 0.00 | 0.00 | 0.00 |
| 12 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ | 03/09/1980 | 11.03 | 0.00 | 0.00 | 11.03 | 0.00 | 0.00 | 0.00 | 0.00 |
| 13 | ଓଡିଶା ରାଜ୍ୟ ଭେଷଜ ବିଜ୍ଞାନ ନିଗମ ଲିମିଟେଡ୍ | ସ୍ୱାସ୍ଥ୍ୟ ଏବଂ | 08/11/2013 | 10.00 | 0.00 | 0.00 | 10.00 | 0.00 | 0.00 | 0.00 | 0.00 |

| କ୍ରମିକ ସଂଖ୍ୟା | କ୍ଷେତ୍ର ଏବଂ ପିଏସ୍‌ୟୁର ନାମ | ବିଭାଗର ନାମ | ପଞ୍ଜିକରଣର ମାସ ଏବଂ ବର୍ଷ | 2018-19 ବର୍ଷ ଶେଷରେ ସାଧାରଣ ଅଂଶ [1] | | | | 2018-19 ବର୍ଷ ଶେଷରେ ବକେୟା ଥିବା ଦୀର୍ଘକାଳୀନ ଋଣ | | | |
|---|---|---|---|---|---|---|---|---|---|---|---|
| | | | | ଜିଓଓ[2] | ଜିଓଆଇ[3] | ଅନ୍ୟାନ୍ୟ | ମୋଟ୍ | ଜିଓଓ | ଜିଓଆଇ | ଅନ୍ୟାନ୍ୟ | ମୋଟ୍ |
| 1 | 2 | 3 | 4 | 5 (କ) | 5 (ଖ) | 5 (ଗ) | 5 (ଘ) | 6 (କ) | 6 (ଖ) | 6 (ଗ) | 6 (ଘ) |
| | | ପରିବାର କଲ୍ୟାଣ | | | | | | | | | |
| 14 | ଓଡିଶା କ୍ରୀଡା ଉନ୍ନୟନ ଏବଂ ପ୍ରୋତ୍ସାହନ କମ୍ପାନୀ ଲିମିଟେଡ୍ | କ୍ରୀଡା ଏବଂ ଯୁବ ବ୍ୟାପାର | 16/11/2013 | 0.00 | 0.00 | 0.25 | 0.25 | 0.00 | 0.00 | 0.00 | 0.00 |
| 15 | ବ୍ରାହ୍ମଣୀ ରେଳବାଇ ଲିମିଟେଡ୍ | ଶିଳ୍ପ | 21/05/2013 | 10.00 | 0.00 | 11.00 | 21.00 | 0.00 | 0.00 | 0.00 | 0.00 |
| 16 | ଓଡିଶା ରେଳ ଭିତ୍ତିଭୂମି ଉନ୍ନୟନ ଲିମିଟେଡ୍ | ଶିଳ୍ପ | 23/03/2017 | 26.01 | 24.99 | 0.00 | 51.00 | 0.00 | 0.00 | 0.00 | 0.00 |
| **ମୋଟ୍ କ-I** | | | | **204.22** | **26.43** | **11.88** | **242.53** | **5.30** | **0.00** | **32.58** | **37.88** |
| **II.** | **ନିଷ୍କ୍ରିୟ ସରକାରୀ କମ୍ପାନୀସମୂହ** | | | | | | | | | | |
| 17 | ଇଷ୍ଟର୍ଣ୍ଣ ଆକ୍ୱାଟିକ୍ ପ୍ରଡକ୍ଟସ ଲିମିଟେଡ୍ (22 ଫେବୃୟାରୀ 1978 ଠାରୁ ସ୍ୱେଚ୍ଛାକୃତ ସମାପନ ପ୍ରକ୍ରିୟାରେ) | କୃଷି ଏବଂ କୃଷକ ସଶକ୍ତିକରଣ | 06/05/1959 | 0.01 | 0.00 | 0.00 | 0.01 | 0.00 | 0.00 | 0.00 | 0.00 |
| 18 | ଓଡିଶା ମତ୍ସ୍ୟ ଉନ୍ନୟନ ନିଗମ ଲିମିଟେଡ୍ | ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ | 08/08/1962 | 0.35 | 0.00 | 0.00 | 0.35 | 0.00 | 0.00 | 0.00 | 0.00 |
| **ମୋଟ୍ କ-II** | | | | **0.36** | **0.00** | **0.00** | **0.36** | **0.00** | **0.00** | **0.00** | **0.00** |
| **ମୋଟ୍ କ (I+II)** | | | | **204.58** | **26.43** | **11.88** | **242.89** | **5.30** | **0.00** | **32.58** | **37.88** |
| **ଖ.** | **ପ୍ରତିଯୋଗିତାମୂଳକ କ୍ଷେତ୍ର** | | | | | | | | | | |
| **I.** | **କାର୍ଯ୍ୟରତ ସରକାରୀ କମ୍ପାନୀସମୂହ** | | | | | | | | | | |
| 19 | ଓଡିଶା ଶିଳ୍ପ ପ୍ରୋତ୍ସାହନ ଓ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | ଶିଳ୍ପ | 12/04/1973 | 89.69 | 0.00 | 0.00 | 89.69 | 0.00 | 0.00 | 0.00 | 0.00 |
| 20 | ଓଡିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଲିମିଟେଡ୍ | ଶିଳ୍ପ | 22/04/1976 | 5.39 | 0.00 | 0.01 | 5.40 | 1.29 | 0.00 | 1.31 | 2.60 |
| 21 | ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍ | ଗୃହ ନିର୍ମାଣ ଓ ନଗର ଉନ୍ନୟନ | 19/08/1994 | 48.16 | 0.00 | 0.00 | 48.16 | 231.60 | 0.00 | 236.14 | 467.74 |
| 22 | ପାରାଦୀପ ପୁଞ୍ଜିନିବେଶ କ୍ଷେତ୍ର ଉନ୍ନୟନ ଲିମିଟେଡ୍ | ଶିଳ୍ପ | 27/03/2007 | 0.00 | 0.00 | 0.05 | 0.05 | 0.00 | 0.00 | 0.00 | 0.00 |
| 23 | ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ | ଶିଳ୍ପ | 29/03/1962 | 57.12 | 0.00 | 0.00 | 57.12 | 81.93 | 0.00 | 158.12 | 240.05 |
| 24 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | ଜଳ ସମ୍ପଦ | 22/05/1962 | 17.50 | 0.00 | 0.00 | 17.50 | 0.00 | 0.00 | 0.00 | 0.00 |
| 25 | ଓଡିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍ | ପୂର୍ତ୍ତ | 01/01/1983 | 20.00 | 0.00 | 0.00 | 20.00 | 0.00 | 0.00 | 0.00 | 0.00 |
| 26 | ଇଡ୍‌କୋ ଏସ୍‌ଇଜେଡ୍ ଉନ୍ନୟନ ଲିମିଟେଡ୍ | ଶିଳ୍ପ | 09/03/2004 | 0.00 | 0.00 | 4.05 | 4.05 | 0.00 | 0.00 | 0.00 | 0.00 |
| 27 | ଓଡିଶା ଇଲେକ୍ଟ୍ରୋନିକ୍ସ ପାର୍କ ଲିମିଟେଡ୍ | ଶିଳ୍ପ | 02/12/2016 | 0.00 | 0.00 | 1.00 | 1.00 | 0.00 | 0.00 | 0.00 | 0.00 |
| 28 | ବୈତରଣୀ ପଶ୍ଚିମ କୋଇଲା କମ୍ପାନୀ ଲିମିଟେଡ୍ | ଇସ୍ପାତ ଏବଂ ଖଣି | 22/04/2008 | 0.00 | 0.00 | 30.00 | 30.00 | 0.00 | 0.00 | 0.00 | 0.00 |
| 29 | ଇଡ୍‌କଲ୍ ଫେରୋକ୍ରମ୍ ଆଣ୍ଡ ଆଲଏଜ୍ ଲିମିଟେଡ୍ | ଶିଳ୍ପ | 26/03/1999 | 0.00 | 0.00 | 18.81 | 18.81 | 0.00 | 0.00 | 0.00 | 0.00 |

| କ୍ରମିକ ସଂଖ୍ୟା | କ୍ଷେତ୍ର ଏବଂ ପିଏସ୍‌ୟୁର ନାମ | ବିଭାଗର ନାମ | ପଞ୍ଜିକରଣର ମାସ ଏବଂ ବର୍ଷ | 2018-19 ବର୍ଷ ଶେଷରେ ସାଧାରଣ ଅଂଶ [1] | | | | 2018-19 ବର୍ଷ ଶେଷରେ ବକେୟା ଥିବା ଦୀର୍ଘକାଳୀନ ଋଣ | | | |
|---|---|---|---|---|---|---|---|---|---|---|---|
| | | | | ଜିଓଓ[2] | ଜିଓଆଇ[3] | ଅନ୍ୟାନ୍ୟ | ମୋଟ୍ | ଜିଓଓ | ଜିଓଆଇ | ଅନ୍ୟାନ୍ୟ | ମୋଟ୍ |
| 1 | 2 | 3 | 4 | 5 (କ) | 5 (ଖ) | 5 (ଗ) | 5 (ଘ) | 6 (କ) | 6 (ଖ) | 6 (ଗ) | 6 (ଘ) |
| | (କ୍ର. ସଂ. ଖ-23ର ସହାୟକ) | | | | | | | | | | |
| 30 | ଇଡ୍‌କଲ୍ କଳିଙ୍ଗ ଆଇରନ୍ ୱାର୍କସ୍ ଲିମିଟେଡ୍ (କ୍ର. ସଂ. ଖ-23ର ସହାୟକ) | ଶିଳ୍ପ | 26/03/1999 | 0.00 | 0.00 | 150.10 | 150.10 | 0.00 | 0.00 | 0.00 | 0.00 |
| 31 | କୋଣାର୍କ ଝୋଟ ଲିମିଟେଡ୍ (କ୍ର. ସଂ. ଖ-23ର ସହାୟକ) | ଶିଳ୍ପ | 27/01/1975 | 0.00 | 0.00 | 5.94 | 5.94 | 4.31 | 0.00 | 7.78 | 12.08 |
| 32 | ମନ୍ଦାକିନୀ-ଖ କୋଇଲା ନିଗମ ଲିମିଟେଡ୍ | ଇସ୍ପାତ ଏବଂ ଖଣି | 09/02/2009 | 0.00 | 0.00 | 8.31 | 8.31 | 0.00 | 0.00 | 0.00 | 0.00 |
| 33 | ଓଡିଶା ଖଣି ନିଗମ ଲିମିଟେଡ୍ | ଇସ୍ପାତ ଏବଂ ଖଣି | 16/05/1956 | 31.45 | 0.00 | | 31.45 | 0.00 | 0.00 | 0.00 | 0.00 |
| 34 | ନୂଆଗାଁ କୋଇଲା କମ୍ପାନୀ ଲିମିଟେଡ୍ | ଇସ୍ପାତ ଏବଂ ଖଣି | 11/05/2011 | 0.00 | 0.00 | 2.00 | 2.00 | 0.00 | 0.00 | 0.00 | 0.00 |
| 35 | ପାରାଦୀପ ପ୍ଲାଷ୍ଟିକ୍ ପାର୍କ ଲିମିଟେଡ୍ | ଶିଳ୍ପ | 10/06/2013 | 0.00 | 0.00 | 29.31 | 29.31 | 0.00 | 0.00 | 23.29 | 23.29 |
| 36 | ଅନୁଗୁଳ ଆଲୁମିନିୟମ୍ ପାର୍କ ପ୍ରାଇଭେଟ୍ ଲିମିଟେଡ୍ | ଶିଳ୍ପ | 30/07/2010 | 0.00 | 0.00 | 33.11 | 33.11 | 0.00 | 0.00 | 0.00 | 0.00 |
| 37 | ଓଡିଶା ଖଣିଜ ଅନ୍ୱେଷଣ ନିଗମ ଲିମିଟେଡ୍ | ଇସ୍ପାତ ଏବଂ ଖଣି | 25/10/2016 | 0.00 | 0.00 | 0.43 | 0.43 | 0.00 | 0.00 | 0.00 | 0.00 |
| 38 | ଇଡ୍‌କଲ୍ ସଫ୍ଟୱେୟାର ଲିମିଟେଡ୍ (କ୍ର. ସଂ. ଖ-23ର ସହାୟକ) | ଶିଳ୍ପ | 26/11/1998 | 0.00 | 0.00 | 1.00 | 1.00 | 0.00 | 0.00 | 0.00 | 0.00 |
| 39 | ଲାଞ୍ଜିଗଡ ପରିଯୋଜନା ଅଞ୍ଚଳ ଉନ୍ନୟନ ପ୍ରତିଷ୍ଠାନ | ଇସ୍ପାତ ଏବଂ ଖଣି | 06/10/2009 | 0.01 | 0.00 | 0.04 | 0.05 | 0.00 | 0.00 | 0.00 | 0.00 |
| 40 | ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ | ପର୍ଯ୍ୟଟନ | 03/09/1979 | 9.62 | 0.00 | 0.00 | 9.62 | 0.00 | 0.00 | 0.00 | 0.00 |
| 41 | ଶାମୁକା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ | ପର୍ଯ୍ୟଟନ | 31/10/2016 | 0.00 | 0.00 | 0.10 | 0.10 | 0.00 | 0.00 | 0.00 | 0.00 |
| 42 | ଓଡିଶା ଅନ୍ତର୍ଦ୍ଦେଶୀୟ ଜଳପଥ ସଙ୍ଗଠନ ଲିମିଟେଡ୍ | ଶିଳ୍ପ | 27/06/2016 | 0.00 | 0.00 | 0.00 | 0.00 | 0.00 | 0.00 | 0.00 | 0.00 |
| 43 | କଳିଙ୍ଗ ଷ୍ଟୁଡିଓଜ୍ ଲିମିଟେଡ୍ (କ୍ର. ସଂ. ଖ-20ର ସହାୟକ) | ଶିଳ୍ପ | 20/07/1980 | 0.00 | 0.00 | 1.75 | 1.75 | 0.00 | 0.00 | 0.78 | 0.78 |
| 44 | ଓଡିଶା ରାଜ୍ୟ ଅର୍ଥ ନିଗମ | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | 20/03/1956 | 342.72 | 0.00 | 75.89 | 418.61 | 0.00 | 0.00 | 98.61 | 98.61 |
| 45 | ଓଡିଶା ରାଜ୍ୟ ସଡକ ପରିବହନ ନିଗମ | ବାଣିଜ୍ୟ ଓ ପରିବହନ | 15/05/1974 | 206.51 | 15.92 | 0.01 | 222.44 | 8.97 | 0.00 | 1.30 | 10.27 |
| 46 | ଓଡିଶା ରାଜ୍ୟ ପଣ୍ୟାଗାର ନିଗମ | ସମବାୟ | 21/03/1958 | 1.80 | 0.00 | 1.80 | 3.60 | 0.00 | 0.00 | 0.00 | 0.00 |
| ମୋଟ୍ ଖ -I | | | | **829.97** | **15.92** | **363.71** | **1209.60** | **328.10** | **0.00** | **527.33** | **855.42** |
| **II.** | **ନିଷ୍କ୍ରିୟ ସରକାରୀ କମ୍ପାନୀସମୂହ** | | | | | | | | | | |
| 47 | ଏବିଏସ୍ ସ୍ପିନିଂ ଓଡିଶା ଲିମିଟେଡ୍ (କ୍ର.ସଂ. ଖ-23ର ସହାୟକ) (ସମାପନ ପ୍ରକ୍ରିୟାରେ) | ଶିଳ୍ପ | 04/01/1980 | 0.00 | 0.00 | 3.00 | 3.00 | 0.00 | 0.00 | 1.40 | 1.40 |
| 48 | ଗଜପତି ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (କମ୍ପାନୀ | ଶିଳ୍ପ | 15/02/1959 | 0.04 | 0.00 | 0.00 | 0.04 | 0.00 | 0.00 | 0.00 | 0.00 |

| କ୍ରମିକ ସଂଖ୍ୟା | କ୍ଷେତ୍ର ଏବଂ ପିଏସ୍‌ୟୁର ନାମ | ବିଭାଗର ନାମ | ପଞ୍ଜିକରଣର ମାସ ଏବଂ ବର୍ଷ | 2018-19 ବର୍ଷ ଶେଷରେ ସାଧାରଣ ଅଂଶ [1] | | | | 2018-19 ବର୍ଷ ଶେଷରେ ବକେୟା ଥିବା ଦୀର୍ଘକାଳୀନ ଋଣ | | | |
|---|---|---|---|---|---|---|---|---|---|---|---|
| | | | | ଜିଓଓ[2] | ଜିଓଆଇ[3] | ଅନ୍ୟାନ୍ୟ | ମୋଟ୍ | ଜିଓଓ | ଜିଓଆଇ | ଅନ୍ୟାନ୍ୟ | ମୋଟ୍ |
| **1** | **2** | **3** | **4** | **5 (କ)** | **5 (ଖ)** | **5 (ଗ)** | **5 (ଘ)** | **6 (କ)** | **6 (ଖ)** | **6 (ଗ)** | **6 (ଘ)** |
| | 1969-70ଠାରୁ ବନ୍ଦ, 01 ମାର୍ଚ୍ଚ 1974ରୁ ସ୍ୱେଚ୍ଛାକୃତ ସମାପନ ପ୍ରକ୍ରିୟାରେ) | | | | | | | | | | |
| 49 | ହୀରା ଷ୍ଟିଲ ଆଣ୍ଡ ଆଲଏଜ୍ ଲିମିଟେଡ୍ (କ୍ର. ସଂ. ଖ-23ର ସହାୟକ) (ସମାପନ ପ୍ରକ୍ରିୟାରେ) | ଶିଳ୍ପ | 23/08/1974 | 0.00 | 0.00 | 0.12 | 0.12 | 0.00 | 0.00 | 0.00 | 0.00 |
| 50 | ଇପିଟ୍ରନ୍ ଟାଇମ୍‌ସ ଲିମିଟେଡ୍ (କ୍ର.ସଂ.-ଖ 62ର ସହାୟକ) (1998ଠାରୁ ସମାପନ ପ୍ରକ୍ରିୟାରେ ) | ଶିଳ୍ପ | 11/12/1981 | 0.00 | 0.00 | 0.81 | 0.81 | 1.68 | 0.00 | 0.00 | 1.68 |
| 51 | କୋଣାର୍କ ଡିଟର୍ଜେଣ୍ଟ ଆଣ୍ଡ ସୋପ୍ସ ଲିମିଟେଡ୍ (କ୍ର.ସଂ.-କ 8ର ସହାୟକ) | ଶିଳ୍ପ | 29/08/1978 | 0.00 | 0.00 | 0.06 | 0.06 | 0.00 | 0.00 | 0.00 | 0.00 |
| 52 | କୋଣାର୍କ ଟେଲିଭିଜନ୍ ଲିମିଟେଡ୍ (1999-2000ଠାରୁ ଅଚଳ) | ଶିଳ୍ପ | 26/06/1982 | 1.20 | 0.00 | 0.00 | 1.20 | 2.01 | 0.00 | 0.00 | 2.01 |
| 53 | ମୟୁରଭଞ୍ଜ ଟେକ୍ସଟାଇଲ୍ସ ଲିମିଟେଡ୍ | ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ | 25/09/1942 | 0.04 | 0.00 | 0.00 | 0.04 | 0.00 | 0.00 | 0.00 | 0.00 |
| 54 | ମଡର୍ଣ୍ଣ ମ୍ୟାଲିଏବଲ୍ କାଷ୍ଟିଂ କମ୍ପାନୀ ଲିମିଟେଡ୍ (1968ଠାରୁ ବନ୍ଦ, 09 ମାର୍ଚ୍ଚ 1976ଠାରୁ ସ୍ୱେଚ୍ଛାକୃତ ସମାପନ ପ୍ରକ୍ରିୟାରେ) | ଶିଳ୍ପ | 22/09/1960 | 0.04 | 0.00 | 0.00 | 0.04 | 0.00 | 0.00 | 0.00 | 0.00 |
| 55 | ନିୟୁ ମୟୁରଭଞ୍ଜ ଟେକ୍ସଟାଇଲ୍ସ ଲିମିଟେଡ୍ | ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ | 02/06/1976 | 0.02 | 0.00 | 0.00 | 0.02 | 0.00 | 0.00 | 0.00 | 0.00 |
| 56 | ଓଡିଶା ବୋଟ୍ ବିଲ୍ଡରସ୍ ଲିମିଟେଡ୍ (ସମାପନ ପ୍ରକ୍ରିୟାରେ) | ଶିଳ୍ପ | 18/03/1958 | 0.04 | 0.00 | 0.01 | 0.05 | 0.00 | 0.00 | 0.00 | 0.00 |
| 57 | ଓଡିଶା ଇଲେକ୍ଟ୍ରିକାଲ୍ ମ୍ୟାନୁଫ୍ୟାକ୍‌ଚରିଂ କମ୍ପାନୀ ଲିମିଟେଡ୍ | ଶିଳ୍ପ | 31/03/1958 | 0.04 | 0.00 | 0.01 | 0.05 | 0.00 | 0.00 | 0.00 | 0.00 |
| 58 | ଓଡିଶା ଇନ୍‌ଷ୍ଟ୍ରୁମେଣ୍ଟସ୍ କମ୍ପାନୀ ଲିମିଟେଡ୍ | ଶିଳ୍ପ | 14/03/1961 | 0.09 | 0.00 | 0.00 | 0.09 | 0.00 | 0.00 | 0.00 | 0.00 |
| 59 | ଓଡିଶା ଚମଡା ଶିଳ୍ପ ଲିମିଟେଡ୍ (କ୍ର.ସଂ.-ଖ 64ର ସହାୟକ) | ଶିଳ୍ପ | 26/07/1986 | | 0.00 | 0.65 | 0.65 | 1.77 | 0.00 | 0.00 | 1.77 |
| 60 | ଓଡିଶା ଟେକ୍ସଟାଇଲ୍ ମିଲ୍ସ ଲିମିଟେଡ୍ (2001ଠାରୁ ସମାପନ ପ୍ରକ୍ରିୟାରେ) | ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ | 25/01/1946 | 21.04 | 0.00 | 3.66 | 24.70 | 14.68 | 0.00 | 0.00 | 14.68 |
| 61 | ଓଡିଶା ରାଜ୍ୟ ଇଲେକ୍ଟ୍ରୋନିକ୍ସ ଉନ୍ନୟନ ନିଗମ ଲିମିଟେଡ୍ | ଶିଳ୍ପ | 29/09/1981 | 20.03 | 0.00 | 0.00 | 20.03 | 0.00 | 0.00 | 0.19 | 0.19 |
| 62 | ଓଡିଶା ରାଜ୍ୟ ହସ୍ତତନ୍ତ ଉନ୍ନୟନ ନିଗମ ଲିମିଟେଡ୍ (ସମାପନ ପ୍ରକ୍ରିୟାରେ) | ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ | 01/02/1977 | 3.53 | 0.00 | 0.00 | 3.53 | 1.58 | 0.00 | 0.00 | 1.58 |

| କ୍ରମିକ ସଂଖ୍ୟା | କ୍ଷେତ୍ର ଏବଂ ପିଏସ୍‌ୟୁର ନାମ | ବିଭାଗର ନାମ | ପଞ୍ଜିକରଣର ମାସ ଏବଂ ବର୍ଷ | 2018-19 ବର୍ଷ ଶେଷରେ ସାଧାରଣ ଅଂଶ [1] | | | | 2018-19 ବର୍ଷ ଶେଷରେ ବକେୟା ଥିବା ଦୀର୍ଘକାଳୀନ ଋଣ | | | |
|---|---|---|---|---|---|---|---|---|---|---|---|
| | | | | ଜିଓଓ[2] | ଜିଓଆଇ[3] | ଅନ୍ୟାନ୍ୟ | ମୋଟ୍ | ଜିଓଓ | ଜିଓଆଇ | ଅନ୍ୟାନ୍ୟ | ମୋଟ୍ |
| 1 | 2 | 3 | 4 | 5 (କ) | 5 (ଖ) | 5 (ଗ) | 5 (ଘ) | 6 (କ) | 6 (ଖ) | 6 (ଗ) | 6 (ଘ) |
| 63 | ଓଡିଶା ରାଜ୍ୟ ଚମଡା ନିଗମ ଲିମିଟେଡ୍ (18 ଜୁନ୍ 1998ଠାରୁ ବନ୍ଦ) | ଶିଳ୍ପ | 19/04/1976 | 1.85 | 0.00 | 0.00 | 1.85 | 0.37 | 0.00 | 0.00 | 0.37 |
| 64 | ଓଡିଶା ରାଜ୍ୟ ବୟନ ନିଗମ ଲିମିଟେଡ୍ | ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ | 10/09/1981 | 2.62 | 0.00 | 0.00 | 2.62 | 1.62 | 0.00 | 0.00 | 1.62 |
| 65 | ଓଡିଶା ଟୁଲ୍ସ ଆଣ୍ଡ ଇଂଜିନିୟରିଂ କମ୍ପାନୀ ଲିମିଟେଡ୍ (619-ବି) | ଶିଳ୍ପ | 29/03/1974 | 0.44 | 0.00 | 0.00 | 0.44 | 0.00 | 0.00 | 0.00 | 0.00 |
| 66 | ପ୍ରିମିୟର୍ ବୋଲ୍ଟସ୍ ଆଣ୍ଡ ନଟ୍ସ ଲିମିଟେଡ୍ (ସମାପନ ପ୍ରକ୍ରିୟାରେ, ଆସ୍ତିଗୁଡିକ ବିକ୍ରି ହୋଇଯାଇଛି) | ଶିଳ୍ପ | 04/08/1959 | 0.01 | 0.00 | 0.01 | 0.02 | 0.00 | 0.00 | 0.00 | 0.00 |
| 67 | ଏଲ୍‌କସ୍‌ମସ୍ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ (କ୍ର.ସଂ.-ଖ 62ର ସହାୟକ) | ଶିଳ୍ପ | 12/01/1987 | 0.00 | 0.00 | 1.58 | 1.58 | 2.00 | 0.00 | 0.00 | 2.00 |
| 68 | ଏଲ୍‌କୋ କମ୍ୟୁନିକେସନ୍ ଆଣ୍ଡ ସିଷ୍ଟମସ୍ ଲିମିଟେଡ୍ (କ୍ର.ସଂ.-ଖ 62ର ସହାୟକ, 1998ଠାରୁ ସମାପନ ପ୍ରକ୍ରିୟାରେ) | ଶିଳ୍ପ | 08/03/1989 | 0.00 | 0.00 | 0.64 | 0.64 | 0.72 | 0.00 | 0.00 | 0.72 |
| 69 | ଏଲ୍‌ମାର୍କ ଲିମିଟେଡ୍ (କ୍ର.ସଂ.-ଖ 62ର ସହାୟକ) | ଶିଳ୍ପ | 23/01/1990 | 0.00 | 0.00 | 1.02 | 1.02 | 0.57 | 0.00 | 0.00 | 0.57 |
| 70 | ଓଡିଶା ରାଜ୍ୟ ବାଣିଜ୍ୟିକ ପରିବହନ ନିଗମ ଲିମିଟେଡ୍ | ବାଣିଜ୍ୟ ଓ ପରିବହନ | 15/02/1964 | 2.34 | 0.00 | 0.00 | 2.34 | 0.50 | 0.00 | 1.57 | 2.07 |
| **ମୋଟ୍ ଖ -II** | | | | **53.37** | **0.00** | **11.57** | **64.94** | **27.50** | **0.00** | **3.16** | **30.66** |
| **ମୋଟ୍ ଖ (I+II)** | | | | **883.34** | **15.92** | **375.28** | **1274.54** | **355.60** | **0.00** | **530.49** | **886.08** |
| **ଗ.** | **ଅନ୍ୟାନ୍ୟ କ୍ଷେତ୍ର** | | | | | | | | | | |
| **I.** | **କାର୍ଯ୍ୟରତ ସରକାରୀ କମ୍ପାନୀସମୂହ** | | | | | | | | | | |
| 71 | ଓଡିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଲିମିଟେଡ୍ | ଗୃହ | 24/05/1980 | 5.63 | 0.00 | 0.00 | 5.63 | 0.00 | 0.00 | 0.00 | 0.00 |
| 72 | ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ | ଶିଳ୍ପ | 08/03/2016 | 112.50 | 0.00 | 137.50 | 250.00 | 0.00 | 0.00 | 0.00 | 0.00 |
| 73 | ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ | ଶିଳ୍ପ | 21/12/2016 | 112.50 | 0.00 | 137.50 | 250.00 | 0.00 | 0.00 | 0.00 | 0.00 |
| **ମୋଟ୍ ଗ-I** | | | | **230.63** | **0.00** | **275.00** | **505.63** | **0.00** | **0.00** | **0.00** | **0.00** |
| **II.** | **ନିଷ୍କ୍ରିୟ ସରକାରୀ କମ୍ପାନୀସମୂହ** | | | | | | | | | | |
| | **ମୋଟ୍ ଗ -II** | | | **0.00** | **0.00** | **0.00** | **0.00** | **0.00** | **0.00** | **0.00** | **0.00** |

| କ୍ରମିକ ସଂଖ୍ୟା | କ୍ଷେତ୍ର ଏବଂ ପିଏସ୍ୟୁର ନାମ | ବିଭାଗର ନାମ | ପଞ୍ଜିକରଣର ମାସ ଏବଂ ବର୍ଷ | 2018-19 ବର୍ଷ ଶେଷରେ ସାଧାରଣ ଅଂଶ [1] | | | | 2018-19 ବର୍ଷ ଶେଷରେ ବକେୟା ଥିବା ଦୀର୍ଘକାଳୀନ ଋଣ | | | |
|---|---|---|---|---|---|---|---|---|---|---|---|
| | | | | ଜିଓଓ[2] | ଜିଓଆଇ[3] | ଅନ୍ୟାନ୍ୟ | ମୋଟ୍ | ଜିଓଓ | ଜିଓଆଇ | ଅନ୍ୟାନ୍ୟ | ମୋଟ୍ |
| **1** | **2** | **3** | **4** | **5 (କ)** | **5 (ଖ)** | **5 (ଗ)** | **5 (ଘ)** | **6 (କ)** | **6 (ଖ)** | **6 (ଗ)** | **6 (ଘ)** |
| | **ମୋଟ୍ ଗ (I+II)** | | | **230.63** | **0.00** | **275.00** | **505.63** | **0.00** | **0.00** | **0.00** | **0.00** |
| | **ସର୍ବମୋଟ୍ (କ+ ଖ+ ଗ)** | | | **1318.55** | **42.35** | **662.16** | **2023.06** | **360.89** | **0.00** | **563.07** | **923.96** |

[1] ସାଧାରଣ ଅଂଶଧନରେ ଅଂଶଧନ ପାଇଁ ଆବେଦନ ଟଙ୍କା ଅନ୍ତର୍ଭୁକ୍ତ

[2] ଓଡିଶା ସରକାର

[3] ଭାରତ ସରକାର

# ପରିଶିଷ୍ଟ-4

**(ଅନୁଚ୍ଛେଦ 4.7ରେ ସୂଚିତ)**

**31 ମାର୍ଚ୍ଚ 2019 ସୁଦ୍ଧା ସାଧାରଣ ଅଂଶଧନ, ଋଣ ଏବଂ ପ୍ରତିଭୂତି ସମ୍ବନ୍ଧରେ ଓଡିଶା ସରକାରଙ୍କ ଆର୍ଥିକ ହିସାବ ଏବଂ ରାଜ୍ୟ ପିଏସ୍‌ୟୁ (ଅଣ-ଶକ୍ତିକ୍ଷେତ୍ର) ଗୁଡିକର ହିସାବ ମଧ୍ୟରେ ପାର୍ଥକ୍ୟ ଦର୍ଶାଉଥିବା ବିବରଣୀ**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ପିଏସ୍‌ୟୁର ନାମ | ରାଜ୍ୟ ପିଏସ୍‌ୟୁର ନଥି ଅନୁଯାୟୀ | | | ଓଡିଶା ସରକାରଙ୍କ ଆର୍ଥିକ ହିସାବ ଅନୁଯାୟୀ | | | ପାର୍ଥକ୍ୟ | | |
|---|---|---|---|---|---|---|---|---|---|---|
| | | ସମାଦତ୍ତ ପୁଞ୍ଜି | ବାକିଥିବା ଋଣ | ପ୍ରତିବଦ୍ଧ ଗ୍ୟାରେଣ୍ଟି | ସମାଦତ୍ତ ପୁଞ୍ଜି | ବାକିଥିବା ଋଣ | ପ୍ରତିବଦ୍ଧ ଗ୍ୟାରେଣ୍ଟି | ସମାଦତ୍ତ ପୁଞ୍ଜି | ବାକିଥିବା ଋଣ | ପ୍ରତିବଦ୍ଧ ଗ୍ୟାରେଣ୍ଟି |
| **1** | **2** | **3** | **4** | **5** | **6** | **7** | **8** | **9** | **10** | **11** |
| 1 | ଓଡିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | 1.10 | 0.00 | | 1.20 | | | -0.10 | 0.00 | 0.00 |
| 2 | ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ | 38.79 | 0.00 | | 38.48 | | | 0.31 | 0.00 | 0.00 |
| 3 | ଓଡିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍ | 1.55 | | | 1.37 | | | 0.18 | 0.00 | 0.00 |
| 4 | ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ୍ | 5.00 | 0.00 | | 5.00 | | | 0.00 | 0.00 | 0.00 |
| 5 | ଓଡିଶା ଉଠା ଜଳସେଚନ ନିଗମ ଲିମିଟେଡ୍ | 74.73 | 0.42 | 57.99 | 74.73 | | | 0.00 | 0.42 | 57.99 |
| 6 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | 2.63 | 1.98 | | 2.21 | 60.00 | | 0.42 | -58.02 | 0.00 |
| 7 | ଓଡିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ ଲିମିଟେଡ୍ | 2.22 | 2.90 | | 10.96 | | | -8.74 | 2.90 | 0.00 |
| 8 | ଓଡିଶା ଶିଳ୍ପ ପ୍ରୋତ୍ସାହନ ଓ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | 89.69 | 0.00 | | 82.47 | | | 7.22 | 0.00 | 0.00 |
| 9 | ଓଡିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଲିମିଟେଡ୍ | 5.39 | 1.29 | | 5.40 | 0.98 | | -0.01 | 0.31 | 0.00 |
| 10 | ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍ | 48.16 | 231.60 | | 48.16 | | | 0.00 | 231.60 | 0.00 |
| 11 | ଓଡିଶା କ୍ଷୁଦ୍ରଶିଳ୍ପ ନିଗମ ଲିମିଟେଡ୍ | 20.17 | 0.00 | | 14.32 | | | 5.85 | 0.00 | 0.00 |
| 12 | ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ | 57.12 | 81.93 | | 57.12 | 25.48 | | 0.00 | 56.45 | 0.00 |
| 13 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | 17.50 | 0.00 | 0.00 | 17.50 | | 0.56 | 0.00 | 0.00 | -0.56 |
| 14 | ଓଡିଶା ସେତୁ ଓ ନିର୍ମାଣ ନିଗମ ଲିମିଟେଡ୍ | 20.00 | 0.00 | | 20.00 | | | 0.00 | 0.00 | 0.00 |
| 15 | ଓଡିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଲିମିଟେଡ୍ | 5.63 | 0.00 | | 5.63 | | | 0.00 | 0.00 | 0.00 |
| 16 | ବ୍ରାହ୍ମଣୀ ରେଳବାଇ ଲିମିଟେଡ୍ | 10.00 | 0.00 | | 10.00 | | | 0.00 | 0.00 | 0.00 |
| 17 | ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ | 0.01 | 0.00 | | | | | 0.01 | 0.00 | 0.00 |
| 18 | ଓଡିଶା ଜଳ ନିଗମ ଲିମିଟେଡ୍ | 0.51 | 0.00 | | | | | 0.51 | 0.00 | 0.00 |
| 19 | ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ | 112.50 | | | | | | 112.50 | 0.00 | 0.00 |
| 20 | ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ | 112.50 | 0.00 | | | | | 112.50 | 0.00 | 0.00 |
| 21 | ଓଡିଶା ରେଳ ଭିତ୍ତିଭୂମି ଉନ୍ନୟନ ନିଗମ ଲିମିଟେଡ୍ | 26.01 | | | 26.78 | | | -0.77 | 0.00 | 0.00 |
| 22 | କୋଣାର୍କ ଝୋଟ ଲିମିଟେଡ୍ | 0.00 | 4.31 | | | | | 0.00 | 4.31 | 0.00 |
| 23 | ଓଡିଶା ଖଣି ନିଗମ ଲିମିଟେଡ୍ | 31.45 | | | 31.45 | | | 0.00 | 0.00 | 0.00 |
| 24 | ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ | 1.00 | | | 1.00 | | | 0.00 | 0.00 | 0.00 |

| କ୍ରମିକ ସଂଖ୍ୟା | ପିଏସ୍‌ୟୁର ନାମ | ରାଜ୍ୟ ପିଏସ୍‌ୟୁର ନଥି ଅନୁଯାୟୀ | | | ଓଡିଶା ସରକାରଙ୍କ ଆର୍ଥିକ ହିସାବ ଅନୁଯାୟୀ | | | ପାର୍ଥକ୍ୟ | | |
|---|---|---|---|---|---|---|---|---|---|---|
| | | ସମାଦତ୍ତ ପୁଞ୍ଜି | ବାକିଥିବା ଋଣ | ପ୍ରତିବଦ୍ଧ ଗ୍ୟାରେଣ୍ଟି | ସମାଦତ୍ତ ପୁଞ୍ଜି | ବାକିଥିବା ଋଣ | ପ୍ରତିବଦ୍ଧ ଗ୍ୟାରେଣ୍ଟି | ସମାଦତ୍ତ ପୁଞ୍ଜି | ବାକିଥିବା ଋଣ | ପ୍ରତିବଦ୍ଧ ଗ୍ୟାରେଣ୍ଟି |
| **1** | **2** | **3** | **4** | **5** | **6** | **7** | **8** | **9** | **10** | **11** |
| 25 | ଲାଞ୍ଜିଗଡ ପରିଯୋଜନା ଅଞ୍ଚଳ ଉନ୍ନୟନ ପ୍ରତିଷ୍ଠାନ | 0.01 | 0.00 | | | | | 0.01 | 0.00 | 0.00 |
| 26 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | 11.03 | | | 11.03 | | | 0.00 | 0.00 | 0.00 |
| 27 | ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ | 9.62 | | | 9.62 | | | 0.00 | 0.00 | 0.00 |
| 28 | ଓଡିଶା ରାଜ୍ୟ ଭେଷଜ ବିଜ୍ଞାନ ନିଗମ ଲିମିଟେଡ୍ | 10.00 | 0.00 | | 10.00 | | | 0.00 | 0.00 | 0.00 |
| 29 | ଓଡିଶା ରାଜ୍ୟ ଅର୍ଥ ନିଗମ | 342.72 | 0 | **0.00** | 342.72 | | 11.50 | 0.00 | 0.00 | -11.50 |
| 30 | ଓଡିଶା ରାଜ୍ୟ ସଡକ ପରିବହନ ନିଗମ | 206.51 | 8.97 | | 206.51 | 1.81 | | 0.00 | 7.16 | 0.00 |
| 31 | ଓଡିଶା ରାଜ୍ୟ ପଣ୍ୟାଗାର ନିଗମ | 1.8 | 0 | | 1.77 | | | 0.03 | 0.00 | 0.00 |
| 32 | ଇଷ୍ଟର୍ଣ୍ଣ ଆକ୍ୱାଟିକ୍ ପ୍ରଡକ୍ଟସ୍ ଲିମିଟେଡ୍ | | 0.72 | | 0.01 | | | -0.01 | 0.72 | 0.00 |
| 33 | ଓଡିଶା ମତ୍ସ୍ୟ ଉନ୍ନୟନ ନିଗମ ଲିମିଟେଡ୍ | | 0.57 | | 0.35 | | | -0.35 | 0.57 | 0.00 |
| 34 | ଏବିଏସ୍ ସ୍ପିନିଂ ଓଡିଶା ଲିମିଟେଡ୍ | 2.34 | 8.55 | | | | | 2.34 | 8.55 | 0.00 |
| 35 | ଗଜପତି ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ | 0.04 | | | 0.04 | | | 0.00 | 0.00 | 0.00 |
| 36 | ଇପିଟ୍ରନ୍ ଟାଇମ୍‌ସ ଲିମିଟେଡ୍ | | 1.68 | | | | | 0.00 | 1.68 | 0.00 |
| 37 | କୋଣାର୍କ ଟେଲିଭିଜନ୍ ଲିମିଟେଡ୍ | 6.07 | 2.01 | | 6.56 | | | -0.49 | 2.01 | 0.00 |
| 38 | ମୟୁରଭଞ୍ଜ ଟେକ୍ସଟାଇଲ୍ସ ଲିମିଟେଡ୍ | 0.04 | | | 0.04 | | | 0.00 | 0.00 | 0.00 |
| 39 | ମଡର୍ଣ୍ଣ ମ୍ୟାଲିଏବଲ୍ କାଷ୍ଟିଂ କମ୍ପାନୀ ଲିମିଟେଡ୍ | 0.04 | | | 0.04 | | | 0.00 | 0.00 | 0.00 |
| 40 | ନିୟୁ ମୟୁରଭଞ୍ଜ ଟେକ୍ସଟାଇଲ୍ସ ଲିମିଟେଡ୍ | 0.17 | | | 0.17 | | | 0.00 | 0.00 | 0.00 |
| 41 | ଓଡିଶା ବୋଟ୍ ବିଲ୍ଡରସ୍ ଲିମିଟେଡ୍ | 0.04 | | | 0.02 | | | 0.02 | 0.00 | 0.00 |
| 42 | ଓଡିଶା ଇଲେକ୍ଟ୍ରିକାଲ୍ ମ୍ୟାନୁଫ୍ୟାକ୍‌ଚରିଂ କମ୍ପାନୀ ଲିମିଟେଡ୍ | 0.04 | | | 0.04 | | | 0.00 | 0.00 | 0.00 |
| 43 | ଓଡିଶା ଇନ୍‌ଷ୍ଟ୍ରୁମେଣ୍ଟସ୍ କମ୍ପାନୀ ଲିମିଟେଡ୍ | 0.97 | | | 0.91 | | | 0.06 | 0.00 | 0.00 |
| 44 | ଓଡିଶା ଚମଡା ଶିଳ୍ପ ଲିମିଟେଡ୍ | | 1.77 | | | | | 0.00 | 1.77 | 0.00 |
| 45 | ଓଡିଶା ଟେକ୍ସଟାଇଲ୍ ମିଲ୍ସ ଲିମିଟେଡ୍ | 21.04 | 14.68 | | 16.77 | 25.5 | | 4.27 | -10.82 | 0.00 |
| 46 | ଓଡିଶା ରାଜ୍ୟ ଇଲେକ୍ଟ୍ରୋନିକ୍ସ ଉନ୍ନୟନ ନିଗମ ଲିମିଟେଡ୍ | 20.04 | 0.19 | | 20.03 | | | 0.01 | 0.19 | 0.00 |
| 47 | ଓଡିଶା ରାଜ୍ୟ ହସ୍ତତନ୍ତ ଉନ୍ନୟନ ନିଗମ ଲିମିଟେଡ୍ | 3.63 | 1.58 | | 3.73 | 0.09 | | -0.10 | 1.49 | 0.00 |
| 48 | ଓଡିଶା ରାଜ୍ୟ ଚମଡା ନିଗମ ଲିମିଟେଡ୍ | 3.97 | 0.37 | | 3.97 | | | 0.00 | 0.37 | 0.00 |
| 49 | ଓଡିଶା ରାଜ୍ୟ ବୟନ ନିଗମ ଲିମିଟେଡ୍ | 4.53 | 1.62 | | 4.53 | 3.81 | | 0.00 | -2.19 | 0.00 |
| 50 | ପ୍ରିମିୟର୍ ବୋଲ୍ଟସ୍ ଆଣ୍ଡ ନଟ୍ସ ଲିମିଟେଡ୍ | 0.01 | | | 0.01 | | | 0.00 | 0.00 | 0.00 |
| 51 | ଏଲ୍‌କସ୍‌ମସ୍ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ | | 2 | | | | | 0.00 | 2.00 | 0.00 |
| 52 | ଏଲ୍‌କୋ କମ୍ୟୁନିକେସନ୍ ଆଣ୍ଡ ସିଷ୍ଟମସ୍ ଲିମିଟେଡ୍ | | 0.72 | | | | | 0.00 | 0.72 | 0.00 |

| କ୍ରମିକ ସଂଖ୍ୟା | ପିଏସ୍ୟୁର ନାମ | ରାଜ୍ୟ ପିଏସ୍ୟୁର ନଥି ଅନୁଯାୟୀ | | | ଓଡିଶା ସରକାରଙ୍କ ଆର୍ଥିକ ହିସାବ ଅନୁଯାୟୀ | | | ପାର୍ଥକ୍ୟ | | |
|---|---|---|---|---|---|---|---|---|---|---|
| | | ସମାଦତ୍ତ ପୁଞ୍ଜି | ବାକିଥିବା ଋଣ | ପ୍ରତିବଦ୍ଧ ଗ୍ୟାରେଣ୍ଟି | ସମାଦତ୍ତ ପୁଞ୍ଜି | ବାକିଥିବା ଋଣ | ପ୍ରତିବଦ୍ଧ ଗ୍ୟାରେଣ୍ଟି | ସମାଦତ୍ତ ପୁଞ୍ଜି | ବାକିଥିବା ଋଣ | ପ୍ରତିବଦ୍ଧ ଗ୍ୟାରେଣ୍ଟି |
| **1** | **2** | **3** | **4** | **5** | **6** | **7** | **8** | **9** | **10** | **11** |
| 53 | ଏଲ୍‌ମାର୍କ ଲିମିଟେଡ୍ | | 0.57 | | | | | 0.00 | 0.57 | 0.00 |
| 54 | ଓଡିଶା ରାଜ୍ୟ ବାଣିଜ୍ୟିକ ପରିବହନ ନିଗମ ଲିମିଟେଡ୍ | 2.34 | 8.55 | | 6.10 | | | -3.76 | 8.55 | 0.00 |
| | ମୋଟ୍ | **1330.66** | **378.98** | **57.99** | **1098.75** | **117.67** | **12.06** | **231.91** | **261.31** | **45.93** |

# ପରିଶିଷ୍ଟ-5

(ଅନୁଚ୍ଛେଦ 4.8ରେ ସୂଚିତ)

## 30 ସେପ୍ଟେମ୍ବର 2019 ସୁଦ୍ଧା ହିସାବ ବକେୟା ଥିବା କାର୍ଯ୍ୟରତ ରାଜ୍ୟ ପିଏସ୍‌ୟୁ (ଅଣ-ଶକ୍ତିକ୍ଷେତ୍ର)ଗୁଡିକରେ ରାଜ୍ୟ ସରକାରଙ୍କ ପୁଞ୍ଜି ବିନିଯୋଗର ସ୍ଥିତିର ବିବରଣୀ

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ପିଏସ୍‌ୟୁର ନାମ | ଯେଉଁ ଅବଧି ପର୍ଯ୍ୟନ୍ତ ହିସାବଗୁଡିକ ଚୂଡାନ୍ତ ହୋଇଥିଲା | ଯେଉଁ ଅବଧି ପାଇଁ ହିସାବଗୁଡିକ ବାକି ଥିଲା | ବକେୟା ହିସାବଗୁଡିକର ସଂଖ୍ୟା | ସର୍ବଶେଷ ଚୂଡାନ୍ତ ହିସାବ ଅନୁଯାୟୀ ସମାଦତ୍ତ ପୁଞ୍ଜି | ହିସାବ ବକେୟା ଥିବା ସମୟ ମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ପୁଞ୍ଜି ବିନିଯୋଗ | | | |
|---|---|---|---|---|---|---|---|---|---|
| | | | | | | ସମାଦତ୍ତ ପୁଞ୍ଜି | ଋଣ | ଅନୁଦାନ / ସବ୍‌ସିଡି | ମୋଟ୍ |
| କ. | **ସରକାରୀ କମ୍ପାନୀସମୂହ** | | | | | | | | |
| 1 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | 2017-18 | 2018-19 | 1 | 17.50 | 0.00 | 0 | 0 | 0 |
| 2 | ଓଡିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | 2017-18 | 2018-19 | 1 | 1.10 | 0.00 | 0 | 0.71 | 0.71 |
| 3 | ଓଡିଶା ଉଠା ଜଳସେଚନ ନିଗମ ଲିମିଟେଡ୍ | 2015-16 | 2016-17 ରୁ 2018-19 | 3 | 74.73 | 0.00 | 0 | 57.49 | 57.49 |
| 4 | ଓଡିଶା କ୍ଷୁଦ୍ରଶିଳ୍ପ ନିଗମ ଲିମିଟେଡ୍ | 2015-16 | 2016-17 ରୁ 2018-19 | 3 | 20.17 | 0.00 | 0 | 0 | 0 |
| 5 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | 2015-16 | 2016-17 ରୁ 2018-19 | 3 | 2.11 | 0.00 | 0 | 0.00 | 0 |
| 6 | ଓଡିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ ଲିମିଟେଡ୍ | 2016-17 | 2017-18 ରୁ 2018-19 | 2 | 2.21 | 0.00 | 0 | 0 | 0 |
| 7 | ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ | 2016-17 | 2017-18 ରୁ 2018-19 | 2 | 38.79 | 0.00 | 0 | 0 | 0 |
| 8 | ଓଡିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଲିମିଟେଡ୍ | 2015-16 | 2016-17 ରୁ 2018-19 | 3 | 5.39 | 0.00 | 0 | 6.50 | 6.5 |
| 9 | ଲାଞ୍ଜିଗଡ ପରିଯୋଜନା ଅଞ୍ଚଳ ଉନ୍ନୟନ ପ୍ରତିଷ୍ଠାନ | 2016-17 | 2017-18 ରୁ 2018-19 | 2 | 0.01 | 0.00 | 0 | 0 | 0 |
| 10 | ଓଡିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍ | 2017-18 | 2018-19 | 1 | 1.55 | 0.00 | 0 | 3.97 | 3.97 |
| 11 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | 2016-17 | 2017-18 ରୁ 2018-19 | 2 | 11.03 | 0.00 | 0 | 1061.86 | 1061.86 |
| 12 | ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍ | 2008-09 | 2009-10 ରୁ 2018-19 | 10 | 48.16 | 0.00 | 0 | 0 | 0 |
| 13 | ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ | 2017-18 | 2018-19 | 1 | 0.01 | 0.00 | 0 | 0 | 0 |
| 14 | ଓଡିଶା ଜଳ ନିଗମ ଲିମିଟେଡ୍ | 2017-18 | 2018-19 | 1 | 0.51 | 0.00 | 0 | 0.48 | 0.48 |
| 15 | ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ | 2017-18 | 2018-19 | 1 | 112.50 | 0.00 | 0 | 0.00 | 0 |
| 16 | ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ | 2017-18 | 2018-19 | 1 | 57.12 | 0.00 | 0 | 10.00 | 10 |
| 17 | ଇଡ୍‌କଲ୍ କଳିଙ୍ଗ ଆଇରନ୍ ୱାର୍କସ୍ ଲିମିଟେଡ୍ | 2017-18 | 2018-19 | 1 | 0.00 | 0.00 | 0 | 0.00 | 0 |
| 18 | ଶାମୁକା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ | 2017-18 | 2018-19 | 1 | 0.00 | 0.00 | 0 | 0.00 | 0 |

| କ୍ରମିକ ସଂଖ୍ୟା | ପିଏସ୍ୟୁର ନାମ | ଯେଉଁ ଅବଧି ପର୍ଯ୍ୟନ୍ତ ହିସାବଗୁଡିକ ଚୂଡାନ୍ତ ହୋଇଥିଲା | ଯେଉଁ ଅବଧି ପାଇଁ ହିସାବଗୁଡିକ ବାକି ଥିଲା | ବକେୟା ହିସାବଗୁଡିକର ସଂଖ୍ୟା | ସର୍ବଶେଷ ଚୂଡାନ୍ତ ହିସାବ ଅନୁଯାୟୀ ସମାଦତ୍ତ ପୁଞ୍ଜି | ହିସାବ ବକେୟା ଥିବା ସମୟ ମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ପୁଞ୍ଜି ବିନିଯୋଗ | | | |
|---|---|---|---|---|---|---|---|---|---|
| | | | | | | ସମାଦତ୍ତ ପୁଞ୍ଜି | ଋଣ | ଅନୁଦାନ / ସବ୍‌ସିଡି | ମୋଟ୍ |
| 19 | ଓଡିଶା କ୍ରୀଡା ଉନ୍ନୟନ ଏବଂ ପ୍ରୋତ୍ସାହନ କମ୍ପାନୀ | 2017-18 | 2018-19 | 1 | 0.00 | 0.00 | 0 | | 0 |
| 20 | ପାରାଦୀପ ପୁଞ୍ଜିନିବେଶ ଅଞ୍ଚଳ ଉନ୍ନୟନ ଲିମିଟେଡ୍ | 2017-18 | 2018-19 | 1 | 0.00 | 0.00 | 0 | 0.00 | 0 |
| 21 | ବ୍ରାହ୍ମଣୀ ରେଳବାଇ ଲିମିଟେଡ୍ | 2017-18 | 2018-19 | 1 | 10.00 | 0.00 | 0 | 0.00 | 0 |
| 22 | ଇଡ୍‌କୋ ଏସ୍‌ଇଜେଡ୍ ଉନ୍ନୟନ ଲିମିଟେଡ୍ | 2017-18 | 2018-19 | 1 | 0.00 | 0.00 | 0 | 0.00 | 0 |
| 23 | ଓଡିଶା ଇଲେକ୍ଟ୍ରୋନିକ୍ସ ପାର୍କ ଲିମିଟେଡ୍ | 2017-18 | 2018-19 | 1 | 0.00 | 0.00 | 0 | 0.00 | 0 |
| 24 | ପାରାଦୀପ ପ୍ଲାଷ୍ଟିକ ପାର୍କ ପ୍ରାଇଭେଟ୍ ଲିମିଟେଡ୍ | 2017-18 | 2018-19 | 1 | 0.00 | 0.00 | 0 | 0.00 | 0 |
| 25 | କଳିଙ୍ଗ ଷ୍ଟୁଡିଓଜ୍ ଲିମିଟେଡ୍ | 2016-17 | 2017-18 ରୁ 2018-19 | 2 | 0.00 | 0.00 | 0 | 0.00 | 0 |
| 26 | ଓଡିଶା ସେତୁ ଓ ନିର୍ମାଣ ନିଗମ ଲିମିଟେଡ୍ | 2017-18 | 2018-19 | 1 | 20.00 | 0.00 | 0 | 0.00 | 0 |
| 27 | ମନ୍ଦାକିନି-ଖ କୋଇଲା ନିଗମ ଲିମିଟେଡ୍ | 2015-16 | 2016-17 ରୁ 2018-19 | 3 | 0.00 | 0.00 | 0 | | 0 |
| 28 | ନୂଆଗାଁ କୋଇଲା କମ୍ପାନୀ ଲିମିଟେଡ୍ | 2014-15 | 2015-16 ରୁ 2018-19 | 4 | 0.00 | 0.00 | 0 | | 0 |
| 29 | ଓଡିଶା ଅନ୍ତର୍ଦ୍ଦେଶୀୟ ଜଳପଥ ସଙ୍ଗଠନ ଲିମିଟେଡ୍ | 2015-16 | 2016-17 ରୁ 2018-19 | 3 | | 0.00 | | | 0 |
| 30 | ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଲିମିଟେଡ୍ | 2017-18 | 2018-19 | 1 | 9.62 | 0.00 | 0 | | 0 |
| 31 | ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ୍ | 2017-18 | 2018-19 | 1 | 5.00 | 0.00 | 0 | 0.00 | 0 |
| | **ମୋଟ୍ କ** | | | **60** | | **0.00** | **0.00** | **1141.01** | **1141.01** |
| ଖ | **ବୈଧାନିକ ନିଗମ** | | | | | | | | |
| 32 | ଓଡିଶା ରାଜ୍ୟ ସଡକ ପରିବହନ ନିଗମ | 2017-18 | 2018-19 | 1 | 206.51 | | 0 | 38.38 | 38.38 |
| 33 | ଓଡିଶା ରାଜ୍ୟ ପଣ୍ୟାଗାର ନିଗମ | 2016-17 | 2017-18 ରୁ 2018-19 | 2 | 1.80 | | 0 | 0 | 0.00 |
| | **ମୋଟ୍ ଖ** | | | **3** | | **0.00** | **0.00** | **38.38** | **38.38** |
| | **ସର୍ବମୋଟ୍ (କ + ଖ)** | | | **63** | | **0.00** | **0.00** | **1179.39** | **1179.39** |

# ପରିଶିଷ୍ଟ-6

**(ଅନୁଚ୍ଛେଦ 4.11, 4.12 ଏବଂ 4.17ରେ ସୂଚିତ)**

**ହିସାବ ଚୂଡାନ୍ତ ହୋଇଥିବା ଶେଷତମ ବର୍ଷର ରାଜ୍ୟ ପିଏସ୍‌ୟୁ(ଅଣ-ଶକ୍ତିକ୍ଷେତ୍ର)ମାନଙ୍କର ସଂକ୍ଷିପ୍ତ ଆର୍ଥିକ ଫଳାଫଳ**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ପିଏସ୍‌ୟୁର କ୍ଷେତ୍ର, ପ୍ରକାର ଏବଂ ନାମ | ହିସାବର ସମୟ | କେଉଁ ବର୍ଷ ହିସାବ ଚୂଡାନ୍ତ ହୋଇଥିଲା | ଲାଭାଂଶ, ସୁଧ ଏବଂ କର ପୂର୍ବରୁ ନିଟ୍ ଲାଭ/କ୍ଷତି | ସୁଧ ଏବଂ କର ପରେ ନିଟ୍ ଲାଭ/କ୍ଷତି | କାରବାର | ସମାଦତ୍ତ ପୁଞ୍ଜି | ବିନିଯୁକ୍ତ ପୁଞ୍ଜି | ନିଟ୍ ମୂଲ୍ୟ | ଏକତ୍ରୀକୃତ ଲାଭ/କ୍ଷତି |
|---|---|---|---|---|---|---|---|---|---|---|
| **1** | **2** | **3** | **4** | **5** | **6** | **7** | **8** | **9** | **10** | **11** |
| **କ.** | **ସାମାଜିକ କ୍ଷେତ୍ର** | | | | | | | | | |
| **I.** | **କାର୍ଯ୍ୟରତ ସରକାରୀ କମ୍ପାନୀସମୂହ** | | | | | | | | | |
| 1 | ଓଡିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | 2017-18 | 2018-19 | 0.21 | 0.07 | 0.46 | 1.10 | 2.19 | 2.19 | 1.09 |
| 2 | ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ | 2016-17 | 2019-20 | 20.31 | 12.80 | 380.18 | 39.85 | 85.51 | 85.51 | 45.61 |
| 3 | ଓଡିଶା ରାଜ୍ୟ  କାଜୁ ଉନ୍ନୟନ ନିଗମ ଲିମିଟେଡ୍ | 2017-18 | 2018-19 | 13.99 | 13.46 | 29.64 | 1.55 | 40.66 | 40.66 | 39.11 |
| 4 | ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ୍ | 2017-18 | 2018-19 | 37.20 | 19.68 | 212.41 | 5.00 | -27.59 | -27.59 | -82.44 |
